

‘କିଙ୍ଗ’ରେ କିଙ୍ଗ୍ ଖାନ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-77 ◆WEDNESDAY ◆10 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୭ ◆ବୁଧବାର ◆୧୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି



| ଲୋକସଭା | ମୋଟ | ରାଜ୍ୟସଭା |
|---|---|---|
| ୫୪୨ | ୭୮୧ | ୨୩୯ |

| ଏନ୍‌ଡିଏ | ମତଦାନ | ଇଣ୍ଡିଆ |
|---|---|---|
| ୪୫୨ ଭୋଟ | ୭୬୭ | ୩୦୦ ଭୋଟ |
| | ନାକଚ ୧୫ | |

**ମତଦାନରୁ ବିରତ**

| ବିଜେଡି | ବିଆର୍‌ଏସ୍ | ଏସ୍‌ଏଡି | ଅନ୍ୟ |
|---|---|---|---|
| ୭ | ୪ | ୧ | ୨ |



■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡ୍ଡୀଙ୍କୁ ମିଳିଛି ୩୦୦ ଭୋଟ୍। ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ▶ପୃଷ୍ଠା-୧୦

## କ୍ରସଭୋଟିଂ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ଥିବାରୁ ସେ ଜିତିବା ପ୍ରାୟ ନିଶ୍ଚିତ ଥିଲା। ତେବେ ଏହି ନିର୍ବାଚନରେ ଉଭୟ ପକ୍ଷ ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହି ଖେଳରେ ବିରୋଧୀଙ୍କୁ ଝଟକା ଲାଗିଛି। କାରଣ ଏହାର ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ୍ ଭୋଟ୍ ମିଳିଥିବା ବେଳେ ଶାସକ ଦଳ ପ୍ରାର୍ଥୀଙ୍କୁ ୧୭ଟି ଅଧିକ ଭୋଟ୍ ମିଳିଛି। ମତଦାନ ବେଳେ ବିରୋଧୀ ଦଳର କିଛି ସାଂସଦ କ୍ରସଭୋଟିଂ ▶ପୃଷ୍ଠା-୧୦

# ହିଂସା, ଅରାଜକତା

## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ



■ **କାଠମାଣ୍ଡୁ, ୯।୯ (ଏଜେନ୍ସି):** ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି। ▶ପୃଷ୍ଠା-୧୦

# ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

## ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ **ଭୁବନେଶ୍ୱର, ୯।୯ (ଏଜେନ୍ସି):** ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଆଜି ସୁନା ବଜାର ।।ରେ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ ଥର ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇ ୧ ଲକ୍ଷ ୪୦ ହଜାର ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ ପହଞ୍ଚି ନୂଆ ଇତିହାସ ରଚିଛି। ସେହିଭଳି ନୂଆଦିଲ୍ଲୀରେ



ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେଉଛି। ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ଯୋଗୁଁ ସୁନା ଦର ବଢୁଛି। ସୂଚନାଯୋଗ୍ୟ, ଚଳିତବର୍ଷ ସୁନା ଦର ।।ରେପାଖାପାଖି ୪୫ ପ୍ରତିଶତ ବୃଦ୍ଧି ଘଟିଲାଣି।

# ଶୀତଳଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

■ **ଭୁବନେଶ୍ୱର, ୯।୯ (ସମିସ):** ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରିଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ▶ପୃଷ୍ଠା-୧୦

## ସିଆଚେନରେ ହିମସ୍ଖଳନ

# ୩ ସୈନିକ ମୃତ

■ **ଲେହ, ୯।୯ (ଏଜେନ୍ସି):** ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିୟୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍‌ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି। ସେବେଠାରୁ ଭାରତୀୟ ସୈନ୍ୟମାନେ ଦେଶକୁ ସୁରକ୍ଷା ଦେବା ପାଇଁ ଏଠାରେ ମୁତୟନ ରହିଆନ୍ତି।

## ୧୩ ତାରିଖ ଯାଏଁ ବର୍ଷା



■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଛି। ଘୂର୍ଣ୍ଣିବଳୟଟି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଥିବାରୁ ଦକ୍ଷିଣ ଓଡ଼ିଶାରେ ହିଁ ବର୍ଷାର ପ୍ରଭାବ ଅଧିକ ରହିଛି। ଅନ୍ୟପଟେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ୧୩ରେ ଗୋଟିଏ ଲଘୁଚାପ ଯୋଗୁଁ ପୁଣି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ସ୍ଥିତି ▶ପୃଷ୍ଠା-୧୦

## ବର୍ଷକରେ ଇଭି ହେବ ଆମ୍ବୁଲାନ୍ସ, ପିସିଆର୍

**୫ ବର୍ଷରେ ଇଭି ଗାଡ଼ି ଲକ୍ଷ୍ୟ ୫୦ ପ୍ରତିଶତ**

**‘ଓଡ଼ିଶା ଇଭି ପଲିସି-୨୦୨୫’ ଚିଠା ବିଜ୍ଞପ୍ତି**

■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଉଭୟ ଦୁଇ ଚକିଆ ଓ ୪ ଚକିଆ ଇଭି ଯାନ କିଣା ପାଇଁ ବିନା ସୁଧ ଋଣ ସାଙ୍ଗକୁ ରିଆତି ମଧ୍ୟ ପ୍ରଦାନ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ଇଭି ବ୍ୟବହାରରେ ଆଗ୍ରହ ବଢୁ ନାହିଁ। ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଏବେ ୯%ରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଦ୍ୟୁତିକ ଯାନ ଚଳାଚଳ ବୃଦ୍ଧି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ‘ଓଡ଼ିଶା ଇଭି ପଲିସୀ-୨୦୨୫’ ଚିଠା ବିଜ୍ଞପ୍ତି ପ୍ରସ୍ତୁତ କରିଛି। ଚିଠା ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟା ମଧ୍ୟରୁ ୫୦ ପ୍ରତିଶତ ଇଭି ▶ପୃଷ୍ଠା-୧୦

## ହାଇକୋର୍ଟରେ ୫୦ବର୍ଷ ତଳ ମାମଲାର ବିଚାର ଶେଷ

# ସରକାର ଗଣିବେ ୨ ଲକ୍ଷ ତଣ୍ଡ

■ **କଟକ, ୯।୯ (ସମିସ):** ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଚାଲିଥିବା ଏକ ଅଦାଲତୀ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ୧୯୯୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମଧ୍ୟସ୍ଥତା ଆଦେଶ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଦୀର୍ଘକାଳୀନ ବିଳମ୍ବ କରିଥିବାରୁ ଦୀର୍ଘ ଦିନ ଧରି ଅନାବଶ୍ୟକ ଭାବେ ମକଦ୍ଦମା ଚାଲିଥିଲା। ବର୍ତ୍ତମାନ ଗଛକଟା ନେଇ ପରିବେଶଗତ ପ୍ରତିବନ୍ଧକ ରହିଥିଲେ ସୁଦ୍ଧା ଆବେଦନକାରୀଙ୍କୁ ଅନାବଶ୍ୟକ ମକଦ୍ଦମା ଚାଲିବା ହେତୁ ୨ଲକ୍ଷ ଟଙ୍କା ତଣ୍ଡ ଆକାରରେ ରାଜ୍ୟ ସରକାର ପଇଠ କରିବାକୁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ସମ୍ବନ୍ଧିତ ଦୋଷୀ ଅଧିକାରୀଙ୍କୁଠାରୁ ଆଦାୟ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

୭୦ ଦଶକରୁ ଉଦୟନାଥ ସାହୁ ଓ ଆର୍. ଏସ. ଭାଟିଆଙ୍କ ମଧ୍ୟରେ ବନାଞ୍ଚଳ ଗଛକଟା ଠିକାଦାରୀକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ସୁପ୍ରିମକୋର୍ଟ ସିଭିଲ୍ ଅପିଲରେ ଦୁଇ ପକ୍ଷର ମଧ୍ୟରେ ସମ୍ମତିକୁ ରେକର୍ଡ କରି, ରାଜ୍ୟ ସରକାରଙ୍କୁ ଅକଟା ଗଛଗୁଡ଼ିକ ଚିହ୍ନଟ କରି ଦୁଇଜଣଙ୍କୁ ସମାନ ଭାଗରେ ବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।। ଆବେଦନକାରୀ ଉଦୟନାଥଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ବରିଷ୍ଠ ଆଇନଜୀବୀ ପାର୍ଥ ମୁଖାର୍ଜୀ ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ରାଜ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

## ୩ ବର୍ଷରେ ଜୀବନ ହାରିଛନ୍ତି ୧୭,୭୭୮



**ଆତ୍ମହତ୍ୟା ନିରାକରଣ ଦିବସ ଆଜି**

**ମାନସିକ ଅବସାଦ: ଛାତ୍ରଛାତ୍ରୀ ଆତ୍ମହତ୍ୟା ସଂଖ୍ୟା ବି ବଢୁଛି**

■ **ଭୁବନେଶ୍ୱର, ୯।୯ (ସମିସ):** ଦିନକୁ ଦିନ ବଢ଼ି ଚାଲିଛି ଆତ୍ମହତ୍ୟା। ବିଭିନ୍ନ କାରଣରୁ କ୍ଷଣିକ ଉତ୍ତେଜନାରେ ବଶୀଭୂତ ହୋଇ ଅନେକ ଜୀବନହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ନିସଙ୍ଗତା ଓ ମାନସିକ ଅବସାଦ ଯୋଗୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଉଛନ୍ତି।

ପରିସଂଖ୍ୟାନ ଅନୁସାରେ ଗତ ୩ବର୍ଷରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୫୮% ବୃଦ୍ଧି ପାଇଛି। ୨୦୨୧ ମସିହାରେ ରାଜ୍ୟରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୧୯। ୨୦୨୨ରେ ୬୧୪୦ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା ଓ ଏହାମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ରହିଥିଲା ୧୭୩। ସେହିପରି ୨୦୨୩ରେ ରାଜ୍ୟର ବିଭିନ୍ନ ଥାନାରେ ୫୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ଏହା ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି। ଗତ ୩ବର୍ଷରେ ରାଜ୍ୟରେ ୧୭,୭୭୮ଜଣ ଜୀବନ ହାରିଥିବା ରିପୋର୍ଟ ବିଭିନ୍ନ ଥାନାରେ ଦରଜ ହୋଇଛି। ଆତ୍ମହତ୍ୟା ପାଇଁ ପାରିବାରିକ ସମସ୍ୟା, ପ୍ରେମ ବ୍ୟାପାର, ଅସଫଳତା ଓ ମାନସିକ ▶ପୃଷ୍ଠା-୧୦

## ରାଜଧାନୀରେ ଦୁଇ ବର୍ଷରେ ୪୦ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ଗେମ୍ ଖେଳିବା ହେଉ ଅବା ଅତ୍ୟଧିକ ବ୍ୟବହାର ଯୋଗୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ରିପୋର୍ଟ ଅନୁସାରେ ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ଚାଟିଂ ପାଇଁ ମୋବାଇଲ ବ୍ୟବହାର କରୁଥିବା ବେଳେ ମାତ୍ର ୧୦.୨ ପ୍ରତିଶତ ପିଲା କେବଳ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ସେହିପରି ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ ଫୋନ୍ ରହିଥିବାରୁ ସେମାନେ ମନଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।





## ଉଚ୍ଛେଦ ପରେ ବାଣୀବିହାରରେ ପୁଣି ଉତ୍ତେଜନା

# କୁଳପତିଙ୍କୁ ଘେରିଲେ ପୂର୍ବତନ ଛାତ୍ର

ଭୁବନେଶ୍ୱର, ୯।୯(ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବାର ଦିନକପରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି। କ୍ୟାମ୍ପସ୍‌ରୁ ବସ୍ତି ଉଚ୍ଛେଦ ସହ ଅବୈଧ ଭାବ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ କୁଳପତିଙ୍କୁ ଘେରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ସେମାନେ ଭଡ଼ାରେ ଲଗାଇଥିବା ଅଭିଯୋଗ କରିଛନ୍ତି। ଏପରିକି ଅନେକ କର୍ମଚାରୀଙ୍କ ଚାକିରି ସରିବା ପରେ ମଧ୍ୟ କ୍ୟାମ୍ପସ୍‌ରେ ରହୁଛନ୍ତି। 'ମିଶନ୍ ଅଲ୍‌ଆଉଟ୍' କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ଦାବି କରିଛନ୍ତି।

ପୂର୍ବତନ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଅନେକ କ୍ୱାର୍ଟର୍ସକୁ କର୍ମଚାରୀ ଓ ବାହାର ଲୋକମାନେ କବ୍‌ଜା କରିଛନ୍ତି। ଦୀର୍ଘଦିନରୁ ବେଆଇନ୍ ଅକ୍ତିଆର୍ ହୋଇଥିଲେ ମଧ୍ୟ ସେମାନଙ୍କ ବିରୋଧରେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ବିଶ୍ୱବିଦ୍ୟାଳୟର ପାଣି ଓ ବିଜୁଳି ବ୍ୟବହାର କରି ଆର୍ଥିକ ବୋଝ ଦେଉଛନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍ ଭିତରେ ଅନେକ ବସ୍ତି ଗଢ଼ି ଉଠିଛି। ସେମାନଙ୍କ ଉପରେ କାହାର ନଜର ନାହିଁ। ବସ୍ତି ବାସିନ୍ଦାଙ୍କ ଅବାଧ ପ୍ରବେଶ କାରଣରୁ ନିଶା କାରବାର ବୃଦ୍ଧି ପାଉଛି। ପୂର୍ବରୁ କ୍ୟାମ୍ପସ୍‌ରୁ ବ୍ରାଉନ୍‌ସୁଗାର ମଧ୍ୟ ଜବତ ହୋଇଛି। ହେଲେ ଧଳା ଜହର କାରବାର ରୋକିବାକୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି ହେଉଛି। ସନ୍ଧ୍ୟା ହେଲେ ଛାତ୍ରୀମାନେ କ୍ୟାମ୍ପସର୍ ସୁରକ୍ଷିତ ମଣୁ ନାହାନ୍ତି। ଏଣୁ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନ ଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ଦାବି କରିଛନ୍ତି।



ଜବରଦଖଲ କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବି

ଘଟଣା ସମ୍ପର୍କରେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍ ଆଉଟ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତକାଲି ହଷ୍ଟେଲକୁ ଅଣଛାତ୍ରମୁକ୍ତ କରିବାକୁ ବ୍ୟାପକ ଭାବେ ଉଚ୍ଛେଦ କରାଯାଇଛି। ଜବରଦଖଲ ହୋଇଥିବା କ୍ୱାର୍ଟର୍ସକୁ ଚିହ୍ନଟ କରି ଖାଲି କରିବାକୁ ପୂର୍ବରୁ ନୋଟିସ୍ ଦିଆ ସରିଛି। ଆଜି ପୁଣି ଦ୍ୱିତୀୟ ଥର ପାଇଁ ସେମାନଙ୍କୁ ନୋଟିସ୍ ଦିଆଯାଇଛି। ବିଏମ୍‌ସି ସହିତ ଯୋଗାଯୋଗରେ ଅଛନ୍ତି, ଖୁବ୍‌ଶୀଘ୍ର ସେଗୁଡ଼ିକରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ। ସେହିପରି ଅବୈଧ ବସ୍ତି ସମ୍ପର୍କରେ ଉଭୟ ବିଡିଏ ଓ ବିଏମ୍‌ସି ସହିତ ଆଲୋଚନା କରି ଉଚ୍ଛେଦ ପାଇଁ ପ୍ରକ୍ରିୟା କରାଯିବ ବୋଲି ପ୍ରଫେସର ଦଣ୍ଡପାଟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ଅଣଛାତ୍ରମୁକ୍ତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ହଷ୍ଟେଲରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରିବାର ଦିନକପରେ ପୂର୍ବତନଛାତ୍ରଙ୍କ ଆନ୍ଦୋଳନାତ୍ମକ ପନ୍ଥାକୁ ନେଇ ଶିକ୍ଷାବିତମାନେ ପ୍ରଶ୍ନ ଉଠାଇଛନ୍ତି। ସମ୍ପୃକ୍ତ ପୂର୍ବତନ ଛାତ୍ରମାନେ କର୍ତ୍ତୃପକ୍ଷଙ୍କ ସହ ଶାନ୍ତିଶୃଙ୍ଖଳାର ସହ ଆଲୋଚନା ନ କରି ହୋ ହାଲ୍ଲା କରିବା ଦାବି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଥିବା ଗନ୍ଧ ବାରିଛନ୍ତି। ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଛକୁ ନ ହଟି ଛାତ୍ରଛାତ୍ରୀଙ୍କ ପାଇଁ ଶୈକ୍ଷିକ ଓ ଭୟମୁକ୍ତ ବାତାବରଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### କାହାକୁ କହିବା ଅଣଛାତ୍ର?

ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି। କେହି ଅଣଛାତ୍ର ନୁହଁନ୍ତି, ବରଂ ପୂର୍ବତନ ଛାତ୍ରଙ୍କୁ ବିଦା କରାଯାଇଥିବା କହି କିଛି ପୂର୍ବତନ ଛାତ୍ର ଗଣମାଧ୍ୟମରେ ଅସନ୍ତୋଷ ଝାଡ଼ୁଛନ୍ତି। ଏପରିକି ଅଣଛାତ୍ର ଶବ୍ଦକୁ ନେଇ ସେମାନେ ଆପତ୍ତି ଉଠାଉଛନ୍ତି। ଏହାରି ମଧ୍ୟରେ ପ୍ରକୃତ ଅଣଛାତ୍ର କାହାକୁ କହିବା ସେ ନେଇ ଚା ଖଟିରେ ବିତର୍କ ଆରମ୍ଭ ହୋଇଛି।

ବିଶ୍ୱବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ଛାତ୍ରଛାତ୍ରୀ କୁହାଯାଇଥାଏ। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଅଣଛାତ୍ର କୁହାଯାଉଥିବା ଗୋଟିଏ ଗୋଷ୍ଠୀ ଯୁକ୍ତି ବାଢ଼ୁଛନ୍ତି। ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ର ଭାବେ ସମ୍ବୋଧନ କରାଯାଉ ନଥିଲେ ମଧ୍ୟ ସେମାନେ ଅଣଛାତ୍ର ବର୍ଗରେ ଯାଉଥିବା ଏହି ଗୋଷ୍ଠୀର ମତ। ଆଉ ଏକ ଗୋଷ୍ଠୀ ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ର କୁହାଯାଇ ପାରିବ ନାହିଁ ବୋଲି କଡ଼ା ଆପତ୍ତି ଉଠାଉଛନ୍ତି। ଏପରିକି ସେମାନେ ପୂର୍ବତନ ଛାତ୍ର ଭାବରେ ହଷ୍ଟେଲ୍‌ରେ ରହିବା ତାଙ୍କ ଅଧିକାର ବୋଲି ଦାବି କରିଛନ୍ତି। ଜଣେ ପୂର୍ବତନ ଛାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହଛନ୍ତି ଯେ ସରକାର ପର୍ଯ୍ୟାପ୍ତ ଚାକିରି ବାହର କରୁ ନାହାନ୍ତି। ଫଳରେ ପଢ଼ା ସରିବା ପରେ ସେମାନେ ସେଠାରେ ହିଁ ରହି ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ଅର୍ଥାଭାବ ସେମାନଙ୍କୁ କ୍ୟାମ୍ପସ୍‌ରେ ରହିବାକୁ ବାଧ୍ୟ କରୁଛି। ସେମାନଙ୍କୁ ଅଣଛାତ୍ର କୁହା ନ ଯାଇ ପୂର୍ବତନ ଛାତ୍ର ଭାବେ ହଷ୍ଟେଲ୍‌ରେ ରହିବାକୁ ସୁଯୋଗ ଦେବାକୁ ସେ ଦାବି କରୁଛନ୍ତି। ଏପରିକି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସିଏଲ୍‌ସି ନ ନେବା ଯାଏଁ ସେମାନେ ସେଠିକାର ଛାତ୍ର ଭାବେ ଗଣାହେବେ। ହେଲେ କେତେଦିନ ମଧ୍ୟରେ ସିଏଲ୍‌ସି ନେବା ଉଚିତ୍ ସେ ନେଇ କୌଣସି ଉତ୍ତର ଦେଉ ନାହାନ୍ତି। ଆଉକିଛି ପୂର୍ବତନ ଛାତ୍ରଙ୍କୁ ଚାକରି କଲା ପର୍ଯ୍ୟନ୍ତ ହଷ୍ଟେଲ୍ ସୁବିଧା ଦେବାକୁ ଦାବି କରୁଛନ୍ତି। ଅପରପକ୍ଷଙ୍କ କହିବା କଥା ହଷ୍ଟେଲ୍ କବ୍‌ଜା କରିବା ଉଦ୍ଦେଶ୍ୟ ସାଧିତ କରିବା ପାଇଁ ସିଏଲ୍‌ସି ଏକ ବାହାନା। ଏପରି ମାନସିକତା ରଖୁଥିବା ପିଲାଙ୍କ ପାଇଁ ନୂତନ ଭାବେ ନାମଲେଖାଉଥିବା ପିଲାମାନେ ହଇରାଣ ହେଉଛନ୍ତି। ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଆଲୁମିନିମାନେ ପ୍ରୟାସ କଲେ ଉତ୍କଳର ମାନ ବୃଦ୍ଧି ପାଇବ ବୋଲି ଏହି ପକ୍ଷ ଯୁକ୍ତି ବାଢ଼ୁଛନ୍ତି। ପ୍ରକୃତରେ ଅଣଛାତ୍ର କାହାକୁ କହିବା ଓ ସେମାନେ ହଷ୍ଟେଲ୍‌ରେ ରହିବା ଯୋଗ୍ୟ ନା ଅଯୋଗ୍ୟ, ଏହି ଚର୍ଚ୍ଚାରେ ସକାଳର ଚା ଖଟି ଅଧିକ ସରଗରମ ହେଉଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରି ଗିରଫ

- ଫ୍ରି ଫାୟାର ଗେମ୍ ମାଧ୍ୟମରେ ହୋଇଥିଲା ବନ୍ଧୁତା

ଭୁବନେଶ୍ୱର, ୯।୯(ସମିସ): ଫ୍ରି ଫାୟାର ଗେମ୍‌ରୁ ବନ୍ଧୁତା ଏବଂ ପରେ ଏକ ତରଫା ପ୍ରେମ କରି ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିଶ୍ଚିନ୍ତକୋଇଲି ଅଞ୍ଚଳର ରୁଦ୍ରପ୍ରତାପ ସାମଲ। ତା' ନିକଟରୁ ପୁଲିସ ଏକ ମୋବାଇଲ୍ ଫୋନ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, ରୁଦ୍ରପ୍ରତାପ ଇନଷ୍ଟାଗ୍ରାମ୍‌ରେ ଫେକ୍ ଆଇଡି ଖୋଲି ଯୁବତୀଙ୍କର ଅଶ୍ଳୀଳ ଫଟୋ ପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଦେଉଥିଲା। ଏମିତି କି ଯୁବତୀଙ୍କୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରୁଥିଲେ। ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଟ୍ୟାଗ୍ କରି ଫଲୋ ଅନୁରୋଧ ପଠାଇଥିଲେ। ଯାହା ଫଳରେ ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ରୁଦ୍ରପ୍ରତାପ ସାମଲ ଅନଲାଇନ୍ ଫ୍ରି ଫାୟାର ଗେମ୍ ମାଧ୍ୟମରେ ପୀଡିତାଙ୍କ ସମ୍ପର୍କରେ ଆସିଥିଲେ। ପରବର୍ତ୍ତୀ ସମୟରେ, ସେମାନେ ଇନ୍‌ଷ୍ଟାଗ୍ରାମରେ ବନ୍ଧୁ ହୋଇ ଯୋଗାଯୋଗ ନମ୍ବର ଆଦାନପ୍ରଦାନ କରିଥିଲେ। ପରେ ରୁଦ୍ରପ୍ରତାପ ଏକପାଖିଆ ପ୍ରେମ ସମ୍ପର୍କ ପ୍ରସ୍ତାବ ଦେଇଥିଲେ ଯାହାକୁ ପୀଡିତା ମନା କରିଦେଇଥିଲେ। ତାଙ୍କ ଅସ୍ୱୀକାରରେ କ୍ଷୁବ୍ଧ ହୋଇ, ରୁଦ୍ରପ୍ରତାପ ପୀଡିତାଙ୍କ ଅଶ୍ଳୀଳ ଚିତ୍ର ଏବଂ ଭିଡିଓଗୁଡ଼ିକୁ ଅଶ୍ଳୀଳ ଶବ୍ଦ ଏବଂ ସଙ୍ଗୀତ ସହିତ ସମ୍ପାଦିତ ଏବଂ ପୋଷ୍ଟ କରିଥିଲେ। ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ସେ ସେହି ପୋଷ୍ଟଗୁଡ଼ିକରେ ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ। ଫଳରେ ପୀଡିତା ହଇରାଣ ହୋଇଥିଲେ, ତାଙ୍କର ମାନହାନି ଏବଂ ମାନସିକ ଆଘାତ ସୃଷ୍ଟି ହୋଇଥିଲା। ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ରୁଦ୍ରପ୍ରତାପକୁ ଗିରଫ କରିଥିଲା।

## ନାବାଳିକା ଅସଦାଚରଣକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୯।୯(ସମିସ): ନାବାଳିକା ଅସଦାଚରଣକାରୀକୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି ଫାଷ୍ଟ ଟ୍ରାକ୍ ସ୍ପେସିଆଲ୍ କୋର୍ଟ (ପୋକସୋ)। ଆସାମୀ ଲୋକନାଥ ମଲ୍ଲିକଙ୍କୁ କୋର୍ଟ ଦୋଷୀ କରିବା ସହ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଶୁଣାଇଛନ୍ତି ବିଚାରପତି ସରୋଜ କୁମାର ସାହୁ। ଗତ ୨୦୨୪ ମସିହା ସେପ୍ଟେମ୍ବର ମାସରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏହି ଅସଦାଚରଣ ହୋଇଥିଲା।

ଉଲ୍ଲେଖଯୋଗ୍ୟଯେ, ୨୦୨୪ ଜୁଲାଇ ୧୧ତାରିଖରେ ଆସାମୀ ଲୋକନାଥ ମଲ୍ଲିକ ତାଙ୍କ ପିତାମାତାଙ୍କ ସମ୍ମତିରେ ବିବାହ କରିବା ବାହାନାରେ ନାବାଳିକା ପୀଡ଼ିତା (୧୭)ଙ୍କୁ ନୂଆପଡ଼ା ଗ୍ରାମରେ ଥିବା ତାଙ୍କ ଘରକୁ ଅପହରଣ କରି ନେଇଯାଇଥିଲେ। ପୀଡିତା ପ୍ରଥମେ ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ ରହୁଥିଲେ। ପରବର୍ତ୍ତୀ ସମୟରେ, ତାଙ୍କ ପିତାମାତାଙ୍କ ଦ୍ୱାରା ପ୍ରରୋଚିତ ହୋଇ, ଅଭିଯୁକ୍ତ ଯୌତୁକ ଦାବି କରିବା ଆରମ୍ଭ କରି ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ। ଅଭିଯୁକ୍ତ ପୀଡିତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଅନେକ ଥର ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା। ଏଫଆଇଆର ଦାୟର ହେବାର ଦୁଇ ଦିନ ପୂର୍ବରୁ, ଅଭିଯୁକ୍ତ ତାଙ୍କ ବେକକୁ ଚାପି ଶାରୀରିକ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ସେହି ସମୟରେ, ଅଭିଯୁକ୍ତଙ୍କ ବାପା ତାଙ୍କ ପୁଅକୁ ମଧ୍ୟ ତାଙ୍କୁ ମାରିଦେବାକୁ ଉସୁକାଇଥିଲେ। ପରିସ୍ଥିତିର ସୁଯୋଗ ନେଇ, ପୀଡିତା ଘରୁ ଖସି ପଳାଇବାରେ ସଫଳ ହୋଇଥିଲେ ଏବଂ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ ଦାଖଲ କରିଥିଲେ।

## ଗାଈକୁ ଧକ୍କା ଦେଇ ଓଲଟିଲା କାର୍

ଧଉଳି, ୯।୯(ସମିସ): କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ସିଫା ମୁଖ୍ୟ ଗେଟ ନିକଟରେ ମଙ୍ଗଳବାର ରାତିରେ ଏକ ଗାଈକୁ ଧକ୍କା ଦେବାପରେ କାରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଗାଈଟି ସାମାନ୍ୟ ଆହତ ହୋଇଥିବା ବେଳେ କାର ଚାଳକ ଗୁରୁତର ଆହତ ହୋଇଛି। କାର ଚାଳକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ସେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରନେବାରେ ଜଣାପଡ଼ିଛି ଏକ କାରଟି ପୁରୀରୁ ଭୁବନେଶ୍ୱର ଫେରୁଥିଲା। ରାତି ପ୍ରାୟ ୯ ଟାରେ ସିଫା ମେନ ଗେଟ ନିକଟରେ ଏକ ଗାଈ ଶୋଇଥିଲା। ମାତ୍ର ଚାଳକ ଏହା ଜାଣିନପାରି ଉକ୍ତ ଗାଈକୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ କାରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ ଫାଣ୍ଡି ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍ ଭିତରୁ ଚାଳକଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଗାଈର ପ୍ରାଥମିକ ଚିକିତ୍ସା କରାଇଥିଲେ।

## ରାଜମିସ୍ତ୍ରିଙ୍କୁ ହତ୍ୟା ଘଟଣାରେ କମ୍ପ୍ୟୁଟର ଗିରଫ

ଧଉଳି, ୯।୯(ସମିସ): ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଐତିହ୍ୟ ଫାଟକ ପାର୍ଶ୍ୱରେ ଗତମାସରେ ଶୌଚ ହେବାକୁ ନେଇ ଆକ୍ରମଣରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଶିଶୁପାଳଗଡ଼ ଚମ୍ପତି ସାହିର ବିକ୍ରମ ଚମ୍ପତି ଓରଫ କମ୍ପ୍ୟୁଟର। ପୁଲିସ୍ ସୂତ୍ରରୁ ପ୍ରକାଶଯେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଞ୍ଚଳର ପ୍ରଦୀପ ଦେବନାଥ ଶିଶୁପାଳଗଡ଼ ଅଞ୍ଚଳରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଗତମାସ ୨୫ ତାରିଖ ରାତିରେ ଶିଶୁପାଳଗଡ଼ ଐତିହ୍ୟ ତୋରଣ ନିକଟରେ ଶୌଚ ହେଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କମ୍ପ୍ୟୁଟର ସମେତ କିଛି ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ କମ୍ପ୍ୟୁଟର ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା। ଯାହାଦ୍ୱାରା ତାଙ୍କ ମୁଣ୍ଡ ଓ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରଦୀପକୁ ସାଥୀ ଶ୍ରମିକ ମାନେ ପ୍ରଥମେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ। ସେଠାରୁ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଯାଇଥିଲେ। ମାତ୍ର ଗତ ୬ ତାରିଖରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା।



## ନିଶାରାଣୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍



ଭୁବନେଶ୍ୱର, ୯।୯(ସମିସ): ନିଶାରାଣୀଙ୍କ ଘର ଭାଙ୍ଗିଲା ପୁଲିସ। ଅପରେସନ ପ୍ରହାରରେ ଥରହର ନିଶା ବେପାରୀ। ଗଞ୍ଜେଇ ମାଫିଆଙ୍କ ଘରେ ପୁଲିସ ବୁଲାଇଲା ବୁଲଡୋଜର୍। ମାଟିରେ ମିଶିଲା ଗଞ୍ଜେଇ ମାଫିଆଙ୍କ ଘର। ଜେସିବି ଲଗାଇ ଭାଙ୍ଗିଲା ନୂଆପଲ୍ଲୀ ଥାନା ପୁଲିସ। ସ୍କୁଲ ଆଉ ମାର୍କେଟ ମଝିରେ ଦୋକାନ କରି ବିକୁଥିଲା ଗଞ୍ଜେଇ ପୁଡିଆ ଓ ଗଞ୍ଜେଇ ସିଗାରେଟ୍। କିଛି ଦିନ ତଳେ କୁଖ୍ୟାତ ନିଶା ମାଫିଆ ସାବିତ୍ରୀ ବେହେରାକୁ ପୁଲିସ ଗିରଫ କରିଥିବା ବେଳେ ତା ନିକଟରୁ କେଜିଏରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା। ଇନ୍ଦ୍ରଧନୁ ମାର୍କେଟ ଅଞ୍ଚଳରେ ଚଳାଇଥିଲା ନିଶା କାରବାର। ସାବିତ୍ରୀ ପୂର୍ବରୁ ନିଶା କାରବାର କରି ଗିରଫ ହୋଇ ଜେଲ୍ ଯାଇଥିଲେ ମଧ୍ୟ ଜେଲରୁ ଫେରି ଚଳାଇଥିଲା ନିଶା ସାମ୍ରାଜ୍ୟ। ଗତ ୭ଦିନ ମଧ୍ୟରେ କମିଶନରେଟ୍ ପୁଲିସର ଅପରେସନ ପ୍ରହାରକୁ ମିଳିଛି ବଡ଼ ସଫଳତା। କମିଶନରେଟ୍ ପୁଲିସର ବିଭିନ୍ନ ଥାନାରେ ୧୩ଟି ମାମଲା ରୁଜୁ ହେବା ସହ ୧୯ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ। କେବଳ ବ୍ରାଉନସୁଗାର ବିକ୍ରି ମାମଲାରେ ୩ ଜଣ ନିଶା ମାଫିଆ ଗିରଫ ହେବା ସହ ୫୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ୮୧ ହଜାର ନଗଦ ଟଙ୍କା ଜବତ ହୋଇଥିବା ବେଳେ ଦୁଇଟି ମୋବାଇଲ ଏବଂ ଗୋଟିଏ ଗାଡି ଜବତ କରିଛି ପୁଲିସ। ସେହିଭଳି ୧୬ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ୨୬ କେଜି ୫୧୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ୩୦ ହଜାରରୁ ଅଧିକ ଟଙ୍କା ଶହ ଦୁଇଟି ମୋବାଇଲ ଏବଂ ଦୁଇଟି ଗାଡି ଜବତ କରିଛି ପୁଲିସ। ସେପଟେ ନିଶା ବେପାରୀ ଘର ଭଙ୍ଗା ଯାଉଥିବାରୁ ସରକାର ଓ ପ୍ରଶାସନର ପଦକ୍ଷେପକୁ ସ୍ୱାଗତ କରୁଛନ୍ତି ସ୍ଥାନୀୟ ଲୋକେ। ଏପରି ଆକ୍ସନ ଆଗକୁ ବଳବତ୍ତର ହେଲେ ନିଶା ବେପାର ସମ୍ପୂର୍ଣ୍ଣ କମିବ ବୋଲି ସ୍ଥାନୀୟ ସ୍କୁଲର ଶିକ୍ଷକ କହିଛନ୍ତି। କମିସନରେଟ୍ ପୁଲିସର ଏଭଳି ଏନଫୋର୍ସମେଣ୍ଟକୁ ନେଇ ନିଶା ବେପାରୀ ଭୟରେ। ଆଗକୁ ପାର୍ବଣ ଥିବାରୁ ନିଶା ବେପାରୀଙ୍କ ଘରେ ବୁଲଡୋଜର ଚଳାଇବା ପାଇଁ ତାଲିକା ପ୍ରସ୍ତୁତ କରିଛି କମିସନରେଟ୍ ପୁଲିସ।

### ମାମଲା କ୍ଲୋଜ୍‌ରେ ପୁଲିସ ବ୍ୟସ୍ତ

# ପୁଲିସବାବୁ ରାତି ଅନିଦ୍ରା; ଫଳଘର ଶୂନ

ଭୁବନେଶ୍ୱର, ୯।୯(ସମିସ): ଗତ କିଛିମାସ ହେଲା କମିସନରେଟ୍ ପୁଲିସ ମାମଲା ଶେଷ(କ୍ଲୋଜିଂ)ରେ ମାତିଛି। ତଦନ୍ତ ଅଧିକାରୀ ରାତି ଅନିଦ୍ରା ହୋଇ ମଧ୍ୟ ମାମଲା କ୍ଲୋଜ୍‌ରେ ଲାଗିଛନ୍ତି। କିନ୍ତୁ ଏତେ ସବୁ ପରେ ବି କମିସନରେଟ୍ ପୁଲିସ ଫଳ ଶୂନ। ନିକଟରେ ପ୍ରକାଶ ପାଇଥିବା ସିସିଟିଏନଏସ୍ ର୍ୟାଙ୍କିଙ୍ଗ୍‌ରେ ମାମଲା କ୍ଲୋଜ୍‌ରେ ରାଜଧାନୀ ପୁଲିସ ୧୫ ନମ୍ବରରେ ରହିଛି। କେସ୍ କ୍ଲୋଜ୍‌ରେ ୧୫ ପ୍ରତିଶତରୁ ୧୦.୪୦ ପ୍ରତିଶତ ରହିଛି। ସବୁ ମାର୍କ ହିସାବ କଲେ ରାଜଧାନୀ ପୁଲିସ ୮୨.୫୪ରେ ରହିଛି। ବଡ଼ କଥା ହେଲା ବାହାଦୂରୀ ମାରୁଥିବା କମିସନରେଟ୍ ପୁଲିସ ଉପାନ୍ତ ଅଞ୍ଚଳ ଠାରୁ ଢେର ପଛରେ ପଡ଼ିବା ନିଜର ପାରିବା ପଣିଆ ପଦାରେ ପକାଇ ଦେଇଛି। ଏଠାରେ ମାନବ ସମ୍ବଳ ଅନ୍ୟ ପୁଲିସ ଜିଲ୍ଲା ଠାରୁ ଅଧିକ ଥିବା ବେଳେ ସେମାନେ ସଠିକ୍ ସମୟରେ ମାମଲା କ୍ଲୋଜ୍ କରି ଦେଉଛନ୍ତି। କିନ୍ତୁ ରାଜଧାନୀ ପୁଲିସରେ ମାନବ ସମ୍ବଳ ଢେର ଅଧିକ ରହିଛି। କିନ୍ତୁ ସଠିକ୍ ସମୟରେ ମାମଲା କ୍ଲୋଜ୍ କରିବାରେ ବିଫଳ ହୋଇଛି। ସିସିଟିଏନଏସ୍‌ରେ ନୂଆପଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଟକ ପୁଲିସ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ମାମଲା ଶେଷ କରିବାରେ ନୂଆପଡ଼ା ପୁଲିସ ୧୫ ପ୍ରତିଶତରୁ ୧୨.୧୭ ରଖିଥିବା ବେଳେ କଟକ ପୁଲିସ୧୧.୩୯ ରହିଛି। ସେହିପରି ତୃତୀୟରେ କଟକ ଗ୍ରାମାଞ୍ଚଳ ପୁଲିସ ୧୧.୧୩ ରଖିଥିବା ବେଳେ ଚତୁର୍ଥରେ ଅନୁଗୁଳ ପୁଲିସ ୧୨.୬ ରଖିଛି। ପଞ୍ଚମ ସ୍ଥାନରେ ରାୟଗଡ଼ା ପୁଲିସ ୧୧.୩୮ ମାର୍କ ରଖିଥିବା ବେଳେ ଷଷ୍ଠ ସ୍ଥାନରେ ଝାରସୁଗୁଡ଼ା ପୁଲିସ ୧୧.୨୪ ରଖିଛି। ଏହାପରେ ସପ୍ତମରେ ସମ୍ବଲପୁର ପୁଲିସ ଥିବା ବେଳେ ଅଷ୍ଟମରେ ଢେଙ୍କାନାଳ ରହିଛି। ନବମରେ ଗଞ୍ଜାମ ପୁଲିସ ଥିବା ବେଳେ ଦଶମରେ କନ୍ଧମାଳ ପୁଲିସ ରହିଛି।

- ସିସିଟିଏନ୍‌ଏସ୍ ର୍ୟାଙ୍କିଙ୍ଗ୍‌ରେ ୧୫ରେ କମିସନରେଟ୍ ପୁଲିସ
- କାମ କରୁଛନ୍ତି କମ୍; ମାମଲାତି ବେଶି

ରାଜଧାନୀରେ ଅନେକ ପୁଲିସ ଅଫିସ୍‌ର ଦିର୍ଘଦିନ ହେବ ଗାଦି ମାଡ଼ି ବସି ରହିଛନ୍ତି। ସେମାନେ ମାମଲାର ତଦନ୍ତ କମ୍ କରୁଛନ୍ତି, କେବଳ କେଉଁ ଥାନା ଅଧିକାରୀ କଣ କରୁଛି, କିଏ ତାଙ୍କ କଥା ମାନୁନି। କାହାକୁ ବଦଳି କରାଯିବ, ଆଦି ରାଜିନିତି କରୁଛନ୍ତି। ସେମାନେ କେବଳ ସରକାର ରାଜକୋଷରୁ ଟଙ୍କା ବରବାଦ କରୁଛନ୍ତି। ନା ସେମାନେ ତଦନ୍ତରେ ସହଯୋଗ କରୁଛନ୍ତି, ନା ମାମଲାର ସୁପରିଭିଜନ କରୁଛନ୍ତି। ନିଜର ଗାଦି କିଭଳି ସୁରକ୍ଷିତ ରହିବ, ସେଥିଲାଗି ବଡ଼ ବାବୁଙ୍କ ଘର ସେବକ ହୋଇଯାଇଛନ୍ତି। ବଡ଼ ଅଧିକାରୀ ସେମାନଙ୍କ ଯାହା କହିଲେ ସେମାନେ ମାନି ନେଇଯାଉଛନ୍ତି। ସେମାନେ ଏଠାରେ ୧୨ରୁ ଅଧିକ ବର୍ଷ ପଡ଼ି ରହିଥିବାରୁ ନିଜର ସ୍ଥିତି ସେମାନେ ଜାହିର କରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସିସିଟିଏନ୍‌ଏସ୍ ର୍ୟାଙ୍କିଙ୍ଗରେ ରାଜଧାନୀ ପୁଲିସ ପଛରେ ପଡ଼ିଲେ ସେମାନଙ୍କୁ କିଛି ଫରକ ପଡୁନି।

ତଦନ୍ତରେ ମୁଖ୍ୟ ଭୂମିକା ଗ୍ରହଣ କରେ ମେଡ଼ିକାଲଲ ରିପୋର୍ଟ। ଏହି ରିପୋର୍ଟ ହସ୍ପିଟାଲ କର୍ତ୍ତୃପକ୍ଷ ପୁଲିସକୁ ଏମ୍‌ଏଲ୍‌ଓଏସ୍'ରେ ପଠାଇବେ। ସବୁ କିଛି ଅନ୍‌ଲାଇନ୍ ବ୍ୟବସ୍ଥାରେ ହେବ। ତାହା ପୁଲିସ ସିସିଟିଏନ୍‌ଏସ୍ ମାଧ୍ୟମରେ। କିନ୍ତୁ ଅନ୍ୟ ଜିଲ୍ଲା ପୁଲିସ ଅନ୍‌ଲାଇନ୍‌ରେ କରୁଥିବା ବେଳେ କମିସନରେଟ୍ ପୁଲିସ ଏଥିରେ ପଛରେ ପଡ଼ିଛି। କାରଣ ମେଡ଼ିକାଲ ରିପୋର୍ଟ ପାଇବା ପାଇଁ ଥାନା କର୍ମଚାରୀ ହସ୍ପିଟାଲକୁ ଯାଇ ପଡ଼ି ରହୁଛନ୍ତି। ବହୁ ଥର ଯିବା ପରେ ତାଙ୍କୁ ମେଡ଼ିକାଲ ରିପୋର୍ଟ ମିଳୁଛି। ଫଳରେ ତଦନ୍ତରେ ବ୍ୟାଘାତ ହେବା ସହ ଅପରାଧୀ ଖସିଯିବାର ଆଶଙ୍କା ରହିଛି। କମିଶନରେଟ୍ ପୁଲିସ ଏହି ଏମ୍‌ଏଲ୍‌ଓଏସ୍'ରେ ୪.୦୫ ମାର୍କ ପାଇଛି। ଯାହାକି ଅତ୍ୟନ୍ତ ନିମ୍ନ ମାନର। ତେଣୁ ପୁଲିସ ଏହି ଅନ୍‌ଲାଇନ୍ ମାଧ୍ୟମରେ ମେଡିକାଲ ରିପୋର୍ଟ ଦିଆଗଲେ ତଦନ୍ତରେ ସହଜ ହେବ। ସିସିଟିଏନ୍‌ଏସ୍ ର୍ୟାଙ୍କିଙ୍ଗ୍‌କୁ ଦେଖି ଡିସିପି ଥାନା ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି। କିପରି ଏହି ମାର୍କରେ ଆଗକୁ ବଢ଼ିବେ ସେନେଇ ଗୁରୁମନ୍ତ୍ରୀ ଦେଇଛନ୍ତି। ହେଲେ ପୂର୍ବରୁ ମଧ୍ୟ ଏଭଳି କଡ଼ା ତାଗିଦ କରାଯାଇଥିଲେ ମଧ୍ୟ ସ୍ଥିତି ସୁଧୁରିବା ବଦଳରେ ର୍ୟାଙ୍କିଙ୍ଗ୍‌ରେ ପୁଲିସ ତଳକୁ ତଳକୁ ଯାଉଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ପୁଲିସ ନିଜର କମା ସଠିକ୍ ରୂପେ କରୁନାହନ୍ତି। ନା ତଦନ୍ତ ଶେଷ କରି ପାରୁନି, ନା ବଡ଼ ଅଧିକାରୀମାନେ ଠିକ୍ ଢଙ୍ଗରେ ସୁପରିଭିଜନ କରୁଛନ୍ତି। କେବଳ ନାମକୁ ମାତ୍ର ଥାନାକୁ ଆସି ଡ୍ୟୁଟି ସାରି ଘରକୁ ପଳାଉଛନ୍ତି।

## ତାଳଚେର ଗଣେଶ ପୂଜା ଉଦ୍‌ଯାପିତ

# ବିବାଦ, ବିଭ୍ରାଟ ଏବଂ ବ୍ୟତିକ୍ରମ ଭିତରେ ସରିଲା ପୂଜା

ତାଳଚେର ସହର, ୯।୯ (ସମିସ): ତାଳଚେରର ଗଣପର୍ବ ଗଣେଶ ପୂଜା।

**ଉପଜିଲ୍ଲାପାଳ ଠିକ୍ ଭାବେ ତୁଲେଇ ପାରିଲେନି ସଭାପତି ଦାୟିତ୍ୱ**

**ଘଟିଥିବା ବ୍ୟତିକ୍ରମ ବିରୋଧରେ ନିଆଯିବକି ନାହିଁ କାର୍ଯ୍ୟାନୁଷ୍ଠାନ**

**ଉପଜିଲ୍ଲାପାଳଙ୍କୁ ଡାଲକରି କମିଟି କଲା ଅନେକ ବିଶୃଙ୍ଖଳା**

ଯାହାକୁ ନେଇ ବେଶ୍ ଉତ୍ସାହିତ ଥାଆନ୍ତି ତାଳଚେରବାସୀ। କେବେ ଆସିବ ପୂଜା, ଆଲୋକ ମାଳାରେ ସଜେଇ ହେବ ସହର। ଭଳିକି ଭଳି ମେଢ଼ ସାଙ୍ଗକୁ ସୁଉଚ୍ଚ ତୋରଣରେ ଝଲସିବ କଳାହୀରାର ସହର ତାଳଚେର। ଏହାକୁ ଅପେକ୍ଷା କରିଥାଆନ୍ତି ଅଞ୍ଚଳବାସୀ। ପୂଜା ପାଇଁ ବାହା ହୋଇଥିବା ଝିଅ, ବିଦେଶରେ ଚାକିରି କରୁଥିବା ପୁଅ ଘର ବାହୁଡ଼ା ହୁଅନ୍ତି। ଦୂରଦୁରାନ୍ତରୁ ବନ୍ଧୁ ବର୍ଗଙ୍କ ସୁଅ ଛୁଟେ ତାଳଚେରକୁ। ପୂଜା ପଡ଼େ ରାଜ୍ୟର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଜମେ। ବ୍ୟବସାୟୀମାନେ ଭଳିକି ଭଳି ପସରା ଧରି ତାଳଚେରକୁ ଆସନ୍ତି ବେପାର ପାଇଁ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୂଜା ଆସିଲା। ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଅର୍ଥାତ୍ ଅଗଷ୍ଟ ୨୭ ତାରିଖରେ ପ୍ରଭୁ ଶ୍ରୀ ଗଜାନନଙ୍କ ପୂଜା। ୧୧ ଦିନ ଧରି ପୂଜା ପାଇବା ପରେ ଇନ୍ଦୁ ପୂର୍ଣ୍ଣିମା ଦିନ ଅର୍ଥାତ୍ ଇଂରାଜୀ ସେପ୍ଟେମ୍ବର ମାସ ୭ ତାରିଖରେ ପ୍ରଭୁଙ୍କୁ ବିଦାୟ ଦିଆଗଲା। ବେଶ୍ ଧୁମଧାମରେ ଭସାଣୀ ଶୋଭାଯାତ୍ରାରେ ପ୍ରଭୁଙ୍କୁ ଦିଆଗଲା ମେଲାଣି। ପ୍ରଭୁଙ୍କୁ ବିଦାୟ ଦେବାରେ ଦୁଃଖ ତ ରହିଲା; କିନ୍ତୁ ପୁଣି ତାଳଚେରବାସୀ ଆଗାମୀ ବର୍ଷ ପ୍ରଭୁଙ୍କ ଆଗମନକୁ ଚାହିଁ ବସିଲେ। ପୂଜା ଆରମ୍ଭ ହୋଇ ଶେଷ ହେଲା। କିନ୍ତୁ ଅନେକ ବିବାଦ, ବିଭ୍ରାଟ ଏବଂ ବ୍ୟତିକ୍ରମ ଯୋଗୁଁ ଚଳିତ ବର୍ଷର ପୂଜା ତାଳଚେରବାସୀଙ୍କ ହୃଦୟରେ ଏକ ବିରାଟ ଆଘାତ ସୃଷ୍ଟି କଲା ବୋଲି ଅଭିଯୋଗ ହେବାସହ ଛାଡ଼ିଗଲା ଅନେକ ପ୍ରଶ୍ନ।



## ପ୍ରସ୍ତୁତି ବୈଠକ ଲୋକ ଦେଖାଣିଆ ଅଭିଯୋଗ



ପୂଜା ପାଇଁ ପ୍ରତିବର୍ଷ ପ୍ରସ୍ତୁତି ବୈଠକ ହୁଏ। ବୈଠକରେ ଉପସ୍ଥିତ ଅତିଥି ଏବଂ କମିଟିର ସଦସ୍ୟ ଅନେକ ପ୍ରକାରର ମତାମନ୍ତବ୍ୟ ଦେଇଥାନ୍ତି। ବିଗତ ବର୍ଷଗୁଡ଼ିକରେ ହୋଇଥିବା ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା ସମାଲୋଚନା ହୋଇଥାଏ। ପ୍ରତି ବର୍ଷ କିଭଳି ପୂଜା ସରସ ସୁନ୍ଦର ହେବ ଏବଂ ଅଧିକରୁ ଅଧିକ ଭକ୍ତଙ୍କ ସମାଗମ ହୋଇପାରିବ ସେନେଇ ଆଲୋଚନା ହୋଇଥାଏ। କିନ୍ତୁ କମିଟିର ଏହି ବୈଠକ କେବଳ ଲୋକଦେଖାଣିଆ ବୋଲି ଚଳିତ ବର୍ଷ ପ୍ରମାଣିତ ହେଲା। କେନ୍ଦ୍ରୀୟ ପୂଜା କମିଟିର ସଭାପତି ଖୋଦ୍ ତାଳଚେର ଉପଜିଲ୍ଲାପାଳ ଥିବାବେଳେ ଚଳିତ ବର୍ଷ ବୈଠକରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏକ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ତାଳଚେର ଗଜାନନଙ୍କ ପୂଜା ଦେଖି ଆସିବା ପାଇଁ ଆଗ୍ରହୀ ଥିଲେ ମଧ୍ୟ ଅର୍ଥାଭାବ କାରଣରୁ ଭକ୍ତମାନେ ଆସିପାରୁ ନାହାଁନ୍ତି। କିନ୍ତୁ ସେମାନଙ୍କ ପାଇଁ ଯଦି ଉପଖଣ୍ଡ ପ୍ରଶାସନ ପକ୍ଷରୁ ବସ୍‌ର ବ୍ୟବସ୍ଥା ହୁଅନ୍ତା ତେବେ ସେମାନେ ସୁରୁଖୁରୁରେ ଆସି ପୂଜା ଦେଖିପାରନ୍ତେ ଏବଂ ପ୍ରଭୁ ଆଶୀର୍ବାଦ ଲାଭ କରନ୍ତେ। ଯେହେତୁ ତାଳଚେରର ଏହା ଗଣପର୍ବ ଉପଖଣ୍ଡ ପ୍ରଶାସନ ଚାହିଁଥିଲେ ଏହା ସମ୍ଭବ ହୋଇପାରିଥାଆନ୍ତା। କିନ୍ତୁ ଏହା ସମ୍ଭବ ହେଲା ନାହିଁ ବୋଲି ଅଭିଯୋଗ ହେଉଛି। ସେହିଭଳି ପୂଜାମଣ୍ଡପଗୁଡ଼ିକର ପ୍ରତିବର୍ଷ ପ୍ରତିଯୋଗିତା ହେଉଥିବା ବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରୁ ବିଚାରପତି ଆଣିବା ପାଇଁ ସଞ୍ଜୀବ ପଟ୍ଟନାୟକ ବୈଠକରେ ଉପସ୍ଥାପନ କରିଥିଲେ। କିନ୍ତୁ ତାହାକୁ ମଧ୍ୟ ଗୁରୁତ୍ୱ ଦେଲାନି ପୂଜା କମିଟି।

## କଲେଜ୍‌ପଡ଼ିଆରେ ମେଲଣକୁ ନେଇ ବିବାଦ



କଲେଜ୍‌ପଡିଆରେ ମେଲଣ ପଡ଼ିବା ଦ୍ୱାରା ବିବାଦ ଭିତରକୁ ଟାଣି ହୋଇଛନ୍ତି ଉପଜିଲ୍ଲାପାଳ। କଲେଜ୍ ପଡିଆରେ ମେଲଣ ପଡ଼ିବା ଦ୍ୱାରା ପିଲାମାନଙ୍କ ପାଠପଢା ଉପରେ ପ୍ରଭାବ ପଡ଼ିଛି ବୋଲି ଅଭିଯୋଗ ହେଉଛି। ପୂର୍ବରୁ ପ୍ରଜାମଣ୍ଡଳ ଭବନ ପରିସରରେ ମୀନାବଜାର, ଦୋଳି ଆଦି ପଡ଼େ। ଚଳିତ ବର୍ଷ ପ୍ରଜାମଣ୍ଡଳ ଭବନ ପୁନଃନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାଳଚେର ସ୍ୱୟଂଶାସିତ କଲେଜ୍‌ପଡିଆ ପରିସରରେ ଏସବୁ ପଡିଛି। ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ କଲେଜ୍ ପରିସରରେ କୌଣସି ମୀନା ବଜାର କିମ୍ବା ଦୋଳି ଆଦି ମେଲଣ ପଡ଼ିବା ସରକାରୀ ନିୟମ ବିରୁଦ୍ଧ। ପରିସରରେ ଏହି କିଛିଦିନ ତଳେ ନୂତନ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ମେଲଣ ପଡ଼ିବା ଦ୍ୱାରା ସେଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହା ପ୍ରଭାବ ପକାଇବ। କିନ୍ତୁ ଉପଖଣ୍ଡ ପ୍ରଶାସନ କିଭଳି ଭାବେ ଏହାକୁ ଖାତିର ନ କରି କଲେଜ୍‌ପଡ଼ିଆରେ ମେଲଣ ପକାଇବାକୁ ଅନୁମତି ଦେଇଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। କଲେଜ୍‌ପଡିଆ କଲେଜ୍ ଅଧୀନରେ ଯାଉଥିବା ବେଳେ ଏଠି ହେଉଥିବା କାର୍ଯ୍ୟକ୍ରମର ନିଷ୍ପତି ନିୟମ ଅନୁସାରେ ୟୁଜିସି ନେବାକଥା। ଏସବୁରୁ ମିଳୁଥିବା ଟଙ୍କା କଲେଜ୍ ଉନ୍ନୟନ କାର୍ଯ୍ୟରେ ଲାଗିବା କଥା। କିନ୍ତୁ ଏଥିରେ ବ୍ୟତିକ୍ରମ ଘଟି ତାଳଚେର ପୌରପରିଷଦ କଲେଜ୍ ପଡିଆରେ ମେଲଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। ବିଗତ ବର୍ଷଗୁଡ଼ିକରେ ୧୪ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଉଥିବା ବେଳେ ଚଳିତ ବର୍ଷ ଏହି ନିଲାମ ମାତ୍ର ୫୦ ହଜାର ୫୫୫ ଟଙ୍କାରେ ହୋଇଛି। କିନ୍ତୁ କଲେଜ୍ ପଡ଼ିଆରେ କିଭଳି ମେଲଣ ପଡିଲା ଏବଂ କିଏ ଅନୁମତି ଦେଲା ପଚାରିବାରୁ, ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ନିର୍ଦ୍ଦେଶରେ କଲେଜ୍ ପଡିଆରେ ମେଲଣ ପଡ଼ିଥିବା ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ପ୍ରତିକ୍ରିୟା ଦେଇଛନ୍ତି। କଲେଜ୍ ଅଧ୍ୟକ୍ଷ ସୁବ୍ରତ କୁମାର ଦାସ ମଧ୍ୟ କଲେଜ୍‌ରେ ମେଲଣ ପଡ଼ିବାକୁ ନାପସନ୍ଦ କରିଥିଲ। କିନ୍ତୁ ଉପଜିଲ୍ଲାପାଳ କେନ୍ଦ୍ରୀୟ ପୂଜା କମିଟିର ସଦସ୍ୟ ଥିବାରୁ ସବୁ ନୀରବରେ ସହି ଯାଇଥିଲେ। ତେବେ ବୁଦ୍ଧିଜୀବୀମାନେ ଏହି ଘଟଣାକୁ ବିରୋଧ କରି ଅଦାଲତର ଦ୍ୱାରସ୍ଥ ହେବା ନେଇ ସୂଚନା ଦେଇଛନ୍ତି।

## ଅସ୍ୱାସ୍ଥ୍ୟକର ପରିବେଶରେ ଲଡ୍ଡୁ ପ୍ରସ୍ତୁତ

ପୂର୍ବରୁ ମାରୱାଡ଼ି ଧର୍ମଶାଳାରେ ବହୁତ୍ ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ନୂତନ ସଫା ପାତ୍ରରେ ଲଡୁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚଳିତ ବର୍ଷ ଏହା କିଶୋର କ୍ଲବ୍‌ରେ ପ୍ରସ୍ତୁତ କରାଗଲା। ଗୋଟେ କ୍ଲବ୍‌ରେ ଧାର୍ମିକ କାର୍ଯ୍ୟ କେତେ ଠିକ୍ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କଲା। ପରେ ଭିତରେ କାରିଗରମାନେ ଜୋତା ପିନ୍ଧି, ମୁହଁରେ ମାସ୍କ, ହାତରେ ଗ୍ଲୋବସ୍ ଏବଂ ମୁଣ୍ଡରେ ଟୋପି ନ ପିନ୍ଧି ଏପରିକି କିଚେନ ଆପରୋନ ନ ପିନ୍ଧି ଲଡୁ ତିଆରି କରୁଥିବା ସାମ୍ନାକୁ ଆସିଥିଲା। ତାପରେ ଲଡୁରେ ରାସାୟନିକ ରଙ୍ଗ ମିଶୁଥିବା ଅଭିଯୋଗ ଆସିଥିଲା। ଲଡୁ ପ୍ରସ୍ତୁତିସ୍ଥଳରେ ପିଆଜ ରସୁଣ ଥିବା ଭିଡିଓ ଫୁଟେଜରେ ଦେଖିବାକୁ ମିଳିଥିଲା। ବୁନ୍ଦିଗୁଡ଼ିକୁ ପରିଷ୍କାର ପାତ୍ରରେ ରଖିବା ପରିବର୍ତ୍ତେ ଟେଣ୍ଟହାଉସର ବ୍ୟବହାର୍ଯ୍ୟ ଗଞ୍ଜ ଏବଂ ତେଲପେଟିରେ ରଖାଯାଇଥିଲା। ତାଳଚେର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ପ୍ରମାଣସହ ଅଭିଯୋଗ କରିବା ପରେ ମଧ୍ୟ କେବଳ ତାଗିଦ୍ କରିବା ହିଁ କାର୍ଯ୍ୟାନୁଷ୍ଠାନ ଥିଲା। ଯାହାକି ଗୋଟିଏ ସାଧାରଣ ଦୋକାନୀ କ୍ଷେତ୍ରରେ ହୋଇଥିଲେ ତାଙ୍କୁ ହଜାର ହଜାର ଟଙ୍କା ଫାଇନ ଦେବାକୁ ପଡ଼ିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



## ଲଡ୍ଡୁର ଓଜନ ନିର୍ଦ୍ଧାରଣ କଲା କେଉଁ ବିଭାଗ

ପ୍ରସ୍ତୁତ ହୋଇଥିବା ଲଡୁ ଯେ ୪ ଟନ ତାହା କେଉଁ ବିଭାଗ ନିର୍ଧାରଣ କଲା। ସାଧାରଣରେ ଏହା ୨୨ କ୍ୱିଣ୍ଟାଲ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ କାହିଁକି କମିଟି ସଦସ୍ୟ ୪ ଟନ୍ କହି ଲୋକଙ୍କୁ ଭ୍ରମିତ କଲେ। ତେଣୁ ରାଜ୍ୟ ସରକାରଙ୍କ ଓଜନ ଏବଂ ମାପ ବିଭାଗ ଏହାର ଓଜନକରି ୪ ଟନ ବୋଲି ନିଶ୍ଚିତ କରିଛି କି ବୋଲି ପ୍ରଶ୍ନ ଉଠିଛି। ଶୁଦ୍ଧ ଲଡୁରେ ଯେଉଁ ପରିମାଣର ଚିନି, ବେସନ, ଘିଅ, ତେଲ ଇତ୍ୟାଦି ପଡ଼ିବା କଥା ତାହା ପଡିଛି କି ନାହିଁ ଖାଦ୍ୟ ସୁରକ୍ଷା ଅଧିକାରୀ ଏହାର ଯାଞ୍ଚ କରିଛନ୍ତି କି। ରଙ୍ଗ ମରାଯାଇଥିବା ଲୁହାଗଞ୍ଜ୍‌ରେ ଲଡୁ ରଖିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ବାରଣ କରିଥିବା ବେଳେ ଚଳିତ ବର୍ଷ କିଭଳି ଲୁହାଗଞ୍ଜରେ ଲଡୁ ବୁହାହେଇ ପେଣ୍ଡାଲକୁ ଗଲା। ବର୍ଷା କାରଣରୁ ଲଡୁରେ ପାଣି ପଶିବା ଦ୍ୱାରା ଲଡୁରୁ ରଙ୍ଗ ବାହାରି ତଳେ ଭାସୁଥିବାର ନଜର ଆସିଥିଲା। ଲଡୁ ପ୍ରସ୍ତୁତି ସ୍ଥାନରେ ଆମିଷ ରନ୍ଧା ହେଉଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେବେକି ଏମିତି ଅନେକ ପ୍ରଶ୍ନ ଉଠିଛି ସାଧାରଣରେ।



## ଲଡ୍ଡୁ ନିଲାମରେ ଅବ୍ୟବସ୍ଥା

ଅପରାହ୍ନ ସାଢେ ୪ଟାରେ ଲଡୁ ପେଣ୍ଡାଲ ପାଖରେ ପହଞ୍ଚିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ସେଥିରେ ବ୍ୟତିକ୍ରମ ଘଟି ୬ଟା ପରେ ଲଡୁ ପେଣ୍ଡାଲ ପାଖରେ ପହଞ୍ଚିଲା। ନିଲାମ ପାଇଁ କାହାର ପଞ୍ଜୀକରଣ ପୂର୍ବରୁ ହୋଇ ନ ଥିଲା। ଲଡୁ ପହଞ୍ଚିବା ପରେ ନିଲାମ ଡାକିବା ପାଇଁ କମିଟି ଲୋକଙ୍କୁ କାକୁତି ମିନତି ହେଲେ। ପ୍ରଥମେ ପଞ୍ଜୀକରଣ ଦେୟ ୧୧୦୦ ଟଙ୍କା ନିର୍ଦ୍ଧାରିତ ହୋଇଥିଲା। ଯାହାକି ଫେରସ୍ତ ହେବାର ନଥିଲା। କିନ୍ତୁ କେହି ଟଙ୍କା ଦେଇ ପଞ୍ଜୀକରଣ ନ କରିବାରୁ କମିଟି ନିଷ୍ପତି ବଦଳାଇ ପୁନଶ୍ଚ ପଞ୍ଜୀକରଣର ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ପରେ ମାତ୍ର ୧୦ ଜଣ ନିଲାମରେ ଭାଗ ନେଲେ। କିନ୍ତୁ ମାତ୍ର ୪ରୁ ୫ ଜଣ ନିଲାମ ଡାକିଲେ। ସର୍ବାଧିକ ୧୨ଲକ୍ଷ ଟଙ୍କା ନିଲାମ ଡାକି ସୌଭାଗ୍ୟ ମହାରଣା ନିଲାମ ଜିତିଥିଲେ। କିନ୍ତୁ ସେ ଲଡୁ ନେବା ପରିବର୍ତ୍ତେ ପେଣ୍ଡାଲ ଛାଡି ପଳାଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ କମିଟି ପୁନଶ୍ଚ ନିଲାମ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିଷ୍ପତି ନେଲେ। ତେବେ ସର୍ବାଧିକ ୪ଲକ୍ଷ ୫୧ ହଜାର ଟଙ୍କାରେ ପଟ୍ଟନାୟକ ବ୍ରଦର୍ସ ଆଞ୍ଚାଲଡୁ ନିଲାମ ନେଲେ। କିନ୍ତୁ ଏଠି ପ୍ରଶ୍ନ ଉଠିଛି କି ସୌଭାଗ୍ୟ ମହାରଣା ନିଜେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଦସ୍ୟ ଥିବା ସତ୍ତ୍ୱେ କିଭଳି ସେ ଏଭଳି ବିଶୃଙ୍ଖଳା କଲେ। ଆଉ କମିଟି ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ଏଲ ୧ ପଳାଇବା ପରେ ନିୟମ ଅନୁଯାୟୀ ଏଲ ୨ ଏସପି ଅଟୋ ମୋବାଇଲ ଯିଏକି ୧୧ ଲକ୍ଷ ୫୦ ହାଜର ଟଙ୍କାରେ ନିଲାମ ଡାକିଥିଲେ ତାଙ୍କୁ ଲଡୁ ଦେବାକଥା। ଯଦି ଏଲ ୨ ନ ନେଲେ ତେବେ ଏଲ ୩ ବଜରଙ୍ଗ ଅଗ୍ରୱାଲ ଯିଏକି ୧୧ ଲକ୍ଷ ୫ ହଜାର ଟଙ୍କାରେ ନିଲାମ ଡାକିଥିଲେ ତାଙ୍କୁ ଲଡୁ ଦେବାକଥା। କିନ୍ତୁ କମିଟି ତାହା ନ କରି ପୁନଶ୍ଚ ଲଡୁ ପାଇଁ ନିଲାମ ପ୍ରକ୍ରିୟା କାହିଁକି ଆରମ୍ଭ କଲେ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଏସବୁ ବିଶୃଙ୍ଖଳା ଖୋଦ୍ ପୂଜା କମିଟିର ସଭାପତି ତଥା ଉପଜିଲ୍ଲାପାଳଙ୍କ ଆଖି ସାମ୍ନାରେ ହୋଇଥିଲା। ଉପଜିଲ୍ଲାପାଳ ବିଶୃଙ୍ଖଳାକୁ ରୋକିବା ପରିବର୍ତ୍ତେ ସଭାପତି ପଦରୁ ଇସ୍ତଫା ଦେଇ ମଞ୍ଚ ଛାଡି ପଳାଇଲେ। ଯାହା ଉପଜିଲ୍ଲାପାଳଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କଲା।



## ସରିଗଲା ପୂଜା, ରହିଗଲା ଅନେକ ପ୍ରଶ୍ନ

ଚଳିତ ବର୍ଷ ପୂଜା ସରିଲା କିନ୍ତୁ ଛାଡିଗଲା ଅନେକ ପ୍ରଶ୍ନ। କାହିଁକି ଉପଜିଲ୍ଲାପାଳ ଛାଡ଼ିଲେ ସଭାପତି ପଦ। ଯଦି ପ୍ରଶାସନିକ ଅଧିକାରୀ ହୋଇ ଗୋଟିଏ କମିଟିକୁ ନିୟନ୍ତ୍ରଣ କରିପାରୁନାହାଁନ୍ତି ତେବେ ଆଗାମୀ ଦିନରେ ରାଜ୍ୟ ତଥା ଦେଶ ପାଇଁ କଣ ଆଭିମୁଖ୍ୟ ଗ୍ରହଣ କରିବେ। କମିଟିରେ ହୋଇଥିବା ବିଶୃଙ୍ଖଳାକୁ ତର୍ଜମା କଲେ କି ନାହିଁ। ଶୃଙ୍ଖଳା କରିଥିବା ବ୍ୟକ୍ତିଙ୍କ ଉପରେ କାହିଁକି ହେଲାନାହିଁ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରୀୟ ପୂଜା କମିଟିର ସହ ସମ୍ପାଦକ ପଦରେ ଥିବା ସୌଭାଗ୍ୟ ମହାରଣାଙ୍କୁ କମିଟି ଆଞ୍ଚା ଲଡୁ ନେବାକୁ ସୁଯୋଗ କାହିଁକି ଦେଲା ନାହିଁ। ଭସାଣୀ ଦିନ ମଞ୍ଚରେ ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ କାହିଁକି ନଥିଲେ। ଆଦି ଅନେକ ପ୍ରଶ୍ନର ଲମ୍ବା ଧାଡ଼ି। କେବେ ମିଳିବ ଉତ୍ତର କେବଳ ତାହାକୁ ହିଁ ଅପେକ୍ଷା।

## ଭସାଣିରେ ବିକ୍ଷୋଭ

୭ ତାରିଖ ଦିନ ୨ଟାରୁ ଆରମ୍ଭ ହେଲା ଭସାଣୀ ଶୋଭାଯାତ୍ରା। ୩୫ଟି ମେଢ଼ ଭାଗ ନେଇଥିବା ବେଳେ ୩୦ଟି ଭସାଣୀରେ ଯୋଗଦେଲେ। ୫ଟି ମେଢ଼ ଯୋଗଦେଲେ ନାହିଁ। ଗୋଟିଏ ପରେ ଗୋଟିଏ ମେଢ଼ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପେଣ୍ଡାଲ ଅତିକ୍ରମ କରିଯାଉଥିଲା। ପରେ ୨୨ ନମ୍ବର ଜଗନ୍ନାଥ ବଜାର ପୂଜା କମିଟି ମେଢ଼ ପେଣ୍ଡାଲ ପାଖରେ ପହଞ୍ଚିଲା। ପେଣ୍ଡାଲ ତଳେ ସଦସ୍ୟ ମାନେ ଲଡୁ ନିଲାମ ବିଭ୍ରାଟକୁ ନେଇ ଆରମ୍ଭ କରିଥିଲେ ବିକ୍ଷୋଭ। କେନ୍ଦ୍ରୀୟ ପୂଜା କମିଟି ସଦସ୍ୟଙ୍କୁ ଭର୍ତ୍ସନା କରିବା ସହ କାହିଁକି ଲଡୁକୁ ଦୁଇ ଦୁଇ ଥର ନିଲାମ କଲ ପ୍ରଶ୍ନ କରି ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଖୋଲା ମଞ୍ଚରେ ଭୁଲ ନ ମାଗିଲେ ମେଢ଼ ଆଗକୁ ଗଡେଇବେ ନାହିଁ ବୋଲି ଧମକ ଦେଲେ। କେନ୍ଦ୍ରୀୟ ଗଣେଶ ପୂଜା କମିଟି ମଞ୍ଚ ଉପରୁ ଭୁଲ ମାଗିବା ପରେ ଜଗନ୍ନାଥ ବଜାର ପୂଜା କମିଟି ମେଢ଼ ଆଗକୁ ଗଡିଥିଲା। ତେବେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ଚଳିତ ବର୍ଷର କାର୍ଯ୍ୟକଳାପକୁ ନେଇ ସବୁ ମହଲରୁ ତିରସ୍କାର କରାଯାଇଛି।



## ଓଲଟିଲା ଆମ୍ବୁଲାନ୍ସ, ତିନି ଆହତ

ପବିତ୍ର ନଗର, ୯।୯ (ସମିସ): କଣିହାଁ ବ୍ଲକ ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତ ମା' ଲୁଧୁଣୀ ମନ୍ଦିର ନିକଟରେ ସୋମବାର ଅପରାହ୍ନରେ ଏକ ଶବବାହକ ଆମ୍ବୁଲାନ୍ସ ବାଇକ ସହିତ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ୩ ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି ଅନୁଗୋଳରୁ ଖମାର ଥାନା ରଜାମୁଣ୍ଡାର ଜଣେ ବ୍ୟକ୍ତିଙ୍କ ମୃତଦେହ ନେଇ ରଜାମୁଣ୍ଡାକୁ ଯାଉଥିଲା। ତେବେ ଲୁଧୁଣୀ ମନ୍ଦିର ନିକଟରେ ଏକ ବାଇକ ସହିତ ଦୁର୍ଘଟଣା ଘଟିଥିଲା। ଫଳରେ ଆମ୍ବୁଲାନ୍ସଟି ନିକଟସ୍ଥ ପାର୍କ ପାଖକୁ ଓଲଟି ପଡିଥିଲା। ଆମ୍ବୁଲାନ୍ସରେ ବସିଥିବା ମୃତକଙ୍କ ଦୁଇ ସମ୍ପର୍କୀୟ ଓ ବାଇକ ଆରୋହୀ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ନିକଟସ୍ଥ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅନ୍ୟ ଏକ ଗାଡ଼ିରେ ଆମ୍ବୁଲାନ୍ସରେ ଥିବା ମୃତଦେହକୁ ଗନ୍ତବ୍ୟସ୍ଥାନକୁ ନିଆଯାଇଥିଲା। ସମଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ଅବକାରୀ ଚଢ଼ଉ; ୨ ଗିରଫ

ବଇଣ୍ଡା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମର ପ୍ରବୀଣ ପ୍ରଧାନଙ୍କ ଘର ଉପରେ ମଙ୍ଗଳବାର ବଇଣ୍ଡା ଓ ଅବକାରୀ ବିଭାଗ ଚଢ଼ଉ କରି ୧୦ ଲିଟର ଚୋରାଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେହିପରି ଧୋବଣୀ ବେହେରାଙ୍କ ଘରୁ ୧୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନେ ଘରେ ବେଆଇନ ଭାବରେ ଚୋରାରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ଅବକାରୀ ଟିମ ଚଢ଼ାଉ କରି ଗିରଫ କରିଥିଲା।

# ୧୬ରୁ ୨୩ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

ଅନୁଗୋଳ, ୯।୯ (ସମିସ):

ଷୋଡ଼ଶତମ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ନାଲକୋନଗରଠାରେ ଆୟୋଜନ ହେବାକୁ ଯାଉଅଛି। ଏହାକୁ ଜିଲ୍ଲା ପ୍ରଶାସନ ଏବଂ ଓରମାସ ସହାୟତାରେ ଆୟୋଜନ ହେବାକୁ ଯାଉଅଛି। ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ କାରିଗର, ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ ଏବଂ ଚାଷୀ ଉତ୍ପାଦକ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ସିଧାସଳଖ ଗ୍ରାହକ ଓ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା। ଏହି ଜିନିଷଗୁଡିକର ବଜାରରେ ଚାହିଦା ସୃଷ୍ଟି କରିବା ଏବଂ ଖାଉଟିଙ୍କ ଦ୍ୱାରା ଆଲୋଚନାରେ ସେମାନଙ୍କର ଆବଶ୍ୟକତା ଜାଣି ସାମଗ୍ରୀର ମୂଲ୍ୟଯୁକ୍ତ କରାଇବା। ପ୍ରତିବର୍ଷ ଅନୁଗୋଳ ଜିଲ୍ଲାର ନାଲକୋନଗରର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ଏହିମେଳା ଆୟୋଜନ କରାଯାଉଅଛି। ୨୦୨୪ ବର୍ଷରେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଥିଲା। ଯେଉଁଥିରେ ଦେଶର ୧୨ଟି ରାଜ୍ୟ ଏବଂ ଓଡିଶାର ୩୦ଟି ଜିଲ୍ଲାର କାରିଗର ଏବଂ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ। ୨୦୨୪ ବର୍ଷ ପଲ୍ଲିଶ୍ରୀ ମେଳାରେ ୬ କୋଟି ୨୯ଲକ୍ଷରୁ ଅଧିକ ଟଙ୍କାର କାରବାର ହୋଇଥିଲା। ଏହି ବର୍ଷ ମୋଟ ୨୨୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଅଛି ଏବଂ ୧୪ଟି ଖାଦ୍ୟ ଷ୍ଟଲର ମଧ୍ୟ ଆୟୋଜନ କରାଯାଇଅଛି। ଓଡିଶାର ୩୦ଟି ଜିଲ୍ଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଜାମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର କାରିଗର ଓ ଉତ୍ପାଦକ ଗୋଷ୍ଠୀମାନେ ଭାଗନେବେ। ସରକାରଙ୍କର ବିଭିନ୍ନ ବିଭାଗ ଯଥା ହସ୍ତ, କୁଟୀର ଶିଳ୍ପ ବିଭାଗ, ଜିଲ୍ଲା ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ ବିଭାଗ, ଜଙ୍ଗଲ ବିଭାଗ ଏବଂ ବିଭାଗ ଆଦି ଏଠାରେ ଭାଗ ନେବେ। ଶିଳ୍ପ ବିଭାଗ, ମିଶନ ଶକ୍ତିପାଇଁ ଆଠ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଅଛି। ମେଳାରେ ସ୍ୱାସ୍ଥ୍ୟ, ପାନୀୟଜଳ, ଅଗ୍ନିଶମ, ଆଇନଶୃଙ୍ଖଳାର ସଠିକ ପରିଚାଳନା ନିମନ୍ତେ ଜିଲ୍ଲା ଚିକିତ୍ସାଧିକାରୀ, ନାଲକୋ, ଅନୁଗୋଳ ମୁନିସିପାଲିଟି, ଅଗ୍ନିଶମ ବିଭାଗ, ଜିଲ୍ଲା ପୁଲିସ, ବ୍ୟାଙ୍କ ଓ ଜନସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିବେ। ସେହିପରି ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ୍, ସେଲଫି ପଏଣ୍ଟ (ଆମ ଅସ୍ମିତା ଆମ ଗୌରବ) ର ପ୍ରଦର୍ଶନୀ ଓ ମେଳାରେ ମନୋରଞ୍ଜନ ପାଇଁ କଳାକାରମାନେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିମାନଙ୍କୁ ମେଳାରେ ବୁଲିବା ପାଇଁ ସ୍ୱତନ୍ତ୍ର ହୁଇଲଚେୟାରର ବ୍ୟବସ୍ଥା କରାଯାଇଅଛି। ମେଳା ପରିସରକୁ ପରିଷ୍କାର ପରିଚ୍ଛନ ରଖିବା ଦିଗରେ ସମସ୍ତପ୍ରକାର ପଦକ୍ଷେପ ନିଆଯିବ। ମେଳା ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ ବିମନ ମଲ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କୁ ମାଡ଼ମାରି ଅପହରଣ ଉଦ୍ୟମ ଅଭିଯୋଗ

ବଇଣ୍ଡା, ୯।୯ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ହୁଲା ଗ୍ରାମର ସନ୍ତୋଷ ସାହୁଙ୍କୁ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାହୁ ଓ ସେମାନଙ୍କର ସମ୍ପର୍କୀୟ ବଡହିଂସର ଗ୍ରାମର ପବନା ବେହେରା, ଛୋଟା ବେହେରା, ମଳୟ ବେହେରା, ଦୀପି ବେହେରା, ଉକୁଲ ବେହେରା ମାଡ଼ ମାରିବାସହ ଅପହରଣ କରିନେବା ପାଇ ଉଦ୍ୟମ କରିଥିବା ସେ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୩୩୪/୨୫ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ସନ୍ତୋଷଙ୍କ ସହ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ପାରିବାରିକ କଳହକୁ କେନ୍ଦ୍ରକରି ବାପଘରକୁ ୨୦ ଦିନ ହେବ ପଳାଇ ଯାଇଥିଲେ। ଲକ୍ଷ୍ମୀପ୍ରିୟା ଉକ୍ତ ବ୍ୟକ୍ତିମାନଙ୍କୁ ଏକାଠି କରି ଏକ କାର୍‌ରେ ଆସି ସନ୍ତୋଷଙ୍କୁ ମାଡ଼ ମାରିବାସହ ଅପହରଣ ଉଦ୍ୟମ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଜରପଡ଼ା ବ୍ଲକ୍ ପୁନର୍ଗଠନ ପାଇଁ ବୈଠକ

ଅନୁଗୋଳ, ୯।୯ (ସମିସ): ଜରପଡ଼ା ବ୍ଲକ୍ ପୁନର୍ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ ସ୍ଥାନୀୟ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପୁନର୍ଗଠନ ସମ୍ପର୍କରେ ଆଲୋଚନା ହେବାସହ କିଭଳି ରାଜ୍ୟ ସରକାରଙ୍କ ପାଖରେ ଲିଖିତ ଭାବରେ ଏନେଇ ଦାବି ତଥା ସ୍ମାରକପତ୍ର ଦିଆଯିବ ତାହା ଉପରେ ଆଲୋଚନା ହୋଇଛି। ବୈଠକରେ ସମସ୍ତ ଜରପଡ଼ାଅଞ୍ଚଳର ଆଖପାଖ ପ୍ରାୟ ୨୨ଟି ପଞ୍ଚାୟତର କର୍ମକର୍ତ୍ତା ତଥା ନିର୍ବାଚିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଯୋଗଦେବାସହ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ବ୍ଲକ ପୂନଃର୍ଗଠନ ନିମନ୍ତେ ସହମତି କ୍ରମେ ଲିଖିତ ଭାବରେ ସରକାରଙ୍କୁ ଦରଖାସ୍ତପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଗଲା। ବୈଠକ କ୍ରିୟାନୁଷ୍ଠାନ କମିଟି ସଭାପତି ସୁଦିପ୍ତ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ଆଡଭୋକେଟ ନୀଳକଣ୍ଠ ସାହୁଙ୍କ ସମେତ କୋଷାଧ୍ୟକ୍ଷ ଡମ୍ବରୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦେଶୀ ବନ୍ଧୁକ ଜବତ; ଶିକାରୀ ଗିରଫ

● ୨ ହରିଣ ଶିଙ୍ଗ ଜବତ



ଭଞ୍ଜନଗର, ୯।୯ (ସମିସ): ତାରସିଂ ପୁଲିସ ମଙ୍ଗଳବାର ସକାଳେ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେହେଲେ ବୁଡୁରୁପାଲିର ସନିଆ ମଲ୍ଲିକ। ପୁଲିସ ସନିଆଙ୍କଠାରୁ ଦୁଇଟି ହରିଣ ଶିଙ୍ଗ, ଗୋଟିଏ ଦେଶୀ ବନ୍ଧୁକ ଜବତ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡିପିଓ ଡ. ଦୀପକ ମିଶ୍ର ପ୍ରକାଶ କରିଛନ୍ତି। ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଏସଆଇ ସମୀର ବେହେରା ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସନିଆ ଜଣେ ନିୟମିତ ଶିକାରୀ। ସେ ଅଧିକାଂଶ ସମୟରେ ବନ୍ୟପ୍ରାଣୀ ଶିକାର କରିଥାଏ। ସଂପୃକ୍ତ ଅଞ୍ଚଳରେ ମାଂସ, ଦାନ୍ତ, ଚମଡା, ଶିଙ୍ଗ ଇତ୍ୟାଦି ବନ୍ୟପ୍ରାଣୀ ବିକ୍ରୀ କରିବା ଉଦ୍ଦେଶ୍ୟରେ ଦେଶୀ ନିର୍ମିତ ଏସବିଏମଏଲ ବନ୍ଧୁକ ବ୍ୟବହାର କରି ବେଆଇନ ଭାବରେ ବନ୍ୟପ୍ରାଣୀ ଶିକାର କରୁଥିଲେ। କେହି ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ସାହସ କରୁନଥିଲେ। ଆଜି ସକାଳେ ଏସ୍‌ଆଇ ଏସ କେ ବେହେରା ମାଙ୍କଡାକୁମ୍ଭା ଛକରେ ପାଟ୍ରୋଲିଂ କରୁଥିବା ସମୟରେ ସୂଚନା ପାଇ ଅଭିଯୁକ୍ତ ସନିଆ ମଲ୍ଲିକଙ୍କୁ ଗିରଫ କରିଥିଲେ। ଏହାପରେ ପଚରାଉଚରା କରିବା ପରେ ସେ ଦୁଇ ମାସ ପୂର୍ବରୁ ଏକ ହରିଣ ଶିକାର କରିଥିଲେ। ଏହାପରେ ଉକ୍ତ ସୂଚନାକୁ ଆଧାର କରି ସାକ୍ଷୀମାନଙ୍କ ଉପସ୍ଥିତିରେ ଚନ୍ଦ୍ରଗିରି ଗଭୀର ଜଙ୍ଗଲ ଭିତରେ ଏକ ବୁଦାରୁ ଦୁଇଖଣ୍ଡ ଜଙ୍ଗଲୀ ହରିଣ ଶିଙ୍ଗ ଜବତ କରାଯାଇଥିଲା।

## ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା; ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, ୯।୯ (ସମିସ): ବ୍ରହ୍ମପୁର ସ୍ଥିତ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ବିଚାରପତି ରହିତଲାଲ୍ ପଣ୍ଡା ଏକ ଦୁଷ୍କର୍ମ ମାମଲାର ବିଚାରଣା କରି ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଜରଡା ଥାନା ଅଞ୍ଚଳର ମଦନମୋହନ ପ୍ରଧାନ (୩୭)। ଅନ୍ୟପକ୍ଷରେ ପୀଡ଼ିତା ଛାତ୍ରୀଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୩ ନଭେମ୍ବର ୨୧ରେ ଜରଡ଼ା ଥାନା ଅଞ୍ଚଳର ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବା ଜଣେ ଛାତ୍ରୀ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଛାତ୍ରୀ ଜଣଙ୍କ ହାଇଦ୍ରାବାଦରେ ଥିବା ଜଣାପଡିଥିଲା। ମାସେ ପରେ ଏକ ପୁଲିସ ଟିମ୍ ହାଇଦ୍ରାବାଦ ଯାଇ ସେଠାରୁ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମଦନମୋହନଙ୍କୁ ଗିରଫ କରିଥିଲା। ଛାତ୍ରୀଙ୍କ ବୟାନକୁ ଭିତ୍ତି କରି ପୁଲିସ ଅଭିଯୁକ୍ତ ମଦନମୋହନଙ୍କ ନାମରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟରେ ଏହି ମାମଲାର ବିଚାରଣ ଚାଲୁଥିବା ବେଳେ ମୋଟ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ବିଚାରପତି ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।

## ଚୋରାମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର, ୯।୯ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ଚୋରା ବିଦେଶୀ ମଦ ବିକ୍ରୀ ମାମଲାରେ ପୁଲିସ ଗତକାଲି ରାତିରେ ତୁଳସାୟା ରେଡ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁଳସାୟା ଟାଟା କଲୋନୀ ସିନ୍ଧିଗାଁର ଏକ ପାନ ଦୋକାନ ପଛପଟେ ଚୋରା ବିଦେଶୀ ମଦ ବିକ୍ରୀ କରୁଥିବା ସୂଚନା ପାଇ ପୁଲିସ ବିପୁଳ ପରିମାଣ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛି। ପୁଲିସ ସେଠାରୁ ଫେରିବାବେଳେ ଟାଟା କଲୋନୀ ନିକଟ ଖଜୁରିଆ ଗ୍ରାମର ଏସ. ନୃସିଂହ ରେଡ୍ଡିକୁ ସନ୍ଦେହରେ କରି ଯାଞ୍ଚ କରିବାରୁ ତା ନିକଟରୁ ବିଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ସର୍ତ୍ତମୂଳକ ଜାମିନରେ ଛାଡ଼ିଥିବା ପୁଲିସ କହିଛି।

## ଡେଲିଭରି ବଏଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର, ୯।୯ (ସମିସ): ଜଣେ ଡେଲିଭରି ବଏଙ୍କୁ ଆକ୍ରମଣ ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ହରିଡ଼ାଖଣ୍ଡି ସୀତାରାମ ସାହି ନିବାସୀ ଜ୍ୟୋତି ରଞ୍ଜନ ସାହୁ ଏକ ଫୁଡ୍ ଡେଲିଭରି କମ୍ପାନୀରେ ଡେଲିଭରି ବଏ ଭାବେ କାମ କରନ୍ତି। ସୋମବାର ସେ ଜେମାଦେଇପେଣ୍ଠ ନରସିଂହ ମନ୍ଦିର ନିକଟକୁ ଡେଲିଭରି ଦେବାକୁ ଯାଇଥିଲେ। ସେଠାରେ ସୁଶାନ୍ତ ଦାଶ ଓ ତାଙ୍କର ଅନ୍ୟ ୪ ସହଯୋଗୀ ତାଙ୍କୁ ଗାଳିଗୁଲଜ ସହ ପଥରରେ ଆକ୍ରମଣ କରିଥିଲେ। ଏନେଇ ସେ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୪ ଗିରଫ

ରଙ୍ଗେଇଲୁଣ୍ଡା, ୯।୯ (ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦନଗର ଗାଁ ଶେଷ ଭାଗରେ ଦୀର୍ଘ ଦିନ ଧରି ଚାଲିଥିବା ଏକ ଜୁଆ ଆ‡ାରେ ଗତକାଲି ବିଳମ୍ବିତ ରାତିରେ ଗୋଳନ୍ଥରା ପୁଲିସ ଚଢ଼ାଉ କରି ଚାରିଜଣ ଜୁଆଡ଼ିଙ୍କୁ ଧରି ସେମାନଙ୍କ ଠାରୁ ୨୭୦୦ଟଙ୍କା, ୨ଟି ତାସ କାଟା, ୩ ଟି ବାଇକ୍, ୪ ଟି ମୋବାଇଲ ଜବତ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୨ଟାରେ ଗୋବିନ୍ଦନଗର ଗାଁ ଶେଷ ଭାଗରେ ଏକ ଜୁଆଆଡ୍ଡା ଚାଲିଥିବା ଥାନା ଅଧିକାରୀ ତଥା ଡ଼ିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ଉ କରିଥିବା ବେଳେ ୪ ଜୁଆଡ଼ିଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜୁଆଡ଼ିମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ।

## ପାର୍ବଣ ପାଇଁ ବ୍ରହ୍ମପୁର ପୁଲିସର ପ୍ରସ୍ତୁତି, ସାବାଡ଼ ହେବେ ଅମାନିଆ।

# ବାଣ ପ୍ରସ୍ତୁତକାରୀଙ୍କ ଉପରେ ରହିବ ସ୍ୱତନ୍ତ୍ର ନଜର

ବ୍ରହ୍ମପୁର, ୯।୯ (ସମିସ)

ଆଗକୁ ପାର୍ବଣ ଋତୁ। ସାଧାରଣତଃ ଏହି ସମୟରେ ଜନଗହଳି ଓ ପୁଲିସର ବ୍ୟସ୍ତତାର ସୁଯୋଗ ନେଇ ଅପରାଧୀ ସକ୍ରିୟ ହୋଇଥାନ୍ତି। ସହରରେ ଲୁଟ୍‌ପାଟ୍, ରାହାଜାନୀ ଓ ଦାଦାବଟି ଆଦାୟ ଭଳି ସଂଘବଦ୍ଧ ଅପରାଧିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ଏଥିରୁ ସହରକୁ ମୁକ୍ତ କରିବାକୁ ଯାଇ ବ୍ରହ୍ମପୁର ପୁଲିସ ପକ୍ଷରୁ ଆରମ୍ଭ ହୋଇଯାଇଛି ଆଗୁଆ ପ୍ରସ୍ତୁତି। ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଜାମିନ ବିହୀନ ଗିରଫ ପରୱାନାରେ ଫେରାର ଥିବା ଅପରାଧୀଙ୍କୁ ଗିରଫ କରିବାକୁ ବ୍ୟାପକ ହୋଇଛି ଧରପଗଡ଼।

ଇତିମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ବହୁ ଅପରାଧୀଙ୍କୁ ଗିରଫ କରାଯାଇଛି। ପାର୍ବଣରେ ଯେଭଳି କୌଣସି ଗ୍ୟାଙ୍ଗ କିଛି ଅଘଟଣ ନଘଟାନ୍ତି ସେଥିପାଇଁ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ। ଟ୍ରାଫିକ୍ ସମସ୍ୟା ଦୂର ଠାରୁ ଆରମ୍ଭ କରି ରାହାଜାନୀ ଭଳି ଘଟଣାରୁ କିଭଳି ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଦିଆଯିବ ତାହାକୁ ପ୍ରାଥମିକତା ଦିଆଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ଥାନା ସ୍ତରରେ ଅଧିକାରୀଙ୍କୁ ଅଦଳବଦଳ କରିବା ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ କାରଣରୁ ଦାବି ହେଉଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ଅଧିକାରୀ ସ୍ତରରେ ଅଦଳବଦଳ କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦେବା କାଠିକର ପାଠ ହେବ ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି। ପାର୍ବଣ ସମୟରେ ସହର ତଥା ସହର ଉପକଣ୍ଠରେ ଜୁଆ ଆଡ୍ଡାଗୁଡିକ ସଚଳ ହୋଇଥାଏ। ତେବେ ପୁଲିସର ଧରପଗଡ଼କୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡା ଗୁଡ଼ିକର ସ୍ଥାନ ନିୟମିତ ବଦଳିଥାଏ। ଯାହା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥାଏ। ପୂର୍ବ ବର୍ଷଗୁଡିକର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ପୁଲିସର ସ୍ୱତନ୍ତ୍ର ନଜର ରହିବ ବିଭିନ୍ନ ଜୁଆ ଆଡ୍ଡା ଉପରେ। ଶୃଙ୍ଖଳିତ ପାର୍ବଣ ପାଇଁ ଅପରାଧ ମୁକ୍ତ ଓ ଅପରାଧୀ ଦମନ ଲକ୍ଷ୍ୟ ନେଇ ବ୍ରହ୍ମପୁର ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସ୍ପଷ୍ଟ କହିଛନ୍ତି ଏସ୍‌ପି ସର୍ବଣା ବିବେକ ଏମ୍। ସେପଟେ ଏହି ସମୟରେ ପୁଲିସର ଫୋକସରେ ରହିବ ବିସ୍ଫୋରକ ସାମଗ୍ରୀ ଏବଂ ଚୋରା ବନ୍ଧୁକ କାରବାର ଉପରେ। ଦଶହରା ସମୟରେ ଅପରାଧୀ ଗ୍ୟାଙ୍ଗର ସଦସ୍ୟମାନେ ବଟି ଆଦାୟ ପାଇଁ ନେତା , ବିଲ୍ଡର, ବାଲି ବ୍ୟବସାୟୀ, ଗଞ୍ଜେଇ ବ୍ୟବସାୟୀ ଓ ସରକାରୀ ଅଫିସରମାନଙ୍କୁ ଟାର୍ଗେଟ କରିଥାନ୍ତି। ଅଧିକ ଚାନ୍ଦା ଆଦାୟ ପାଇଁ ପୂର୍ବଭଳି ବୋମାମାଡ ଅଥବା ଗୁଳିକାଣ୍ଡ କରି ଭୟଭୀତ କରିବାକୁ ଚେଷ୍ଟା କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ନଜରରେ ରଖି ଖବରୀଙ୍କ ଜରିଆରେ ବିଭିନ୍ନ ସନ୍ଦିଗ୍ଧ ସ୍ଥାନ ଗୁଡିକୁ ଚିହ୍ନଟ କରି ଚଢ଼ଉ କରିବାକୁ ଯୋଜନା ରଖିଥିବା ସୂଚନା ମିଳିଛି। ପୂର୍ବରୁ ଅପରେସନ ସନ୍ଧାନ ଜରିଆରେ ପୁଲିସ ବହୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ଠାରୁ ବନ୍ଧୁକ, ଗୁଳି ଓ ଖଣ୍ଡା ଭଳି ମାରଣାସ୍ତ୍ର ଜବତ କରିଥିବା ବେଳେ ବଡବଜାର, ନିମଖଣ୍ଡି, ଯୋଗିଆପଲ୍ଲୀ, ଶ୍ରୀରାମନଗର, ପ୍ରହ୍ଲାଦ ନଗର, ଦିଗପହଣ୍ଡି, ପିତାତୋଳି, ଫୁଲଟା, ଗୋଳନ୍ଥରା ଥାନା ଓ କେ. ନୁଆଗାଁ ଥାନା ଅଞ୍ଚଳରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏଥିପାଇଁ ପୁଲିସ ପକ୍ଷରୁ ସମସ୍ତ ଥାନା ଅଧିକାରୀଙ୍କୁ ନିଜ ନିଜ ଇଲାକାରେ ତୀକ୍ଷ୍ଣ ନଜର ରଖିବା ସହିତ ପୁରୁଣା ଅପରାଧୀଙ୍କୁ ତାଗିଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି। ଦଶହରା ପୂର୍ବରୁ ପୁଲିସର ଏଭଳି ଆଗୁଆ ପ୍ରସ୍ତୁତିରୁ ସହରବାସୀଙ୍କୁ ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାର୍ବଣ ଋତୁ ଉପଭୋଗ କରିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଜେଲ୍‌ଫେରନ୍ତାଙ୍କ ତାଲିକା ପ୍ରସ୍ତୁତ ସହ ସମସ୍ତଙ୍କୁ କରାଯାଇଛି ତାଗିଦ୍**

● ତାରାତାରିଣୀଙ୍କ ପୀଠରେ ବିଦ୍ୟୁତ୍ ଚାଳିତ ମେସିନରେ ପ୍ରସାଦ ରୋଷେଇ ଆରମ୍ଭ

## ଶ୍ରଦ୍ଧାଳୁଙ୍କ ସହ ବସି ପ୍ରସାଦ ସେବନ କଲେ ଜିଲ୍ଲାପାଳ



ପୁରୁଷୋତ୍ତମପୁର, ୯।୯ (ସମିସ)

ସାରା ଓଡ଼ିଶାରେ ପ୍ରଥମ। ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଆରମ୍ଭ ହୋଇଛି ବିଦ୍ୟୁତ୍ ଚାଳିତ ମେସିନରେ ରୋଷେଇ ତଥା ଅନ୍ନପ୍ରସାଦ ବ୍ୟବସ୍ଥା। ସୋମବାରଠାରୁ ଏହି ବ୍ୟବସ୍ଥା ମନ୍ଦିରରେ କାର୍ଯ୍ୟକ୍ଷମ ହୋଇଛି। ବିଦ୍ୟୁତ୍ ଚାଳିତ ମେସିନରେ ରୋଷେଇ ହେବା ପରେ ମା'ଙ୍କ ନିକଟରେ ଭୋଗ ଲାଗି କରାଯାଥିଲା। ଏହାପରେ ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ପ୍ରଦାନ ପାଇଁ ମନ୍ଦିରର ଉପରି ଭାଗରେ ଥିବା ପ୍ରସାଦ ସେବନ କକ୍ଷରେ ଭକ୍ତମାନଙ୍କ ନିମନ୍ତେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଏହାର ଶୁଭାରମ୍ଭ କରି ନିଜେ ଭକ୍ତଙ୍କୁ ପ୍ରସାଦ ପରଷିବା ସହ ସେମାନଙ୍କ ସହ ବସି ପ୍ରସାଦ ସେବନ କରିଛନ୍ତି। କାର୍ଯ୍ୟକ୍ରମରେ ଛତ୍ରପୁର ଉପଜିଲ୍ଲାପାଳ ଡଃ ଶିବାଶିଷ ବରାଳ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ବିଜୟ କୁମାର ବେହେରା, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ରାଜେଶକୁମାର ନାୟକ, ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡି, ମନ୍ଦିର ଉନ୍ନୟନ କମିଟିର ସଂପାଦକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

ଏଠାରେ ସରକାରଙ୍କ ପକ୍ଷରୁ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସ୍ୱୟଂଚାଳିତ ମେସିନ ପ୍ରତିଷ୍ଠା କରାଯାଇଥିବାବେଳେ ଏଥିରେ ୩୦ ମିନିଟ୍‌ରେ ୩ ହଜାର ଲୋକଙ୍କ ଲାଗି ବିଭିନ୍ନ ପ୍ରକାରର ରୋଷେଇ ହେବାର ବ୍ୟବସ୍ଥା ରହିଛି। ମନ୍ଦିରକୁ ଦୈନିକ ଆସୁଥିବା ଭକ୍ତଙ୍କ ଭିତର ଆବଶ୍ୟକତାକୁ ଦେଖି ପ୍ରସାଦର ବ୍ୟବସ୍ଥା କରାଯିବ। ଏହାସହ କୌଣସି ବ୍ୟକ୍ତି ଆଗୁଆ ଅର୍ଡର କଲେ ପ୍ରସାଦ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବା ଜିଲ୍ଲାପାଳ କହିଛନ୍ତି। ବର୍ତ୍ତମାନ ଏହି ପ୍ରସାଦର ଦରଧାର୍ଯ୍ୟ ହୋଇ ନଥିବାବେଳେ ଆଗାମୀ ଦିନରେ ଏହା କରାଯିବ। ପୂର୍ବରୁ ଜିଲ୍ଲା ଓ ରାଜ୍ୟ ବାହାରୁ ମା'ଙ୍କ ଦର୍ଶନ ଲାଗି ଆସୁଥିବା ଶହ ଶହ ଭକ୍ତ ପ୍ରସାଦ ନପାଇ ଭୋକିଲା ଫେରୁଥିବାବେଳେ ଏଣିକି ଆଉ ଫେରିବେନି। ମା'ଙ୍କ ପ୍ରସାଦ ପାଇବାର ସୌଭାଗ୍ୟ ପାଇପାରିବେ।

## ସାପ କାମୁଡ଼ାରେ ଆଈ ମୃତ, ନାତୁଣୀ ଗୁରୁତର



**ମେଡିକାଲ କ୍ୱାର୍ଟର୍ସରୁ ଅଜଗର ଉଦ୍ଧାର**

ଖଲ୍ଲିକୋଟ, ୯।୯ (ସମିସ)

ଖଲ୍ଲିକୋଟରେ ସାପ ଆତଙ୍କ ଦେଖାଦେଇଛି। ସୋମବାର ରାତିରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର କ୍ୱାର୍ଟର୍ସରୁ ଏକ ବିରାଟ ଅଜଗର ସାପ ଉଦ୍ଧାର କରି ବନ କର୍ମଚାରୀ ଜଙ୍ଗଲରେ ଛାଡିଛନ୍ତି। ସେପଟେ ବାଣିଆ ବାଉଁଶିଆପଲ୍ଲୀ ଗ୍ରାମରେ ସୋମବାର ରାତିରେ ଘର ଭିତରେ ଆଈ-ନାତୁଣୀ ଶୋଇଥିବା ବେଳେ ସର୍ପାଘାତରେ ଆଈର ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନାପ୍ରକାରେ, ସୋମବାର ରାତିରେ ଖଲ୍ଲିକୋଟ ମେଡ଼ିକାଲର କର୍ମଚାରୀ ପଦ୍ମନାଭ ରାଓ ନିଜ କ୍ୱାର୍ଟର ଭିତରେ ଥିବାବେଳେ ଏକ ବିରାଟ ଅଜଗର ସାପ ପଶି ଯାଇଥିଲା। ଖବର ପାଇ ବନ ବିଭାଗର ୪ଜଣ କର୍ମଚାରୀ ପହଞ୍ଚି ଅଜଗରଟିକୁ ଉଦ୍ଧାର କରିଥିଲେ। ଅଜଗର ସାପଟି ୧୫ଫୁଟ ଲମ୍ବ ହୋଇଥିବା ବେଳେ ପ୍ରାୟ ୩୦ କେଜିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

## ଯୁବକଙ୍କ ମୋବାଇଲ ଲୁଟ୍

ବ୍ରହ୍ମପୁର, ୯।୯ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ପାଢ଼ୀ କଲୋନୀ ନିକଟରେ କେଶବ ନଗରରେ ରହୁଥିବା ଅତୁଲ୍ୟ କୁମାର ପଟ୍ଟନାୟକଙ୍କ ଠାରୁ ମୋବାଇଲ ଲୁଟିନେଲେ ଦୁର୍ବୃତ୍ତ। ୭ତାରିଖ ରେ ସେ ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ତାଙ୍କ ମୋବାଇଲ ଝାମ୍ପି ନେଇ ଚାଲିଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗ୍ୟାରେଜ ପାଇଁ ଋଣ କରାଇ ୨୦ ଲକ୍ଷ ଠକେଇ; ଜଣେ ଗିରଫ

ବ୍ରହ୍ମପୁର, ୯।୯ (ସମିସ)

ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଶିଳ୍ପକେନ୍ଦ୍ରରୁ ଋଣ କରାଇ ଜଣେ ଗ୍ୟାରେଜ ମାଲିକଙ୍କ ଠାରୁ ପ୍ରାୟ ୨୦ଲକ୍ଷ ଟଙ୍କା ଠକେଇ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାରେ ଇ ଜୟଗୋପାଳ ପାତ୍ରଙ୍କୁ ଗିରଫ କରିଛି।

ଅଭିଯୋଗ କ୍ରମେ କମାପଲ୍ଲୀ ଖଳାସାହିର ନୀଳାମ୍ବର ସେଠୀ ଜଣେ କାର ମେକାନିକ। ଶୁଭେନ୍ଦୁ ପଲେଇ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ରହିଥିଲା। ୧ବର୍ଷ ପୂର୍ବେ ଶୁଭେନ୍ଦୁ ଇ. ଜୟଗୋପାଳ ପାତ୍ର ଏବଂ ଦୁର୍ଯ୍ୟୋଧନ ମହାରଣାଙ୍କୁ ଆଣି ନୀଳାମ୍ବରଙ୍କ ସହ ପରିଚିତ କରାଇଥିଲେ। ଜୟଗୋପାଳ ଓ ଦୁର୍ଯ୍ୟୋଧନ ନିଜକୁ ଜିଲ୍ଲା ଶିଳ୍ପକେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେଇ ପିଏମ୍‌ଇଜିପି ଯୋଜନାରେ ଗ୍ୟାରେଜ ପାଇଁ ୨୫ଲକ୍ଷ ଟଙ୍କା ଲୋନ୍ କରାଇଦେବାକୁ କହିଥିଲେ। ଜୟଗୋପାଳ ନିଜ ନାମରେ ଚକାଡୋଲା ଆଣ୍ଡ କୋ ନାମକ ଏକ ଗ୍ୟାରେଜର ପଞ୍ଜିକରଣ କରିଥିଲେ। ସେହି ନାମରେ ବ୍ରହ୍ମପୁରର କୌଣସି ସ୍ଥାନରେ ଏକ ଗ୍ୟାରେଜ ଖୋଲିବାକୁ ପଡ଼ିବ ବୋଲି ନୀଳାମ୍ବରଙ୍କୁ କହିଥିଲେ। ନୀଳାମ୍ବର ଆଙ୍କୁଲି ଜାତୀୟ ରାଜପଥ କଡ଼ରେ ଏକ ଘର ଭଡ଼ାନେଇ ଗ୍ୟାରେଜ ଖୋଲିଥିଲେ। ଏଥିପାଇଁ ସେ ୧୦ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ତେବେ ଡିଆଇସିରୁ ଏବାବଦରେ ୨୫ଲକ୍ଷ ଟଙ୍କାର ଋଣ ପାଇବାକୁ ହେଲେ ୬ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ଉଭୟେ ନୀଳାମ୍ବରଙ୍କୁ କହିଥିଲେ। ନୀଳାମ୍ବର ୬ଲକ୍ଷ ଟଙ୍କା ଧାର ଆଣି ଉଭୟଙ୍କୁ ଦେଇଥିଲେ। ଏହାର କିଛିଦିନ ପରେ କମ୍ପାପଲ୍ଲୀ କାନାରା ବ୍ୟାଙ୍କ ଅଧିକାରୀମାନେ ଆଙ୍କୁଲି ସ୍ଥିତ ଉକ୍ତ ଗ୍ୟାରେଜକୁ ଯାଇ ପରିଦର୍ଶନ କରିଥିଲେ। ପରେ ଗ୍ୟାରେଜ ପାଇଁ ମେସିନ କିଣିବା ଉଦ୍ଦେଶ୍ୟରେ ଚକାଡୋଲା ଆଣ୍ଡ କୋ ନାମରେ ୧୫ଲକ୍ଷ ଟଙ୍କାର ଆକଳନ ରିପୋର୍ଟ କାନାରା ବ୍ୟାଙ୍କକୁ ଦିଆଯାଇଥିଲା। ବ୍ୟାଙ୍କ ପକ୍ଷରୁ ଉକ୍ତ ଋଣ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ କିଛିସମୟ ପରେ ଉକ୍ତ ଟଙ୍କା ଫେଡେରାଲ ବ୍ୟାଙ୍କକୁ ଟ୍ରାନ୍ସଫର କରିଦିଆଯାଇଥିଲା। ନୀଳାମ୍ବରଙ୍କ ନାମରେ ୧୫ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇସାରିଥିବା ବେଳେ ଇତି ମଧ୍ୟରେ ୫ମାସ ବିତି ସାରିଛି। ହେଲେ ନୀଳାମ୍ବରଙ୍କ ଗ୍ୟାରେଜକୁ ଗୋଟିଏ ବି ମେସିନ ମିଳିନାହିଁ। ଏ ସମ୍ପର୍କରେ ନୀଳାମ୍ବର ଉପରୋକ୍ତ ୨ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ବିଭିନ୍ନ ବାହାନା କରିବା ସହ ଶେଷରେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନୀଳମ୍ବର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି।

**୨ ଦୁଷ୍କର୍ମ ମାମଲାର ସଫଳ ତଦନ୍ତ**

## ପୁଲିସ ଡିଜିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ପୁଲିସ ଅଧିକାରୀ ଓ ପିପି



ବ୍ରହ୍ମପୁର, ୯।୯ (ସମିସ)

ବ୍ରହ୍ମପୁର ପୁଲିସ ଜିଲ୍ଲାର ବୈଦ୍ୟନାଥପୁର ଓ ନିମଖଣ୍ଡି ଥାନାରେ ରୁଜୁ ହୋଇଥିବା ୨ଟି ଚର୍ଚ୍ଚିତ ଦୁଷ୍କର୍ମ ମାମଲାର ଉପଯୁକ୍ତ ତଦନ୍ତ, ନିରୀକ୍ଷଣ ଓ ପରିଚାଳନା କରାଯିବା ଫଳରେ ଦୋଷୀଙ୍କୁ ଦଣ୍ଡ ମିଳିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଇପାରିଛି। ଯାହାକୁ ନେଇ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଉଭୟ ମାମଲାର ତଦନ୍ତକାରୀ ଅଧିକାରୀ, ନିରୀକ୍ଷଣ ଅଧିକାରୀ ଓ ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୨୪ ଅଗଷ୍ଟରେ ବୈଦ୍ୟନାଥପୁର ଥାନା ଅଞ୍ଚଳର ଜନୈକା ନାବାଳିକା(୧୪) ନିଜ ପରିବାର ବର୍ଗଙ୍କ ସହିତ ହାଇଦ୍ରାବାଦରେ ରହୁଥିଲେ। ତାଙ୍କ ବାପା ମା' କାମକୁ ଚାଲିଯିବାପରେ ତାଙ୍କ ଘର ନିକଟରେ ରହୁଥିବା ବିହାର ବକ୍ସର ଗ୍ରାମର ଅଭିଯୁକ୍ତ ଗୁଡୁ ରାଜଭର(୨୨) ସମ୍ପର୍କ ସ୍ଥାପନ ସହ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ନାବାଳିକା ଜଣକ ଗର୍ଭବତୀ ହେବାରୁ ପରିବାର ଲୋକେ ବ୍ରହ୍ମପୁର ଆସି ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ସେତେବେଳେ ନାବାଳିକା ୮ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏହାପରେ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଏସ୍‌ଆଇ କାଜଲ ବାଗ ତଦନ୍ତ କରୁଥିବା ବେଳେ ଡିଏସପି ଦେବୀ ଶଙ୍କର ପ୍ରତାପ ଏବଂ ଏସପି ଡ଼ା ସାର୍ଥକ ଷଡଙ୍ଗୀ ନିରୀକ୍ଷଣ କରୁଥିଲେ। ପୁଲିସ ଅଭିଯୁକ୍ତ ଗୁଡୁଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ତଥ୍ୟ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଏହି ମାମଲାର ବିଚାରଣ କରି ଉପଯୁକ୍ତ ଅଭିଯୁକ୍ତ ଗୁଡୁକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

ସେହିଭଳି ୨୦୨୪ ନଭେମ୍ବର ୫ରେ ନିମଖଣ୍ଡି ଥାନା ଅଞ୍ଚଳର ଜନୈକା ନାବାଳିକା(୧୫) ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ରାମ ସାହୁ(୫୭) ଦୁଷ୍କର୍ମ କରିଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାମ ସାହୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ତଦନ୍ତ ଅଧିକାରୀ ତଥା ଏସଆଇ ଜ୍ଞାନରଞ୍ଜନ ବେହେରା କୋର୍ଟରେ ଚାର୍ଜସିଟ ଦାଖଲ କରିଥିବା ବେଳେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ମାମଲାର ନିରୀକ୍ଷଣ କରୁଥିଲେ ଓ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଏହି ମାମଲାର ବିଚାରଣା କରି ସ୍ୱତନ୍ତ୍ର ପୋକସୋ କୋର୍ଟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ବୈଦ୍ୟନାଥପୁର ଥାନାରେ ରୁଜୁ ହୋଇଥିବା ଏକ ନାବାଳିକା ଦୁଷ୍କର୍ମ ଓ ଗର୍ଭବତୀ ମାମଲାର ତଦନ୍ତ ଓ ଦୋଷୀଙ୍କୁ ତ୍ୱରିତ ଦଣ୍ଡବିଧାନ କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ବ୍ରହ୍ମପୁରର ତତ୍କାଳୀନ ଡିଆଇଜି ଡା. ସାର୍ଥକ ଷଡଙ୍ଗୀଙ୍କ ସମେତ ବୈଦ୍ୟନାଥପୁର ଥାନାର ଏସଆଇ କାଜଲ ବାଗ, ଡିଏସପି ଦେବୀଶଙ୍କର ପ୍ରତାପ ଏବଂ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନିମଖଣ୍ଡି ଥାନା ଅଧିନରେ ରୁଜୁ ହୋଇଥିବା ଏକ ନାବାଳିକା ବଳାତ୍କାର ମାମଲାର ତଦନ୍ତ ଓ ଦୋଷୀକୁ ତ୍ୱରିତ ଦଣ୍ଡବିଧାନରେ ଉତ୍ତମ କାର୍ଯ୍ୟ କରିଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ, ଏସଆଇ ଜ୍ଞାନରଞ୍ଜନ ବେହେରା ଓ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଭାବେ ପ୍ରଚଳିତ ଫୌଜଦାରୀ ଆଇନର ତ୍ୱରିତ ନ୍ୟାୟ ବ୍ୟବସ୍ଥାରେ କାର୍ଯ୍ୟ କରିଥିବାରୁ ଉପରୋକ୍ତ ଅଧିକାରୀଙ୍କୁ ମଙ୍ଗଳବାର ଓଡ଼ିଶା ରାଜ୍ୟ ପୁଲିସ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

■ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା

## ଗଞ୍ଜାମ ବ୍ଲକ୍‌ରୁ ୨ ଜଣଙ୍କ ସଫଳତା

ରମ୍ଭା, ୯।୯ (ସମିସ): ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଶାନ୍ତିକୁଞ୍ଜ ହରିଦ୍ୱାର,ଉତ୍ତରାଖଣ୍ଡ ଦ୍ୱାରା ଏବଂ ଓଡ଼ିଶା ପ୍ରାନ୍ତ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ବିଭାଗ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସବ୍‌ଜୋନ ଦ୍ୱାରା ରମ୍ଭା ଗାୟତ୍ରୀ ଶକ୍ତିପୀଠ ସହାୟତାରେ ଆୟୋଜିତ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ରମ୍ଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିଶ୍ୱଜିତ୍ ସ୍ୱାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସନ୍ତୋଷପୁର ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରର ଏକାଦଶ ଶ୍ରେଣୀ ଛାତ୍ରୀ ଜ୍ୟୋତି ବେହେରା ରାଜ୍ୟରେ ତୃତୀୟସ୍ଥାନ ଅଧିକାର କରି ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର କୃତି ପରୀକ୍ଷାର୍ଥୀଙ୍କୁ ଭୁବନେଶ୍ୱର ରସୁଲଗଡ଼ ସ୍ଥିତ ପ୍ରାନ୍ତୀୟ କାର୍ଯ୍ୟାଳୟ ଯୁଗଶକ୍ତି ଗାୟତ୍ରୀ ଭବନରେ ଏକ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ବ୍ଲକ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ,ରମ୍ଭା



ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁ,ବରିଷ୍ଠ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ପାତ୍ର,ବ୍ରହ୍ମପୁର ଉପଯୋନ ସଂଯୋଜକ ପ୍ରଫୁଲ୍ଲ ଦାସ, ରଜନୀକାନ୍ତ ମହାପାତ୍ର ଏହି ଉତ୍ସବରେ ଉପସ୍ଥିତ ଥିଲେ। କେବଳ ଗଞ୍ଜାମ ବ୍ଲକରୁ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଦୁଇଜଣ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବାରୁ ଏହାର ସଂଯୋଜକ ପଞ୍ଚାନନ ଖଟୁଆଙ୍କୁ ଗଞ୍ଜାମ ଜିଲ୍ଲା ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।



## ଭୁବନେଶ୍ୱର ସିଟି






# ତୋରଣରେ 'ନନ୍ଦିଘୋଷ ରଥ' ମଡେଲ୍

ଭୁବନେଶ୍ୱର, ୯।୯(ସମିସ): ପାର୍ବଣ ଋତୁରେ ମା'ଙ୍କ ଆବାହନ ପାଇଁ ରାଜଧାନୀରେ ଆରମ୍ଭ ହୋଇଛି ପୂଜା ପ୍ରସ୍ତୁତି। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ସେହିକ୍ରମରେ ଭିଏସ୍ଏସ୍ନଗର ପୂଜା କମିଟି ପକ୍ଷରୁ ଏଥର ୪୪ଫୁଟ ଉଚ୍ଚତା ବିଶିଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସଦୃଶ ତୋରଣ ଆକର୍ଷଣ ପାଲଟିବ। ୧୯୭୮ ମସିହାରୁ ପ୍ରଥମେ ଛୋଟ ଆକାରରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଏବେ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ସୁନିଆ ଦିଥିରୁ କୁଆଖାଇ ନଦୀରୁ ମୃର୍ତ୍ତିକା ଉତ୍ତୋଳନ ହୋଇ ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଚଳିତ ବର୍ଷ ମା' ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିଥିବା ବେଳେ ଜରି ମେଢ଼ର ଉଚ୍ଚତା ୧୮ ଫୁଟ ରହିଛି। ତେବେ ଏହି ଜରି ମେଢ଼ ବାରଙ୍ଗ ଫୁଲପୋଖରୀରୁ ଆସିଥାଏ। ଏଠାରେ ମୂର୍ତ୍ତି ନିର୍ମାଣର ବିଶେଷତ୍ୱ ହେଉଛି ଗଙ୍ଗାନଦୀରୁ ଆସିଥିବା ମାଟିରେ ପ୍ରଲେପ ଦିଆଯାଏ। ପୂର୍ବବର୍ଷ ଭଳି ଏଥର ମଧ୍ୟ ମା'ଙ୍କୁ ରୂପା ମୁକୁଟ ଓ ରୂପା ଅଳଙ୍କାରରେ ସଜ୍ଜିତ କରାଯିବ। ପରମ୍ପରା ହେଉଛି ଅଷ୍ଟମୀରେ ଖେଚୁଡ଼ି ଡାଲମା ଭୋଗ ଓ ଦଶମୀରେ ଦହିପଖାଳ, ଶାଗଭଜା ଭୋଗ ସହିତ ନବମୀରେ ଅନ୍ନ ପ୍ରସାଦ ବିତରଣ କରାଯିବ। ଏହା ବ୍ୟତିତ କଲୋନୀର ପ୍ରାୟ ୨୫୦୦ ଘରେ ବୁନ୍ଦି ଭୋଗ ଦିଆଯାଏ। ଏହି ପୂଜା କମିଟିର ଆଉ ଏକ ବିଶେଷତ୍ୱ ହେଉଛି ମା'ଙ୍କ ପୂଜା ପାଇଁ ସଂଗ୍ରହ ଦାନ ଆଦାୟ ଓ ଖର୍ଚ୍ଚର ହିସାପ ଅଡିଟ୍ ପରେ ପ୍ରତି ଘରେ ଦିଆଯାଏ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ନବମୀରେ ଆକର୍ଷଣ ପାଲଟିବ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ।



ପୂଜାରେ ଭିଏସ୍ଏସ୍ ନଗର ଓ ଇଡ୍କୋ କଲୋନୀରୁ ଦାନ ସଂଗ୍ରହ କରାଯାଏ। ବଜେଟ ଅପେକ୍ଷା ପ୍ରତିବର୍ଷ ଶୃଙ୍ଖଳିତ ପୂଜା ଉପରେ ଗୁରୁତ୍ୱ ଦିଆଯାଏ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଖି ଝଲସିବା ଭଳି ରଙ୍ଗବେରଙ୍ଗର ଆଲୋକମାଳାରେ ଗେଟ୍ ନିର୍ମାଣ କରାଯିବ। ଯାହା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ଆଶା ରହିଛି।

-ପ୍ରତାପ କୁମାର ନନ୍ଦ, ସାଧାରଣ ସମ୍ପାଦକ



ମାଆଙ୍କ ପୂଜା ଭାଇଚାରା ଭିତିରେ ହେଉଥିବା ବେଳେ ପ୍ରତି ଘରେ ଦାନ ସଂଗ୍ରହ ସହିତ ନିମନ୍ତ୍ରଣ ଭୋଗ ଦେବାର ପରମ୍ପରା ରହିଛି। ଚଳିତ ବର୍ଷ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣୀ ହେବ। ଭୁବନେଶ୍ୱର ଭସାଣ ଉତ୍ସବ ସମିତି ସହିତ ପ୍ରଥମରୁ ନିବନ୍ଧିକୃତ ହୋଇଥିବା ଯୋଗୁଁ ଭସାଣୀ ଦିନ ଭିଏସ୍ଏସ୍ ନଗରରୁ ବାଣୀବିହାର ଛକ, ସହିଦନଗର, ରୂପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଭସାଣ ଯାତ୍ରା ଅନୁଷ୍ଠିତ ହେବ।

-ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ



ବୀର ସୁରେନ୍ଦ୍ରସାଏ ନଗର ମାଆଙ୍କ ପୂଜାରେ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନେ କିଭଳି ସହଜରେ ମା'ଙ୍କ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ୱେଚ୍ଛାସେବୀଙ୍କ ସମେତ ସିସିଟିଭି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦି କରାଯାଇଛି।

-ଦିଲ୍ଲୀପ ଦାଶଶର୍ମା, ପୂଜା କମିଟି ସଦସ୍ୟ

## ବିଜେଡି ପକ୍ଷରୁ ସଦାଶିବ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୯।୯(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କର କଥା ଓ କାର୍ଯ୍ୟରେ ଫରକ୍ ନଥିଲା। ଭୂସଂସ୍କାର କାର୍ଯ୍ୟକ୍ରମରେ ତାଙ୍କର ତ୍ୟାଗପୂତ ଅବଦାନ ଆଜି ବି ଲୋକ ମୁଖରେ ପ୍ରଚାରିତ ଏବଂ ଚିରଦିନ ପାଇଁ ଉଦାହରଣ ହୋଇ ରହିବ ବୋଲି ମଙ୍ଗଳବାର ତାଙ୍କର ପୁଣ୍ୟ ତିଥିରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

କ୍ୟାପିଟାଲ ହସ୍ପିଟାଲ ଛକରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ପୁଣ୍ୟତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳିତ ହୋଇଛି। ପ୍ରଥମେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ବିଜୟ ସାହୁ, ଅକ୍ଷୟ କୁମାର ସାମଲ, ପ୍ରଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ବସନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

# ମୌଳିକ ସୁବିଧା ଦାବିରେ ଲୋୟର୍ ପିଏମଜିରେ ବିକ୍ଷୋଭ



ଭୁବନେଶ୍ୱର, ୯।୯(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ଗ୍ରାମ ପଞ୍ଚାୟତର ଆଦିମ ଅଧିବାସୀ ତଥା ଜନଜାତିମାନେ ମୌଳିକ ଆବଶ୍ୟକତା ଦାବିରେ ଲୋୟର ପିଏମ୍ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ସେମାନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଛନ୍ତି। ଗଣଧାରଣା ଦେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଉକ୍ତ ପଞ୍ଚାୟତବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ସମସ୍ତ ବିସ୍ଥାପିତ ପରିବାରଙ୍କୁ 'ବସୁନ୍ଧରା' ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ଦାବି ରହିଛି। ସ୍ୱାଧୀନତାର ୭୯ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇନଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ପରିବାରଙ୍କୁ ବିଦ୍ୟୁତ ସଂଯୋଗ କରାଯିବା ପ୍ରମୁଖ ଦାବି ରହିଛି। ଆଜି ପର୍ଯ୍ୟନ୍ତ ଗ୍ରାମରେ ବିଦ୍ୟୁତ ସେବା ଏବଂ ମୋବାଇଲ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛନ୍ତି ଏବଂ ସେଥିପାଇଁ ସେଠାରେ ଏକ ମୋବାଇଲ ନେଟୱର୍କ ମଧ୍ୟ ସ୍ଥାପନ କରିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି। ଅନ୍ୟ ଦାବି ଗୁଡିକ ମଧ୍ୟରେ ଅନୁନ୍ନତ ହାଟଡିହିକୁ ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ କରିବା, ଗ୍ରାମରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ଆଦି ଅନ୍ତର୍ଭୁକ୍ତ। ଏହି ବିକ୍ଷୋଭରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ସାଧାରଣ ସମ୍ପାଦକ କୁସୁନୁ ଗିଲୁଆ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡରୀ, ବୁଦ୍ଧିରାମ ପୂର୍ତ୍ତି, ରାମାୟେ ପୂର୍ତ୍ତି, ଜିରୁଙ୍ଗ ବଦରା, ଜୁରେ ପୂର୍ତ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ତେବେ ସମସ୍ତ ଦାବି ୩ ସପ୍ତାହ ମଧ୍ୟରେ ପୂରଣ ନହେଲେ ସେପ୍ଟେମ୍ବର ତୃତୀୟ ସପ୍ତାହରେ ବିଧାନସଭା ଘେରାଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଗୋଇପାଇ ପ୍ରକାଶ କରିଛନ୍ତି।

# ଦିବଂଗତ ଅଙ୍ଗଦାତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା



ଯାଁଳା/ ଭୁବନେଶ୍ୱର, ୯।୯(ସମିସ): ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଚନ୍ଦକା ଥାନା ଛତାବର ଆଦିବାସୀ ସାହିର ହୁଲ୍ଲାସ ଦିହୁଡି (୫୨)। କିନ୍ତୁ ମୃତ୍ୟୁ ପରେ ହୁଲ୍ଲାସ ତାଙ୍କ ଅଙ୍ଗ ଦାନ କରି ଅମର ହୋଇଯାଇଛନ୍ତି। ବ୍ରେନ ଡେଡ୍ ପରେ ତାଙ୍କ ଯକୃତକୁ ବାହାର କରାଯାଇ ଅନ୍ୟ ଏକ ରୋଗିଙ୍କ ଦେହରେ ଲଗାଯିବା ପାଇଁ ପଠାଇଦିଆଯାଇଛି। ଆଜି ତାଙ୍କ ମର ଶରୀର ଛତାବର ଗ୍ରାମକୁ ଆସିଥିଲା। ଗାଁ ମଶାଣିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୁଲ୍ଲାସଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କ ତିନି ପୁଅ ଓ ବୋହୁମାନେ ଉପସ୍ଥିତ ଥିଲେ। ହୁଲ୍ଲାସଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଥାଉକି ହୁଲ୍ଲାସ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଭାବେ କାମ କରୁଥିଲେ। ଗତ ୨୩ ତାରିଖ ଦିନ ଛତାବର ବଜାରରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଗଷ୍ଟ ୩୧ ତାରିଖରେ ତାଙ୍କୁ ସମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତକାଲି ତାଙ୍କ ବ୍ରେନ ଡେଡ୍ ହେବା ପୂର୍ବରୁ ସମ ଡାକ୍ତରଖାନାର ଡାକ୍ତର ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଅଙ୍ଗଦାନ କରିବା କଥା ତାଙ୍କ ପୁଅ ମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅଙ୍ଗଦାନ ପ୍ରସ୍ତାବରେ ପୁଅ ମାନେ ରାଜି ହୋଇଥିଲେ। ହୁଲ୍ଲାସଙ୍କ ବ୍ରେନ ଡେଡ୍ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଷ୍ଟେଟ ଅର୍ଗାନ ଆଣ୍ଡ ଟିସୁ, ନ୍ୟାସନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ସହଯୋଗରେ ଅଙ୍ଗ ବାହାର କରି ପ୍ରତ୍ୟାରୋପଣ ପ୍ରକ୍ରିୟାର ପ୍ରସ୍ତୁତ କରିଥିଲେ। ମୃତ ହୁଲ୍ଲାସଙ୍କ ପୁଅ ମାନଙ୍କ କହିବା କଥା ଆମ ବାପା ଅଙ୍ଗଦାନ କରି ଅମର ହୋଇଗଲେ। ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ ସହ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ତାଙ୍କ ଶେଷକୃତ୍ୟ ସମୟରେ ସାମିଲ ହୋଇଥିଲେ। ଅପରପକ୍ଷେ ମଙ୍ଗଳବାର ହସ୍ପିଟାଲ ପକ୍ଷରୁ ହୁଲ୍ଲାସଙ୍କ ମୃତ ଶରୀରକୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ ସମ୍ ହସ୍ପିଟାଲ୍ ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଜ୍ୟୋର୍ତିମୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍ଯାପିତ

# ଶେଷ ସନ୍ଧ୍ୟା: ଓଡ଼ିଶୀ ନୃତ୍ୟରେ 'ଦୁର୍ଯ୍ୟୋଧନ'

ଭୁବନେଶ୍ୱର, ୯।୯(ସମିସ): ସୃଜନ ଅନୁଷ୍ଠାନ ଦ୍ୱାରା ଓଡିଶୀ ଦଳଗତ ନୃତ୍ୟାଭିନୟ 'ଦୁର୍ଯ୍ୟୋଧନ' ସନ୍ଧ୍ୟାର ବିଶେଷ ଆକର୍ଷଣ ସାଜିଥିଲା। ଏହି ମର୍ମସ୍ପର୍ଶୀ ଉପସ୍ଥାପନାରେ, ଦୁର୍ଯ୍ୟୋଧନଙ୍କୁ ଖଳନାୟକ ଭାବରେ ନୁହେଁ, ବରଂ ଏକ ଦୁଃଖଦ ନାୟକ ଭାବରେ ଚିତ୍ରଣ କରାଯାଇଥିଲା ଯାହାଙ୍କ ମହାନ ଗୁଣ - ଦାନଶୀଳତା, ସାହସ ଏବଂ ଭକ୍ତି ଶେଷରେ ଏକ ପ୍ରଚଣ୍ଡ ଅହଂକାର ଦ୍ୱାରା ଆଚ୍ଛାଦିତ ହୋଇଥିଲା, ଯାହା ତାଙ୍କ ବିନାଶର କାରଣ ଥିଲା। ଏହିପରି ଦୁର୍ଯ୍ୟୋଧନ ଚରିତ୍ରର ଜୀବନ ଏବଂ ମୃତ୍ୟୁକୁ ବର୍ଣ୍ଣନା କରଯାଇଥିଲା ଓଡିଶୀ ନୃତ୍ୟ ମାଧ୍ୟମରେ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଲିପି ସହ ଡ. ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହା ପ୍ରସ୍ତୁତ କରାଯାଇଥିଲା।



ମଙ୍ଗଳବାର ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଉଦ୍ଯାପନୀ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପରେ ଉଦ୍ଯାପିତ ହୋଇଯାଇଛି। ଉତ୍ସବର ଅତିଥି ଭାବେ ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦ, ଏମଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଚଳିତ ବର୍ଷ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ, ନୃତ୍ୟ ନିର୍ଦ୍ଦେଶିକା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଧବୀ ମୁଦଗଲ ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ଏବଂ ସଙ୍ଗୀତ ପ୍ରଶିକ୍ଷକ ଅଲେଖ ଚନ୍ଦ୍ର ସାମଲଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପ୍ରଦାନ ହୋଇଥିବାବେଳେ ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରର ୪୦ ବର୍ଷରୁ କମ୍ ବୟସର ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ପାଇଁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ଏବଂ ଚଳିତ ବର୍ଷ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ ଏବଂ ନାଟ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ରୋଟାରୀ କନ୍‌ଫ୍ଲୁଏନ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର/ଯାଁଳା, ୯।୯(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ଏସଆଇଡିବିଆଇ ବ୍ୟାଙ୍କ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ରୋଟାରୀଆନ ଡା. ଲଳିତ କୁମାର ବେହେରା, ଡ. ବିଷ୍ଣୁ ଚରଣ ସାହୁ, ନିଳାଚଳ ପ୍ରଧାନ, ବିଜୟ କୁମାର ସାମଲ, ପ୍ରିତ୍ କୁମାର ଦାସ, ସରୋଜ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି କରିଥିଲେ। ଏଥିରେ ୫୦ରୁ ଅଧିକ ରୋଟାରିଆନ ଅଂଶ ଗ୍ରହଣ କରିଥିଲେ। କ୍ଲବ୍ ତରଫରୁ ସମ୍ପାଦକ ପ୍ରଣତ୍ କିଶୋର ଜେନା ଧନ୍ୟବାଦ ଦେଇଥିଲେ।

## 'ଲହରୀ' ଦେଖିଲେ ଗଣମାଧ୍ୟମ ପ୍ରତିନିଧି



ଭୁବନେଶ୍ୱର, ୯।୯(ସମିସ): ଚଳିତ ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'। ମୁକ୍ତିଲାଭ ପୂର୍ବରୁ କଳ୍ପନା କନିକା ଗ୍ୟାଲେରିଆ ମଲ୍ ସ୍ଥିତ ପିଭିଆର ସିନେମାରେ ଏହାର ଏକ ସ୍ୱତନ୍ତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କେବଳ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସିନେମା ଦେଖିଥିଲେ। ତେବେ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ 'ଲହରୀ' ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ସିନେମାରେ ଏଥିରେ ମାଟିର କଥା, ସଂସ୍କୃତି ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥାକୁ ଦର୍ଶାଯାଇଥିବା ବେଳେ ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ଦ୍ଦେ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଯୋଜନା କରିଛନ୍ତି ଚଳଚ୍ଚିତ୍ର ନିର୍ମାତା ଝିଲିକ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ଅଭିନେତା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଥିବାବେଳେ ବାବୁସାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

## କ୍ୟାପିଟାଲ୍ ହସ୍ପିଟାଲ୍ ମାଆ ଓ ଶିଶୁ ଚିକିତ୍ସାଳୟ

# ୱାଟର୍ ପ୍ୟୁରିଫାୟର୍ ଅଚଳ

ଭୁବନେଶ୍ୱର, ୯।୯(ସମିସ): ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ଉପରେ କେବଳ ଭୁବନେଶ୍ୱରବାସୀ ନୁହେଁ। ବରଂ ଆଖପାଖ ଅଞ୍ଚଳ ସମେତ ଅନ୍ୟ ଜିଲ୍ଲାରୁ ପ୍ରତ୍ୟେକ ଦିନ ହଜାର ହଜାର ରୋଗୀ ଏହି ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସୁଛନ୍ତି। ରୋଗୀଙ୍କ ସହ ସେମାନଙ୍କ ସମ୍ପର୍କୀୟମାନେ ବି ଏଠାକୁ ଆସୁଛନ୍ତି। ହେଲେ ଖୋଦ୍ ରାଜଧାନୀର ପ୍ରମୁଖ ଚିକିତ୍ସାଳୟରେ ଏକ ପ୍ରମୁଖ ବିଭାଗରେ ପିଇବା ପାଣିର ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ପିଇବା ପାଣିକୁ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ। ଏହି ସମସ୍ୟା କ୍ୟାପିଟାଲ ହସ୍ପିଟାଲର ୧୦୦ ଶଯ୍ୟା ବିଶିଷ୍ଟ ମାଆ ଓ ଶିଶୁ ଚିକିତ୍ସାଳୟର ସ୍ୱତନ୍ତ୍ର ବ୍ଲକରେ ଦେଖିବାକୁ ମିଳିଛି।




■ ପାନୀୟ ଜଳ ପାଇଁ ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ

ଏହି ହସ୍ପିଟାଲକୁ ପ୍ରତିଦିନ ଆଖପାଖ ଅଞ୍ଚଳରୁ ଚିକିତ୍ସା ପାଇଁ ଲୋକ ଆସୁଛନ୍ତି। ସେଥିରେ ମାଆ ଓ ଶିଶୁ ଚିକିତ୍ସାଳୟ ବିଭାଗକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। ଏହି ସ୍ୱତନ୍ତ୍ର ବିଲ୍ଡିଂଟି ୧୦୦ ଶଯ୍ୟା ବିଶିଷ୍ଟ। ଯାହା ୨୦୧୪ ମସିହାରେ ମାତୃ ଏବଂ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହାର କ୍ଷମତା ବୃଦ୍ଧି କରିଥିଲା। ସେଥିପାଇଁ ମା ଓ ଶିଶୁଙ୍କ ଆବଶ୍ୟକ ସମସ୍ତ ସେବା ମଧ୍ୟ ଉପଲବ୍ଧ ହେଉଥିଲା। ହେଲେ ଗତ କିଛିଦିନ ମଧ୍ୟରେ ଏଠାରେ ପିଇବା ପାଣିର ସମସ୍ୟା ଦେଖିବାକୁ ମିଳୁଛି। ସେହି ବ୍ଲକର ପ୍ରତି ମହଲାରେ ପିଇବା ପାଣିଠୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ହେଲେ ପିଇବା ପାଣି ପାଇଁ ଯେଉଁ ୱାଟର ପ୍ୟୁରିଫାୟର ଲାଗିଛି, ସେଥିମଧ୍ୟରୁ ଅଧିକାଂଶ ଅଚଳ ଅବସ୍ଥାରେ ପରିଲକ୍ଷିତ ହେଉଛି। ସେଠାରେ ଲାଗିଥିବା ଏହି ୱାଟର ପ୍ୟୁରିଫାୟରରୁ ସାଧାରଣତଃ ଥଣ୍ଡା, ଗରମ ଏବଂ ନର୍ମାଲ ପାଣି ନେବାର ବ୍ୟବସ୍ଥା ଥିଲା। ଫଳରେ ରୋଗୀ ବା ତାଙ୍କ ସମ୍ପର୍କୀୟଙ୍କ ଆବଶ୍ୟକତା ମୁତାବକ ଗରମ କି ଥଣ୍ଡା ପାଣି ନେଇଥାନ୍ତି। ହେଲେ ଏବେ ସେଥିରୁ ଅଧିକାଂଶ ଅଚଳ ତ ଆଉ କେଉଁଠି ଗରମ ଏବଂ ଥଣ୍ଡା ପାଣି ଆସୁ ନ ଥିବା ଅଭିଯୋଗ ହେଉଛି। ସେହିଭଳି ରାତିରେ ଅନେକ ସମୟରେ ସେଥିରୁ ପାଣି ସରିଯାଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ମତ ଦେଇଛନ୍ତି।

ଏନେଇ ସଠାରେ ଭର୍ତ୍ତି ହୋଇଥିବା ଆଉ କେତେକ ରୋଗୀଙ୍କ ପରିବାର ଲୋକ କୁହନ୍ତି, ଅନେକ ସମୟରେ ଏଠାରେ ପାଣି ପାଇଁ ଲମ୍ବା ଧାଡି ଲାଗୁଛି ହେଲେ ଅଧାରୁ ପାଣି ସରିଯାଉଥିବା ବେଳେ ପାଣି ପାଇଁ ଅନ୍ୟ ମହଲାକୁ ଗଲେ ସେଠାରେ ୱାଟର ପ୍ୟୁରିଫାୟର ଅଚଳ ଦେଖିବାକୁ ମିଳୁଛି। ପ୍ରତି ରୋଗୀଙ୍କ ସହ ତାଙ୍କ ସମ୍ପର୍କୀୟ କିମ୍ବା ପରିବାର ଲୋକ ଆସୁଛନ୍ତି। ଯଦି ସେମାନଙ୍କ ପାଇଁ ପାଣି ଭଳି ଆବଶ୍ୟକୀୟ ସୁବିଧା



ନଥିବ ତେବେ ରାଜଧାନୀର ମୁଖ୍ୟ ଚିକିତ୍ସାଳୟକୁ ଲୋକ କାହିଁକି ଆସିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମଧ୍ୟ ସେ କହିଥିଲେ। ଯଦି ରାଜ୍ୟ ରାଜଧାନୀର ପ୍ରମୁଖ ଡାକ୍ତରଖାନାର ଏ ପ୍ରକାରର ଅବସ୍ଥା ତେବେ ଅନ୍ୟ ସ୍ଥାନର ଅବସ୍ଥା ଆକଳନ କରିବା କାଠିକର ପାଠ।

### ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

# ୬୪ ମାମଲା ବିଚାରାଧୀନ; ଖାଉଟି ହନ୍ତସନ୍ତ

ବାରିପଦା, ୯ ।୯ (ସମିସ): ଆସନ୍ତା ୨୨ତାରିଖରୁ ନୂତନ ଜିସଟି ସ୍ଲାବ କାର୍ଯ୍ୟକାରୀ ହେବାକୁ ଥିବାବେଳେ ପ୍ରତ୍ୟେକ ସାମଗ୍ରୀର ଦରଦାମ ହ୍ରାସ ପାଇବ। ଏହି ସମୟରେ ଖାଉଟିଙ୍କ ଅଭିଯୋଗ ଅଧିକ ଆସିବାକୁ ଥିବା ବେଳେ ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟର ଅଧିକାରୀ/ କର୍ମଚାରୀ ଅଭାବ ଓ ଅଜଡା ଭିତ୍ତିଭୂମି ଯୋଗୁଁ

## ■ ରାଜ୍ୟରେ ୩୧ ସଭାପତିଙ୍କ ସ୍ଥାନରେ ଅଛନ୍ତି ୧୮

ମାମଲାର ସମାଧାନ ହେବାରେ ବିଳମ୍ବ ଘଟୁଛି। ଏଭଳି ପରିସ୍ଥିତି ରାଜ୍ୟସାରା ଲାଗିରହିଛି। ରାଜ୍ୟର ୩୦ଟି ଜିଲ୍ଲା ମୁଖ୍ୟାଳୟ ସମେତ ରାଉରକେଲା କାର୍ଯ୍ୟାଳୟକୁ ମିଶାଇ ୩୧ଟି ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ପାଇଁ ୩୧ଜଣ ସଭାପତିଙ୍କ ସ୍ଥାନରେ ଏବେ ୧୮ ଜଣ ରହିଥିବାବେଳେ ୬୨ଜଣ ସଦସ୍ୟଙ୍କ ସ୍ଥାନରେ ୧୭ ଜଣ କାର୍ଯ୍ୟ କରୁଛନ୍ତି। ଫଳରେ ଖାଉଟି ବିବାଦ ସମାଧାନ ବିଳମ୍ବିତ ହେଉଛି। ଜିଲ୍ଲାରେ ୧୯୯୦ରୁ ପ୍ରତିଷ୍ଠା ହୋଇଥିବା କାର୍ଯ୍ୟାଳୟର



ଏଭଳି ଦୂରାବସ୍ଥା ପାଇଁ ଖାଉଟି ନ୍ୟାୟ ପାଇଁ ହନ୍ତସନ୍ତ ହେଉଛନ୍ତି। ଗତ ୨୦୦୬ରେ ନୂତନ କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ୧୯ ବର୍ଷ ପରେ ବି ଉପର ମହଲା ଶେଷ ହୋଇନି। କେବଳ ତଳମହଲାର ସୀମିତ କୋଠରୀରେ ଆୟୋଗ, ସଦସ୍ୟ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସଦସ୍ୟ ଓ ଷ୍ଟେନୋଗ୍ରାଫରଙ୍କ ସ୍ୱତନ୍ତ୍ର କୋଠରୀ ନଥିବା ବେଳେ ଲାଇବ୍ରେରୀ ଓ ମେଡିଟିଏସନ ସେଲ୍ଫ ଗୃହ ନାହିଁ। ସେହିପରି କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନ ଥିବାରୁ ଖରାଦିନେ କାମ କରିବା ବହୁ କଷ୍ଟକର ହେଉଛି। ୧୯୯୦ମସିହାରୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟାଳରେ ୩ ହଜାର ୧୩୭ଟି ମାମଲାର ଶୁଣାଣି ହୋଇ ଆବେଦନକାରୀ ଖାଉଟି ଉପକୃତ ହୋଇଛନ୍ତି। ତେବେ ଅଧିକାରୀ ଓ କର୍ମଚାରୀ ଅଭାବ ପାଇଁ ଶତପ୍ରତିଶତ ସଫଳତା ପାଉନାହାନ୍ତି ଖାଉଟି। ଏବେ ମଧ୍ୟ ୬୪ଟି ମାମଲା ବିଚାରାଧୀନ ରହିଛି। ତେବେ ଗତ ୫ବର୍ଷକୁ ତର୍ଜମା କଲେ ୨୦୨୦ରେ ୪୦ଟି ମାମଲାର ଶୁଣାଣି ହୋଇଥିବା ବେଳେ ୨୦୨୧ରେ ୨୭, ୨୦୨୨ରେ ୩୮, ୨୦୨୩ରେ ୬୧ ଓ ୨୦୨୪ରେ ୭୮ଟି ମାମଲାର ଶୁଣାଣି ହୋଇଛି। ସେହିପରି ୨୦୨୫ ମସିହାର ଆଜି ସୁଦ୍ଧା ୨୧ଟି ମାମଲାର ଶୁଣାଣି ହୋଇଛି ବୋଲି ଜଣାପଡ଼ିଛି। ସଭାପତି ପଦବୀ ଖାଲି ଥିବାବେଳେ କେନ୍ଦୁଝରର କାର୍ଯ୍ୟାଳୟର ସଭାପତି ବିରଞ୍ଚି ନାରାୟଣ ପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ସେ ସପ୍ତାହକୁ ୩ଦିନ ପାଳିକରି କାର୍ଯ୍ୟାଳୟ ଆସୁଛନ୍ତି। ସେହିପରି ୨ଟି ସଦସ୍ୟ ପଦବୀରୁ ଜୀବନ ଶଙ୍କର ବେହେରା ଏକ ମାତ୍ର ସଦସ୍ୟ ଥିବାବେଳେ ତାଙ୍କୁ ବାଲେଶ୍ୱର ଓ କେନ୍ଦୁଝରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଜଣେ ବରିଷ୍ଠ ସହାୟକ, ଜଣେ କନିଷ୍ଠ ସହାୟକ, ଜଣେ କନିଷ୍ଠ ଷ୍ଟେନୋଗ୍ରାଫର, ୨ଜଣ ପିଅନ ପଦ ମଧ୍ୟ ଖାଲି ରହିଛି।

## ୩ ଦିନ ମଧ୍ୟରେ ଋଣ ନ ମିଳିଲେ ରାସ୍ତାରୋକ



କପ୍ତିପଦା, ୯।୯ (ସମିସ): ନୂଆସାହି ଶାଳଚୁଆ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ)ରେ ଶରତ ଅଞ୍ଚଳରୁ କିଛି ଚାଷୀ ଋଣ ପାଇଁ ଆବେଦନ କରିଥିଲେ। ତେବେ ଆଜିକାଲି କହି ଗତ ମେ ମାସଠାରୁ ଏ ପର୍ଯ୍ୟନ୍ତ ଋଣ ମିଳିଲାନି। ଋଣ ପାଇଁ ଚାଷୀମାନେ ବାରମ୍ବାର ଦୌଡ଼ି ଦୌଡ଼ି ଚପଲ ଛିଣ୍ଡିବା ସାର ହୋଇଛି। ଚାଷ କରିବା ପାଇଁ ଚାଷୀଙ୍କୁ ସ୍ୱଳ୍ପ ସୁଧରେ ଚାଷଋଣ ଯୋଗାଇ ଦେବାକୁ ସରକାର ଡିଣ୍ଡିମ ପିଟୁ ଥିବାବେଳେ ଚାଷୀ ଦୌଡି ଦୌଡି ନୟାନ୍ତ ହେବାସହ ଗାଁ ମହାଜନଠାରୁ ଅଧିକ ସୁଧରେ ଟଙ୍କା କରଜ କରିବାକୁ ବାଧ ହେଉଛି। କିଛି ମୁନାଫା ଖୋର କର୍ମଚାରୀ ନିଜ ଫାଇଦାରେ ରହିଥିବା ବେଳେ ଅଧିକାଂଶ ଚାଷୀ ଆତ୍ମହତ୍ୟା ଭଳି ଅପରାଧ କରିବାକୁ ବାଧ ହେଉଛନ୍ତି। ଶରତ, ଦେବାନବାହାଳି ଲାବଣ୍ୟଦେଈପୁରର ଚାଷୀ ଏକ ଲିଖିତ ଅଭିଯୋଗ କରି ଏମ୍‌ଡିଙ୍କୁ ଚେତାବନୀ ଦେଇଛନ୍ତି। ଆଗାମୀ ୩ଦିନ ଭିତରେ ଯଦି ଚାଷୀଙ୍କୁ ଋଣ ନ ମିଳେ ତେବେ ଶରତ-କପ୍ତିପଦା ରାସ୍ତା ଅବରୋଧ କରିବେ ବୋଲି ଚାଷୀ ଜଗଦୀଶ ମୁର୍ମୁ, ମଦନ ମାରାଣ୍ଡି, ସୁନାରାମ ମୁର୍ମୁ, ଶ୍ୟାମସୁନ୍ଦର ମାରାଣ୍ଡି, ଯଶିକେଶ ମାରଣ୍ଡି, ବାଜିରାମ ଟିୟୁ, ଶାନ୍ଦିର ସିଂ, କାହ୍ନୁ ମୁର୍ମୁ, ଶାନ୍ତନୁ ଟିୟୁ ଲୁଥୁ ମାରଣ୍ଡି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପୂଜ୍ୟପୂଜା ସଂସଦ ପକ୍ଷରୁ ନିରଞ୍ଜନ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି



ରାଇରଙ୍ଗପୁର, ୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କ ପିତା ନିରଞ୍ଜନ ପାଣିଙ୍କ ଗ୍ରାମ ବାଲିକୁଦା ବ୍ଲକ ବାହାରଣା ଗ୍ରାମରେ ପରଲୋକ ହୋଇଯାଇଛି। ତାଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ସଂସଦର ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୋପାଳ ଚନ୍ଦ୍ର ରାଉତ ସ୍ୱର୍ଗତ ପାଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଏକ ମେଳାପୀ, ପରୋପକାରୀ, ସଂସ୍କୃତିପ୍ରେମୀ ଭାବେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦର କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତି, ଉପସଭାପତି ପବିତ୍ର ମୋହନ ସାହୁ, ବାମନ ଚାରଣ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ରମାକାନ୍ତ ବାରିକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଓ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମାଜସେବୀ ଶିବବ୍ରତ ଦାସ, ସରପଞ୍ଚ ମାନସ ରଞ୍ଜନ ପରିଡ଼ା, ସମିତି ସଭ୍ୟ ରାଜଶ୍ରୀ ମହାନ୍ତି, ସମାଜସେବୀ ସତ୍ୟସାରଥି ମହାନ୍ତି, ସମରେନ୍ଦ୍ର ମହାପାତ୍ର, ବାଲିକୁଦା ସରପଞ୍ଚ ରାଜ କିଶୋର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ଶେଷରେ ପାଣି ପରିବାର ପକ୍ଷରୁ ପୂଜ୍ୟ ପୂଜା ସଂସଦର କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୂର୍ବତନ ବ୍ଲକ କଂଗ୍ରେସ ସଭାପତିଙ୍କ ସ୍ମୃତିସଭା



ବଡସାହି, ୯।୯ (ସମିସ): ବଡସାହି ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଗୁଣନିଧି ମହାନ୍ତି କିଛି ଦିନ ତଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ବିୟୋଗରେ ଦଳ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ପ୍ରକାଶ କର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଲା, ଜିଲ୍ଲା ପର୍ଯ୍ୟବେକ୍ଷକ ଅରବିନ୍ଦ ଦାସ, ବିଧାୟକ ପ୍ରାର୍ଥୀ କ୍ଷିରୋଦ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ଶଶାଙ୍କଶେଖର କର, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି, ପୂର୍ବତନ ବ୍ଲକ ଅଧକ୍ଷ୍ୟ ମନୋରଞ୍ଜନ ବଳା, ସୁମନ୍ତ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସେ ଜଣେ ଦୃଢ଼ ସଂଗଠକ ଥିଲେ।

## ଆନ୍ତର୍ଜାତିକ ଅଲିମ୍ପିଆଡ଼ଙ୍କୁ ପୁରସ୍କାର ପ୍ରଦାନ

ମୋରଡ଼ା, ୯।୯ (ସମିସ): ମୋରଡ଼ା ବ୍ଲକ ଚିତ୍ରଡା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ଆନ୍ତର୍ଜାତିକ ଅଲିମ୍ପିଆଡ଼ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପୁରସ୍କାର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଡ଼ାଇରେକ୍ଟର ସଞ୍ଜୟ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହିଦ ମେମୋରିଆଲ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ୟୁ.ବି.ଏସ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର ଯୋଗ ଦେଇଥିଲେ। ଆଇ.ଟି ଓ ଟି.ଟି.ଓ ପରୀକ୍ଷାରେ ସଫଳତା ସହ କୃତିତ୍ୱ ଅର୍ଜନ କରିଥିବା ଦ୍ୱିତୀୟ ଶ୍ରେଣୀର ଛାତ୍ର ପ୍ରତ୍ୟୁଷ ବେହେରାଙ୍କୁ ସ୍ୱର୍ଣ୍ଣପଦକ ସହିତ ୧୨ଶହ ଟଙ୍କାର ଏକ ଚେକ ପ୍ରଦାନ କରାଯାଇଥିଲା। ପରୀକ୍ଷାରେ ୬୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ହିନ୍ଦୀ ଦିବସ ସମାରୋହ ଉଦ୍‌ଘାଟିତ

## ଏକଲବ୍ୟ ମଡେଲ ସ୍କୁଲ, ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବିବିଧ କାର୍ଯ୍ୟକ୍ରମ

ବାରିପଦା, ୯।୯ (ସମିସ): ହିନ୍ଦୀ ଦିବସ ପକ୍ଷ ପାଳନ ଅବସରରେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ବାରିପଦା ପକ୍ଷରୁ ହିନ୍ଦୀ ଦିବସ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଟିକରପଡ଼ା ଏକଲବ୍ୟ ମଡେଲ ସ୍କୁଲ ପରିସରରେ ବୃକ୍ଷ ରୋପଣ ସହିତ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାସ ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବକୁ ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଅମିତ କୁମାର ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ଶ୍ୟାମସୁନ୍ଦର ଦାସ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ଜେନା, ମଞ୍ଜୁଲୀ ଦେ, ପ୍ରେମଲତା ବାରିକ୍, ସମାଜସେବୀ ତାରାମଣି ମହାପାତ୍ର ଓ ମୋତିଲାଲ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଅବଗତ କରିବା ସହିତ ଶିମିଳିପାଳର ଜୈବବିଧତା ଓ ପ୍ରାକୃତିକ ସମ୍ଭାର କିଭଳି ଜନଜୀବନକୁ ପରିପୁଷ୍ଟ କରିଛି ସେ ନେଇ ଆଲୋଚନା କରିଥିଲେ। ସେହିପରି ମୁର୍ଗାବାଡି ସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତି ଆନୁକୂଲ୍ୟରେ 'ଶିମିଳିପାଳ ହାମାରୀ ଜୀବନ ରେଖା' ଶୀର୍ଷକରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ କମଳ ଲୋଚନ ମହାକୁଡ, ଶମ୍ଭୁନାଥ ପାଣି, ଯୋଗେନ୍ଦ୍ର ନାଥ ଶତପଥୀ, ଜ୍ୟୋତ୍ସ୍ନା ଜେନା, ପୂର୍ଣ୍ଣିମା ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୦ଜଣ ଅଂଶଗ୍ରହଣ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ, ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ, ସୂର୍ଯ୍ୟେନ୍ଦୁ ଦାଶ, ସଞ୍ଜୀବ କୁମାର ପାତ୍ର, ଦିଲ୍ଲୀପ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସମିତି ପକ୍ଷରୁ ବର୍ତ୍ତମାନ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଏହି ପକ୍ଷ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆସନ୍ତା ୧୬ ତାରିଖରେ ଉଦ୍‌ଯାପିତ ହେବ।




## ଉସୁ ଅସ୍ମିତା ଖେଲୋ ଇଣ୍ଡିଆ ଉମେନ ସିଟି ଲିଗ୍ ଉଦ୍‌ଯାପିତ

ବାରିପଦା, ୯ ।୯ (ସମିସ): ବାରିପଦା ଡିଗ୍ରୀ କଲେଜ ଆନୁକୂଲ୍ୟରେ ଚାଲିଥିବା ଉସୁ ଅସ୍ମିତା ଖେଲୋ ଇଣ୍ଡିଆ ଉମେନ ସିଟି ଲିଗ-୨୦୨୫ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥିଭାବେ ଭଞ୍ଜପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରବୋଧ କୁମାର ଦେଓ, ଉସୁ ଓଡ଼ିଶା ସଂଘର ଚେୟାର୍‌ମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସିଇଓ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ଉସୁ ସଂଘର ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। କେଉଁଝର ଜିଲ୍ଲାର ଖେଳାଳି ୧୫ଟି ସ୍ୱର୍ଣ୍ଣ ପଦକ ସହିତ ୨ଟି ରୌପ୍ୟ ପଦକ ହାସଲ କରି ଦଳଗତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଖେଳାଳି ୮ଟି ସ୍ୱର୍ଣ୍ଣ ସହ ୩ଟି ରୌପ୍ୟ ପଦକ ହାସଲ କରି ଦ୍ୱତୀୟ ସ୍ଥାନ ଓ ମୟୂରଭଞ୍ଜ ଜିଲ୍ଲା ୩ଟି ସ୍ୱର୍ଣ୍ଣ ୮ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଗକୁ ଆହୁରି ଭଲ ପ୍ରଦର୍ଶନ ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ଅଧିକାର ପାଇଁ ମୁଖ୍ୟଅତିଥି କରିବାକୁ ଉତ୍ସାହିତ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଉସୁ ସଂଘର ଚେୟାରମ୍ୟାନ ସୁଧାଂଶୁଶେଖର ହରିଚନ୍ଦନ ମୁଖ୍ୟଅତିଥି ଏବଂ ଉସୁ ଓଡ଼ିଶା ସଂଘର ସିଇଓ ପ୍ରଦ୍ୟୁମ୍ନ ବେହେରା ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଉଦ୍‌ଘାଟନ ଦିବସରେ ୧୫୦ ଜଣ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ।




## କଂଗ୍ରେସ ପକ୍ଷରୁ କୃଷକ ସମାବେଶ



ସାନକେରକୋ, ୯ ।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କିଷାନ ମୋର୍ଚ୍ଚା ସଭାପତି ଦୀପକ ଦାଶଙ୍କ ନେତୃତ୍ୱରେ ବଡସାହି ବ୍ଲକ ସାନକେରକୋ କଳାମନ୍ଦିର ପ୍ଲାଜାଠାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଡବଲ ଇଂଜିନ ସରକାରଙ୍କ କୃଷକ ବିରୋଧୀ ନୀତିକୁ ତୀବ୍ର ବିରୋଧ କରିଥିଲେ। ଏହି ସମାବେଶରେ ଜିଲ୍ଲା କଂଗ୍ରେସର ସଂଯୋଜକ ଅରବିନ୍ଦ ଦାସ ଯୋଗଦେଇ ଜିଲ୍ଲା କୃଷକଙ୍କ ପାଇଁ ଦଳ ଲଢ଼େଇ କରିବ ବୋଲି କହିଥିଲେ। ସେହିପରି ସଂଗଠନ ସୃଜନ କାର୍ଯ୍ୟକ୍ରମର ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ତଥା ଅଖିଳ ଭାରତୀୟ କୃଷକ ସେଲର ଉପସଭାପତି ଅଖିଳେଶ ଶୁକ୍ଲା ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୃଷକଙ୍କ ସ୍ୱାର୍ଥ ପାଇଁ ଦଳ ଲଢେଇ କରିବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଓଡ଼ିଶା ରାଜ୍ୟ କିଷାନ ମୋର୍ଚ୍ଚା ସଭାପତି ଅଭୟ ସାହୁ, ପୂର୍ବତନ ସାଂସଦ ସୁଶୀଳା ତିରିଆ, ରାଜ୍ୟ ବାଣିଜ୍ୟ ସେଲ ସଭାପତି ଯୋଗେଶ ଅଗ୍ରୱାଲ, ପ୍ରଭାରୀ ନଳିନୀ କାନ୍ତ ମହାନ୍ତି ଯୋଗ ଦେଇ ବିଭିନ୍ନ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ନିରୋଜ ଲୋଚନ ଦାସ, ପ୍ରଭାସକର ମହାପାତ୍ର, ଦୁର୍ଗା ଟୁଡୁ, ମୁରଲୀ ଧର, ପ୍ରମୋଦ ହେମ୍ବ୍ରମ, ପୂର୍ଣ୍ଣ ବିଶ୍ୱାଳ, ଜ୍ୟୋତି ପ୍ରକାଶ ରଥ, ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

## ବିଜିପୁରରେ ଯୋଗ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର



ମାଣତ୍ରୀ/ବଡ଼ସାହି, ୯।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତ ବିଜିପୁର ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ତ୍ରୈମାସିକ କାର୍ଯ୍ୟକ୍ରମ ନିମନ୍ତେ ରବିବାର ଏକ ଯୋଗ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୬ଟାରେ ଯୋଗ ଶିକ୍ଷୟିତ୍ରୀ ସୁଜିତା ମହାନ୍ତି ଓ ଯୋଗ ଶିକ୍ଷକ ଦୀପକ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୩ରୁ ଅଧିକ ଯୋଗ ପ୍ରେମୀ ଅଂଶଗ୍ରହଣ କରିଥିଲେ। ଏହାପରେ ମାତୃ ମଣ୍ଡପ ତଥା ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଫଟୋଚିତ୍ରରେ ଫୁଲ ଚନ୍ଦନ ଓ ଧୂପ ଦେଇ ସୁସଜିତ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଦିବା ଅଧିବେଶନ ଆରମ୍ଭ ହୋଇଥିଲା। ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମାତୃବନ୍ଦନା କରାଯାଇଥିଲା। ଏହାପରେ ମା'ଙ୍କର ବୀଣାବାଦରୁ ଧ୍ୟାନ ପ୍ରାର୍ଥନା, ଦୁର୍ଗା ସ୍ତୋତ୍ର ଆବୃତ୍ତି, ସାମୂହିକ ସଙ୍ଗୀତ ଗାନ ଓ ମା' ପୁସ୍ତକର ଷଷ୍ଠ ଅଧ୍ୟାୟ ପାଠ କରାଯାଇଥିଲା। ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀପ ଭାଇ ଓ ପଲ୍ଲବତରୁ ଭାଇଙ୍କ ପକ୍ଷରୁ ମାର୍ଗଦର୍ଶନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ବାରିପଦା, ବାଲେଶ୍ୱର, ବୈଶିଙ୍ଗା, କପ୍ତିପଦା, ଶିଙ୍ଗିଟିଆ, ପଟୁଆ ପାଠଚକ୍ର କେନ୍ଦ୍ରରୁ ଦିବ୍ୟ ପ୍ରେମୀମାନେ ଉପସ୍ଥିତ ଥିଲେ। ସେହିପରି ମାନଗୋବିନ୍ଦପୁର, ବିଜିପୁର, ଶାଆଁଳପୁର, ମେର୍ଦା ନୂଆଗାଁ, ମିରିଗିଦାରୀ ଓ ଆଡିଆସାହିରୁ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ପ୍ରସାଦ ସେବନ ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

# ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ




ରାସଗୋବିନ୍ଦପୁର, ୯।୯ (ସମିସ): ରାସଗୋବିନ୍ଦପୁର ତହସିଲ ଅଧୀନ ବାଁଶୁଳି ମୌଜାର ଏକ ଉଗେର ସମ୍ପତ୍ତିର ଭାଗବଣ୍ଟା କରିବାକୁ ଜଣେ ଓକିଲ ମିଛ ମକଦ୍ଦମା ଲଗାଇ ହଇରାଣ ହରକତ କରୁଥିବା ପ୍ରତିବାଦ ଜଣାଇ ଗ୍ରାମର ସଞ୍ଜୀବ କୁମାର ବାରିକ ଆମରଣ ଅନଶନରେ ବସିଥିଲେ। ଗତ ୨୦୦୦ ମସିହାରେ ବାଲେଶ୍ୱର କୋର୍ଟରେ ଉମାଶଙ୍କର ବାରିକ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିଲେ। ତେବେ ବାଁଶୁଳି ମୌଜାର ଖାତା ନଂ ୩୦ରେ ଥିବା ୧୨ଏକର ଜମି, ଯାହା ୫ ଭାଇର ସମସ୍ତ ଓଗେର ସମ୍ପତ୍ତିକୁ ସମାନ ଭାଗ ବଣ୍ଟନ କରିଦେବା କହି ସମସ୍ତ ଅଂଶୀଦାରଙ୍କୁ ଠକି ନିଜ ନାମରେ ୪ ଏକରରୁ ଅଧିକ ଜମି ହଡ଼ପ କରିଥିଲେ। ଓକିଲ ଜଣକ ବସ୍ତା ତହସିଲ ଅଧୀନ ସୁନ୍ଦୁରକୁଲି ମୌଜାର ଖାତ ଖାତା ନଂ ୮୭ରେ ଥିବା ୫ ଜଣଙ୍କ ୩୦ ଡେସିମିଲି ଘରବାଡ଼ି ଜାଗାରୁ ୨୪ ଡେସିମିଲ ନିଜ ନାମରେ କରିଛନ୍ତି। ମିଛ କମିଶନର ସଜାଇ ଜମି ପାଖକୁ ତଦନ୍ତ ପାଇଁ ଆସିଥିଲେ। ତେବେ ସମ୍ପତ୍ତିର ଭାଗବଣ୍ଟା ହେବ ଭାବି ଅଂଶୀଦାରମାନେ ଜମି ପାଖରେ ହାଜର ହୋଇଥିଲେ। ପରଦିନ ଉପସ୍ଥିତ ଥିବା ଅଂଶୀଦାରଙ୍କ ନାମରେ ମିଛ ଫୌଜଦାରୀ ମକଦ୍ଦମା ଲଗାଇଥିଲେ। ତେବେ ପୁଲିସ ସହ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ମିଛ ମକଦ୍ଦମା ବୋଲି ରିପୋର୍ଟ ଦେବାରୁ ରାସଗୋବିନ୍ଦପୁର ଜେଏମ୍‌ଏଫ୍‌ସି ଅଦାଲତ ମାମଲାକୁ ଖାରଜ କରିଦେଇଛନ୍ତି। ଏ ନେଇ ଅଂଶୀଦରମାନେ ବିଭିନ୍ନ ମହଲରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳ ମିଳୁନାହିଁ। ଫଳରେ ଅଂଶୀଦାରଙ୍କ ତରଫରୁ ଗତମାସ ୨୩ ତାରିଖରେ ଠକେଇ, ସମ୍ପତ୍ତି ହଡ଼ପ ଏବଂ ମିଛ ମକଦ୍ଦମା କରୁଥିବା ନେଇ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନ ପାଇଲେ ସେପ୍ଟେମ୍ବର ୯ ତାରିଖରେ ରାସଗୋବିନ୍ଦପୁର ଥାନା ସାମ୍ନାରେ ଆମରଣ ଅନଶନରେ ବସିବେ ବୋଲି ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ ସଞ୍ଜୀବ। ଏଣୁ ଶ୍ରୀ ବାରିକ ସମେତ ଉଗେର ଅଂଶୀଦାର ମୃତ୍ୟୁଞ୍ଜୟ ବାରିକ, ଭବାନୀ ଶଙ୍କର ବାରିକ, ତରୁଣ ବାରିକ, ଦୁଃଖିମନି ବାରିକ, ପ୍ରତିମା ବାରିକ, ସୁଗନ୍ଧା ବାରିକ, ବାସୁଦେବ ବାରିକ, ବଳରାମ ବାରିକ, ଜୟନ୍ତ ବାରିକ, ମନୋଜ ବାରିକ ପ୍ରମୁଖ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ରାସଗୋବିନ୍ଦପୁର ସରପଞ୍ଚ ସୁଧାଂଶୁ ନାୟକ, ଗାଁ ଅମରଦା ସରପଞ୍ଚ ଦୁଲାରୀ ହାଁସଦା ଓ ସମିତିସଭ୍ୟା ପ୍ରଭାସିନୀ ବେହେରା, ମାନବ ମହାନ୍ତିଙ୍କ ଉପସ୍ଥିତିରେ ଥାନାରେ ବୁଝାମଣା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

## ଅକ୍ଟୋବରରେ ଦୁଇ ଦିନିଆ କର୍ମଶାଳା କରିବ ଭଞ୍ଜସେନା

ବାରିପଦା, ୯ ।୯ (ସମିସ): ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆସନ୍ତା ଅକ୍ଟୋବର ମାସରେ ଭଞ୍ଜସେନା ପକ୍ଷରୁ ବାରିପଦାରେ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହେବ। ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସମ୍ପୂର୍ଣ୍ଣ ସୁରକ୍ଷା ଓ ପରିବେଶ ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳ ପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କ୍ରମେ ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ ହୋଇଛି 'ଆନ୍ଦୋଳନ' ଚଳଚ୍ଚିତ୍ର। ଆଉ ଏହି ନିଶୁଳ୍କ ଚଳଚ୍ଚିତ୍ରରେ ଥିବା ବାର୍ତ୍ତାକୁ ଜିଲ୍ଲାବାସୀଙ୍କ ପାଖରେ ପହଞ୍ଚିବା ପାଇଁ ଭଞ୍ଜସେନା ପକ୍ଷରୁ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଦୁଇଟି ଏଲଇଡି ଗାଡି ମାଧ୍ୟମରେ ଗତ ୫ତାରିଖ ଗୁରୁଦିବସରୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଓ ବାଙ୍ଗିରିପୋଷି ବ୍ଲକରୁ ଆରମ୍ଭ ହୋଇ ଆଜି ସୁଦ୍ଧା କରଞ୍ଜିଆ, ଶୁକୃଳି, ରରୁଆଁ, ସାରସକଣା, କୁଳିଅଣା, ବାରିପଦା ବ୍ଲକ ସମେତ କରଞ୍ଜିଆ ପୌରାଞ୍ଚଳ ପରିକ୍ରମା ଶେଷ ହୋଇଛି। ଆଗାମୀ ଦିନରେ ବାକିଥିବା ଜିଲ୍ଲାର ଅନ୍ୟ ସମସ୍ତ ବ୍ଲକ/ଏନ୍‌ଏସି/ ମ୍ୟୁନିସିପାଲଟିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୨୫ ତାରିଖରେ ଶେଷ ହେବ। ଆଗାମୀ ଅକ୍ଟୋବର ମାସ ମଧ୍ୟ ଭାଗରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ/ଏନ୍‌ଏସି/ମ୍ୟୁନିସିପାଲଟିରୁ ୨୫ ଜଣ ଯୁବକ/ଯୁବତୀଙ୍କୁ ନେଇ ଏକ ଦୁଇ ଦିନିଆ ଜିଲ୍ଲାସ୍ତରୀୟ କର୍ମଶାଳା ବାରିପଦାଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଯୁବବର୍ଗ କିଭଳି ନିଜ ଯୋଗ୍ୟତା ଅନୁଯାୟୀ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିବେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।



### ସମବାୟ ସମିତିରେ ମିଳୁନି ୟୁରିଆ ସାର; ଚାଷୀ ହତାଶ

# ଖୋଲା ବଜାରରେ ଚଢ଼ା ଦରରେ ସାର ବିକ୍ରିକୁ ନେଇ ଅସନ୍ତୋଷ

ରଘୁନାଥପୁର, ୯।୯ (ସମିସ):

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ୟୁରିଆ ସାରର ଉତ୍କଟ ଅଭାବକୁ ନେଇ ଚାଷୀ ହଟହଟା ହେଉଛନ୍ତି। ଚାଷୀଙ୍କୁ ପ୍ରତିବର୍ଷ ସରକାର ମାର୍କଫେଡ ଜରିଆରେ ବିଭିନ୍ନ ପ୍ରକାର ସାର ପ୍ରାଥମିକ ସମବାୟ ସମିତି ଦ୍ୱାରା ଯୋଗାଇ ଦେଇଥା'ନ୍ତି। ସରକାର ଚଳିତ ବର୍ଷ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଚାଷୀଙ୍କୁ ଯୋଗାଇ ଦିଆଯିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ପ୍ରାଥମିକ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି। ୟୁରିଆ ସାର ଖୋଲାବଜାରରେ ଚଢ଼ା ଦରରେ ପର୍ଯ୍ୟାପ୍ତ ପରିମାଣର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଯଦି ସରକାରଙ୍କ ପାଖରେ ସାର ନାହିଁ, ତେବେ ଖୋଲା ବଜାରରେ ଏତେ ପରିମାଣରେ ସାର ଆସୁଛି କେଉଁଠି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଏଥିପ୍ରତି କୃଷି ବିଭାଗ ଓ ଯୋଗାଣ ବିଭାଗର ନିରବତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ତାରପୁର ପ୍ରାଥମିକ କୃଷି ସମବାୟ ସମିତି ଓ ମା' ନାରାୟଣୀ ପ୍ରାଥମିକ କୃଷି ସମବାୟ ସମିତି ଏବେସୁଦ୍ଧା ସାର ପାଇନାହାନ୍ତି। ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି,



ମୋ' ନାମରେ ଲାଇସେନ୍ସ ନ ଥିବାରୁ ଜିଏସଟି ଆସିବାରେ ବିଳମ୍ବ ହୋଇଥିବାରୁ ଚାଷୀ ସାର ପାଇପାରିନାହାନ୍ତି। ରଘୁନାଥପୁର ବ୍ଲକ୍ ନିକଟରେ ଥିବା ମାର୍କଫେଡ୍ ଗୋଦାମ ଗୃହ ଆଗରେ ଗୋଟିଏ ବୋର୍ଡ ନାହିଁକି ସେ ଗୃହ କେଉଁ କାର୍ଯ୍ୟରେ ଲାଗେ ଲୋକଙ୍କୁ ବି ଜଣାନାହିଁ। କେବଳ ଅନାବନା ଘାସ, ଗେଟ ମୁହଁରେ ମଦବୋତଲ ଭର୍ତ୍ତି ଥାଇ ତାଲା ଝୁଲୁଛି। ରଘୁନାଥପୁର ବ୍ଲକ୍ ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବକୁ ନେଇ ବ୍ଲକ କୃଷି ଅଧିକାରିଣୀ ଆକାଂକ୍ଷା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ମାର୍କଫେଡ୍ ଦ୍ୱାରା ସମସ୍ତ ପ୍ରାଥମିକ ସମବାୟ ସମିତିକୁ ସାର ଯୋଗାଇ ଦିଆଯାଉଛି। ଚାଷୀ କାହିଁକି ବିଲରେ ସାର ପକାଇ ନ ପାରି ହନ୍ତସନ୍ତ ହେଉଛନ୍ତି ବୋଲି ପଚାରିବାରୁ ସେ ଥମି ଯାଇ ବୁଝି କହିବେ ବୋଲି କହିଥିଲେ। ସରକାରୀ ଓ ବେସରକାରୀ ସାର ବିକ୍ରେତା ଓ ମିଛ ଚକ୍ରାନ୍ତ କରୁଥିବା କୃଷି ବିଭାଗ ଅଧିକାରୀଙ୍କ ମଧ୍ୟରେ ବଡ଼ଧରଣର ଘୋଟାଲା ଥିବାରୁ ଚାଷୀ ମହରଗରୁ ଯାଇ କାନ୍ତାରେ ପଡ଼ୁଛି ବୋଲି ଚର୍ଚ୍ଚା ଜୋର ଧରିଛି। ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆ ନ ଗଲେ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପିଆଇସିଟି ଫାଟକ ଆଗରେ ଶ୍ରମିକଙ୍କ ଧାରଣା



ପାରାଦୀପ, ୯।୯ (ସମିସ): ୫ ଦଫା ଦାବି ନେଇ ଆଜି ପିଆଇସିଟି କମ୍ପାନୀ ଫାଟକ ଆଗରେ ଧାରଣା ଦେଇଛନ୍ତି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିଅନ୍‌ର ଦୁଇଶହ ଶ୍ରମିକ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦୀର୍ଘ ୧୮ ମାସ ଧରି ୩୨ ଜଣ ଶ୍ରମିକଙ୍କୁ ବେଆଇନ ଭାବେ କମ୍ପାନୀ ଛଟେଇ କରିଥିବା ଅଭିଯୋଗ ଆଣିଛି ସଂଘ। ଏ ନେଇ ବାରମ୍ବାର କମ୍ପାନୀ ସହ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆଜି ବାଧ୍ୟ ହୋଇ ଛଟେଇ ୩୨ ଶ୍ରମିକଙ୍କ ସହ ସମସ୍ତ ଦୁଇଶହ ଶ୍ରମିକ କାର୍ଯ୍ୟ ବନ୍ଦ କରି କମ୍ପାନୀ ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ଭାବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିଛନ୍ତି। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ■ ପାରାଦୀପରେ ଜମିଲାଣି 'ବିଶ୍ୱକର୍ମା ପୂଜା' ମାହୋଲ

## ଗୋଟିଏ ମଣ୍ଡପରେ ହେବ ମେଲୋଡ଼ି

ପାରାଦୀପ, ୯।୯ (ସମିସ): ଆସନ୍ତା ୧୭ ତାରିଖରୁ ପାରାଦୀପରେ ଆରମ୍ଭ ହେବ ରାଜ୍ୟ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଏଥର ଧୂମଧାମରେ ପାଳନ ହେବାକୁ ଯାଉଛି। ଏହା ୭ ଦିନ ଧରି



**ବନ୍ଦର ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍; ୫ ରାତି ଯାତ୍ରା**

ଚାଲିବା ସହ ୨୪ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏବେଠୁ ପୂଜାର ମାହୋଲ ଅନୁଭୂତ ହେଲାଣି। ପାରାଦୀପ ବନ୍ଦର ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବା ନେଇ ଜାଗା ଚିହ୍ନଟ ସାରିଥିବାବେଳେ ପାଖାପାଖି ୭୦୦ ଉଠାଦୋକାନୀ ଏଥିରେ ସାମିଲ ହେବେ। ଗୋଟିଏ ଅପେରା ପାର୍ଟି ୫ ରାତି ଯାତ୍ରା ପରିବେଷଣ କରିବା ନେଇ ନିଶ୍ଚିତ ହୋଇସାରିଛି। ସବୁ ପୂଜା ମଣ୍ଡପରେ ଆଉ ମେଲୋଡି ଦେଖିବାକୁ ମିଳିବ ନାହିଁ। ଗୋଟିଏ ମଣ୍ଡପ ନିକଟରେ ହିଁ ଗୋଟିଏ ଦିନ ମେଲୋଡି ହେବ। ସେହି ଗୋଟିଏ ମଣ୍ଡପରେ ହିଁ ସମସ୍ତେ ମେଲୋଡି ଦେଖିବାର ସୁଯୋଗ ପାଇବେ। ଚଳିତ ବର୍ଷ ୧୦ଟି ମଣ୍ଡପରେ ବିଶ୍ୱକର୍ମାଙ୍କ ପୂଜା ହେବ। ପୂଜାରୁ ବାଦ୍ ପଡିଥିବା ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଓ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଙ୍ଘ ସେମାନଙ୍କ କାର୍ଯ୍ୟାଳୟରେ ହିଁ ପୂଜା ସହ କଳସ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବେ।

## ଜିଲ୍ଲା କଂଗ୍ରେସର ସଂଗଠନ ସୃଜନ ବୈଠକ




ନାଉଗାଁ, ୯।୯ (ସମିସ): ନାଉଗାଁ ବ୍ଲକରେ ଜିଲ୍ଲା କଂଗ୍ରେସ ସଭାପତି ଚୟନକୁ ନେଇ ଏଆଇସିସି ପକ୍ଷରୁ ସଂଗଠନ ସୃଜନ ବୈଠକ ଓ ମତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତିହୁଡ଼ା ଗ୍ରାମସ୍ଥ ମା' ଜାଗୁଲାଇ ମନ୍ଦିରରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ କଂଗ୍ରେସ ସଂଯୋଜକ ବିଚିତ୍ରାନନ୍ଦ ଲେଙ୍କାଙ୍କ ଅଧ୍ୟକ୍ଷତାରେ ପର୍ଯ୍ୟବେକ୍ଷକ ଏମ. ଲିଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ବ୍ଲକ୍‌ସ୍ତରୀୟ କଂଗ୍ରେସ କମିଟିକୁ ନେଇ ସଂଗଠନ ଅଭିଯାନ ପ୍ରସ୍ତୁତି କରାଯାଇଥିଲା। ଏଥିରେ ରାଜ୍ୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ, ଜିଲ୍ଲା ସଂଯୋଜକ ନଟବର ବାରିକ, ଦେବପ୍ରସାଦ ନାୟକ, ବିପ୍ଳବ ଚୌଧୁରୀ, ନଳିନ ସ୍ୱାଇଁ, ରାଜକିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନାଉଗାଁ ବ୍ଲକରୁ ୩୦୦ରୁ ଅଧିକ କର୍ମୀ ଯୋଗଦେଇଥିଲେ। ପ୍ରହ୍ଲାଦ ବିଶ୍ୱାଳ, ବିଜୟ ବେହେରା, ପ୍ରଶାନ୍ତ ଦଳାଇ, ସୁବ୍ରତ ରାୟ, ଆର୍ତ୍ତତ୍ରାଣ ଦାସ, ବିଭୂପ୍ରସାଦ ନାୟକ, ଅଲିଭା ସ୍ୱାଇଁ, ଅଶୋକ ସ୍ୱାଇଁ, ଶ୍ରାବଣୀ ରାୟ, ଅକ୍ଷୟ ଜେନା, ସୌମ୍ୟ ଦାସ, ଅରୁଣାରାଣୀ ମଲ୍ଲିକ, ଲିଙ୍ଗରାଜ ରାଉତ, ମନୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନାଉଗାଁ ବ୍ଲକର କଂଗ୍ରେସ କାର୍ଯ୍ୟକର୍ତ୍ତା ନୂତନ ସଭାପତି ଚୟନ ପାଇଁ ନିଜର ମତାମତ ପ୍ରଦାନ କରିଥିଲେ।

### ● ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

## ୪ଟି ବ୍ଲକ୍ ରୋଗୀଙ୍କୁ ପୋଷ୍ୟ ଗ୍ରହଣକଲା ଇଫ୍‌କୋ



ପାରାଦୀପ, ୯।୯ (ସମିସ): ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଗଠନ ଅଭିଯାନରେ ଇଫ୍‌କୋ ପାରାଦୀପ ୟୁନିଟ ସହାୟତାର ହାତ ବଢ଼ାଇଛି। ଏହି ଅଭିଯାନ ଅଧୀନରେ ନି-କ୍ଷୟ ମିତ୍ର ଭାବେ ଇଫକୋ ପାରାଦୀପ ନିକ୍ଷୟ ଦିବସ ପାଳନର ୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଗତସିଂହପୁର ଜିଲ୍ଲାର ଏରାସାମା, ବାଲିକୁଦା, ନାଉଗାଁ ଓ ବିରିଡିର ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ଏକବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି। ଏ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନି-କ୍ଷୟ ମିତ୍ର ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରଶ୍ମିରଞ୍ଜନ ପଟ୍ଟନାୟକ, ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ, ବରିଷ୍ଠ ଚିକିତ୍ସା ସୁପରଭାଇଜର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ଏମ୍‌ଡି ୱାକର ଅଲ୍ଲୀ-ଡିପିପିଏମ୍‌ସି, ବିପିନ ପାତ୍ର-ଡିପିସି ପ୍ରମୁଖ ଉପସ୍ଥିତ ଥିଲେ। ପିଏମଟିବିଏମ୍ଏ ଅଧୀନରେ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ୍ (ନି-କ୍ଷୟ ପୋଷଣ ଅଭିଯାନ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ସେମାନଙ୍କର ସହନଶୀଳତା ବୃଦ୍ଧି କରେ।

## ଶିକ୍ଷକ ବିଷ୍ଣୁଚରଣ ସ୍ୱାଇଁଙ୍କୁ ଗୁରୁଗୌରବ ସମ୍ମାନ

ବାଲିକୁଦା, ୯।୯ (ସମିସ): କଟକ କର୍ମବୀର ଗୌରୀଶଙ୍କର ସମ୍ମିଳନୀ କକ୍ଷରେ ଉତ୍କଳ ବିଦ୍ୟା ଗୌରବ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକ୍‌ର ଅବସରପ୍ରାପ୍ତ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ସ୍ୱାଇଁଙ୍କୁ ଗୁରୁଗୌରବ ସମ୍ମାନ ପ୍ରଦାନ କରାଯାଇଛି। ସଭାପତି ପ୍ରଫେସର ନଟବର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କଳ୍ପତରୁ ଆଶ୍ରମ ମୁଖ୍ୟ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ପ୍ରାକ୍ତନ କୁଳପତି ପ୍ରଫେସର ଓମକାର ମହାନ୍ତି, ଶାରଳା ସାହିତ୍ୟ ସଂସଦ ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ, ସମାଜର ପ୍ରାକ୍ତନ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ, ପ୍ରଫେସର ଡାକ୍ତର ଦୀପ୍ତିରାଣୀ ସାମନ୍ତ, ଡଃ ଚିତ୍ତରଞ୍ଜନ ସାହୁ, ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ପ୍ରାଧାପିକା ସାନ୍ୟାସିନୀ ବିଦ୍ୟୁତ କୁମାରୀ ୟାଲା ଯୋଗଦେଇ ଶ୍ରୀ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ।

## ୧୧ ଦଫା ଦାବି ନେଇ ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନର ବିକ୍ଷୋଭ

ଜଗତସିଂହପୁର, ୯।୯ (ସମିସ): ବିଭିନ୍ନ ସମସ୍ୟା ସମ୍ବଳିତ ୧୧ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ



ୱାର୍କର୍ସ ଆସୋସିଏସନର ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନବାଡି ୱାର୍କର୍ସ ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ, ନିର୍ବାଚନ ସମୟରେ ଓ ନିର୍ବାଚନ ପରବର୍ତ୍ତୀ ପର୍ଯ୍ୟାୟରେ ଉପମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ ମଧ୍ୟ ଅଙ୍ଗନବାଡି କର୍ମୀ ଓ ସହାୟକଙ୍କୁ ଉପେକ୍ଷା କରିଚାଲିଛନ୍ତି। ଅଙ୍ଗନବାଡି କର୍ମୀଙ୍କ ମାସିକ ଦରମା ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଚାର କରାଯାଉନାହିଁ। ଅଙ୍ଗନବାଡି କର୍ମୀ ଓ ସହାୟକଙ୍କ ଦରମା ବୃଦ୍ଧି କରାଯାଉ। ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଖରାଦିନ ଛୁଟି ଦିଆଯିବା ସହିତ ପେନସନ ବ୍ୟବସ୍ଥା କରାଯାଉ। ଅଙ୍ଗନବାଡି କର୍ମୀଙ୍କ ଅବସରକାଳୀନ ସୁବିଧା ୨ ମାସ ମଧ୍ୟରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଉ। ସରକାରଙ୍କ ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କୁ ଯୋଗାଇ ଦିଆଯାଉଥିବା ନିମ୍ନମାନର ମୋବାଇଲ ବଦଳାଯାଇ ଉନ୍ନତମାନର ନେଟୱର୍କ ଥିବା ମୋବାଇଲ ପ୍ରଦାନ କରାଯାଉ। ଏସବୁ ଦାବି ନେଇ ଜିଲ୍ଲା ସଂଘ ସଭାପତି ସୌଦାମିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଶ୍ରୀକୃଷ୍ଣ ଏକାଡେମୀ ପଡ଼ିଆରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଘର ସମ୍ପାଦିକା ପ୍ରତୀମା ବେହେରା, କୋଷାଧ୍ୟକ୍ଷ ନିବେଦିତା ରାଉତ, ଭାରତୀୟ ମଜଦୁର ସଂଘ ସଭାପତି ଅବିନାଶ ଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସ, ପ୍ରମିଳା ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଓଡ଼ିଶା ପରିବେଶ ସମିତି ଓ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଫଳଚାରା ରୋପଣ

ଜଗତସିଂହପୁର, ୯।୯ (ସମିସ): ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପାରାଦୀପ ଆଞ୍ଚଳିକ ଶାଖା ମିଳିତ ଆନୁକୂଲ୍ୟରେ ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଖାଲଗାଁପାଟଣାସ୍ଥ ମା' ବୁଢ଼ୀ ସାହାରେଇ ମନ୍ଦିର ପ୍ରାଙ୍ଗଣରେ ଫଳଚାରା ରୋପଣ କରାଯାଇଛି । ସମିତିର ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନ ସାଙ୍ଗକୁ ୟୁଥ୍ ୱାଟର ପ୍ଲସର ସଦସ୍ୟ ମନୋଜ ନାୟକଙ୍କ ସହଯୋଗରେ ଏହି ଚାରାରୋପଣ କରାଯାଇଥିଲା। ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ ଓ ପରିବେଶପ୍ରେମୀ କନକଲତା ପରିଡାଙ୍କ ସମେତ ସେହି ଗ୍ରାମର ଯୁବଗୋଷ୍ଠୀ ନିରଞ୍ଜନ ପରିଜା, ଅଭିଜିତ ପରିଡା, ରୁଦ୍ରନାରାୟଣ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ରାଜା ସ୍ୱାଇଁ, ନରେଶ ପାଲ୍, ସନ୍ତୋଷ ବିଶ୍ୱାଳ, ଗୁଡୁ ବିଶ୍ୱାଳ, ଶୁଭମ ସାହୁ, ପ୍ରଦ୍ୟୁମ୍ନ ମହାନ୍ତି, ଶୁଭମ୍ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ଗୁଆ, ଆମ୍ବ, ପଣସ, ପିଜୁଳି, କାଜୁ, ବଉଳ, ଜାମୁକୋଳି, ସେପେଟା, ଲେମ୍ବୁ ପ୍ରଭୃତି ଫଳଚାରା ରୋପଣ କରିବା ସହ ଉପଯୁକ୍ତ ଯତ୍ନ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ। ଆଗାମୀ ଦିନରେ ମନ୍ଦିର ପରିବେଶ ସବୁଜ ସୁନ୍ଦର କରି ଗଢି ତୋଳିବାକୁ ସଂକଳ୍ପ ନେଇଥିଲେ।

## ନୂତନ ଫୌଜଦାରୀ ଆଇନ ସମ୍ପର୍କିତ କର୍ମଶାଳା

ଜଗତସିଂହପୁର, ୯।୯ (ସମିସ): ଗରିବଙ୍କ ପାଇଁ ଆଇନ ସେବା ସଂସ୍ଥା (କ୍ଲାପ୍) ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ଭାରତରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନୋଟି ଫୌଜଦାରୀ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ସମ୍ପର୍କରେ ଦିନିକିଆ କର୍ମଶାଳା ଜିଲ୍ଲା ଅଦାଲତର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ସୁବାସ ମହାପାତ୍ର, ସମ୍ପାଦକ ପ୍ରସନ୍ନ ମହାନ୍ତି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଜିଲ୍ଲା ଅଦାଲତ ନିବନ୍ଧକ ବିଶ୍ୱକଳ୍ପିତା ମହାନ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଜଜ୍ ଶ୍ରୀ ପ୍ରତିହାରୀ କହିଥିଲେ, ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ଅଧିକାରକୁ ଅବଗତ କରାଇବା ସହ ଅଦାଲତ ଓ ସରକାରୀ ସ୍ତରରେ ସହାୟତା କରିବା ହେଉଛି ପାରା ଲିଗାଲ୍ ସ୍ୱେଚ୍ଛାସେବୀଙ୍କ ମୂଳ କର୍ତ୍ତବ୍ୟ। ଅଦାଲତ ଓ ଜନସାଧାରଣ ମଧ୍ୟରେ ପାରା




ଲିଗାଲ୍ ସ୍ୱେଚ୍ଛାସେବୀ ସେତୁ ପରି କାର୍ଯ୍ୟ କରିବା ଉଚିତ। ଉତ୍ତମ ସେବା ପ୍ରଦାନ କରିବା ସହ ଆଇନ ସେବା ପ୍ରାଧିକରଣକୁ କିପରି ଲୋକାଭିମୁଖୀ କରାଯାଇପାରିବ ଏହି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ସେହିପରି ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ମହାପାତ୍ର କ୍ଲାପ୍ ସହିତ ପାରା ଲିଗାଲ୍ ସ୍ୱେଚ୍ଛାସେବୀ କିପରି କାର୍ଯ୍ୟ କରିପାରିବେ, ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପାରା ଲିଗାଲ୍ ସ୍ୱେଚ୍ଛାସେବୀଙ୍କୁ ତାଲିମ ପୁସ୍ତିକା ଅନୁଯାୟୀ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଦିଆଯିବା ସହ ତୃଣମୂଳ ସ୍ତରରେ କିପରି ଆଇନ ସଚେତନତା ସୃଷ୍ଟି କରିହେବ ଏହି ବିଷୟରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ଲାପ୍ ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସଦାନନ୍ଦ ବାଗ୍, କାର୍ଯ୍ୟକ୍ରମ ପରିଚାଳିକା ବିଜୟଶ୍ରୀ ବାରିକ, ଆଇନଜୀବୀ ଚନ୍ଦ୍ରଦେବ ପୁରୋହିତ ପ୍ରମୁଖ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣକୁ ରଘୁନାଥପୁର ସାମ୍ବାଦିକ ସଂଘର ନିନ୍ଦା

ରଘୁନାଥପୁର, ୯।୯ (ସମିସ): ନିଆଳି ଥାନା କସରଦା ସିଠାଳ ପଞ୍ଚାୟତ ବଛସାଇଲୋ ଗ୍ରାମର ସାମ୍ବାଦିକ ଚନ୍ଦ୍ରକାନ୍ତ ଦାସଙ୍କୁ ଆକ୍ରମଣ ଘଟଣାକୁ ରଘୁନାଥପୁର ସାମ୍ବାଦିକ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଗତ ୧ ତାରିଖ ଅପରାହ୍ନ ୨ଟାରେ ଘରୁ ଆଳିପିଙ୍ଗଳ ଯାଉଥିବାବେଳେ ଶାସନପଦା ଗ୍ରାମର ଆଶିଷ ସ୍ୱାଇଁ ଅଟକାଇ ତାଙ୍କୁ ବିନା କାରଣରେ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆଘାତ କରିଥିବା ସହ ତାଙ୍କ ସୁନା ଚେନ ଛିଣ୍ଡାଇ ନେଇଥିଲେ। ଏ ନେଇ ଚନ୍ଦ୍ରକାନ୍ତ ଦାସ କାସରଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ଆକ୍ରମଣକାରୀ ଗିରଫ ନ ହେବା ନେଇ ସାମ୍ବାଦିକ ସଂଘ ପକ୍ଷରୁ କଲ୍ୟାଣ ସେନ, ରଞ୍ଜନ କୁମାର ଲେଙ୍କା, ଧନଞ୍ଜୟ ମଲ୍ଲିକ, ଜିତେନ ବେହେରା, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ସୂର୍ଯ୍ୟନାରାୟଣ ଦାସ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

## ବେଳାଭୂମିରୁ ବାଲି ଚୋରାଚାଲାଣ ଅଭିଯୋଗ



ପାରାଦୀପ, ୯।୯ (ସମିସ): ସକାଳୁ ସନ୍ଧ୍ୟା ଯାଏ ବିନା ଅନୁମତିରେ ଜେସିବି ଲଗାଇ ଟ୍ରିପ ଟ୍ରିପ ବାଲି ଟ୍ରାକ୍ଟରରେ ବୋହିନେଲେ। ସେ ବାଲି କାହା ଅନୁମତିରେ ସମୁଦ୍ର ବେଳାଭୂମି ଅଞ୍ଚଳରୁ ଉଠୁଥିଲା, କେଉଁ ସ୍ଥାନରେ ପଡିଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତାହା ପୁଣି ଦିନ ବେଳା ଉଠିଛି। ଜଟାଧାରୀ ମୁହାଣ ମେରାଇନ ପୁଲିସ ସବୁ ଦେଖୁଥିଲେ ବି ନ ଦେଖିଲା ଭଳି ଅଭିନୟ କରୁଥିବା ଅଭିଯୋଗ ହୋଇଛି। ଦିନ ତମାମ ଶହ ଶହ ଟ୍ରିପ ବାଲି ସମୁଦ୍ର ବେଳାଭୂମି ଅଞ୍ଚଳରୁ ଲୁଟ ହେଲା, ଏ ସମ୍ପର୍କରେ ପୁଲିସ କିଭଳି ଜାଣିପାରିଲା ନାହିଁ। ଗଣମାଧ୍ୟମ ପ୍ରତିନିଧି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବା ପରେ ବାଲି ଉଠା ବନ୍ଦ ହୋଇଥିଲା। ଏହି ବାଲି ବିଶ୍ୱକର୍ମା ପୂଜା ମଣ୍ଡପ ନିକଟରେ ପଡୁଥିବା କୁହାଯାଉଥିବାବେଳେ ପ୍ରକୃତରେ ଉଠିଥିବା ସମସ୍ତ ବାଲି ପଡିଛି ନା ଅନ୍ୟତ୍ର ପକାଯାଇଛି ତାହା ତଦନ୍ତ ହେବା ଜରୁରୀ। ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟର ଉକ୍ତ ବାଲିକୁ ଅନ୍ୟ ସ୍ଥାନକୁ ନେଇଯାଇଥିବା ଚର୍ଚ୍ଚା ହେଉଛି। ତେବେ ସମୁଦ୍ର କୂଳ ରାସ୍ତାରେ ପଡିଥିବା ବାଲି ଉଠାଇବା ପାଇଁ ପୌର ପରିଷଦ ପକ୍ଷରୁ ଅନୁମତି ମିଳିଥିବାବେଳେ କାହା ଇଙ୍ଗିତରେ କଣ୍ଟ୍ରାକ୍ଟର ସମୁଦ୍ର ବେଳାଭୂମିରୁ ଟ୍ରିପ ଟ୍ରିପ ବାଲି ଖୋଳି ପୋଖରୀ କରିଦେଇଛି, ତାହା ତଦନ୍ତ ହେବାର ଆବଶ୍ୟକତା ରହିଛି।

## ଯୁବକଙ୍କ ଆତ୍ମହତ୍ୟା

ତିର୍ତ୍ତୋଲ, ୯।୯ (ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେନ୍ତୁଳିପଦା ପଞ୍ଚାୟତ ସାନସାଳିଜଙ୍ଗା ଗ୍ରାମର ଶୁଭ୍ରଜିତ ସାହାଣୀ (୩୦) ଗତକାଲି ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ଗତକାଲି ରାତିରେ ଘରୁ ବାଇକ୍‌ରେ ଆସି ପ୍ରାୟ ୧୧ଟାରେ ଗ୍ରାମ ନିକଟସ୍ଥ ଜିଙ୍ଗଲ ଦଣ୍ଡାରେ ଏକ ବରଗଛରେ ଦଉଡ଼ିରେ ଝୁଲି ପଡ଼ିଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରି ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ତାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଆଜି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଅଯୋଧ୍ୟା-ବାରଣାସୀ ତୀର୍ଥଯାତ୍ରାରେ ଗଲେ ୮୫ ବରିଷ୍ଠ ନାଗରିକ

ଜଗତସିଂହପୁର, ୯।୯ (ସମିସ):

ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ତୀର୍ଥଯାତ୍ରା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ଓ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ସୁଶ୍ରୀ ହରପ୍ରିୟା ପୃଷ୍ଟି ଯୋଗଦାନ କରି ତୀର୍ଥଯାତ୍ରୀଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ



ହେବା କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ବରିଷ୍ଠ ସହାୟକ ସାରଦା ପ୍ରସନ୍ନ ସାହୁ ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି। ଆସନ୍ତାକାଲି ପୂର୍ବାହ୍ନ ୧୧ ଘଟିକା ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ।

## ନିହଳପ୍ରସାଦରେ ବେଆଇନ ଖଣି ବନ୍ଦ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ମହିଳା ଓ ପୁରୁଷ

ଢେଙ୍କାନାଳ,୯।୯(ସମିସ):

ନିହଳପ୍ରସାଦ ଥାନା ଅଧୀନ ବାଘଲପୁର-ନିହଳପ୍ରସାଦରୋଡ୍ ମେଟାଲ-୧ କଳାମୁଗୁନି



ପଥର ଖଣିକୁ ବନ୍ଦ କରିବା ସହିତ ବେଆଇନ ବ୍ଲାଷ୍ଟିଂକୁ ନେଇ ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି। ନିହଳପ୍ରସାଦ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବାଘଲପୁରରେ ଥିବା ନିହଳପ୍ରସାଦରୋଡ ମେଟାଲ-୧ କଳା ମୁଗୁନି ପଥର ଖଣି ଅଜିତ ସାହୁ ୫ବର୍ଷ ପାଇଁ ନିଲାମ ପାଇଛନ୍ତି। ବ୍ଲାଷ୍ଟିଂ ଅନୁମତି ନଥାଇ ସେ ଖଣିରେ ବେଆଇନ ଭାବରେ ବ୍ଲାଷ୍ଟିଂ କରିବା ସହିତ ପ୍ରଶାସନକୁ ତଞ୍ଚକତା କରି ଭୁଲ ତଥ୍ୟପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ସେ ପାଇଥିବା ଖଣି ୨୦୨୧-୨୨ରେ ହୋଇ ମଧ୍ୟ ୨୦୧୯ରେ କିପରି ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆଦେଶରେ ନିହଳପ୍ରସାଦରୋଡ ମେଟାଲ-୧ରେ ବିସ୍ଫୋରକ ବ୍ୟବହାର ପାଇଁ ଆଦେଶ ଥିବା ବେଳେ ବ୍ୟବହାର ପାଇଁ କୌଣସି ଆଦେଶ ନଥିଲା। କିନ୍ତୁ ସେ ପ୍ରଶାସନକୁ ପେସୋର ଆଦେଶ ଦେଖାଇ ପୁରୁଣା ଖଣିରେ ବିସ୍ଫୋରକ ସାମଗ୍ରୀ ରଖିବାର ଆଦେଶ ଥିଲା। ଆରଟିଆଇ ମାଧ୍ୟମରେ ମିଳିଥିବା ସୂଚନା ଅନୁସାରେ ଡିଡିଏମଙ୍କ ଠାରୁ ମିଳିଥିବା ପତ୍ର ସଂଖ୍ୟା ୧୨୦୪/୨୦୨୫ରେ କେବଳ ଜଣକୁ ଛାଡିଦେଲେ ଅନ୍ୟ କୌଣସି ଲିଜଧାରୀଙ୍କୁ ଜିଲ୍ଲାପାଳ ବ୍ଲାଷ୍ଟିଂ ଅନୁମତି ପ୍ରଦାନ କରିନଥିବାର ଜଣାପଡିଛି। ଆଦେଶକୁ ଉଲଘଂନ କରି କିପରି ବ୍ଲାଷ୍ଟିଂ କରାଯାଉଛି ତାହାର ତଦନ୍ତ ଦାବି କରାଯାଇଛି। ସେହିପରି ବ୍ଲାଷ୍ଟିଂ ସ୍ଥାନଠାରୁ ମାତ୍ର ୨ଶହ ମିଟରରେ ଜନବସତି ଥିବାରୁ ଘର ଭାଙ୍ଗିବା ସହିତ ଧନଜୀବନ ପ୍ରତି ବିପଦ ରହୁଛି। ଲଘୁ ଖଣିଜ ନିଲାମ ପାଇଁ ୫ବର୍ଷ ସମୟ ଥିବା ବେଳେ ତାହା କିପରି ୨୦୨୭କୁ ବୃଦ୍ଧି କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି। ଲିଜଧାରୀ ଓଏମଏମସି ନିୟମ ୨୦୧୬ ଧାରା ୨୭(୧୩) ଅନୁସାରେ ଫର୍ମ-ଏନ ଅନୁଯାୟୀ ନିର୍ଣ୍ଣୟ ହୋଇଥିବା ଟଙ୍କାଠାରୁ କମ ଟଙ୍କାରେ ରେଜିଷ୍ଟ୍ରେସନ ହୋଇଥିବାରୁ ସରକାରଙ୍କ ରାଜସ୍ୱହାନୀ ହେଉଛି ବୋଲି ଅଭିଯୋଗ ହେଉଛି। ଲିଜଧାରୀ ନିହଳପ୍ରସାଦରେ ପାଇଥିବା ପ୍ଲଟ ବ୍ୟତିତ ରକ୍ଷିତ ଖାତାର ପ୍ଲଟ ନଂ ୨୧୦୬/୨୧୦୦/୨୦୯୪/୧୯୨୦/୧୯୨୧/୧୯୩୩/୧୯୩୪/୧୯୨୩/୧୯୨୪/୨୦୯୦ରୁ ବେଆଇନ ଭାବରେ ଖଣି ଖାଦାନ କରୁଥିବାର ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏହାର ତଦନ୍ତ ସହିତ ଖଣିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଦାବି କରିଛନ୍ତି।

### କଳାମୁଗୁନି ପଥର ଓ ରୋଡ୍ ମେଟାଲ କ୍ୱାରୀ ବନ୍ଦ ନିର୍ଦ୍ଦେଶ



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲାରେ ବେଆଇନ ଭାବରେ ବିଭିନ୍ନ ଖଣି ଖାଦାନରେ ମାଫିଆମାନେ ବିସ୍ଫୋରଣ କରୁଥିବାର ଜଣାପଡିଥିଲା। ଜିଲ୍ଲାରେ ବିସ୍ଫୋରଣ ପାଇଁ ଅନୁମତି ପ୍ରଦାନ କରାଯାଇନଥିବା ବେଳେ ତୁରନ୍ତ ଖଣି ଖାଦାନରେ ବିସ୍ଫୋରଣକୁ ବନ୍ଦ କରିବାକୁ ଖଣି ଅଧିକାରୀଙ୍କ ପତ୍ରସଂଖ୍ୟାରେ ସମସ୍ତ ଲଘୁଖଣି ଲିଜଧାରୀ ଏବଂ କଳାମୁଗୁନି ପଥର, ରୋଡ ମେଟାଲ କ୍ୱାରୀ ମାଲିକମାନଙ୍କୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଖଣି ଲିଜଧାରୀଙ୍କ ଅଧିକାରୀଙ୍କ ତରଫରୁ ବାରମ୍ବାର ଖଣି ଅନୁମତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହାକୁ ଖାତିର ନକରି ଲିଜଧାରୀମାନେ କାର୍ଯ୍ୟ କରିଆସୁଛନ୍ତି। ଫଳରେ ଖଣି ଅଧିକାରୀଙ୍କ ତରଫରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯିବା ସହିତ ଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ ଅବଗତ କରାଯାଇଛି।

## ମା' ତାରେଣୀଙ୍କ ବିଶେଷ ପୂଜାର୍ଚ୍ଚନା



ଢେଙ୍କାନାଳ,୯।୯(ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡସ୍ଥିତ ମା'ତାରିଣୀଙ୍କ ପୀଠରେ ଆଜି ଆଶ୍ୱିନ ମାସର ନିଶା ମଙ୍ଗଳବାର ଥିବାରୁ ମା'ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲହାର, ବିଭିନ୍ନ ପ୍ରକାରର ଭୋଗ ସହ ମଧ୍ୟାହ୍ନରେ ପଣା ଲାଗି ହୋଇଥିଲା। ସନ୍ଧ୍ୟାରେ ଆଳତୀ ପରେ ପହଡ଼ ପଡ଼ିଥିଲା।

## ସହିଦ ବାଜିରାଉତଙ୍କ ଶତବାର୍ଷିକ ଜୟନ୍ତୀ ପାଳନ ପ୍ରସ୍ତୁତି



ଢେଙ୍କାନାଳ,୯।୯(ସମିସ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସହିଦ ବାଜିରାଉତଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ବୈଠକରେ ମନ୍ତ୍ରୀ ସହିଦ ବାଜି ରାଉତଙ୍କ ଢେଙ୍କାନାଳ ମାଟି ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କିଭଳି ତାଙ୍କର ଜନ୍ମ ଜୟନ୍ତୀକୁ ମହାଆଡ଼ମ୍ବର ସହ ପାଳନ କରାଯିବ ସେନେଇ ଆଲୋଚନା କରିଥିଲେ। ଶତବାର୍ଷିକୀ ଜନ୍ମ ଜୟନ୍ତୀ ଅକ୍ଟୋବର ୫, ୨୦୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୫,୨୦୨୬ ପର୍ଯ୍ୟନ୍ତ ଚାଲିବ। ତେବେ ଏହି ବର୍ଷ ତମାମ ଜୟନ୍ତୀ ସମାରୋହର ରୂପରେଖ କଣ ରହିବ, ତାହାର ବିସ୍ତୃତ ବିବରଣୀ ଦେବା ପାଇଁ ସେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ସେ ସହିଦ ବାଜି ରାଉତଙ୍କ ନାମରେ ପାର୍କ, ସଂଗ୍ରାହଳୟ, ମାର୍ଗ ଇତ୍ୟାଦି କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ। ଏଥିସହିତ ସେ କହିଥିଲେ ସହିଦ ବାଜି ରାଉତଙ୍କ ବଳିଦାନ ସମ୍ପର୍କରେ ପରପିଢ଼ିଙ୍କୁ ଜଣାଇବା ଆମର କର୍ତ୍ତବ୍ୟ, ତେଣୁ ଆମେ ଏଦିଗରେ ଦାୟିତ୍ୱବାନ ହେବା ଆବଶ୍ୟକ। ବୈଠକରେ ବିଧାୟକ ପରଜଙ୍ଗ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ କହିଥିଲେ ଯେ, ଏହି ଜନ୍ମ ଜୟନ୍ତୀ ସମାରୋହ ତୃଣମୂଳସ୍ତରରୁ ହେବା ଆବଶ୍ୟକ। ଯାହାଦ୍ୱାରା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକ ଜଡ଼ିତ ହେଇପାରିବେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ରାଜ୍ୟସ୍ତରୀୟ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚ ଓ ଜିଲ୍ଲାସ୍ତରରେ ଥିବା ବାଜି ରାଉତ ସ୍ମୃତି ପରିଷଦର ସଭାପତି କୋଦଣ୍ଡଧର ସାହୁ, ଏହି ଶତବାର୍ଷିକୀ ଜନ୍ମ ଜୟନ୍ତୀ ପାଇଁ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଶେଷରେ ଅତରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠି, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଗଣ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ବିୟୋଗ

ଖଜୁରିଆକଟା,୯।୯(ସମିସ): ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅଧୀନ ସାନହିନ୍ଦୋଳ ଗ୍ରାମର ନିରଞ୍ଜନ ସାହୁ(୬୯)ଙ୍କ ପରଲୋକ ଘଟିଛି।



ସେ ଢେଙ୍କାନାଳ ବିଦ୍ୟୁତ ସେକ୍ସନରେ ଦୀର୍ଘ ୪୦ ବର୍ଷ ନିରବିଚ୍ଛିନ୍ନ ଭାବେ ଲାଇନ ମ୍ୟାନ ଭାବେ ସେବା ଯୋଗାଇଦେଇ ଅବସର ନେଇଥିଲେ। ସେ ଏକ ବର୍ଷ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ସମେତ ପୁତ୍ର, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଜଣାଶୁଣା ତଥା ଉଦାର ବ୍ୟକ୍ତି ଥିଲେ। ମୃତ ଖବର ପାଇ ଗାଁରେ ଶୋକପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଖଜୁରିଆକଟା ବିଦ୍ୟୁତ ବିଭାଗରେ ଲାଇନମ୍ୟାନ ଭାବେ କାର୍ଯ୍ୟରତ ତାଙ୍କ ପୁତ୍ର ଗଦାଧର ସାହୁ ମୁଖାଗ୍ନି ଦେଇଥିଲେ।

## ପରଜଙ୍ଗରେ ଖୁଦୁରୁକୁଣୀ ଭସାଣି ଉତ୍ସବ



ପରଜଙ୍ଗ,୯।୯(ସମିସ): ପାର୍ବଣରେ ଖୁଦୁରୁକୁଣି ଓଷା ଏକ ସ୍ୱତନ୍ତ୍ର ନିଆରା ପର୍ବ ଭାବେ ପରିଚିତ। ବ୍ରତଧାରୀ ଝିଅ, ବୋହୂମାନେ ଗତ ଅଗଷ୍ଟ ୧୦ ତାରିଖ ୧ମ ପାଳି ରବିବାରଠାରୁ ୫ମ ପାଳିର ରବିବାର ପର୍ଯ୍ୟନ୍ତ ନିଷ୍ଠାର ସହିତ ରହି ଭାଦ୍ରବ ମାସର ଇନ୍ଦୁପୂର୍ଣ୍ଣିମା ଦିନ ଉଦ୍‌ଯାପିତ କରିଥିଲେ। ଓଷା ବହୁ ବର୍ଷ ଧରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମରେ ପାଳନ ହୋଇଆସୁଥିବା ବେଳେ ଚଳିତ ବର୍ଷ ଗ୍ରାମର ବିଭିନ୍ନ ସାହି ମାନଙ୍କରେ ଖୁବ ଆଡମ୍ବର ସହକାରେ ପାଳିତ ହୋଇଥିଲା ଖୁଦୁରୁକୁଣୀ ଓଷା। ଗ୍ରାମର ଗଡ଼ଭିତର ସାହିର ଝିଅ ବୋହୂମାନେ ପୂର୍ବ ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ ସର୍ବ ମା' ମଙ୍ଗଳା ଠାକୁରାଣୀଙ୍କୁ ପୂଜାମଣ୍ଡପ ଆସ୍ଥାନରେ ରଖି ଦିନ ବ୍ୟାପୀ ନିଷ୍ଠାରେ ରହି ଦିନରେ ପୋଖରୀ ହୁଡ଼ାରେ ବାଲୁକା ପୂଜା ଓ ସନ୍ଧ୍ୟାରେ ବ୍ରତଧାରୀ ଭୋଗ ସାମଗ୍ରୀ ଧରି ମା'ଙ୍କ ପୂଜାସ୍ଥଳକୁ ଯାଇ ରୀତିନୀତି ଅନୁସାରେ ପୂଜା କରିବା ସହ ବହି ପଠନ କରିଥିଲେ। ଘଣ୍ଟ ଘଣ୍ଟା ବାଦ୍ୟ ସାଙ୍ଗକୁ ହୁଳହୁଳିରେ ମା" ଙ୍କ ଆସ୍ଥାନସ୍ଥଳୀ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇପଡ଼ିଥିଲା। ବହୁ ବର୍ଷ ଧରି ଗଡଭିତର ସାହିର ଖୁଦୁରୁକୁଣୀ ଓଷା ଏବଂ ତଅପୋଇ ବିବାହ ସ୍ୱତନ୍ତ୍ର ନିଆରା ରହିଥିଲା। ସୋମବାର ସନ୍ଧ୍ୟାରେ ଓଷା କୋଠିରୁ ଠାକୁରାଣୀଙ୍କୁ ଧରି ଭସାଣି ଅଭିମୁଖେ ବାହାରିଥିଲା। ବାଜା ବାଣ, ମହିଳା କୀର୍ତ୍ତନ ମଣ୍ଡଳୀ ଏହା ସାଙ୍ଗକୁ ସାଉଣ୍ଡର ତାଳେ ତାଳେ ସାହିର ଝିଅମାନଙ୍କ ନାଚ ପରିବେଷଣ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସାହିର ଖୁଦୁରୁକୁଣୀ ଭସାଣି ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଥିବା ବେଳେ ପୂଜା କମିଟିର ଲିପ୍ସା ପରିଡା, ରେଣୁବାଳା ସାମଲ, ଅଲି ନାୟକ, ବାଜେଣୀ ଦଳବେହେରା, ପ୍ରମୋଦିନୀ ସାମଲ, ଲଭଲି ସାମଲ, ସିଲି ସାମଲ, ମୀରା ସାମଲ, ସୋନାଲି ଦେହୁରୀ, ଅପରାଜିତା ସାମଲ, ଭାଗ୍ୟଶ୍ରୀ ସାମଲ, ପ୍ରଜ୍ଞାପରମିତା ସାମଲ, ଟଟଲି ସାମଲ, ବର୍ଷା ଦେହୁରୀ, ନୀତୁ ଦଳବେହେରା, ପ୍ରମିଳା ରାଉତ ସମେତ ସାହିର ସମସ୍ତ ଝିଅ ବୋହୂ ମାନେ ଭସାଣି ଉତ୍ସବରେ ସାମିଲ ଥିଲେ। ସେହିପରି ସାହିର ମୁଖ୍ୟ ପଣ୍ଟେଇ ବିଶ୍ୱାଳ, ସୁବ୍ରତ ପରିଡା, ଅନ୍ତର୍ଯ୍ୟାମୀ ନାୟକ, କାଳିଆ ସାମଲ, ତାରାପ୍ରସାଦ ନାୟକ ଓ ଅନ୍ୟମାନଙ୍କ ସହଯୋଗରେ ଭସାଣି ଉତ୍ସବ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଗୋଷ୍ଠୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ହିନ୍ଦୋଳ/ଖଜୁରିଆକଟା,୯।୯(ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଗୋଷ୍ଠୀ ଅଧିକାରୀ ହରିହର ଦେହୁରୀଙ୍କୁ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ତରଫରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଉତ୍ସବରେ ସହକାରୀ ଶିକ୍ଷା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ପ୍ରଧାନ, ସଞ୍ଜୟ କୁମାର ନାୟକ, ଦ୍ୱିତିକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାପତି ବିରଞ୍ଚି ନାରାୟଣ ସାମଲ ଶ୍ରୀ ଦେହୁରୀଙ୍କୁ ସମ୍ମାନିତ କରିଥିଲେ। ସଂଘର ଉପସଭାପତି ବିଦ୍ୟାଧର ବେହେରା, ସମ୍ପାଦକ ନିର୍ମଳ କୁମାର ବେହେରା, ଉପଦେଷ୍ଟା ଅଶୋକ କୁମାର ଆଚାର୍ଯ୍ୟ, ଶିକ୍ଷକ ରଣଜିତ ସାହୁ, ଦିଲ୍ଲୀପ କୁମାର ବେହେରା ଓ ଗଗନ କୁମାର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

## ଅନୁଗୋଳସନ୍ତରାବନ୍ଧଚାମ୍ପିଅନହୋଇଜାତୀୟସ୍ତରକୁଉନ୍ନିତ



ଢେଙ୍କାନାଳ,୯।୯(ସମିସ): କୋଏମ୍ବାଟୁରର ସଦଗୁରୁଙ୍କ ସଂସ୍ଥାପିତ "ଇଶା ଫାଉଣ୍ଡେସନ୍' ଆନୁକୂଲ୍ୟରେ କିଟ୍ ବିଶ୍ୱ ବିଦ୍ୟାଳୟର ଆଭ୍ୟନ୍ତରିଣ କ୍ରୀଡାଙ୍ଗନାରେ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍‌ସ୍ଥିତ ପାଇକପୁରୁଣାକୋଟର ପାରିମାଳ ହାଇସ୍କୁଲ୍ ଖେଳପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଅନୁଗୁଳ ସନ୍ତରାବନ୍ଧ ଭଲିବଲ୍ ଟିମ୍ ଚାମ୍ପିଅନ୍ ହୋଇ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଥିଲା। ସେଠାରେ ଏହି ଦଳ ଚାମ୍ପିଅନ ହୋଇ ଜାତୀୟସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଚଳିତ ସେପ୍ଟେମ୍ବର ୨୧ ତାରିଖରେ ଇଶା ଫାଉଣ୍ଡେସନ୍‌ର କୋଇମ୍ବାଟୁର୍ ସ୍ଥିତ ସଦ୍‌ଗୁରୁଙ୍କ ନିଜସ୍ୱ ଆଶ୍ରମ ପରିସରରେ ତାଙ୍କ ଉପସ୍ଥିତିରେ ଅନୁଗୁଳ ସନ୍ତରାବନ୍ଧ ଭଲିବଲ୍ ଟିମ୍ ଜାତୀୟସ୍ତରରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବ। ଏହି ଦଳ ଖୋର୍ଦ୍ଧାର "କୁସୁମାତି ବ୍ଲକର ଦଳକୁ ୨୫-୧୫ ଓ ୨୫-୧୬ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଢେଙ୍କାନାଳ ଜିଲ୍ଲାର ଟୁର୍ଣ୍ଣାମେଣ୍ଟ ସଂଯୋଜକ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ, ଜିଲ୍ଲାସ୍ତରୀୟ ଉଦଘାଟନ ଦିବସ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଉଦଯାପନ ଦିବସର ମୁଖ୍ୟ ଅତିଥି ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ଏବଂ ଉଭୟ ଦିନର ସମ୍ମାନିତ ଅତିଥି ଶିକ୍ଷାବିତ ସମାଜସେବୀ ପ୍ରଦ୍ୟୁମ୍ନ ରଥ ବିଜୟୀ ସନ୍ତରାବନ୍ଧ ଦଳକୁ ଶୁଭେଚ୍ଛା ଜଣାଇବା ସହ ଜାତୀୟସ୍ତରରେ ବିଜୟୀ ହୋଇ ଓଡିଶା ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ସ୍ତରରେ ଚାମ୍ପିଅନ ଦଳ ପାଇଁ ୫ଲକ୍ଷ ଟଙ୍କା ଏବଂ ରନର୍ସଅପ ଦଳ ପାଇଁ ୩ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି।

## ବଜରଙ୍ଗ କ୍ଲବ୍ ଗଣେଶ ପୂଜାରେ ସଙ୍ଖୁଡ଼ି ଭୋଗ ଲାଗି

ଢେଙ୍କାନାଳ,୯।୯(ସମିସ):ସଦରବ୍ଲକ ଅଧୀନ କାଙ୍କଡପାଳ ନୂଆ ସାହି ବଜରଙ୍ଗ କ୍ଲବ ୪୬ତମ ଗଣେଶ ପୂଜା ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ଆଜି ପୂଜାର ୧୨ ଦିନରେ ଗଣେଶଙ୍କ ପାଖରେ ଅନ୍ନ ସଂଖୁଡି ଭୋଗ ଲାଗି କରାଯାଇଛି। ଭକ୍ତମାନେ ମହା ଆନନ୍ଦରେ ୧୦୦୦ରୁ ଅଧିକ ଲୋକପ୍ରସାଦ ସେବନ କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ରାମସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରୁଷୋତମ ଦାସ, ପୁରାତନ ସଭାପତି ପ୍ରମୋଦ ପଣ୍ଡା ଓ ଶ୍ରୀନିବାସ ନାୟକ ପ୍ରମୁଖ ଯୋଗଦେଇ ଭସାଣୀ ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଦିବସରେ କାଙ୍କଡପାଳ ନୂଆସାହି ସଂକୀର୍ତନ ମଣ୍ଡଳୀ ଓ ରେକୁଲା ସଙ୍କୀର୍ତନ ମଣ୍ଡଳୀକୁ ବାଦି ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ୧୬ ତାରିଖ ଦିନ ଭସାଣି ଉତ୍ସବ ଧୁମଧାମରେ ପାଳନ କରାଯିବ। ପ୍ରତ୍ୟେକଦିନ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ସନ୍ତୋଷ ଭାଇନା ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ପ୍ରତାପ ସାସମଲ, ସଦସ୍ୟ ମନୋଜ କୁମାର ସାହୁ, ବିକ୍ରମ ପରିଡ଼ା, ଦିଲୀପ କୁମାର ପଣ୍ଡା, ହେମନ୍ତ ସାହୁ, ବୁବୁ ସାସମଲ, ସୂଜିଆ, ବିଭୂତି ସିଲୁ, ଅଜୁ, ମନୁଆ, ବାପି, ଆକାଶ ପ୍ରମୁଖ ଓ କାଙ୍କଡପାଳ ନୂଆସାହି ବଜରଙ୍ଗ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଗଣେଶ ପୂଜା ପାଳନ କରାଯାଇଛି।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଜିଲ୍ଲାପାଳଙ୍କୁ ଦାବି





ଢେଙ୍କାନାଳ,୯।୯(ସମିସ): ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ତରଫରୁ ଆଜି ୪ ଦଫା ନେଇ ଶତାଧିକ କର୍ମଚାରୀ ଏକ ରାଲିରେ ଯାଇ ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ନ୍ୟାର୍ଯ୍ୟ ଦାବିଗୁଡିକ ହେଲା ମଜୁରୀ ଉପରେ କୋଡ୍ ତଳେ କେନ୍ଦ୍ରୀୟ ମଜୁରୀର କାର୍ଯ୍ୟକାରିତା, ଓଡିଶାରେ ହରିୟାଣା ଆଉଟସୋର୍ସିଂ ପଲିସି ମଡେଲର ଗ୍ରହଣ, ବଣ୍ଟନ କମ୍ପାନୀରେ ଏକ ଏଣ୍ଟରଜୋନ ଜୋନ ସ୍ଥାନାନ୍ତର ନୀତି କାର୍ଯ୍ୟକାରୀ କରନ୍ତୁ, ଇପିଏଫରୁ ଏଷ୍ଟହ୍ୱାଇଲ୍ କର୍ମଚାରୀଙ୍କ ଉଦାହରଣ ଇତ୍ୟାଦି ଦାବିକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି ଦେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି।

## ଡିଆଇଇଟିରେ 'ଉଲ୍ଲାସ' କାର୍ଯ୍ୟକ୍ରମ

# ଶ୍ରେଷ୍ଠତ୍ୱର ସୀମା ନାହିଁ କି ସଫଳତାର ଶେଷ ନାହିଁ

ଢେଙ୍କାନାଳ,୯।୯(ସମିସ):

ସଫଳତା ରାତାରାତି ମିଳେ ନାହିଁ। ଏହା ଦିନେ କି ଦୁଇ ଦିନରେ ଆସେ ନାହିଁ। ଏଥିଲାଗି ନିରନ୍ତର ଉଦ୍ୟମ ଆବଶ୍ୟକ। ପୁରସ୍କାର ପାଇବାର ମାନେ ନୁହେଁ କି ସଫଳତାର ସବୁ ସୋପାନ ଅତିକ୍ରମ କରିଗଲେ। ସଫଳତା ଏକ ଯାତ୍ରା ଏବଂ ଏହି ଯାତ୍ରାରେ ଯୋଗଦେଇପାରିଲେ ନିଜର ବୃତ୍ତିଗତ ଜୀବନରେ ସାର୍ଥକତା ଆସେ ବୋଲି ସ୍ଥାନୀୟ ଡିଆଇଇଟିଠାରେ ଆୟୋଜିତ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଢେଙ୍କାନାଳ ପୌରପାଳିକାର ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ରାଜ୍ୟସ୍ତରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସଫଳତାକୁ ସହାଭାଗୀମାନଙ୍କ ସହ ବାଣ୍ଟିବା ଅବସରରେ ଆୟୋଜିତ ଉଲ୍ଲାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ





ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ଡ଼ଃ ସୁସନ୍ଧ୍ୟା ମହାନ୍ତି, ପୌର୍ଣ୍ଣମାସୀ ମହାପାତ୍ର ଓ ହିନ୍ଦୋଳ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀ ଯୋଗଦେଇଥିଲେ। ଅବସରରେ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ୩ଜଣ ସିଆରସିସି ରାଜେଶ କୁମାର ସାହୁ, ଦିପୁନା ପକ୍ଷତ୍ର ଓ ମହେଶ୍ୱର ସାହୁଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ, ଶିକ୍ଷକ ଓ ସିଆରସିସିମାନେ ଡିଆଇଇଟିର ଏହି ସଫଳତାରେ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବଳିତ ନ୍ୟୁଜଲେଟର 'ନଟିଆ'କୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ପ୍ରାଚୀର ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା 'ଉଲ୍ଲାସ'କୁ ମୁଖ୍ୟ ଅତିଥି ଶ୍ରୀମତୀ ପାତ୍ର ଅନାବରଣ କରିଥିଲେ। ଏଭଳି ବିରଳ ସଫଳତା ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ କର୍ମଚାରୀଙ୍କ ଯୋଗୁଁ ସମ୍ଭବ ହେଇଥିବାରୁ ପ୍ରତିଷ୍ଠାନର ସବୁ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ କଲ୍ୟାଣୀ ସାହୁ ସଂଯୋଜନା କରିଥିବା ବେଳେ ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ, ବିଦ୍ୟୁତ ପ୍ରଭା ଶତପଥି ଓ ସ୍ୱାଗତିକା ସ୍ୱାଇଁ ଅନୁଭୂତି ବିତରଣ କରିଥିବାବେଳେ ପ୍ରଭାତୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବନ୍ଧରେ ବିଷଦ ଆଲୋଚନା ରଖିଥିଲେ ଓ ପ୍ରଭାତୀ ଦଳେଇ ଧନ୍ୟବାଦ ଦେଇଥିଲେ। ଶେଷରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲାବେଳେ ସିଏସଏଫ ପ୍ରତିନିଧି ଏବଂ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୁରୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବଟେଶ୍ୱର ବାଲିଯାତ୍ରା ନେଇ ଆଲୋଚନା



ଗଞ୍ଜାମ, ୯।୯ (ସମିସ): ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ରେ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ଶୈବ ପୀଠରେ କାର୍ତ୍ତିକ ମାସରେ ବହୁ ଭକ୍ତଙ୍କ ଭିଡ଼ ଜମିବ। ନଭେମ୍ବରରେ ବଟେଶ୍ୱର ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବେ। ଏନେଇ ସୋମବାର ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟିର ଏକ ପ୍ରତିନିଧି ହୁମ୍ମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଇନଶୃଙ୍ଖଳା ଓ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ବେଳେ କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାଏ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, ବରିଷ୍ଠ ସଭ୍ୟ ବୃନ୍ଦାବନ ପ୍ରଧାନ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ, ନିରାକାର ଜେନା, କ୍ରିଷ୍ଣା ରେଡି ଏବଂ ତ୍ରିନାଥ ରେଡି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ଓ ପ୍ରଶାସନ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ କରାଯିବ ବୋଲି ଆଲୋଚନା ହୋଇଥିଲା। ବଟେଶ୍ୱର ପୀଠକୁ ମାତ୍ର ଗୋଟିଏ ରାସ୍ତା ତାହା ମଧ୍ୟ ସଂକୀର୍ଣ୍ଣ। ପ୍ରତିବର୍ଷ ଯାତ୍ରା ସମୟରେ ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ଶହ ଶହ ଗାଡି ମୋଟର ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ପରବର୍ତ୍ତୀ ସମୟରେ ତହସିଲଦାର ଏବଂ ବିଡ଼ିଓଙ୍କୁ ପରିଚାଳନା କମିଟି ପକ୍ଷରୁ ଭେଟି ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଐତିହ୍ୟ ସଂରକ୍ଷଣ କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ରାସ୍ତା ଉପରେ ଗୃହପାଳିତ ପଶୁ; ବଢୁଛି ଦୁର୍ଘଟଣା

ଭଞ୍ଜନଗର, ୯।୯ (ସମିସ): ଭଞ୍ଜନଗର ସହରରେ ଅବାଧରେ ଦିନରାତି ରାସ୍ତାରେ ବୁଲୁଥିବା ଗୃହପାଳିତ ପ୍ରାଣୀ (ଗାଈ, ଗୋରୁ, କୁକୁର, ଘୁଷୁରୀ, ମାଙ୍କଡ) ସାଧାରଣ ଜନତାଙ୍କ ପାଇଁ ବିପଦର ସାଜୁଛନ୍ତି। ଦୈନନ୍ଦିନ ଏମାନଙ୍କ ପାଇଁ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ତେଣୁ ଉକ୍ତ ପ୍ରାଣୀଙ୍କୁ ରାସ୍ତାରୁ ହଟାଇବାକୁ ସାଧାରଣରେ ଦାବି ହେଉଛି। ଲୋକେ କ୍ଷୀର ଦୁହିଁବା ପରେ ଗାଈକୁ ଛାଡି ଦେଉଥିବାରୁ ସେମାନେ ବଜାର ରାସ୍ତାରେ ଶୋଇ ରହୁଛନ୍ତି ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ଏମାନଙ୍କୁ ହଟାଇବାକୁ ପରିବେଶ ପ୍ରେମୀ ତଥା ଅବସରପ୍ରାପ୍ତ ବନ କର୍ମଚାରୀ ରମେଶ ପାତ୍ର ଦାବି କରିଛନ୍ତି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ଏନେଇ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସମବାୟ ଓ କୃଷି ବିଭାଗ ମଧ୍ୟରେ ନାହିଁ ତାଳମେଳ

# ମିଳୁନି ସାର; ବଢୁଛି ଚାଷୀଙ୍କ ଦୁଃଖ

କୋଦଳା, ୯।୯ (ସମିସ)

ବର୍ତ୍ତମାନ ଧାନଚାଷ ପାଇଁ ସାର ପକାଇବାର ଉପଯୁକ୍ତ ସମୟ। କିନ୍ତୁ ସାରର ଅଭାବୀ ଓ କଳାବଜାରୀ ବଢ଼ିଛି। ଫଳରେ ଚାଷୀକୂଳର ଦୁଃଖ ବୃଦ୍ଧି ପାଇଛି। ବେଗୁନିଆପଡ଼ା ବ୍ଲକ ଓ କୋଦଳା ଏନ୍‌ଏସିର ୯ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ ହେଉଥିବା ବେଳେ ଅଧାରୁ ଅଧିକ ଧାନ ଫସଲ ପାଇଁ ୟୁରିଆ ସାରର ଆବଶ୍ୟକତା ପଡୁଛି। କୋଦଳା ନିକଟରେ ଥିବା ସମସ୍ତ ସମବାୟ ସମିତିକୁ ୟୁରିଆ ସାର ପହଞ୍ଚିଛି। ଚାଷୀ କିଛି ମାତ୍ରାରେ ପାଇଥିବା ବେଳେ କୃଷି ବିଭାଗ କିମ୍ବା ସମବାୟ ସମ୍ପାଦକଙ୍କ ଅପାରଗତାରୁ କୋଦଳା ସମବାୟ ସମିତି ସେଥିରୁ ବାଦ୍ ପଡିଛି। ଫଳରେ ଅଂଚଳରେ ସାରର ଘୋର ଅଭାବ ଦେଖାଦେଇଛି। ଏ ବିଷୟରେ ସମବାୟ ସମିତି ସମ୍ପାଦକ ଅରୁଣ ସାହୁଙ୍କୁ ଯୋଗାଯୋଗ ପରେ ସେ କହିଥିଲେ ଯେ, ଚାଷୀଙ୍କ ଆଧାର କାର୍ଡ ପଞ୍ଜୀକରଣ ପାଇଁ ଆବଶ୍ୟକ ପଡୁଥିବା ମେସିନ ମିଳିନଥିବାରୁ ଆମ୍ଭେ ୟୁରିଆ ସାର ଉଠାଇ ପାରିଲୁ ନାହିଁ। କିନ୍ତୁ କୃଷି ଅଧିକାରୀ ଅଲଗା କଥା କହିଛନ୍ତି, ସେ ସଠିକ ତଥ୍ୟ ନ ଦେଇ ସାର କୋଦଳାକୁ ଆସିଛି ଏବଂ ଚାଷୀ ନେଇଛନ୍ତି ବୋଲି କହିଥିଲେ। ପୁଣି କହିଲେ ନାହିଁ ଜାଣିପାରିଲି ନାହିଁ। ଆର ବର୍ଷର ଷ୍ଟକ ଦେଖିଦେଇଛି। ତେଣୁ ଭୁଲରେ କହିଦେଲି। ସମ୍ପାଦକ ସାର ଉଠାଇ ନାହାନ୍ତି କି ମୋତେ ମେସିନ କଥା ମଧ୍ୟ କେବେ କହିନାହାନ୍ତି। ତେଣୁ କିଏ ସତ କହୁଛନ୍ତି ଜଣା ପଡୁନଥିବା ବେଳେ ଦୁଇଦିନ ମଧ୍ୟରେ କୋଦଳାକୁ ଦୁଇଗାଡି ସାର ପହଞ୍ଚିବ ବୋଲି ଆମ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ କୃଷି ଅଧିକାରୀ ରାମଲାଲ ସମଦ। କିନ୍ତୁ ଦଶ ଦିନରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ପାକ୍ସରେ ସାର ପହଞ୍ଚୁନି।

ବେସରକାରୀ ଦୋକାନରେ ଯାହା ବି ଷ୍ଟକ ଥିଲା ସେମାନେ ବହୁ ଉଚ୍ଚା ଦରରେ ଏମିତିକି ବସ୍ତା ପ୍ରତି ୭୦୦ରୁ ୧୦୦୦ଟଙ୍କା ବିକିଛନ୍ତି। ତାହା ବି ଆଉ ମିଳୁନାହିଁ। ଚାଷୀଙ୍କୁ ବିକଳ୍ପ ଭାବେ ଅନ୍ୟାନ୍ୟ ସାର ବିକୁଛନ୍ତି ଦୋକାନୀ। ଚାଷୀ ବି ଉପାୟ ନ ପାଇ ଯେମିତି ବି ହେଉ ସାର ନେଇ ଧାନ ଜମିରେ ବିକଳରେ ପକାଉଛନ୍ତି। ଅନ୍ୟପକ୍ଷରେ ପ୍ରାୟ ସାର ଦୋକାନରେ ତାଲା ଝୁଲୁଛି। କେବଳ ସୋସାଇଟିରେ ହିଁ ସାର ମିଳିବ ବୋଲି ବ୍ୟବସାୟୀ କହୁଛନ୍ତି। ବର୍ତ୍ତମାନ ଚାଷୀକୂଳ କେମିତି ପାଇବେ ସାର ସେନେଇ ଚିନ୍ତାରେ। ତେବେ ଦୁଇଦିନ ମଧ୍ୟରେ ସାର ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ପ୍ରାଥମିକ ସମବାୟ ସମିତି ସମ୍ମୁଖରେ ଆନ୍ଦୋଳନ ଜୋରଦାର କରିବାକୁ ଚାଷୀକୂଳ ସଜବାଜ ହେଉଥିବା ଜଣାପଡ଼ିଛି।

# ଜୋନାଲ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପାରଳାଖେମଣ୍ଡି, ୯।୯ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜୋନାଲସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୨ଟି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା କବାଡ଼ି, ଭଲିବୋଲ, ଖୋଖୋ ଓ ଏଥେଲେଟିକ୍ସ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଖେଳାଳିମାନେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। ବ୍ଲକସ୍ତରୀୟ ପ୍ରତିଯୋଗିତା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପ୍ରାରମ୍ଭରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡି. ଶ୍ରୀରାମ ମୂର୍ତ୍ତି ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଜିଲ୍ଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ର ଖେଳାଳିଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ, ଜିକୋରିଆ ଶବର ଓ କ୍ରୀଡ଼ା ଶିକ୍ଷକ ଯଥା ଧୀରେନ୍ଦ୍ର କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# 'ଜଗାକୁ ଝୁରୁଛି ବଡ଼ଦେଉଳ' ମଞ୍ଚସ୍ଥ

ଖଲ୍ଲିକୋଟ, ୯।୯ (ସମିସ): ୮ ନମ୍ବର ୱାର୍ଡ ଶ୍ୟାମସୁନ୍ଦରପୁର ଗ୍ରାମରେ ଖୁଦୁରୁକୁଣି ପୂଜା ଉପଲକ୍ଷେ ଆୟୋଜିତ ସାମାଜିକ ନାଟକ ଜଗାକୁ ଝୁରୁଛି ବଡ଼ଦେଉଳ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ଏନ୍‌ଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ଉଦ୍‌ଘାଟନ କରି ସ୍ୱର୍ଗତ ରାଣୀମା'ଙ୍କ ଅବଦାନକୁ ମନେ ପକାଇଥିଲେ। ଏ ଅବସରରେ କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ରେମତି ଦାସ, ଅଶୋକ ସେଠୀ, ନାରାୟଣ ବାରିକ, ଯୁବ ନେତା ଦେବାଶିଷ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଗଞ୍ଜାମ, ୯।୯ (ସମିସ): ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମରେ ଚାରିଦିନ ଧରି ଚାଲିଥିବା ଜୋନ ଓ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଚାରୋଟି ଜୋନର ପ୍ରାୟ ୬୭୯ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୩୪୮ ଛାତ୍ରୀଛାତ୍ର ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ୧୨୦ କୃତୀ ପ୍ରତିଯୋଗୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଭାରତୀ ବିଦ୍ୟାପୀଠ କ୍ରୀଡ଼ା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା, ଏବିଇଓ ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ଛନ୍ଦାରାଣୀ ସାହୁ, ସୁଶାନ୍ତ ସାହୁ, ରାଧାକୃଷ୍ଣ ଦଳାଇ, ସୁରେଶ ପାତ୍ର, ହରେଶ ଚନ୍ଦ୍ର ସ୍ୱାଇଁ, ସୁଧାଂଶୁ ଶେଖର ଦାସ, ଶ୍ରୀହରି, ଜନକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ପିପି, ତଦନ୍ତକାରୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଆସିକା, ୯।୯ (ସମିସ): ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଏକ ବଳାତ୍କାର ଓ ହତ୍ୟା ମାମଲାରେ ସଠିକ ତଦନ୍ତ ଓ କୋର୍ଟରେ ସାକ୍ଷ୍ୟପ୍ରମାଣ ସହିତ ଯୁକ୍ତି ଉପସ୍ଥାପନ କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ମାମଲାରେ ଆସିକା କୋର୍ଟ ଅତିତିକ୍ତ ପିପି ଜି. ସୂର୍ଯ୍ୟ ପ୍ରକାଶ ରାଓ, ତଦନ୍ତକାରୀ ଅଧିକାରୀ ଅମ୍ବିକା ବେଣିଆ ଓ ତତ୍କାଳୀନ ଗଞ୍ଜାମ ଏସ୍‌ପି ଜଗମୋହନ ମୀନାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଭୁବନେଶ୍ୱର ସ୍ଥିତ ପୁଲିସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନପତ୍ର ସହିତ ୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ସୂଚନା ପ୍ରକାରେ ୨୦୨୪ ଜୁଲାଇ ୧୩ରେ ଆସିକା ଥାନା ଅନ୍ତର୍ଗତ ଆସିକା ଏନଏସିର ସୁନାମ୍ବ ସାହିରେ ଦିବ୍ୟାଙ୍ଗ ଝିଅକୁ ବଳାତ୍କାର ଓ ବାପା ଉଦୟ ମୁନୀଙ୍କୁ ହତ୍ୟା ମା' ମମତା ମୁନୀକୁ ହତ୍ୟା ଉଦ୍ୟମ ଘଟଣାର ରାୟ ୯ ମେ ୨୦୨୫ରେ ଅର୍ଥାତ ୧୦ମାସରେ ପ୍ରକାଶ ପାଇଥିଲା।



# ନୂତନ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ସ୍ୱାଗତ



ଛତ୍ରପୁର, ୯।୯ (ସମିସ): ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘ ଏବଂ ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲା ମେଡ଼ିସିନ ଦୋକାନ ସଂଘର ସଭାପତି ଏବଂ ସମ୍ପାଦକ ଆଜି ଗଞ୍ଜାମ-୨ୟ ମଣ୍ଡଳ ଛତ୍ରପୁର ଭେଷଜ ନିରୀକ୍ଷକ (ଡ୍ରଗ ଇନିସ୍ପେକ୍ଟର) ପ୍ରଶାନ୍ତ କୁମାର ସେଠିଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏଥିରେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ସଂଘର ସଭାପତି ପି ସତ୍ୟନାରାୟଣ, ଜିପିସିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ବଲ୍ଲଭ ପାଣିଗ୍ରାହୀ, ଛତ୍ରପୁରର ଇସି ମେମ୍ବର ରାଜେଶ କୁମାର ସାହୁ ଓ ବିଜୟ ଚନ୍ଦ୍ର ସେନାପତି ଏବଂ ସାମ୍ବାଦିକ ଗୌର ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପାତ୍ରପୁର, ୯।୯ (ସମିସ): ସାମନ୍ତିଆପଲ୍ଲୀ ସ୍ଥିତ ପିଏମ୍ ଶ୍ରୀ ମହନ୍ତ ଶ୍ରୀ ପରାଙ୍କୁଶ ବିଦ୍ୟାପୀଠ ବିଦ୍ୟାପୀଠଠାରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୪ଟି ଜୋନ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ କ୍ରୀଡ଼ା ଶିକ୍ଷକ ମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।



# ସୋରଡ଼ା ବ୍ଲକରେ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

ସୋରଡ଼ା, ୯।୯ (ସମିସ): ବାଘଲିଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ବୋରସିଂ ଓ ଅମୃତୁଲୁ କ୍ଲଷ୍ଟରର ଛାତ୍ରଛାତ୍ରୀଙ୍କୁ ଚକ୍ଷୁ ଚିକିତ୍ସା ଶିବିର କରି ଚଷମା ବିତରଣ କରାଯାଇଛି। ଶିବିରରେ ୧୬୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ଏକ ଭେଷଜ ଡାକ୍ତରୀ ଦଳ ସହ ଚକ୍ଷୁ ବିଭାଗୀୟ ଡାକ୍ତରମାନେ ଯୋଗଦେଇ ପିଲାଙ୍କ ମାଗଣା ପରୀକ୍ଷା କରିବା ସହ ୩୩ଜଣଙ୍କୁ ଚଷମା ବଣ୍ଟନ କରିଥିଲେ। ୫ଜଣ ପିଲାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବ୍ରହ୍ମପୁରକୁ ପଠାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଳା ପାତ୍ରଙ୍କ ସହିତ ବିଆରଟି ଜଗନ୍ନାଥ ବେହେରା, କ୍ଲଷ୍ଟର ସିଆରସିସି ରାଜେନ୍ଦ୍ର କୁମାର ବିଷୋୟୀ ଆଦି ଯୋଗଦେଇ ଚକ୍ଷୁ ଯତ୍ନ ପରାମର୍ଶ ସହ ସଚେତନତା ନେଇ ଆଲୋଚନା କରିଥିଲେ।

# କଞ୍ଚଣାରେ ଜନ ଅଭିଯୋଗ ଶୁଣାଣି

ଖଲ୍ଲିକୋଟ, ୯।୯ (ସମିସ): କଞ୍ଚଣା ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଚତୁର୍ଥ ଶିବିରରେ ମୋଟ ୬୦ଟି ଅଭିଯୋଗ ଆସିଛି। ବିଶେଷ କରି ରାସନକାର୍ଡ ସମସ୍ୟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଆବାସ ଯୋଜନାରେ ଘର ପାଇବା ସମସ୍ୟା ସମ୍ପର୍କରେ ସର୍ବାଧିକ ଅଭିଯୋଗ କରିଛନ୍ତି। ହସ୍ତଗତ ହୋଇଥିବା ଅଭିଯୋଗ ଗୁଡିକର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ ବୋଲି ବିଡ଼ିଓ ଦେବାଶିଷ ସାମଲ କହିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓଙ୍କ ସମେତ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଥାନା ଅତିରିକ୍ତ ଆଇଆଇସି ପୂର୍ଣ୍ଣଚନ୍ଦ୍ର କିଶାନ, ଏବିଡିଓ ଗାୟତ୍ରୀ ପଣ୍ଡା, ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଯୋଗାଣ ନିରୀକ୍ଷିକା ଶୁଭସ୍ମିତା ପରିଡା, ଏବିଇଓ ସୁଷମା ଶବର, କହ୍ନେଇପୁର ସରପଞ୍ଚ ପ୍ରକାଶ ସାସମଲ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଛତ୍ରପୁର ଉପ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ମଧ୍ୟ ଉପସ୍ଥିତ ଥିଲେ।

### • ଚୋରାମଦ କାରବାର ବନ୍ଦ ଦାବି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସାମାଜିକକର୍ମୀ

ପାରଳାଖେମଣ୍ଡି, ୯।୯ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମାଜସେବୀ ପ୍ରଣଜ କୁମାର ପଟ୍ଟନାୟକ ଜିଲ୍ଲାରେ ହେଉଥିବା ଅବାଧ ଚୋରାମଦ ବିକ୍ରୀ ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି କିଛିଦିନ ଧରି ଜିଲ୍ଲାର ବିଭିନ୍ନ ବ୍ଲକ ଓ ସଦରମହକୁମାରେ ଚୋରାମଦ କାରବାର ବ୍ୟାପକ ମାତ୍ରାରେ ବଢ଼ିଛି। ଏଥିସହ ବିଦେଶୀ ମଦ ଦୋକାନ ଗୁଡିକରେ ଠିପି ଖୋଲି ମଦ ବିକ୍ରି ହେବା ସହ ଓ ଧାର୍ଯ୍ୟ ମୂଲ୍ୟ ଠାରୁ ୩୦ରୁ ୪୦ ଟଙ୍କା ଅଧିକରେ ବିକ୍ରି ହେଉଛି। ଏପରିକି କିଛି ମଦ ଦୋକାନର ଲାଇସେନ୍ସ ନଥାଇ ବର୍ଷବର୍ଷ ଧରି ବିକ୍ରି ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ସାର ସୁଗମ ଯୋଗାଣ ପାଇଁ ସମୀକ୍ଷା ବୈଠକ



ଛତ୍ରପୁର, ୯।୯ (ସମିସ): ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲ୍‌ରେ ସାରର ସୁଗମ ଯୋଗାଣ ଓ ବିକ୍ରୟ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚାଷୀ ମାନଙ୍କୁ ସୁଚାରୁ ରୂପେ ସାର ଯୋଗାଇବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ବିକ୍ରୟ କେନ୍ଦ୍ର(ଘରୋଇ) ଗୁଡିକରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ସାର ପ୍ରଦାନ କରିବାକୁ କୁହାଯାଇଛି। ଏହା ସହିତ ଯେଉଁ ଚାଷୀମାନେ ସାର ପାଇନାହାନ୍ତି ସେମାନଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ଯେଉଁ ପାକ୍ସ କିମ୍ବା ବିକ୍ରୟ କେନ୍ଦ୍ର ଗୁଡିକରେ ଅଧିକ ସାର ଗଚ୍ଛିତ ଅଛି, ଆବଶ୍ୟକ ପଡିଲେ ଅନ୍ୟ କେନ୍ଦ୍ର କିମ୍ବା ବିକ୍ରୟ କେନ୍ଦ୍ରକୁ ଟ୍ୟାଗ କରାଯିବ। ସମବାୟ ଓ କୃଷି ବିଭାଗର ସମନ୍ୱୟ ରଖି ଚାଷୀମାନଙ୍କୁ ଉପଯୁକ୍ତ ଭାବେ ସାର ପ୍ରଦାନ ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଉଛନ୍ତି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଆହୁରି ଅଧିକା ସାର ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭାରପ୍ରାପ୍ତ ଡିଆରସିଏସ (ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସମୂହ )ଯୋଗମାୟା ସାବତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଭିସି ମାଧ୍ୟମରେ ଯୋଡି ହୋଇଥିଲେ।

# ସାର ଅଭାବ ନେଇ ମନ୍ତ୍ରୀଙ୍କ ବୈଠକ



ପୋଲସରା, ୯।୯ (ସମିସ): ପୋଲସରା ଅଞ୍ଚଳରେ ଦୀର୍ଘଦିନ ହେବ ସାର ଅଭାବ ଓ କଳାବଜାରି ଲାଗି ରହିଛି। ବାରମ୍ବାର ଅଭିଯୋଗ ପରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲିକଙ୍କ ବୁଗୁଡ଼ା ବାସଭବନରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସମବାୟ ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ସାରର କଳାବଜାରୀ ରୋକିବା ସହ ଚାଷୀଙ୍କୁ ଜୈବିକ ସାରର ଉପକାରିତା ବିଷୟରେ ବୁଝାଇ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବାକୁ କହିଥିଲେ। ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରଖିବା ସହ ଚାଷୀଙ୍କୁ ଆଗାମୀ ଦିନରେ ସଠିକ ପରିମାଣରେ ସାର ଯୋଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'କସ୍ତୁରୀ କଳା ସମ୍ମାନ' ଉଦ୍‌ଯାପିତ

ବ୍ରହ୍ମପୁର, ୯।୯ (ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ନୃତ୍ୟ ଭୈରବ କଳା କ୍ଷେତ୍ର ଓ ଓଡ଼ିଶୀ ନୃତ୍ୟାୟନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ 'କସ୍ତୁରୀ କଳା ସମ୍ମାନ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗୁରୁ ରଘୁନାଥ ପାତ୍ର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ କେସିଓ ଗୁରୁ ଯତୀନ ଦାସ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ କୃଷ୍ଣଚରଣ ସିଂ, ଅମୀୟ ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଅଭୟେନ୍ଦୁ ଶେଖର ପଟ୍ଟନାୟକ, ଭବାନୀ ଚରଣ ମିଶ୍ର ଓ ଡା. ଚନ୍ଦନ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୁରୁ ରଘୁନାଥ ପାତ୍ର, ଏମକେସିଜି ମେଡ଼ିକାଲ କଲେଜର ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ, ଡା. ସୁଜାତା ପାଢ଼ୀ ଓ ସଂସ୍କୃତି ଗବେଷକ ଡ଼. ସନ୍ୟାସୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦଘୋଷକ ଶିବାନନ୍ଦ ବାରିକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ତଥା ଗୁରୁ ଶିବରାମ ବାରିକ, ଉପସଭାପତି ପ୍ରଭାତ କୁମାର ପାତ୍ର, ଆବାହକ ସଂଗ୍ରାମ କୁମାର ଦାସ, ସମ୍ପାଦକ ମିହିର କୁମାର ପାଣିଗ୍ରାହୀ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ନିଶାଙ୍କ, କୋଷାଧ୍ୟକ୍ଷ ବିଶ୍ୱମ୍ବର ବେହେରା, ଶିବ ଶଙ୍କର ଷଡ଼ଙ୍ଗୀ, ଆଶାଲତା ପଟ୍ଟନାୟକ ଓ ତିଳୋତ୍ତମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



### କାଶତଣ୍ଡୀରେ ସଜେଇ ହୋଇଛି ଧରିତ୍ରୀ...

# ଲାଜେଇ ହସୁଛି ଫୁଲେଇ ଫୁଲ; ସୌନ୍ଦର୍ଯ୍ୟ ଅମୂଲ ମୂଲ

ଶେରଗଡ, ୯।୯ (ସମିସ)



ଧରଣୀ ରାଣୀର ଗଭାରେ ଶୋଭା ପାଇଲାଣି କାଶତଣ୍ଡୀ। ସୂଚନା ଦେଲାଣି ପାର୍ବଣ ଆଗମନର। ଏହି କାଶତଣ୍ଡୀ ସଭିଙ୍କ ମନରେ ବାଣ୍ଟି ଦେଇଥାଏ ଶାନ୍ତିର ବାର୍ତ୍ତା। ଧୋବ ଫରଫର ହୋଇ ଝଟକି ଥାଏ ସୂର୍ଯ୍ୟଙ୍କ କିରଣରେ। ଚାନ୍ଦ ପରି ଚିକ୍ ଚିକ୍ କରି ଝଟକି ଥାଏ ଏହି ଧରାପୃଷ୍ଠରେ, ପୁଣି କେତେବେଳେ ମେଘ ଆକାଶର ଭସା ବାଦଲ ସହିତ ତାଳ ଦେଇ ନାଚି ଉଠିଥାଏ। ବୁଦା ବୁଦା ଫୁଲ ଶରତେ ଖେଳି ବୁଲୁଛି। ପାର୍ବଣ ଆସୁଛି, ଧରିତ୍ରୀ ହସୁଛି, ଧରିତ୍ରୀକୁ ପ୍ରେମର ଚାଦରରେ ଢାଙ୍କି ଦେଇଛି କାଶତଣ୍ଡୀ। ଶେରଗଡ଼ ବ୍ଲକର ବହୁ ଇଲାକାରେ ଏହି ଦୃଶ୍ୟ ଖୁବ୍ ମନୋରମ ଲାଗୁଛି। ନଦୀ ପଠା, ପାହାଡ, ପର୍ବତ ଓ ଝରଣା ନିକଟରେ କାଶତଣ୍ଡୀ ମହୁଲିଆ ପବନରେ ନଇଁ ପୁଣି ଉଠି ପଡି ସତେ ଯେପରି ଧରାପୃଷ୍ଠକୁ ଦେବୀ ମା'ଙ୍କୁ ପାଛୋଟି ନେବାକୁ ଅନାଇ ରହିଛି। କାଶତଣ୍ଡୀ ଫୁଲ ଫୁଟିଲେ ପୂଜା ପାର୍ବଣର ଋତୁ ଆସିଥାଏ ବୋଲି ସୂଚନା ମିଳେ। ଦୁର୍ଗା ପୂଜା ଲାଗି ଏବେ ଚାରି ଆଡେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଜଗତଜନନୀ ମା ଦୁର୍ଗାଙ୍କୁ ଧରାପୃଷ୍ଠକୁ ପାଛୋଟି ନେବାକୁ ପ୍ରକୃତି ରାଣୀ କାଶତଣ୍ଡୀ ଫୁଲ ଫୁଟାଇଥାଏ। ପବନର ଛୁଆଁରେ ଖିଲି ଖିଲି ହସ ସହିତ ଦେବୀ ଦୁର୍ଗାଙ୍କ ନିକଟରେ ନିଜକୁ ସମର୍ପିତ କରିବା ଲାଗି କରିଥାଏ ଅପେକ୍ଷା। ଏବେ ଶେରଗଡ଼ ଅଞ୍ଚଳର ପାହାଡ଼, ପର୍ବତ, ଝରଣା ଭଳି ପ୍ରାକୃତିକ ପରିବେଶରେ ଶୋଭା ପାଉଛି କାଶତଣ୍ଡୀ।

ସ୍ଥାୟିତ୍ୱ ନଥିବାରୁ ସବୁ ଦୁଃଖକୁ ଜାବୁଡି ଧରି ପଡ଼ି ରହିଥାଏ। ସ୍ୱଳ୍ପ ସମୟ ଲାଗି ହେଲେ ମଧ୍ୟ ମନଖୋଲା ହସ ମଧ୍ୟରେ ହଜାଇ ଦେଇଥାଏ ନିଜକୁ, ଖେଳି ବୁଲିଥାଏ ଧରଣୀ ବକ୍ଷରେ। ଏଭଳି ମନୋରମ ଦୃଶ୍ୟକୁ ଦେଖି କବିଙ୍କ ଲେଖନୀ ମୁନରୁ କବିତା ସୃଷ୍ଟି ହୋଇଥାଏ। ଗାଳ୍ପିକ, ଲେଖକ ମଧ୍ୟ କେଉଁ ଏକ ଅଜଣା ରାଇଜର କଥା ଭାବି ଭାବୁକ ସାଜିଥାନ୍ତି। ପ୍ରେମିକ, ପ୍ରେମିକା ମଧ୍ୟ ଏଭଳି ପରିବେଶରେ ନିଜକୁ ହଜାଇବା ଲାଗି କିଛି ସମୟ ବିତାଇଥାନ୍ତି। କାଶତଣ୍ଡୀ ଫୁଲ ମହକ ହୀନ ହେଲେ ମଧ୍ୟ ପ୍ରକୃତି ରାଣୀ ହସି ଉଠିଥାଏ। ଆଜିର ଯୁବପିଢ଼ି ଏଭଳି ଦୃଶ୍ୟକୁ ମୋବାଇଲରେ ଉତ୍ତୋଳନ କରି ଇଣ୍ଟରନେଟରେ ଅପଲୋଡ଼ କରିବାକୁ ଭୁଲନ୍ତି ନାହିଁ। ବିଭିନ୍ନ ସିନେମା, ସିରିଏଲ ମଧ୍ୟ ଏଭଳି ପ୍ରାକୃତିକ ସୌନ୍ଦର୍ଯ୍ୟରେ ସୁଟିଂ ହୁଏ। ଏବେ ସ୍ୱର୍ଣ୍ଣଚୁଡ଼, ପାହାଡ, ଖଣ୍ଡିଆ ହିଡ, କୁଳଡିହ, ଅଭୟାରଣ୍ୟ, ସୀମାନ୍ତ ଅଞ୍ଚଳ, ନଦୀ ବାଟରେ କାଶତଣ୍ଡୀ ଫୁଲ ଫୁଟିଛି। ସେଠାକୁ ଯୁବପିଢି, କବି, ଲେଖକ, ପ୍ରକୃତି ପ୍ରେମୀ ଯାଉଥିବା ଦେଖାଯାଉଛି।

# ସମ୍ବଲପୁର ଜିଲ୍ଲାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

ସମ୍ବଲପୁର, ୯।୯ (ସମିସ)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲାରେ ମଙ୍ଗଳବାରଠାରୁ କଂଗ୍ରେସର ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଆଜି ଏଆଇସିସି ପର୍ଯ୍ୟବେକ୍ଷକ ତଥା ରାଜସ୍ଥାନର ପୂର୍ବତନ ବିଧାୟକ ଇନ୍ଦ୍ରଜ୍ ସିଂ ଗୁରଜରଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ ଆସି ପହଞ୍ଚିଛନ୍ତି। ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବ। ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ର ତଥା ବିଭିନ୍ନ ଅଞ୍ଚଳ ଗସ୍ତକରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରାଯିବ। ଏହି ପର୍ଯ୍ୟବେକ୍ଷକ ଦଳ ଏଆଇସିସିକୁ ଜିଲ୍ଲା ସଭାପତି ପଦ ସକାଶେ ୬ ଜଣଙ୍କ ନାମ ତାଲିକା ପ୍ରଦାନ କରିବେ। ସେମାନଙ୍କ ମଧ୍ୟରୁ ଯୋଗ୍ୟତା ଓ ଲୋକପ୍ରିୟତା ଆଧାରରେ ଦଳର ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଜଣାପଡ଼ିଛି।

ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା ରାଜସ୍ଥାନର ପୂର୍ବତନ ବିଧାୟକ ଇନ୍ଦ୍ରଜ୍ ସିଂ ଗୁରଜର ସୂଚନା ଦେଇ କହିଛନ୍ତି ଯେ, କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଏହି ଅଭିଯାନ କରାଯାଉଛି ଏବଂ ଏହି ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ଗସ୍ତ କରି ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରାଯିବ। ଏହାପରେ ଏକ ୬ ଜଣିଆ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇ ଏଆଇସିସିକୁ ପ୍ରଦାନ କରାଯିବ। ଏହି ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱାରୋପ କରାଯିବ। ନିରପେକ୍ଷ ଆଧାରରେ ସୁପାରିସ କରିଥିବା ଉକ୍ତ ତାଲିକାରୁ ଜଣେ ଦକ୍ଷ, ସୁସଂଗଠକ, ଜନାଦୃତ ବ୍ୟକ୍ତିଙ୍କୁ ଏଆଇସିସି ତର୍ଜମା କରିବା ପରେ ଜିଲ୍ଲା ସଭାପତି ନିଯୁକ୍ତ କରିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀ ସିଂ ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି ଓ ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ସେ କହିଥିଲେ।

ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ସାମ୍ବାଦିକ ସମ୍ମିଳନୀରେ ସଂଗଠନ ସୃଜନ ଅଭିଯାନର ଆଭିମୁଖ୍ୟ




ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଆଇସିସି ପର୍ଯ୍ୟବେକ୍ଷକ ଓ ପିସିସି ପର୍ଯ୍ୟବେକ୍ଷକଙ୍କ ବ୍ୟତୀତ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ପିସିସି ସମ୍ପାଦକ ଇଂ. ଦିଲୀପ ଦୁରିଆ ମଞ୍ଚାସୀନ ଥିଲେ। ଏହାପରେ ଶ୍ରୀ ଗୁରଜର କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ କର୍ମୀ କର୍ମକର୍ତ୍ତା ଙ୍କୁ ଭେଟିଥିଲେ ଓ ଏହି ସମୟରେ କଂଗ୍ରେସ ଦଳକୁ ଆଗାମୀ ନିର୍ବାଚନରେ ସମସ୍ତେ ମିଳିମିଶି ଶକ୍ତିଶାଳୀ କରିବା ପାଇଁ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଆଦି ବିଷୟରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଜିଲ୍ଲା ସଭାପତି ଚୟନ ପାଇଁ ମତାମତ ଲୋଡ଼ିଥିଲେ। ଏହି ଅବସରରେ ପିସିସି ସଭ୍ୟ ଚନ୍ଦ୍ରକାନ୍ତ ପୁରୋହିତ, ପିସିସି ସଭ୍ୟା ସୁରଞ୍ଜିନି ବାରିକ, ଗୋବିନ୍ଦ ମିଶ୍ର, ସୂତପା ମିତ୍ର, ବିଜୟ ଲକ୍ଷ୍ମୀ ବେହେରା, କବିତା ପଟ୍ଟନାୟକ, ସେବାଦଳର ବିନୋଦିନୀ ଦୀପ, ଡଲି ଅହମଦ, ବାବୁ ଖାନ, ରବି ରାଉତ, ଜିତେନ୍ ମହାନନ୍ଦ, ପୂର୍ବତନ କାଉନସିଲର ଅଶୋକ ସୋନି, ପୂର୍ବତନ କାଉନସିଲର ବନମାଳୀ ସତନାମୀ, ପୂର୍ବତନ କାଉନସିଲର ଲାଲ ମୋହନ ଷାଠିଆ, ପୂର୍ବତନ କାଉନସିଲର କୃଷ୍ଣ ଚନ୍ଦ୍ର ସୁନାର, ପ୍ରକାଶ ଶତପଥି, ଲକ୍ଷ୍ମୀ ନାରାୟଣ ପ୍ରଧାନ, ଓବିସି ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ରାଜେଶ ମିଶ୍ର, ସୁଧୀର ପଣ୍ଡା, ମୋହନ ଶାହା, ଦଶରଥ ଦାସ, ବିରଞ୍ଚି ମହାପାତ୍ର, କାଲୁ ସ୍ୱାଇଁ ପ୍ରମୁଖ ନେତା ଓ କର୍ମୀ ପର୍ଯ୍ୟବେକ୍ଷକଙ୍କୁ ଭେଟି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

ଆଜି ସଂଗଠନ ସୃଜନ ଅଭିଯାନର ପ୍ରଥମ ଦିନ ଅପରାହ୍ଣରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ରେଢ଼ାଖୋଲ ବ୍ଲକ ଓ ଏନଏସି ସକାଶେ କର୍ମୀ ଓ କର୍ମକର୍ତ୍ତାଙ୍କ ସମାବେଶ ଆୟୋଜନ କରାଯାଇଥିବାବେଳେ ଆସନ୍ତାକାଲି ୧୦ ତାରିଖ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ନାକଟିଦେଉଳ ଏବଂ ଯୁଯୋମୁରା ବ୍ଲକ, ୧୧ ତାରିଖ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କୁଚିଣ୍ଡା ବ୍ଲକ ଓ ଏନଏସି, ବାମରା ବ୍ଲକ ଓ ଜମନକିରା ବ୍ଲକ, ୧୨ ତାରିଖ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଧନକଉଡ଼ା ବ୍ଲକ ରେଙ୍ଗାଲି ବ୍ଲକ ଓ ଏନଏସି, ମାନେଶ୍ୱର ବ୍ଲକ ଏବଂ ୧୩ ତାରିଖ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ହୀରାକୁଦ ଟାଉନ ଓ ବୁର୍ଲା ଟାଉନରେ କର୍ମକର୍ତ୍ତା ଓ କର୍ମୀଙ୍କ ସମାବେଶ ଅନୁଷ୍ଠିତ ହେବ ବୋଲି ଡିସିସି ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀ ସୂଚନା ଦେଇଛନ୍ତି।

# ଆଜି ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ବାତିଲ

**ସମ୍ବଲପୁର, ୯।୯ (ସମିସ) :** ଲିଙ୍କ୍ ରେକ୍ ବିଳମ୍ବରେ ଚାଲିବା ଯୋଗୁଁ, ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ୧୦ ତାରିଖ ଉଭୟ ଦିଗରେ ବାତିଲ ରହିବ ବୋଲି ରେଳବାଇ ପକ୍ଷରୁ ଅବଗତ କରାଯାଇଛି। ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଟ୍ରେନ୍ ନମ୍ବର ୨୨୮୪୦/୨୨୮୩୯ ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଏକ୍ସପ୍ରେସ୍ ୧୦.୦୯.୨୦୨୫ରେ ବାତିଲ ରହିବ। ଏହି ବାତିଲ୍ ବିଷୟରେ ଧ୍ୟାନ ଦିଅନ୍ତୁ ଏବଂ ସେହି ଅନୁସାରେ ଯାତ୍ରା ଯୋଜନା କରନ୍ତୁ ବୋଲି ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି।

# ହନୁମାନ ମନ୍ଦିର ନିର୍ମାଣ ବିଲ୍ ଦେୟ ଦେବାରେ ଟାଳଟୁଳ ଅଭିଯୋଗ



**ସମ୍ବଲପୁର, ୯।୯ (ସମିସ) :** ଯୁଯୋମୁରା ଗ୍ରାମରେ ହନୁମାନ ମନ୍ଦିର କାର୍ଯ୍ୟ ଶେଷ ହୋଇଥିଲେ ହେଁ ତାହାର ବିଲ୍ ଦେବାକୁ ଅଧିକାରୀମାନେ ଟାଳଟୁଳ କରୁଥିବା ଆଜି ଯୁଯୋମୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଯୁଯୋମୁରା ଗ୍ରାମ ବଜାରଠାରେ ଏକ ହନୁମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଏକ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ (ଜେଇ) ଆସି କାର୍ଯ୍ୟ ଦେଖି ବିଲ ପ୍ରସ୍ତୁତ କରିଥିଲେ। ଏହାପରେ ନିର୍ବାହୀ ଯନ୍ତ୍ରୀ (ଇଇ)ଙ୍କୁ ପଚାରିବାରୁ ସେ ତାଙ୍କ ପାଖରେ ଫାଇଲ ନାହିଁ ବୋଲି କହିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ନିର୍ବାହୀ ଯନ୍ତ୍ରୀ ଫାଇଲ ଫେରାଇ ଦେଇଛନ୍ତି ବୋଲି କହିଥିବା ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଯୁଯୋମୁରା ବ୍ଲକରେ ସବୁକିଛି ଠିକ୍ ଚାଲିନାହିଁ ଏବଂ ଗ୍ରାମବାସୀ କାମ ତଦାରଖ କରୁଥିବାରୁ କମିଶନ ମିଳିବ ନାହିଁ ବୋଲି ଆଶଙ୍କା ହଇରାଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୭ ଦିନ ୧୬ ତାରିଖ ମଧ୍ୟରେ ବିଲ୍ ଦେୟ ଦିଆନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ହନୁମାନ ମନ୍ଦିର ନିର୍ମାଣ କମିଟି ଯୁଯୋମୁରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ରୁକ୍ମିଣୀ ପତିଙ୍କ ପରଲୋକ

**ସମ୍ବଲପୁର, ୯।୯ (ସମିସ):** ବରଗଡ଼ ଜିଲ୍ଲା ଭଟଲି କେନ୍ଦୁଗୁଡ଼ିଆ ମୂଳନିବାସୀ ରୁକ୍ମିଣୀ ପତିଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପଛରେ ସ୍ୱାମୀ ଜନାର୍ଦ୍ଦନ ପତି, ଚାରିପୁଅ ନିମାଇଁଚରଣ, ଉମାଚରଣ, ଚିତ୍ତରଞ୍ଜନ ଓ ମନୋରଞ୍ଜନ, ଚାରି ବୋହୂ ବନିତା, ନିତାଞ୍ଜଳି, ବିଜୟା ଓ ମିତା ଏବଂ ନାତିନାତୁଣୀ ରହିଛନ୍ତି। ତାଙ୍କ ବିୟୋଗରେ ଜ୍ଞାତିପରିଜନ ମହଲରେ ଶୋକର ଛାୟା ଖେଳିଯାଇଛି।

# ବ୍ଲକସ୍ତରୀୟ ଖୋ-ଖୋ, କବାଡ଼ି, ଫୁଟବଲ, ହକି ପ୍ରତିଯୋଗିତା



**ଜମନକିରା, ୯।୯ (ସମିସ) :** ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଭୋଜପୁର ଠାରେ ଜମନକିରା ବ୍ଲକ ସ୍ତରୀୟ ୧୭ ଓ ୧୪ ବର୍ଷରୁ କମ୍ ବାଳକ ବାଳିକା ବର୍ଗର ଖୋ-ଖୋ, କବାଡି, ଫୁଟ୍‌ବଲ ଓ ହକି ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୪ଟି ସବ-ଜୋନ ରୁ ମୋଟ ୩୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବରିଷ୍ଠ ଶିକ୍ଷକ ରୋହିତ କୁମାର ନାଥ, କ୍ରୀଡା ଶିକ୍ଷକ ନାରାୟଣ ପଧାନ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ନିହାର ପଟେଲ, ସୁଶାନ୍ତ ଚୌଧୁରୀ, ସିସିଲିଆ ତିର୍କି, ପ୍ରଦୀପ ବାରିକ, ରଣଜିତ ଗିରି, ପ୍ରିୟରଞ୍ଜନ ସାତୁଆ, ଶିବନାରାୟଣ ବେହେରା, ଧରଣୀଧର ନାୟକ, ଦୀପକ କିସାନ, ସତ୍ୟବ୍ରତ ଦେହୁରୀ, ନିଳିମା କେରକେଟା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବେ।

# ମିର୍ଦ୍ଧା ସମାଜର ବୈଠକ

**ସମ୍ବଲପୁର, ୯।୯ (ସମିସ) :** ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ଅଧ୍ୟକ୍ଷତା ଏବଂ କୁଚିଣ୍ଡା ଜିଲ୍ଲା ପରିଷଦ ସଦସ୍ୟ ଦେବରାଜ କିସାନଙ୍କ ଉପସ୍ଥିତିରେ ମିର୍ଦ୍ଧା ସମାଜକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାକାଳ ଜୟନ୍ତପୁର ବଡ଼ଖାଲା ଅନ୍ତର୍ଗତ ଜିଲ୍ଲାର ଯୁଯୋମୁରା, ରେଙ୍ଗାଲି, ଧନକଉଡ଼ା, ମାନେଶ୍ୱର, ଜମନକିରା ଏହିପରି ୫ଟି ବ୍ଲକର ୧୮ ଟି ଘାଟିର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ। ବୈଠକରେ ମିର୍ଦ୍ଧା ସମାଜର ବିଭିନ୍ନ ସମସ୍ୟା ସହ ଉନ୍ନତି ତଥା ଲୋପ ପାଇଯାଉଥିବା ତାଙ୍କ ଭାଷା, ସଂସ୍କୃତିର ଉତ୍‌ଥାନ ବିଷୟରେ ଆଲୋଚନା ହୋଇଥିଲା। ଉପସ୍ଥିତ ସଭ୍ୟମାନେ ନିଜସ୍ୱ ମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସମାଜରେ ଶିକ୍ଷା ଓ ସଂସ୍କାର ଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ମିର୍ଦ୍ଧା ସମାଜର ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ଏକ ଦାବିପତ୍ର ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



# ୫୧୮ ବୋତଲ ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୯।୯ (ସମିସ) :** ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚଢ଼ଉ କରି ପୁଲିସ ଏକ ମଦ ବୋତଲ ବୋଝେଇ ବୋଲେରୋ ଜବତ କରିବାସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୁଲିସର ସୂଚନାନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଇଁଠାପାଲି ଥାନା ଅଞ୍ଚଳରେ ଆଜି ସନ୍ଧ୍ୟାରେ ଚଢ଼ଉ କରିଥିଲା। ଏହି ସମୟରେ ୩୬୧ ବୋତଲ ବିଅର (୨୨୦ ଲିଟର), ୧୫୭ ବୋତଲ ବିଦେଶର ମଦ (୩୧ ଲିଟର) ଏହିଭଳି ମୋଟ ୨୫୧ ଲିଟର ବିଦେଶୀ ମଦ ବୋଝେଇ ବୋଲେରୋ (ଓଆର୍ ୦୫ଏଭି-୧୬୦୬) କୁ ଜବତ କରିଛି। ଏହା ରଖିଥିବା ବୁର୍ଲା କଣ୍ଟ୍ରାକ୍ଟର କଲୋନୀ ଗୁଆଲାପଡ଼ାର ଅରବିନ୍ଦ ରାୟ (୨୫) କୁ ପୁଲିସ ଧରିଛି। ପୁଲିସ ଅଇଁଠାପାଲି ଥାନା କେସ ନଂ.୨୯୭ ତା ୯-୯-୨୦୨୫ ଦଫା ୫୨(ଏ) ଓଡ଼ିଶା ଅବକାରୀ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବେଙ୍ଗାଲୁରୁରେ ନୂଆଁଖାଇ ଭେଟ୍‌ଘାଟ




**ସମ୍ବଲପୁର, ୯।୯ (ସମିସ) :** ଜୁହାର ପରିବାର ବେଙ୍ଗାଲୁରୁର ପରିଚାଳନାରେ ୨୬ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କେଟିପିଓ, ହ୍ୱାଇଟ୍‌ଫିଲ୍ଡରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ଥିଲା ସାତ୍ ବହନି (ସପ୍ତଦେବୀ)। ଏଥିପାଇଁ ବିଶେଷ ସମଲେଇ ମନ୍ଦିର ଗଠନ ସହିତ ସାତୋଟି ଦେବୀଙ୍କ ପ୍ରତିକୃତି ପ୍ରସ୍ତୁତ କରାଯାଇଥିଲା। ପୂର୍ବାହ୍ଣ ୧୦ଟାରେ ସମଲେଇ ପୂଜା ଆରମ୍ଭ ହୋଇଥିଲା, ଏହାପରେ ସତ୍ୟଜିତ ଚଇନୀଙ୍କ ଭଜନ ସହ ଆଧ୍ୟାତ୍ମିକ ଶୁଭାରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାରୁ ଆସିଥିବା ୧୦୦ରୁ ଅଧିକ ଶିଳ୍ପୀଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚକୁ ଜୀବନ୍ତ କରିଥିଲା। ନଟରାଜ କଳା ପରିଷଦ, ବଲାଙ୍ଗୀରଙ୍କର ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଉମାକାନ୍ତ ବାରିକଙ୍କ ପ୍ରଦର୍ଶନ ପରିବେଶକୁ ଉତ୍ସାହିତ କରିଥିବାବେଳେ ଓଲିଉଡ୍ ସଙ୍ଗୀତଶିଳ୍ପୀ ସୁସ୍ମିତା ମହାପାତ୍ରଙ୍କ ଗୀତ ସମସ୍ତଙ୍କ ମନକୁ ଛୁଇଁଯାଇଥିଲା। ବିଜୟ ମେହେର, ପ୍ରତୀକ ବାଗ୍, ଓ ଜୟଶ୍ରୀଙ୍କର ଆକର୍ଷଣୀୟ ପ୍ରସ୍ତୁତି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହିତ ଟ୍ରେଣ୍ଡି ରାପର୍ ବ୍ଲାକ୍ ଭାଁଙ୍କର ଉତ୍ସାହପୂର୍ଣ୍ଣ ଗୀତ-ସଙ୍ଗୀତରେ ଯୁବ ପିଢ଼ି ଆନନ୍ଦିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିଥିଲେ। ସମ୍ବଲପୁର ଜିଲ୍ଲା ବିଜେପି ଅଧ୍ୟକ୍ଷ ଗିରିଶ ପଟେଲ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭିଡିଓ ବାର୍ତ୍ତା ମାଧ୍ୟମରେ ଅଭିନନ୍ଦନ ଜଣାଇଥିଲେ। ଏବର୍ଷର ଜୁହାର ସମ୍ମାନ ରଜତ ରାଜ ପାଣିଗ୍ରାହୀଙ୍କୁ ଦିଆଗଲା, ସେ ଲୋକସଙ୍ଗୀତ ଓ ଆଦିବାସୀ ସଙ୍ଗୀତ ସୁରକ୍ଷା ପାଇଁ ନିଷ୍ଠାପୂର୍ଣ୍ଣ ସେବା ଦେଇଆସୁଛନ୍ତି। ଜୁହାର ପରିବାର ବେଙ୍ଗାଲୁରୁର ସଂସ୍ଥାପକ ବିଶ୍ୱଜିତ ପ୍ରଧାନ କହିଥିଲେ, ୨୬ ବର୍ଷ ପୂର୍ବରୁ ମୁଁ ଯେ ବୀଜ ପୋତିଥିଲି, ସେଥିରୁ ଏବେ ଏକ ବଡ଼ ଗଛ ହୋଇଥିବାକୁ ଦେଖିବା ଅତ୍ୟନ୍ତ ଗର୍ବର କଥା। ଅଧ୍ୟକ୍ଷ ଶୋଭନ ଦାଶ ଓ ସଂଯୋଜକ ସୁଦୀପ୍ତ ପଣ୍ଡା ଦର୍ଶକ, ଶିଳ୍ପୀ ଓ ମାଧ୍ୟମ ସହଭାଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଉତ୍ସର୍ଗ ଅନୁଷ୍ଠାନର ବାର୍ଷିକ ଉତ୍ସବ

**ସମ୍ବଲପୁର, ୯।୯ (ସମିସ) :** ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉତ୍ସର୍ଗର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବକୁ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ସରୋଜ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ସଂଯୋଜକ ପ୍ରଶାନ୍ତ ପାଟଯୋଶୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଡିଏମଇଟିର ଅତିରିକ୍ତ ନିର୍ଦ୍ଦେଶକ ଡା. ଉମାକାନ୍ତ ଶତପଥୀ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସଭାରେ ଉପସ୍ଥିତ ଥିବା ସତ୍ତ୍ୱେ ଅନୁଷ୍ଠାନର ଉଦ୍ୟୋକ୍ତା ସଭ୍ୟ ଭାବରେ ମଞ୍ଚ ଉପରକୁ ଆସିନଥିଲେ। ବରିଷ୍ଠ ସଭ୍ୟ ଶିବନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସର୍ଗ ରକ୍ତଦାନଠାରୁ ଆରମ୍ଭ କରିଥିବାବେଳେ ସଫେଇ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଉପଯୋଗୀ ସରଞ୍ଜାମ ଯୋଗାଣ, ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା, ଅକ୍ସିଜେନ ସାମଗ୍ରୀ ଯୋଗାଣ, ମୃତ୍ୟୁ ପରେ ଶରୀର ଦାନ ଆଦି କାର୍ଯ୍ୟ କରିଆସୁଛି। ୧୯୮୪ ରୁ ଆରମ୍ଭ ହୋଇ ୨୦୨୫ ମସିହା ଯାଏ ସେବା ମନୋବୃତ୍ତି ନେଇ ଅନୁଷ୍ଠାନ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟ ଏବଂ ସେଗୁଡ଼ିକର ଅନୁଭୂତି ବିଷୟରେ ପ୍ରତିଷ୍ଠାତା ସଭ୍ୟ ସୁଧିର ପୂଜାରୀ କହିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ସ୍ୱର୍ଗତ ଈଶ୍ୱର ମରାଇଙ୍କ ପରିବାର ଏବଂ କରୋନା ସମୟରେ ୧୦୦ଟି ଅମ୍ଳଜାନ ସିଲିଣ୍ଡର ଯୋଗେଇ ଦେଇଥିବା ସମାଜସେବୀ ଅଜୟ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମଣ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ହରିଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ପଡ଼ିବାକୁ ଭୟ କରେ ନାହିଁ'

## ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୯।୯ (ସମିସ) :** କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଏକଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ତଥା ବିଶିଷ୍ଟ ସାହିତ୍ୟିକ ଡଃ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଥିଲା। ଅକାଦେମୀର କୋଲକତାସ୍ଥିତ ସମ୍ଭାଗର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସନ୍ଥ ଜୀବନର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡଃ ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିବା ସହିତ ସନ୍ଥ ସାହିତ୍ୟ ଗବେଷଣା ଉପରେ ପ୍ରାଧାନ୍ୟ ଦେଇଥିଲେ। ସଭାପତି ଡଃ ଦାସ ବିଶ୍ୱ ସନ୍ଥ ସାହିତ୍ୟର ବିଭିନ୍ନ ଦିଗ ବିଶ୍ଳେଷଣ କରିବା ସହିତ ନିର୍ଭୀକତା ସନ୍ଥର ପ୍ରଧାନ ଲକ୍ଷଣ ବୋଲି କରିଥିଲେ। ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ଅବଗାହନ କରିବାକୁ ଭୟ କରେ ନାହିଁ ବୋଲି ମତବ୍ୟକ୍ତ କରିବା ସହିତ ଭାରତର ପ୍ରମୁଖ ସନ୍ଥଙ୍କ ସାହିତ୍ୟ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ଭିତ୍ତିପ୍ରବନ୍ଧ




ପାଠ କରିଥିଲେ। ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ ବୋଲି ସେ ମତ ଦେଇଥିଲେ। ଓଡ଼ିଆ ସନ୍ଥ ସାହିତ୍ୟର ଯଥାଯଥ ପୂର୍ଣ୍ଣାଙ୍ଗ ଗବେଷଣା ଏ ପର୍ଯ୍ୟନ୍ତ ହୋଇନାହିଁ। ବର୍ତ୍ତମାନ ଚିତ୍ତରଞ୍ଜନ ଦାସଙ୍କ ଭଳି ଗବେଷକଙ୍କ ଆବଶ୍ୟକତା ଉପରେ ପ୍ରଫେସର ମିଶ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଯୋଗଦେଇ ଅକାଦେମୀର ପ୍ରୟାସ ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ମଞ୍ଚାସୀନ ଥିଲେ। ଭୀମଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡଃ ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପରବର୍ତ୍ତୀ ଦୁଇଟି ଅଧିବେଶନରେ ପାଞ୍ଚଜଣ ଆଲୋଚକ ସେମାନଙ୍କ ପ୍ରବନ୍ଧ ପାଠ କରିଥିଲେ। ସେମାନେ ହେଉଛନ୍ତି ଅଧ୍ୟାପକ ଅଖିଳ ବିଶ୍ୱାଳ, ଡଃ ଦ୍ୱାରିକାନାଥ ନାୟକ, ଡଃ ସଂଘମିତ୍ରା ମିଶ୍ର, ଡଃ ସୌରଭ ରଞ୍ଜନ ଖମାରୀ ଏବଂ ଡଃ ଶେଷାନ ବିଶି। ଆଲୋଚକମାନେ ଚର୍ଯ୍ୟାଗୀତିକା ଓ ପଞ୍ଚସଖା ସାହିତ୍ୟ ବୈଶିଷ୍ଟ୍ୟ ଏବଂ ଭୀମଭୋଇ ତଥା ଅନ୍ୟ ସନ୍ଥଙ୍କ କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ପ୍ରଦୀପ ପଣ୍ଡା ସଭାପତିତ୍ୱ କରିଥିଲେ ଓ ଡଃ ପରୀକ୍ଷିତ ଭୋଇ ଧନ୍ୟବାଦ ଅର୍ପଣ କରିଥିବାବେଳେ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସନ୍ତୋଷ ରଥ ସଭାପତିତ୍ୱ କରିଥିଲେ ଏବଂ ଡଃ ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିତ୍ୟ ଆଲୁମିନିୟମ କାରଖାନାରେ ସାରଥି ଉତ୍ସବ



**ସମ୍ବଲପୁର, ୯।୯ (ସମିସ) :** ଆଦିତ୍ୟ ଆଲୁମିନିୟମ, ହିଣ୍ଡାଲକୋ, ଲପଙ୍ଗା ପରିସରରେ ସାରଥି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଆଦିତ୍ୟ ଆଲୁମିନିୟମର ଲଜିଷ୍ଟିକ ବିଭାଗ ଏହି ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ କାରଖାନା ଏବଂ କାରଖାନା ବାହାରୁ ଆସୁଥିବା ସମସ୍ତ ଭାରୀଯାନ ଚାଳକମାନେ ଅଂଶଗ୍ରହଣ କରିଥିଲେ।

କମ୍ପାନୀର ସେଫ୍ଟି ମ୍ୟାନେଜର ଫକୀର ପଟ୍ଟନାୟକ ଏହି ଉତ୍ସବରେ ଯୋଗଦେଇ ସଡକ ସୁରକ୍ଷା ବିଷୟରେ ବୁଝାଇଥିଲେ। ତତ୍ ସହିତ ସିଏଚ୍‌ପି ମୁଖ୍ୟ ଅଶ୍ୱିନୀ ମହାପାତ୍ର, ଆଡମିନ ବିଭାଗ ମ୍ୟାନେଜର ପୀୟୁଷ ରାଜଗୁରୁ, ଫ୍ଲାଏଆସ୍ ବିଭାଗର ଶାନ୍ତନୁ ସେନାପତି ଏବଂ ଲଜିଷ୍ଟିକ ବିଭାଗ ମୁଖ୍ୟ ଗୋପାଳ ସିଂ ରାଥୋଡ ସମସ୍ତ ଚାଳକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ କମ୍ପାନୀର ପ୍ରଗତିରେ ସେମାନଙ୍କ ଅବଦାନକୁ ବର୍ଣ୍ଣନା କରିଥିଲେ। ସେମାନେ ଚାଳକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ଚାଳକ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

ଆଦିତ୍ୟ ଆଲୁମିନିୟମ ଏପରି ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଚାଳକମାନେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାରେ ଗ୍ରାମୀଣ ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ଶକ୍ତି'

ସମ୍ବଲପୁର, ୯।୯ (ସମିସ)

ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଏହାର କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ କଲ୍ୟାଣକାରୀ ପ୍ରୟାସ ସମୂହରେ ଗଭୀର ଭାବରେ ନିୟୋଜିତ ରହିଛି। ଏହାର ଅନ୍ୟତମ ପ୍ରକଳ୍ପ 'ପ୍ରୋଜେକ୍ଟ ଶକ୍ତି' ଆୟକାରୀ ଉପାୟ ଜରିଆରେ ବେରୋଜଗାର ଗ୍ରାମୀଣ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରୁଛି।

ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲକୋ ସମ୍ବଲପୁରର ମାଇନିଂ ବିଜିନେସ୍ ହେଡ ଏବଂ କ୍ଲଷ୍ଟର ହେଡ କୈଳାସ ପାଣ୍ଡେ କହିଛନ୍ତି, 'ପ୍ରୋଜେକ୍ଟ ଶକ୍ତି କେବଳ ଅର୍ଥନୈତିକ ସଶକ୍ତିକରଣ ସମ୍ପର୍କିତ ନୁହେଁ, ଏହା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆବଶ୍ୟକ ସାଧନ ଏବଂ ସମ୍ବଳ ଯୋଗାଇଦେଇ ଆମେ ଆମ କାରଖାନା ନିକଟବର୍ତ୍ତୀ ଅଞ୍ଚଳର ୪୦ଟି ଗ୍ରାମରେ ୨୦୦୦ରୁ ଅଧିକ ମହିଳାଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

ଅଗଷ୍ଟ ୨୦୧୯ରେ ଏହା ଆରମ୍ଭ ହେବା ଦିନଠାରୁ ପ୍ରୋଜେକ୍ଟ ଶକ୍ତି ୨୧୫ ଗୋଷ୍ଠୀର ୨୧୮୫ ଏସଏଚ୍‌ଜି ସଦସ୍ୟାଙ୍କ ଜୀବନକୁ ସ୍ପର୍ଶ କରିଛି। ଏହି ପ୍ରୋଜେକ୍ଟ ଶକ୍ତି ଅଧୀନରେ ପ୍ରୟାସଗୁଡିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ନିମନ୍ତେ ପ୍ରଗତି, ଚାଲେଞ୍ଜ ଏବଂ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ନିୟମିତ ଏସଏଚ୍‌ଜି ବୈଠକ ଅନ୍ତର୍ଭୁକ୍ତ। ଟେଲରିଂ, ପତ୍ର ଥାଳି ତିଆରି, ଛତୁ ଚାଷ, ପନିପରିବା ଚାଷ ଆଦି ଆୟକାରୀ କାର୍ଯ୍ୟକଳାପଗୁଡିକୁ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିବା ନିମନ୍ତେ ପ୍ରସ୍ତାବାବଳୀ, ପ୍ରେରଣା, ତାଲିମ ଏବଂ ବଜାର ସଂଯୋଗୀକରଣ ଆଦି ଜରିଆରେ ସମର୍ଥନ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପରେ ମଧ୍ୟ ସାମାଜିକ ଯୋଜନାଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଉଛି ଏବଂ ଆର୍ଥିକ ସାକ୍ଷରତା ତାଲିମ ସେମାନଙ୍କୁ ଆବଶ୍ୟକ ଦକ୍ଷତାରେ ସୁସଜ୍ଜିତ କରୁଛି। ସଫଳ ଉଦ୍ୟୋଗଗୁଡ଼ିକୁ ଶିକ୍ଷଣୀୟ ଗସ୍ତ ଏବଂ ମେଳା ଆଦିରେ ଅଂଶଗ୍ରହଣ ସେମାନଙ୍କର ଦୃଶ୍ୟମାନତା ଏବଂ ବଜାର ପହଞ୍ଚକୁ ପରିବର୍ଦ୍ଧିତ କରୁଛି, ବୋଲି ଶ୍ରୀ ପାଣ୍ଡେ କହିଛନ୍ତି।

ପାଣ୍ଠି ଯୋଗାଣକାରୀ ସଂସ୍ଥା ଏବଂ ରୂପାୟନକାରୀ ସହଯୋଗୀ ଆଦିତ୍ୟ ଆଲୁମିନିୟମ ତାଲିମ, ଦକ୍ଷତା ନିର୍ମାଣ ଏବଂ ଶିକ୍ଷାମୂଳକ ଗସ୍ତ ଆଦିରେ ଉଲ୍ଲେଖନୀୟ ଭାବରେ ନିବେଶ କରୁଛି। ଏହା ଏକ ମୂଲ୍ୟ ଶୃଙ୍ଖଳ ଏବଂ ଦୀର୍ଘସ୍ଥାୟୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଥିବାବେଳେ ଏହି ପ୍ରକଳ୍ପ ସ୍ଥାନୀୟ ଉତ୍ପାଦନ ଏବଂ ଆହରଣକୁ ଉତ୍ସାହିତ କରୁଛି।

ସକାଳ
THE SAKALA



କଂଗ୍ରେସ ସଙ୍ଗଠନ ସୃଜନୀ ଅଭିଯାନ

# ଦଳକୁ ବଢ଼ାଇବ ନା ବୁଡ଼ାଇବ

**ବଲାଙ୍ଗିର, ୯ ।୯ (ସମିସ)**

ରାଜ୍ୟରେ କଂଗ୍ରେସ ନିଜ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ଗୁଜୁରାଟ ମଡେଲକୁ ଆପଣାଇଛି । ପିସିସି ନିର୍ଦ୍ଦେଶକ୍ରମେ ରାଜ୍ୟରେ ଜିଲ୍ଲା ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଥିପାଇଁ ଗଠିତ ହୋଇଥିବା ଷ୍ଟିଅରିଂ କମିଟି, ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକମାନେ ଜିଲ୍ଲାର ସମସ୍ତ ବ୍ଲକ, ନିର୍ବାଚନମଣ୍ଡଳି ବୁଲି ଜିଲ୍ଲା ସଭାପତି ପାଇଁ ମତଦାନ ସଂଗ୍ରହ କରୁଛନ୍ତି । ଶେଷରେ ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଜିଲ୍ଲା ସଭାପତି ନିର୍ବାଚିତ ହେବେ । ତେବେ ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜିଲ୍ଲା ସଭାପତି ପଦବୀକୁ ନେଇ ଏକାଧିକ କଂଗ୍ରେସ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି । ଏପରିକି ଏହି ପଦବୀରେ ନିଯୁକ୍ତି ପୂର୍ବରୁ ନେତାମାନେ ହାତାହାତି ପର୍ଯ୍ୟନ୍ତ ଚାଲିଯାଇଥିବା ଆଲୋଚନା ହେଉଛି । ତେବେ କଂଗ୍ରେସର ଏହି ସଙ୍ଗଠନ ସୃଜନୀ କାର୍ଯ୍ୟକ୍ରମ ସତରେ ସଙ୍ଗଠନକୁ ମଜବୁତ କରିବା ଦିଗରେ ସଞ୍ଜିବନୀ ହେବ ନା ଏହା ଜିଲ୍ଲା କଂଗ୍ରେସର ବିଷ ଭଳି କାମ କରିବ ତାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।

ବଲାଙ୍ଗିର ଜିଲ୍ଲା ସଭାପତି ପଦବୀକୁ ନେଇ ଜିଲ୍ଲାରେ ଥିବା ଏକାଧିକ କଂଗ୍ରେସ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି । ଏହି ପଦବୀ ପାଇଁ ଗତ କିଛି ଦିନ ହେଲା ପିସିସି ପର୍ଯ୍ୟବେକ୍ଷକ ସି.ଡି. ମୟପ୍ପନ, ଶରତ ରାଉତ, ନିମାଇଁ ସରକାର, ଅମିତା ବିଶ୍ୱାଳ ନିର୍ବାଚନମଣ୍ଡଳି ବୁଲି ଜିଲ୍ଲା ସଭାପତି ପାଇଁ

**ବୈଠକରେ ମୁହାଁମୁହିଁ ହେଉଛନ୍ତି ନେତା**

**ଜିଲ୍ଲା ସଭାପତି ପାଇଁ ଭିନ୍ନ ସଙ୍ଗଠନରୁ ଭିନ୍ନ ଭିନ୍ନ ଆଶାୟୀ**

**ଅଡୁଆରେ ପଡ଼ିପାରେ ଦଳ**

କର୍ମୀମାନଙ୍କ ମତ ଲୋଡୁଛନ୍ତି । ଏଥିପାଇଁ ସମସ୍ତ ନିର୍ବାଚନମଣ୍ଡଳିରେ ସ୍ୱତନ୍ତ୍ର ଭାବେ ବୈଠକର ବ୍ୟବସ୍ଥା କରାଯାଉଥିବା ବେଳେ ଜିଲ୍ଲା ସଭାପତି ଆଶାୟୀମାନେ ନିଜ ନିଜ ସମର୍ଥକ ଧରି ବୈଠକରେ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଛି । ତେବେ ସୂଚନା କ୍ରମେ ଏହି ପଦବୀ ପାଇଁ ନରସିଂହ ମିଶ୍ରଙ୍କ ବଡ ପୁଅ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ଅଭିଷେକ ମହାନନ୍ଦ, ଜିଲ୍ଲା ଷ୍ଟିଅରିଂ କମିଟି ସଂଯୋଜକ ଅନିଲ ମେହେର, ବୀରେନ୍ଦ୍ର ବାଗ ଓ ମିଲୋନୀ ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି । ତେବେ ଏହି ସବୁ ନାମକୁ ନେଇ ନିର୍ବାଚନମଣ୍ଡଳିସ୍ତରୀୟ ବୈଠକରେ ଚର୍ଚ୍ଚା ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ନେତା ନେତା ମଧ୍ୟରେ ଟଣାଓଟରା ହେଉଥିବା ଆଲୋଚନା ହେଉଛି । ସୋମବାର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳିରେ ଏହି ସଙ୍ଗଠନ ସୃଜନୀ ଅଭିଯାନ କାର୍ଯ୍ୟକ୍ରମ ରହିଥିବା ବେଳେ ସେଠାରେ କୁଆଡେ ଅଭିଷେକ ମହାନନ୍ଦ ଓ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା । ଏପରିକି ଶ୍ରୀ ସାଲୁଜା କୁଆଡେ ଅଭିଷେକ ମହାନନ୍ଦଙ୍କ କଲର ଧରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଅବଶ୍ୟ ଏହି ଅଭିଯୋଗକୁ ସାଲୁଜା ପରୋକ୍ଷରେ ଅସ୍ୱୀକାର କରିଛନ୍ତି । ତଥାପି କଂଗ୍ରେସ କର୍ମୀ ମହଲରେ ଏନେଇ ଚର୍ଚ୍ଚା ଜୋର ଧରିଛି । ଏପରିକି ଶ୍ରୀ ସାଲୁଜା ଖାଇବା ସମୟରେ ମଧ୍ୟ କିଛି ଯୁବ କଂଗ୍ରେସ କର୍ମୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ମଧ୍ୟ ଆଲୋଚନା ହେଉଛି । ଏନେଇ ଅଭିଷେକ ମହାନନ୍ଦଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ଏ ନେଇ ସେ ଦଳୀୟ ହାଇକମାଣ୍ଡଙ୍କଠାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ତେବେ ଅଭିଷେକଙ୍କ ସମର୍ଥକମାନେ ଶ୍ରୀ ସାଲୁଜାଙ୍କ ଜିନ୍ଦାବାଦ ନାରା ନ ଦେବାରୁ ସେ ବିରକ୍ତ ହୋଇ ଏହିଭଳି ବ୍ୟବହାର ଦେଖାଇଥିବା ଚର୍ଚ୍ଚା ହେଉଛି । ସେହିପରି ଲୋଇସିଂହାରେ ହୋଇଥିବା ବୈଠକରେ ମଧ୍ୟ କର୍ମୀମାନେ ବିଭିନ୍ନ ବିଷୟକୁ ନେଇ ଅସନ୍ତୋଷ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହା ସମାଧାନ ହୋଇଥିଲା । ତେବେ ଏହିଭଳି ଭାବେ ଜିଲ୍ଲା ସଭାପତି ନିର୍ବାଚନକୁ ନେଇ ବୈଠକରେ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ସାମ୍ନାକୁ ଆସୁଥିବା ଦେଖିବାକୁ ମିଳିଛି । ତେବେ ଜିଲ୍ଲାରେ ଥିବା ଭିନ୍ନ ଭିନ୍ନ ଗୋଷ୍ଠୀ ନିଜ ନେତାଙ୍କୁ ଜିଲ୍ଲା ସଭାପତି କରିବା ପାଇଁ ଯୋଜନା କରିଥିବା ବେଳେ ଦଳ କାହାକୁ କରିବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ; କିନ୍ତୁ ଏହାକୁ ନେଇ ଦେଖିବାକୁ ମିଳିଥିବା ପରିସ୍ଥିତି କିନ୍ତୁ ଦଳ ସଙ୍ଗଠନକୁ ସୁଦୃଢ଼ କରିବା ବଦଳରେ ଆହୁରି ଦୁର୍ବଳ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି । ଜିଲ୍ଲାର ଟାଣୁଆ ନେତାମାନେ ନିଜ ସମର୍ଥକଙ୍କୁ ଏହି ପଦବୀରେ ବସାଇବା ପାଇଁ ଚାହୁଁଥିବା ବେଳେ ତାହା ନ ହେଲେ ସେହି ନେତା ଦଳ ବିରୋଧରେ ଯିବାର ସମ୍ଭାବନା ରହିଛି । ଏମିତିରେ କଂଗ୍ରେସର ସଙ୍ଗଠନ ସୃଜନୀ କେତେ ସଫଳ ହେବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି ।

## ବଲାଙ୍ଗୀର-କଣ୍ଟାବାଞ୍ଜି ରାସ୍ତାରେ ପାଣି ଜମୁଛି



**ବେଲପଡ଼ା, ୯ ।୯ (ସମିସ):** ବେଲପଡ଼ା ସହର ମଧ୍ୟରେ ଯାଇଥିବା ୪୨ ନମ୍ବର ରାଜ୍ୟ ରାଜପଥ ବଲାଙ୍ଗୀର-କଣ୍ଟାବାଞ୍ଜିକୁ ସଂଯୋଗ କରୁଛି । ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଯାନବାହନ ଯାତାୟାତ କରୁଛି; କିନ୍ତୁ ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ସହର ମଧ୍ୟରେ ଯାଇଥିବା ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାର ରହିଛି । ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସାଙ୍ଗକୁ ଖାଲଖମା ରାସ୍ତା ଲୋକଙ୍କ ପାଇଁ ଅଭିଶାପ ପଲଟିଯାଇଛି । କିଛି ମାସ ତଳେ ରାସ୍ତା କାମ ହୋଇଥିଲେ ହେଁ ନିମ୍ନମାନର କାମ ଯୋଗୁଁ ରାସ୍ତାରୁ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହେଉଛି । ଏଥିପାଇଁ ଅନେକ ସମୟରେ ଯାତାୟାତ କରୁଥିବା ଲୋକମାନେ ଉକ୍ତ ଗର୍ତ୍ତରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ଏମିତି କି ରାତିବେଳା ଆହୁରି ବିପଦ ସାଜୁଛି । ଲୋକେ ଠିକ୍ ଭାବେ ନ ଦେଖି ଖାଲରେ ପଡ଼ି ଆହତ ହେଉଛନ୍ତି । ରାସ୍ତା ଉପରେ ଡ୍ରେନ ପାଣି ଭର୍ତ୍ତି ହେଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ପ୍ରତିଦିନ ଅଧିକାରୀମାନେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛନ୍ତି; ହେଲେ କାହାରି ଆଖି ପଡୁନି । ଏନେଇ ବାରମ୍ବାର ଅଭିଯୋଗ କଲେ ବି ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନାହିଁ, ଆଗକୁ ଦୁର୍ଗାପୂଜା ଥିବାରୁ ତୁରନ୍ତ ଏହାର ସମାଧାନ କରିବାକୁ ଦାବୀ ଉଠୁଛି । ନ ହେଲେ ଆନ୍ଦୋଳନ କରିବାରୁ ଲୋକେ ଧମକ ଦେଇଛନ୍ତି ।

**ଦୁର୍ଘଟଣାର ଶିକାର ହେଉଛନ୍ତି ଯାତ୍ରୀ**

**ନିଦାବିଷ୍ଟୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ**

## ଶିକ୍ଷାବିତ୍ ତ୍ରିବିକ୍ରମ ମହାକୁଡ ପାଇଲେ 'ଶିକ୍ଷକ ରତ୍ନ' ଉପାଧି

**ବଲାଙ୍ଗିର, ୯ ।୯ (ସମିସ):** ବଲାଙ୍ଗିର ଆଦର୍ଶପଡ଼ାର ଭାରତୀ ନୀଡ ତଥା ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଚତୁର୍ଥ ବାର୍ଷିକ ଉତ୍ସବ, ଗୁରୁପୂଜା, ପ୍ରତିଭା ସମ୍ମାନ ଓ ନୂଆଁଖାଇ ଭେଟଘାଟ




ଅନୁଷ୍ଠିତ ହୋଇଯାଇଛି । ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବଲାଙ୍ଗିର ଜିଲ୍ଲା ବେଲପଡ଼ା ଦୀନ ରଘୁ ମେହେର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶିଷ୍ଟ ଶିକ୍ଷାବିତ୍ ତ୍ରିବିକ୍ରମ ମହାକୁଡଙ୍କୁ ଅନୁଷ୍ଠାନର ମର୍ଯ୍ୟାଦାଜନକ ଶିକ୍ଷକ ରତ୍ନ ଉପାଧ ମିଳିଛି । ବଲପଡ଼ା ଅଞ୍ଚଳର ପ୍ରାଥମିକଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ବନମାଳୀ ପାଣିଗ୍ରାହୀ, ପଣ୍ଡିତ ମୋହନଦାସ ଠାକୁର, ସଦାଶିବ ମେହେର, ନିରଞ୍ଜନ ବେହେରା, କୁଞ୍ଜମଣି ମେହେର, ଚାଣକ୍ୟ ସାହୁ, ନବୀନ ମେହେର, ସୁରେଶ ଚନ୍ଦ୍ର ମେହେର ଅନ୍ୟତମ । ଏହା ସହ ଶିକ୍ଷା, ସାହିତ୍ୟ, କଳା, ସାମ୍ବାଦିକତା, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ । ରାଜନାରାୟଣ ମେହେର, ବାଗ୍ମୀ ରାଜମଣି ସାହୁ, ସଭାପତି ସୁରେଶ ଚନ୍ଦ୍ର ମେହେର, ରାଜବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦର ସଭାପତି ଡା. ଚିତ୍ତରଞ୍ଜନ ମେହେର, ଉପସଭାପତି ଝସକେଶନ ଗୁରୁ, ସମ୍ପାଦକ ଡକ୍ଟର ନବକିଶୋର ବେହେରା, ଯୁଗ୍ମ ସମ୍ପାଦକ ଦୁର୍ବାଦଳ ଘିବେଲା, ଡ.ଗୋବର୍ଦ୍ଧନ ନାୟକ, ଡ. ଭବାନୀ ଶଙ୍କର ପଟେଲ, ସନ୍ଦୀପ କୁଅଁର, କବି ମଧୁସୂଦନ ଦାଶ, ଡ. ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଉଦେର ନଦୀ ସେତୁ ଉପରେ ଜମୁଛି ପାଣି





**ବଙ୍ଗୋମୁଣ୍ଡା, ୯ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଅଞ୍ଚଳ ଉଦେର ନଦୀ ସେତୁରେ ବର୍ଷା ପାଣି ଜମା ହୋଇ ରହୁଛି । ଏଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରତିଦିନ ସେତୁରେ ଶହ ଶହ ଯାନ ଚଳାଚଳ କରୁଛି । ସେତୁର ମଧ୍ୟ ଭାଗରେ ଜମିଥିବା ପାଣି ଯାତ୍ରୀଙ୍କୁ ଗୁରୁତର ବିପଦରେ ପକାଇ ଦେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେତୁରୁ ପାଣି ବାହାରିବା ପାଇଁ ସୁବିଧା ନାହିଁ । ସେତୁ ର ଅନେକ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ଏଣୁ ବର୍ଷା ହେଲେ ପାଣି ଜମୁଛି । ଏହାଦ୍ୱାରା ଗାଡ଼ି ଚାଳକମାନେ ଠିକ୍ ଭାବେ ରାସ୍ତା ଦେଖି ପାରୁନାହାନ୍ତି । ବିଶେଷକରି ରାତିରେ ମୋଟରସାଇକଲ ଚାଳକମାନେ ଦୁର୍ଘଟଣାରେ ପଡୁଛନ୍ତି । ଉଦେର ନଦୀ ସେତୁ ଏହି ଅଞ୍ଚଳର ପ୍ରଧାନ ସଂଯୋଗ ସଡ଼କ । ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଦୈନିକ ଯାତ୍ରୀ ପ୍ରତିଦିନ ଏହି ବିପଦମୁଖା ସ୍ଥିତିରେ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି । ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଏହି ସମସ୍ୟା ସମ୍ବନ୍ଧରେ ଅଭିଯୋଗ କରିଥିବା ସତ୍ତ୍ୱେ କୌଣସି ସମାଧାନ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି

## ମୁରିବାହାଲ ବନାଞ୍ଚଳରେ ୩୫ ହାତୀଙ୍କ ଆତଙ୍କ

**ମୁରିବାହାଲ, ୯ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ତିଖାଳି ସଂରକ୍ଷିତ ରେଞ୍ଜ ଜଙ୍ଗଲରେ ୩୫ ଟିକିଆ ହାତୀ ଚାଷୀଙ୍କ ଚାଷ ଉଜାଡି ଉପଦ୍ରବ କରିବା ଦେଖିବାକୁ ମିଳିଛି । ହାତୀମାନେ ଦୀର୍ଘ ୧ବର୍ଷରୁ ଏହି ଜଙ୍ଗଲରେ ରହିଆସୁଥିବା ବେଳେ ଅଞ୍ଚଳବାସୀଙ୍କୁ ରହିବା ବସିବା ପାଇଁ କଷ୍ଟ ସାଜିଛି । କେତେବେଳେ ଘର ଦ୍ୱାର ଭାଙ୍ଗୁଛନ୍ତି ତ କେତେବେଳେ ଚାଷୀଙ୍କ ଚାଷ ନଷ୍ଟ କରିବାରେ ଲାଗିଛନ୍ତି । ସନ୍ଧ୍ୟା ହେଲେ ଚାଷ କିଆରୀରେ ପଶି ଚାଷ ନଷ୍ଟ କରୁଥିବା ବେଳେ ଅଞ୍ଚଳ ଅନ୍ଧାର ପାଲଟିଥିବା ଦେଖିବାକୁ ମିଳୁଛି । ଏହି ୩୫ ଟିକିଆ ହାତୀପଲ ମୁରିବାହାଲ ରେଞ୍ଜ ଯଇଁନ୍ତରା, ଗୁଲୁମି, ଗୁଡିଘାଟ, ମୁରିବାହାଲ, ଡଙ୍ଗାବାଞ୍ଜି ସେକ୍ସନ ଅଞ୍ଚଳରେ ବୁଲିବୁଲି ଚାଷ ନଷ୍ଟ କରିବାରେ ଲାଗିଛନ୍ତି । ସୋମବାର ମୁରିବାହଲ ବନଖଣ୍ଡ ଯଏଁତରା ବିଟ ଅଧୀନ ଯଏଁତରା ଗ୍ରାମର ଅନନ୍ତ କାଲସାଏ, ଅଞ୍ଜନ କାଲସାଏ, ସୁଷମା କାଲସାଏ, ବୁବୁ ପଟ୍ଟନାୟକ, ଲଳିତ ମାଝୀ ଓ ଭରତ ମାଝୀଙ୍କ ୧୨ ଏକର ଧାନ ଓ ୧ ଏକର କପା ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି । ବନ ବିଭାଗ ଏହାର ପଦକ୍ଷେପ ନେଉ ନ ଥିବା ବେଳେ ଅଞ୍ଚଳବାସୀ ମୁରିବାହାଲ ରେଞ୍ଜରଙ୍କୁ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ବନ ଅଧିକାରୀଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀ ପଲଙ୍କ ପାଇଁ ଅସହାୟ ଅବସ୍ଥାରେ ଆମେ ରହିଛୁ । ଯେଉଁ ଚାଷୀଙ୍କ ଚାଷ କ୍ଷତି ହେଇଛି ସେମାନେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁରିବାହାଲ ରେଞ୍ଜର କହିଛନ୍ତି । ହାତୀପଲ ଘଉଡ଼ାଇ ହେଉ ନ ଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି ବୋଲି ପ୍ରକାଶ କରିଛନ୍ତି । ସେପଟେ ହାତୀପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ପଢ଼ିବାରେ ବ୍ୟାଘାତ ହେଉଛି । ବର୍ଷା ଦିନ ଥିବାରୁ ମଶା କାମୁଡୁଛନ୍ତି । ଏଣୁ ଲୋକଙ୍କ ପାଇଁ ରହିବା, ବସିବା କଷ୍ଟକର ହୋଇ ପଡ଼ିଛି ।

**■ ଧାନ, ପନିପରିବା ଖାଇଯାଉଛନ୍ତି**

**■ ଉଜାଡି ଦେଉଛନ୍ତି ଘରଦ୍ୱାର**

## ମାଲପଡ଼ା ନାଗରିକ କମିଟିର ବୈଠକ

**ବଲାଙ୍ଗିର, ୯ ।୯ (ସମିସ):** ବଲାଙ୍ଗିର ମାଲପଡ଼ା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବୈଠକର ମାଲପଡ଼ାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା । ବିଶେଷତଃ ପୌର ପାଳିକା ଦ୍ୱାରା ଅନେକ ଡ୍ରେନ ତିଆରି ହୋଇଥିଲେ ମଧ୍ୟ ସେଥିରେ ଢାଙ୍କୁଣି ଲଗାଯାଇ ନ ଥିବା ଫଳରେ ସେଠାରେ ଗାଈଗୋରୁ ଓ ଅନ୍ୟମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଡ୍ରେନ ଗୁଡିକରେ ମଶା ତେଲ ପକା ଯାଉ ନ ଥିବାରୁ ମଶାର ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଏଣୁ ଲୋକ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବିଦ୍ୟୁତ୍ ବିଭାଗ ଦ୍ୱାରା ଅଘୋଷିତ ଘନ ଘନ ବିଜୁଳି କାଟ୍ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ଏଣୁ ବିଦ୍ୟୁତ୍ ବିଭାଗ ଦ୍ୱାରା ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା ପାଇଁ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା । ସହରରେ ଗାଈ ଗୋରୁ ଏବଂ ବୁଲା କୁକୁର ସଂଖ୍ୟା ଦିନକୁ ଦିନ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହାଦ୍ୱାରା ରାସ୍ତାଘାଟରେ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଲୋକମାନେ ସେମାନଙ୍କ ଆକ୍ରମଣ ଶିକାର ହୋଇ ଅତଙ୍କିତ ଅବସ୍ଥାରେ ରହୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଏମାନଙ୍କୁ ଅନ୍ୟ ଏକ ନିରାପଦ ସ୍ଥାନରେ ରଖାଯିବାକୁ ମତ ପ୍ରକାଶ ପାଇଛି । ସେହିଭଳି



ପଡ଼ାର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯିବାକୁ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା । ଏହି ସଭାରେ ସଂଘର ଉପ-ସଭାପତି ପ୍ରଫେସର ତରୁଣ ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, ଦିବାକର ହୋତା, ଆକୁଳ ବେହେରା, ବିମଳ ଚକ୍ରବର୍ତ୍ତୀ, ନିମାଇଁ ଚରଣ ଦାଶ, ସୂର୍ଯ୍ୟଭାନୁ ମିଶ୍ର, ସୁଶୀଲ ନାଏକ, ଛବିଲାଲ ବେହେରା, ପ୍ରଦୀପ ନେପାକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ସ୍କୁଲ୍ ଗେମ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଦଳର କେନ୍ଦୁଝର ଗସ୍ତ

**ବଲାଙ୍ଗିର, ୯ ।୯ (ସମିସ):** ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରର ବଡବିଲରେ ରାଜ୍ୟସ୍ତରୀୟ ସ୍କୁଲ ଗେମ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବାକୁ ବଲାଙ୍ଗିର ଜିଲ୍ଲାରୁ ୧୬ଜଣିଆ ଟିମ୍ କେନ୍ଦୁଝର ଅଭିମୁଖେ ଯାତ୍ରା କରିଛନ୍ତି । ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ରୀତୁ ବାଗ, ରୀତୁ ବିଶି, ଶ୍ରାବଣୀ ଜାଲ, ପୁଷ୍ପାଞ୍ଜଳି ଚନ୍ଦନ ଭାଗ ନେବେବ ସେହିଭଳି ବାଳକ ବିଭାଗରେ ଜୟମ୍ ସାହୁ, ଜ୍ୟୋର୍ତିମୟ ଜେନା, ସୀତୁ ପୋଡ୍ର, ଓମ୍ ପ୍ରାଶ ପୃଷ୍ଟି, ହୃଷିକେଶ ପୁଟେଲ, ପ୍ରମିତ ବିଶ୍ୱାଳ, ଭୋଜରାଜ ବେହେରା ଓ ବିଭୁବ୍ରତ ସାହୁ ଭାଗ ନେବେ । ୧୪ ବର୍ଷରୁ କମ୍ ବାଳିକା ବିବାଗରେ ମିରା ସେଠ ଓ ବାଳକ ବିଭାଗରେ ଯୁବରାଜ ତୁମନିୟା, ସାଇଶକ୍ତି ଶିବାନନ୍ଦ ବେହେରା, ଲିଙ୍ଗରାଜ ପଧାନ ଓ ଗୋପବନ୍ଧୁ ନନ୍ଦ ଭାଗ ନେଇଛନ୍ତି । ଟିମ୍ ମ୍ୟାନେଜର ଭାବେ



ୟୁଜିଏଚ୍‌ଏସ୍ ଟିକଲବାହାଲ ପିଇଟି ରାଜକୁମାର ପାଣିଗ୍ରାହୀ ଓ ଏନବୀ ଉଚ୍ଚ ବିଦ୍ୟାଳୟ ଜରାସିଂହା ପିଇଟି ପୁଷ୍ପାଞ୍ଜଳି କିଶାନ ମନୋନିତ ହୋଇଛନ୍ତି । ଏହି ଅବସରରେ ବଲାଙ୍ଗିର ଶିକ୍ଷା ବିଭାଗ ତରଫରୁ କୋଚ ତଥା ଜାତୀୟସ୍ତରୀୟ ରେଫରି ଅସିମ ଭୋଇଙ୍କୁ ଏହି ରାଜ୍ୟସ୍ତରୀୟ ସ୍କୁଲ ତାଏକ୍ୱୋଣ୍ଡୋ ପରିଚାଳନା କରିବା ପାଇଁ ଟେକ୍ନିକାଲ ଅଫିସିଆଲ ଭାବେ ନିୟୋଜିତ କରାଯାଇଛି । ଡିପିଇଓ ପ୍ରଦୀପ ପାତ୍ର, ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଓ ଟିକଲବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ପଧାନ ସମସ୍ତ ଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ବଲାଙ୍ଗିର ଖ୍ରୀଷ୍ଟୀୟ ସମାଜର ନୂଆଁଖାଇ



**ବଲାଙ୍ଗିର, ୯ ।୯ (ସମିସ):** ବଲାଙ୍ଗିର ସହରସ୍ଥ ଖ୍ରୀଷ୍ଟିୟ ସମାଜ ଆନୁକୂଲ୍ୟରେ ଆନନ୍ଦ ଉଲ୍ଲାସ ସହିତ ନୂଆଁଖାଇ ପାଳନ କରାଯାଇଛି । ସହରର ସମସ୍ତ ଉପାସନାଳୟ/ସଭାଗୃହରେ ନୂଆଁଚୁଡା ଉତ୍ସର୍ଗ କରାଯାଇ ଭକ୍ଷଣ କରାଯାଇଥିଲା । ସ୍ଥାନୀୟ ମିଶନ ସ୍କୁଲ ଖେଳ ପଡ଼ିଆରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସବ୍ ଜୁନିୟର, ନିମ୍ନ, ଉଚ୍ଚ, ବୟସ୍କ ଉଭୟ ପୁରୁଷ ମହିଳା ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସମ୍ବଲପୁର ଧର୍ମାଳର ବିଶପ ଇମ୍ମାନୁଏଲ ଦାନୀ ମୁଖ୍ୟ ଅତିଥି, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନୂଆଁଖାଇର ମୁଖ୍ୟ ଶସ୍ୟ ଉତ୍ସର୍ଗ କାର୍ଯ୍ୟକ୍ରମ ନିୟୁ ଲାଇଫ୍ ଏସେମ୍ବ୍ଲି ହଲ୍‌ଠାରେ ଆୟୋଜିତ ହୋଇଥିଲା । କେନ୍ଦ୍ର ସମ୍ପାଦକ ସଚ୍ଚିଦାନନ୍ଦ ହନୁମାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶପ ଇମାନୁଏଲ ଦାନୀ ମଣ୍ଡଳି ସମୂହରୁ ଆସିଥିବା ନବ ଶସ୍ୟ ଗୁଡିକୁ ଉତ୍ସର୍ଗ କରିଥିଲେ । ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ନରେଶ ମାଥ୍ୟୁସ, ମହେନ୍ଦ୍ର ବାଗ, ପ୍ରଫେସର ଦାଉଦ ସାଗର, ମାନୁଏଲ ବାରିକ, ଇମାନୁଏଲ ନନ୍ଦ, ଅବ୍ରାହମ ନାଗ, ଉମେଶ ଚନ୍ଦ୍ର ନାଗ, ଅରୁଣା ପାଣିଗ୍ରାହୀ, ଅଳକା ନନ୍ଦ, ସ୍ନିଗ୍ଧାରାଣୀ ନନ୍ଦ, ଶୈଳବାସିନି ସାଗର ପ୍ରମୁଖ ପରିଚାଳନା କରିଥିଲେ । ପରେ ଖ୍ରୀଷ୍ଟିୟାନ ୟୁଥ୍ ଫୋରମ୍ ତରଫରୁ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

**ବଲାଙ୍ଗିର, ୯ ।୯ (ସମିସ)**

ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ବଲାଙ୍ଗିର ଜିଲ୍ଲା ବଲାଙ୍ଗିରର ସଭାପତି ରାଜ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ୨୨ ସେପ୍ଟେମ୍ବର ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନ ତଥା ସେପ୍ଟେମ୍ବର ୧୩ରେ ଜିଲ୍ଲାସ୍ତରରେ ହେବାକୁ ଥିବା ପ୍ରତିବାଦ ସଭାର ପ୍ରାକ୍ ପ୍ରସ୍ତୁତି ପାଇଁ ଏକ ଅଭାସୀ ବୈଠକ ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲାଫ ସଭାରେ ଜିଲ୍ଲାର ସମସ୍ତ ବ୍ଲକରୁ ସଂଘର ଶତାଧିକ ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ । ୨୦୦୪ରୁ ୨୦୧୩ ମଧ୍ୟରେ ଠିକା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିବା ଏବଂ ୨୦୨୨ ରିପିଲ ଦ୍ୱାରା ଉପେକ୍ଷିତ ହୋଇଥିବା ଶିକ୍ଷକମାନେ ଓଡ଼ିଶା ସରକାରଙ୍କ ଆର୍ଥିକ ଦୂରବସ୍ଥା ସମୟରେ ମାତ୍ର ୨୫୦୦ଟଙ୍କା ଓ ୧୫୦୦ ଟଙ୍କା ମାସିକ ଦରମାରେ ଶିକ୍ଷାଦାନ କରିଥିଲେ । ସରକାର ୨୦୦୩ ଓ ୨୦୦୫ ମସିହାରେ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ସେତେବେଳେ ଆର୍ଥିକ ସଙ୍କଟ ତଥା ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଠିକା ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ । ସେହି ଆର୍ଥିକ ଦୂରବସ୍ଥା ସମୟରେ ଏହି ଶିକ୍ଷକମାନେ ଭୁଶୁଡି ଯାଉଥିବା ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାର ଉନ୍ନତି ଆଣିଥିଲେ । ସେ ସମୟରେ ମେଟ୍ରିକ ପରୀକ୍ଷା ଫଳ ୫୦ରୁ ୬୦ ପ୍ରତିଶତ ହେଉଥିଲା ଓ ଅନେକ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା



ଫଳ ଶୂନ ହେଉଥିଲା । ଠିକା ନିଯୁକ୍ତି ଦେଇ ତତ୍କାଳୀନ ସରକାର ରାଜସ୍ୱ ଭରଣା କଲେ । ଧୀରେ ଧୀରେ ରାଜ୍ୟର ଆର୍ଥିକ ସ୍ଥିତିରେ ସୁଧାର ଆସିଲା । ଆର୍ଥିକ ସ୍ଥିତିରେ ସୁଧାର ଆସିବା ପରେ ସରକାର ୨୦୨୨ କଣ୍ଟ୍ରାଚୁଏଲ ରିପିଲ ଏଣ୍ଡ ସ୍ପେସିଆଲ ପ୍ରଭିଜନ ରୁଲ୍-୨୦୨୨ ରିପିଲ ରୁଲ୍ ଆଣି ଏବଂ ୨୦୧୪ କଣ୍ଟ୍ରାଚୁଏଲ ନିଯୁକ୍ତି ରୁଲ୍ ପରଠାରୁ ଠିକାରେ କାମ କରୁଥିବା କର୍ମଚାରୀଙ୍କୁ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ଦେଇ ନିୟମିତ କର୍ମଚାରୀର ମାନ୍ୟତା ଦେଲେ । ୨୦୨୨ ଅଗଷ୍ଟ ମାସରେ ନିଯୁକ୍ତ ହୋଇଥିବା ଠିକା ଶିକ୍ଷକ ମଧ୍ୟ ସେମାନେ ଚାକିରିରେ ଯୋଗ ଦେଇଥିବା ଦିନଠାରୁ ନିୟମିତ ଶିକ୍ଷକର ମାନ୍ୟତା ପାଇଲେ । ପରେ ପୁଣି ୨୦୨୩ ମସିହାରେ ଏସ୍‌ଓପି ଆଣି ୨୦୧୦ରୁ ୨୦୧୫ ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକ ପିଛିଲା ଭାବେ ୪।୪।୧୬ ରୁ ନିୟମିତ ଶିକ୍ଷକ ଭାବରେ ଗଣନା କଲେ । ୨୦୧୬ ମସିହାରେ ନିଯୁକ୍ତ ଶିକ୍ଷକମାନଙ୍କୁ ୫।୪।୨୦୨୬ରୁ ନିୟମିତ ଶିକ୍ଷକ ଭାବରେ ଗଣନା କରାଗଲା । ଏବେ ୨୦୧୦ରୁ ୨୦୧୬ ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କ ଦରମା ସମାନ । ୨୦୧୦ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୪ମାସ, ୨୦୧୧ରେ ନିଯୁକ୍ତ ଶିକ୍ଷକଙ୍କ ୧ ବର୍ଷ, ୨୦୧୩ରେ ନିଯୁକ୍ତ ଶିକ୍ଷକଙ୍କ ୩ ବର୍ଷ ଠିକା ଚାକିରି କାଳରୁ ମୂଳ ଚାକିରି ନିୟମିତି ଚାକିରି କାଳରେ ଗଣନା କରାଗଲା । ମାତ୍ର ୨୦୦୪ରୁ ୨୦୦୯ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ଠିକା ଚାକିରି କାଳରୁ କିଛି ନିୟମିତି ଚାକିରିରେ ମିଶିଲା ନାହିଁ ବା ନ୍ୟାସନାଲ ଇନକ୍ରିମେଣ୍ଟ୍ୟ ବାବଦକୁ ଦରମାରେ ଟଙ୍କାଟିଏ ମଧ୍ୟ ବୃଦ୍ଧି ହେଲା ନାହିଁ । ନ୍ୟାସନାଲ ଇନକ୍ରିମେଣ୍ଟ ଦେଇ ୨୦୧୦ରୁ ୨୦୧୬ ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କ ମୂଳ ଚାକିରି ୪।୪।୨୦୧୬ରୁ ଗଣନା ହେବା ଯୋଗୁଁ ଶିକ୍ଷକଙ୍କ ବରିଷ୍ଠତା ତାଲିକା ପ୍ରକାଶ କଲାବେଳେ ଅନେକ ଅସଙ୍ଗତି ରହୁଛି । ଠିକା ଶିକ୍ଷକ ଥିବା ସମୟରେ ବର୍ଷ ବର୍ଷ ବିନା ଦରମାରେ ଛୁଟିରେ ରହିଥିବା ଶିକ୍ଷକ ଏବେ ବରିଷ୍ଠତା ତାଲିକାରେ ଆଗରେ ଅଛନ୍ତି । ସରକାର ରାଜ୍ୟରେ ଖାଲିପଡ଼ିଥିବା ପ୍ରାୟ ୨୪୦୦ ପ୍ରଧାନ ଶିକ୍ଷକ ପଦ ଏହି ଶିକ୍ଷକମାନଙ୍କୁ ପ୍ରମୋସନ ଦେଇ ପୂରଣ କରିପାରୁନାହାନ୍ତି । ଏହି ସମସ୍ତ ସମସ୍ୟା ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଠିକା ଶିକ୍ଷକଙ୍କୁ ବ୍ୟଥିତ କରୁଛି । ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସମାଧାନ ପନ୍ଥା ନ ବାହାର କରି କେବଳ ଆଶ୍ୱାସନା ଦେଇଚାଲିଛନ୍ତି । ୨୦୨୨ ରିପିଲ ରୁଲ୍‌କୁ ୩ ବର୍ଷ ପୂରିବାକୁ ବସିଲାଣି । ତଥାପି ବରିଷ୍ଠ ଶିକ୍ଷକଙ୍କ ପାଇଁ ସରକାର ଦରଦ ନାହିଁ । ତେଣୁ ଆଗାମୀ ୧୩ ତାରିଖ ମଧ୍ୟରେ ଓଡଶାର ସମସ୍ତ ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଯୁକ୍ତିଯୁକ୍ତ ଦାବି ଉପରେ ସରକାର ଶିଘ୍ର ସମାଧାନ ନ କଲେ ୨୨ରେ ରାଜ୍ୟ ସଂଘର ଡାକରାରେ ସାମିଲ ହୋଇ ଦୁର୍ବାର ଆନ୍ଦୋଳନ କରିବାକୁ ଏହି ସଭାରେ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଆଇଚ, ରାଜ୍ୟ ଆବାହକ ସରୋଜ ସାହୁ, ରାଜ୍ୟ ସଂଯୋଜକ ଶାଶ୍ୱତ ମହାପାତ୍ର, ବରଗଡ଼ ଜିଲ୍ଲାରୁ ଭବାନୀ ଶଙ୍କର ଭୋଇ, ବଲାଙ୍ଗିର ଜିଲ୍ଲା ସଂଘ ତରଫରୁ ନରେଶ ଦ୍ୱାରୀ, ଚିତିରଞ୍ଜନ ମହଲିଙ୍ଗ, ସମ୍ପାଦକ ବୀର କିଶୋର ସୁନା, ଅଜୟ ଦର୍ଜି, ରାମକୃଷ୍ଣ ଷଡଙ୍ଗୀ, ହିମାଂଶୁ ଭୂଷଣ ସେନାପତି, ପାର୍ଥ ସାରଥି ପଣ୍ଡା, ଅଶୋକ ତରିଆ, ଡୋଳାମଣି ସାହୁ ପ୍ରଭୃତି ଆହ୍ୱାନ ଦେଇଛନ୍ତି । ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବରିଷ୍ଠ ନାଗରିକ ସଂଗଠନର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ

**ସୁବଳୟା/ବୀରମହାରାଜପୁର, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ସ୍ଥିତ ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତା ମଙ୍ଗଳବାର ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଅଧୀକ୍ଷକଙ୍କ ଜରିଆରେ ପ୍ରେରଣ କରିଛନ୍ତି। ଉପଖଣ୍ଡ ଡାକ୍ତରଖାନାରେ ଏକ ଡାଇଲିସିସ୍ ସେଣ୍ଟର ସ୍ଥାପନ କରିବା, ବ୍ଲଡ୍ ବ୍ୟାଙ୍କ ଖୋଲିବା, ସାପ ଓ କୁକୁର କାମୁଡ଼ା ଭ୍ୟାକ୍ସିନ୍ ମହଜୁଦ ରଖିବା ଓ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡ଼ି ମାଧ୍ୟମରେ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଦେଖାଇବା ଆଦି ପାଇଁ ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି ପ୍ରତିନିଧି ଦଳ ଡାକ୍ତରଖାନାର ଭାରପ୍ରାପ୍ତ ଅଧୀକ୍ଷକ ଡା. ସ୍ୱରୂପ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପରେ ଡାକ୍ତର ଶ୍ରୀ ବେହେରା ସମସ୍ତ ବିଭାଗ ବୁଲାଇ ଦେଖାଇଥିଲେ। ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ କେତେକାଂଶରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଥିଲେ। ଡାକ୍ତରଖାନା ପରିସର ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଗୀମାନଙ୍କୁ ବରିଷ୍ଠ ନାଗରିକ ସଂଗଠନ ତରଫରୁ ମିଷ୍ଟାନ୍ନ, ବିସ୍କୁଟ ଓ ଫଳ ବିତରଣ କରାଯାଇଥିଲା। ପ୍ରତିନିଧି ଦଳରେ ସଭାପତି ଡ. ପ୍ରଫୁଲ୍ଲ ରଥ, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ସଦସ୍ୟ ପ୍ରତାପ ଶଙ୍କର ପାଣିଗ୍ରାହୀ, ଡ. ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ସତ୍ୟ ନାରାୟଣ ନାୟକ, ଚମରା ମହାକୁର, ସୁରୁ ସାହୁ, ନାରାୟଣ ପ୍ରସାଦ ନାୟକ, ଦିଲ୍ଲିପ ମିଶ୍ର, ବଳରାମ କାଣ୍ଡ, ଜୀତେନ୍ଦ୍ର ପ୍ରଧାନ, ଅକ୍ରୁର ଚରଣ ଦନ୍ତା ପ୍ରମୁଖ ରହିଥିଲେ।




## ଜିଲ୍ଲାପାଳଙ୍କ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

**ମନମୁଣ୍ଡା, ୯।୯ (ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ଆଜି ଅଚାନକ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ଡାକ୍ତରଖାନାର ପରିଷ୍କାର ପରିଚ୍ଛନ୍ନତା ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଥିବା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ପରିଦର୍ଶନ କରି ସେଠାରେ ଉପସ୍ଥିତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କ କାର୍ଯ୍ୟ ତଦାରଖ କରିଥିଲେ। ସିଏଚ୍‌ସି ଅଧ୍ୟକ୍ଷ ଡାକ୍ତର ମହେନ୍ଦ୍ର କୁମାର ସଏଙ୍କୁ ସିଏଚସିର ସୁବିଧା ଓ ଅସୁବିଧା ସମ୍ପର୍କରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ପରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟଅଟକଳରେ ନିର୍ମାଣାଧୀନ ମାତୃ ଶିଶୁ ସେବା ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ବୌଦ୍ଧ ରାସ୍ତା ଓ କୋଠାବାଡି ବିଭାଜନ ତତ୍ତ୍ୱାବଧାନରେ ନିର୍ମାଣାଧୀନ ଉକ୍ତ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ ହୋଇ ନଥିବାରୁ ଜିଲ୍ଲାପାଳ ଶ୍ରୀ ନାଏକ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବାକୁ ଥିବା ନେଇ ଜାଣିବାକୁ ମିଳିଛି। ଉକ୍ତ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ ସିଏଚସିର ବିପିଏମ ରାକେଶ ମହାପାତ୍ରଙ୍କୁ ପଚାରି ବୁଝିଥିବା ଜଣାପଡ଼ିଛି।



## ଚୂଡ଼ାଖାଇ ଡଙ୍ଗର ମହୋତ୍ସବ ପ୍ରସ୍ତୁତି

# ଆଦିବାସୀଙ୍କୁ ଅଧିକ ସଂଖ୍ୟାରେ ସାମିଲ କରିବାକୁ ଗୁରୁତ୍ୱ

**ତରଭା, ୯।୯ (ସମିସ)**

ଅକ୍ଟୋବର ୫ ତାରିଖ ଚତୁର୍ଦ୍ଦଶୀ ତିଥିରେ ଆଦିବାସୀଙ୍କ ଆରାଧ୍ୟ ଦେବତା ପୁଡାପାଟ, ସିଗେରପାଟ ଓ ଦେବୀ ସରଗାସିନିଙ୍କ ପ୍ରସିଦ୍ଧ ଚୁଡାଖାଇ ଯାତ୍ରା ତରଭା ସହରରୁ ୫ କିମି ଦୂର ତୁଲୁଣ୍ଡା, ଦୁବୁଲା ଓ ସରଗଜ ପଞ୍ଚାୟତର ମଧ୍ୟସ୍ଥଳରେ ଥିବା ଚୁଡାଖାଇ ଡଙ୍ଗରରେ ଅନୁଷ୍ଠିତ ହେବ। କେଉଁ ଆବହମାନ କାଳରୁ ଚାଲି ଆସୁଥିବା ଏହି ଯାତ୍ରା ଓ ଐତିହକୁ ୨୦୧୯ ମସିହାରେ ଓଡ଼ିଶା ସରକାର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି। ପଯର୍ୟଟନ ସ୍ଥଳୀର ମାନ୍ୟତା ପାଇବା ପରେ ତିନିଦିନ ଧରି ଚୁଡାଖାଇ ମହୋତ୍ସବ ପାଳନ କରାଯାଉଛି। ଅକ୍ଟୋବର ୪ ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଯାତ୍ରାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଆବାହକ ତରଭା ବିଡ଼ିଓ ଗଙ୍ଗାରାମ ବୁଡେକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ତହସିଲଦାର ଶ୍ୱେତାଲିନା ମାହାରଣା, ଆଇଆଇସି ଅନିତା କିଡୋ, ସରପଞ୍ଚ ସଂଘ ସଭାପତି ଅଶ୍ୱିନୀ ବିଶିଙ୍କ ସମେତ କୃପାନିଧି ମିଶ୍ର, ରାମ ସାହୁ, ଗଦିଦାର କୁଆଁର, ଶିବ ପ୍ରସାଦ କୁଆଁର, କପୁରଚନ ଭୁଏ, ପ୍ରକାଶ ହରିପାଳ, ସୁଶୀଲ ମଲ୍ଲିକ, ଆର୍ତ୍ତତ୍ରାଣ ବଗର୍ତ୍ତୀ, ମନମୋହନ ସାହୁ, ପବିତ୍ର ମିଶ୍ର ପ୍ରମୁଖ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ମହୋତ୍ସବଟି ଆଦିବାସୀ ସମ୍ପ୍ରଦାୟର ଉତ୍ସବ ହୋଇଥିବାରୁ ଏଥିରେ ଅଧିକ ସଂଖ୍ୟାରେ ଆଦିବାସୀଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହୋତ୍ସବରେ ପୂଜା ପାଉଥିବା ତୁଲୁଣ୍ଡା ଓ କୁଟସିରା ଗ୍ରାମର ଦେବ, ଦେବୀଙ୍କ ପୀଠ ଅବହେଳିତ ହୋଇପଡ଼ିଥିବାରୁ ତାର ଉଚିତ ରକ୍ଷଣାବେକ୍ଷଣ କରାଯିବାକୁ ଗ୍ରାମବାସୀ ସ୍ୱର ଉତ୍ତୋଳନ କରିଥିଲେ। ଚୂଡ଼ାଖାଇ ଡଙ୍ଗର ମହୋତ୍ସବରେ ତୁଲୁଣ୍ଡା ସରପଞ୍ଚ ଉମା ସାହୁ ସଭାପତି ରହିବେ ବୋଲି ମତ ପ୍ରକାଶ ପାଇଥିଲା। ମହୋତ୍ସବରେ ସ୍ଥାନୀୟ କଳାକାରଙ୍କୁ ଅଧିକ ସୁଯୋଗ ଦେବାକୁ ପ୍ରସ୍ତାବ ଆସିଥିଲା। ବିଶେଷ କରି ଚତୁର୍ଦ୍ଦଶୀ ମୁଖ୍ୟ ଯାତ୍ରା ଦିନ ଲକ୍ଷାଧିକ ଲୋକଙ୍କ ଭିଡ଼ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ଏଥିପାଇଁ ସ୍ଥାନୀୟ ପୁଲିସ ଓ ସ୍ୱେଚ୍ଛାସେବୀ ଯୁବକମାନଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ସାହୁ, ସୁଦାମ ଦୀପ, ମନୋଜ ପଣ୍ଡା, କୁସୁଳେଶ୍ୱର ପାଣ୍ଡେ, ହମିଶ ସାହୁ, ହେମନ୍ତ କୁଅଁର, ରଘୁନାଥ ରଣାଙ୍କ ସମେତ ଦୁବୁଲା, ତୁଲୁଣ୍ଡା ଓ ସରଗଜ ଗ୍ରାମର ବୁଦ୍ଧିଜୀବୀ ସଚେତନ ନାଗରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ତରଭା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାନ ଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଆଦିବାସୀ ସମାଜର ଯୁବ ସଂଗଠକ ଗଦିଦାର କୁଆଁର ଧନ୍ୟବାଦ ଦେଇଥିଲେ।



## ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର

**ବୌଦ୍ଧ, ୯।୯ (ସମିସ):** ବୌଦ୍ଧ ସହର ଏନ୍‌ଏସି କାର୍ଯ୍ୟାଳୟ ନିକଟ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରୁ ଅସହାୟ ଭିନ୍ନକ୍ଷମଙ୍କ ମୃତଦେହ ଉଦ୍ଧାର କରିଛି ବୌଦ୍ଧ ପୋଲିସ। ମିଳିଥିବା ସୂଚନାନୁଯାୟୀ, ବହୁ ବର୍ଷ ଧରି ଚାରିହାତ ଗୋଡ ହରାଇ ଭିକ୍ଷା ବୃତ୍ତି କରି ପେଟ ପୋଶୁ ଥିବା ଅସହାୟ ଭିନ୍ନକ୍ଷମଙ୍କ ମୃତଦେହ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନା ଆଇଆଇସି ନଳିନୀ କାନ୍ତ ଦାସଙ୍କୁ ସୂଚନା ମିଳିବା ପରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଥିଲା। ପରିବାର ସମ୍ପର୍କୀୟ ଓ ସ୍ୱେଚ୍ଛାସେବୀ ତଥା ସତ୍ୟସାଇ ସେବା ପ୍ରତିଷ୍ଠାନର ସଦସ୍ୟ ଅଞ୍ଜନ କୁମାର ମହାରଣାଙ୍କ ସହାୟତାରେ ଅପରାହ୍ନରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରାଯାଇଥିବା ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା



**ସୁବଳୟା, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହାରାଜପୁର ଉପଖଣ୍ଡର କୁଞ୍ଜପାଲି ଆଶ୍ରମ ବିଦ୍ୟାଳୟରେ ଆଜି ଓଡ଼ିଶା ରାଜ୍ୟ ସାମାଜିକ ସମୀକ୍ଷା ଓ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ତରଫରୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ମାଧ୍ୟାହ୍ନ ଭୋଜନ ଯୋଜନାରେ ବ୍ୟବହୃତ ନଥିପତ୍ର ଯାଞ୍ଚ କରିବା ସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସଫାସୁତୁରା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସହ ବୈଠକ ହୋଇଥିଲା। ଏଥିରେ ବୀରାମହାରାଜପୁର ସାମାଜିକ ସମୀକ୍ଷକ ଚୈତନ୍ୟ ମଲ୍ଲିକ, ସୋନପୁର ବ୍ଲକ ସାମାଜିକ ସମୀକ୍ଷକ ସୁଦାମ ଗାଇଗରିଆ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ଜୟ ଗୋପାଳ ସେଟଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ବ୍ରଜଗୋପାଲ ବକ୍ସିଂ ରେଫରି ମନୋନୀତ

**ବୀରମହାରାଜପୁର, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବ୍ରଜଗୋପାଲ ପଣ୍ଡା ଆସନ୍ତା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାର ରେଫରି ଭାବେ ମନୋନୀତ ହୋଇଛନ୍ତି। ଆସନ୍ତା ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀଜିଲ୍ଲା ସ୍କୁଲରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ପୁଅ ଝିଅଙ୍କ ବକ୍ସି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ପ୍ରଥମ ଥର ପାଇଁ ସୁବର୍ଣ୍ଣପୁର ଜିଲ୍ଲାରୁ ଶ୍ରୀ ପଣ୍ଡା ରେଫରୀ ଭାବେ ଚୟନ ହୋଇଥିବାରୁ ଜିଲ୍ଲା ବକ୍ସିଂ ଖେଳାଳିଙ୍କ ମହଲରେ ଆନନ୍ଦ ଓ ଉଲ୍ଲାସ ଖେଳିଯାଇଛି। ସୁନ୍ଦରଗଡ଼, ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ ଓ ପୁରୀ ଜିଲ୍ଲାରୁ ୩ ଜଣ ବିଦ୍ୟାଳୟସ୍ତରୀୟ ବକ୍ସିଂ ରେଫରୀ ଭାବରେ ଚୟନ ହୋଇଥିବା ଜଣାପଡ଼ିଛି। ବକ୍ସିଂ କୋଚ୍ ତଥା ଶିକ୍ଷକ ରାଜେଶ ମେଣ୍ଡିଲୀ ଓ ଅଞ୍ଚଳବାସୀ ବ୍ରଜଗୋପଲଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି।



## ଗନ୍ଧର୍ବ ସାହୁଙ୍କୁ ସମ୍ବର୍ଦ୍ଧନା



**ମନମୁଣ୍ଡା, ୯।୯ (ସମିସ):** କନ୍ଧମାଳ ବ୍ଲକ ବଡକୁସୁଙ୍ଗ ସିଆରସିସି ଗନ୍ଧର୍ବ ସାହୁଙ୍କୁ ଶିକ୍ଷକମାନଙ୍କ ତରଫରୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତାଙ୍କର ଗୁଣାତ୍ମକ ଶିକ୍ଷାଦାନ ଏବଂ ଶିକ୍ଷା ବିଭାଗରେ ତାଙ୍କ ଉତ୍ତମ କାର୍ଯ୍ୟକୁ ନେଇ ଚଳିତ ବର୍ଷ ତାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡକୁସୁଙ୍ଗରେ ଅନୁଷ୍ଠିତ ମାସିକ କ୍ଲଷ୍ଟରସ୍ତରୀୟ ବୈଠକରେ ଶିକ୍ଷକ ଜଗନ୍ନାଥ ମହାପାତ୍ର, ରାଧାକାନ୍ତ ତ୍ରିପାଠୀ, ମହରଗୁ କହଁର, ଧିରୋଜ ଗୁରୁ, ପ୍ରଦୀପ କୁମାର ସାହୁ, ଶିକ୍ଷୟିତ୍ରୀ ସବ୍ୟାରାଣୀ କହଁର, କାଦମ୍ବିନୀ ସେଠୀ, ପ୍ରିୟମ୍ବଦା ସାହୁ ପ୍ରମୁଖଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଜିଲ୍ଲାରେ ଥିବା ପ୍ରାୟ ୬୦ ଜଣ ସିଆର୍‌ସିସିଙ୍କ ମଧ୍ୟରୁ ଶ୍ରୀ ସାହୁ ଏକ ମାତ୍ର ସିଆର୍‌ସିସି ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଜାଣିବାକୁ ମିଳିଛି। ତାଙ୍କର ଏହି ସଫଳତା ପାଇଁ ବୌଦ୍ଧ ଲାଣ୍ଡିବନ୍ଧ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ସିଂ, ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ସେଠୀ, ଶୁଭଲକ୍ଷ୍ମୀ ପରିଡ଼ା, ଅନୁପମା ମେହେର, ଶିବାନୀ ପଟ୍ଟନାୟକ ଓ ଜିଲ୍ଲାରର ପ୍ରାୟ ସମସ୍ତ ସିଆରସିସି ମଧ ଗନ୍ଧର୍ବ ସାହୁଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ସମଲେଶ୍ୱରୀ କ୍ଲବ୍‌ର ଭସାଣି ଉତ୍ସବ

**ଡୁଙ୍ଗୁରିପାଲି, ୯।୯ (ସମିସ):** ୧୧ଦିନ ଧରି ଚାଲିଥିବା ପ୍ରସିଦ୍ଧ ଡୁଙ୍ଗୁରିପାଲି କୁଦେଇପଡ଼ା ସମଲେଶ୍ୱରୀ କ୍ଲବର ଗଣେଶ ପୂଜାର ମଙ୍ଗଳବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବିଭିନ୍ନ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟ ଓ ବାଦ୍ୟରେ ସଜ୍ଜିତ ବିଶାଳ ଶୋଭାଯାତ୍ରାରେ ବିଘ୍ନ ବିନାଶକଙ୍କୁ ମେଲାଣି ଦିଆଯାଇଛି। ଭସାଣି ଶୋଭାଯାତ୍ରାରେ ଘଣ୍ଟ ବାଦ୍ୟ ସାଙ୍ଗକୁ ଦୂଲଦୁଲି ବାଜା, ଡିଜେ, ଅଘୋରି ଭଳି ପାରମ୍ପରିକ ବାଦ୍ୟରେ ଡୁଙ୍ଗୁରିପାଲି ସହରର ରାଜଦାଣ୍ଡ ଦୁଲୁକି ଉଠୁଥିଲା। ଭସାଣି ଉତ୍ସବ କମିଟିର ସଭାପତି ଯଦୁମଣି କୁଦେଇ, ସରୋଜ ପଧାନ, ବିକାଶ ହାତୀ, ସୌମ୍ୟରଞ୍ଜନ ମାହାନ୍ତି, ସ୍ୱାଗତ ସାହୁ, ମିତେଶ କୁଦେଇ, ରିକୁ ଭୋଇ, ରଜମୋହନ ବୁଡ଼େକ, ରିଙ୍କୁ ଭୋଇ, ରାଜ ମୋହନ ବୁଡ଼େକ, ଅଜିତ ଦାସ, ପ୍ରଶାନ୍ତ କୁଦେଇଙ୍କ ସମେତ କ୍ଲବ୍‌ର ସମସ୍ତ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ପୁଲିସ ମୁତୟନ କରାଯାଇଥିଲା।





## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

**ଡୁଙ୍ଗୁରିପାଲି, ୯।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବ ଭାରତୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥବିର ବୁଡେକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବନ୍ଧପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଖିରଧର ବୁଡେକ୍ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପହିଲ ବୁଡେକ, ସର୍ଗୁଲ କ୍ଲଷ୍ଟରର ସିଆର୍‌ସିସି ନୀଳକଣ୍ଠ ନାଏକ ଯୋଗଦେଇଥିଲେ। ଅତିଥିମାନେ ଶିକ୍ଷା ଓ ସାକ୍ଷରତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରାମ ପରିକ୍ରମା ଶୋଭାଯାତ୍ରା ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ହେମକାନ୍ତ ମେହେର, ଅଶ୍ୱିନୀ କୁମାର ବେହେରା, ପ୍ରସନ୍ନ କୁମାର ତାଣ୍ଡି ଏବଂ ଶିକ୍ଷୟିତ୍ରୀ ଦୀପ୍ତିମୟୀ ପ୍ରଧାନ ସହଯୋଗ କରିଥିଲେ।

## ପ୍ରାଦେଶିକ ବିଜ୍ଞାନ ମେଳାରେ ଅରହନ୍ତ ପୁରସ୍କୃତ

**ବୀରମହାରାଜପୁର, ୯।୯ (ସମିସ):** ଓଡ଼ିଶା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ପ୍ରାଦେଶିକ ବିଜ୍ଞାନ ମେଳାରେ ବୀରମହାରାଜପୁର ବ୍ଲକ ସୁବଳୟା ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ଅରହନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରି ଉପଖଣ୍ଡ ତଥା ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ବିଜ୍ଞାନ ମେଳାରେ ସେ ସ୍ମାର୍ଟ ସ୍କୁଲର ପ୍ରକଳ୍ପ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର

**ଡୁଙ୍ଗୁରିପାଲି, ୯।୯ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଆର୍‌ଏମ୍‌ସିଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲିପ କୁମାର ବାଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ବେଲାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝୀ, ସୁବର୍ଣ୍ଣପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପ୍ରେମଲାଲ ସେଠ, ପ୍ରଦ୍ଯୁଦତ୍ତ ନାଏକ, ବିଜୟ କୁମାର ଭୋଇ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖିରୋଦ ଭୂଷଣ ରାଏ ସଂଯୋଜନା କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସୁଥିବା ଭିନ୍ନକ୍ଷମମାନଙ୍କୁ ଅଙ୍ଗନବାଡ଼ି କର୍ମୀମାନେ ପଞ୍ଜିକରଣ କରିବା ପରେ ଡାକ୍ତର ସଞ୍ଜୟ ପ୍ରଧାନ ଓ ସାନ୍ତନୁ ମେହେର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ କରିବା ପରେ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର, ଆଶାବାଡି, ଶ୍ରବଣ ଯନ୍ତ୍ର ଆଦି ଉପକରଣ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।



## ଜେଏନ୍‌ଭିରେ ଭିଏମ୍‌ସି ବୈଠକ

**ତରଭା, ୯।୯ (ସମିସ):** ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟିର (ଭିଏମ୍‌ସି) ବୈଠକ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟା।ନ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସ୍ଥାନୀୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶାଶ୍ୱତ କୁମାର ସାହୁ ବୈଠକ ପରିଚାଳନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ କେ. ଶ୍ୟାମକୱର ବିବରଣୀ ପାଠ କରିଥିଲେ। ଏଥିରେ ଜିଲ୍ଲାପାଳ ବିଦ୍ୟାଳୟର ସୁପରିଚାଳନା ପାଇଁ ମନ୍ତବ୍ୟ ଦେବା ସହିତ ବିଦ୍ୟାଳୟର ସମଗ୍ର ପରିସର ନିରୀକ୍ଷଣ କରିଥିଲେ। ବରିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରେ ଭେଟି ପାଠପଢ଼ା ପାଇଁ ଦୀଗଦର୍ଶନ ଦେଇଥିଲେ।

# ସଂସଦୀୟ ଜିଲ୍ଲା କ୍ରୀଡ଼ା ଶିକ୍ଷକ କର୍ମଶାଳା

**ବୌଦ୍ଧ, ୯।୯ (ସମିସ)**

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ ପରିସରରେ ସାଂସଦ ଖେଳ ମହୋତ୍ସବର ସଫଳ ରୂପାୟନ ଓ ପଞ୍ଜିକରଣ ନିମନ୍ତେ ଜିଲ୍ଲାର କ୍ରୀଡା ଶିକ୍ଷକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଲୋକସଭା ନିର୍ବାଚନ ମଣ୍ଡଳୀର ଖେଳାଳିମାନଙ୍କର କିଭଳି ଭାବେ ସଠିକ ଏବଂ ଅଧିକ ସଂଖ୍ୟାରେ କିପରି ପଞ୍ଜିକରଣ ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିସହ ଅନଲାଇନ ପଞ୍ଜିକରଣର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯିବା ସହ ବହୁଳ ପରିମାଣରେ ପଞ୍ଜିକରଣ ପାଇଁ ମଧ୍ୟ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଖେଳାଳିମାନେ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ପଞ୍ଜିକରଣ କରିପାରିବେ। ଇଚ୍ଛୁକ ଖେଳାଳିମାନେ ଫୁଟବଲ, କ୍ରିକେଟ, ଭଲିବଲ, ବ୍ୟାଡ଼ମିଣ୍ଟନ, ଚେସ, ପୁଚି, କବାଡି, ଖୋଖୋ ଖେଳିବା ପାଇଁ ନାମ ଉଭୟ ପୁରୁଷ ଓ ମହିଳା ପଞ୍ଜିକରଣ କରିବା ଅନିର୍ବାଜ୍ୟ ବୋଲି ଏଥିରେ ସୂଚାଯାଇଛି। ଇଚ୍ଛୁକ ଖେଳାଳି ସାଂସଦ ଖେଳ ମହୋତ୍ସବ ପୋର୍ଟାଲରେ ଅନ୍ ଲାଇନ ଜରିଆରେ ନିଜର ନାମ କିମ୍ବା ନିଜ ଦଳର ନାମ ପଞ୍ଜିକରଣ କରିପାରିବେ। କ୍ରୀଡା ପ୍ରତିଯୋଗିତା ଗୁଡିକ ପଞ୍ଚାୟତ, ବ୍ଲକ, ବିଧାନସଭା ଓ ଲୋକସଭାସ୍ତରରେ ସେପ୍ଟେମ୍ବର ୨୧ ଠାରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ୩ ମାସ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ସୂଚାଯାଇଛି। ଏହି କର୍ମଶାଳାରେ ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ସୁଶୀଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ସାଂସଦ କ୍ରୀଡ଼ା ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହ ଏହି କ୍ରୀଡ଼ା ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ବୌଦ୍ଧ ବ୍ୟାଡ଼ମିଣ୍ଟନର ସମ୍ପାଦକ ସୁନ୍ଦର ପ୍ରକାଶ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଲମ୍ବୋଦର ପୁରୋହିତ, ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ମାଇ ଭାରତ ସଂଯୋଜକ ଆସମାନ ମହାକୁଡ଼ଙ୍କ ସମେତ ୧୫ଟି ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଉପସ୍ଥିତ ଥିଲେ।



## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍; ସିନିୟର ଦଳ ବିଜୟୀ

**ବିନିକା, ୯।୯ (ସମିସ):** ଜାତୀୟ କ୍ରୀଡ଼ା ଦିବସ ଅବସରରେ ସ୍ଥାନୀୟ ସିଦ୍ଧାର୍ଥ ଗରୁଡ଼ କ୍ୟାମ୍ପସଠାରେ ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟୟନରତ ଯୁକ୍ତ ତିନି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିନିୟର୍ ଦଳ ବିଜୟୀ ହୋଇଥିଲେ। କଲେଜ ଅଧ୍ୟକ୍ଷ ଡଃ ଧୀରେନ୍ଦ୍ର କୁମାର ନାୟକ ମେୟର ଧ୍ୟାନଚାନ୍ଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଟସ୍ ଜିଣି ପ୍ରଥମେ ସିନିୟର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୯୬ ରନ୍ କରିଥିଲେ। ତାର ବିପକ୍ଷରେ କନିଷ୍ଠ ଦଳ ୧୦ ଓଭରରେ ୮ ୱିକେଟ ହରାଇ ୫୭ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚକୁ ଅଧ୍ୟାପକ ବଚନ ଦାସ, ଶ୍ରୀତମ ସୁଭଦର୍ଶନ, ବିକ୍ରମ ମେହେର ପରିଚାଳନା କରିଥିଲେ। ସିନିୟର ଦଳର ଶଶାଙ୍କ ଶେଖର ଦାସ ୩୮ ରନ୍ କରି ୨ ୱିକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବିଜେତା ସିନିୟର ଦଳ ଓ ଉପବିଜେତା ଜୁନିୟର ଦଳକୁ ଅଧ୍ୟକ୍ଷ ଶ୍ରୀ ନାୟକ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ନାରାୟଣ ଚୌଧୁରୀ ଓ ମନୋଜ ନାଏକ ସମ୍ପାଦନା କରିଥିଲେ।



## ଗୁଟଖା ଦୋକାନରେ ଚଢ଼ଉ

ବେଲବାହାଳି, ୯।୯(ସମିସ): ଘସିପୁରା ପୁଲିସ ପକ୍ଷରୁ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ବଜାରରେ ଥିବା ବିଭିନ୍ନ ଦୋକାନରେ ଚଢ଼ଉ କରାଯାଇ ବହୁମାତ୍ରାରେ ଗୁଟଖା ଓ ନିଶା ଦ୍ରବ୍ୟକୁ ଜବତ କରାଯାଇଛି। ବେଲବାହାଳି ବଜାରରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ବଡ ବଡ ଦୋକାନଗୁଡିକରେ ବ୍ୟାପକ ମାଦକ ଦ୍ରବ୍ୟ ସହ ବିଭିନ୍ନ ପ୍ରକାରର ଗୁଟଖା ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏନେଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଏଣିକି ନିୟମିତ ଭାବରେ ଆନନ୍ଦପୁର ଅଞ୍ଚଳର ବିଭିନ୍ନ ବଜାର ଅଞ୍ଚଳରେ ଥିବା ଦୋକାନଗୁଡିକରେ ପୁଲିସ ଚଢ଼ଉ ଜାରି ରଖିବ। ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଜବତ କରିବା ସହିତ ଆବଶ୍ୟକ ପଡିଲେ ଆଇନ ଅନୁଯାୟୀ, ବ୍ୟବସାୟୀଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ଉମାକାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ହାଟଡ଼ିହୀ, ୯।୯(ସମିସ): ହାଟଡ଼ିହୀ ବ୍ଲକ୍ ଇଞ୍ଜୋଳ ଗ୍ରାମର ଅଦୈତଚନ୍ଦ୍ର ପଣ୍ଡାଙ୍କ ପୁତ୍ର ଉମାକାନ୍ତ ପଣ୍ଡା ବୌଦ୍ଧ ଜିଲ୍ଲାରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବରେ କାର୍ଯ୍ୟରତ ଥିବାବେଳେ ଚଳିତ ବର୍ଷ ୨୦୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ବୌଦ୍ଧ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ସମାରୋହରେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଶିକ୍ଷକ ଶ୍ରୀ ପଣ୍ଡା ବୌଦ୍ଧ ଜିଲ୍ଲାରେ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ କୁଣ୍ଡାମାଳରେ ଶିକ୍ଷକତା କରୁଛନ୍ତି। ତାଙ୍କର ଏପରି ସଫଳତାରେ ଗୋଷ୍ଠୀ ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳଭଦ୍ର ବିଶ୍ୱାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ଚାରା ବଣ୍ଟନ ଗାଡ଼ିର ଶୁଭାରମ୍ଭ



ତୁରୁମୁଙ୍ଗା/ଚମ୍ପୁଆ, ୯।୯(ସମିସ): ପାଟଣା ରେଞ୍ଜରେ ମଙ୍ଗଳବାର ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ ପତାକା ଦେଖାଇ ଚାରା ବଣ୍ଟନ ଅଭିଯାନ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ଗାଡ଼ିର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ବଡପାଟଣା, ଟାଙ୍ଗରପଡ଼ା ଓ ସରାସ କୋଲା ପଞ୍ଚାୟତକୁ ୫ ଶହ ଲେଖାଏଁ ଚାରା ଗଛ ପ୍ରଦାନ କରାଯାଇଛି। ବଡପାଟଣା ସରପଞ୍ଚ ବିନତୀ ବାନରା, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ରେଞ୍ଜର ବନବିହାରି ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ, ସହକାରୀ ବନପାଳ ହୃଦାନନ୍ଦ ମହାନ୍ତି, ଦେବଯାନୀ ମହାନ୍ତ, ରାଜେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚମ୍ପୁଆ ବନାଞ୍ଚଳରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଅନ୍ୟତମ ଅତିଥି ଭାବେ ବିଡିଓ ସ୍ମୃତିରଂଜନ ସାହୁ, ତହସିଲଦାର ସଜତ ମାର୍କେ, ରେଞ୍ଜର ତଥା ଏସିଏଫ ଅକ୍ଷୟ ଛତ୍ରିୟା ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା ରଥ ଚମ୍ପୁଆ ବନାଞ୍ଚଳ ଅଧୀନସ୍ଥ ୫ଟି ସେକ୍ସନରେ ପରିଭ୍ରମଣ କରିବା ସହିତ ଲୋକଙ୍କୁ ବୃକ୍ଷରୋପଣ ପାଇଁ ସଚେତନ କରିବ। ପ୍ରତ୍ୟେକ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ୫-୫୦ଟି ବୃକ୍ଷରୋପଣ କରାଯିବାକୁ ଥିବା ବେଳେ ଚମ୍ପୁଆ ବନାଞ୍ଚଳରେ ୫ ହଜାର ଗଛ ରୋପଣ କରାଯିବ। ଏହି ଚାରା ବନ ବିଭାଗ ପକ୍ଷରୁ ମାଗଣା ଯୋଗାଇ ଦିଆଯିବ ବୋଲି ଶ୍ରୀ ଛତ୍ରିୟା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ଜ୍ୟୋତିରୂପା ପାଣି ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବରାଙ୍ଗ ଜଙ୍ଗଲରେ ଶିକାରୀ ସକ୍ରିୟ, ହରିଣ ଫାସରେ କୁକୁର

ରାମଚନ୍ଦ୍ରପୁର, ୯।୯(ସମିସ): ଆନନ୍ଦପୁର ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା ଗାଁ ନିକଟରେ ଗତକାଲି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଙ୍ଗଲ ମଧ୍ୟରେ ହରିଣ ଧରିବାକୁ ଫାସ ବସାଇଥିବା ଶିକାରୀ ଜାଲରେ ଗୋଟିଏ ବୁଲା କୁକୁର ପଡି ଯାଇଥିଲା। ଯେତେ ଝଟପଟ ହେଲେ ମଧ୍ୟ ସେଥିରୁ ମୁକୁଳି ପାରି ନଥିଲା। ଭୋକରେ ଆଉଟ ପାଉଟ ହୋଇ ଦୁଇଦିନ ଧରି ନିସ୍ତେଜ ଅବସ୍ଥାରେ ପଡି ରହିବା ପରେ କୁକୁରର ଚିତ୍କାର ଶୁଣି ଗ୍ରାମର ସ୍ୱରୂପ ମହାନ୍ତି ଏବଂ ଗୋବିନ୍ଦ ମଲ୍ଲିକ ଜଙ୍ଗଲ ଭିତରେ ଫାସରେ କୁକୁରଟି ପଡିଥିବା ଦେଖିଥିଲେ। ବହୁ କଷ୍ଟରେ ଫାସରୁ କୁକୁରଟିକୁ ଉଦ୍ଧାର କରିଥିଲେ।



ଲୋକଙ୍କ ଅଭିଯୋଗ ଅନୁସାରେ, ବରାଙ୍ଗ ଜଙ୍ଗଲରୁ ଅନେକ ସମୟରେ ଅବାଧରେ ହରିଣ ଶିକାର କରି ପଡୋଶୀ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାଂସ ବିକ୍ରି କରୁଥିବା ଅଭିଯୋଗ କରୁଛନ୍ତି। ଚିପା ହରିଣ ପାଇଁ କେନ୍ଦୁଝର ଜିଲ୍ଲାରେ ବରାଙ୍ଗ ଜଙ୍ଗଲ ପ୍ରସିଦ୍ଧି ଲାଭ କରିଥିବା ବେଳେ ବନାଞ୍ଚଳରେ କର୍ମଚାରୀ ଅଭାବ ସାଙ୍ଗକୁ ଜଙ୍ଗଲ ଚତୁପାର୍ଶ୍ୱରେ ମୁକୁଳା ବ୍ୟବସ୍ଥା ଶିକାରୀଙ୍କ ପାଇଁ ବରଦାନ ସଦୃଶ ହୋଇଛି। ବନ ବିଭାଗ ଉଚ୍ଚ ପଦାଧିକାରୀ ତୁରନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଅବସ୍ଥା ଦୟନୀୟ

# ଶଯ୍ୟା ନପାଇ ରୋଗୀ ଗଡୁଛନ୍ତି ବାରଣ୍ଡାରେ

ଆନନ୍ଦପୁର, ୯।୯ (ସମିସ)



ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଦୟନୀୟ ପରିସ୍ଥିତିରେ ଚାଲିଥିବା ବେଳେ ରୋଗୀ ଶୋଚନୀୟ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଗଡୁଥିବା ଦେଖାଯାଉଛି। ଏଥିରେ ସୁଧାର ଆସିପାରୁ ନଥିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଅକ୍ଷମତା ପ୍ରକାଶ କରି ହାତ ଟେକିଦେବା ଅବସ୍ଥା ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପାଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ମା' ଓ ଶିଶୁ ବିଭାଗରେ ରୋଗୀମାନେ ଶଯ୍ୟା ଅଭାବରୁ ତଳେ ରହି ଚିକିତ୍ସିତ ହେଉଥିବା ଦେଖି ଚିକିତ୍ସାଳୟ ଦାୟିତ୍ୱରେ ଥିବା ମୁଖ୍ୟ ଅଧିକାରୀଙ୍କୁ ରୋଗୀମାନଙ୍କ ପାଇଁ ଶଯ୍ୟା ସୁବିଧା ନିମନ୍ତେ ପରାମର୍ଶ ଦେଇଥିଲେ। ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ନିୟମିତ ସଫାସୁତୁରା ରଖିବା ଓ ଉନ୍ନତମାନର ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲ୍ଲା ସମେତ ପଡୋଶୀ ଭଦ୍ରକ ଯାଜପୁର ମୟୂରଭଞ୍ଜ ଜିଲ୍ଲା ଜନସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ୫ଶହରୁ ଅଧିକ ରୋଗୀ ଚିକିତ୍ସିତ ହେବାକୁ ଆସୁଥିବା ବେଳେ ଉପଯୁକ୍ତ ଚିକିତ୍ସା ମିଳୁ ନଥିବା ଗୁରୁତର ଅଭିଯୋଗ ହେଉଛି। ଜିଲ୍ଲା ଖଣିଜ ପାଣ୍ଠିର ଅନୁଦାନରେ ଅଧିକ ୫୦ ଶଯ୍ୟାର ବ୍ୟବସ୍ଥା ସହ ଆବଶ୍ୟକ ଡାକ୍ତର ଯୋଗାଇ ନଦେଲେ ପରିସ୍ଥିତି ଆହୁରି ସଂକଟାପନ୍ନ ହେବ ବୋଲି କୁହାଯାଉଛି।

## ଅମାନିଆ ସିଆର୍‌ସିସିଙ୍କୁ ନୋଟିସ୍ ଜାରି

ହାଟଡ଼ିହୀ, ୯।୯(ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳର କିଛି ବିଦାୟୀ ସିଆରସିସି ଏଯାବତ୍ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କିଛି ସିଆରସିସି କାହିଁକି ନିର୍ଦ୍ଦେଶକୁ ମାନୁନାହାନ୍ତି ? ସେନେଇ କାହା ପାଖରେ ଉତ୍ତର ନାହିଁ। ହାଟଡ଼ିହୀ ବ୍ଲକ୍‌ରେ ୨୧ଜଣ ସିଆର୍‌ସିସିଙ୍କ ମଧ୍ୟରୁ ନୂତନ ଭାବେ ୧୧ଜଣ ସିଆର୍‌ସିସି ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପରଦିନଠାରୁ ନୂତନ ସିଆର୍‌ସିସିମାନେ କାର୍ଯ୍ୟଭାର ତୁଲାଇ ଆସୁଛନ୍ତି। କିନ୍ତୁ ପୁରୁଣା ସିଆରସିସିମାନେ କାର୍ଯ୍ୟରୁ ଅନ୍ତର ହୋଇଥିଲେ ବି ସେମାନେ କ୍ଲଷ୍ଟର ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ରେକର୍ଡପତ୍ର, କ୍ଲଷ୍ଟର ରୁମ୍‌ର ଚାବିକାଠି ମଧ୍ୟ ଦେଉନାହାନ୍ତି। ଫଳରେ ନୂତନ ସିଆରସିସିମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସିଆରସିସି ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇବା ପରେ ଗତ ୧୪ତାରିଖ ସମସ୍ତ ସିଆରସିସିଙ୍କୁ ଚିଠି ନଂ ୨୮୬୯ ତା ୧୪/୮/୨୦୨୫ରେ ଜଣାଇ ୨୦ତାରିଖ ଭିତରେ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ହୋଇଥିଲା। ଦାୟିତ୍ୱ ହସ୍ତାନ୍ତର ନକଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା। ଏବେ ସୁଦ୍ଧା ସେମାନେ ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ବେଳେ ସରକାରୀ କମ୍ପ୍ୟୁଟରକୁ ନେଇ ଘରେ ରଖିଥିବା ଭଳି ଅଭିଯୋଗ ହେଉଛି। ସଂପୃକ୍ତ ସିଆର୍‌ସିସିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ କହିଛନ୍ତି।

## ଅନଭିଜ୍ଞ ସିଆର୍‌ସିସିଙ୍କ ହାତରେ କ୍ଲଷ୍ଟର୍ ଦାୟିତ୍ୱ

ରାମଚନ୍ଦ୍ରପୁର, ୯।୯(ସମିସ): ଗଣଶିକ୍ଷା ବିଭାଗରେ ଅନେକ ଅନଭିଜ୍ଞ ଶିକ୍ଷକଙ୍କୁ ସିଆରସିସି ଭାବେ ଜିଲ୍ଲା ଶିକ୍ଷା ବିଭାଗ ଦାୟିତ୍ୱ ନ୍ୟସ୍ତ କରିଛି। ଛୋଟମୋଟ ସମସ୍ୟା ସମାଧାନ ତ ଦୂରର କଥା କେତେକ ସ୍ଥାନରେ ଶିକ୍ଷା ବିଭାଗର ଭିତିରି କଥା ଦାଣ୍ଡରେ ପଡି ହାଟରେ ଗଡୁଛି। ଘସିପୁରା ବ୍ଲକ ରାମଚନ୍ଦ୍ରପୁର ସର୍କଲ ସିଆରସିସି ହିମାଂଶୁ ଭୂଷଣ ଜେନା ଭିଜନ ଟେଷ୍ଟରେ ଉତ୍ତୀର୍ଣ୍ଣ ନହୋଇ ମଧ୍ୟ ସିଆରସିସି ପଦରେ ଦୀର୍ଘ ଦିନ ହେଲା ରହିଛନ୍ତି। ଗାଇଡଲାଇନ ଅନୁସାରେ ଯେଉଁ ଶିକ୍ଷକମାନେ ସିଆରସିସି ପଦ ପାଇଁ ଆବଶ୍ୟକ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇପାରିଲେ ନାହିଁ ସେମାନେ ସେହି ପଦରେ ରହିପାରିବେ ନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ଭିଜନ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ନଥିବା ଶିକ୍ଷକଙ୍କୁ ସିଆରସିସି ପଦରୁ ହଟାଇ ଦିଆଯାଇ ଥିବାବେଳେ ଘସିପୁରା ବ୍ଲକ ଶିକ୍ଷାଧିକାରୀ ଏପର୍ଯ୍ୟନ୍ତ ରାମଚନ୍ଦ୍ରପୁର ସିଆରସିସି ପଦରେ ଥିବା ଜଣେ ଅନଭିଜ୍ଞ ଶିକ୍ଷକଙ୍କୁ ନହଟାଇ କାହିଁକି ଏତେଦିନ ନରି ଦାୟିତ୍ୱସମ୍ପନ୍ନ ପଦରେ ରଖିଛନ୍ତି ? ତାହା ଆଲୋଚନାର ବିଷୟ ପାଲଟିଛି। ସେପଟେ ଖୁବଶୀଘ୍ର ଶ୍ରୀଜେନାଙ୍କୁ ହଟାଇ ନୂତନ ସିଆରସିସି ନିଯୁକ୍ତି ଦିଆଯିବ ବୋଲି ଘସିପୁରା ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା କହିଛନ୍ତି।

## ଏମ୍‌ଡିଏମ୍ ଅନିୟମିତତା

# ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଆନନ୍ଦପୁର, ୯।୯ (ସମିସ): ଘସିପୁରା ବ୍ଲକ୍ ଅନ୍ତର୍ଗତ ଦାନ୍ତିଆ ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ଖାଦ୍ୟପେୟ ଅନିୟମିତତା ଅଭିଯୋଗ ନେଇ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିଦ୍ୟାଳୟରେ ପ୍ରତିଦିନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଖାଦ୍ୟ ମିଳୁ ନଥିବା ବେଳେ ସ୍ୱଚ୍ଛତା ଓ ପରିଚ୍ଛନ୍ନତାର ଅଭାବ ରହିଥିବା ଜଣାପଡିଛି। ପିଲାଙ୍କ ସଂଖ୍ୟାରେ ଜାଲିଆତି କରାଯାଉଛି। ଅନେକ ସମୟରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାଠାରୁ ଅଧିକ ୫୦/୭୦ ସଂଖ୍ୟା ଦର୍ଶାଯାଇ ଅଧିକ ଖାଦ୍ୟ ସାମଗ୍ରୀ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ଜେନା ହଡପ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆଶ୍ରମରେ ଖାଇବା ପିଇବା ଠିକ ଭାବରେ ଦିଆଯାଇ ନଥିବାବେଳେ ଦିନବେଳା ୧୧୦ ଛାତ୍ରୀଙ୍କୁ ୨ କିଲୋ ଡିଲି ରାତିରେ ୧.୫ କିଲୋ ଡାଲି ଖାଦ୍ୟରେ ଦିଆଯାଉଛି। ଗତମାସ ୨୦ ତାରିଖ ବିଇଓଙ୍କ ନିକଟରେ ଅଭିଯୋଗ କରିବା ପରେ ସିଆରସିସି ତଦନ୍ତ କରିଥିଲେ। ସ୍କୁଲରେ ୧୬୭ ପିଲା ଉପସ୍ଥିତ ଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ୨୧୧ ପିଏମ ପୋଷଣ ଆପରେ ଦର୍ଶାଯାଇଥିବା ସୂଚନା ଦେଇଛନ୍ତି। ଦ୍ୱିତୀୟ ଥର ଅଗଷ୍ଟ ୨୫ରେ ଡବ୍ଲୁଇଓ, ଏଡିଡବ୍ଲୁଓ ଘସିପୁରା ତଦନ୍ତ ପାଇଁ ଆସିଥିବାବେଳେ ତଥ୍ୟ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ଜେନାଙ୍କ ବିପକ୍ଷରେ ଯାଇଛି। ମାତ୍ର ଆଜକୁ ୨୦ ଦିନ ବିତିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅଗଷ୍ଟ ୮ରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ଭାବେ ମଧ୍ୟାହ୍ନଭୋଜନ ନଦେବା ଓ ଚାଉଳ ହେର୍‌ଫେର୍ କରୁଥିବା ନେଇ ହରିଚନ୍ଦନପୁର ଯାଉଁଳିପୋଖରୀ ଉପ୍ର ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ରାଉତଙ୍କ ବିରୋଧରେ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ହରିଚନ୍ଦନପୁର ବିଇଓ ଚିନ୍ମୟ ରାଉତ ତାଙ୍କୁ ନିଲମ୍ବନ କରିଥିଲେ। ସେହିପରି ଗତ ୧୨ ତାରିଖରେ ପାଟଣା ବ୍ଲକ କେନ୍ଦେଇପୋଶି ପଞ୍ଚାୟତ ଖୁଣ୍ଟାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୌଜିରାମ ମଧ୍ୟାହ୍ନ ଭୋଜନରେ ଜାଲିଆତି କରି ଦୁଇ ଜଣ ପିଲା ଅଧିକ ପକାଇବାର ଜିଲ୍ଲାପାଳ ଦେଖୁଥିଲେ। ପାଟଣା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୧୨/୨୫ରେ ପ୍ରଧାନ ଶିକ୍ଷକପାତ୍ରଙ୍କୁ ନିଲମ୍ବିତ କରାଯାଇଥିଲା। ଦାନ୍ତିଆଆଶ୍ରମସ୍କୁଲ୍‌ରେପ୍ରତିଦିନ୫୦-୭୦ ପିଲା ଅଧିକ ପକାଯାଉଛି। ହେଲେ ଏଯାଏ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶାନ୍ତନୁ ସ୍ୱାଇଁ, ପ୍ରଣବ ଦାସ, ରମାକାନ୍ତ ଜେନା, ମାଜର ସ୍ୱାଇଁ, ଚଗଲୁ ମଲ୍ଲିକ, ଅଗସ୍ତି ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ମଳୟ ମଳିକ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ନହେଲେ ଗ୍ରାମବାସୀ ଉକ୍ତ ସ୍କୁଲକୁ ପିଲାଙ୍କୁ ଛାଡ଼ିବେ ନାହିଁ ବୋଲି ମଧ୍ୟ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ଯାନ୍ତ୍ରିକ ମହାବିଦ୍ୟାଳୟରେ ଆଇନ ସଚେତନତା

କେନ୍ଦୁଝର, ୯।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଡିଟୋରିୟମ ହଲଠାରେ ସାଇବର ଅପରାଧ, ପୋସ୍, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟାବଳୀ, ପୋକ୍ସୋ ତଥା ରାଗିଙ୍ଗ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ ଏନେଇ ମତ ରଖିଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସାଇବର ଅପରାଧ, ପୋସ, କର୍ମକ୍ଷେତ୍ରରେ ମହିଳା ଯୌନ ଅପରାଧ ଓ ପ୍ରତିରୋଧ, ଶିଶୁ ଯୌନ ଅପରାଧ ଓ ସୁରକ୍ଷା ତଥା ପ୍ରାଧିକରଣର ଭୂମିକା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସାଇବର ଅପରାଧ ଓ ଆର୍ଥିକ ଠକେଇ ସଂପର୍କରେ ଉପଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ରାକେଶ ରଞ୍ଜନ ଶୁକ୍ଳା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ ଷଡ଼ଙ୍ଗୀ, ପାନେଲ ଅଧିବକ୍ତା ସୁନୀଲ ମହାନ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ମିଳିତ ଚଢ଼ଉ; ବିପୁଳ ମଦ ସହ ପୋଚ ଜବତ



ଚମ୍ପୁଆ, ୯।୯(ସମିସ): ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତଙ୍କ ନିର୍ଦ୍ଦେଶକ୍ରମେ ତଥା ଚମ୍ପୁଆ ଅବକାରୀ ନିରୀକ୍ଷକ ଏଚ୍ ଜଗାରାଉଙ୍କ ତତ୍ତ୍ୱାବଧାନରେ ବାରିଆ ଥାନା ଅଧୀନସ୍ଥ ବର୍ଦ୍ଧନା ଓ ଚମ୍ପୁଆ ଥାନା ଅନ୍ତର୍ଗତ ତଡୁଆବାହାଳଠାରେ ଚୋରା ମଦ କାରବାର ଓ ମଦ ପ୍ରସ୍ତୁତି ଉପରେ ଚଢଉ କରାଯାଇଛି। ମାଜିଷ୍ଟ୍ରେଟ ସୁଜିତ ସ୍ୱାଇଁଙ୍କ ଉପସ୍ଥିତିରେ ଯୋଡା, ବଡବିଲ, ଝୁମ୍ପୁରା, ଜିଲ୍ଲା ମୋବାଇଲସ୍କ୍ୱାଡ ଓ ପୁଲିସ ସହାୟତାରେ ଏହି ଚଢଉ କରାଯାଇଥିଲା। ଚଢଉବେଳେ ୧୯ ହଜାର କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୧୭୫୦ ଲିଟର ମହୁଲି ମଦ ସହ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ମାଫିଆ ଫେରାର ହୋଇଯାଇଥିବା କୁହାଯାଉଛି।

## 'ଗୁରୁ ଦିବସରେ ମଧ୍ୟାହ୍ନ ଭୋଜନ ଟଙ୍କା ହଡ଼ପ ଅଭିଯୋଗ ମିଛ'

ରାମଚନ୍ଦ୍ରପୁର, ୯।୯(ସମିସ): ଘସିପୁରା ବ୍ଲକ୍ ଅଳତି ପଞ୍ଚାୟତ ଅନ୍ତର୍ଗତ ଜେନାପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନଦେଇ ଏଥିପାଇଁ ରହିଥିବା ଟଙ୍କା ପ୍ରଧାନ ଶିକ୍ଷକ ମନ୍ମଥ ଘଡେଇ ହଡ଼ପ କରିଥିବା ରାମଚନ୍ଦ୍ରପୁର ସିଆରସିସି ହିମାଂଶୁ ଭୂଷଣ ଜେନା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହାଡିବନ୍ଧୁ ସାହୁ ମଙ୍ଗଳବାର ଜେନାପଦା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନ ଭୋଜନର ସ୍ଥିତି ଯାଞ୍ଚ କରିବା ସହ ଛାତ୍ରଛାତ୍ରୀ ସମେତ ପାଚିକାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେଦିନ ଜଣେ ପାଚିକାଙ୍କ ଦେହ ଅସୁସ୍ଥ ଥିଲା। ସେପଟେ ଗୁରୁ ଦିବସ ଥିବାରୁ ଛାତ୍ରଛାତ୍ରୀ ଗୁରୁ ପୂଜନ ପରେ ପରେ ଘରକୁ ପଳାଇ ଯାଇଥିଲେ। ପ୍ରଧାନଶିକ୍ଷକ ନିଜ ପକେଟରୁ ଶିଶୁଙ୍କୁ ଚକଲେଟ ଦେଇଥିଲେ ବୋଲି



ସଫେଇ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କ ଘୋଷଣା ମୁତାବକ ସମସ୍ତ ଛାତ୍ରଛାତ୍ରୀଙ୍କୁ ବକେୟା ଦିନର ଚାଉଳ ଏବଂ ଅର୍ଥ ବଣ୍ଟନ କରାଯାଇଥିବା ଜଣାପଡିଛି। ତଦନ୍ତ ପରେ ମଧ୍ୟାହ୍ନ ଭୋଜନ ହଡପ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ତଦନ୍ତ କରୁଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ହାଡିବନ୍ଧୁ ସାହୁ କହିଥିଲେ।

## ଲଗାଣ ବର୍ଷାରେ ନଷ୍ଟହେଲା ୮ ଲକ୍ଷର କଂକ୍ରିଟ୍ କାର୍ଯ୍ୟ

ଆନନ୍ଦପୁର, ୯।୯(ସମିସ): ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କଂକ୍ରିଟ କାର୍ଯ୍ୟ ମାସେ ନହେଉଣୁ ଉଠିଯାଇ ନଷ୍ଟ ହୋଇଯିବା ଘଟଣା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତାଗିଦ କରିବା ସତ୍ତ୍ୱେ ଏପରି ସରକାରୀ ଅର୍ଥକୁ ନଷ୍ଟ କରିଥିବାରୁ ଯନ୍ତ୍ରୀଙ୍କଠାରୁ ଏହି ଅର୍ଥ ଭରଣା। କରିବାକୁ ବିଜେପି ଯୁବନେତା ସନ୍ତୋଷ କୁମାର ଜେନା ଦାବି ଜଣାଇଛନ୍ତି। ଗତ ଅଗଷ୍ଟରେ ଲଗାଣ ବର୍ଷା



କାର୍ଯ୍ୟ ବନ୍ଦ କରିବା ପରିବର୍ତ୍ତେ ଅତ୍ୟନ୍ତ ତରବରିଆ ଭାବେ କାର୍ଯ୍ୟକୁ ଶେଷ କରିଦେଇଥିଲେ। ଝୋ ଝୋ ବର୍ଷାରେ ଘସିପୁରା କୃଷିବିଭାଗ କାର୍ଯ୍ୟାଳୟ ଚତୁପାର୍ଶ୍ୱକୁ ତରବରିଆ ଭାବେ କଂକ୍ରିଟ କରାଯାଉଥିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ କୌଣସି ଅସୁବିଧା ହେବନାହିଁ ବୋଲି କହି ଏହି ପ୍ରସଙ୍ଗକୁ ଏଡାଇଦେଇଥିଲେ।

ଚାଲିଥିବା ବେଳେ ଘସିପୁରା କୃଷିବିଭାଗ କାର୍ଯ୍ୟାଳୟରେ ଚାଲିଥିଲା କଂକ୍ରିଟ ନିର୍ମାଣ କାର୍ଯ୍ୟ। କେନ୍ଦୁଝର ସାଂସଦଙ୍କ ଘସିପୁରା ବ୍ଲକ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଲେ ଠିକଦାର ବର୍ଷାରେ କଂକ୍ରିଟ ତେବେ ଏପରି କାର୍ଯ୍ୟର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି।

# ୟୁରିଆ ସାରର ଅଭାବ ବଢ଼ାଇଲା ଚାଷୀଙ୍କ ଚିନ୍ତା

ଚମ୍ପୁଆ, ୯।୯(ସମିସ)



ମିଳୁନି ୟୁରିଆ ସାର, ହନ୍ତସନ୍ତ ହେଉଛନ୍ତି ଚାଷୀ। ବାଧ୍ୟ ହୋଇ ଅଧିକ ମୂଲ୍ୟ ଦେଇ ଝାରଖଣ୍ଡରୁ ସାର କିଣୁଥିବା ଚାଷୀମାନେ ସୂଚନା ଦେଇଛନ୍ତି। ଚମ୍ପୁଆ ଲ୍ୟାମ୍ପ ଅଧୀନରେ ଥିବା ଚାଷୀମାନେ ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ଧାନ ଚାଷ କରୁଥିବା ବେଳେ ଚାଷ ପାଇଁ ଆବଶ୍ୟକ ସାର ଲ୍ୟାମ୍ପ ପକ୍ଷରୁ ଯୋଗାଇ ଦିଆଯାଉ ନାହିଁ। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଚାଷୀ ଲ୍ୟାମ୍ପକୁ ଦୌଡି ଦୌଡି ହାଇରାଣ ହେଉଛନ୍ତି ଚାଷୀ। ଚଳିତବର୍ଷ ଚମ୍ପୁଆ ଲ୍ୟାମ୍ପ ପକ୍ଷରୁ ୨ ହଜାର କୁଇଣ୍ଟାଲ ୟୁରିଆ ସାର ଚମ୍ପୁଆ ପାଇଁ ମଗାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୨୩୭ କୁଇଣ୍ଟାଲ ୟୁରିଆ ସାର ଲ୍ୟାମ୍ପକୁ ମିଳିଛି। ପର୍ଯ୍ୟାପ୍ତ ଭାବେ ୟୁରିଆ ସାର ଆସୁ ନଥିବା ଲ୍ୟାମ୍ପ ଏମଡି ରଜତ କୁମାର ଗିରି ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ରିମୁଳି, ଜାମୁଦଲକ, କଦଗାଡିଆ ଓ ଚମ୍ପୁଆର ଚାଷୀମାନେ ସାର ପାଇଁ ଲ୍ୟାମ୍ପ ଆସି ଫେରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଲ୍ୟାମ୍ପ ଅଧୀନରେ ୫୬୩୧ ପଞ୍ଜିକୃତ ଚାଷୀ ରହିଥିଲା ବେଳେ ଆବଶ୍ୟକ ପରିମାଣରେ ସାର ପାଇବାରୁ ବଞ୍ଚିତ ଚାଷୀକୁ ନିଜ ଫସଲ ଅମଳର ଚିନ୍ତା ଘାରିଲାଣି। ଆଗାମୀ ୨-୩ ଦିନ ମଧ୍ୟରେ ୟୁରିଆ ସାର ନ ମିଳିଲେ ଚାଷୀ ନିଶ୍ଚିତ ଭାବରେ କ୍ଷତିରେ ପଡିବେ ବୋଲି ଚାଷୀମାନେ ମତ ଦେଇଥିବା ବେଳେ ଖୁବଶୀଘ୍ର ୟୁରିଆ ସାର ପାଇଁ ଚେଷ୍ଟା ଚାଲିଛି ବୋଲି ଲ୍ୟାମ୍ପ ଏମ୍.ଡି ଶ୍ରୀ ଗିରି ସୂଚନା ଦେଇଛନ୍ତି।

## ରାଜ୍ୟ ପୁଲିସ ହ୍ୟାଣ୍ଡବଲ୍ ଓ କବାଡ଼ି ପ୍ରତିଯୋଗିତା



କେନ୍ଦୁଝର, ୯।୯(ସମିସ): କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଫ୍ଲଡଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ କେନ୍ଦୁଝର ପୁଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୁଲିସ କବାଡ଼ି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଥିଲା। କବାଡି ଗ୍ରୁପ ଏରେ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ୧ ପଏଣ୍ଟରେ ପଞ୍ଚମ ଆଇଆର ବାଟାଲିୟନ ବୌଦ୍ଧକୁ ହରାଇ ପୁରା ପଏଣ୍ଟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ବିରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାରୁ ଗଜପତି ୯ ପଏଣ୍ଟରେ ହରାଇ ପୁରା ପଏଣ୍ଟ ହାସଲ କରିଥିଲା। ଗ୍ରୁପସିରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ୫ ପଏଣ୍ଟରେ ପୁରୀକୁ ଏବଂ ଗ୍ରୁପ ଡିରେ ରାଉରକେଲା ଢେଙ୍କାନାଳକୁ ୪ପଏଣ୍ଟରେ ହରାଇଥିଲା।

ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହ୍ୟାଣ୍ଡବଲ ଖେଳର ଗ୍ରୁପ ବି ମ୍ୟାଚରେ ଷଷ୍ଠ ବାଟାଲିୟନ କଟକ ପଞ୍ଚମ ବାଟାଲିୟନ ବାରିପଦା ବିପକ୍ଷରେ ୨୧-୯ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଗ୍ରୁପ ଏରେ ପ୍ରଥମ ବାଟାଲିୟନ ଢେଙ୍କାନାଳ ଭଦ୍ରକ ବିପକ୍ଷରେ ୨୨-୧୦ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ଆକର୍ଷଣ ଅନ୍ତର୍ଜାତୀୟ କବାଡି ଖେଳାଳି ସମ୍ବଲପୁର ଭୀମ ବରଦା ଯିଏକି ୨୦୦୪ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ତାଙ୍କ ସହ କବାଡି ଖେଳାଳିଙ୍କ ପରିଚିତ କରାଇ ଦିଆଯାଇଥିଲା। କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଥିଲେ।

ସକାଳ
THE SAKALA



### ଟ୍ରାଫିକ୍ ସମସ୍ୟା ନେଇ ଉଚ୍ଚସ୍ତରୀୟ ବୈଠକ

# ସହରରୁ ଜବରଦଖଲ ହଟାଇବାକୁ ନିଷ୍ପତ୍ତି

ପଟ୍ଟାମୁଣ୍ଡାଇ, ୯।୯ (ସମିସ)



ପଟ୍ଟାମୁଣ୍ଡାଇ ସହରରେ ଜବରଦଖଲ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗୁରୁତର ଟ୍ରାଫିକ ସମସ୍ୟା ଯୋଗୁଁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଆଗକୁ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଆସୁଥିବାରୁ ପୂଜା ଉତ୍ସବ ପାଇଁ ଜବରଦଖଲ ସମସ୍ୟା ଏକ ଆହ୍ୱାନ ଭାବେ ଦେଖାଦେଇଛି। ପୂଜା ଉତ୍ସବରେ ଲକ୍ଷାଧିକ ଲୋକଙ୍କ ଭିଡ଼ ହେବା ସମ୍ଭାବନା ଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଟ୍ରାଫିକ ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିବା ସହିତ ଆଇନଶୃଙ୍ଖଳା ବ୍ୟାହତ ହେବା ସମ୍ଭାବନା ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ହଟାଇବା ପାଇଁ ପଟ୍ଟାମୁଣ୍ଡାଇ ପୌର ପରିଷଦ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଜବରଦଖଲ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ପୌରନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ଲେଙ୍କା, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ଉଠା ଦୋକାନୀ ସଂଘ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ବିଦ୍ୟାଧର ସେଠୀଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକରେ ରାସ୍ତା ଅବରୋଧ କରି ଦୋକାନ କରିଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା, ଖାଲିଥିବା ଭେଣ୍ଡିଂ ଜୋନ ଗୃହ ଆବଣ୍ଟନ, ପୌର ପରିଷଦ ବିନା ଅନୁମତିରେ ଭେଣ୍ଡିଂ ଜୋନ ଗୃହରେ ହୋଇଥିବା ଦୋକାନ ଚିହ୍ନଟ, ଅସ୍ଥାୟୀ ପରିବା ଦୋକାନକୁ ଆରଏମସି ମାର୍କେଟ କମ୍ପ୍ଲେକ୍ସ ପିଣ୍ଡିକୁ ସ୍ଥାନାନ୍ତର, ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଗାଈଗୋରୁ ହଟାଇବା, ତାତନାଠାରେ ଗୋଶାଳା ନିର୍ମାଣ, ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଶେଷରେ ଗୁରୁତର ଟ୍ରାଫିକ ସମସ୍ୟା ପାଇଁ ପଟ୍ଟାମୁଣ୍ଡାଇ ସହରରୁ ଜବରଦଖଲ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୩ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

## ୧୧ନଂ କେନାଲ ବନ୍ଧ ରାସ୍ତା ମରଣଯନ୍ତା



ଡେରାବିଶ, ୯।୯ (ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ୧୧ନଂ ଶାଖା କେନାଲ ବନ୍ଧର ଚାନ୍ଦୋଳ ଜଳସମ୍ପଦ କାର୍ଯ୍ୟାଳୟଠାରୁ ଲହଣ ଗ୍ରାମ ପୋଲ ଯାଏ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୪ରେ ପିଚୁ କରାଯାଇଥିଲା। ନିର୍ମାଣର ମାତ୍ର କେଇଦିନ ପରେ ଏହି ରାସ୍ତାର ଦୁଇ ପାଶ୍ୱର୍ ଫାଟି ଦବିଯାଇଥିଲା। ଏହିରାସ୍ତା ଦେଇ ପ୍ରତିଦିନ ଚାନ୍ଦୋଳ ପଞ୍ଚାୟତ, ମୁକୁନ୍ଦପୁର ପଞ୍ଚାୟତର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରନ୍ତି। ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଟ୍ୟାଙ୍କର ଧକ୍କାରେ ବରିଷ୍ଠ ନାଗରିକ ମୃତ

କେନ୍ଦ୍ରାପଡ଼ା, ୯।୯ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୋପ ଛକରେ ଏକ ତେଲ ଟ୍ୟାଙ୍କର ଧକ୍କାରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ଭଜକୃଷ୍ଣ ଦାସ। ତାଙ୍କ ଘର ବଗଡ଼ା ନିକଟ ଖମରପଡ଼ା ଗ୍ରାମରେ। ସେ ଗୋପ ଛକରୁ ସାଇକଲରେ ରାସ୍ତା ପାରି ହେଉଥିବାବେଳେ ପାରାଦୀପ ଆଡୁ ଆସୁଥିବା ଏକ ତେଲ ଟ୍ୟାଙ୍କର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସଦର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ଜବତ କରି ଥାନାକୁ ଆଣିଛି। ଟ୍ୟାଙ୍କର ଚାଳକ ଫେରାର ହୋଇଯାଉଥିବାବେଳେ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା ସମ୍ପ୍ରସାରଣ କାମ ଚାଲୁଥିବାରୁ ଟ୍ରାଫିକ ନିୟନ୍ତ୍ରଣ କରିବା ବଡ଼ ସମସ୍ୟା ହୋଇପଡିଛି। ଦିନ ଓ ରାତି ଠିକାସଂସ୍ଥା ପକ୍ଷରୁ କର୍ମଚାରୀ ମୁତୟନ କରାଯାଉ। ସେମାନେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବେ ବୋଲି ସ୍ଥାନୀୟ ଲୋକ ଦାବି କରିଥିଲେ।

## ଶିକ୍ଷକ ବଳରାମ ଦାଶଙ୍କ ପରଲୋକ

କୁଜଙ୍ଗ, ୯।୯ (ସମିସ): ବାଲିତୁଠ ଏମଇ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଦାଶଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କୁଜଙ୍ଗ ଓ ଏରସମା ଅଞ୍ଚଳରେ



ଶୋକର ଛାୟା ଖେଳିଯାଇଛି। ନିଜ ଗ୍ରାମ ମହ୍ଲାସାହିସ୍ଥ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ଦେବାଶିଷ ଦାଶ ମୁଖାଗ୍ନି ଦେଇଥିଲେ। ଶିକ୍ଷକ ନେତା ପ୍ରଫୁଲ୍ଲ ମହାପାତ୍ର, ଅନନ୍ତ ଦାଶ, ସୁବାସ ବିଶ୍ୱାଳ, ପୁତୁରା ଜ୍ୟୋତିର୍ବିଦ ଅରୁଣ ପାଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷକ ସଙ୍ଘ, ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ପ୍ରଦୀପ୍ତ ମହାପାତ୍ରଙ୍କ ପରଲୋକରେ ଶୋକସଭା

କୁଜଙ୍ଗ, ୯।୯ (ସମିସ): ଆଇନଜୀବୀ ତଥା ରାଜନେତା ପ୍ରଦୀପ୍ତ ମହାପାତ୍ରଙ୍କ ଅକାଳ ବିୟୋଗରେ ଆଗପାଳ ପଞ୍ଚାୟତ ଅଣାକାର ମଠ ପରିସରରେ ଏକ ଶୋକସଭା ଓ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅଣାକାର ମଠରେ ଆୟୋଜିତ ଶୋକସଭାରେ ବିଶ୍ୱନାଥ ହାତୀ, ସୁଧିରଞ୍ଜନ ମହାପାତ୍ର, ସୁକାନ୍ତ ମୁଦୁଲି, ଗୋପାବନ୍ଧୁ ଷଡଙ୍ଗୀ, ସାରଦା ମଲ୍ଲ, ଅଜୟ ମହାନ୍ତି, ଲଳିତ ସେଠୀ, ମିତ୍ରଭାନୁ ସାହୁ, ବିମଳ ଦାସ, ହରେକୃଷ୍ଣ ଦାସ, ହରେକୃଷ୍ଣ ପଣ୍ଡା, ଜ୍ୟୋତିପ୍ରକାଶ ଦାସ, ସୌଭାଗ୍ୟ ବିଶ୍ୱାଳ, ରତ୍ନକର ମଲ୍ଲ, ବାଞ୍ଛାନିଧି ମାଳିକ ପ୍ରମୁଖ ଯୋଗ ଦେଇଥିଲେ।

## 'କବିତା ବିନା ସୁନ୍ଦର ସମାଜର ପରିକଳ୍ପନା କରାଯାଇପାରିବନି'

ପାରାଦୀପ, ୯।୯ (ସମିସ): ସମାଜର ତଳସ୍ତରରେ ଅତ୍ୟନ୍ତ ଅସହାୟ ଭାବେ ଜୀବନଯାପନ କରୁଥିବାବେଳେ ଏମାନଙ୍କ ପ୍ରତି କବିତା ସମ୍ବେଦନଶୀଳ ଭାବେ ଦୃଷ୍ଟି ଦେବାର ଆବଶ୍ୟକ ଅଛି ବୋଲି ମେମଲ୍‌ହାର ଓ ମୋନାଲିସା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବର୍ଷା କବିତା ଅବସରରେ ମତ ପ୍ରକାଶ ପାଇଛି। ପାରାଦୀପ ପୋର୍ଟ କ୍ଲବ ପରିସରରେ ସବିତା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ଆସରରେ ମୁଖ୍ୟଅତିଥି ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡଃ ପ୍ରଭାସ ଆଚାର୍ଯ୍ୟ ସାହିତ୍ୟ ବିନା ସୁନ୍ଦର



ଓ ସାମ୍ୟ ସମାଜର ପରିକଳ୍ପନା କରାଯାଇପାରିବନାହିଁ। ଏଥିପ୍ରତି ସାହିତ୍ୟିକ ଦୃଷ୍ଟି ଦେଇ ସାହିତ୍ୟ ସର୍ଜନା କରିବାର ଆବଶ୍ୟକ ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ସୁରେଶ ନାୟକ ସମାଜର ନିମ୍ନ ସ୍ତରରେ ଅତ୍ୟନ୍ତ ଅସହାୟ ଭାବରେ ବସବାସ କରୁଥିବା ସାଧାରଣ ଲୋକଙ୍କ ସ୍ୱର ସହିତ କବିତା ଜଡିତ ହୋଇପାରିଲେ କବି ସିଦ୍ଧିପ୍ରାପ୍ତ ହୋଇପାରିବେ ବୋଲି କହିଥିଲେ। ସଭାପତି ଶ୍ରୀମତୀ ମହାପାତ୍ର କହିଥିଲେ, କବିତା ହେଉଛି ମାନବ ସମାଜର ସହଯାତ୍ରୀ। ସବୁ ଯୁଗରେ ମଣିଷ ସହିତ କବିତା ଘନିଷ୍ଠ ଭାବେ ଯୋଡ଼ି ହୋଇ କାଳଖଣ୍ଡ ଅତିକ୍ରମ କରିଥାଏ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିତା ହେଉଛି ଆତ୍ମାର ଆହାର ବୋଲି କହିଥିଲେ। ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ତୁଳସୀ ବରାଳ ଓ କବି ପ୍ରଭାତୀ ମାଝିଙ୍କ ସଂଯୋଜନାରେ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରାମଦ କାରବାରରେ ଜଣେ ଗିରଫ

ପାରାଦୀପ, ୯।୯ (ସମିସ): ଚୋରାମଦ ବ୍ୟବସାୟ କରୁଥିବା ଅଭିଯୋଗ ପୁଲିସ ଜଣଙ୍କୁ ଗିରଫ କରିଛି। ସେ ଢିଙ୍କିଆ ପଞ୍ଚାୟତ ୮ ନମ୍ବର ୱାର୍ଡର ମେମ୍ବର ନରେନ୍ଦ୍ର ସ୍ୱାଇଁ ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ୧୧.୪ ଲିଟର ମଦ ଜବତ କରାଯାଇଛି। ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ। ମାହାଳ ହନୁମାନ ମନ୍ଦିର ନିକଟରୁ ଆଜି ସନ୍ଧ୍ୟାରେ ଏହି ଚୋରା ଦେଶୀ ମଦକୁ ପୁଲିସ ତାଙ୍କ ନିକଟରୁ ଜବତ କରିଥିବା ଜଣାପଡ଼ିଛି।

## ଦିବ୍ୟାଙ୍ଗ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, ୯।୯ (ସମିସ): ଚଉଡକୁଲାଟ ଥାନା କୁରୁତୁଙ୍ଗା ମୌଜାର ଚଳନଶକ୍ତି ବାଧିତ



ଦିବ୍ୟାଙ୍ଗ ପ୍ରହଲ୍ଲାଦ ଜେନାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଥେରାପି ସେବା, ଭିନ୍ନକ୍ଷମଙ୍କ ଅଧିକାରର ସଚେତନତା ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୁଇ ବଖରା ଚାଳିଆ ଘରର ଆଗପଟେ ପ୍ରହ୍ଲାଦ ପାନ ଦୋକାନ କରି ନିଜର ୫ ପ୍ରାଣୀ ପରିବାର ପ୍ରତିପୋଷଣ କରିବାରେ ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିଲେ। ନିଜର କ୍ଷୁଦ୍ର ଦୋକାନର ଅଭିବୃଦ୍ଧି ପାଇଁ ସେ ପୁନର୍ବାସ ଅନୁଷ୍ଠାନର ସହାୟତା ଲୋଡିଥିଲେ। ଅନୁଷ୍ଠାନ ପକ୍ଷରୁ କୋଷାଧ୍ୟକ୍ଷ ଶିବଚରଣ ସାମଲ ଓ ସହସମ୍ପାଦକ ବଂଶୀଧର ମହାନ୍ତି କୁରୁତୁଙ୍ଗା ଗ୍ରାମକୁ ଯାଇ ଦିବ୍ୟାଙ୍ଗ ପ୍ରହ୍ଲାଦଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ।

## ସୋହମ ପକ୍ଷରୁ ପରିବେଶ ସୁରକ୍ଷା ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ, ୯।୯ (ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୋହମ୍ ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ତଥା ବିଶିଷ୍ଟ କବି ଡଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାବନ୍ଧିକ ଓ ପରିବେଶବିତ୍ ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବୋଲି ମତ ଦେଇଥିଲେ। ପରିବେଶକୁ ସଜାଡିବାର ଆବଶ୍ୟକତା ରହିଛି ବୋଲି ଡଃ ଶ୍ରୀ ଲେଙ୍କା କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ରମେଶ ଚନ୍ଦ୍ର ମାଝି ଓ କବି ଗୌରହରି ବିଶ୍ୱାଳ ଯୋଗଦେଇ ଗଛ ଆମର ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ପରିବେଶଭିତ୍ତିକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ସୁଲତାନ ପାତ୍ର, ସଂକଳ୍ପ ପଟ୍ଟନାୟକ, ବିକ୍ରମ ବେହେରା, ଅରବିନ୍ଦ ସାହୁ ଓ ଦୀପିକା ମହାନ୍ତି ପ୍ରମୁଖ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଅଭିରାମ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରାମଦ ଜବତ, ୮ ଗିରଫ

କେନ୍ଦ୍ରାପଡ଼ା, ୯।୯ (ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ତନ୍ତିଆପାଳ ମେରାଇନ ଓ ଆଳି ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମଢ଼ିଆଳ ଗ୍ରାମର ରବୀନ୍ଦ୍ର କୁମାର ସାହୁ (୪୫)ଙ୍କଠାରୁ ୧୯ ଲିଟର ଦେଶୀ ରନ୍ଧାମଦ, ବଳଗଣ୍ଡି ଗ୍ରାମର ଚିତ୍ତରଞ୍ଜନ ସାହୁ (୫୭)ଙ୍କଠାରୁ ୨୧ ଲିଟର ଦେଶୀ ରନ୍ଧାମଦ, କଜଳା ଗ୍ରାମର ରାହାସ ଦାସ(୬୨)ଙ୍କଠାରୁ ୨୮ ଲିଟର ଦେଶୀ ମଦ, ତନ୍ତିଆ ଗ୍ରାମର ବକୁଳ ଜେନା (୫୩)ଙ୍କଠାରୁ ୩୧ ଲିଟର ବିଦେଶୀ ମଦ, ବାଜରପୁର ଗ୍ରାମର ନରୋତ୍ତମ ବିଶ୍ୱାଳ(୪୪)ଙ୍କଠାରୁ ୧୩ ଲିଟର ଦେଶୀ ମଦ, ବଂଶରିଆ ଗ୍ରାମର ଦ୍ରୁପଦୀ ମଳିକ(୬୯)ଙ୍କଠାରୁ ୧୧ ଲିଟର ବିଦେଶୀ ମଦ, ବାଳକାଟୀ ଗ୍ରାମର ଆରତୀ ମଳିକ(୪୫)ଙ୍କଠାରୁ ୧୬ ଲିଟର ବିଦେଶୀ ମଦ ଓ ସୁନିତି ଗ୍ରାମର ପଞ୍ଚାନନ ମଳିକ(୫୧)ଙ୍କଠାରୁ ୨୭ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ମୋଟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ମଲିକ, ପଦ୍ମଲୋଚନ ନାୟକ, ଅବକାରୀ ଉପନିରୀକ୍ଷକ ନରେଶ ପଣ୍ଡା, କଳ୍ପନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ମିଳିଛି ଆବାସ କାର୍ଯ୍ୟାଦେଶ; ମିଳିନି ପ୍ରଥମ କିସ୍ତି

ପଞ୍ଚୁପାଣ୍ଡବ, ୯।୯ (ସମିସ): ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ କୋଠାଘର ଯୋଗାଇ ଦେବାକୁ ସର୍ଭେ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ପରିବାର, ଭିନ୍ନକ୍ଷମ ପରିବାର, ନାବାଳକ ସନ୍ତାନ ଥିବା ବିଧବା ମହିଳା, ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର ଓ ସହିଦ ପରିବାରଙ୍କୁ କୋଠଘର ଯୋଗାଇ ଦେବାକୁ ପ୍ରତି ପଞ୍ଚାୟତରେ ସର୍ଭେ କରାଯାଇଥିଲା। କେତେକ ପଞ୍ଚାୟତରେ କୁଜି ନେତାଙ୍କୁ ନେଇ ସରପଞ୍ଚ ଓ ପିଇଓ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରି ଅଯୋଗ୍ୟଙ୍କୁ ଆବାସ ଦେବାକୁ ସ୍ଥିର କରିଥିବା ଅଭିଯୋଗ ହୋଇଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଘର ଦେବାକୁ ସ୍ଥିର କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ଯୋଗ୍ୟ ହିତାଧିକାରୀଙ୍କୁ କର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତରେ ଏହି ଯୋଜନାରେ ପ୍ରାୟ ୧୧ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ କେତେକ ହିତାଧିକାରୀଙ୍କ ପ୍ରଥମ କିସ୍ତି ଆସିଥିବାବେଳେ ଅଂଶୁଜ୍ୟୋତି ମହାରଣା ଓ ନମିତା ମଲ୍ଲିକଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଥମ କିସ୍ତି ଆସି ନ ଥିବା ଅଭିଯୋଗ ହୋଇଛି।

ସେହିପରି ବାରିମୂଳ ପଞ୍ଚାୟତ ତ୍ରିଲୋଚମାଦେଇପୁର ଗ୍ରାମର ନରେନ୍ଦ୍ର ଦଳାଇଙ୍କ ଦିବ୍ୟାଙ୍ଗ ପୁଅ ବାବାଜୀ ଦଳାଇଙ୍କୁ ୬ ମାସ ହେବ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ପ୍ରଥମ କିସ୍ତି ଆସି ନ ଥିବା ଅଭିଯୋଗ ହେଉଛି। କିସ୍ତି ଆସିବା ବିଳମ୍ବ ହେବାରୁ ଆଜି ବ୍ଲକକୁ ଆସି ବିଡିଓ ନମିତା ବାରିକଙ୍କୁ ଦେଖାକରି ପ୍ରଥମ କିସ୍ତି ସମ୍ପର୍କରେ ଜଣାଇଥିଲେ। ବାବାଜୀଙ୍କ ମାଆ କହିଛନ୍ତି, ଆମେ କରଜ କରି ନିମଟାଲ ପର୍ଯ୍ୟନ୍ତ କାମ କରିସାରିଛୁ। ପ୍ରଥମ କିସ୍ତି ନ ଆସିବାରୁ ସିମେଣ୍ଟ ମୁଣ୍ଡା ହୋଇଗଲାଣି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ପ୍ରକଳ୍ପ ସଂଯୋଜକ (ଗ୍ରାମୀଣ ଗୃହ ନିର୍ମାଣ ଅଧିକାରୀ) ଦେବେଶ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, କେତେକ ହିତାଧିକାରୀଙ୍କୁ ବ୍ୟାଙ୍କ୍ ଖାତାକୁ ପ୍ରଥମ କିସ୍ତି ଯାଇଥିବାବେଳେ ଆଉ କିଛି ଲୋକଙ୍କ ଯାଇନାହିଁ। ବେଣୀପୁର ପିଇଓ ଗୋବିନ୍ଦ ସାହୁ କହିଛନ୍ତି, କେତେକ ଆଧାର କାର୍ଡରେ ତ୍ରୁଟି ଥିବାରୁ ସେମାନଙ୍କ ଟଙ୍କା ଆସିବାରେ ବିଳମ୍ବ ହେଉଛି ବୋଲି କହିଛନ୍ତି।

## ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ମାର୍ଶାଘାଇ ଗସ୍ତ



ମାର୍ଶାଘାଇ, ୯।୯ (ସମିସ): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ୨ ଜଣିଆ ଦଳ ମାର୍ଶାଘାଇ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ସଂଯୁକ୍ତା ମହାନ୍ତି, ପ୍ରେମଶିଳା କେରକେଟା ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ବିଡିଓ ପଞ୍ଚାନନ ମଲ୍ଲିକ, ଏପିଡ ସୋଭନ ଶ୍ରୀତମ୍ ପଣ୍ଡା, ବିଇଓ ମନୋରଞ୍ଜନ ସେଠୀ, ଜିପିଓ ସୋନାଲି ବେହେରା, ବ୍ଲକ ଯୋଗାଣ ଅଧିକାରୀ ଅଳକାରାଣୀ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରାଜ୍ୟ ଖାଦ୍ୟ ଆୟୋଗ ଦଳ କାନପୁର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନବାଡ଼ିରେ ପୁଷ୍ଟିକର ଶିଶୁ ଖାଦ୍ୟ ଛତୁଆ ବଣ୍ଟନ ଠିକ୍ ସମୟରେ ହେଉଛି କି ନାହିଁ ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। କାନପୁର ଅଙ୍କନବାଡ଼ି କେନ୍ଦ୍ରରେ ପିଲାଙ୍କ ସହିତ କିଛି ସମୟ କଟାଇ ସକାଳ ଖାଦ୍ୟ ଓ ମଧ୍ୟାହ୍ନ ଭୋଜନ ସମ୍ପର୍କରେ ପଚାରିବୁଝିବା ସହ ରନ୍ଧାଖାଦ୍ୟ ଯାଞ୍ଚ କରିଥିଲେ। ପିଲାଙ୍କୁ ସକାଳେ ଲଡୁ ଖାଇବା ସମ୍ପର୍କରେ ପଚାରିବାରୁ ଅର୍ଦ୍ଧାଧିକ ପିଲା ଲଡୁ ଖାଇ ନ ଥିବା କହିଥିଲେ। ଅଙ୍ଗନବାଡ଼ି କର୍ମୀ ଲଡୁ ଦେଇଥିବା ବାରମ୍ବାର ପରିଦର୍ଶନକାରୀ ଦଳକୁ କହିଥିଲେ। ପରେ କାନପୁର ପ୍ରାଥମିକ ବିଦ୍ୟାଳୟ ଚାଉଳ ଷ୍ଟକ ଯାଞ୍ଚ ସହ ମଧ୍ୟାହ୍ନ ଭୋଜନ ରନ୍ଧନଶାଳାକୁ ଯାଇ ଯାଞ୍ଚ କରିଥିଲେ। ଦୁମୁକା ପଞ୍ଚାୟତ କାର୍ଯ୍ୟାଳୟରେ ପିଡିଏସ୍ ସାମଗ୍ରୀ ବଣ୍ଟନ ସମ୍ପର୍କରେ କାଗଜ ପତ୍ର ଯାଞ୍ଚ କରିଥିଲେ। ଶେଷରେ ବେରୁହାଁ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ସମ୍ପର୍କରେ ପିଲାଙ୍କଠାରୁ ପଚାରିବୁଝିବା ସହ ମଧ୍ୟାହ୍ନଭୋଜନ ଯାଞ୍ଚ କରିଥିଲେ। ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶ୍ରୀ ମଲ୍ଲିକ୍‌ଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଖାଦ୍ୟ ଆୟୋଗର ୨ ସଦସ୍ୟା ଶ୍ରୀମତୀ ମହାନ୍ତି, ଶ୍ରୀମତୀ କେରକେଟା, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ, ଜିପିଓ ଶ୍ରୀ ବେଉରା, ଏପିଡିଙ୍କ ସମେତ ପ୍ରମୁଖ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରିଥିଲେ। ମଧ୍ୟାହ୍ନଭୋଜନ, ପିଡିଏସ୍ ବଣ୍ଟନ, ଅଙ୍ଗନବାଡ଼ି ଶିଶୁ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଛତୁଆ କେନ୍ଦ୍ର ପରିଦର୍ଶନ ଓ ପ୍ରସ୍ତୁତି ସମ୍ପର୍କରେ ସନ୍ତୋଷ ବ୍ୟକ୍ତ କରିଥିଲେ ମଧ ଛୋଟ ସ୍ଥାନରେ ଛତୁଆ କାରଖାନା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବ୍ଲକ ପ୍ରଶାସନକୁ ପ୍ରସ୍ତାବ ଦେଇଥିବା ବିଡିଓ ପ୍ରକାଶ କରିଛନ୍ତି।

**ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା**

## କୂଳସାହି ବାହ୍ୟ ଜଗତରୁ ବିଚ୍ଛିନ୍ନ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୯।୯ (ସମିସ): ଚଳିତ ବର୍ଷ ବ୍ରାହ୍ମଣୀରେ ଚତୁର୍ଥ ଥର ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଧୋୟାଞ୍ଚଳର ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଂହଗାଁ, ଅମୃତ ମଣୋହି ଆଦି ୭ଟି ପଞ୍ଚାୟତର ଧନଜୀବନ ପ୍ରଭାବିତ ହୋଇଛି। ପେଣ୍ଠପାଳ ପଞ୍ଚାୟତର କୂଳସାହି ଗ୍ରାମ ନଦୀକୂଳରେ ଅବସ୍ଥିତ ହେତୁ ଅଧିକ ପ୍ରଭାବିତ ହୋଇଛି। କୂଳସାହିରୁ ତୁଳସୀଡ଼ିଆ ଦେଇ ତରଡ଼ିପାଳ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ହୃଦାନନ୍ଦ ବିଶ୍ୱାଳଙ୍କ ଘର ନିକଟରେ ୧୫ ଫୁଟର ଘାଇ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି। ବନ୍ୟା କମିବା ପରେ ମଧ ମେଡିକାଲ, ସ୍କୁଲ, କଲେଜକୁ ଯିବାକୁ ରାସ୍ତା ନ ଥିବାରୁ ୨ ହଜାରରୁ ଅଧିକ ଲୋକ ଯାତାୟାତ କରିପାରୁନାହାନ୍ତି। କୂଳସାହି ଗ୍ରାମ ଏହି ଘାଇ ପାଇଁ ଏବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଚାରିଥର ବନ୍ୟା ପରେ ମଧ ସରକାରଙ୍କ ପକ୍ଷରୁ ରିଲିଫ ଯୋଗାଇ ଦିଆଯାଇ ନ ଥିବାରୁ ବନ୍ୟା ବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସୃଷ୍ଟି ହୋଇଥିବା ଘାଇକୁ ମରାମତି କରାଯାଇ କୂଳସାହି ଗ୍ରାମବାସୀଙ୍କ ଯାତାୟାତର ସୁବିଧା କରାଯିବାକୁ ସାଧାରଣରେ ଦାବି ହୋଇଛି।

## ଗରାପୁର ଆଶ୍ରମରେ ଶିବାନନ୍ଦଙ୍କ ଜୟନ୍ତୀ



କେନ୍ଦ୍ରାପଡ଼ା, ୯।୯ (ସମିସ): ବିଶ୍ୱଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ କେନ୍ଦ୍ରାପଡ଼ା ଦିବ୍ୟ ଜୀବନ ସଙ୍ଘ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବିଶ୍ୱଶାନ୍ତି ପାଇଁ ରୁଦ୍ରାଭିଷେକ, ଗୁରୁଦେବଙ୍କ ପାଦପୂଜନ, ଭଜନକୀର୍ତ୍ତନ କରାଯିବା ସହ ବିଭିନ୍ନ ବୃକ୍ଷଚାରା ରୋପଣ କରାଯାଇଥିଲା। ଏଥିସହ ଶିବାନନ୍ଦଙ୍କ ଜୀବନଦର୍ଶନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିବାନନ୍ଦ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଆଶ୍ରମର ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ, ବିଦ୍ୟାମନ୍ଦିରର ସହସମ୍ପାଦକ ଅଭିମନ୍ୟୁ ଗୋଚ୍ଛାୟତ, ଆଶ୍ରମର ସମ୍ପାଦକ ଶରତ ପାତ୍ର, ଶରତ ବରାଳ, ଶ୍ରୀଧର ରାଉତ, ପ୍ରମୋଦ ଦାସ, ଆଶ୍ରମର ବ୍ରହ୍ମଚାରୀ ନୃସିଂହ ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖ ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ପର୍ଯ୍ୟନ୍ତ ଆଶ୍ରମରେ ଆଧ୍ୟାତ୍ମିକ ପକ୍ଷ ପାଳନ କରାଯାଉଛି। ଏ ଅବସରରେ ବିଭିନ୍ନ ଦିବସରେ ପୂଜାର୍ଚ୍ଚନା, ହୋମଯଜ୍ଞ, ଗୀତା ପାରାୟଣ, ଶ୍ରୀରାମଚରିତ ମାନସ ପାରାୟଣ, ପ୍ରତିଭା ଚୟନ ପ୍ରତିଯୋଗିତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ।

## ଅଯୋଧ୍ୟା-ବାରଣାସୀ ତୀର୍ଥଯାତ୍ରାରେ ଗଲେ ୧୦୮ ଜଣ ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା, ୯।୯ (ସମିସ)



ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଅଯୋଧ୍ୟା-ବାରଣାସୀ ଅଭିମୁଖେ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୧୦୮ ଜଣ ବରିଷ୍ଠ ନାଗରିକ ସମେତ ୪ ଜଣ ଏସକର୍ଟ ଅଫିସର ବାହାରିଛନ୍ତି। ଆଳି ବ୍ଲକରୁ ଜଣେ, ଗରଦପୁର ଓ ପଟ୍ଟାମୁଣ୍ଡାଇ ବ୍ଲକରୁ ୩ ଜଣ ଲେଖାଏଁ, ରାଜନଗରରୁ ୪ ଜଣ, ରାଜକନିକାରୁ ୫ ଜଣ, ଡେରାବିଶରୁ ୧୭ ଜଣ, ମାର୍ଶାଘାଇରୁ ୧୮ ଜଣ, ମହାକାଳପଡ଼ାରୁ ୨୦ ଜଣ ଓ କେନ୍ଦ୍ରାପଡ଼ାରୁ ୩୭ ଜଣ ଯାତ୍ରା କରିଛନ୍ତି। ସେମାନଙ୍କ ମଧ୍ୟରେ ୬୬ ଜଣ ପୁରୁଷ ଓ ୪୨ ଜଣ ମହିଳା ଅଛନ୍ତି। ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳବାର ସକାଳେ ପଞ୍ଜୀକରଣ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନରେ ତିନୋଟି ସ୍ୱତନ୍ତ୍ର ବସ ଯୋଗେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲେ। ଜିଲ୍ଲାପାଳ ରଘୁରାମ ଆର ଆୟାର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ତଥା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ଆଜି ଭୁବନେଶ୍ୱରରେ ରହଣୀ କରିବେ ଓ ଆସନ୍ତାକାଲି ୧୧ଟାରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଏହି ଯୋଜନାର ଶୁଭାରମ୍ଭ କରିବେ।

## ବୁଲା କୁକୁର ବନ୍ଧ୍ୟାକରଣ ଦାବି




ବାଲେଶ୍ୱର, ୯ ।୯ (ସମିସ): ବାଲେଶ୍ୱରରେ ଏବେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ସେମାନଙ୍କୁ ଧରି ବନ୍ଧ୍ୟାକରଣ କରିବା ଦାବି କରି ଆଜି ମୁସଲିମ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ କିଛି ବର୍ଷ ହେବ ବାଲେଶ୍ୱର ପୌରପାଳିକାରେ ବୁଲା କୁକୁରଗୁଡ଼ିକୁ ବନ୍ଧ୍ୟାକରଣ କରାଯାଉ ନାହିଁ । ଫଳରେ ପୌରପାଳିକା ଅର୍ନ୍ତଗତ ପ୍ରତ୍ୟେକ ୱାର୍ଡରେ କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସନ୍ଧ୍ୟା ହେଲେ ଏହି ବୁଲା କୁକୁର ଦଳଦଳ ହୋଇ ଲୋକମାନଙ୍କୁ ଗୋଡାଉଛନ୍ତି । ଏଣୁ ପୌରପାଳିକା ପକ୍ଷରୁ ଯଥା ଶିଘ୍ର ବୁଲା କୁକୁରମାନଙ୍କୁ ବନ୍ଧ୍ୟା କରଣ କରାଇବାକୁ ମୁସଲିମ କମ୍ୟୁନିଟି ଅଫ ବାଲେଶ୍ୱରର ସଦସ୍ୟ ସେକ ପପୁ, ସେକ କଲିମ, ସେକ ନିଜାମୁଦ୍ଦିନ ଦାବି କରିଛନ୍ତି ।

## ଆଜିଠୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର, ୯ ।୯ (ସମିସ): ଚଳିତମାସ ୧୦ତାରିଖରୁ୧୩ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆ ଠାରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବେ ।୧୪ବର୍ଷରୁ କମ ବାଳକ, ବାଳିକା ତଥା ୧୭ବର୍ଷରୁ କମ ବାଳକ, ବାଳିକା ଚାରୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୦ଓ୧୧ତାରିଖରେ ଭଲିବଲ, ବିଚ ଭଲିବଲ, ଆର୍ଚ୍ଚେରୀ, ହାଣ୍ଡବଲ ଓ ହକି ଏବଂ ୧୨ ଓ ୧୩ ତାରିଖରେ ଖୋଖୋ, କବାଡି, ଫୁଟବଲ, ବ୍ୟାଡମିଂଟନ, ଚେସ, ରଗବି ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

### କୋର୍ଟ ପରିସରରେ ସନ୍ଦିଗ୍ଧ

# ମହିଳାଙ୍କ ସମେତ ଚାରିଜଣଙ୍କୁ ଉଠାଇନେଲା ପୁଲିସ

ବାଲେଶ୍ୱର, ୯ ।୯ (ସମିସ)









ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ରୋଚକ ଘଟଣା ଦେଖିବାକୁ ମିଳିଛି । ଜଣେ ବ୍ୟକ୍ତି ଜିଲ୍ଲା ଓ ଦୌରାଜଜଙ୍କ ଦସ୍ତଖତ ଥିବା ଏକ ଆଇଡି କାର୍ଡ ବେକରେ ପକାଇ ଏସଡିଜେଏମଙ୍କ କୋର୍ଟରେ କିରାଣି ଭାବେ କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ । ହେଲେ ସେ ଏସଡିଜେଏମ୍ କୋର୍ଟ କେଉଁଟା ବୋଲି ଜାଣି ନ ପାରି ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟରେ ପହଁଚିଥିଲେ । ସେଠାରେ ସେ ଜଣେ ଓକିଲଙ୍କ ସହ କଥାବାର୍ତ୍ତା ହେଉଥିବା ବେଳେ ସନ୍ଦେହ ହେବାରୁ ଓକିଲ ଜଣଙ୍କ ରେଜିଷ୍ଟ୍ରାରଙ୍କୁ ଜଣାଇଥିଲେ । ପରେ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶ କ୍ରମେ ସିଏସଆଇ କୋର୍ଟ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିଥିଲା । ପରେ ସହଦେବଖୁଣ୍ଟା ପୁଲିସ ତାଙ୍କ ସହ ଜଣେ ମହିଳାଙ୍କ ସମେତ ଚାରିଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି ।

ଆଜି ଅପରାହ୍ନରେ ନଗ୍ରମ ଅଞ୍ଚଳର ଯୁବକ ଜ୍ଞାନରଞ୍ଜନ ଦଣ୍ଡପାଟ ନିଜ ବେକରେ ଜିଲ୍ଲା ଦୌରାଜଜଙ୍କ ଦସ୍ତଖତ ଥିବା ଏକ ଆଇକାର୍ଡ ବେକରେ ପକାଇ କାର୍ଯ୍ୟାଳୟକୁ ଆସିଥିଲେ । ତାଙ୍କର ଏସଡିଜେଏମ କୋର୍ଟକୁ ବଦଳି ହୋଇଛି ଏବଂ ସେ ଏସଡିଜେଏମ କୋର୍ଟ କେଉଁଠାରେ ବୋଲି ଜାଣି ନ ପାରି ଜିଲ୍ଲାଜଜଙ୍କ କୋର୍ଟ ପରିସରକୁ ଆସିଥିଲେ । ଏହି ସମୟରେ ସେଠାରେ ଜଣେ ଓକିଲ ଶ୍ରୀବତ୍ସ ନାୟକଙ୍କ ସହ ଦେଖାହୋଇ ସବୁ କଥା ପଚାରିଥିଲେ । ହେଲେ ଓକିଲଙ୍କ ମନରେ ସନ୍ଦେହ ହେବାରୁ ସେ ଉକ୍ତ ଘଟଣା ସମ୍ପର୍କରେ ରେଜିଷ୍ଟ୍ରାରଙ୍କୁ ଜଣାଇଥିଲେ । ସେ ସିଏସଆଇ କୋର୍ଟକୁ ଖବର ଦେବା ପରେ ପୁଲିସ ତାଙ୍କୁ ଆଣି କୋର୍ଟରେ ରଖିବା ପରେ ସହଦେବଖୁଣ୍ଟା ଥାନାକୁ ହସ୍ତାନ୍ତର କରିଥିଲା । ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ଉକ୍ତ ବ୍ୟକ୍ତି ଜଣଙ୍କ କୋର୍ଟଙ୍କ ନାମରେ ମିଛ କହୁଛି । ହେଲେ ଉକ୍ତ ଯୁବକଙ୍କ ସହ ଜଣେ ମହିଳା ଏବଂ ଅନ୍ୟ ଦୁଇଜଣ ବ୍ୟକ୍ତି ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଉକ୍ତ ବ୍ୟକ୍ତି ଜଣଙ୍କ କୌଣସି ଠକାମୀରେ ଶିକାର ହୋଇପାରିଥାଏ କିମ୍ବା ବାଲେଶ୍ୱରରେ ଏହି ରାକେଟ ଜୋରରେ ଚାଲିଛି । ଯଦି ଜିଲ୍ଲା ଜଜ ଏହାକୁ ଅତି ଗୁରୁତ୍ୱର ସହ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ କହନ୍ତି ତେବେ ଘଟଣାରେ ଥିବା ରାକେଟର ପର୍ଦ୍ଦାଫାସ ହୋଇପାରିବ । ଘଟଣା ନେଇ ସହଦେବଖୁଂଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କୋର୍ଟ ପରିସରରୁ ଅଣାଯାଇଥିବା ସମସ୍ତ ବ୍ୟକ୍ତିଙ୍କୁ ପଚରାଉଚରା ଚାଲିଛି ବୋଲି କହିଛନ୍ତି ।

### ● ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା

# ମସଲା ଉନ୍ନୟନ ଯୋଜନା ଉପରେ ଗୁରୁତ୍ୱାରୋପ



ବାଲେଶ୍ୱର, ୯।୯ (ସମିସ): ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ସଦର ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଆଜି ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋପୀନାଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ସଦର ବ୍ଲକ ପ୍ରତିନିଧି ରବିନ୍ଦ୍ର ମହାପାତ୍ର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ବଳ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତ ତୁଙ୍ଗ, ବ୍ଲକ ମତ୍ସ୍ୟ ଅଧିକାରୀ ଅସ୍ମିତା ପାଣ୍ଡେ, ସହକାରୀ ପ୍ରାଣୀ ଚିକିତ୍ସକ ଡ. ନରେଶ ମହାପାତ୍ର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଶେଷ କରି କୃଷି ଉଦ୍ୟୋଗ ଯୋଜନା ଉପରେ ଆଲୋଚନା ହୋଇଥିଲା । ବ୍ୟବସାୟିକ ଫୁଲ ଚାଷ ସାଙ୍ଗକୁ ଫଳ ଚାଷ, କାଜୁ ବାଦାମ ପ୍ରକ୍ରିୟାକରଣ, ଛତୁ ଚାଷ, ନଡିଆ କତା, ମସଲା ଉନ୍ନୟନ ଯୋଜନା ଭିତିକ ଶିଳ୍ପ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଏହାଛଡା ମସଲା ଉନ୍ନୟନ ଯୋଜନା ମଧ୍ୟରେ ଲଙ୍କା ଚାଷ, ଧନିଆ ଚାଷ, ଅଦା ଓ ହଳଦୀ ଚାଷ, ଜିରା ଓ ମେଥି ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାବ୍ୟତିତ ଏହି କର୍ମଶାଳାରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହିତାଧିକାରୀଙ୍କ ଜମିରେ ଫଳଚାଷ ପାଇଁ ସରକାରୀ ସହାୟତା, ଓଡ଼ିଶା ଜଳବାୟୁ ସ୍ଥାୟୀ କୃଷି ପାଇଁ ସମନ୍ୱିତ ଜଳ ସେଚନ ପ୍ରକଳ୍ପରେ ଉଦ୍ୟାନ କୃଷିର ଉପଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉଦ୍ୟାନ ବିଭାଗ ବ୍ୟତିତ ମୃତ୍ତିକା ସଂରକ୍ଷଣ ବିଭାଗର ବିଭିନ୍ନ ଯୋଜନା, କୃଷି ବିଭାଗ, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଚାଷୀମାନଙ୍କୁ ବିଭାଗୀୟ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ । ବିଭିନ୍ନ ଜିଲ୍ଲାପରିଷଦ ଜୋନର ସଭ୍ୟ, ସଭ୍ୟାଙ୍କ ସମେତ ପଂଚାୟତର ସରପଂଚ, ସମିତି ସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଓ ଚାଷୀମାନେ ଯୋଗଦେଇଥିଲେ । ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ଷେତ୍ର କର୍ମଚାରୀ ରାମଚନ୍ଦ୍ର ଧଳ, ଚନ୍ଦ୍ରଶେଖର ମୁର୍ମୁ ସହଯୋଗ କରିଥିଲେ ।

## ସହିଦ ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ସ୍ମୃତିଦିବସ ସମାରୋହ



ବାଲେଶ୍ୱର, ୯ ।୯ (ସମିସ): ରକ୍ତତୀର୍ଥ ଚଷାଖଣ୍ଡ ମାଟିରେ ବାଘାଯତୀନ ଓ ତାଙ୍କର ୪ଜଣ ସାଥୀ ଚିତପ୍ରିୟ ରାୟଚୌଧୁରୀ, ନିରେନ ଦାସଗୁପ୍ତା, ମନୋରଞ୍ଜନ ସେନଗୁପ୍ତା ଓ ଜ୍ୟୋତିଷ ପାଲ ବ୍ରିଟିଶ ଫୌଜ ଓ ସେନାଙ୍କ ସହ ସମ୍ମୁଖ ସମରରେ ଅବତୀର୍ଣ୍ଣ ହୋଇ ଯେଉଁ ତ୍ୟାଗ, ବଳିଦାନ, ସାହସ, ଦେଶପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତାହା ଅଭୂତପୂର୍ବ ଓ ଅନନ୍ୟ । ସେହି ବୀରଗଣଙ୍କ ସଂଘର୍ଷ, ଆତ୍ମ ବଳିଦାନ ଓ ଦେଶପ୍ରେମର ଗାଥା କାଳକାଳକୁ ଆମର ଆଗାମୀ ପିଢ଼ିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ । ଏହି ପରିପ୍ରେକ୍ଷୀରେ ଆଜି ସକାଳେ ରକ୍ତତୀର୍ଥ ଚଷାଖଣ୍ଡ ଦେଉଁଆ ପୋଖରୀ ପ୍ରାଙ୍ଗଣ ସହିଦ ବାଘାଯତୀନ ପୀଠ ପରିସରରେ ଚଷାଖଣ୍ଡ ଯୁଦ୍ଧ ଓ ୧୯୧୫ସେପ୍ଟେମ୍ବର ୧୦ ବାଘାଯତୀନଙ୍କ ବଳିଦାନ ସ୍ମୃତି ସମାରୋହର ଦୁଇଦିନିଆ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ଆଶୁକବି ସର୍ବେଶ୍ୱର ଦାସ, ସାମ୍ବାଦିକ ବିପ୍ଳବ ମହାନ୍ତି, ସଂଗ୍ରାମୀ ନେତା ଅରୁଣ ଜେନା ପ୍ରମୁଖ ଉଦବୋଧନ ଦେଇ ଥିଲେ । ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ଅଧ୍ୟକ୍ଷତା କରିଥିଲେ । ଉପସଭାପତି ମନୋଜ ନାୟକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ବରିଷ୍ଠ କର୍ମକର୍ତ୍ତା ଅଜିତ ବରାଳ ଜୟନ୍ତୀ ପଣ୍ଡା, ସରପଞ୍ଚ ବନିତା ଭୂୟାଁ, ଶରତ ବେହେରା, ସ୍ନେହଲତା ଦାସ, ଶ୍ରୀକାନ୍ତ ବାଗ, ପ୍ରଫୁଲ୍ଲ ଜେନା, ଶ୍ରୀକାନ୍ତ ବୁଗୁଡ଼ାଇ, ସେକ ସାଦିକ, ସୁଦର୍ଶନ ଭୂୟାଁ, ବନମାଳୀ ନାୟକ, ପ୍ରଫୁଲ୍ଲ ବେହେରା, ଶତ୍ରୁଘ୍ନ ମଲ୍ଲିକ, ତୁଷାର ମହାପାତ୍ର ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ । ଶେଷରେ କମିଟିର ସାଧାରଣ ସମ୍ପାଦକ ଧନ୍ୟବାଦ ଦେଇଥିଲେ । ପରେ ୩୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଅଧ୍ୟାପକ କାଳିଚରଣ ଲେଙ୍କା, ଅରବିନ୍ଦ ବେଜ, ସଂଗୀତ ଶିକ୍ଷକ ମଣିଚରଣ ବାଗ ଓ ସର୍ବେଶ୍ୱର ଦାସ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

## ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର




ବାଲେଶ୍ୱର, ୯ ।୯ (ସମିସ): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ବସ୍ତା ଓ ରେମୁଣା ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ନୀଳଗିରି ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ଡିପିଓ ଓ ଏସଡିଏମ ଅବନୀକାନ୍ତ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ପ୍ରତିବର୍ଷ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି । ବାଲେଶ୍ୱର ଜିଲ୍ଲା ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ସଫଳତାର ସାମ୍ନା ମଧ୍ୟ କରୁଛି । ଏଣୁ ସମନ୍ୱୟ ରକ୍ଷା କରି କାର୍ଯ୍ୟକଲେ ନିଶ୍ଚିତ ଭାବେ ବିପର୍ଯ୍ୟୟ ମୁକାବିଲା ସଫଳ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ । ପ୍ରଶିକ୍ଷଣରେ ପିଇଓମାନେ ବିପଦ ସମୟରେ ଜନସାଧାରଣଙ୍କୁ ସୁରକ୍ଷାରେ ରଖିବା, ସମୟୋଚିତ ସହାୟତା ପହଞ୍ଚାଇବା ଓ ସରକାରୀ ସମନ୍ୱୟକାରୀ ଭାବେ କାର୍ଯ୍ୟ କରିବା ବିଷୟରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଓଏସଡିଏମ ପକ୍ଷରୁ ଯୋଗ ଦେଇଥିବା ଚାରିଜଣ ପ୍ରଶିକ୍ଷିକ ଆନନ୍ଦ କୁମାର ପାତ୍ର, ଅଞ୍ଜନ ଚାନ୍ଦ, ବିମଳେନ୍ଦୁ ଗିରି ଓ ଶିଶିର ଦାଶ ପ୍ରଶିକ୍ଷଣ ଦେଇଥିଲେ । ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଉତ୍କଳ ସମାଜର ଶୋଭାଯାତ୍ରା ଓ ପ୍ରତିବାଦ ସଭା




ବାଲେଶ୍ୱର, ୯ ।୯ (ସମିସ): ଜିଲ୍ଲାର ଗ୍ରାମାଂଚଳରେ ଥିବା ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ପ୍ରତିଶତରୁ ଅଧିକ ଓଡ଼ିଆ କିମ୍ବା ଇଂରାଜୀରେ ଗୋଟିଏ ପରିଛଦ ଲେଖି ପାରିବା ତ ଦୂରର କଥା ପାଠ୍ୟପୁସ୍ତକ କିମ୍ବା ଖବରକାଗଜ ପଢିପାରୁ ନାହାନ୍ତି ବୋଲି ଉତ୍କଳ ସମାଜ ପକ୍ଷରୁ ସର୍ଭେ କରାଯାଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏ ନେଇ ଏକ ଶୋଭାଯାତ୍ରା ସଙ୍ଗଠନର ସମ୍ପାଦକ ଭାସ୍କର ଜେନାଙ୍କ ଅଧ୍ୟକ୍ଷତାରେ ଫକୀରମୋହନ ଗୋଲେଇଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଅଭିଯୋଗ କରାଯାଇଛି ଯେ, ବର୍ତ୍ତମାନ ସ୍ଥିତିରେ ବିଦ୍ୟାଳୟ ଗୁଡିକରେ ଶ୍ରେଣୀଗୃହର ଅଭାବ ନାହିଁ, ସ୍ମାର୍ଟ କ୍ଲାସ ଚାଲିଛି । ନବମ ଦଶମ ଦୁଇଟି ଶ୍ରେଣୀ ପାଇଁ ସ୍କୁଲରେ ପ୍ରାୟ ୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହୁଛନ୍ତି । ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ବେଳେ ଅନ୍ୟମାନେ କ'ଣ କରୁଛନ୍ତି ତାହା ଯାଂଚର ପରିସରର ଭୁକ୍ତ ହେବାର ଆବଶ୍ୟକତା ରହିଛି । ଏହାଛଡା ସରକାର ତୃଣମୂଳ ସ୍ତରରେ କ୍ରୀଡାର ପ୍ରୋତ୍ସାହନ ପାଇଁ ଉଦ୍ୟମ କରୁଥିବା ବେଳେ ଖେଳ ପଡିଆରେ ସେଭଳି କିଛି ଉତ୍ସାହ ଜନକ ଖେଳ ଦେଖିବାକୁ ମିଳେ ନାହିଁ । ସ୍କୁଲ ଲାଇବ୍ରେରୀ ବହିରେ ପୋକ ଲାଗିଗଲାଣି । ବିପର୍ଯ୍ୟସ୍ତ ଶିକ୍ଷାର ଶିକାର ହେଉଛନ୍ତି ଚାଷୀ, ମୂଲିଆ, ଆଦିବାସୀ ଓ ହରିଜନ ଘରର ଛାତ୍ରଛାତ୍ରୀ । ଦାରିଦ୍ରୀ ସୀମାରେଖା ତଳେ ଥିବା ଛାତ୍ରଛାତ୍ରୀ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି, ଲାଇବ୍ରେରୀ ପୂର୍ଣ୍ଣ ବିନିଯୋଗ ଓ କ୍ରୀଡାର ବିକାଶ ପାଇଁ ସଙ୍ଗଠନର ସମ୍ପାଦକ ଶ୍ରୀ ଜେନା ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପିତାମ୍ବର ସ୍ୱାଇଁ, ପ୍ରଦୀପ କୁମାରୀ ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଉତ୍କଳ ସମାଜ ପକ୍ଷରୁ ଜିଲ୍ଲାର ଭୋଗରାଇ ଠାରୁ ସିମୁଳିଆ ପର୍ଯ୍ୟନ୍ତ ଅତି କମରେ ଶହେଟି ବିଦ୍ୟାଳୟ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ୨୦୨୪ ଅଗଷ୍ଟ ୨୮ରେ ପ୍ରଦାନ କରାଯାଇଥିଲା । ଏହାରି ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଆସନ୍ତା ଏକ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଉତ୍କଳ ସମାଜ ପକ୍ଷରୁ କୁହାଯାଇଛି ।

### ଅଲ୍ଓଡ଼ିଶା ମିନି ଏବଂ ସବ୍ଜୁନିଅର ରାଜ୍ୟ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରର ଅର୍ଣ୍ଣବ ଓ ସାଥୀ ଡବଲ୍ସ ବର୍ଗରେ ଚାମ୍ପିଅନ୍

ବାଲେଶ୍ୱର, ୯।୯ (ସମିସ)




ୟୋନେକ୍ସ ସନରାଇଜ୍ ଓଏସବିଏ ଅଲ୍ ଓଡ଼ିଶା ମିନି (୯ ଏବଂ ୧୧ ବର୍ଷରୁ କମ୍) ଏବଂ ସବ୍ ଜୁନିଅର (୧୩ ବର୍ଷରୁ କମ୍) ରାଜ୍ୟ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମାପ୍ତ ହୋଇଛି । ଏଥିରେ ଅର୍ଣ୍ଣବ ଦାସ ବାଲେଶ୍ୱରର ଏକମାତ୍ର ଖେଳାଳି ଯିଏ ଏହି ଇଭେଣ୍ଟରେ ୧୩ ବର୍ଷରୁ କମ୍ ବାଳକ ଡବଲ୍ସ ବର୍ଗରେ ଚାମ୍ପିଅନ୍ ହୋଇଛନ୍ତି । ବାଲେଶ୍ୱରର ଅର୍ଣ୍ଣବ ଦାସ ଏବଂ ତାଙ୍କ ସାଥୀ ସମ୍ବଲପୁରର ଆୟାନକ କୁମାର ସାହୁ ଖୋର୍ଦ୍ଧାର ଅର୍ଣ୍ଣପ ସାହୁ ଏବଂ ପାନସୁଏଲ ସେଠୀଙ୍କୁ ପରାଜିତ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ସର୍ବାଧିକ ଟାଇଟଲ ଜିତିଥିଲା । ବାଲେଶ୍ୱରର ଆହୁରି ଅନେକ ଖେଳାଳି ସେମିଫାଇନାଲରେ ପହଞ୍ଚିପାରିଥିଲେ କିନ୍ତୁ ଏହାକୁ ଫାଇନାଲରେ ପରିଣତ କରିପାରିନଥିଲେ । ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱରର ଡିପିଆରଓ ରାଜେଶ ପ୍ରିୟଦର୍ଶୀ (ଓଏଏସ୍) ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା, ସୁଦୀପ ଡାକୁଆ ସହାୟକ ମହାପ୍ରବନ୍ଧକ ୟୁକୋ ବ୍ୟାଙ୍କ ସମ୍ମାନିତ ଅତିଥି ଭାବରେ, ମନୋହରଲାଲ ପାଲା ଜୁଏଲାରୀର ନିର୍ଦ୍ଦେଶକ କମଳେଶ ପାଳ, ଓଏଏସ୍ ଆଇ ଏସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ସଞ୍ଜୟ ସାହୁ, ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସମୀରକାନ୍ତ ଦାସ, ବାଲେଶ୍ୱର ସଚିବ ମନୋରଞ୍ଜନ ପଣ୍ଡା, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ମାନସ ରଞ୍ଜନ ମହାନ୍ତି, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ, ବୃନ୍ଦାବନ ବ୍ୟାଙ୍କର ମ୍ୟାନେଜର ସ୍ନିଗ୍ଧା ରାଉତ, ପୁରସ୍କାର ବିତରଣ ଉତ୍ସବରେ ଏଚଡିଏଫସି ବ୍ୟାଙ୍କର ପରିଚାଳକ ଶକ୍ତି ଶଙ୍କର ବେହେରା ଉପସ୍ଥିତ ଥିଲେ । ଅତିଥିମାନେ ପ୍ରତ୍ୟେକ ଇଭେଣ୍ଟର ସମସ୍ତ ସେମିଫାଇନାଲିଷ୍ଟ ଏବଂ ଫାଇନାଲିଷ୍ଟଙ୍କୁ ଟ୍ରଫି, ନଗଦ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ଦ୍ୱାରା ନିଯୁକ୍ତ ବୈଷୟିକ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ବିଷ୍ଣୁ ପ୍ରତାପ ଖିଲାର, ଆୟୁଷ୍ମାନ ଖୁଣ୍ଟିଆ ଓ ଦେବୀ ପ୍ରସାଦଙ୍କୁ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ସଦସ୍ୟ ଚିନ୍ମୟ ପଣ୍ଡା, ୱାଲାୟତ୍ କାଡ୍ରି, ରାଜୀବ ସାହୁ, ପ୍ରିୟଙ୍କା ମହାନ୍ତି, ନିବେଦିତା ନାୟକ, ରାମକାନ୍ତ ଦୀକ୍ଷିତ, ଗଓରୀ ଶଙ୍କର ବିଶ୍, ଗୌରୀ ଶଙ୍କର ରଥ, ପୀୟୁଷ ରାଉତ, ରବୀନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ ଦାବି

ବାଲେଶ୍ୱର, ୯।୯ (ସମିସ): ସଦର ବ୍ଲକ ଓ ରେମୁଣା ବ୍ଲକର ସାତୋଟି ପଞ୍ଚାୟତ କୁରୁଡ଼ା, ଖାନନଗର, ଗେଙ୍ଗୁଟି, ଶାସଙ୍ଗ, ସାରଙ୍ଗା, କରଞ୍ଜିଆ, ବରୁଣସିଂକୁ ଯୋଡୁଥିବା ମୁଖ୍ୟ ରାସ୍ତା କୁରୁଡ଼ାରୁ ମଠସାହି ଭାୟା ପଳାସପୁର ଛକ ସମ୍ପୂର୍ଣ୍ଣ ଅବହେଳିତ ହେବା ସହ ଦୁଇ ପାଶ୍ୱର୍ ଜବରଦଖଲକାରୀଙ୍କ କବଜାରେ ଅଛି ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚ ସଭାପତି କମଳା ଲୋଚନ ରାଉତ ଜଣାଇଛନ୍ତି । ରାସ୍ତାର ଦୁଇ ପାଶ୍ୱର୍ରେ ଜବରଦଖଲ ଫଳରେ ରାସ୍ତାରେ ଭାରୀଯାନ ଯାତାୟାତର ଅସୁବିଧା ସୃଷ୍ଟି ହେବା ସହ ଅଞ୍ଚଳରେ ନିର୍ମାଣଧୀନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ନାନାଦି ଦୁର୍ଘଟଣା ଜନିତ ସମସ୍ୟା ଦେଖାହେଉଛି ।



ଏଥିସହିତ ସରକାରଙ୍କ ଜନହିତକର ଯୋଜନାରେ ଥିବା ବସ୍ ସେବା ମଧ୍ୟ ବିପଦ ସଂକୁଳ ଭାବେ ପରିଚାଳିତ ହେଉଛି । ଦୁଇ ବ୍ଲକର ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଜବର ଦାଖଲ ରାସ୍ତା ନିର୍ମାଣରେ ମଧ୍ୟ ବାଧା ସୃଷ୍ଟି କରିଆସୁଛି । ଏସବୁ ଅସୁବିଧାକୁ ଆଖି ଆଗରେ ରଖି ଅଂଚଳର ବିକାଶ, ସୁରକ୍ଷା ପାଇଁ କୁରୁଡ଼ା ଛକ ଠାରୁ ମଠସାହି ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଜବରଦଖଲକୁ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତରେ ସହାୟକ ପାଇଁ ସଦର ବିଡ଼ିଓ କାର୍ଯ୍ୟାଳୟରେ ଏକ ଦାବିପତ୍ର ସଂଗଠନର ପରାମର୍ଶଦାତାଙ୍କ ଉପସ୍ଥିତିରେ ସଭାପତି କମଳା ଲୋଚନ ରାଉତ ବିଡ଼ିଓଙ୍କୁ ପ୍ରଦାନ କରିବା ସହ ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି । ଆଶୁ କାର୍ଯ୍ୟାନୁଷ୍ଠାନ ପାଇଁ ଏହାର ଏକ ନକଲ ସଦର ତହସିଲଦାରକୁ ପ୍ରଦାନ କରାଯାଇଛି ।

# ୟାର୍ଡ ପୁନର୍ଗଠନ କାମ ପାଇଁ ଟ୍ରେନ୍ ଚଳାଚଳ ପ୍ରଭାବିତ

ବାଲେଶ୍ୱର, ୯।୯ (ସମିସ): ଖଡ଼ଗପୁର ମଣ୍ଡଳ ଅନ୍ତର୍ଗତ ବାହାନଗା ବଜାର ୟାର୍ଡରେ (ବିଏନ୍ ବିଆର୍) ୟାର୍ଡ ପୁନର୍ଗଠନ କାମ ପାଇଁ ଦକ୍ଷିଣ ପୂର୍ବ ରେଳବାଇ ନନ୍-ଇଣ୍ଟରଲକିଂ (ଏନ୍ ଆଇ) କାର୍ଯ୍ୟ ଯୋଜନା କରିଛି ଯାହା ପାଇଁ ଟ୍ରାଫିକ୍ ବ୍ଲକ ଏବଂ ଅସ୍ଥାୟୀ ଭାବରେ କିଛି ଟ୍ରେନ ସେବା ବନ୍ଦ ଓ ପରିବର୍ତ୍ତିତ କରିବାକୁ ଘୋଷଣା କରାଯାଇଛି। ଏହି ପ୍ରି "ନନ୍-ଇଣ୍ଟରଲକିଂ" କାମ ଆସନ୍ତା ୧୨ ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବ ଏବଂ ୧୪ ତାରିଖରେ କମିଶନିଂ ପାଇଁ ସମ୍ପୂର୍ଣ୍ଣ ଟ୍ରାଫିକ୍ ବ୍ଲକ କରାଯିବ। ଅର୍ଥାତ୍ ତିନି ଦିନ ଧରି ଟ୍ରାଫିକ୍ ବ୍ଲକ୍ ହେବାରୁ ସ୍ଥାନୀୟ ଏବଂ ଦୂରଗାମୀ ଟ୍ରେନ ଚଳାଚଳ ପ୍ରଭାବିତ ହେବ। ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୧୨ ଓ ୧୩ ରେ ପ୍ରି-ନନ୍-ଇଣ୍ଟରଲକିଂ କାମ ହେବ, ଯେଉଁଥିରେ ୧୪ ସେପ୍ଟେମ୍ବର ସମ୍ପୂର୍ଣ୍ଣ ଟ୍ରାଫିକ୍ ବ୍ଲକ୍ ରହିବାକୁ ଥିବାରୁ ନୂଆ ସୁବିଧା କାର୍ଯ୍ୟକ୍ଷମ କରାଯିବ। ଏହି ସମୟରେ ୬୮୦୫୨/୬୮୦୫୧ ବିଏଚ୍ ସି-ବିଏଲ୍ ଏସ୍-ବିଏଚ୍ ସି ମେମୁ ଟ୍ରେନ

### ୧୨ରୁ ୧୪ ପର୍ଯ୍ୟନ୍ତ ସ୍ଥାନୀୟ ଏବଂ ଦୂରଗାମୀ ଟ୍ରେନ ଚଳାଚଳ ପ୍ରଭାବିତ

ସେପ୍ଟେମ୍ବର ୧୨ ରୁ ୧୪ ପର୍ଯ୍ୟନ୍ତ ବାତିଲ ହେବ। ସେହିପରି ୬୮୦୪୯/୬୮୦୫୦ କେଜିପି-ବିଏଚ୍ ସି-କେଜିପି ମେମୁ କେବଳ ବାଲେଶ୍ୱର ପର୍ଯ୍ୟନ୍ତ ଚାଲିବ ଓ ଭଦ୍ରକ ବାଲେଶ୍ୱର ମଧ୍ୟରେ ତିନି ଦିନ ଧରି ସେବା ବନ୍ଦ ରହିବ। କିଛି ଦୂରଗାମୀ ଟ୍ରେନ ସମୟସାରଣୀ ମଧ୍ୟ ପରିବର୍ତ୍ତନ ହେବ। ୧୩ ସେପ୍ଟେମ୍ବରରେ ୧୨୫୧୩ ସି ଏଚ୍ ଜେଡ୍ -ଏସ୍ ଏଚ୍ ଜେଡ୍ ଏକ୍ସପ୍ରେସ୍, ୧୨୭୦୪ ଏସ୍ ସି-ଏଚ୍ ଡବ୍ଲୁଏଚ୍ ଏକ୍ସପ୍ରେସ୍ ଓ ୧୨୫୫୧ ଏସ୍ ଏମ୍ ଭିଡବ୍ଲୁ-କେଓ୍ୱାଇକ୍ୟୁ ଏକ୍ସପ୍ରେସ୍ ୨ ଘଣ୍ଟା ବିଳମ୍ବରେ ଚାଲିବ। ୧୪ ସେପ୍ଟେମ୍ବରରେ ୧୨୭୦୩ ଏଚ୍ ଡବ୍ଲୁ ଏଚ୍-ଏସ୍ ସି ଏକ୍ସପ୍ରେସ୍ ୩ ଘଣ୍ଟା ବିଳମ୍ବରେ, ୧୨୨୪୫ ଏଚ୍ ଡବ୍ଲୁ ଏସ୍-ଏସ୍ ଏମ୍ ଭି ବି ଏକ୍ସପ୍ରେସ୍ ୨ ଘଣ୍ଟା ବିଳମ୍ବରେ, ୧୨୮୨୧ ଏଚ୍ ଡବ୍ଲୁ ଏସ୍-ପୁରୀ ଏକ୍ସପ୍ରେସ୍ ୪୫ ମିନିଟ ବିଳମ୍ବରେ, ୧୨୮୨୨ ପୁରୀ-ଏଚ୍ ଡବ୍ଲୁ ଏଚ୍ ଏକ୍ସପ୍ରେସ୍ ୨ ଘଣ୍ଟା ବିଳମ୍ବରେ ଓ ୨୨୮୧୧ ବିବିଏସ୍-ଏନ୍ ଡି ଏଲ୍ ଏସ୍ ଏକ୍ସପ୍ରେସ୍ ୨ ଘଣ୍ଟା ବିଳମ୍ବରେ ଚାଲିବ। ରେଳ ପ୍ରଶାସନ ଯାତ୍ରୀମାନଙ୍କୁ ନିଜ ଯାତ୍ରା ପୂର୍ବରୁ ଟ୍ରେନ ସମୟସାରଣୀର ଯାଞ୍ଚ କରିବାକୁ ଅନୁରୋଧ କରିଛି।

# ଗୋଟିଏ ପ୍ରକଳ୍ପକୁ ଦୁଇଟି ସୂଚନା ଫଳକ

ନୀଳଗିରି, ୯।୯ (ସମିସ)



ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ

ଗୋଟିଏ ପ୍ରକଳ୍ପ କିନ୍ତୁ ସୂଚନା ଫଳକ ଦୁଇଟି। ଜଣେ ଠିକାଦାର ଯୋଜନା ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଧବଣୀ ଅସ୍ତଗଛ ଠାରୁ (ପିଡବ୍ଲୁଡି) ରାସ୍ତା ପର୍ଯ୍ୟନ୍ତ କାମ ସାରିଥିବା ବେଳେ, ଅନ୍ୟ ଜଣେ ଠିକାଦାର ପୁରୁଣା ଢଳେଇ ରାସ୍ତା ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶାର କାମ ବୋଲି ସ୍ଥାନୀୟ ଗ୍ରାମବାସୀଙ୍କୁ କହି ଧବଣୀ ଅସ୍ତଗଛ ଠାରୁ (ଆର.ଡି) ରାସ୍ତା ପର୍ଯ୍ୟନ୍ତ କାମ କରିବା ପାଇଁ ପ୍ରସ୍ତୁତି ହେଉଥିବାବେଳେ ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ କରିଛନ୍ତି। ନୀଳଗିରି ବ୍ଲକ ଅନ୍ତର୍ଗତ ମାଟିଆଳି ପଞ୍ଚାୟତ ଶ୍ରୀପତି ୱାର୍ଡ ଧବଣୀ ରେ ବିକଶିତ ଗାଁ ବିକଶିତ ଓଡିଶା ୨୦୨୪-୨୫ବର୍ଷର ଧବଣୀ ଅସ୍ତ ଗଛ ଛକ ଠାରୁ ପିଡବ୍ଲୁଡି ରାସ୍ତା ପର୍ଯ୍ୟନ୍ତ ୩ ଲକ୍ଷ ଟଙ୍କାର ଫଳକ ଲଗାଇ କଂକ୍ରିଟ ରାସ୍ତା ଗତ ୧୦ ଦିନ ପୂର୍ବରୁ କାର୍ଯ୍ୟ ସରିଥିଲା। କିନ୍ତୁ ଗତ ସାତ ତାରିଖରେ ସମାନ ପ୍ରକଳ୍ପର ଫଳକ ଲଗାଇ ଅନ୍ୟ ଏକ ଗୋଷ୍ଠୀ ଏହି କାମ କରିବାକୁ ଆସିଥିବା ବେଳେ ଠିକାଦାର ଜଣକ ପୁରୁଣା ଢଳେଇ ରାସ୍ତା ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶାର କାମ କରିବା ପାଇଁ ଧବଣୀ ଅସ୍ତଗଛ ଠାରୁ (ଆର.ଡି) ରାସ୍ତା ପର୍ଯ୍ୟନ୍ତ କାମ ବୋଲି ସ୍ଥାନୀୟ ଗ୍ରାମବାସୀଙ୍କୁ କହି ପ୍ରସ୍ତୁତି ହେଉଥିବାବେଳେ ରାସ୍ତା କାମକୁ ଗାଁ ଲୋକଙ୍କ ବିରୋଧ କରିଥିଲେ। ପରିସ୍ଥିତି ଗୁରୁତର ହେବାରୁ ଘଟଣା ସ୍ଥଳରେ ବରହମପୁର ଥାନା ଅଧିକାରୀ ପହଞ୍ଚିଥିଲେ। ଗ୍ରାମବାସୀ କହିବା ମୁତାବକ ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟ ନୂତନ ରାସ୍ତା ଉପରେ ହେବାର ନିୟମ ନ ଥିବାବେଳେ ପୁରୁଣା ଢଳେଇ ରାସ୍ତା ଉପରେ ନୂଆ ଢଳେଇ କାମ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ଭରତ ସିଂ କିପରି ଏହା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିଲେ ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ହେବା ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏ ବାବଦରେ ନୀଳଗିରି ବିଡିଓଙ୍କ ମତାମତ ନେବାରୁ ସେ ଏବାବଦରେ ଏଇଇଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେବାର କଥା କହିଥିଲେ।

## ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ତାଳମଞ୍ଜି ରୋପଣ



କାଳିପଦା, ୯।୯ (ସମିସ): ବାଲିଆପାଳ ବାଘା ଯତୀନ ସ୍ମୃତି ପରିଷଦ ପକ୍ଷରୁ ମଙ୍ଗଳବାର କୋଷ୍ଟ କେନାଲ ବନ୍ଧରେ ତାଳମଞ୍ଜି ରୋପଣ କରାଯାଇଛି। ସ୍ମୃତି ପରିଷଦ ର ସଭ୍ୟ ସଭ୍ୟା ମାନେ ଏହି ଅବସରରେ ପ୍ରାୟେ ୫ ହଜାର ତାଳ ମଞ୍ଜି ରୋପଣ କରିଛନ୍ତି। ପ୍ରତିବର୍ଷ ସହିଦ ବାଘାଯତୀନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ବୃକ୍ଷରୋପଣ କରାଯାଇଥାଏ। ପରିଷଦର ସଭାପତି ଅରବିନ୍ଦ ବେହେରା, ସମ୍ପାଦକ ମନ୍ମଥ ପାତ୍ର, ବସନ୍ତ ବାରିକ, କ୍ଷୀତିଶ ଚନ୍ଦ୍ର ଜେନା, ସୁଦାମ ଚରଣ ଦାସ, ଗଜେନ୍ଦ୍ର ଜେନା, ମନ୍ମଥ ଦାସ, ସଞ୍ଜୟ ପରିଡା, ମନୋରଞ୍ଜନ ବେହେରା, ସୁଦାମ ଚରଣ ସି, ଜିତେନ୍ଦ୍ର ପାତ୍ର, କାଳି ଚରଣ ବାରିକ, ନୀଳକଣ୍ଠ ସାହୁ, ଗଗନ ବେହେରା ପ୍ରମୁଖ ତାଳ ମଞ୍ଜି ରୋପଣ କରିଥିଲେ।

## ବାଲି ବୋଝେଇ ହାଇୱା ଜବତ

ସୋର, ୯।୯ (ସମିସ): ସୋର ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଥିବା ଜଣାପଡିଛି। ମଙ୍ଗଳବାର ଅପରାହ୍ଣରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ମାଟିଆପଲା ଛକ ନିକଟରେ ଅଚାନକ ଚଢ଼ଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ବାଲି ବୋଝେଇ କରି ଆସୁଥିବା ବାଲି ବୋଝେଇ ଡମ୍ଫରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ।

## ଗଂଜେଇ ଜବତ ଜଣେ ଅଟକ

ସୋର, ୯।୯ (ସମିସ): ସୋର ପୁଲିସ ପକ୍ଷରୁ ସରଶଙ୍ଖ ନିକଟରୁ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କ ନିକଟରୁ ୫ କିଲୋ ଗଞ୍ଜେଇ ଜବତ କରିବା ସହିତ ତାକୁ ଅଟକ ରଖିଛି। ଆଜି ସକାଳେ ସୋର ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ସୋର କୁପାରୀ ରାସ୍ତା ସରଶଙ୍ଖ ନିକଟରେ କୃଷ୍ଣଦାସପୁର ଗ୍ରାମର ବିଜୟ କୁମାର ବେହେରା ଚାଲିଚାଲି ଯାଉଥିଲେ। ସନ୍ଦେହରେ ତାଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ବ୍ୟାଗରୁ ୫ କିଲୋ ଓଜନର ଗଞ୍ଜେଇ ଜବତ କରିବା ସହିତ ତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଭୋଗରାଇ, ୯।୯ (ସମିସ) : ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ପୁଟିଣା ଗ୍ରାମର ଜନୈକ ଯୁବକ ଆଜି ପାରିବାରିକ କଳହ କାରଣରୁ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଯୁବକ ଜଣକ ଭୋଗରାଇ ବସଷ୍ଟାଣ୍ଡରେ କାର୍ଯ୍ୟ କରୁଥିବାରୁ ତାଙ୍କର ମୃତ୍ୟୁରେ ଭୋଗରାଇରେ ଥିବା ସମସ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଦିନ ୩ ଘଟିକା ସମୟରୁ ବନ୍ଦ ରହିଥିଲା। ସୂଚନାଯୋଗ୍ୟ ଯେ ଭୋଗରାଇ ବସଷ୍ଟାଣ୍ଡରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ପୁଟିଣା ଗ୍ରାମର ହରିହର ବେହେରାଙ୍କ ପୁଅ ମହେନ୍ଦ୍ର ବେହେରା (୨୬) ଆଜି ପାରିବାରିକ କଳହରରୁ ବିଷ ପିଇ ଆତ୍ମହତ୍ୟା କରିଥିଲେ। ତେବେ ତାଙ୍କର ଅକାଳ ବିୟୋଗ ରେ ମୁଖ୍ୟମନ୍ତ୍ରୀ ବସ୍‌ରେ କାର୍ଯ୍ୟ କରୁଥିବା ଅନ୍ୟ କର୍ମଚାରୀ ଦିନ ୩ ଘଟିକାରୁ କାର୍ଯ୍ୟବନ୍ଦ କରିଥିଲେ। ହଠାତ ବନ୍ଦ ହୋଇଯିବାରୁ ଯାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କମର୍ଦ୍ଦା ପୁଲିସ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

● ରାଜ୍ୟସ୍ତରୀୟ ହକି ଚାମ୍ପିଅନ୍‌ସିପ୍

## ଜିଲ୍ଲା ସବ୍-ଜୁନିଅର ବାଳକ ହକି ଦଳର ରାଉରକେଲା ଗସ୍ତ

ବାଲେଶ୍ୱର, ୯।୯ (ସମିସ): ଜିଲ୍ଲା ସବ୍-ଜୁନିଅର ବାଳକ ହକି ଦଳ ଆଜି ୧୫ ଜଣ ଖେଳାଳି ଓ ଜଣେ ଅଧିକାରୀଙ୍କ ସହିତ ରାଜ୍ୟସ୍ତରୀୟ ହକି ଚ୍ୟାମ୍ପିଅନ୍‌ସିପ୍‌ରେ ଯୋଗଦେବା ପାଇଁ ରାଉରକେଲା ଗସ୍ତ କରିଛନ୍ତି। ଏହି ଚାମ୍ପିଅନ୍‌ସିପ୍ ୧୧ରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେବ। ଜିଲ୍ଲା ପ୍ରଶାସନ ଓ କ୍ରୀଡା ବିଭାଗ ପକ୍ଷରୁ ଦଳକୁ ଶୁଭେଚ୍ଛା ଜଣାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପ୍ରତି ଖେଳାଳି ମାନଙ୍କୁ ଉତ୍ସାହ ଯୋଗାଇ ଥିଲେ।

## ରେଳ ବିଭାଗରେ ଚାକିରି ଦେବା ନାଁରେ ଠକେଇ

ସୋର, ୯।୯ (ସମିସ): ଗତ ୨୦୨୩ ମସିହାରେ ସିମୁଳିଆ ଅଞ୍ଚଳର ଜଣେ ଯୁବକଙ୍କୁ ରେଳ ବିଭାଗରେ ଚାକିରି କରାଇ ଦେବା ନାମରେ ଖଇରା ଥାନା ନଟାପଡା ଅଞ୍ଚଳର ଜଣେ ବ୍ୟକ୍ତି ସାତ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ମାର୍କୋଣା ଅଞ୍ଚଳର ଜଣେ ଯୁବକ ରେଳ ବିଭାଗରେ ଚାକିରୀ କରିବା ପାଇଁ ପ୍ରସ୍ତୁତି କରୁଥିଲେ। ଏହି ସମୟରେ ତାଙ୍କ ବାପାଙ୍କ ସହ ଗଣ୍ଡିବେଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ସମ୍ପର୍କ ଥିବାରୁ ସେ ଖଇରା ନଟାପଡା ଅଞ୍ଚଳର ଉକ୍ତ ବ୍ୟକ୍ତିଙ୍କ ସହିତ ତାଙ୍କୁ ଯୋଗାଯୋଗ କରାଇଥିଲେ। ଫଳରେ ଉକ୍ତ ବ୍ୟକ୍ତି ତାଙ୍କୁ ୨ ଲକ୍ଷ ଟଙ୍କା ଦେବା ପାଇଁ କହିବା ପରେ ସେ ରାଜି ହୋଇ ନ ଥିଲେ ସୁଦ୍ଧା ପରବର୍ତ୍ତୀ ଅବସ୍ଥାରେ ରାଜି ହୋଇ ଉକ୍ତ ଟଙ୍କା ଦେଇଥିଲେ। ପରେ ଇଣ୍ଟରଭିୟୁ ସମୟରେ ଅଧିକ ୩ ଲକ୍ଷ ଟଙ୍କା ଦାବି କରିବା ପରେ ବାଧ ହୋଇ ସେ ପୁଣି ଟଙ୍କା ଦେଇଥିଲେ। ପୁଣି କିଛି ଦିନ ପରେ ଆଉ ଦୁଇ ଲକ୍ଷ ଟଙ୍କା ଦେଲେ ଜଏନିଂ ଲେଟର ମିଳିବ ବୋଲି କହିବା ପରେ ଅନ୍ୟ ଉପାୟ ନ ପାଇ ପୁଣି ଦୁଇ ଲକ୍ଷ ଟଙ୍କା ଦେବା ପରେ ଜଏନିଂ ଲେଟର ପାଇଥିଲେ। ଉକ୍ତ ଯୁବକ ଜଣଙ୍କ ସେହି ଚିଠି ଅନୁସାରେ ଖଡ଼ଗପୁରରେ ପହଞ୍ଚିବା ପରେ ଉକ୍ତ ଚିଠିଟି ଜାଲ ବୋଲି ଜାଣିଥିଲେ। କିନ୍ତୁ ଏ ବାବଦରେ ସମସ୍ତ କଥା ସୋର ଥାନା ଅଞ୍ଚଳର ଏକ ମନ୍ଦିରରେ ବସି ଆଲୋଚନା ସହିତ ଟଙ୍କା ନେଣଦେଣ ହୋଇଥିବାରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ସେତେବେଳେ ଉକ୍ତ ଟଙ୍କା ସେ ଫେରେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏକ ଚେକ ଯୁବକଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ସମୟ ସରିଯିବା ପରେ ଯୁବକ ଜଣଙ୍କ ଉକ୍ତ ଚେକ ଟିକୁ ବାଉନ୍ସ କରି ତାଙ୍କ ନାମରେ କୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। କିନ୍ତୁ ଆଜି ସନ୍ଧ୍ୟାରେ ଉକ୍ତ ବ୍ୟକ୍ତିଙ୍କ ସମେତ ମଧ୍ୟସ୍ଥି ସୋରରେ ଥିବା ଜାଣି ପାରି ଉଭୟଙ୍କୁ ଧରି କୌଣସି ସ୍ଥାନରେ ଏ ବାବଦରେ ଆଲୋଚନା ହେଉଥିବା ଜଣାପଡିଛି। ଉକ୍ତ ବ୍ୟକ୍ତି ଜଣଙ୍କ ଏକାଧିକ ଯୁବକଙ୍କୁ ଠକି ଥିବା ଜଣାପଡିଛି।

## ଘରେ କଳାକନା ବୁଲାଇଲେ ଚୋର

ସୋର, ୯।୯ (ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ଦହିପୁର ଗ୍ରାମରୁ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଘରେ କେହି ନ ଥିବା ଚୋରମାନେ ଘରୁ କଳାକନା ବୁଲେଇ ଦେଇଥିବା ଜଣାପଡିଛି। ଏହି ଗ୍ରାମର ଚୈତନ୍ୟ ପ୍ରଧାନ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ। କିନ୍ତୁ ପାଞ୍ଚ ଦିନ ପୂର୍ବରୁ ସେ ଏବଂ ତାଙ୍କ ପତ୍ନୀ ଉତ୍ତର ଭାରତ ଭ୍ରମଣ କରିବାକୁ ଯାଇଛନ୍ତି। ଘରେ ତାଙ୍କ ଶିକ୍ଷୟିତ୍ରୀ ଝିଅ ହିରଣ୍ମୟୀ ପ୍ରଧାନ ଏବଂ ଜ୍ୱାଇଁ ଶିବ ନାରାୟଣ ସାହୁ ରହନ୍ତି। କିନ୍ତୁ ପୂର୍ବାହ୍ନରେ ଉଭୟ ସ୍କୁଲକୁ ଯାଇଥିବା ବେଳେ ଘରେ କେହି ନ ଥିଲେ। ଏହି ସୁଯୋଗରେ ଚୋର ମାନେ ଘର ପଛ ପଟ ଝରକା ଗ୍ରିଲ ଭାଙ୍ଗି ଭିତରେ ପଶି ନଗଦ ପଚାଶ ହଜାର ଟଙ୍କା ସମେତ ପାଞ୍ଚ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇଥିଲେ। ଘରୁ ଚୋରି ହୋଇଥିବା ଜାଣି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ଏ ବାବଦରେ ସନ୍ଧ୍ୟାରେ ହିରଣ୍ମୟୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ସୋର ୟୁଏନ୍ କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ସୋର, ୯।୯ (ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୧୯୮୫-୧୯୯୦ ବ୍ୟାଚର ପୁରାତନ ଛାତ୍ର ସଂସଦର ବୈଠକ ସଭାପତି ନରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂପାଦକ ଦିଲ୍ଲୀପ କୁମାର ରଥ ସଂସଦର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହିତ କଲେଜର ଉନ୍ନତ ଶିକ୍ଷା ବ୍ୟବସ୍ଥା ଏବଂ ଉନ୍ନୟନ ସଂପର୍କରେ ପୁରାତନ ଛାତ୍ରମାନଙ୍କର ସହଯୋଗପୂର୍ଣ୍ଣ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ବୈଠକରେ କୋଷାଧ୍ୟକ୍ଷ ଉମାକାନ୍ତ ମିଶ୍ର, ପରିଚାଳକ ପ୍ରମୋଦ ଦାସ, ଉପଦେଷ୍ଟା ଧୀରେଶ ଚନ୍ଦ୍ର ଷଡ଼ଙ୍ଗୀ, କାର୍ଯ୍ୟକର୍ତ୍ତା ସୁଧାକର ମହାନ୍ତି, ବିନୟ କୁମାର ରଣା, ରତିକାନ୍ତି ମହାନ୍ତି, ନିରଂଜନ ପଣ୍ଡା, ଧୀରେନ୍ଦ୍ର କୁମାର ସ୍ୱାଇଁ, ସେକ୍ କରିମଉଦ୍ଦିନ, ସେକ ମଇଉଦ୍ଦିନ, ଉଜ୍ଜ୍ୱଳ କୁମାର ସାହୁ, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବାର୍ଷିକ ଉତ୍ସବ ସଂପର୍କରେ ଆଲୋଚନା କରାଯାଇଥିଲା। ନିଗମାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ ବିକ୍ରେତା ସଚେତନତା ଅଭିଯାନ



ବାଲେଶ୍ୱର, ୯।୯ (ସମିସ): ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ, ଓଡ଼ିଶା, ଭୁବନେଶ୍ୱର ପକ୍ଷରୁ ମାଇକ୍ରୋ, ସ୍ମଲ୍ ଏବଂ ମିଡିୟମ୍ ଉଦ୍ୟମ (ଏମ୍‌ଏସ୍‌ଏମ୍‌ଇ) ମାନଙ୍କ ପାଇଁ ଗୁଣବତା ମାନ୍ୟତା ବିଷୟରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଓ ବିଶ୍ୱ ବ୍ୟାଙ୍କ ଦ୍ୱାରା ସମର୍ଥିତ ଫ୍ଲାଗସିପ୍ ପ୍ରକଳ୍ପ ଆର୍ ଏ ଏମ ପି ଅଧିନରେ ଏମ୍‌ଏସ୍‌ଏମ୍‌ଇମାନଙ୍କ ପାଇଁ ବିକ୍ରେତା ସଚେତନତା ଅଭିଯାନ ତଥା ଏକ ଜ୍ଞାନ ଆଦାନ-ପ୍ରଦାନ କାର୍ଯ୍ୟଶାଳା ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଏବଂ କମର୍ସରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର କାର୍ଯ୍ୟଶାଳାରେ ଏମ୍ ଏସ୍ ଏମ୍ ଇ ମାନେ ଆଇଏସ୍‌ଓ, ଲିନ୍ ଏବଂ ଜେଡ୍ ଭଳି ଗୁଣବତା ମାନ୍ୟତା ମାନଦଣ୍ଡ ବିଷୟରେ ବ୍ୟବହାରିକ ଜ୍ଞାନ ଅଧିଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗୁଣତା ମାନ୍ୟତାର ଲାଭ, ମାନ୍ୟତା ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ଅଡିଟ୍ ପାଇଁ ପ୍ରସ୍ତୁତି ଉପାୟ ବିଷୟରେ ଆଲୋଚନା ହୋଇଥିଲା।

## ଖଇରା ପୁଲିସ ଶୁଣୁନି, ଏସ୍‌ପିଙ୍କୁ ଫେରାଦ

ବାଲେଶ୍ୱର, ୯।୯ (ସମିସ): ଅସହାୟ ହୋଇ ନ୍ୟାୟ ପାଇବା ଆଶାରେ ବ୍ୟବସାୟୀ କମଳାକାନ୍ତ ସାହୁ ଆଜି ବାଲେଶ୍ୱର ଏସ୍ପିଙ୍କୁ ଭେଟି ଲିଖିତ ଅଭିଯୋଗ ଦେବାକୁ ଆସିଥିଲେ। ହେଲେ ଏସପିଙ୍କ ସାକ୍ଷାତ ନପାଇବାରୁ ଡ୍ରପ ବକ୍ସରେ ଅଭିଯୋଗ ପକାଇ କମଳାକାନ୍ତ ଫେରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଖଇରା ଥାନା ଆଳଦା ଗ୍ରାମର କମଳାକାନ୍ତ ସାହୁଙ୍କ ସପରିବାର ଅଗଷ୍ଟ ୬ ତାରିଖରେ ଶ୍ରାବଣ ସୋମବାରରେ ପାଣି ଢାଳିବା ପାଇଁ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଯାଇଥିବା ବେଳେ ତାଙ୍କ ଘରେ କଳାକନା ବୁଲାଇଥିଲେ ଚୋର। କମଳାକାନ୍ତ ଖଇରା ବଜାରର ସୁନା ବ୍ୟବସାୟୀ ହୋଇଥିବା ବେଳେ ତାଙ୍କର ଦୋକାନରେ ଲକର୍ ନଥିବାରୁ ସେ ଦୋକାନରୁ ଗହଣା ସବୁ ନେଇ ଘରକୁ ପଳାନ୍ତି ଏବଂ ପୁଣି ସକାଳୁ ଦୋକାନକୁ ନେଇକି ଆସନ୍ତି। ତାଙ୍କ ଅନୁପସ୍ଥିତିରେ ଚୋରମାନେ ତାଙ୍କ ଘରେ ପଶି ସମସ୍ତ ସୁନା ଗହଣା ଲୁଟିନେବା ସହ ୭ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି। ଏ ବାବଦରେ କମଳାକାନ୍ତ ଖଇରା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଘଟଣାକୁ ଏକମାସ ବିତି ଯାଇଛି। ନ୍ୟାୟ ଆଶାରେ କମଳାକାନ୍ତ ଖଇରାରୁ ଆସି ବାଲେଶ୍ୱର ଏସପିଙ୍କୁ ଦେଖା କରି ନିଜ ଅଭିଯୋଗ ଜଣାଇବାକୁ ଆସିଥିଲେ। ମାତ୍ର ଏସପିଙ୍କ ଅନୁପସ୍ଥିତି ଯୋଗୁଁ ଶେଷରେ ନିରାଶ ହୋଇ ଡ୍ରପ ବକ୍ସରେ ଅଭିଯୋଗ ପକାଇ ଫେରିଥିଲେ। ଚୋରି ଘଟଣା ମାସେ ହେଲାଣି ଏପର୍ଯ୍ୟନ୍ତ ଖଇରା ପୁଲିସ କୌଣସି ପଦକ୍ଷେପ ନେଉନାହାନ୍ତି। ମୋର ଦେଢ଼ କୋଟି ଟଙ୍କାର ସାମଗ୍ରୀ ଚୋରି ହୋଇଛି। ପ୍ରାୟ ସାଢ଼େସାତ ଲକ୍ଷ ନଗଦ ଟଙ୍କା, ୧୫ କେଜି ରୁପା, ଏକ କେଜି ସୁନା ଥିଲା। ମୁଁ ଏସପିଙ୍କ ପାଖରେ ଦ୍ୱାରସ୍ଥ ହୋଇଛି, ସେ ଠିକ ରେ ତଦନ୍ତ କରି ମୋତେ ନ୍ୟାୟ ଦେଲେ ମୁଁ ଉପକୃତ ହେବି ବୋଲି କମଳାକାନ୍ତ ସାହୁ କହିଛନ୍ତି।



## ସୋରକୁ ଉପଖଣ୍ଡ ମାନ୍ୟତା ଦାବି

ସୋର, ୯।୯ (ସମିସ): ସୋରକୁ ସବଡିଭିଜନର ମାନ୍ୟତା ପାଇଁ ଦିର୍ଘ ବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସମସ୍ତ ପ୍ରକାର ଭିତ୍ତିଭୂମି ସାଙ୍ଗକୁ ସ୍ଥାନ ନିରୁପଣ କରାଯାଇଥିଲେ ମଧ୍ୟ ସରକାରଙ୍କ ଟାଳଟୁଳ ନିତି ଓ ରାଜନୈତିକ ଦୃଷ୍ଟିକୋଣର ଅଭାବ ପାଇଁ ସୋର ବାସୀଙ୍କର ଏହି ଦାବି ପୂରଣ ହୋଇନପାରିବା ଚିନ୍ତାର ବିଷୟ। ବାହାନଗା, ଖଇରା ଓ ସିମୁଳିଆ ବ୍ଲକର କେନ୍ଦ୍ରବିନ୍ଦୁ ସୋର ହୋଇଥିବା ବେଳେ ଉପଖଣ୍ଡ ସ୍ତରୀୟ ସମସ୍ତ କାର୍ଯ୍ୟାଳୟ ସାଙ୍ଗକୁ ଯାତାୟତଠାରୁ ଆରମ୍ଭ କରି ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟାପକ ସୁବିଧା ଥିବାରୁ ସୋରରେ ସବଡିଭିଜନ ହେଲେ ସୋର ସମେତ ତିନୋଟି ବ୍ଲକର ଲୋକେ ଉପକୃତ ହୋଇପାରିବେ। ତେଣୁ ସୋରକୁ ଯଥାଶିଘ୍ର ସବଡିଭିଜନର ମାନ୍ୟତା ଦେବାର ଦାବି ନେଇ ଆଜି ମଧ୍ୟାହ୍ନରେ ଅନନ୍ତପୁର ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ସେଠାରେ ଉପସ୍ଥିତ କମିଟିର ସଦସ୍ୟମାନେ ବିସ୍ତୃତ ଆଲୋଚନା କରିବା ପରେ ଏହି ଦାବିପତ୍ର ସୋର ବିଡିଓ ସତ୍ୟନାଥ ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଜଗନ୍ନାଥ ମନ୍ଦିର କମିଟିର ସଭାପତି ନିତ୍ୟାନନ୍ଦ କର, ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ବିଜୟ କୁମାର କର, ବିରଞ୍ଚି ନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବାରିକ, ପ୍ରଦିପ କୁମାର, ଚିତ୍ତରଞ୍ଜନ ଦାଶ, ବସନ୍ତ କୁମାର କର, ବୁଦ୍ଧିରାମ ପରିଡା, ପିତବାସ ପୁହାଣ, ବଂଶୀଧର ପାଣିଗ୍ରାହୀ, ଜଗନ୍ନାଥ ଶଙ୍ଖୁଆ, ପ୍ରଶନ୍ନଜିତ ପଟ୍ଟନାୟକ, ରମାକାନ୍ତ ଶେଣ, ରବିନ୍ଦ୍ର ମହାନ୍ତି, ସୁଧାଂଶୁ ଶେଖର କର, ନକୁଳ ଚରଣ କର, ଅଭୟ କୁମାର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଜିତ ମଜୁମଦାରଙ୍କ ଆଶୁ ଆରୋଗ୍ୟ କାମନା କରି ଚନ୍ଦନେଶ୍ୱର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ

ଚନ୍ଦନେଶ୍ୱର/ଭୋଗରାଇ, ୯।୯ (ସମିସ): ଓଡ଼ିଶାର ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କ ଆଶୁ ଆରୋଗ୍ୟ କାମନା କରି ତ୍ରିଶା ମ୍ୟୁଜିକାଲ ନାଇଟ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦନେଶ୍ୱରଙ୍କର ମନ୍ଦିର ସମ୍ମୁଖରେ ସମବେତ କଳାକାରମାନଙ୍କ ତରଫରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ମନ୍ଦିରର ମୌରସୀ ତପନ ପଣ୍ଡା, ଆବାହକ ତ୍ରିଶା ମ୍ୟୁଜିକାଲ ନାଇଟର ନିର୍ଦ୍ଦେଶକ ସଂଜୀବ କୁମାର ଦାସ, ସାମ୍ବାଦିକ ସୁବାସ ଦାସ, ଭଗବାନ ଚନ୍ଦ୍ର ବେହେରା, ଜଗନ୍ନାଥ ଗିରି, ବନମାଳୀ ବେହେରାଙ୍କ ସମେତ କଳାକାର ଶୁଭାଶିଷ ଦାସ, ଜିତେନ୍ଦ୍ର ସିଂ, ଜ୍ୟୋତି ପ୍ରକାଶ ଭୂୟାଁ, ନମ୍ରତା ପାତ୍ର, ଉଷା ଦାସ, ରବି ଧଳ, ପ୍ରକାଶ ମଣ୍ଡଳ, ନିଶିକାନ୍ତ ଖଟୁଆ, ସୁବାସ ମିର୍ଦ୍ଧା, ଉମାକାନ୍ତ ଘଡ଼ାଇ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜମାଳପୁର ବାଇପାସ୍‌ରେ ପୁଣି ଲୁଟ୍‌ପାଟ୍

ଜଳେଶ୍ୱର ବ୍ଲକ, ୯।୯ (ସମିସ) : ୬୦ ନମ୍ବର ଜାତୀୟ ରାଜପଥ ପାଲଟି ଯାଇଛି ଛିନ୍ତାଇ ଓ ଚାନ୍ଦା ଆଦାୟରେ ପ୍ରମୁଖ ପେଣ୍ଠ ସ୍ଥଳୀ। ଗତ କାଲି ଅଗ୍ରୱାଲ ଛକ ନିକଟରେ ଲୁଟେରା ମାନେ ଜଳେଶ୍ୱର ଅଞ୍ଚଳର କାର୍ଯ୍ୟରତ ଆର୍ ଆଇ ନିଶିକାନ୍ତ ସିଂଙ୍କଠାରୁ ମୁଣ୍ଡରେ ଆଘାତ ଦେଇ ୧୦ ହଜାର ଟଙ୍କା ଓ ସୁନା ଚେନ ଲୁଟ କରିଥିବା ବେଳେ ଆଜି ତିନି ଜଣ ଦୁର୍ବୃତ୍ତ ଜମାଳପୁର ବାଇପାସ୍ ନିକଟରେ ପ୍ରସାଦ କୁମାର ପଣ୍ଡା ନାମକ ବ୍ୟକ୍ତି ମନୋଜ ଏଣ୍ଟର ପ୍ରାଇଜେସ ମେଡିସିନ କମ୍ପାନୀର କଲେକ୍ସନ ଷ୍ଟାଫ୍ ଭାବେ ଚନ୍ଦନେଶ୍ୱର ଅଞ୍ଚଳରୁ ୧ଲକ୍ଷ ୨୦ ହଜାର ଟଙ୍କା ସାଙ୍ଗକୁ ୮ଟି ମେଡିସିନ ଦୋକାନର ଚେକ୍ ନେଇ ବାଲେଶ୍ୱର ଅଭିମୁଖେ ଫେରୁଥିବା ସମୟରେ ଜଳେଶ୍ୱର ଜମାଳପୁର ବାଇପାସ୍ ନିକଟରେ ସନ୍ଧ୍ୟା ୫ ଘଟିକା ସମୟରେ ତିନି ଜଣ ଯୁବକ ଏକ ସ୍କୁଟିରେ ଆସି ପଛପଟୁ ତାଙ୍କ ଗାଡ଼ିକୁ ଗୋଇଠା ମାରି ତଳେ ପକାଇ ପରେ ଟଙ୍କା ମୁଣ୍ଡରେ ବନ୍ଧୁକ ଓ ଛୁରୀ ଦେଖାଇ ଲୁଟ କରିଛନ୍ତି। ଉକ୍ତ ଯୁବକ ଜଳେଶ୍ୱର ଥାନରେ ଲିଖିତ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

ରାଜଘାଟ, ୯।୯ (ସମିସ): ୬୦ ନମ୍ବର ଜାତୀୟ ରାଜପଥର କୁଳିଦା ପଞ୍ଚାୟତର ଗୁଡ଼ିଖାଳ ପୋଲ ଉପରେ ଆଜି ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜୈନିକ ଯୁବକଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ସେଠାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ଶ୍ରୀ ବାରିକ ଘଟଣା ସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ୩୨୬/୨୫ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା




ନୀଳଗିରି, ୯।୯ (ସମିସ)

ନୀଳଗିରି ବ୍ଲକ ଅଧୀନ ଜାମୁଡ଼ିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖେଳପଡିଆରେ ବ୍ଲକ ସ୍ତରରେ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡକୁଦ ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଅତିଥି ପରିଚୟ ରୂପକ କୁମାର ପାସା କରିଥିବା ବେଳେ ଗୋଷ୍ଠୀ କ୍ରୀଡା ସଂଯୋଜକ ହାଜାମ ମାରାଣ୍ଡି ବ୍ଲକ କ୍ରୀଡାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସାଂସଦଙ୍କ ପ୍ରତିନିଧ କରୁଣାକର ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି କ୍ରୀଡା ସମାରୋହରେ ଅନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଜାମୁଡ଼ିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ମଣ୍ଡଳ, ନୀଳଗିରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ, ନୀଳଗିରି ବି.ଆର୍.ସି.ସି. ମିହିରି କୁମାର ଦାସ, ଜଡିଦା ଅର୍ଜୁନ ଆଚାର୍ଯ୍ୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରଛାତ୍ରୀ କ୍ରୀଡା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ଜଡିଦା ସିଆର୍‌ସିସି ବିଶ୍ୱଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ୧୯ କ୍ଲଷ୍ଟରରୁ ପାଖାପାଖି ଏକ ହଜାର ପିଲା ଭାଗ ନେଇଥିବା ବେଳେ ୧୫୦ ପିଲା ଜିଲ୍ଲା ସ୍ତରକୁ ଯିବେ।

## ଭାଗନେଲେ ୧୪୦ ବିଦ୍ୟାଳୟର ୫୦୦ ଛାତ୍ରଛାତ୍ରୀ



ଖଇରା, ୯।୯ (ସମିସ): ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ସୋମ ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଏହି ୨ଦିନିଆ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ୧୪୦ ବିଦ୍ୟାଳୟରୁ ଆସିଥିବା ୫ଶହ ପିଲା କବାଡି, ଖୋଖୋ, ଭଲିବଲ, ଯୋଗ, ଚେସ୍, ଫୁଟବଲ, ବ୍ୟାଡମିଣ୍ଟନ, କ୍ରିକେଟ, ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ ଇତ୍ୟାଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଡିଓ ନାରାୟଣ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଖଇରା ହାଇସ୍କୁଲ ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ କୁମାର ଦାଶ, କ୍ରୀଡା ସମ୍ପାଦକ ଲକ୍ଷ୍ମୀଧର ପରିଡା, ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟା ଅଧ୍ୟୟନ ସାଙ୍ଗକୁ ବୌଦ୍ଧିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସୁଶାନ୍ତ ମହାପାତ୍ର ଓ ସୁବାସ ସାହୁ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଖୁକନ ସେଠୀ, ଅଶୋକ ମହାନ୍ତି, ପ୍ରଶାନ୍ତ ପାଣିଗ୍ରାହୀ, ବିଦ୍ୟାଧର ଦାସଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସିଆରସିସି ପ୍ରମୁଖ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sl No.- 8753, dtd. 08.09.2025 before the Executive Magistrate, Jajpur, I, Pritipiyusa Nayak, Vill/Po- Nandipur, Dist.- Jajpur, Odisha here by declare that my Father's correct name is Akshya Kumar Nayak but in Passport bearing no. L8794894 my fathers name reflected as Akhasy Nayk. That both the names are one and same person.

# ବିଜେପୁରର ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ଉଦ୍‌ଯାପିତ

## ● ଭସାଣିରେ ସାମିଲ ୮ ଟି ମେଢ଼



ବିଜେପୁର, ୯।୯ (ସମିସ): ବରଗଡ଼ ଜିଲ୍ଲା ବିଜେପୁରର ପ୍ରସିଦ୍ଧ ଅନନ୍ତ ବ୍ରତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ମଧ୍ୟପଡା, ତଳିପଡା, ଉପରପଡା, ମାଳପଡା, ଗାନ୍ଧୀ ପଡା, ଭୁଏପଡା, ବଜରଙ୍ଗ ଛକ, ମହାବୀର ଛକ ସମେତ ୮ ଟି ମୃଣ୍ମୟ ପ୍ରତିମୂର୍ତ୍ତିକୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ କର୍ମକର୍ତ୍ତାଗଣ ବିଶାଳ ରାଲିରେ ସହର ପରିକ୍ରମା କରିଥିଲେ। ଶାନ୍ତିଶୃଙ୍ଖଳା ସହିତ ଏହି ଶୋଭାଯାତ୍ରା ଗାନ୍ଧୀ ଛକ, ଗଙ୍ଗାଧର ଛକ, ଉପରପଡା, ଜଗନ୍ନାଥ ମନ୍ଦିର, ମାରୁତି ଛକ, ବସଷ୍ଟାଣ୍ଡ, ଶ୍ରୀରାମ ନଗର ଛକ ବାଟ ଦେଇ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜେ ବାଦ୍ୟ, ଘଣ୍ଟବାଦ୍ୟ, ରେକର୍ଡ ଡ୍ୟାନ୍ସ, କାର୍ଟୁନ୍ ଡ୍ୟାନ୍ସ, ଆଦିବାସୀ ନୃତ୍ୟ ସମେତ ବିଭିନ୍ନ ଲୋକନୃତ୍ୟ ସାମିଲ ହୋଇଥିଲା। ତଳିପଡା ମହୋତ୍ସବ କମିଟି ପକ୍ଷରୁ ମହାରାଜା ଜଳନ୍ଧରଙ୍କ ନଗର ଭ୍ରମଣକୁ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଶୋଭାଯାତ୍ରାକୁ ଉପଭୋଗ କରିବା ପାଇଁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ପରେ ଅନନ୍ତ ନାରାୟଣଙ୍କ ମୃଣ୍ମୟ ପ୍ରତିମାକୁ ଦାମୋଦର ପୋଖରୀରେ ଭାବପୂର୍ଣ୍ଣ ଭାବେ ବିଦାୟ ଦିଆଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ ହାଇସ୍କୁଲ ପଡିଆରେ ମୀନାବଜାର ସହିତ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଥିଲା।

## ● ପିପିଲିପାଲିରେ ନୃତ୍ୟ ପ୍ରତିଯୋଗିତା

ବିଜେପୁର: ଶ୍ରୀଶ୍ରୀ ଅନନ୍ତ ମହାପ୍ରଭୁଙ୍କ ପୂଜା ଅବସରରେ ବିଜେପୁର ବ୍ଲକ୍‌ର ବିଭିନ୍ନ ଗାଁ ଉତ୍ସବମୁଖର ହୋଇ ଉଠିଥିଲା।



ବ୍ଲକ୍ ଅଧୀନ ସାଇପାଲି, ପିପିଲିପାଲି, ପଡା, ଲାଉମୁଣ୍ଡା, ଏମଶ୍ରିଗିଡା ପ୍ରମୁଖ ଗାଁ ମାନଙ୍କରେ ନୀତି ନିଷ୍ଠାର ସହିତ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟକୃଷ୍ଣ ଦଣ୍ଡସେନା ବିଜେପୁରର ସମସ୍ତ ମେଢ଼ ତଥା ପୂଜା ଅନୁଷ୍ଠିତ ହେଉଥିବା ଗାଁ ଗୁଡିକ ଯାଇ ଭଗବାନଙ୍କ ଦର୍ଶନ କରିଥିଲେ। ଏହି ଉପଲକ୍ଷେ ପ୍ରତ୍ୟେକ ଗାଁରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିପିଲିପାଲି ଗାଁରେ ନୃତ୍ୟ ପ୍ରତିଯୋଗିତା ହୋଇଥିବା ବେଳେ କିଶୋର ପାତ୍ର, ପଙ୍କଜ ଭୋଇ, ପ୍ରେମରାଜ ଡନସେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନିଲ ତରିଆ, ଅନ୍ୱେଷା ଶତପଥୀ, ସୁରେଶ ସାହୁ, କୃଷ୍ଣ ଚନ୍ଦ୍ର ନାଏକ, ଶେଷ ମେହେର, ନିକୁ ପଟେଲ, ପପୁ ପାଣୀଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

# ବରଗଡ଼ ନାଗରିକ ସୁରକ୍ଷା ସଂଘ ଗଠିତ



ବରଗଡ଼, ୯।୯ (ସମିସ): ବରଗଡ଼ ସହରରେ ଜିଲ୍ଲା ପ୍ରଶାସନ ତରଫରୁ ବେଆଇନ ଉଚ୍ଛେଦ ତଥା ଅନ୍ୟାନ୍ୟ ଅନ୍ୟାୟ ପୂର୍ଣ୍ଣ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ବରଗଡ଼ ନାଗରିକ ସୁରକ୍ଷା ସଙ୍ଘ ଗଠନ କରାଯାଇଛି। ଅସ୍ଥାୟୀ ଭାବେ ସଂଘର ଆବାହକ ଭାବେ ଆଇନଜୀବୀ ଲିପ୍ସିତ ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ନିପନ ଦାସଙ୍କୁ ଉପଦେଷ୍ଟା, ସହରର ସମସ୍ତ ଅଞ୍ଚଳର ବିଭିନ୍ନ ବ୍ୟବସାୟିକ, ସାମାଜିକ ସଂଗଠନର ସଭାପତି ମାନଙ୍କୁ ସହ ଆବାହକ ଭାବେ ମନୋନୀତ କରାଯାଇଛି। ସଂଗଠନ ଆଗାମୀ ଦିନରେ ପ୍ରଶାସନର ବିଭିନ୍ନ ଅନ୍ୟାୟ ମୂଳକ କାର୍ଯ୍ୟକଳାପ ତଥା ସ୍ୱେଚ୍ଛାଚାରିତା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବ। ଏହାସହିତ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ସମନ୍ୱୟ ସ୍ଥାପନ କରି ଜିଲ୍ଲା ପ୍ରଶାସନର ଏତାଦୃଶ୍ୟ କାର୍ଯ୍ୟକଳାପ ବିଷୟରେ ଅବଗତ କରିବ। ଆବଶ୍ୟକ ସ୍ଥଳେ ସାମୂହିକ ସ୍ୱାର୍ଥ ପାଇଁ ଆଇନର ଆଶ୍ରୟ ନେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗ୍ରଗାମୀ ଯୁବକ ସଂଘର ସଭାଗୃହରେ ଅନୁଷ୍ଠିତ ସଭାରେ ସହରର ବିଭିନ୍ନ ସଂଘର ପ୍ରତିନିଧି ମାନଙ୍କ ସହିତ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅଞ୍ଚଳ ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଗୁରୁ ପୂଜନ ଉତ୍ସବ

ପଦ୍ମପୁର, ୯।୯ (ସମିସ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡ଼ିଆ ବିଭାଗର ବିଭାଗମୁଖ୍ୟ ଡ.ସରୋଜ ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଭାଗବତର ୨୪ଗୁରୁ ପ୍ରସଙ୍ଗ ଏବଂ ଓଡ଼ିଆ ସାହିତ୍ୟ ଭଣ୍ଡାରର ବହୁ ଉପାଦେୟ ତଥ୍ୟକୁ ଦୃଷ୍ଟାନ୍ତମୂଳକ ଭାବେ ବର୍ଣ୍ଣନା କରିଥିଲେ। ଗୁରୁ ଶିଷ୍ୟ ସମ୍ପର୍କ ଏକ ପବିତ୍ର ସମ୍ପର୍କ ଯାହା ଜୀବନବ୍ୟାପୀ ଅତୁଟ ରହିବା କଥା ବୋଲି ବିଭାଗର ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ, ଅଧ୍ୟାପକ ନିର୍ମଳ କୁମ୍ଭାର, ଅଧ୍ୟାପିକା ରୀନା ଧର୍ମବିନାୟକ, ଅଧ୍ୟାପକ କ୍ୟାପଟେନ ଜୟ ଭୁଏ, ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଛାତ୍ର କିରଣ ବାଗ, କମଳ ସାହୁ ଏବଂ ଛାତ୍ରୀ ଗୀତାଞ୍ଜଳି ସାହୁ କହିଥିଲେ। ଛାତ୍ରୀ ନିହାରିକା ଆଚାର୍ଯ୍ୟ ଏବଂ ପ୍ରିୟାଙ୍କା ବଡଗୁଛିୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ପ୍ରଶାସନ ବୁଝେ କେବଳ ଆନ୍ଦୋଳନର ଭାଷା

# ଲୋକଙ୍କ ଦ୍ୱାରା ରାସ୍ତା ମରାମତି ପରେ ଚେତିଲା ପ୍ରଶାସନ

ବରଗଡ଼, ୯।୯ (ସମିସ)



ବରଗଡ଼ ଭଟଲି ରାସ୍ତା ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପାଖ ଓଭର ବ୍ରିଜ ତଳେ ଦୀର୍ଘଦିନ ହେଲା ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଗତ ଅଗଷ୍ଟ ୧୯ ତାରିଖ ଦିନ 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା। ହେଲେ ସ୍ଥାନୀୟ ପ୍ରଶାସନ ଭ୍ରୂକ୍ଷେପ କରିନଥିଲା। ଯାହାକୁ ନେଇ ଜିଲ୍ଲା ପ୍ରଶାସନକୁ ଜନଅସନ୍ତୋଷର ଶିକାର ହେବାକୁ ପଡିଥିଲା। ଉକ୍ତ ରାସ୍ତା ବରଗଡ଼ ସହରରୁ ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ବେଳେ ପ୍ରତ୍ୟକ ଦିନ ଶତାଧିକ ଆମ୍ବୁଲାନ୍ସ, ଛାତ୍ରଛାତ୍ରୀ ବିଭିନ୍ନ ଗାଁ ମାନଙ୍କରୁ ଲୋକେ ଯିବା ଆସିବା କରୁଥିଲେ। ଏପରିକି ପଡୋଶୀ ରାଜ୍ୟ ଛତିଶଗଡର ରାୟଗଡ ଜିଲ୍ଲାକୁ ମଧ୍ୟ ସଂଯୋଗ କରିଥାଏ। ଏଣୁ ଉକ୍ତ ରାସ୍ତାରେ ପ୍ରତ୍ୟକ ଦିନ ହଜାର ହଜାର ଲୋକ ଯିବା ଆସିବା କରୁଥିଲେ ମଧ୍ୟ ଦୀର୍ଘଦିନ ଧରି ରାସ୍ତାରେ ଖାଲଖମା ସୃଷ୍ଟିହୋଇ ପ୍ରାୟ ଦୁଇରୁ ତିନିଫୁଟ ପାଣି ଜମାହୋଇ ରହୁଥିଲା। ଯଦ୍ୱାରା ବାରମ୍ବାର ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲା। ଏହା ବିରୋଧରେ ସଂଯୁକ୍ତ କୃଷକ ସଂଗଠନ, ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର, କୋଶଳ ସେନା ସହିତ ସ୍ଥାନୀୟ ବାସିନ୍ଦା ପରସ୍ପର ମଧ୍ୟରେ ଚାନ୍ଦା ଆଦାୟ କରି ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ସହିତ ରାଜ୍ୟସ୍ତରରେ ବରଗଡ଼ ଜିଲ୍ଲା ପ୍ରଶାସନ ଅପଦସ୍ତ ହୋଇଥିଲା। ଏହାର ଠିକ ୪ ଦିନ ପରେ ଅର୍ଥାତ ମଙ୍ଗଳବାର ଦିନ ବରଗଡ଼ ପୂର୍ତ୍ତ ବିଭାଗ ତରଫରୁ ସେହି ରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ କରାଯାଇଛି। ତେବେ ପ୍ରଶାସନ କେବଳ ଆନ୍ଦୋଳନର ପରିଭାଷା ବୁଝେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍




ବରଗଡ଼, ୯।୯ (ସମିସ): ବରଗଡ଼ ଜିଲ୍ଲା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ୧୫ ତମ ବାର୍ଷିକ ଉତ୍ସବ ଏବଂ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲ୍ଲା ସଭାପତି ଆଶୁତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ସ୍ୱତନ୍ତ୍ର ଅତିଥି ଭାବେ ବରପାଲି ଫାର୍ମାସିଷ୍ଟ କଲେଜର ଚେୟାରମ୍ୟାନ ନରେନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ପ୍ରୀତମ ସିଂ, ମାମି ମିଶ୍ର, ପବିତ୍ର ଦେହେରୀ, ଡ.ଦିଲ୍ଲୀପ ପଣ୍ଡା, ଡ.ଯଶବୀର ସିଂ, କିଶୋର ଚନ୍ଦ୍ର ସାହୁ, ଗୋବିନ୍ଦ ପଣ୍ଡା, ମୁଖ୍ୟବକ୍ତା ସରୋଜ ଜେନା, ଚୈତନ୍ୟ ପୋଠାଳ ପ୍ରମୁଖ ମଞ୍ଚାସୀନ ଥିଲେ। ମହେଶ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆପ୍ରାଇଜ ଗ୍ରୁପ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଜଗଦୀଶ ଚନ୍ଦ୍ର ବେହେରା, ମିଟ କମ୍ପ୍ୟୁଟର ଚେୟାରମ୍ୟାନ ସରୋଜ ମାଝୀ, ମାହେଶ୍ୱରୀ ନର୍ସିଂହୋମ ଅଧ୍ୟକ୍ଷ ଫକୀର କର୍ଣ୍ଣଙ୍କୁ ସେବାଶ୍ରୀ ସମ୍ମାନ, ପଙ୍କଜ ଭୂଏ ଏବଂ ତରଣୀ ସେନ ସୁନାଙ୍କୁ କ୍ରୀଡାରତ୍ନ ସମ୍ମାନ, ସୀତାନାଥ ସାହୁ ଏବଂ ମଧୁସୂଦନ ଦାସଙ୍କୁ ସେବାରତ୍ନ ସମ୍ମାନ, ସାମ୍ବାଦିକ ମନୋଜ ମିଶ୍ର, ହର୍ଷ ବେହେରା, ସୁଦାମ ଭାଇନା, କ୍ଷମାନିଧି ବାଣ୍ଡୁକି, ରାଧେଶ୍ୟାମ ପଣ୍ଡା ଏବଂ ସମାଜସେବୀ ସଂଘମିତ୍ରା ପଟେଲ, ମିନୁ ହୋତା ଦାଶଶର୍ମା, ଦିବାକର ମାଝୀ, ଉମେଶ ପଧାନ ଏବଂ କବି ଜଟାଧାରୀ ପ୍ରଧାନ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁମନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଡିଓଙ୍କୁ ଜିପିଏଲ୍‌ଏଫ୍ କାର୍ଯ୍ୟନିର୍ବାହୀ ସଦସ୍ୟ ସଂଘର ଦାବିପତ୍ର

ଝାରବନ୍ଧ, ୯।୯ (ସମିସ): ବ୍ଲକ୍ ଜିପିଏଲଏଫ କାର୍ଯ୍ୟନିର୍ବାହୀ ସଦସ୍ୟ ସଂଘ ଝାରବନ୍ଧ ତରଫରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଏବଂ ବିପିଏମ ସତ୍ୟ କୁମ୍ଭାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରୀ ଚିଠି ନମ୍ବର ୫୨୨୯ରେ ଗତ ୪ ତାରିଖ କାର୍ଯ୍ୟନିର୍ବାହୀ ସଦସ୍ୟ ମାନଙ୍କ ନେତୃତ୍ୱ ପରିବର୍ତ୍ତନ କରାଯିବାର ଆଦେଶ ଆସିଛି। ଯାହାକୁ କାର୍ଯ୍ୟନିର୍ବାହୀ ସଦସ୍ୟ (ଇସି ମେମ୍ବର) ମାନେ ବିରୋଧ କରିଛନ୍ତି। ୫ ବର୍ଷ ହେଲା କାର୍ଯ୍ୟ କରି ଆସୁଛୁ, ପ୍ରଥମେ ବିନା ପାଉଣାରେ କାର୍ଯ୍ୟ କରି ସମସ୍ତ ବୈଠକ, ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛୁ ବୋଲି ସେମାନେ କହିଛନ୍ତି। ଏହାସହ ସ୍କୁଟର ଯୋଜନାରେ ସମସ୍ତ ଇସି ମେମ୍ବର ସ୍କୁଟର ନେଇଛନ୍ତି, ଯାହାର ଋଣ ପରିଶୋଧ ପାଇଁ ଅସୁବିଧା ହେବ ବୋଲି ମଧ୍ୟ କହିଛନ୍ତି। ସେମାନଙ୍କୁ ଯାତାୟାତ ଖର୍ଚ୍ଚ ପୂର୍ବରୁ ପ୍ରଦାନ କରାଯାଉଥିଲା କିନ୍ତୁ ଛଅ ମାସ ହେବ ତାହାକୁ ବନ୍ଦ କରି ଦିଆଯାଇଛି। ଇସି ମେମ୍ବରଙ୍କ ସ୍ଥାୟୀ ପରିବର୍ତ୍ତନ ନ କରି ଇସି ମେମ୍ବର ପଦବୀକୁ ସ୍ଥାୟୀ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୁମୀର ଗ୍ରାପ ସଭାନେତ୍ରୀ ଗୋପିକା ସାହୁ, ସମ୍ପାଦିକା ଯଶବନ୍ତି ସାହୁ, ଚଣ୍ଡୀଭଟା ଗ୍ରାପ ସଭାନେତ୍ରୀ ଦମୟନ୍ତୀ ପ୍ରଧାନ, ସମ୍ପାଦିକା ଜାନକୀ ଜଲଗତୀ, ଛୋଟଅନକି ଗ୍ରାପ ସଭାନେତ୍ରୀ ଇନ୍ଦୁମତୀ ସାହୁ, ସମ୍ପାଦିକା ସବିତା ହରିପାଳ, କୁର୍ଲୁପାଲି ଗ୍ରାପ ସମ୍ପାଦିକା ଉର୍ମିଳା ସାହୁ, ଭଇସାଦରହା ଗ୍ରାପ ସଭାନେତ୍ରୀ ଉମାବାଇ ପଟେଲ ସମ୍ପାଦିକା ବାସନ୍ତୀ ସିଦାର, କନ୍ଦାଡଙ୍ଗର ଗ୍ରାପ ସଭାନେତ୍ରୀ ଦୂଷିଲା ପଟେଲଙ୍କ ସହିତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



# କାଂସଡାରେ ଦକ୍ଷତା ତାଲିମ ସାର୍ଟିଫିକେଟ୍ ବଣ୍ଟନ

ପାଇକମାଲ, ୯।୯ (ସମିସ): ପାଇକମାଲ ବ୍ଲକ୍ କାଂସଡାରେ ଏଲଟିଆଇ ମାଇଣ୍ଡଟ୍ରି ପକ୍ଷରୁ ସିଲେଇ ଦକ୍ଷତା ତାଲିମ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏଲଟିଆଇ ମାଇଣ୍ଡଟ୍ରି ଜିତେନ୍ଦ୍ର ଘଙ୍ଘାସ, ମହାଶକ୍ତି ଫାଉଣ୍ଡେସନର ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ପରିବେଶ ବିଶେଷଜ୍ଞ ସ୍ମୃତିରଞ୍ଜନ ସେଠୀ, ପ୍ରୋଜେକ୍ଟ ମ୍ୟାନେଜର ସତ୍ୟଜିତ ଷଡଙ୍ଗୀ, ଆଇଭିଡିପି ଇଂ.ରାଜକିଶୋର ନାଏକ, ପାଇକମାଲ ବ୍ଲକ୍ ଅଧ୍ୟକ୍ଷା ଭାବନା ସିଂ, ପାଇକମାଲ ବ୍ଲକ୍ ଏବିପି ମଧୁସ୍ମିତା ବେହେରା ଓ କାଂସଡା ସରପଞ୍ଚ କ୍ଷୀରବତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତିନି ମାସ ଧରି ଚାଲିଥିବା ସିଲେଇ ଦକ୍ଷତା ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ




ଗାଁ ଝିଅମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ଥାନୀୟ ସ୍ତରରେ ନିଜର କାର୍ଯ୍ୟସୂଚନାରେ ଯୋଗ ଦେବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ସେହିପରି ଝିଟିକି ଗାଁରେ ଥିବା ମଡେଲ ନର୍ସରୀ ଅଧିକାରୀମାନେ ପରିଦର୍ଶନ କରିଥିଲେ। ଏହାସହ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକଳାପକୁ ମଧ୍ୟ ପରିଦର୍ଶନ କରିଥିଲେ। ଏଥିରେ ମହାଶକ୍ତି ଫାଉଣ୍ଡେସନ ପାଇକମାଲ ବ୍ଲକ୍‌ର ସିଆରପିମାନଙ୍କ ସମେତ ସହସଂଯୋଜକ ଅଜିତ ପୁଟା, ନଟବର ପ୍ରଧାନ, ଅତିରିକ୍ତ ଇଂ.ସୁମନ୍ତ ନାଏକ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁ ଧନ୍ୟବାଦ ଦେଇଥିଲେ।

# ବରଗଡ଼ରେ ଘନଉଛି ଜବରଦଖଲ ଉଚ୍ଛେଦ ବିବାଦ



## ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଦାବି

ବରଗଡ଼, ୯।୯ (ସମିସ): ବରଗଡ଼ରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ଚର୍ଚ୍ଚା ଏବେ ଜୋର ଧରିଛି। ଲେଙ୍ଗୁ ମିଶ୍ର ଛକରୁ ଥାନା ଛକ ମଧ୍ୟରେ ଥିବା ବଡ ବଡ କୋଠା, ବିଲଡିଂ, ମାର୍କେଟ କମ୍ପ୍ଲେକ୍ସକୁ ଜିଲ୍ଲା ପ୍ରଶାସନ ଉଚ୍ଛେଦ କରିବାରେ ସଫଳହୋଇ ଥିବା ବେଳେ ବହୁ ପ୍ରତିକ୍ଷୀତ ବରଗଡ଼ର ଜନଗହଳି ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ପ୍ରଶାସନ ଜବରଦଖଲ ଉଚ୍ଛେଦ ତୁରନ୍ତ କରୁ ବୋଲି ବରଗଡ଼ ନାଗରିକ ମଞ୍ଚ ଦାବି କରିବା ସହ ପ୍ରତିବାଦ କରିଛି। ମଙ୍ଗଳବାର ଲେଙ୍ଗୁ ମିଶ୍ର ଛକ ଠାରେ ଏହି ପ୍ରତିବାଦ ସଭାରେ ଅନେକ ସାମାଜିକ ସଂଗଠନ ଯୋଗ ଦେଇ ବରଗଡ଼ର ବୃହତ୍ତର ସ୍ୱାର୍ଥକୁ ପୂରଣ କରାଯାଉ ବୋଲି କହିଥିଲେ। ଗୋଟିଏ ପଟେ ସୌନ୍ଦର୍ଯ୍ୟକରଣ ଆଳରେ ଜବରଦଖଲ ଉଚ୍ଛେଦକୁ ପ୍ରଶାସନ ତ୍ୱରାନ୍ୱିତ କରିଥିବା ବେଳେ ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜରାସ୍ତାକୁ କାହିଁକି ଅଣଦେଖା କରୁଛ ବୋଲି ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରାଫ ଅଭିଯୋଗ କରିଛନ୍ତି। ତୁରନ୍ତ ଉଚ୍ଛେଦ କାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ଆଇନଜୀବୀ ରମେଶ ପତି, ସାମ୍ବାଦିକ ବୀରେନ୍ଦ୍ର ପ୍ରଧାନ, ସୁଶାନ୍ତ ସାହୁ, ଅଶ୍ୱିନୀ ସରାଫ, ନିଖିଳ ପାଣିଗ୍ରାହୀ, ମାମୁଲୁ ମହାପାତ୍ର, ଶୟନ ପଣ୍ଡା, ବିମଲ ସିକ୍କା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବୈତାଳି କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଝାରବନ୍ଧ, ୯।୯ (ସମିସ): ଝାରବନ୍ଧ ବ୍ଲକ୍ ଅଧୀନ ବୈତାଳି କ୍ଲଷ୍ଟର ସିଆରସିସି ଭାବେ ଦିବସ ସାହୁ କାମ କରୁଛନ୍ତି। ପାଠପଢ଼ା ଠାରୁ ଆରମ୍ଭ କରି ଖେଳକୁଦ, କଳା ସଂସ୍କୃତି ସବୁକୁ ଆଗକୁ ନେବା ପାଇଁ ତାଙ୍କର ଉଦ୍ୟମ ବେଶ ପ୍ରଶଂସନୀୟ। ମଙ୍ଗଳବାର ଅମଠି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚଳିତ ଆର୍ଥିକ ବର୍ଷର କ୍ଲଷ୍ଟର ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିଆରସିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଅମଠି ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପା ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବୈତାଳି କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପିଲାମାନଙ୍କ ଏବଂ ଗୁରୁଜନଙ୍କ ପରିଧାନ। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ଲବ୍ ନାଁରେ ଖେଳ ଖେଳିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନୂଆଁ ଜର୍ସି ଏବଂ ଜୋତା ପିନ୍ଧିଥିଲେ। ଗତବର୍ଷ ଖେଲୋ ଇଣ୍ଡିଆ କ୍ରୀଡା ଅନୁଦାନକୁ ବୈତାଳି କ୍ଲଷ୍ଟର ସିଆରସିସି ସୁବିନିଯୋଗ କରି ଏହାକୁ ସୁନିଶ୍ଚିତ କରିଥିଲେ। କ୍ଲଷ୍ଟରରେ କେବଳ ଦୁଇଜଣ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବେଳେ ଶ୍ରୀ ସାହୁଙ୍କ ଉଦ୍ୟମ କ୍ରମେ ପ୍ରତ୍ୟେକ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକମାନଙ୍କୁ ତାଲିମ ବ୍ୟବସ୍ଥା କରିଥିଲେ। ଆଜି ସେହି ଶିକ୍ଷକ ମାନେ ମଧ୍ୟ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ସାହୁ ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ନୂତନ ଟିସାର୍ଟ ବ୍ୟବସ୍ଥା ମଧ୍ୟ କରିଥିଲେ। ପ୍ରତିଯୋଗିତାକୁ ସମ୍ପନ୍ନ କରିବାରେ ସହଯୋଗ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଗଣ ସହଯୋଗକ କରିଥିଲେ।

# ସନ୍ଦେହ ଘେରରେ ହେମନ୍ତର ମୃତ୍ୟୁ

ବରପାଲି, ୯।୯ (ସମିସ): ବରପାଲି ବ୍ଲକ୍ ବୁରୋମୁଣ୍ଡା ଗାଁରେ ଜନୈକ ଯୁବକର ମୃତଶରୀର ପୁଲିସ ସହାୟତାରେ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ବୁରୋମୁଣ୍ଡା ଗାଁର ଭାନୁ ସୁନ୍ଦର ମେହେରଙ୍କ ବଡ ପୁଅ ହେମନ୍ତ ମେହେର(୧୯)ଙ୍କ ମୃତଶରୀର ତାଙ୍କର ନିଜ ଧାନଖଳା ଅସ୍ଥାୟୀ ଘରେ ପଡିଥିବା ଗ୍ରାମବାସୀ ଓ ପରିବାର ଲୋକେ ମଙ୍ଗଳବାର ସକାଳୁ ଦେଖିଥିଲେ। ପରେ ପରିବାର ଲୋକେ ବିଜୟପଲ୍ଲୀ ଫାଣ୍ଡି ଅଧିକାରୀ ଓ ବରପାଲି ଥାନାଧିକାରୀ ଜୟାରଶ୍ମି ସେଠୀଙ୍କୁ ଜଣାଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳର ସହାୟତା ନେଇଥିଲେ। ପୁଲିସ ମୃତଶରୀରକୁ ଉଦ୍ଧାର କଲାପରେ ବ୍ୟବଚ୍ଛେଦ ପାଇଁ ବରଗଡ଼କୁ ପଠାଇଥିଲା।

# ଜିଲ୍ଲା କୃଷି ବିଭାଗରେ ୨୨ଲକ୍ଷ ଟଙ୍କାର ଦୁର୍ନୀତି

ପଦ୍ମପୁର, ୯।୯ (ସମିସ)




## କିରାଣି ଗିରଫ, ପିଅନ ଫେରାର୍

ପଦ୍ମପୁର ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟରେ ବଡ଼ ରକମର କେଳେଙ୍କାରୀ ସାମ୍ନାକୁ ଆସିଛି। ଏହି ଅଫିସ୍‌ର ବରିଷ୍ଠ କିରାଣି ଓ ପିଅନ ମିଶି ଲକ୍ଷାଧିକ ଟଙ୍କା ଉଠାଇ ନେଇଥିବା ପଦ୍ମପୁର ଥାନାରେ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା ଲିଖିତ ଅଭିଯୋଗ କରିଛନ୍ତି। ପଦ୍ମପୁର ବରିକେଲରେ ଥିବା ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ବରିଷ୍ଠ କିରାଣି କ୍ଷିରୋଦ୍ର ଗତ ଜୁଲାଇ ୨୨ରେ ବିଲ ନମ୍ବର ୨୩ରେ ୧୪ଲକ୍ଷ ୬୦ହଜାର ୧୦ ଟଙ୍କା ଓ ଜୁନ ୧୧ରେ ୮ ଲକ୍ଷ ୨୪ହଜାର ୨୨୫ଟଙ୍କା; ଏହିପରି ମୋଟ ୨୨ଲକ୍ଷ ୩୦ ହଜାର ୨୨୫ ଟଙ୍କା ପିଅନ ରୂପକ ସାହୁର ଏଚଡିଏଫସି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏହି ଘଟଣା ପଦ୍ମପୁର ସବ ଟ୍ରେଜେରୀରୁ ଜିଲ୍ଲା କୃଷି ଅଧିକାରୀ ପଣ୍ଡା ଜାଣିବା ପରେ ଗତ ୫ ତାରିଖରେ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପଦ୍ମପୁର ଥାନା ପୁଲିସ ମାମଲା ରୁଜୁ କରି କିରାଣି କ୍ଷୀରୋଦ୍ରକୁ ବରିକେଲ ଅଫିସ ବାସଭବନରୁ ଗିରଫ କରି କୋର୍ଟଚାଲାଣ କରିଛି। ମାତ୍ର ପିଅନ ରୂପକ ଫେରାର ଥିବା ପୁଲିସ ସୂତ୍ରରୁ ପ୍ରକାଶ। ଉଭୟ କିରାଣି ଓ ପିଅନ ଅଗଷ୍ଟ ୧୧ରୁ ଅଫିସକୁ ଆସୁ ନଥିବା ଜଣାପଡିଛି। ତେବେ ଏ ସଂପର୍କରେ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ଅନାବନା ଲତାରେ ପରିପୂର୍ଣ୍ଣ ଟ୍ରାନ୍ସଫର୍ମର: ଗାଈଗୋରୁଙ୍କ ପ୍ରତି ବିପଦ



ପାଇକମାଲ, ୯।୯ (ସମିସ): ପାଇକମାଲ ବ୍ଲକ୍ ଜାମସେଠ ପଞ୍ଚାୟତ ନିକଟସ୍ଥ ସୋସାଇଟି ସାର୍ ଗୋଦାମ ନିକଟରେ ଦୁଇଟି ମୁକୁଳା ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ପରିସର ଅନାବନା ଗଛ ତଥା ଘାସ ଲତାରେ ପରିପୂର୍ଣ୍ଣ ଥିବାରୁ ବୁଲା ଗାଈଗୋରୁଙ୍କ ପ୍ରତି ବିପଦ ରହିଛି। ଟ୍ରାନ୍ସଫର୍ମର ପରିସରରେ ବାଡ ନଥିବାରୁ ଗାଈଗୋରୁ ଚରିବାକୁ ଗଲେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରେ ସମ୍ଭାବନା ରହିଛି। ଏପଟେ ଗାଁରେ କାଳୀପୂଜା ସମୟରେ ସେହି ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଥାଏ। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଟ୍ରାନ୍ସଫର୍ମର ଚତୁଃପାଶ୍ୱର୍କୁ ସଫାସୁତୁରା କରି ବାଡ ଦେବାକୁ ଦାବି କରିଛନ୍ତି। ସେହିପରି ଛିନ୍ଦେଇକେଲା ରାମଜୀ ମନ୍ଦିର ସମ୍ମୁଖରେ ମଧ୍ୟ ଟ୍ରାନ୍ସଫର୍ମର ମୁକୁଳା ହୋଇଥିବା ବେଳେ ନିକଟସ୍ଥ ପୋଖରୀ ପଟରେ ଥିବା ଗୋଟିଏ ଟ୍ରାନ୍ସଫର୍ମର ଅନାବନା ଗଛଲତାରେ ଭରି ରହିଛି। ବୁଲା ଗାଈଗୋରୁ ଚରିବାକୁ ଗଲେ ବିପଦ ସମ୍ଭାବନା ରହିଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ପିଅନ ଡେପୁଟେସନକୁ ନେଇ ଅସନ୍ତୋଷ

# ବିଦ୍ୟାଳୟକୁ ନ ଫେରାଇଲେ ଆନ୍ଦୋଳନ ଚେତାବନୀ

**ଗଣିଆ, ୯।୯ (ସମିସ):** ଗଣିଆରେ ଶିକ୍ଷା ବିଭାଗର ଅଜବ ନୀତି ପାଇଁ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଦ୍ୟାଳୟ ବଦଳରେ ଶିକ୍ଷା ବିଭାଗରେ କାର୍ଯ୍ୟ କରୁଛନ୍ତି। କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପିଏମ୍ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାକିରି କରୁଥିବା ଜଣେ ପିଅନ ସେହି ସ୍କୁଲରୁ ଦରମା ପାଉଥିବା ବେଳେ ଡ୍ୟୁଟି କରୁଛନ୍ତି ସ୍ଥାନୀୟ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ। ଦୀର୍ଘ ଦିନ ହେବ ତାଙ୍କୁ ଉକ୍ତ ବିଦ୍ୟାଳୟରୁ ଡେପୁଟେସନରେ ବିଭାଗୀୟ ଅଧିକାରୀ ନେଇଥିବା ବେଳେ ବିଦ୍ୟାଳୟରେ ପିଅନ ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୬ ଶହରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏହାର ପରିସର ମଧ୍ୟରେ ଛାତ୍ରୀନିବାସ ମଧ୍ୟ ରହିଛି। ଏଠାରେ ନିଯୁକ୍ତି ପାଇଥିବା ପିଅନ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଗଣିଆ ଶିକ୍ଷା ବିଭାଗକୁ ଡେପୁଟେସନରେ ପଠାଇ ଦିଆଯାଇଛି। ଗଣିଆ ହେଡକ୍ୱାର୍ଟର ବିଦ୍ୟାଳୟ ଭାବେ ପରିଗଣିତ ଉକ୍ତ ବିଦ୍ୟାଳୟରେ ଅନେକ ସମୟରେ ବ୍ଲକସ୍ତରୀୟ ବିଜ୍ଞାନମେଳାଠାରୁ ଆରମ୍ଭ କରି ଖେଳକୁଦ, ଶିଶୁ ମହୋତ୍ସବ ଆଦି ଅନୁଷ୍ଠିତ ହେଉଛି। ଏପରିକି ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବ୍ଲକର ଭିନ୍ନକ୍ଷମ ମେଳା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। କିନ୍ତୁ ଏହି ବିଦ୍ୟାଳୟରେ ପିଅନର ଆବଶ୍ୟକତା ଥିଲେ ମଧ୍ୟ ଜଣେ ବି ପିଅନ ନାହାନ୍ତି। ନୂତନ ପିଅନ ନିଯୁକ୍ତି କରିବା ଦୂରର କଥା, ଡେପୁଟେସନରେ ଥିବା ପିଅନଙ୍କୁ ମଧ୍ୟ ମୂଳ ବିଦ୍ୟାଳୟକୁ ଫେରାଯାଉନାହିଁ। ମଙ୍ଗଳବାର ଏନେଇ ବିଦ୍ୟାଳୟ ପରିସରରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ବୈଠକରେ ଆଲୋଚନା କରାଯିବା ସହିତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଯଦି ୭ ଦିନ ଭିତରେ ପିଅନ ଜଣଙ୍କୁ ମୂଳ ବିଦ୍ୟାଳୟକୁ ଫେରାଇ ନଅଣାଯାଏ ତେବେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ସଭାପତି ଦେବାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ବ୍ୟାଟେରି ଚାଳିତ ଆବର୍ଜନା ଗାଡ଼ି କିଣା ଅନିୟମିତତା

# ନେତା ଚୁପ୍, ପ୍ରଶାସନ ନିଦ୍ରାବିଷ୍ଟ

ନୟାଗଡ଼, ୯।୯ (ସମିସ)



ନୟାଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଅଳିଆ ଉଠାଇବା ପାଇଁ ବ୍ୟାଟେରି ଚାଳିତ ଯାନ କିଣାରେ ବ୍ୟାପକ କେଲେଙ୍କାରୀ କରାଯାଇଛି। ଏହି ଘଟଣାରେ ବିଭିନ୍ନ ଗଣମାଧ୍ୟମରେ ଲଗାତର ଖବର ପ୍ରକାଶ ପାଉଥିଲେ ମଧ୍ୟ ଏଯାଏଁ ପ୍ରଶାସନ କିମ୍ବା ରାଜନେତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆଜି ନୟାଗଡ଼ ବିକାଶ

- ■ ତଦନ୍ତ ଦାବି କଲା ନୟାଗଡ଼ ବିକାଶ ମଞ୍ଚ
- ■ କାର୍ଯ୍ୟାନୁଷ୍ଠାନ ନହେଲେ ଜନଆନ୍ଦୋଳନ

ମଞ୍ଚ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବି କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଦାବିପତ୍ର ଗ୍ରହଣ କରିଛନ୍ତି। ରିୟା ଏଣ୍ଟରପ୍ରାଇଜେସ୍ ନାମକ ସଂସ୍ଥାଠାରୁ ବିଭିନ୍ନ ବ୍ଲକ ପ୍ରଶାସନ ତିନିଗୁଣା ଦରରେ ଗାଡ଼ି କିଣିଛନ୍ତି। ଗାଡ଼ିର ବଜାର ଦର ୯୫ ହଜାରରୁ ୧ ଲକ୍ଷ ୧୦ ହଜାର ମଧ୍ୟରେ ହୋଇଥିବା ବେଳେ କେଉଁଭଳି ଭାବେ ଏହି ଗାଡ଼ି କ୍ରୟ କରାଯାଇଛି, ତାହାର ତଦନ୍ତ କରିବାକୁ ନୟାଗଡ଼ ବିକାଶ ମଞ୍ଚ ଦାବି କରିଛି। ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା ଦେଖାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ବିକାଶ ମଞ୍ଚ ଅଭିଯୋଗ କରିଛି।

ଏହି ଘଟଣାରେ ସାମିଲ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଉକ୍ତ ସଂସ୍ଥାଠାରୁ ବାଟମାରଣା ହୋଇଥିବା ଅର୍ଥକୁ ରିକୋଭରୀ କରିବାକୁ ଦାବି ହୋଇଛି। ବିକାଶ ମଞ୍ଚ ସଭାପତି ବସନ୍ତ ପଟ୍ଟନାୟକ, ତ୍ରିନାଥ ସାହୁ, ବୃନ୍ଦାବନ ପ୍ରଧାନ, ବସନ୍ତ ନାୟକ, ପ୍ରଶାନ୍ତ ଜେନା, ପ୍ରଫୁଲ ଖୁଣ୍ଟିଆ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ନୟାଗଡ଼ ଜିଲ୍ଲାର ଶତାଧିକ ପଞ୍ଚାୟତ ପାଇଁ ଏହି ଗାଡ଼ି କିଣାଯାଇଛି। ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ ବ୍ଲକର ଅନେକ ପଞ୍ଚାୟତ ପାଇଁ ଗାଡ଼ି କିଣାଯାଇଛି। ଏହି ଗାଡ଼ି କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଘଟଣା ସାମ୍ନାକୁ ଆସିବା ପରେ କିଛି ରାଜନୈତିକ ବ୍ୟକ୍ତି ଏହାକୁ ଚାପିବାକୁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ମିଳିଥିବା ସୂଚନାନୁସାରେ, କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ୭୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ସିଏଫ୍‌ସି ପାଣ୍ଠିରୁ ୩୦ ପ୍ରତିଶତ ଅର୍ଥ ବ୍ୟୟ କରାଯାଇଛି। ଗାଡ଼ି ଗୁଡ଼ିକୁ ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ମଧ୍ୟସ୍ଥତାରେ କିଣାଯାଇଛି। ଏହି ବ୍ୟକ୍ତି ଜିଲ୍ଲା ପରିଷଦର ଜୈନିକ ବରିଷ୍ଠ ଅଧିକାରୀ ଏବଂ କିଛି ରାଜନେତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କେଲେଙ୍କାରୀ କରିବାରେ ସମର୍ଥ ହୋଇଛନ୍ତି। ଏହି ଗାଡ଼ି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ନୟାଗଡ଼ ବିକାଶ ମଞ୍ଚ ଏହି ଘଟଣାରେ ଦାବିପତ୍ର ପ୍ରଦାନ କରିବା ପରେ କେଲେଙ୍କାରୀ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କରି ରହସ୍ୟ ଉନ୍ମୋଚନ ନକଲେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି।

## ୩ ଶିକ୍ଷୟିତ୍ରୀଙ୍କୁ ପଞ୍ଚସଖା ଶିକ୍ଷା ସେତୁ ସମ୍ମାନ

**ଖଣ୍ଡପଡ଼ା, ୯।୯ (ସମିସ):** ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପଞ୍ଚସଖା ଶିକ୍ଷା ସେତୁରେ ସମ୍ମାନିତ କରିଛନ୍ତି। ଏହି କ୍ରମରେ ଖଣ୍ଡପଡ଼ା ବ୍ଲକର ୩ ଜଣ ଶିକ୍ଷୟିତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡିଛି। ସେମାନେ ହେଲେ ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଯୋଗମାୟା ମହାପାତ୍ର ଓ ମନିଷା କୁମାରୀ ସେଠୀ। ସେହିପରି ବନମାଳିପୁର ପଞ୍ଚାୟତର ଅଧୀନ ବାସୁଦେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନାକ୍ଷୀ ହୋତା ମଧ୍ୟ ସମ୍ମାନିତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ ଏହି ପଞ୍ଚସଖା ଶିକ୍ଷା ସେତୁ ସମ୍ମାନ ପାଇଁ ତିନି ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରେ ଶୁଭେଚ୍ଛା ଜଣାଯାଇଛି।

## ଦେଶୀମଦ ସହ ସ୍କୁଟି ଜବତ; ଜଣେ ଗିରଫ

**ଖଣ୍ଡପଡ଼ା, ୯।୯ (ସମିସ):** ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଚଢ଼ଉ ବେଳେ ଏକ ସ୍କୁଟି ଯୋଗେ ଦେଶୀ ମଦ ନେଇ ଯାଉଥିବା ଜଣେ ଯୁବକକୁ କର୍ମଚାରୀମାନେ ଖଣ୍ଡପଡ଼ା ବାଇପାସ ରାସ୍ତାର ଇନଡୋର ଷ୍ଟାଡିୟମ ନିକଟରୁ ଗିରଫ କରିବା ସହ ୩୬ ଲିଟର ଦେଶୀମଦ ବୋଝେଇ ହୋଇଥିବା ନୀଳ ରଙ୍ଗର ସ୍କୁଟିଟିକୁ ଜବତ କରିଥିବା ଖଣ୍ଡପଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ଠାରୁ ପ୍ରକାଶ। ଗିରଫ ଯୁବକ ସାଧୁଆ ରାଉତ(୩୦)ର ଘର ଖଣ୍ଡପଡ଼ା ସହରର ୧ନଂ ୱାର୍ଡ ଅଧୀନ କରଡ଼ାବଣି ଗ୍ରାମରେ ବୋଲି ଜଣାପଡିଛି। ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଚଢ଼ଉ ଅଭିଯାନରେ ଏସ୍ଆଇ ଶ୍ରୀଜେନାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ପ୍ରକାଶଥାଉକି କରଡାବଣି ଗ୍ରାମରୁ ବାଇକ୍ ଯୋଗେ ଦେଶୀମଦ ଆଖପାଖ ଅଞ୍ଚଳକୁ ଚାଲାଣ ହେଉଥିବା ଖଣ୍ଡପଡ଼ା ଅବକାରୀ କାର୍ଯ୍ୟଳୟ ସୂତ୍ରରୁ ଜଣାପନିଛି।

### ନିର୍ମାଣ ହେଉଛି ଡିଏଭି ସ୍କୁଲ, ମଡେଲ ମଣ୍ଡି ଓ ଆଦିବାସୀ ହଷ୍ଟେଲ

# ଭାଲୁଖୋଲରୁ କେବେ ହଟିବ ଡମ୍ପିଂୟାର୍ଡ



**ନୟାଗଡ଼, ୯।୯ (ସମିସ):** ନୟାଗଡ଼ ସହର ଯେତିକି ବୃଦ୍ଧି ପାଉଛି ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିମାଣ ମଧ୍ୟ ବୃଦ୍ଧି ପାଉଛି। ପୌର ପରିଷଦ ପ୍ରତ୍ୟେକ ଦିନ ସଫେଇ କରି ଉକ୍ତ ଆବର୍ଜନାକୁ ନୟାଗ? ସଦରଥାନା ନିକଟସ୍ଥ ଭାଲୁଖୋଲଠାରେ ଗଦା କରୁଛି। ଭାଲୁଖୋଲକୁ ଡମ୍ପିଂୟାର୍ଡ ଭାବେ ଦୀର୍ଘଦିନ ଧରି ବ୍ୟବହାର କରାଯାଉଛି। ହଜାର ହଜାର ଟ୍ରିପ୍ ଆବର୍ଜନା ଗଦା ହୋଇ ଉକ୍ତ ସ୍ଥାନ ଓ ପରିବେଶ ଛାରଖାର ହେଉଛି। ବର୍ଜ୍ୟ ଗଦା ଉପରେ ବର୍ଷା ହୋଇ ସେଥିରୁ ବହି ଯାଉଥିବା ପାଣି ନିକଟସ୍ଥ ଜମିରେ ମାଡ଼ିବା ଦ୍ୱାରା ଅନେକ ଏକର ଜମିରେ ଆଉ ଫସଲ ହେଉନାହିଁ। ଖରାଦିନେ ସେଥିରେ ନିଆଁ ଲଗାଇ ଦିଆଯିବା ଦ୍ୱାରା ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଭାଲୁଖୋଲ ନିକଟରେ ଆଦର୍ଶ ଶ୍ମଶାନ ନିର୍ମାଣ ହୋଇଥିବା ବେଳେ ନିକଟରେ ଅନେକ କଲୋନୀ ମଧ୍ୟ ନିର୍ମାଣ ହୋଇ ସାରିଛି। ସ୍ଥାନୀୟ ବାସିନ୍ଦାମାନେ ଦିନରାତି ଘରର କବାଟ ଝରକା ବନ୍ଦ କରି ରହୁଛନ୍ତି। ପରିବେଶ ପ୍ରଦୂଷଣ ସ୍ଥାନୀୟ ଦୁଇ କିଲୋମିଟର ଅଞ୍ଚଳକୁ ବିଷାକ୍ତ କରୁଛି। ତଥାପି ପୌର ପରିଷଦ ବିକଳ୍ପ କଥା ଚିନ୍ତା କରୁନାହିଁ। ନୟାଗଡ଼ ସଦରଥାନାଠାରୁ କ୍ଷତ୍ରିବରପୁର ପର୍ଯ୍ୟାନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଛି। ଉକ୍ତ ଭାଲୁଖୋଲ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଶହେ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ ନିର୍ମାଣ କରାଯାଉଥିବା ବେଳେ ନୟାଗଡ଼ ଡିଏଭି ସ୍କୁଲ ନୂତନ କୋଠା ନିର୍ମାଣ ଚାଲିଛି। ଏହା ସହିତ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ମଡେଲ ମଣ୍ଡି ମଧ୍ୟ ନିର୍ମାଣ କରାଯାଉଛି। ଉକ୍ତ ଅଞ୍ଚଳ ୬ ମାସ ମଧ୍ୟରେ ଚଳଚଞ୍ଚଳ ହେବା ସହ ନୂଆ ନୟାଗଡ଼ ସ୍ଥାପନ ହେବ ବୋଲି ଅନୁମାନ କରାଯାଉଛି। କ୍ଷତ୍ରିବରପୁରଠାରେ ପୂର୍ବରୁ ବର୍ଜ୍ୟ ପୃଥକୀକରଣ କେନ୍ଦ୍ର, ଖତ ପ୍ରସ୍ତୁତ କେନ୍ଦ୍ର ଏବଂ ମଳ ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ ସରିଛି। ବଳରାମ ପାହାଡ଼ ପାଦଦେଶରେ ନୂଆ ନୟାଗଡ଼ ନିର୍ମାଣ ସହ ଅନେକ ସରକାରୀ କାର୍ଯ୍ୟାଳୟ ନିର୍ମାଣ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଦ୍ୱାରା ନୟାଗଡ଼ ସହରର କଳେବର ବୃଦ୍ଧି ପାଇବ ବୋଲି ଆଶା ରଖାଯାଇଛି। ଏସବୁକୁ ଦୃଷ୍ଟିରେ ରଖି ଭାଲୁଖୋଲଠାରେ ପୌର ପରିଷଦ ଦ୍ୱାରା କରାଯାଇଥିବା ଡମ୍ପିଂୟାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି। ପୌର ପରିଷଦ ସହରଠାରୁ ଦୂରରେ ରହିଥିବା ଅନ୍ୟ ସ୍ଥାନରେ ବର୍ଜ୍ୟ ତଥା ଆବର୍ଜନା ଗଦା କରିବା ବ୍ୟବସ୍ଥା କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ୍ ବିଦ୍ୟାଳୟ ଛାତ୍ରଛାତ୍ରୀ ସହ ସ୍ଥାନୀୟ ବାସିନ୍ଦା ପରିବେଶ ପ୍ରଦୂଷଣ ଦ୍ୱାରା କ୍ଷତି ସହିବେ। ପୌର ପରିଷଦ ପକ୍ଷରୁ ଡମ୍ପିଂୟାର୍ଡ ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି।

## ସାର ଅଭାବ ନେଇ ଚାଷୀ ଚିନ୍ତାରେ

ଗଣିଆ, ୯।୯ (ସମିସ): ଗଣିଆ ବ୍ଲକରେ ସାର ଅଭାବ ନେଇ ଚିନ୍ତାରେ ଅଛନ୍ତି ଚାଷୀକୂଳ। କୃଷି ସେବା ସମବାୟ ସମିତିରେ ସାର ଅଭାବ ଦେଖାଦେଇଥିବା ବେଳେ ଚାଷୀମାନେ ଜମିରେ ସାର ପକାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୈବିକ ସାର ଏକପ୍ରକାର ଲୋପ ପାଇବାକୁ ବସିଥିବା ବେଳେ ରସାୟନ ସାର ଉପରେ ଚାଷୀମାନେ ନିର୍ଭର କରୁଛନ୍ତି। ସାର ପ୍ରୟୋଗ ପରେ ହିଁ ଧାନଗଛର ଅଭିବୃଦ୍ଧି ଘଟିବ କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆବଶ୍ୟକୀୟ ସାର ମିଳୁନାହିଁ। ପ୍ରାଥମିକ କୃଷି ସମବାୟ ସମିତିରେ ସାର ନମିଳିବାରୁ ଚାଷୀମାନେ ବାଧ୍ୟ ହୋଇ ଚଢ଼ା ଦରରେ ବଜାରରୁ ସାର କିଣୁଛନ୍ତି। ସାର ଗୋଟିଏ ବସ୍ତାରେ ସରକାରୀ ଦର ଠାରୁ ୫ ଶହ ଟଙ୍କା ଅଧିକ ଦର ଦେଇ ଲୋକେ କ୍ରୟ କରୁଛନ୍ତି। କୃଷି ବିଭାଗ କଳା ବଜାରୀ ରୋକିବାରେ ଅସମର୍ଥ ପାଲଟିଛି। ଦିନକୁ ଦିନ ସମୟ ଅତିକ୍ରାନ୍ତ ହେଉଥିବା ବେଳେ ସରକାରଙ୍କର ଉଦାସୀନତାର କାରଣ ଜଣାପଡୁନାହି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀମାନଙ୍କୁ ସାର ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ପଲିଟେକ୍ନିକର ଶିକ୍ଷାଗତ ଓ ପ୍ରାଣାଳୀଗତ ମାନ ପରୀକ୍ଷା

**ଓଡ଼ଗାଁ, ୯।୯ (ସମିସ):** ଓଡ଼ଗାଁ ଠାରେ ଅବସ୍ଥାପିତ ନୟାଗଡ଼ ସରକାରୀ ପଲିଟେକ୍ନିକରେ କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ (କ୍ୟୁସିଆଇ) ଦଳ ପହଞ୍ଚି ସଂସ୍ଥାର ଶିକ୍ଷାଗତ ଓ ପ୍ରାଣାଳୀଗତ ମାନ ପରୀକ୍ଷା କରିଛନ୍ତି। ସେମାନେ ଲ୍ୟାବରେଟରୀ, କ୍ଲାସରୁମ୍, ୱାର୍କସପ୍ ଓ ପୁସ୍ତକାଳୟ ବୁଲି ଦେଖିବା ପରେ ଅଧ୍ୟକ୍ଷ, ଶିକ୍ଷକ, ଅନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ କରିବା ସହିତ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରିଥିଲେ। ଏବଂ ଗୁଣାତ୍ମକ ଶିକ୍ଷା, ଛାତ୍ର ସହାୟତା ପ୍ରଣାଳୀ ଓ ଆଧୁନିକ ସୁବିଧାବଳି ସବୁକୁ ବିଶ୍ଳେଷଣ କରି ଦକ୍ଷତା ମୂଳକ ଶିକ୍ଷା ଓ ପ୍ରାୟୋଗିକ ପ୍ରଶିକ୍ଷଣର ପ୍ରଚାର ପାଇଁ କଲେଜର ପ୍ରୟାସକୁ ସ୍ୱାଗତ କରିଥିଲେ। ଏଣୁ ଉକ୍ତ ଶିକ୍ଷାନୁଷ୍ଠାନ ନିର୍ଦ୍ଦିଷ୍ଟ ଗୁଣାତ୍ମକ ମାନ ପୂରଣ କରିବାରେ ସମର୍ଥ ହେବ। ଏହି ମୂଲ୍ୟାଙ୍କନ ପ୍ରଣାଳୀ ଶିକ୍ଷାନୁଷ୍ଠାନର ପୋଜିସନକୁ ସୁଦୃଢ କରିବା ସହିତ ଜିଲ୍ଲାରେ ଅନ୍ୟତମ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ ଖ୍ୟାତି ଅର୍ଜନ କରିପାରିବ।

## ରୋଟାରୀ ପକ୍ଷରୁ ରାଷ୍ଟ୍ର ନିର୍ମାତା ସମ୍ମାନ ପ୍ରଦାନ




**ନୟାଗଡ଼, ୯।୯ (ସମିସ):** ନୟାଗଡ଼ ରୋଟାରୀ କ୍ଲବ୍ ତରଫରୁ ବିଶ୍ୱ ସାକ୍ଷରତା ଦିବସ ତଥା ରାଷ୍ଟ୍ର ନିର୍ମାତା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବସିରନ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଚିତ୍ତରଞ୍ଜନ ପାଣ୍ଡେ ଯୋଗ ଦେଇଥିଲେ। କ୍ଲବ ସଦସ୍ୟ ରୋଟାରିଆନ୍ ପ୍ରସନ୍ନ କୁମାର ବସନ୍ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ କ୍ଲବର ଲିଟେର୍ସି କମିଟିର ଅଧ୍ୟକ୍ଷ ଶ୍ରୀକୁମର ରଥ ସଭାରେ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତ ବର୍ଷ ରୋଟାରୀ କ୍ଲବ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଚୟନ ହୋଇଥିବା ଆଠଟି ବ୍ଲକର ୮ ଜଣ ଆଦର୍ଶ ଶିକ୍ଷକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ନୟାଗଡ଼ ବ୍ଲକର ଗୋକୁଳ ଚନ୍ଦ୍ର ମାର୍ଥା, ଓଡ଼ଗାଁ ବ୍ଲକର ଦମୟନ୍ତୀ ପାତ୍ର, ନୂଆଗାଁ ବ୍ଲକର ନିରଞ୍ଜନ ଦାସ, ଦଶପଲ୍ଲା ବ୍ଲକର ସସ୍ମିତା ମହାପାତ୍ର, ଗଣିଆର ଭୋଳେଶ୍ୱର ସାହୁ, ଖଣ୍ଡପଡ଼ାର ସୁନୀତା ସାହୁ, ଭାପୁରର ସବିତା ମହାପାତ୍ର, ରଣପୁରର କୈଳାସ ଚନ୍ଦ୍ର ମାଝୀଙ୍କୁ ଚଳିତ ବର୍ଷର ନେସନ ବିଲ୍ଡର ଆୱାର୍ଡ ଦିଆଯାଇଥିଲା ବେଳେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ସାହୁଙ୍କୁ କ୍ଲବ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ୍ ପ୍ରବୀର କୁମାର ପୃଷ୍ଟି ସମ୍ବର୍ଦ୍ଧିତ ପ୍ରତିଭାଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ବହୁ ସଦସ୍ୟ ଯୋଗ ଦେଇଥିଲା ବେଳେ ସଂପାଦକ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱରେ ଓଡ଼ଗାଁ ପୁଅ



**ଓଡ଼ଗାଁ, ୯।୯ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମର ଶତ୍ରୁଘ୍ନ ପାଣିଗ୍ରାହୀ ଓଡ଼ିଶା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପତି ୬ ମାସ ନିମନ୍ତେ ଶତ୍ରୁଘ୍ନଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏବେ ସେ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀରେ ବେଦ ଓ ଉପନିଷଦ ବିଭାଗର ବିଭାଗୀୟ ମୁଖ୍ୟ ଭାବରେ କାର୍ଯ୍ୟରତ ଅଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମ ତୋଟାସାହିର ମୂଳବାସିନ୍ଦା ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ସଂସ୍କୃତ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅଧ୍ୟୟନ କରିବା ସହ ବିଶେଷ କରି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ "ବେଦ ଉପରେ ମହିଳାଙ୍କ ଅଧିକାର' ସମ୍ପର୍କରେ ଅଧ୍ୟାପନା ସହ ଗବେଷଣା ମଧ୍ୟ କରିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଓଡ଼ଗାଁ ବ୍ଲକ ତଥା ନିଜ ଗ୍ରାମ କୁରାଳରେ ପ୍ରଫେସର ପାଣିଗ୍ରାହୀଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି।

## ଉପକାରାଗାର ବନ୍ଦ ନିଷ୍ପତ୍ତି ସାମୟିକ ସ୍ଥଗିତ

**ଖଣ୍ଡପଡ଼ା, ୯।୯ (ସମିସ):** ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ପ୍ରାୟ ୮୭ ବର୍ଷର ପୁରୁଣା ଉପକାରାଗାରକୁ ନୟାଗଡ ସ୍ଥାନାନ୍ତର ନିମନ୍ତେ ଗତ ଜୁଲାଇ ୭ ତାରିଖରେ ଗୃହବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଘଟଣାକୁ ନେଇ ଏବେ ସାମୟିକ ଭାବେ ନିଷ୍ପତ୍ତି ସ୍ଥଗିତ ରହିଥିବା ଜଣାପଡିଛି। ତେବେ ଖଣ୍ଡପଡ଼ା ଉପକାରାଗାର ବନ୍ଦ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଖଣ୍ଡପଡ଼ା ସହରର ବିଭିନ୍ନ ସଂଗଠନ ସମେତ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଧାରଣା, ଅନଶନ ପରି ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯାଇଥିଲେ ହେଁ ପରିଶେଷରେ ସମ୍ପୂର୍ଣ୍ଣ ଭାବରେ ଉକ୍ତ ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡି ନଥିବା ଜଣାଯାଇଛି। ନୀଳଗିରି ଉପକାରାଗାର ପରି ଉକ୍ତ ଉପ କାରାଗାରଟି ଉଠିଯିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ସ୍ଥଗିତ ହୋଇନଥିବାରୁ ଏବେ ଜନସାଧାରଣ ସଂଶୟ ମଧ୍ୟରେ ଅଛନ୍ତି। ଗତକାଲି ଜେଲ ବିଭାଗ ପକ୍ଷରୁ ଜାରି ଚିଠିରେ ନିଷ୍ପତ୍ତିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇଛି।

## ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଶିବିର: ୩୭୬ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଓଡ଼ଗାଁ, ୯।୯ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ମେଡିକାଲ ଛକ ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ପରିଷଦ କାର୍ଯ୍ୟାଳୟଠାରେ କଟକ ଅର୍ବାନ ହସ୍ପିଟାଲ, ଅବସରପ୍ରାପ୍ତ କର୍ମଚାରୀ ପରିଷଦ ଏବଂ କୁରାଳ ଗ୍ରାମପଞ୍ଚାୟତର ମିଳିତ ସହଯୋଗରେ ଏକ ଚକ୍ଷୁଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୬୬ ଜଣଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଅପରାହ୍ନରେ କଟକ ପଠାଇ ଦିଆଯାଇଛି। ଏଥି ସହିତ ୧୨୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରାମେଶ୍ୱର ପଣ୍ଡା, ଉପସଭାପତି ରଜତ ମହାପାତ୍ର ଓ ସଂପାଦକ ମନୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟଙ୍କ ସମେତ ସଂଘର ବରିଷ୍ଠ ସଦସ୍ୟ ପବିତ୍ର ମୋହନ ମିଶ୍ର, ରାମକୃଷ୍ଣ ଦାସ, ଜଗନ୍ନାଥ ପ୍ରଧାନ, ଲକ୍ଷ୍ମଣ ସେନାପତି, ରବିନ୍ଦ୍ର ବେହେରା ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିବାସହିତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ଡାକ୍ତର ମହମ୍ମଦ ଜାଭେଦ, କ୍ୟାମ୍ପ ମ୍ୟାନେଜର ଚନ୍ଦ୍ରରାଜ୍ ଭଟ୍ଟ, ପ୍ରଶାନ୍ତ ବେହେରା ରୋଗୀମାନଙ୍କର ଡାଇବେଟିସ, ଆଖି ଓ ରକ୍ତଚାପ ପରୀକ୍ଷାମାନ କରାଇଥିଲେ।

### ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାରେ ଅନିୟମିତତା

# ନିମ୍ନମାନର କାର୍ଯ୍ୟ ଯୋଗୁଁ ଜଳୁନି ଲାଇଟ୍



ଖଣ୍ଡପଡ଼ା, ୯।୯ (ସମିସ)

ଖଣ୍ଡପଡା ସହରାଞ୍ଚଳର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାରେ ଅନିୟମିତତା ଏବଂ ମନମୁତାବକ କାର୍ଯ୍ୟ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସମସ୍ତ ୱାର୍ଡରେ ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତାରେ ଯେଉଁଠି ଦେଖିବ ସେଇଠି ନୂତନ ବିଦ୍ୟୁତ ଖୁଣ୍ଟ ପୋତାଯାଇ ଏଲ୍ଇଡି ବଲବ ଲଗାଯାଉଛି। ମାତ୍ର ଅଧିକାଂଶ ବିଦ୍ୟୁତ ଖୁଣ୍ଟରେ ସଞ୍ଜ ନଇଁଲେ ଆଉ ବଲବ ଜଳୁନାହିଁ। ରାତି ସାରା ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରାସ୍ତା ପୂରା ଅନ୍ଧାରରେ ରହୁଛି। ଖଣ୍ଡପଡା ଏନ୍ଏସି କର୍ତ୍ତୃପକ୍ଷ ଉପରୋକ୍ତ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ହେଁ ନୀରବଦ୍ରଷ୍ଟା ସାଜିଥିବା ଜଣାଯାଇଛି। ସହରାଞ୍ଚଳର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିବା ପଛରେ କିଛି ଅସାଧୁ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ନେଇ ସହରରେ ଆଲୋଚନା ହେଉଛି।

ଏଥିପ୍ରତି ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ଖଣ୍ଡପଡା ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେଉଥିଲେ ହେଁ ଅନୁଦାନ ଅର୍ଥ ଠିକଣା ବାଟରେ ବିନିଯୋଗ ନହୋଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ସେହିପରି ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିବା ପଛର କାରଣ ଜଳ ଜଳ ହୋଇଦିଶୁଛି। ବିଭିନ୍ନ ଅନାମଧେୟ କମ୍ପାନୀ ଠାରୁ ନିମ୍ନମାନର ବିଦ୍ୟୁତ ସାମଗ୍ରୀ, ଏଲ୍ଇଡି ବଲ୍ବ କ୍ରୟ କରାଯାଇ ବିଦ୍ୟୁତ ଖୁଣ୍ଟରେ ଲଗାଯାଉଥିବାରୁ କମ ଦିନରେ ଏଲ୍ଇଡି ବଲ୍ବ ଗୁଡିକ ଅକାମି ହୋଇପଡୁଥିବା ଜଣାପଡିଛି। ସହରର ଏକାଧିକ ବିଦ୍ୟୁତ ଖୁଣ୍ଟରେ ନାମକୁ ମାତ୍ର ଏଲ୍ଇଡି ଲାଇଟ ଗୁଡିକ ଲାଗିଛି। ମାତ୍ର ରାତିରେ ସେ ସବୁ ବଲ୍ବ ଗୁଡିକ ଜଳୁନାହିଁ। ଫଳରେ ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦି ରାସ୍ତା ପୂରା ଅନ୍ଧାରରେ ରହୁଛି। ସହରାଞ୍ଚଳର ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ଦୀର୍ଘ ୩୫ ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେବେ ସହରାଞ୍ଚଳର ଆଲୋକୀକରଣ ଯୋଜନାରେ ହୋଇଥିବା ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ନୟାଗଡ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଅଭିଯୋଗର ତଦନ୍ତ କରିବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି।

## ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଶରଣକୁଳ, ୯।୯ (ସମିସ):** ଶରଣକୁଳ ନିକଟସ୍ଥ ପଞ୍ଚିରିଡା ମାନପୁର ଲୋକ ନୋଡାଲ ବିଦ୍ୟାପୀଠ ପରିସରରେ ଆଜି ଶରଣକୁଳ ଜୋନର ଜୋନସ୍ତରୀୟ ଯୋଗ ସହିତ ଚେସ୍ ଓ ବ୍ୟାଡମିଣ୍ଟନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟପୀଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଜୋନର ସମ୍ପାଦକ ଦାମୋଦର ସାହୁ ଓ ସଭାପତି ସତ୍ୟବାଦୀ ପ୍ରଧାନଙ୍କ ସହଯୋଗରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ୨୦ଟି ବିଦ୍ୟାଳୟରୁ ୧୦ ଜଣ କ୍ରୀଡ଼ା ଶିକ୍ଷକ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ବରିଷ୍ଠ ବିଭାଗରେ ୫୦ ଓ କନିଷ୍ଠ ବିଭାଗରେ ୨୦ ଏହିପରି ମୋଟ ୪୦ ଜଣ ପୁଅ ଓ ୩୦ ଜଣ ଝିଅ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯୋଗରେ ୩୦, ଚେସରେ ୧୦ ଓ ବ୍ୟାଡମିଣ୍ଟନରେ ୩୦ଜଣ ଭାଗ ନେଇଥିଲେ।



# ସିଟି କଟକ

### ଶିଶୁଭବନ ପାଇଁ ନୂଆ ପଦକ୍ଷେପ

# ସ୍ଥାପନ ହେବ ସିଟିସ୍କାନ୍, ଏମ୍ଆର୍ଆଇ ମେସିନ୍



କଟକ, ୯।୯(ସମିସ)

ରାଜ୍ୟ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଶିଶୁ ଭବନ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଶିଶୁ ରୋଗୀ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ତେବେ ଶିଶୁରୋଗୀଙ୍କ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ଆଜି ଡିଏମଇଟିଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡ(ଓଏସ୍ଏମ୍ସିଏଲ) ର ପ୍ରତିନିଧିମଣ୍ଡଳୀ ଶିଶୁଭବନ ଆସି ସ୍ଥିତାବସ୍ଥା ସମୀକ୍ଷା କରିଥିଲେ। ଦୀର୍ଘବର୍ଷ ପରେ ଶିଶୁଭବନରୁ ଏକ ପୁରୁଣା ସମସ୍ୟା ତୁଟିବାକୁ ଯାଉଛି। ଆଗକୁ ଆଉ ରୁଗଣ ଶିଶୁଙ୍କୁ ଧରି ସେମାନଙ୍କ ଅଭିଭାବକଙ୍କୁ ସିଟି ସ୍କାନ ଓ ଏମଆରଆଇ କରାଇବା ନିମନ୍ତେ ବଡ ମେଡିକାଲ ଦୌଡ଼ିବାକୁ ପଡ଼ିବ ନାହିଁ। ଏଠାରେ ନିଜସ୍ୱ ସିଟି ସ୍କାନ ଏବଂ ଏମଆରଆଇ ମେସିନ ସଂସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ୬ ମାସ ଭିତରେ ଏହି ଦୁଇ ମେସିନ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ।

ଓ ଏ ସ୍ ଏ ମ୍ ସି ଏ ଲ ର ପରିଚାଳନା ନିର୍ଦ୍ଦେଶକ ଡଃ ପୁମା ଟୁଡୁ ମଙ୍ଗଳବାର କଟକ ଶିଶୁଭବନ ଗସ୍ତ କରି ନୂତନ କୋଠା ବୁଲି ଦେଖିଥିଲେ। ପରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ଉପସ୍ଥିତ ରହି ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ମେଡିକାଲର ଚତୁର୍ଥ ମହଲାରେ ମଡ୍ୟୁଲାର ଓଟି କରାଯାଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଶେଷକରି ଆଲୋଚନା ହୋଇଥିଲା।

**ସମୀକ୍ଷା କଲେ ଓଏସ୍ଏମ୍ସିଏଲ୍ ପ୍ରତିନିଧିମଣ୍ଡଳୀ**

**ନୂଆକୋଠାରେ କାର୍ଯ୍ୟକାରୀ ହେବ ମଡ୍ୟୁଲାର ଓ.ଟି**

**ଡାଏଲିସିସ୍ ପାଇଁ ଅଣାଯିବ ଆଉ ୪ ମେସିନ୍**

ସେହିପରି ସିଟି ସ୍କାନ ଓ ଏମ୍ଆରଆଇ ପାଇଁ ପ୍ରତ୍ୟେକଦିନ ଶତାଧିକ ରୋଗୀ ଏସ୍ସିବି ମେଡିକାଲକୁ ଯାଉଛନ୍ତି। ସେଠାରେ ଭିଡ ଭିତରେ ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏହି ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ଶିଶୁଭବନର ପୁରୁଣା ଓଟି ଥିବା ସ୍ଥାନରେ ନୂତନ ମେସିନ ସଂସ୍ଥାପନ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତିନିଧୀ ମଣ୍ଡଳୀ ବୁଲି ଜାଗା ଚିହ୍ନଟ କରିଥିଲେ। ସେହିପରି ମାସକୁ ପାଖାପାଖି ୧୫୦ ଶିଶୁରୋଗୀଙ୍କର ଡାଏଲିସିସ କରାଯାଉଥିବାବେଳେ ରୋଗୀ ସଂଖ୍ୟା ମୁତାବକ ମେସିନ ନାହିଁ। ଆଉ ୪ଟି ମେସିନ ଅଣାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପେଡ଼ିଆଟ୍ରିକ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଗୀତାଞ୍ଜଳି ସେଠୀ, ପ୍ରଫେସର ଡା. ପ୍ରଶାନ୍ତ କୁମାର ତ୍ରିପାଠୀ, ଓଏସ୍ଏମ୍ସିଏଲର ବରିଷ୍ଠ ଅଧିକାରୀ ଡା. ଅମିତାଭ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ ଡ୍ରିମ୍ସରେ ପୂଜ୍ୟପୂଜା ସମାରୋହ

### ଯୋଗଦେବେ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ

**କଟକ, ୯।୯(ସମିସ):** ଆସନ୍ତା ୧୫ତାରିଖ ସୋମବାର ପୂର୍ବାହ୍ନ ୧୧ଟାରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟତିଥି ଅବସରରେ ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସର ଜୟଶ୍ରୀ ଅଡିଟୋରିୟମ୍‌ରେ 'ପୂଜ୍ୟ ପୂଜା ସମାରୋହ-୨୦୨୫' ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ 'ଚିନ୍ମୟ ମିଶନର ବିଶିଷ୍ଟ ସନ୍ଥ ତଥା ଚିନ୍ମୟ ବିଦ୍ୟାଳୟ, ଦେବଗଡ଼ର ଅଧ୍ୟକ୍ଷ ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭାସମ୍ପନ୍ନଙ୍କୁ 'ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯିବ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଗବେଷଣାରେ ଡ. ସିଦ୍ଧେଶ୍ୱର ମହାପାତ୍ର, କଳା-ସଂସ୍କୃତିରେ



ବିଶିଷ୍ଟ ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା କୁନା ତ୍ରିପାଠୀ, ସେବା କ୍ଷେତ୍ରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ କ୍ରୀଡା କ୍ଷେତ୍ରରେ ବିଶିଷ୍ଟ ହକି ଖେଳାଳୀ ତଥା ଅଲମ୍ପିଆନ୍ ସୁଶ୍ରୀ ଲିଲିମା ମିଞ୍ଜଙ୍କୁ ପୁରସ୍କାର ସ୍ୱରୂପ ଉପଢ଼ୌକନ, ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ପ୍ରମୋଦଚନ୍ଦ୍ର ରଥ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

## କଟକ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନରେ ଅନ୍ତରୀଣ ସ୍ଥଗିତାଦେଶ

**କଟକ, ୯।୯(ସମିସ):** ପୂର୍ବ ଘୋଷଣା ଅନୁସାରେ ଆସନ୍ତା ସେପ୍ଟେମ୍ବର ୧୦ତାରିଖ ଦିନ ହେବାକୁ ଥିବା କଟକ ଘରୋଇ ବସ ମାଲିକ ସଂଘର ନିର୍ବାଚନ ଉପରେ କଟକ ଦେୱାନୀ ଅଦାଲତ (ସିନିୟର ଡିଭିଜନ) ଆଜି ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନିର୍ବାଚନ ସ୍ଥଗିତ ରଖିବାକୁ ଅଦାଲତ କହିଛନ୍ତି। ମିର୍ଜା ଆକିବ୍ ଅଲ୍ଲୀ ବେଗଙ୍କ ଆବେଦନର ଶୁଣାଣି କରି ଅଦାଲତ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭କୁ ସ୍ଥିର କରିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଗତ ଅଗଷ୍ଟ ୨୦ ତାରିଖରେ ହୋଇଥିବା ବସ ମାଲିକ ସଂଘ ସାଧାରଣ ପରିଷଦ ବୈଠକରେ ଯେଉଁ ଦାବି ଉପସ୍ଥାପନ ହୋଇଥିଲା ତାହାକୁ ନ ମାନି କିଛି ବସ ମାଲିକ ନିର୍ବାଚନ ତାରିଖ ଘୋଷଣା କରିଥିଲେ ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ କଟକର ୫୯ ୱାର୍ଡ ମଧ୍ୟରୁ ଆବେଦନ କରିଥିବା ବସ ମାଲିକଙ୍କୁ ନୂଆ ସଦସ୍ୟ ଭାବରେ ଗ୍ରହଣ କରିବା, ବସ ନ ଥିବା କ୍ଷେତ୍ରରେ ସଦସ୍ୟତା ରଦ୍ଦ, ସଂଘର ଆୟ ବ୍ୟୟ ଅଟକଳ କରାଯାଇ ପୂର୍ଣ୍ଣାଙ୍ଗ ହିସାବ ପ୍ରଦାନ, ବସରୁ ବଟି ଆଦାୟ ବନ୍ଦ କରାଯାଉ ବୋଲି ସାଧାରଣ ପରିଷଦ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା।

## ପୁଣି 'ଆମ ବସ୍' ଦୁର୍ଘଟଣାଗ୍ରସ୍ତ; ନାବାଳିକା ଗୁରୁତର

**କଟକ, ୯।୯(ସମିସ):** ପୁରୀଘାଟ ଥାନା ଅନ୍ତର୍ଗତ ଗଣେଶ ଘାଟ ନିକଟରେ ପୁଣି ଆମ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜେଜେମା ଓ ନାବାଳିକା ନାତୁଣୀ ଆହତ ହୋଇ ସିଟି ହସପିଟାଲରେ ଭର୍ତ୍ତି ହୋଇଥିଲା ବେଳେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୁଲିସ ସୂଚନା ଅନୁସାରେ, ସିଡିଏ ତଥା ସତୀଚଉରା ଛକରୁ ଆମ ବସ୍‌ଟି ସିଏନବିଟି ଅଭିମୁଖେ ଯାଉଥିଲା। ଗଣେଶ ଘାଟ ନିକଟରେ ବସ୍‌ଟି ଅଟକିଥିବା ବେଳେ ଯାତ୍ରୀମାନେ ଓହ୍ଲାଉଥିଲେ। ଏହି ସମୟରେ ବସ୍ ଆଗରେ ବସିଥିବା ଜେଜେମା ଓ ନାତୁଣୀ ଓହ୍ଲାଇଥିଲେ। ସେମାନେ ବସ୍‌ର ଆଗ ଚକ ପାଖରେ ଛିଡ଼ା ହୋଇଥିବା ବେଳେ ଡ୍ରାଇଭର୍‌ଜଣକ ଏହା ଜାଣି ନପାରି ନାବାଳିକାର ଗୋଡ଼କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜେଜେମା(ବୟସ୍କ ବୃଦ୍ଧା ଜଣକ) ମଧ୍ୟ ଛିଟ୍‌କି ପଡ଼ିଥିଲେ। ଜନସାଧାରଣ ଓ ପୁଲିସ ୨ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ପଠାଇଥିଲା।

## ସରକାରୀ ଆଇଟିଆଇରେ ଆପ୍ରେଣ୍ଟିସ୍‌ସିପ୍ ମେଳା

**କଟକ, ୯।୯(ସମିସ):** ସରକାରୀ ଆଇଟିଆଇରେ ଆଜି ଏକ ଆପ୍ରେଣ୍ଟିସସିପ୍ ମେଳା ଆୟୋଜିତ ହୋଇଯାଇଛି। ଏହି ମେଳାରେ ୧୭୦ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ୮ଜଣ ପ୍ରତିଷ୍ଠିତ ନିଯୁକ୍ତିଦାତା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରକାରୀ ଆଇଟିଆଇ ଆଇଏମସି ଅଧ୍ୟକ୍ଷ ପ୍ରଭାକର ସ୍ୱାଇଁ ଯୋଗଦେଇଥିଲେ। ଅଧ୍ୟକ୍ଷ ଇଂ ସଞ୍ଜୀବ କୁମାର ରାୟସିଂହ ଛାତ୍ରଛାତ୍ରୀଙ୍କୁ ନିଜ କ୍ୟାରିୟର ଓ ଲକ୍ଷ୍ୟ ପ୍ରତି ସଚେତନ ହେବାକୁ ପ୍ରେରଣା ଦେଇଥିଲେ। ନିଯୁକ୍ତିଦାତାମାନେ ଯୋଗଦେଇ ଫିଟର୍, ଇଲେକ୍ଟ୍ରିସିଆନ୍, ୱେଲଡର୍, ମେକାନିକାଲ୍, ଏସି ଟେକ୍ନିସିଆନ୍ ଟ୍ରେଡରେ ସୁଯୋଗ ଦେଇଥିଲେ। ଶ୍ୟାମଳୀ ଦେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଣକୃଷ୍ଣ ଭୂୟାଁ, ବିଭୂତି ଭୂଷଣ ଛାଟୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଶିକ୍ଷଣ ଅଧିକାରୀ ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ଦେଇଥିଲେ।

## ପୂଜକ ରୁଦ୍ରନାରାୟଣ ମିଶ୍ରଙ୍କ ପରଲୋକ

**କଟକ, ୯।୯(ସମିସ):** ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ଜୟଜଗନ୍ନାଥ କଲୋନୀରେ ଥିବା ଜଗନ୍ନାଥ ମନ୍ଦିରର ପୂଜକ ତଥା କର୍ତ୍ତା ରୁଦ୍ରନାରାୟଣ ମିଶ୍ରଙ୍କ ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସହଧର୍ମିଣୀ ତଥା ପରିଚାଳନା କମିଟିର ସହକାରୀ ସମ୍ପାଦିକା ହରପ୍ରିୟା ମିଶ୍ର, ଏକମାତ୍ର କନ୍ୟା ଡାକ୍ତର ଅନସୂୟା ମିଶ୍ର ଉପସ୍ଥିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ଉପସଭାପତି ଜୟ ପ୍ରକାଶ ନାରାୟଣ ପ୍ରହରାଜ, ସମ୍ପାଦକ ଆଦିକନ୍ଦ ରାଉତ, କୋଷାଧ୍ୟକ୍ଷ ନିର୍ମଳ ବାରିକ, କମିଟି ସଭ୍ୟ ରଞ୍ଜନ ପାଣି, ମୋହନ ସେଠୀ, ଜୟ ଜଗନ୍ନାଥ କ୍ଲବର ସଭାପତି ପ୍ରଶାନ୍ତ ମଲ୍ଲିକ,



ସମ୍ପାଦକ ଚନ୍ଦ୍ରକାନ୍ତ ଲେଙ୍କା, ବରିଷ୍ଠ ସଭ୍ୟ କେଶବ ବେହେରାଙ୍କ ସମେତ ସମସ୍ତ ସଭ୍ୟ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଇଞ୍ଜିନିୟର ପ୍ରତୀକ ପ୍ରସନ୍ନ ମିଶ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉ କି, ପୂଜକ ରୁଦ୍ରନାରାୟଣ ଜଣେ ଦକ୍ଷ ମଟର ସାଇକଲ ମେକାନିକ ଭାବେ ମଧ୍ୟ ପରିଚିତ ଥିଲେ।

## ରେଭେନ୍ସା ଅର୍ଥନୀତି ବିଭାଗରେ ଆଲୋଚନାଚକ୍ର



**କଟକ, ୯।୯(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗରେ 'ଭାରତ ଉପରେ ଶୁଳ୍କ ଏବଂ ବାଣିଜ୍ୟିକ ଉତ୍ତେଜନାର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରଫେସର ଦୁଖାବନ୍ଧୁ ସାହୁ ଓ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ରାଉରକେଲାର ପ୍ରଫେସର ବିକାଶ ରଞ୍ଜନ ମିଶ୍ର ଆଲୋଚନାଚକ୍ରରେ ଅତିଥିଭାବେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଅଧ୍ୟାପକ ନିରୂପମା ଟେଟେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ପ୍ରଫେସର ଲିପିଶ୍ରୀ ଦାସ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୋଚନାରେ ଅଧ୍ୟାପକ ଆଶିଷ କୁମାର ସେନାପତି, କୀର୍ତ୍ତି ରଞ୍ଜନ ପାଲଟାସିଂହ, ଅମିତ ସାହୁ, ସ୍ମୃତିରେଖା ମହାନ୍ତି, ସ୍ୱାତୀ ତିର୍କୀ ଅଂଶଗ୍ରହଣ କରିଥିବାବେଳେ ଏଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଭାଗ ତରଫରୁ ଶଲିନି ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମାମଲା ଶୁଣାଣିରେ ସୂଚନା କମିସନଙ୍କ ଅବହେଳା

**କଟକ, ୯।୯(ସମିସ):** ମାମଲା ଶୁଣାଣିରେ ସୂଚନା କମିଶନଙ୍କ ଅବହେଳା ତଥା ଶୁଣାଣି ନ କରି ମାମଲା ଖାରଜ ବିରୋଧରେ ଦାୟର ଆବେଦନକୁ ଗ୍ରହଣ କରି ସୂଚନା କମିସନଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନୋଟିସ୍ କରିଛନ୍ତି। ୨୦୨୧ ମସିହାରେ ସୂଚନା ଅଧିକାର ଆଇନରେ ଭୁବନେଶ୍ୱର ତହସିଲଦାରଙ୍କ କାର୍ଯ୍ୟାଳୟରୁ ତଥ୍ୟ ନ ମିଳିବାରୁ ପ୍ରଦୀପ ପ୍ରଧାନ ନାମକ ଜଣେ ବ୍ୟକ୍ତି ସୂଚନା କମିସନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। ୪ବର୍ଷ ପରେ ମୁଖ୍ୟ ସୂଚନା କମିଶନର ୨୬.୦୬.୨୫ରେ ଶୁଣାଣି କରିଥିଲେ। ଶୁଣାଣି ସମୟରେ ପିଆଇଓଙ୍କୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇ ମାମଲାକୁ ବନ୍ଦ

**ହାଇକୋର୍ଟଙ୍କ ନୋଟିସ୍**

କରିଦେଲେ। ଚାରି ବର୍ଷ ଧରି କାହିଁକି ତଥ୍ୟ ଦିଆଯାଇ ନ ଥିଲା କମିଶନ ପଚାରିଲେ ନାହିଁ। ପିଆଇଓ କେତେ ଦିନ ମଧ୍ୟରେ ତଥ୍ୟ ଦେବ, କମିଶନ କିଛି ନିର୍ଦ୍ଦିଷ୍ଟ ତାରିଖ ଦର୍ଶାଇଲେ ନାହିଁ। ଦୁଇ ମାସ ଅପେକ୍ଷା କଲା ପରେ ତଥ୍ୟ ନ ମିଳିବାରୁ ଶ୍ରୀ ପ୍ରଧାନ ହାଇକୋର୍ଟରେ କମିଶନଙ୍କ ଆଦେଶକୁ ଚାଲେଞ୍ଜ କରିଥିଲେ। ଏହି ମାମଲାରେ ସୂଚନା କମିସନ ଏବଂ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟ ଜବାବ ଦାଖଲ ନୋଟିସ୍ କରିଛନ୍ତି। ସେହିପରି ପୂର୍ଣ୍ଣ ନାୟକ, ବାବିନା ଜେନାଙ୍କ ମାମଲାରେ ମଧ୍ୟ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଉପରୋକ୍ତ ମାମଲାଗୁଡ଼ିକ ଆଇନଜୀବୀ ଶ୍ରୀ ଅଖଣ୍ଡ ପରିଚାଳନା କରୁଛନ୍ତି।



ଆସୁଛି ଦୁର୍ଗାପୂଜା; ମଣ୍ଡପରେ ଚାଲିଛି ଚାନ୍ଦି ସଫେଇ କାର୍ଯ୍ୟ



# ଦଶମୀରେ ହେବ ସିନ୍ଦୂର ଖେଳ

### କାଜିବଜାର ଆଦିପୀଠ ପୂଜା କମିଟି

**ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡ଼ିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକା ଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ମା'ଙ୍କ ମୂର୍ତ୍ତି ନିମନ୍ତେ ମାଟି ଅନୁକୂଳ ହୋଇ ସାରିଛି। ଏପଟେ ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....**



କଟକ, ୯।୯(ସମିସ)

ସହରର ପ୍ରାଚୀନତମ ପୂଜା ମଣ୍ଡପଗୁଡିକ ଭିତରେ କାଜିବଜାରର ପୂଜା ମଣ୍ଡପ ଅନ୍ୟତମ। ୧୮୧୫ ମସିହାରୁ ଏଠାରେ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଅଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ବର୍ତ୍ତମାନର ଗୁଇଁ ପରିବାର ବ୍ୟବସାୟ କରିବା ଉଦ୍ଦେଶ୍ୟରେ କାଜିବଜାର ଅଞ୍ଚଳରେ ଅବସ୍ଥାନ କରୁଥିଲେ। ଗୁଇଁ ପରିବାରର ଛୋଟ ଛୋଟ ପିଲାମାନେ ମା'ଦୁର୍ଗାଙ୍କୁ କୁଲାରେ ରଖି ମିଛିମିଛିକା ପୂଜା କରୁଥିଲେ। ପରେ ଗୁଇଁ ପରିବାରର ମୁଖିଆ ତାରଚାନ୍ଦ ଗୁଇଁ ଦାସଙ୍କୁ ମା' ସ୍ୱପ୍ନରେ ଦେଖା ଦେଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବାକୁ ଆଦେଶ ଦେଇଥିଲେ। ପ୍ରଥମେ ଗୁଇଁ ଦାସ ନିଜେ ଏକ ଚାଳଛପର ଘରେ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ପରେ ତାଙ୍କ ବଂଶଧାରୀ ମାନେ କୋଠା ଘରେ ସ୍ୱତନ୍ତ୍ର ପୂଜା ମଣ୍ଡପ ନିର୍ମାଣ କରି ପୂଜା କରୁଛନ୍ତି। ୭ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି କୁମ୍ଭାର ସାହି ଅଞ୍ଚଳର ପ୍ରଶାନ୍ତ ବେହେରା ନିର୍ମାଣ କରୁଛନ୍ତି। ୧୨ ଫୁଟ୍ ଉଚ୍ଚତା ବିଶିଷ୍ଟ ଜରି ମେଢ଼ ନିର୍ମାଣ କରାଯାଇଛି। ୨୦କେଜି ଓଜନର ମା'ଙ୍କର ଚାନ୍ଦିର ମୁକୁଟ ଓ ହାର କମିଟି ପକ୍ଷରୁ କରାଯାଇଛି। ଏହାସହ ୫ଭରି ଓଜନର ସୁନାର ଅଳଙ୍କାର କରାଯାଇଛି। ବଙ୍ଗୀୟ ପରମ୍ପରାରେ ଏଠାରେ ଦୁର୍ଗାପୂଜା ପାଳିତ ହୁଏ। ମହାନବମୀରେ ମା'ଙ୍କ ନିକଟରେ ପ୍ରସାଦ ଭୋଗ କରାଯାଇ ୫ଶହ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଦଶମୀରେ ମହିଳା ମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ ଏବଂ ଚୁଡ଼ା ଦହି ଭୋଗ କରାଯିବ। ପୂଜା କମିଟି ପକ୍ଷରୁ ଚଳିତବର୍ଷ ପୂଜା ପାଇ ୫ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି।

### ପାରମ୍ପରିକ ବାଦ୍ୟରେ କମ୍ପିବ ଭସାଣି



ପ୍ରଶାସନକୁ ସହଯୋଗ ପୂର୍ବକ ବିଗତ ଦିନ ଭଳି ଚଳିତବର୍ଷ ମଧ୍ୟ ଦୁର୍ଗାପୂଜା ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାରେ ଆୟୋଜନ କରାଯିବ। ଭସାଣି ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଡିଜେ ମୁକ୍ତ କରାଯିବ। କେବଳ ପାରମ୍ପରିକ ବାଦ୍ୟ ଭସାଣୀ ଶୋଭାଯାତ୍ରାରେ ଦେଖିବାକୁ ମିଳିବ। ଏଥି ପାଇଁ ବଇନା ଦିଆସରିଛି।

**- ସପନ କୁମାର ଦାସ, ସଭାପତି**

### ପ୍ଲାଷ୍ଟିକ ବର୍ଜନକୁ ଗୁରୁତ୍ୱ



ମହାଷଷ୍ଠୀରୁ ଦଶମୀ ଯାଏ ସମସ୍ତ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଏ। ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଏ ଏବଂ ସମଗ୍ର ଅଞ୍ଚଳ ସାଜସଜ୍ଜା କରାଯାଏ। ପୂଜାକୁ ସ୍ୱଚ୍ଛତାର ସହ ପାଳନ କରାଯିବ। ମୁଖ୍ୟତଃ ଭାବେ ପ୍ଲାଷ୍ଟିକମୁକ୍ତ ପୂଜା କରାଯିବ।

**- ଅମୀୟ କୁମାର ଦାସ, ସମ୍ପାଦକ**

## ସହିଦ ଯୀଶୁଦାନଙ୍କୁ ଭୁଲିଗଲା ପ୍ରଶାସନ

# ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ଦେଲେ ପରିବାର



କୋରାପୁଟ,୯।୯(ସମିସ): ୧୯୬୫ ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧରେ ଓଡ଼ିଶାରୁ ଜଣେ ମାତ୍ର ସହିଦ ହୋଇଥିବା କୋରାପୁଟ ମିଶନ କମ୍ପାଉଣ୍ଡର ଯୀଶୁଦାନ ଖୋସଲାଙ୍କର ୬୦ତମ ବଳିଦାନ ଦିବସ ପରିବାର ଓ ବନ୍ଧୁ ପରିଜନଙ୍କ ପକ୍ଷରୁ ପାଳିତ ହୋଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି କାର୍ଯ୍ୟାଳୟ ନିକଟରେ ଥିବା ସହିଦ ଯୀଶୁଦାନ ପାର୍କରେ ସମସ୍ତେ ଏକତ୍ରିତ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତି ଚାରଣ କରିଥିଲେ। ସହିଦ ଯୀଶୁଦାନଙ୍କ ଭାଇ ବ୍ରଜାନନ୍ଦ ଖୋସଲାଙ୍କ ସମେତ ଅନ୍ୟ ମାନେ ସାମିଲ ହୋଇଥିଲେ। ୧୯୪୪ ଜୁନ ୧୫ରେ କୋରାପୁଟ ମିଶନ କମ୍ପାଉଣ୍ଡରେ ଜନ୍ମିତ ସହିଦ ଯୀଶୁଦାନ ୧୯୬୧ରେ ଭାରତୀୟ ସେନାରେ ଯୋଗ ଦେବା ପୂର୍ବରୁ ଶିକ୍ଷକତା ଚାକିରୀ କରିଥିଲେ, ପରବର୍ତ୍ତୀ ସମୟରେ ସେ ଶିକ୍ଷକତା ଚାକିରି ଛାଡ଼ି ମାତୃଭୂମି ସେବା ପାଇଁ ୧୯୬୧ରେ ଭାରତୀୟ ସେନାରେ ସିଗ୍ନାଲ ମେନ୍ ଭାବେ ଯୋଗ ଦେଇଥିଲେ। ୧୯୬୨ ଭାରତ ଚୀନ ଯୁଦ୍ଧରେ ମଧ୍ୟ ସେ ସାମିଲ ହୋଇଥିଲେ। ୧୯୬୫ରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ସେପ୍ଟେମ୍ବର ୯ ତାରିଖରେ ସେ ପଞ୍ଜାବର ଆମ୍ବାଲାରେ ଡ୍ୟୁଟି କରୁଥିବାବେଳେ ଶତ୍ରୁ ପକ୍ଷର ଆକ୍ରମଣରେ ସହିଦ ହୋଇଥିଲେ। ଅନ୍ୟ ପକ୍ଷରେ ପ୍ରତି ବର୍ଷ ସହିଦ ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥାଏ, ଜିଲ୍ଲାପାଳ, ଏସପିଙ୍କ ସମେତ ଅନ୍ୟ ଅଧିକାରୀ ମାନେ ମଧ୍ୟ ଏଥିରେ ସାମିଲ ହୋଇ ଥାଆନ୍ତି। ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆ ଯାଇଥାଏ କିନ୍ତୁ ବିଡ଼ମ୍ବନାର ବିଷୟ ଚଳିତ ବର୍ଷ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କେହି ଯୋଗ ଦେଇ ନଥିଲେ। ଜିଲ୍ଲାପାଳ, ଏସପି, ଅନ୍ୟ ବରିଷ୍ଠ ଅଧିକାରୀ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାବେଳେ ଜିଲ୍ଲା ସଦର ମହକୁମାରେ ଉପସ୍ଥିତ ଥିବା ଅନ୍ୟ ପ୍ରଶାସନିକ ଅଧିକାରୀ କେହି ଯୋଗ ନଦେବା ଦୁର୍ଭାଗ୍ୟ ଜନକ ବୋଲି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଯୁବତୀଙ୍କୁ ଦୁଷ୍କର୍ମ, ଯୁବକ ଗିରଫ



ଉମରକୋଟ,୯।୯(ସମିସ): ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଯୁବକ ଜଣକ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝଟିଆରପାରା ଗ୍ରାମର ଡାକେଶ ସାହୁ ବୋଲି ଜଣାପଡ଼ିଛି । ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୨ ମସିହାରେ ସେ ସ୍ଥାନୀୟ ଏକ କଲେଜରେ ଯୁକ୍ତ ଦୁଇ ପଢୁଥିବା ବେଳେ ଡାକେଶ ତାଙ୍କୁ ହଇରାଣ ହରକତ କରୁଥିଲା। ପୀଡ଼ିତା ରାଇଘର ଡିଗ୍ରୀ କଲେଜକୁ ପଢିବାକୁ ଯିବା ସମୟରେ ଗତ ଜୁଲାଇ ମାସରେ କଲେଜରୁ ଫେରିବା ସମୟର ଧମକଚମକ ଦେଇ ଡାକେଶର୍ ବାଇକ୍‌ରେ ବସାଇ ନିଜ ଘରେ ଏକ ଅଲଗା କୋଠରୀ ମଧ୍ୟରେ ତାଲା ପକାଇ ରଖିଥିଲା। ପରିବାର ଲୋକେ ଝିଅ ଘରକୁ ନ ଫେରିବାରୁ କୁନ୍ଦେଇ ଥାନାରେ ଲିଖିତ ଜଣାଇବା ପରେ ଏକ ନିରୁଦ୍ଦିଷ୍ଟ ମାମଲା ରୁଜୁ ହୋଇଥିଲା । ପରେ ଡାକେଶ ନିଜ ଘରେ ଲୁଚେଇ ରଖିଥିବା ଜାଣିପାରି ତାକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଯୁବତୀଙ୍କୁ ଉକ୍ତ ବନ୍ଦ କୋଠରୀରେ ଡରାଇ ଧମକାଇ ଜୋର ଜବରଦସ୍ତ ଦୁଷ୍କର୍ମ କରି ଆସୁଥିଲା ।ଗତ କିଛି ଦିନ ପୂର୍ବେ ହୋଇଥିବା ତିଜା ପର୍ବରେ ପରିବାର ଲୋକେ ଯୁବତୀକୁ ଘରକୁ ଡାକିଥିଲେ। ଘରେ ଆସି ଯୁବତୀ ଜଣକ ପରିବାର ଲୋକଙ୍କୁ ତା ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଜଣାଇଥିଲା। ଏହାପରେ ଯୁବତୀ ଜଣକ କୁନ୍ଦେଇ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଆଧାର କରି କୁନ୍ଦେଇ ପୁଲିସ ଡାକେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାଁରେ ଅଭିଯୋଗ

ନନ୍ଦପୁର,୯।୯ (ସମିସ): ମଙ୍ଗଳବାର କୋରାପୁଟ ନୂତନ ଜିଲ୍ଲାପାଳ ନନ୍ଦପୁର ବ୍ଲକ୍ ପରିଦର୍ଶନ ସାରି ଫେରିବା ସମୟରେ ସବାଇ କନ୍ୟା ଆଶ୍ରମ ପହଞ୍ଚି ଥିଲେ। ଏହି ସମୟରେ ସୁବାଇ ଗ୍ରାମର କିଛି ମହିଳା ଜିଲ୍ଲାପାଳଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ସହ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର, ୯।୯ (ସମିସ): ନବରଙ୍ଗପୁର ସ୍ୱତନ୍ତ୍ର ପୋକସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ , ନବରଙ୍ଗପୁର ଥାନା ଅନ୍ତର୍ଗତ ତାରାଗାଁ ଗ୍ରାମର ସୋମନାଥ ହରିଜନ ଗତ ୨୦୨୩ ନଭେମ୍ବର ୬ ତାରିଖ ଦିନ ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିଲେ। ବିଚାରପତି ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ୫ ବର୍ଷ ପରେ ନିଖୋଜ ଦାଦନ ଶ୍ରମିକ ଉଦ୍ଧାର

ପାପଡାହାଣ୍ଡି/ମୈଦଲପୁର,୯।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ବାଲେଙ୍ଗା ପଞ୍ଚାୟତର ନନ୍ଦ ରାଉତ ୫ ବର୍ଷ ତଳେ ସାଙ୍ଗ ମାନଙ୍କୁ ସହ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। କେଉଁ ଆଡେ ଚାଲିଯାଇଥିଲେ ତାଙ୍କର ଦେଖା ମିଳି ନ ଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। କିନ୍ତୁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଚରାମୂଳା ଗ୍ରାମର କିଛି ଯୁବକ ନନ୍ଦଙ୍କୁ ଉଦ୍ଧାର କରି ସେବା କରି ଗ୍ରୁପରେ ତାଙ୍କ ଫଟୋକୁ ଛାଡିଥିଲେ। ପରେ ପରିବାର ଲୋକ ଚିହ୍ନି ପାରି ଚରାମୁଳା ଗ୍ରାମକୁ ପହଞ୍ଚି ଆମ୍ବୁଲାନ୍ସ ସାହାର୍ଯ୍ୟରେ ପାପଡାହାଣ୍ଡି ମେଡିକାଲ ନେଇଛନ୍ତି। ନିଖୋଜ ଯୁବକ ଉଦ୍ଧାର ସମୟରେ କଥା କହି ପାରୁ ନ ଥିବାବେଳେ ଚାଲିବା ମଧ୍ୟ କଷ୍ଟକର ହେଉଛି। ଶୁଦ୍ଧି କ୍ରିୟା ପାଇଁ ପ୍ରସ୍ତୁତ ହେଉଥିବା ପରିବାର ଲୋକେ ୫ ବର୍ଷ ପରେ ପୁଅକୁ ପାଇ ଖୁସି ପ୍ରକାଶ କରିଛନ୍ତି।

## ପୋଡାଗଡ଼ ଛାତ୍ର ପୁରସ୍କୃତ

ପୋଡ଼ାଗଡ଼,୯।୯(ସମିସ): ରାଉରକେଲା ଠାରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଆୟୋଜିତ ୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବଜେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ମୋଟ ୧୯୪୮ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରିଥଲେ। ସେଥିମଧ୍ୟରୁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକ ରୁଦ୍ର ନାରାୟଣ ପାଡ଼ିଙ୍କ ପୁଅ ଆଶିଷ ପାଡି ଶ୍ରେଷ୍ଠ ପୁରସ୍କାର ପାଇଥିବା କହିଛନ୍ତି ଛାତ୍ରର ପିତା ରୁଦ୍ର ନାରାୟଣ ପାଡ଼ି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ● ପ୍ରଥମ ଏଜୁକେସନ ଫାଉଣ୍ଡେସନ

## ସେକେଣ୍ଡ ଚାନ୍ସର ୫୬ % ବିଦ୍ୟାର୍ଥୀଙ୍କ ସଫଳତା



ବିଷମ କଟକ, ୯।୯(ସମିସ) ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଠାରେ ଚାଲିଥିବା ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ ତରଫରୁ ଶିକ୍ଷାର ଅଗ୍ରଗତି ପାଇଁ ମାଟ୍ରିକରୁ ବଞ୍ଚିତ ଥିବା ମହିଳା ଓ ବାଳିକାଙ୍କୁ ଦଶମ ପାସ୍ କରିବାରେ ସାହାଯ୍ୟ କରୁଛି । ଏହି ସଂଗଠନ ରାୟଗଡା ଜିଲ୍ଲାରେ ୨୦୧୨ ମସିହା ଠାରୁ କାର୍ଯ୍ୟ କରି ଆସୁଛି । ଚଳିତ ବର୍ଷ ମଧ୍ୟ ସେକେଣ୍ଡ ଫେଜରେ ମଧ ୭୯ ଜଣ ମହିଳା ଓ ବାଳିକା ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ୪୪ ଜଣ ପାସ୍ କରିଥିଲେ,। ବିଦ୍ୟାର୍ଥୀମାନେ ଭ କ୍ଷ କି ଆ ପ ଦ ର , ଭୈ ର ଗ ଡ଼ , କୁମୁଡାବାଲି, ଜଗଦଲପୁର, ବିର୍ଲି, ତେଲେଙ୍ଗାପଦର, ନିଆଳି କ୍ଲଷ୍ଟର ରେ ପାଠ ପଢୁଥିଲେ। ଏହି ଅନୁଷ୍ଠାନର ଭାଷା ଶିକ୍ଷକ ବବି ସୂର୍ଯ୍ୟ, ସାମାଜିକ ଶିକ୍ଷୟିତ୍ରୀ ସୁବର୍ଣ୍ଣ କରକରିଆ, ଚିତ୍ରକଳା ଶିକ୍ଷକ ପୂର୍ଣ୍ଣ କାର୍ଜୀ ଏବଂ ଗୃହ ବିଜ୍ଞାନ ଶିକ୍ଷକ ହରିଶଚନ୍ଦ୍ର କରକରିଆ, ପ୍ରଭୁତି ଶିକ୍ଷା ଦାନ କରୁଥିଲେ କ୍ଷ ପରୀକ୍ଷାର ଫଳା ଫଳର ଅଭିଭାବକ ଓ ବିଦ୍ୟାର୍ଥୀମାନେ ପ୍ରଥମ ଏଜୁକେସନର ରାଜ୍ୟ ସଂଯୋଜିକା ପୁଷ୍ପାଞ୍ଜଳି ପରିଡା, ରାଜ୍ୟ କୋଡିନେଟର ରାମ ପ୍ରସାଦ ମହାନ୍ତି ଏବଂ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କୁମାର ପଶାୟତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଭିଭାବକ ସଂଘ।

## ଟ୍ୱିନଟନାଲ ଓ ଦେଓମାଳି ପରିଦର୍ଶନ କଲେ ରାଜ୍ୟପାଳ

ପଟ୍ଟାଙ୍ଗି,୯।୯(ସମିସ): ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ପହଞ୍ଚି ବିଭିନ୍ନ ସ୍ଥାନକୁ ଗସ୍ତ କରିଛନ୍ତି। ଭାରତମାଳା ପରିଯୋଜନା ଦ୍ୱାରା ପଟ୍ଟାଙ୍ଗିରେ ନିର୍ମାଣ ହୋଇଥିବା ଟ୍ୱିନଟନାଲ ପରିଦର୍ଶନ କରିଥିଲେ। ସେଠାରୁ ସେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ଜଙ୍ଗଲ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କଟେଜରେ ପହଞ୍ଚିଥିଲେ। ସେ ଏକ ବଟ ବୃକ୍ଷ ଚାରା ରୋପଣ କରିବା ସହ ୧୦ ନଂ କଟେଜରେ ପହଞ୍ଚି ପାହାଡ ଉପର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା,ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ,ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,ଡି ଏଫ୍ ଓ କେଭି ଭାସ୍କର, ଉପଜିଲ୍ଲାପାଳ ଜୟପୁର ଆକାଭରମ ସସ୍ୟା ରେଡ୍ଡୀ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ସାମଲ,ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ନାଲ୍‌କୋ ବିଦ୍ୟାମନ୍ଦିର ଛାତ୍ରୀଙ୍କ କୃତିତ୍ୱ

ଦାମନଯୋଡି/ ସେମିଳିଗୁଡା, ୯।୯ (ସମିସ): କୋରାପୁଟ ଜିଲ୍ଲା ଦାମନଯୋଡି ସ୍ଥିତ ନାଲକୋ ସରସ୍ୱତୀ ?ଦ୍ୟା ମନ୍ଦିରର ତିନି ଜଣ +୨ ପ୍ରଥମ ବର୍ଷ ବିଜ୍ଞାନର ଛାତ୍ରୀ ସାନ୍ତପନା ବେହେରା ବିଜ୍ଞାନ ପ୍ରକଳ୍ପ (ଫ୍ୟୁଚର ଫୁଏଲ), କେ ହାରିକା ବିଜ୍ଞାନ ପ୍ରୟୋଗ ଓ ଜୈଶ ମେରୀ ଚେଟ୍ଟି ବିଜ୍ଞାନ ସେମିନାରରେ ଗତ ୬ ଓ ୭ ତାରିଖରେ କଟକ ଗଡିରାଉତ ପାଟଣା ସ୍ଥିତି ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ତରୁଣ ବର୍ଗରେ ଅଂଶ ଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣି ଦେଇଛନ୍ତି। କଲ୍ୟାଣୀ ଦାସଙ୍କ ନେତୃତ୍ୱରେ ଉକ୍ତ ତିନି ଜଣ ଛାତ୍ରୀ ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା କେଶବଧାମ ଠାରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିଲେ। ଡ଼ାଃ ନରେଶ ଚନ୍ଦ୍ର ସାହୁଙ୍କ ସମେତ ସୋନାଲି ପତି, ସ୍ମୃତି ପାଢ଼ୀ, ମମତା ସାହୁ ଓ ସୁନୀଲ କୁମାର ମିଶ୍ର ଉକ୍ତ ପ୍ରତିଭଗୀଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହୋଇଥିଲେ। ଉକ୍ତ ତିନି ଜଣ ମଧ୍ୟରୁ ସକ୍ଷନ୍ତପନା ବେହେରାଙ୍କ ବିଜ୍ଞାନ ପ୍ରକଳ୍ପ ଫ୍ୟୁଚର ଫୁଏଲ ରାଜ୍ୟ ସ୍ତରରେ ତରୁଣ ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଦକ୍ଷିଣ ବଙ୍ଗ ସ୍ଥିତ ଲାଥୁରାମ ତୋଷ୍ଟି ୱାଲା ଶାରଦା ବିଦ୍ୟା ମନ୍ଦିର, କାସିମ୍ ବଜାର ଠାରେ ଅକ୍ଟୋବର ୭ଓ୮ ରେ ହେବାକୁ ଥିବା କ୍ଷେତ୍ରୀୟ ବିଜ୍ଞାନ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି କେ ହାରିକା ବିଜ୍ଞାନ ପ୍ରୟୋଗ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାମନ୍ଦିର ପାଇଁ ଗୋରବ ଆଣି ଦେଇଛନ୍ତି। ତାଙ୍କର ସଫଳତା ପାଇଁ ବିଦ୍ୟାମନ୍ଦିରର ଅଧକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି , ସମ୍ପାଦକ ଡଃ ଚିତ୍ତରଂଜନ ମିଶ୍ର ଓ ପରିଚାଳନା ସମିତିର ସଭାପତିଙ୍କ ସମେତ ସମସ୍ତ ସଭ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ବିଧାୟକଙ୍କ ସ୍ୱଚ୍ଛଭାରତ ଅଭିଯାନ

ଉମରକୋଟ,୯।୯ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚିକିତ୍ସାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ବିଜେପି କର୍ମୀ ମାନେ ମିଳିମିଶି ସମ୍ପୂର୍ଣ୍ଣ ପରିସରକୁ ସଫା କରି ଆବର୍ଜନା ମୁକ୍ତ କରିଥିଲେ। ଏହି ଅବସରରେ ମା ପାଇଁ ଗଛ ଟିଏ ଅଭିଯାନରେ ଚାରାରୋପଣ ମଧ୍ୟ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ମେଡିକାଲ ନିରୀକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠି, ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ବାବୁଲା ସାହୁ, ପ୍ରଦୀପମିଶ୍ର, ଗୋପୀନାଥ ସାହୁ, ବାବୁ ଶର୍ମା, ଶଙ୍କର ଡାକୁଆ,ପ୍ରଭାତ କୁମାର ନାୟକ, ମାନସିକ ଦାସ, ରମେଶ ଦାସ ଓ ସତ୍ୟ ବେହେରା, ମିଲୁ ପଣ୍ଡା, ପ୍ରମୁଖ ରହିଥିବା ବେଳେ ହସ୍ପିଟାଲ ମେନେଜର ଶୁଭ୍ରାଂଶୁଭୂଷଣ ପାଲଟାସିଂ, ବିଶ୍ୱଜିତ ସୁନା,ବିପିନି ମାଝୀ ଙ୍କ ସହ ଚିକିତ୍ସାଳୟ ର ସମସ୍ତ କର୍ମଚାରୀ ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମିଶନ ପ୍ରଚାରକଙ୍କ ପରଲୋକ

ଉମରକୋଟ,୯।୯ (ସମିସ): ରାମକୃଷ୍ଣ ମିଶନର ଦୀକ୍ଷିତ ତଥା ମିଶନର ଧର୍ମ ପ୍ରଚାରକ ଦୁଃଖୀଶ୍ୟାମ ସାମଲଙ୍କର ଆଜି ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇ ଥିଲା। ଦୁଃଖୀ ଶ୍ୟାମ ସାମଲ ଉମରକୋଟ ଏକ୍ସ ବୋର୍ଡ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଭାବେ ଚାକିରିରୁ ଅବସର ଗ୍ରହଣ କରିବା ପରେ ରାମକୃଷ ମିଶନର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ରାମ କୃଷ୍ଣ ମିଶନ ପକ୍ଷରୁ ତାଙ୍କ ନାମ ପରିବର୍ତ୍ତନ କରାଯାଇ ସ୍ୱାମୀ ସତ୍ୟାନନ୍ଦ ପୁରୀ କରାଯାଇଥିଲା। ଯାହାକି ଓଡ଼ିଶା ସରକାରଙ୍କ ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେ ଉମରକୋଟ ତହସିଲ ଅଫିସ ନିକଟରେ ଏକ ଆଶ୍ରମ କରି ସେଠାରେ ପୂଜା ପାଠ କରି ଶେଷ ଜୀବନ ବିତାଉ ଥିଲେ। ଖବର ପାଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦୁଃଖୀ ଶ୍ୟାମ ସାମ ଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଇନ୍ଦ୍ରାବତୀ-ନବରଙ୍ଗପୁର ରାସ୍ତାର ପ୍ରଶସ୍ତୀକରଣ ପାଇଁ ଜମି ଚିହ୍ନଟ

ତେନ୍ତୁଲିଖୁଣ୍ଟି,୯।୯ (ସମିସ): ନବରଙ୍ଗପୁର -ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରିରହିଛି। ନବରଙ୍ଗପୁର ଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଇନ୍ଦ୍ରାବତୀ ଅନେକ ସ୍ଥାନ ଜବରଦଖଲରେ ରହିଛି। ସୋମବାର ଠାରୁ ତେନ୍ତୁଲିଖୁଣ୍ଟି ତହସିଲ ପ୍ରଶାସନ ଏବଂ ରାସ୍ତା ନିର୍ମାଣ କର୍ତ୍ତୃପକ୍ଷଙ୍କ ସମେତ ଠିକାସଂସ୍ଥା କର୍ତ୍ତୃପକ୍ଷ ମିଳିତ ଭାବେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇତି ମଧ୍ୟରେ ଆଉଁଳିଗୁମା ଛକ ଠାରୁ ଇନ୍ଦ୍ରାବତୀ ମୁଖ୍ୟ ଦପ୍ତର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ ଚିହ୍ନଟ କରାଯାଇଛି। ଖୁବ ଶୀଘ୍ର ଜବରଦଖଲରେ ଥିବା ସ୍ଥାନ ଗୁଡିକ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ପ୍ରଦାନ କରାଯିବା ନେଇ ସୂଚନା ମିଳିଛି। ମୁଖ୍ୟ ରାସ୍ତାର ମଧ୍ୟ ଭାଗରୁ ଉଭୟ ପାଶ୍ୱର୍ରେ ୩୩ ଫୁଟ ଲେଖାଏଁ ମୋଟ ୬୬ ଫୁଟ ଚିହ୍ନଟ କରାଯାଇଛି। ଏହି ଚିହ୍ନଟ ପ୍ରକ୍ରିୟାରେ ତେନ୍ତୁଲିଖୁଣ୍ଟି ତହସିଲ କାର୍ଯ୍ୟାଳୟର ରାଜସ୍ୱ ବିଭାଗ ର ସୁମିତ୍ରା ବେହେରା, ସନ୍ତୋଷ ଗରଡ଼ା, ସନ୍ତୋଷ ମାହାଙ୍କୁଡ, ବଳରାମ ହରିଜନଙ୍କ ସମେତ ଇଂ ଉମାକାନ୍ତ ବେହେରା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଉତ୍କଳ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା



ମାଲକାନଗିରି, ୯।୯(ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଆଜି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସଂଘର ଜିଲ୍ଲା ସଭାପତି ଅଶୋକ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଅସ୍ମି ଏ ଏଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସଂଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥି ମାନେ ଶିକ୍ଷକ ଶ୍ରୀ ରଣାଙ୍କ ନିଆରା କାର୍ଯ୍ୟଶୈଳୀ ଓ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଭୂମିକାକୁ ବେଶ ପ୍ରଶଂସା କରିବା ସହ ଶ୍ରୀ ରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂଘର କୋଷାଧକ୍ଷ ହୃଷୀକେଶ ସେଠୀ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ପ୍ରଭାକର ସୁନା, ମନୋଜ ସାହା, ଦିଲୀପ ପଟ୍ଟନାୟକ, ରାହୁଲ ଗୋଲରି, ମାଣିକ ବାଚାର, ରାଜେସ ବେପାରୀ, ମ୍ରିଣାଳ ମଣ୍ଡଳ, ପଙ୍କଜ ଖରା, ବାଦଲ ବିଶ୍ୱାଳ, ବିଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଚନ୍ଦ୍ରପୁର ବ୍ଲକ୍‌ର ଦୁଇ ଶିକ୍ଷକ



ଚନ୍ଦ୍ରପୁର, ୯।୯ (ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା କ୍ଲଷ୍ଟରର ପାଣ୍ଡରାଖାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସାନ୍ତ କୁମାର ପ୍ରଧାନ କାର୍ଯ୍ୟରତ। ସେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ସେହିପରି ପୂର୍ବତନ ଡାଙ୍ଗସରଡା କ୍ଲଷ୍ଟରଆଞ୍ଚଳିକ ସାଧନା କେନ୍ଦ୍ରର ସଂଯୋଜକ ନିରଞ୍ଜନ ପ୍ରଧାନଙ୍କୁ ସାଧନା କେନ୍ଦ୍ରର କାର୍ଯ୍ୟ ଦକ୍ଷତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତି ମାଝୀ, ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ, ଜିଲ୍ଲା ପ୍ରଶିକ୍ଷଣର ଅଧକ୍ଷ ଜଗନ୍ନାଥ ମେହେର, ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ଗଣେଶ ଶବରଙ୍କ ଉପସ୍ଥିତରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଚନ୍ଦ୍ରପୁର ବ୍ଲକର ଦୁଇ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଥିବାରୁ ସ୍କୁଲର ପ୍ରଧାନ ଶିକ୍ଷକ ସିକ୍ଷତ୍ରୀ ଛାତ୍ର ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

## ହିଣ୍ଡାଲ୍‌କୋ ସହଯୋଗରେ ଫୁଟବଲ ଟୁର୍ଣ୍ଣାମେଣ୍ଟ



ସେମିଳିଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ଦଲେଇଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଣ୍ଟାଗୁଡା ଗ୍ରାମ ପଡିଆ ଠାରେ ହିଣ୍ଡାଲକୋର ସହଯୋଗରେ ଅନ୍ତଃଗ୍ରାମ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଉଦଘାଟନୀ ଉତ୍ସବରେ ହିଣ୍ଡାଲକୋ ସେମିଳିଗୁଡାର ମାନବ ସମ୍ବଳ ହେଡ ଅମିତ ସର, କମ୍ପାନୀର ପ୍ରକାଶ ସାହୁ, ସନ୍ତୋଷ ପଟ୍ଟନାୟକ, ଅଶୋକ ସିହ୍ନା ଆଦି ଯୋଗ ଦାନ କରିଥିଲେ। ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପିତମ ପାଢ଼ୀ, ସେମିଳିଗୁଡା ବ୍ଲକର ଉପାଧ୍ୟକ୍ଷ ଶିବା ବାଙ୍ଗାରି ଅତିଥି ଭାବେ ଯୋଗଦେଇ ଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ କଣ୍ଟାଗୁଡା ଗ୍ରାମର ରୟାଲ କ୍ଲବ ଆୟୋଜନ କରିଥିବା ବେଳେ ହିଣ୍ଡାଲକୋ କମ୍ପାନୀ ସହଯୋଗ ପ୍ରଦାନ କରିଥିଲେ। ଚାରି ଦିନ ଧରି ଚାଲିବାକୁ ଥିବା ଏହି ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୦ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ପ୍ରଥମ ଦିବସରେ ଆର. କେ ମାଳିଗୁଡ଼ା ଓ ରୟାଲ କ୍ଲବ ହିଣ୍ଡାଲକୋ, ଖାଲପାଡ଼ି ଓ ଆଲିଗାଁ, ସୁନାବେଡା ଚର୍ଚ୍ଚ କଲୋନୀ ଓ ରାଣୀ କଣା, କଙ୍କଡା ଆମ୍ବ ଓ ନେତାଜୀ ରାଣୀକଣା, ପାଟା ମାଲି କୁଡମୁଲ୍ ଓ ବ୍ଲାକ କମାଣ୍ଡ, ସେମିଳିଗୁଡା, ବେହେରଗୁଡ଼ା ବି ଓ କକିଗାଁ ବି, ସେମେଲା ବି ଓ ରେଡ ଏଫ୍‌ସି , ଦାମନ ଯୋଡ଼ି, ଭେଜପୁଟ ଓ ଆନ୍ଦ୍ରବଡର, ବାବୁଡି କଲୋନୀ ଓ ଭୁବନ ୧୧ ମଧ୍ୟରେ ଖେଳ ହୋଇଥିଲା। କଣ୍ଟାଗୁଡ଼ା ଯୁବକ ସଂଘର ସଦସ୍ୟ ସୁନିଲ କୁଲଦୀପ, ରାଜେଶ୍ କୁଲଦୀପ, ଅମିତ୍ ଖୋସଲା, କିରଣ, ଅଜୟ, ରଞ୍ଜନ, ବାବୁଲି, ପୂର୍ଣ୍ଣ, ଟୁନା ଓ ବିକାଶ ଖେଳ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୯।୯(ସମିସ): ଦିବ୍ୟାଙ୍ଗମାନେ କୌଣସି କ୍ଷେତ୍ରରେ ଅକ୍ଷମ ନୁହଁନ୍ତି ବରଂ ଉପଯୁକ୍ତ ପରିବେଶ ଓ ସୁଯୋଗ ମିଳିଲେ ବିଶ୍ୱବିଜୟୀ ହେବାର ସମ୍ଭାବନା ସେମାନଙ୍କ ପାଖରେ ରହିଛି । କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଆୟୋଜିତ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମରେ ଏଭଳି ବାର୍ତ୍ତା ଦିଆ ଯାଇଛି। ରାଜ୍ୟ ଭିନ୍ନକ୍ଷମ ଆୟୋଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଜୟପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୮ଟି ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ୧୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆୟୋଜକ ସରକାରୀ ଡିଏଭି ମହାବିଦ୍ୟାଳୟ ସମେତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟ, ପଟାଙ୍ଗୀ, ସେମିଳିଗୁ?। ମହାବିଦ୍ୟାଳୟ, ସିନ୍ଧେଦେବୀ ମହାବିଦ୍ୟାଳୟ, ନନ୍ଦପୁର, ସୁନାବେଡ଼ା ମହିଳା ମହାବିଦ୍ୟାଳୟ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ, କୁନ୍ଦ୍ରା ପ୍ରଭୃତି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ କୁଇଜ୍ ପ୍ରତିଯୋଗୀତାରେ ମଧ୍ୟ ଭାଗ ନେଇଥିଲେ। ସରକାରୀ ଡିଏଭି ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ସୁଶୀଳ କୁମାର ଗଡ଼ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ବର୍ତ୍ତମାନର ଛାତ୍ର ସମାଜ ପାଇଁ ଏହାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦର୍ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମଧ୍ୟ ବକ୍ତବ୍ୟ ରଖିଥିଲେ। ଜାତୀୟ ଭିନ୍ନକ୍ଷମ ସେବା କେନ୍ଦ୍ରର ଅବସରପ୍ରାପ୍ତ ସହ ନିର୍ଦ୍ଦେଶକ ରାଜକୁମାର ଶର୍ମା କୁଇଜ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଦୁଇଛାତ୍ର ବିଜୟୀ ହୋଇ ପୁରସ୍କାର ଫଳକ ଓ ଅର୍ଥରାଶି ଗ୍ରହଣ କରିଥିବାବେଳେ ଭାଗନେଇଥିବା ଅନ୍ୟ ସମସ୍ତ ଛାତ୍ରଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜକ ମହାବିଦ୍ୟାଳୟର ଡ. ଲୋପାମୁଦ୍ରା ସ୍ୱାଇଁ ପରିଚାଳନା କରିଥିବାବେଳେ ପରିଶେଷରେ କୋରାପୁଟ ଜିଲ୍ଲା ସାମାଜିକ ଅଧିକାରୀ ଶ୍ରୀମତୀ ନିଶା ନାୟର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଡ. ରଞ୍ଜନ କୁମାର ବାରିକ, ଡ. ସୈରିନ୍ଧ୍ରୀ ମହାରଣା, ଡ. ଶ୍ରୀଚନ୍ଦନ ମିଶ୍ର, ମନୋଜ କୁମାର ବେହେରା, କୋବିଦ ପ୍ରଧାନ, ଏମ୍ ଦୀପକ କୁମାର ଓ ନିରଞ୍ଜନ ମହାକୁଲଙ୍କ ସମେତ ଏନ୍‌ସିସି., ଯୁବ ରେଡକ୍ରସ୍ ଓ ଜାତୀୟସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗ ଓ ବିଧାୟକଙ୍କ ବୈଠକ

ନନ୍ଦାହାଣ୍ଡି,୯।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ନବରଙ୍ଗପୁର ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷା ବିଭାଗ ଅଧିକାରୀ ଓ ଶିକ୍ଷକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ଦାନରେ ଗୁଣାରକ ମାନ ବୃଦ୍ଧି, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ପରିବେଶ ସଫାସୁତୁରା, ଶିକ୍ଷକଙ୍କ ସମୟାନୁନବର୍ତ୍ତିତା ଓ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପୋଷାକର ମାନ ତଥା ଯୋଗାଣ ସଂସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ନନ୍ଦ ।ହାଣ୍ଡି ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱରେ ଆୟୋଜିତ ଏହି ବୈଠକ ଅବସରରେ ମୁଖ୍ୟ ଅତିଥି ରୂପେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ , ଜିଲ୍ଲା ଶିକ୍ଷା ସଂଯୋଜକ ଚିତ୍ତ ରଂଜନ ପଟ୍ଟନାୟକ ଙ୍କ ସମେତ ବ୍ଲକର ୮୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବୀରମିତ୍ରପୁର ଜାତୀୟ ରାଜପଥ ମରଣଯନ୍ତା

# ପାଣିରେ ପଡ଼ିଲା ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା!

ରାଉରକେଲା, ୯।୯ (ସମିସ)



ରାଉରକେଲାରୁ ବୀରମିତ୍ରପୁର ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି। ନିକଟରେ ଏହି ରାସ୍ତାର ମରାମତି ପାଇଁ ଖର୍ଚ୍ଚ ହୋଇଥିବା ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ଗଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି।

ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ଏକ ପ୍ରମୁଖ ଶିଳ୍ପାଞ୍ଚଳ ଭାବେ ପରିଚିତ ବୀରମିତ୍ରପୁର ଅଞ୍ଚଳବାସୀଙ୍କ ସବୁଠାରୁ ବଡ଼ ଦୁଃଖ ହେଉଛି ବୀରମିତ୍ରପୁର ସହର ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ। ଏହି ଜାତୀୟ ରାଜପଥ ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ସହିତ ବିଭିନ୍ନ ରାଜ୍ୟକୁ ସଂଯୋଗ କରୁଛି। ଦୈନିକ ହଜାର ହଜାର ଯାନବାହାନ ଏହି ରାଜପଥ ଉପରେ ନିର୍ଭରଶୀଳ। ଫଳରେ ଟିକସ ବାବଦରେ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ଏଠାରୁ ପାଉଥିଲେ ରାସ୍ତାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ବାରମ୍ବାର ଅଣଦେଖା କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାରଣ ଏହି ରାଜପଥର ଅବସ୍ଥା ଏବେ ଶୋଚନୀୟ ହୋଇଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତାଟି ଭାଙ୍ଗିରୁଜି ନଷ୍ଟ ହୋଇ ଯାଇଥିଲା। ରାତି ପାହିଲେ ବୀରମିତ୍ରପୁରବାସୀଙ୍କ ଏହି ରାସ୍ତା ଉପରେ ନିର୍ଭର କରନ୍ତି। କୁଆଁରମୁଣ୍ଡା ଓ ରାଉରକେଲା ଆସିବାକୁ ଏହି ରାସ୍ତା ହିଁ ମୁଖ୍ୟ ରାସ୍ତା ଭାବେ ବ୍ୟବହାର ହୋଇଥାଏ। ତେଣୁ ରାସ୍ତାର ମରାମତି ପାଇଁ ବହୁ ଥର ଆନ୍ଦୋଳନ ଓ ରାଜପଥ ଅବରୋଧ ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ରାଜପଥକୁ ମରାମତି କରାଯାଇଥିଲା। ହେଲେ ମରାମତିର ଦୁଇ ବର୍ଷ ନ ପୂରୁଣୁ ରାସ୍ତାର ଅବସ୍ଥା ପୂର୍ବଭଳି ହୋଇଗଲାଣି। ଜାତୀୟ ରାଜପଥ ଉପରୁ ପିଚୁ ଉଠିଯିବା ସହ ରାସ୍ତାସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବୀରମିତ୍ରପୁରରେ ବିଏସଏଲ କମ୍ପାନୀ ସମେତ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଓ କ୍ରସର ଥିବାରୁ ଏଥିପାଇଁ ଏହି ରାଜପଥରେ ଦୈନିକ ଶହ ଶହ ଭାରିଯାନ ଯାତାୟାତ କରୁଛି। ରାସ୍ତା ଖରାପ ଥିବାରୁ ଧୂଳି ଉଡ଼ିବା ଯୋଗୁଁ ଲୋକେ ଶ୍ୱାସ ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ବର୍ଷା ଋତୁ ହୋଇଥିବାରୁ ଲଗାଣ ବର୍ଷା ଯୋଗୁଁ ରାସ୍ତା ଆହୁରି ଖରାପ ହେବାରେ ଲାଗିଛି। ଏହି ଗର୍ତ୍ତରେ ପାଣି ଜମି ଖାଲ ଜଣାପଡୁନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ଦୁଇ ବର୍ଷ ଭିତରେ ଏହି ରାଜପଥରେ ଦୁର୍ଘଟଣା ଯୋଗୁଁ ଅନେକ ଲୋକଙ୍କ ପ୍ରାଣହାନି ହେଲାଣି। ଏହି ସମସ୍ୟା ବିଷୟରେ ସ୍ଥାନୀୟ ବାସିନ୍ଦା ଅନେକ ଥର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

ଏତଦ୍‌ବ୍ୟତୀତ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ତିଆରି କରାଯାଇଥିବା ଡ୍ରେନ୍‌ଟିର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। କେଉଁଠି ଡ୍ରେନ୍ ଦବି ଯାଇଛି ତ ଆଉ କେଉଁଠି ଭାଙ୍ଗି ଯାଇ ଏମିତି ଖୋଲା ମେଲା ଅବସ୍ଥାରେ ପଡ଼ିରହିଛି। ଆଉ କେଉଁଠି ରାସ୍ତା ଓ ଡ୍ରେନ ସମାନ ହୋଇଯାଇଛି। ଏହି ରାସ୍ତା ଓ ଡ୍ରେନ୍ ସମସ୍ୟା ନେଇ ସ୍ଥାନୀୟ ଲୋକେ ତଥା ବିଭିନ୍ନ ସଂଗଠନ ଅନେକ ସମୟରେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ତୁରନ୍ତ ଏହି ରାଜପଥ ମରାମତି ପାଇଁ ସାଧାରଣରେ ଦାବି କରାଯାଇଛି।

### ମହିଳାଙ୍କ ଜଟିଳ ଅସ୍ତ୍ରୋପଚାର

## ଗର୍ଭାଶୟରୁ ବାହାରିଲା ୬ କେଜିର ଟ୍ୟୁମର



**ରାଉରକେଲା, ୯।୯ (ସମିସ):** ଜଣେ ମହିଳାଙ୍କ ଏକ ଜଟିଳ ଅସ୍ତ୍ରୋପଚାର ଜରିଆରେ ଗର୍ଭାଶୟରୁ ୬ କେଜିର ଟ୍ୟୁମର ବାହାର କରାଯାଇଛି। ରାଉରକେଲା ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ଡାକ୍ତରମାନେ ଜଣେ ୩୬ ବର୍ଷୀୟ ମହିଳାଙ୍କ ଶରୀରରେ ଏଭଳି ଅସ୍ତ୍ରୋପଚାର କରିଛନ୍ତି। ସେ ହେଲେ ମନ୍ଦିରା ଡ୍ୟାମ୍ ଅଞ୍ଚଳର ବାଙ୍କିବାହାଲର ମଞ୍ଜୁଡା ସୋରେଙ୍ଗ। ସେ ଗତ ଦୁଇ ମାସ ଧରି ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପେଟ ଫୁଲିବା ସହିତ କଷ୍ଟ ପାଉଥିଲେ। ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଗର୍ଭାଶୟରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ମାତ୍ର ଏହାର ଅବସ୍ଥିତି ଦେଖି ଜଟିଳ ଅସ୍ତ୍ରୋପଚାର ଆବଶ୍ୟକ ଥିବା କୁହାଯାଇଥିଲା। ସିନିୟର କନସଲଟାଣ୍ଟ ଡକ୍ଟର ବ୍ୟାସଦେବ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଅସ୍ତ୍ରୋପଚାର କରିଥିଲେ। ଡକ୍ଟର ଦିବ୍ୟା କୁଆଁରଦାର ଏବଂ ଡକ୍ଟର ଚଞ୍ଚଳଙ୍କ ସହାୟତାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ତଥା ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡ. ପ୍ରତିଭା ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ବରିଷ୍ଠ ନିଶ୍ଚେତକ ଡକ୍ଟର ବି.କେ. ନାୟକ, ଡକ୍ଟର ଶେଖର ଏବଂ ଡକ୍ଟର ପ୍ରାନ୍ତିକା ଗୁରୁତ୍ୱପୂର୍ଣ୍ଣ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିବା ବେଳେ ସିଷ୍ଟର ରାସନା ସହାୟତା କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ଥିବା ଜଣାପଡ଼ିଛି।

## ମହିଳା ବିରୋଧୀ ନୀତି ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ସିଆର୍‌ପି



**ବଣାଇଁ, ୯।୯ (ସମିସ):** ସରକାରଙ୍କ ମହିଳା ବିରୋଧୀ ନୀତି ନେଇ ଉପଜିଲ୍ଲାପାଳଙ୍କୁ ସିଆର୍‌ପି ମହିଳା ଦାବିପତ୍ର ପ୍ରଦାନ କରିଛନ୍ତି। ଲହୁଣୀପଡ଼ା ବ୍ଲକର ଶତାଧିକ ସିଆର୍‌ପି ଏହି ଦାବିପତ୍ର ଦେଇଛନ୍ତି। ପୂର୍ବ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ପରିକଳ୍ପନା କରିଥିଲେ, ସେଥିରେ ନୂଆ ସରକାର ସହମତ ହେବା ବଦଳରେ ଓଲଟା ଦରମା ବନ୍ଦ କରି ଏଣିକି ପ୍ରୋତ୍ସାହନ ରାଶି ପ୍ରଦାନ ନେଇ କରିଥିବା ନିଷ୍ପତ୍ତିକୁ ବିରୋଧ କରି ପ୍ରତିବାଦ ଜଣାଇଛନ୍ତି। ପୂର୍ବ ସରକାର ସିଆର୍‌ପିମାନଙ୍କ ପାଇଁ ମାସିକ ୬ ହଜାର ୧ ଶହ ଟଙ୍କା ଧାର୍ଯ୍ୟ କରିଥିଲେ। ହେଲେ ବିଜେପି ସରକାର ଦରମା ବନ୍ଦ କରି କେବଳ ପ୍ରୋତ୍ସାହନ ରାଶି ପ୍ରଦାନ ନେଇ କରିଥିବା ନିଷ୍ପତ୍ତିକୁ ବିରୋଧ କରି ସେମାନେ ପ୍ରୋତ୍ସାହନ ରାଶି ଗ୍ରହଣ କରିବେ ନାହିଁ ବୋଲି ଆଜି ବଣାଇଁ ଉପଜିଲ୍ଲାପାଳଙ୍କୁ ଦାବି ପତ୍ର ଜରିଆରେ ଜଣାଇଛନ୍ତି। ଏହାକୁ ସରକାର ନ ମାନିଲେ ଆଗକୁ ରାଜ୍ୟସ୍ତରରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସଚ୍ଚିଦାନନ୍ଦ ସ୍ମୃତି ସମିତିର ଅଧ୍ୟାତ୍ମ୍ ସାହିତ୍ୟ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ

**ରାଉରକେଲା, ୯।୯ (ସମିସ):** ଛେଣ୍ଡସ୍ଥିତ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରେ ସଚ୍ଚିଦାନନ୍ଦ ସ୍ମୃତି ସମିତି ପକ୍ଷରୁ ଦ୍ୱିଦିବସୀୟ ଅଧ୍ୟାତ୍ମ୍ ସାହିତ୍ୟ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ବାଗ୍ମୀ, ସଂସ୍କୃତ ଓ ସାହିତ୍ୟ ବିଶାରଦ ପଣ୍ଡିତ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ପ୍ରଥମ ଦିବସରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଚେତନା ଓ ଦ୍ୱିତୀୟ ଦିବସରେ କବି ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ କାବ୍ୟ ଓ ଅଭିମନ୍ୟୁ ସାମନ୍ତସିଂହାରଙ୍କ କାବ୍ୟରେ ଶ୍ରୀଜଗନ୍ନାଥଙ୍କ ମୁଖମଣ୍ଡଳର ଚିକ୍କଣ କଳା ରଙ୍ଗ ଓ କୃଷ୍ଣରସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଦିବସରେ ମହେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କବି ଶର୍ମିଷ୍ଠା କବିଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମକୁ ଇଂ ନବଘନ ସାହୁ ଉଦ୍‌ଘାଟନ କରିଥିଲେ। ଆଲୋକ ରଞ୍ଜନ ମଲ୍ଲିକ ସଂଯୋଜନା କରିଥିଲେ।

## ବ୍ୟାଟେରି ଚୋରି, ଜଣେ ଗିରଫ

**ରାଉରକେଲା, ୯।୯ (ସମିସ):** ବ୍ୟାଟେରି ଚୋରି ଅଭିଯୋଗରେ ସ୍ଥାନୀୟ ରଘୁନାଥପାଲି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ଚୋରି ବ୍ୟାଟେରି ଜବତ କରିଛି। ଗିରଫ ଯୁବକ ହେଲେ ଜିତେନ୍ଦ୍ର ବାରିକ ଓରଫ ଜିଜା(୩୦)। ତା' ଘର ଆଇଟିଆଇ ପଛ ପଟ ବସ୍ତିରେ ବୋଲି ଜଣାପଡ଼ିଛି। ତା' ନାମରେ ରଘୁନାଥପାଲି ଥାନାରେ ୩ଟି ଏବଂ ଛେଣ୍ଡ ଥାନାରେ ୨ଟି ମାମଲା ରହିଥିବା ସୂଚନା ମିଳିଛି।



## ସିଆର୍‌ସିସି ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ରାଉରକେଲା, ୯।୯ (ସମିସ): ଗତ ଗୁରୁଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ଅଧୀନରେ ଥିବା ଆର୍‌ଇସି କ୍ଲଷ୍ଟର୍‌ର ସିଆର୍‌ସିସି ସିପ୍ରା ସାହୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସୁନ୍ଦରଗଡ଼ରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ ସମାରୋହରେ ଶ୍ରୀମତୀ ସାହୁଙ୍କୁ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏଥିପାଇଁ ଆଭା ଅନ୍ୱେଷର (ଶିକ୍ଷକ ଓ ଶିକ୍ଷାର୍ଥୀ ସାମାଜିକ କଲ୍ୟାଣ ସଂଗଠନ) ତରଫରୁ ସଭାପତି ଆର୍ତ୍ତତ୍ରାଣ ଜେନା, ସମ୍ପାଦକ ତଥା ପୂର୍ବତନ କୁତ୍ରା ବ୍ଲକ ବିଇଓ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବଣାଇଁ ବ୍ଲକ ଅନ୍ତର୍ଗତ ଜାଙ୍ଗଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିକୁଞ୍ଜ ବିହାରୀ ଗୋଛାୟତ ମଧ୍ୟ ଶିକ୍ଷା ଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବଣାଇଁ ଶିକ୍ଷା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିପାଇଁ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତଙ୍କ ସମେତ ବଣାଇଁର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହାଇମାଷ୍ଟ ଲାଇଟ୍ ଅଚଳ

**ବଣାଇଁ, ୯।୯ (ସମିସ):** ବଣାଇଁ ବ୍ଲକ ଜକେଇକଳା ଗ୍ରାମ ପଞ୍ଚାୟତର କିଷାନ ସାହି କ୍ଲବ ନିକଟରେ ଥିବା ହାଇମାଷ୍ଟ ଲାଇଟ୍‌ଟି ଦୀର୍ଘ ୬ ମାସରୁ ଅଧିକ ହେବ ଅଚଳ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ହାଇମାଷ୍ଟଟି ଗତ ୨ ବର୍ଷ ତଳେ ଲାଗି ଥିବା ବେଳେ ସ୍ଥାନୀୟ ଲୋକେ ଏହାର ସୁବିଧା ପାଇବା ସହିତ ଯାତାୟାତ କରୁଥିବା ପଥଚାରୀ ମଧ୍ୟ ସୁବିଧା ପାଉଥିଲେ। ଲାଇଟ୍‌ଟି ଅଚଳ ହୋଇ ପଡ଼ିରହିଥିବାରୁ ସେହି ସ୍ଥାନଟି ଅନ୍ଧକାର ରହୁଛି। ଫଳରେ ରାତିରେ ଯାତାୟାତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଅଞ୍ଚଳରେ ବର୍ଷା ଲାଗି ରହିଥିଲାବେଳେ ଅନ୍ଧକାର ଯୋଗୁଁ ସରୀସୃପ ଓ ବନ୍ୟଜନ୍ତୁଙ୍କ ଆକ୍ରମଣର ଭୟ ରହୁଛି। ନିମ୍ନମାନର ଲାଇଟ୍ ସବୁ ଲଗା ଯାଇଥିବାରୁ ଅଳ୍ପ ଦିନ ପରେ ତାହା ଖରାପ ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ତେବେ ଆଗକୁ ପର୍ବପର୍ବାଣିର ଦିନ ଆସୁଥିବା ବେଳେ ଲୋକଙ୍କ ଯାତାୟାତର ସୁବିଧା ପାଇଁ ତୁରନ୍ତ ଏହାର ମରାମତି କରିବାକୁ ଦାବି ହେଉଛି।



## ୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



**ରାଉରକେଲା, ୯।୯ (ସମିସ):** ଗଞ୍ଜେଇ ଚାଲାଣ କରୁଥିବାବେଳେ ରଘୁନାଥପାଲି ଥାନା ପୁଲିସ ଗଙ୍ଗାଧରପାଲି ବସ୍ତିର ସିଲୁ ଦାସ (୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ୨ କେଜି ୪୩୨ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଅଞ୍ଚଳର ଉତ୍କଳ ଇଞ୍ଜିନିୟରିଂ ଛକ ଦେଇ ସିଲୁ ଏକ ପ୍ଲାଷ୍ଟିକ ବ୍ୟାଗ୍ ନେଇ ଯାଉଥିବା ବେଳେ ପୁଲିସ ସନ୍ଦେହ କରିଥିଲା। ତାଙ୍କୁ ଅଟକାଇ ବ୍ୟାଗ୍ ଯାଞ୍ଚ୍ କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି।

## ଏସିଆ କପ୍ ହକିରେ ଶିଳାନନ୍ଦଙ୍କ ଉନ୍ନତ ପ୍ରଦର୍ଶନ

**ରାଉରକେଲା, ୯।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସେଲ୍ ହକି ଏକାଡେମୀର ପୂର୍ବତନ କ୍ୟାଡେଟ୍ ଶିଳାନନ୍ଦ ଲାକ୍ରା ରାଜଗିରିରେ ଅନୁଷ୍ଠିତ ପୁରୁଷ ଏସିଆ କପ୍ ହକି ଚାମ୍ପିଅନ୍‌ସିପ୍‌ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯେଉଁଥିରେ ଭାରତ ଚାମ୍ପିଅନ ହୋଇଛି। ଏହି ବିଜୟ ସହିତ ଭାରତ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ପୁରୁଷ ହକି ବିଶ୍ୱକପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ପୁରୁଷ ଏସିଆ କପ୍ ହକି ଚାମ୍ପିଅନ୍‌ସିପ୍‌ର ଫାଇନାଲରେ ଭାରତ ପୂର୍ବ ଚାମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରିଥିଲା।

ଭାରତର ଏହି ସଫଳ ଯାତ୍ରାରେ ଶିଳାନନ୍ଦଙ୍କର ପ୍ରମୁଖ ଅବଦାନ ଥିଲା। ବିଶେଷକରି ଚୀନ୍ ବିପକ୍ଷ ସେମିଫାଇନାଲ୍‌ରେ ସେ ଦଳକୁ ୭-୦ ବିଜୟ ଦେଇଥିଲେ। ଏଥିରେ ସେ ଉଲ୍ଲେଖନୀୟ ଭୂମିକା ନେଇଥିଲେ ଏବଂ ମ୍ୟାଚ୍‌ର ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଫରୱାର୍ଡ ଲାଇନରେ ଖେଳୁଥିବା ଶ୍ରୀ ଶିଳାନନ୍ଦ ୨୦୧୮ ମାର୍ଚ୍ଚରେ ୨୭ତମ ସୁଲତାନ ଆଜଲାନ ଶାହ କପ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ହକି ଦଳରେ ପଦାର୍ପଣ କରିଥିଲେ। ଚମତ୍କାର ଖେଳ ପାଇଁ ବେଶ ଜଣାଶୁଣା ଏହି ଯୁବ ଖେଳାଳି ଏ ପର୍ଯ୍ୟନ୍ତ ୩୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ପ୍ରଶଂସନୀୟ ଯୁବ ଫରୱାର୍ଡ ଇଣ୍ଡିଆନ ଜୁନିଅର ଦଳର ପ୍ରତିନିଧିତ୍ୱ କରି ମଧ୍ୟ ଦେଶ ପାଇଁ ଗୌରବ ଆଣିଥିଲେ। ଉଲ୍ଲେଖନୀୟ ଯେ, ସୁନ୍ଦରଗଡ଼ ଜିଲ୍ଲାର କାଳିଜାପଥର ଗ୍ରାମର ନିବାସୀ କାର୍ଲସ୍ ଲାକ୍ରା ଏବଂ ମେରୀ ଗ୍ରେସ୍ ଲାକ୍ରାଙ୍କ ପୁଅ ଶିଳାନନ୍ଦ ୨୦୧୫ ଅଗଷ୍ଟରେ ସେଲ୍‌ଫ ହକି ଏକାଡେମୀରେ ଯୋଗଦେବା ସହିତ ୨୦୧୯ ପର୍ଯ୍ୟନ୍ତ ଏକାଡେମୀର କ୍ୟାଡେଟ୍ ରହିଥିଲେ। ଏହି ସମୟ ମଧ୍ୟରେ ସେ ଆର୍‌ଏସ୍‌ପିର ଦୁଇ ହକି ପ୍ରଶିକ୍ଷକ ଏନ୍‌ଆଇଏସ୍ (ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ) ପ୍ରଶିକ୍ଷକ ରାଜୁ କାନ୍ତ ସାଇନି ଏବଂ ପୂର୍ବତନ ଜାତୀୟ ଜୁନିଅର ଇଣ୍ଡିଆ ହକି ଖେଳାଳି ପିଟର ତିର୍କୀଙ୍କ ଠାରୁ ହକିର ନିଖୁଣ କ୍ରୀଡ଼ା ଶିକ୍ଷା ଗ୍ରହଣ କରିଥିଲେ।




## ଶିଳ୍ପ କରିଡର ଓ ସମୃଦ୍ଧ ସହର ଯୋଜନାରେ ରାଉରକେଲାକୁ ସାମିଲ ଦାବି

**ରାଉରକେଲା, ୯।୯ (ସମିସ):** ଶିଳ୍ପ କରିଡର୍ ଓ ସମୃଦ୍ଧ ସହର ଯୋଜନାରେ ରାଉରକେଲାକୁ ସାମିଲ ପାଇଁ ରାଉରକେଲା ଥିଙ୍କର୍ସ ଫୋରମ ପକ୍ଷରୁ ଦାବି କରାଯାଇଛି। ନିକଟରେ ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ, ସମ୍ବଲପୁର-ବରଗଡ଼-ଝାରସୁଗୁଡ଼ା, କୋରାପୁଟ-ସୁନାବେଡ଼ା-ଜୟପୁର ଏବଂ ବଡବିଲ-ଯୋଡ଼ା-କେନ୍ଦୁଝର ପରି ୪ଟି ଶିଳ୍ପ କରିଡର ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଗତ ବଜେଟ୍ ଉପରୋକ୍ତ ସହର ସହ ବ୍ରହ୍ମପୁର-ଗୋପାଳପୁରକୁ ନେଇ ୫ଟି ଅଞ୍ଚଳକୁ ସମୃଦ୍ଧ ସହର ଭାବରେ ବିକଶିତ କରିବେ ବୋଲି ଘୋଷଣା କରିଥିଲେ। କିନ୍ତୁ ରାଉରକେଲାକୁ ଏଥିରୁ ବାଦ୍ ଦିଆଯାଇଥିଲା। ରାଉରକେଲା ଓଡ଼ିଶାର ଶିଳ୍ପ ରାଜଧାନୀ ଭାବରେ ପରିଚିତ ହେବା ସହ ଏକମାତ୍ର ଦ୍ୱିତୀୟ ସ୍ମାର୍ଟସିଟିର ମାନ୍ୟତା ପାଇଛି। ବିଭିନ୍ନ ସମୟରେ ସ୍ୱଚ୍ଛତା, ପରିବେଶ ଇତ୍ୟାଦି ମାପକାଠିରେ ରାଉରକେଲା ଅନେକ ଅନ୍ତର୍ଜାତୀୟ ସ୍ୱୀକୃତି ମଧ୍ୟ ଲାଭ କରିଛି। ଏଠାରେ ଏନ୍‌ଆଇଟି, ବିପିୟୁଟି, ହକି ଷ୍ଟାଡିୟମ ଇତ୍ୟାଦି ଅନେକ ଜାତୀୟ ଅନୁଷ୍ଠାନର ଅବସ୍ଥିତି ସହରର ଗୁରୁତ୍ୱ ବୃଦ୍ଧି କରୁଛି। ଅର୍ଥନୈତିକ ପ୍ରଗତି ପାଇଁ ସହରାଞ୍ଚଳର ବିକାଶ ଅନିବାର୍ଯ୍ୟ ଓ ଓଡ଼ିଶାରେ ସହରାଞ୍ଚଳରେ ମାତ୍ର ୧୯ ପ୍ରତିଶତ ବାସ କରନ୍ତି ଯାହା ଜାତୀୟ ହାର ୩୬ ପ୍ରତିଶତ ଠାରୁ ଅତ୍ୟନ୍ତ କମ୍। ଓଡ଼ିଶା ସରକାର ମଧ୍ୟ ରାଜ୍ୟର ଶତବାର୍ଷିକ ତଥା ୨୦୩୬ ବେଳକୁ ୪୦ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ରାଉରକେଲା ଓ ପାର୍ଶ୍ୱାଞ୍ଚଳର ଯୋଗଦାନ ଅନିବାର୍ଯ୍ୟ। ତେଣୁ ସରକାର ରାଉରକେଲା-ରାଜଗାଙ୍ଗପୁର-ବୀରମିତ୍ରପୁର-ବିଶ୍ରା-ବଣାଇଁ ଅଞ୍ଚଳକୁ ନେଇ ଉଭୟ ସମୃଦ୍ଧ ସହର ଓ ଶିଳ୍ପ କରିଡର ଯୋଜନାରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହି ମର୍ମରେ ଥିଙ୍କର୍ସ ଫୋରମ ପକ୍ଷରୁ ଇଂ ଭରତ ଭୂଷଣ ମହାନ୍ତି, ଶଙ୍କର ତ୍ରିପାଠୀ, ଅଶୋକ ପଟ୍ଟନାୟକ ଏବଂ ନଳିନୀକାନ୍ତ ଧର ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରେରଣ କରିବା ସହ ସ୍ଥାନୀୟ ସାଂସଦ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗୁରୁ ଦିବସରେ ନିଆରା ଗୁରୁଦକ୍ଷିଣା ଦେଲେ ଆଶା ମୁଣ୍ଡାରୀ

ରାଉରକେଲା, ୯।୯ (ସମିସ)

**ସିଆଇଏସ୍‌ଏଫ୍‌ରେ ମିଳିଲା ନିଯୁକ୍ତି; ପୂରଣ ହେଲା କୋଚ୍‌ଙ୍କ ଆଶା**

ପଞ୍ଚମ ଶ୍ରେଣୀରୁ ଆରମ୍ଭ କରି ଆନ୍ତର୍ଜାତିକ ସ୍ତରରେ ଭଲିବଲରେ ପ୍ରସିଦ୍ଧି ଲାଭ କରିଥିବା ରାଉରକେଲାର ଆଶା ମୁଣ୍ଡାରୀ ସିଆଇଏସ୍‌ଏଫ୍‌ରେ ଚାକିରି ପାଇ ଗୁରୁଦିବସ ଦିନ ତାଙ୍କ ଗୁରୁ ଦେବଦତ୍ତ ଜେନାଙ୍କୁ ନିଆରା ଗୁରୁଦକ୍ଷିଣା ଭେଟି ଦେଇଥିବା ଘଟଣା ସହରରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ସେ ରାଉରକେଲା ସହରର ଜଣେ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲା ବେଳେ ମାଆ ବାପାଙ୍କ ସହ ସେ ନିଜେ ମୂଲ ଲାଗି ଚଳନ୍ତି। ଆଶା ୫ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଭଲିବଲ ପ୍ରଶିକ୍ଷକ ଦେବଦତ୍ତ ଜେନା ଏଭଳି ଏକ କ୍ରୀଡ଼ା ପ୍ରତିଭାକୁ ଆବିଷ୍କାର କରି ପାଠ ପଢ଼ିବା ସହ ଖେଳରେ ମନ ଦେବା ପାଇଁ କହିବାରୁ ପ୍ରଥମେ ଖେଳିବା ପାଇଁ ଉଭୟ ବାପା ମା ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମନା କରି ଦେଇଥିଲେ। ପ୍ରଶିକ୍ଷକ ଶ୍ରୀ ଜେନା ସମସ୍ତଙ୍କୁ ବୁଝାଇ ଆଶାକୁ ଭଲିବଲ କୋଚିଂ ପ୍ରଦାନ କରିଥିଲେ। କୋଚିଂ ପାଇ ଗୋଟିଏ ପରେ ଗୋଟିଏ ପାହାଚ ଆଗେଇ ଉଠି ଚାଲିଥିଲେ ଆଶା। ଚଳିତବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟସ୍ତରରେ ଆନ୍ତର୍ଜାତିକ ଟିମ୍ ପାଇଁ ଚୟନ ହୋଇ ଅତିରିକ୍ତ ଖେଳାଳି ଭାବେ ଆଶା ରହିଥିଲେ। ନିରନ୍ତର ପ୍ରୟାସ ଜାରି ରଖିବା ସହ କୋଚ୍ ଦେବଦତ୍ତ ଜେନାଙ୍କ ପ୍ରଶିକ୍ଷଣ ପାଇ ଆଶା ଖେଳ କୋଟାରେ ସିଆଇଏସ୍‌ଏଫ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗତ ଗୁରୁଦିବସ ଦିନ ହିଁ ସିଆଇଏସଏଫ ଚାକିରିରେ ନିଯୁକ୍ତି ପାଇଛନ୍ତି। ଏହି ଚାକିରି ପାଇବା ଖବର ପାଇ କୋଚ୍ ଶ୍ରୀ ଜେନା ଗର୍ବ ଅନୁଭବ କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ୧୦ ରୁ ୧୨ ଜଣ ପ୍ରଶିକ୍ଷିତ ଛାତ୍ରୀ ଚାକିରି ପାଇଥିବାବେଳେ ପ୍ରାୟ ୧୨ ବର୍ଷ ପରେ ଆଶା ସମସ୍ତଙ୍କ ଆଶାକୁ ପୂରଣ କରି ଗୁରୁଦିବସ ପରି ଏକ ପବିତ୍ର ଦିନରେ ଗୁରୁଙ୍କୁ ଉଚିତ ଗୁରୁଦକ୍ଷିଣା ପ୍ରଦାନ କରିଛି ବୋଲି ଚର୍ଚ୍ଚା ଏବେ ଜୋର ଧରିଛି। ସହରର ଅଗ୍ରଣୀ ତଥା ପୁରୁଣା ସାମାଜିକ ସଂଗଠନ ସହାୟତା ପକ୍ଷରୁ ସଫଳ କ୍ରୀଡ଼ାବିତ୍ ଆଶା ମୁଣ୍ଡାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ସହାୟତା ସାମାଜିକ ସଂଗଠନର ଅଧ୍ୟକ୍ଷ ଗୋପାଳ ଜେନା, ଯୁଗ୍ମ ସମ୍ପାଦକ ତଥା ଆଡ୍‌ଭୋକେଟ୍ ତାପସ ପରିଡ଼ା, କାର୍ଯ୍ୟକାରୀ ସଦସ୍ୟ ବିଜୟ ସମାସୀ, ଲୀନା ନାୟକ, ହେମଲତା ପ୍ରସାଦ, ସୁମନ ମିଶ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ଅଜୟ ପ୍ରସାଦ, ମାନିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



### ମା' ବିରଜାଙ୍କ ରଥଯାତ୍ରା ଓ ଦଶହରା ପ୍ରସ୍ତୁତି ବୈଠକ

# ପୂଜା ଓ ଭସାଣିରେ ଡିଜେ ସମ୍ପୂର୍ଣ୍ଣ ବନ୍ଦ

ଯାଜପୁର, ୯।୯ (ସମିସ)



ମା' ବିରଜାଙ୍କ ରଥଯାତ୍ରା ଏବଂ ଦଶହରା ପର୍ବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦଶହରା ପୂଜା ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ସହରର ସଂକୀର୍ଣ୍ଣ ରାସ୍ତାକୁ ଦୃଷ୍ଟିରେ ରଖି ଜନଗହଳି ପୂର୍ଣ୍ଣ ଛକ, ସୋ'ରୁମମାନଙ୍କ ସାମ୍ନାରେ ଟ୍ରାଫିକ ବ୍ୟବସ୍ଥା କଡ଼ା କଡ଼ି ଭାବେ ନିୟନ୍ତ୍ରଣ କରିବା ସହିତ ଅଧିକ ସଂଖ୍ୟକ ପୁଲିସ ମୁତୟନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମା' ବିରଜାଙ୍କ ରଥଟଣା ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ପ୍ରଦତ୍ତ କାର୍ଯ୍ୟସାରଣୀ ମୁତାବକ ସମ୍ପନ୍ନ ହେବ ବୋଲି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଜଣାଇଥିଲେ। ରଥଟଣା ପୂର୍ବରୁ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତାକୁ ମରାମତି ପାଇଁ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଅନୁରୋଧ କରାଗଲା। ମନ୍ଦିର ନିକଟରେ ଏକ ପାଣି ଟ୍ୟାଙ୍କରର ବ୍ୟବସ୍ଥା କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଦୁର୍ଗା ପୂଜାର ଅବ୍ୟବହିତ ପୂର୍ବରୁ ସମସ୍ତ ମଣ୍ଡପଗୁଡ଼ିକୁ ତନଖି କରି କମିଟିର ଦରଖାସ୍ତକୁ ବିଚାରକୁ ନେଇ ଯଥାଶୀଘ୍ର ମଣ୍ଡପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରର ଗ୍ରାମ୍ୟ ରାସ୍ତାରେ ଝୁଲି ରହିଥିବା ଏଲଟି ଲାଇନ ତାର ଗୁଡ଼ିକର ମରାମତି ଓ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଗୁଡ଼ିକର ଅପସାରଣ କରିବା, ପୂଜା ତଥା ଭସାଣି ସମୟରେ ଡିଜେ ବ୍ୟବହାରକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିବା, ଡାକବାଜି ଯନ୍ତ୍ର ବଜାଇବା ନିମନ୍ତେ ୭ ଦିନ ଆଗରୁ ଅନୁମତି ନେବାକୁ ଏବଂ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟା ସୁଦ୍ଧା ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ

**ରାତି ୧୦ ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଅନୁମତି**

ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ୬୫ ଡେସିବେଲରୁ ଅଧିକ ସାଉଣ୍ଡରେ ବାଦ୍ୟଯନ୍ତ୍ର ନ ବଜାଇବାକୁ ସମସ୍ତ ପୂଜା କମିଟିକୁ ଅନୁରୋଧ କରିଥିଲେ। ରାତ୍ର ୧୦ ଘଟିକା ପରେ ଡାକବାଜି ଯନ୍ତ୍ରର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂଜା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଏବଂ ରାସ୍ତାରେ ପାଇପ୍ ଲାଇନ ଲିକେଜକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ମନ୍ଦିର ପରିସରରେ ଥିବା ଜଳ ଉତ୍ସଗୁଡ଼ିକୁ ମରାମତି କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକ, ଆଲୋକ ଓ ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରିବା ପାଇଁ ପୌରପାଳିକାଙ୍କୁ, ଦଶହରା ସମୟରେ ମା'ଙ୍କ ମନ୍ଦିର ନିକଟରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଗା ପୂଜା ପୂର୍ବରୁ ସହରର ମୁଖ୍ୟ ରାସ୍ତା ମରାମତି କରିବାକୁ ରାସ୍ତା ଓ ଗୃହ ନିର୍ମାଣ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମକର୍ତ୍ତାଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦଶହରା ଏବଂ ଭସାଣି ଦିନ ସମସ୍ତ ମଦ ଦୋକାନ ଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତି ନିଆଗଲା। ପୂର୍ବ ଦେବୀ ବିସର୍ଜନ ପାଇଁ ବୈତରଣୀ ନଦୀର ନିର୍ଦ୍ଧାରିତ ସ୍ଥାନରେ ଏକ ଅସ୍ଥାୟୀ ପୋଖରୀ ଖୋଳିବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଗଲା। ବୈଠକରେ ନିଆଯାଇଥିବା ସମସ୍ତ ନିଷ୍ପତି ଗୁଡ଼ିକୁ ଯଥାସମ୍ଭବ ବାସ୍ତବ ରୂପ ଦେଇ ଚଳିତ ବର୍ଷ ଦୁର୍ଗା ପୂଜାକୁ ନିର୍ବିଘ୍ନରେ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ, ସହକାରୀ ଜିଲ୍ଲାପାଳ, ସାଧାରଣ ଓ ବିବିଧ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଟିପିଏନ୍ଓଡିଏଲ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ପୂଜା କମିଟିର ବରିଷ୍ଠ ସଦସ୍ୟ, ମା' ବିରଜାଙ୍କ ମୁଖ୍ୟ ସେବାୟତ, ମେଢ଼ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଚୋରା ଦେଶୀ ମଦ ଜବତ; ଜଣେ ଗିରଫ

**ପାଣିକୋଇଲି, ୯।୯ (ସମିସ):** ପାଣିକୋଇଲି ପୁଲିସ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ ସଦଳବଳେ ପାଣିକୋଇଲି ଅଞ୍ଚଳରେ ସନ୍ଧ୍ୟା ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହ ଦୃଷ୍ଟିରେ ତାଙ୍କୁ ଧରିଥିଲେ। ତା' ନିକଟରୁ ପ୍ଲାଷ୍ଟିକ ବୋତଲରେ ୧୦ ଲିଟର ଦେଶୀ ମଦ ଥିବା ଦେଖି ତାଙ୍କୁ ଥାନାକୁ ମଦ ସହ ଆଣିଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତ ମଣିପୁର ଗ୍ରାମର ରବୀନ୍ଦ୍ର ମଲ୍ଲିକଙ୍କ ପୁଅ ଜଲଧର ମଲ୍ଲିକ(୩୦) ବୋଲି ଜଣାପଡ଼ିଥିଲା। ଏନେଇ ଏକ ମାମଲା ୨୬୮/୨୫ ରୁଜୁ କରାଯାଇଥିଲା। ଆଜି ଜଲଧରଙ୍କୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ସୁମିତ କୁଜୁରଙ୍କ ସୂତ୍ରରୁ ପ୍ରକାଶ।

## ଗୋରୁ ବୋଝେଇ ଭ୍ୟାନ୍ ଜବତ

**ଦାନଗଦି, ୯।୯ (ସମିସ):** ଗତକାଲି ରାତ୍ରିରେ ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ କଳିଙ୍ଗନଗର ପୁଲିସ ଡୁବୁରୀ ସିଆରିଆ ନିକଟରୁ ସୁକିନ୍ଦା ପଟୁ ଆସୁଥିବା ଏକ ଗୋରୁ ବୋଝେଇ ପିକଅପ୍ ଗାଡିକୁ ଜବତ କରାଯାଇଛି। ଏଥିରେ ୯ଟି ଗୋରୁ ବନ୍ଧା ହୋଇ ବାହାରକୁ ଚାଲାଣ ହେଉଥିବା ପୁଲିସ ଠାରୁ ସୂଚନା ମିଳିଛି। ତେବେ ପୁଲିସ ପାଟ୍ରୋଲିଂ ଗାଡିକୁ ଦେଖି ପିକଅପ ଗାଡି ଡ୍ରାଇଭର ଘଟଣାସ୍ଥଳରୁ ଗାଡିକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ପୁଲିସ କେସ ନମ୍ବର ୩୧୦/୨୦୨୫ରେ ମାମଲା ରୁଜୁକରି ଗୋରୁ ସବୁକୁ ସୁକିନ୍ଦା ଗୋଶାଳାରେ ଛାଡ଼ି ଦେଇଥିବା ସୂଚନା ଦେଇଛି।

## ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**କୁଆଖିଆ, ୯।୯ (ସମିସ):** କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟର ଗ୍ରାମରେ ଜଣେ ଆଦିବାସୀ ନାବାଳିକାର ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏହି ଗ୍ରାମର କାଳିଆ ମୁଣ୍ଡାଙ୍କ ଝିଅ ସେବତୀ ମୁଣ୍ଡା (୧୬) ଗତକାଲି ସନ୍ଧ୍ୟାଠାରୁ ଘରୁ ନିଖୋଜଥିଲା। ଝିଅର ବାପା କାଳିଆ ବହୁ ଖୋଜି ଥିଲେ ମଧ୍ୟ ତାର ପତ୍ତା ପାଇ ପାରିନଥିଲେ। ଆଜି ସକାଳେ ଏକତଲା ଗ୍ରାମର ଏକ ଜାମୁ ଗଛରେ ନାବାଳିକା ସେବତୀର ମୃତଦେହ ଝୁଲୁଥିବା ଝିଅର ବାପା ଦେଖିବାକୁ ପାଇଥିଲେ। ତେବେ ଘଟଣା ସମ୍ପର୍କରେ କାଳିଆ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଘଟଣା ସମ୍ପର୍କରେ କୁଆଖିଆ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ପାରିନଥିଲା। ତେବେ ପୁଲିସ ଉକ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଅଟୋରେ ଅପହରଣ କରି ବଳାତ୍କାର ଉଦ୍ୟମ ଘଟଣା

## ୨ ଜଣ ଅଭିଯୁକ୍ତ ଗିରଫ

**ଯାଜପୁର, ୯।୯ (ସମିସ):** ଜଣେ ମହିଳାଙ୍କୁ ଅଟୋରେ ଅପହରଣ କରି ବଳାତ୍କାର ଉଦ୍ୟମ କରିବା ଘଟଣାରେ ଜଡିତ ଥିବା ୨ଜଣ ଅଭିଯୁକ୍ତଙ୍କୁ ଯାଜପୁର ଟାଉନ୍ ପୁଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗତ ଏପ୍ରିଲ ମାସରେ ଯାଜପୁରରେ ଏକ ଘରୋଇ ଚିକିତ୍ସାଳୟରେ ଝାଡ଼ୁଦାର ଭାବେ କାର୍ଯ୍ୟ କରୁଥିବା ଜନୈକା ମହିଳା କାର୍ଯ୍ୟ ସାରି ନିଜ ଘରକୁ ଯିବା ପାଇଁ ଗାନ୍ଧୀ ଛକରେ ଅପେକ୍ଷା କରିଥିବା ବେଳେ ସେଠାରେ ଏକ ଅଟୋରେ ତାକୁ ଅପହରଣ ଉଦ୍ୟମ କରାଯିବା ସହିତ ବଳାତ୍କାର ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ତିନିଜଣ ଯୁବକ ସାମିଲ ଥିବା ନେଇ ଯାଜପୁର ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ ଯାଜପୁର ଟାଉନ ଥାନା ପୁଲିସ କେସ୍ ନଂ ୧୯୪/୨୫ରେ ମାମଲା ରୁଜୁ କରି ପୁଲିସ୍ ତଦନ୍ତ ଚାଲୁ ରଖିଥିଲେ। ପ୍ରଥମେ ଗାରଡେଶ୍ୱର ଗ୍ରାମର ଅଟୋ ଡ୍ରାଇଭର ବଳରାମ ଦାଶ ଓରଫ ନଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ମଙ୍ଗଳବାର ଏକ ବିଶେଷ ସୂତ୍ରରୁ ଖବର ପାଇ ତଦନ୍ତକାରୀ ଅଫିସର ଏସ୍ଆଇ ସୁବାଷ ମୁଦୁଲି ଯାଜପୁରଟାଉନ୍‌ର ନହରାପୁର ଗ୍ରାମରେ ଚଢ଼ଉ କରି ସେକ୍ ନସିମ ଅଲି (୩୪) ଏବଂ ଯାଜପୁର ଥାନା ଅଞ୍ଚଳର ଗାରଡ଼େଶ୍ୱର ଗ୍ରାମର ଗୁଣନିଧି ଜେନା ଓରଫ ବାବୁଆକୁ ଗିରଫ କରି କୋର୍ଟଚାଲାଣ କରିଛି।

## ରେଙ୍ଗାଳି ଡ୍ୟାମ୍‌ରୁ ଜଳନିଷ୍କାସନ ଦାବି

**ଧର୍ମଶାଳା, ୯।୯ (ସମିସ):** ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମରେ ସମସ୍ତ ଗେଟ ବନ୍ଦ ରହିଥିବା ବେଳେ ଡ୍ୟାମର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଭାଗୀୟ ୱେବସାଇଟରୁ ମିଳିଥିବା ତଥ୍ୟ ଅନୁଯାୟୀ ରେଙ୍ଗାଳି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଗତକାଲି ଡ୍ୟାମର ଜଳସ୍ତର ୧୨୨.୫୦ ମିଟର ରହିଥିଲା। ତେବେ ଆଜି ତାହା ବୃଦ୍ଧି ପାଇ ୧୨୨.୬୦ ମିଟରରେ ପହଞ୍ଚିଛି। ଅନ୍ୟପଟେ ଡ୍ୟାମର ସମସ୍ତ ଗେଟକୁ ବନ୍ଦ କରିଦିଆଯାଇଛି। ଗତ ବର୍ଷ ଆଜିର ଦିନରେ ଡ୍ୟାମରେ ୧୨୧.୨୯ ମିଟର ବନ୍ୟାଜଳ ରହିଥିଲା। ତେବେ ଆଗକୁ ବଡ଼ଧରଣର ଲଘୁଚାପ ହେଲେ ନଦୀରେ ବଡ ବନ୍ୟା ଆସି ବହୁ ଧନଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଏଭଳି ଅବସ୍ଥାରେ ବର୍ତ୍ତମାନ ଶୁଷ୍କ ରହିଥିବା ପାଗରେ ଡ୍ୟାମର ଗୋଟିଏ କିମ୍ବା ଦୁଇଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଆଗକୁ ସମ୍ଭାବ୍ୟ ଏକ ବଡ଼ଧରଣର ବନ୍ୟାକୁ ରୋକାଯାଇ ପାରିବ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି। ଏଥିପ୍ରତି ଡ୍ୟାମ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ଅସନ୍ତୋଷ

## ଅସଦାଚାରଣ ଅଭିଯୁକ୍ତଙ୍କୁ ଅଧ୍ୟକ୍ଷ ଦାୟିତ୍ୱ

**କୋରେଇ, ୯।୯ (ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇସ୍ଥ ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅସଦାଚାରଣ ଅଭିଯୋଗରେ ବିତାଡ଼ିତ ହୋଇଥିବା ଜଣେ ଅଧ୍ୟକ୍ଷଙ୍କ ମହାବିଦ୍ୟାୟରେ ଅବସ୍ଥାପିତ କରାଯିବାକୁ ସାଧାରଣରେ ଗ୍ରହଣ କରାଯାଇପାରୁନି।

ସୂଚନା ମୁତାବକ ୯ବର୍ଷ ତଳେ କୋରେଇସ୍ଥ କାହ୍ନୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ଚରଣ ମହାନ୍ତି ଜନୈକା ଅଧ୍ୟାପିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ କୋରେଇ ଥାନାରେ କେସ ନଂ-୨୦/୧୬ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାଟି ଏବେ ବି କୋର୍ଟରେ ବିଚାରାଧୀନ ରହିଛି। ସେତେବେଳେ ଅଧ୍ୟାପିକାଙ୍କ ଅଭିଯୋଗ କ୍ରମେ ସଂପୃକ୍ତ ଅଧ୍ୟକ୍ଷଙ୍କୁ ବାଲେଶ୍ୱର ଜିଲ୍ଲାକୁ ବଦଳି କରାଯାଇଥିଲା। କିନ୍ତୁ ସେ କାର୍ଯ୍ୟରେ ଯୋଗ ନଦେଇ ଏକାଧିକ ବର୍ଷ ଛୁଟିରେ ରହିଥିଲେ। ପରବର୍ତ୍ତୀ ସମୟରେ ସୁଜନପୁର ମହାବିଦ୍ୟାଳୟ ଓ ବ୍ୟାସନଗର ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ତାଙ୍କୁ ବୈତରଣୀରୋଡ୍ କଲେଜ (ପ୍ରାଣକୃଷ୍ଣ ମହାବିଦ୍ୟାଳୟ)ର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି।

ଅକ୍ଷୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ କରିବା ପାଇଁ ନିକଟରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ଏକ ଚାରିଜଣିଆ ଦଳ କୋରେଇ କଲେଜକୁ ଆସି ପୀଡ଼ିତା ଅଧ୍ୟାପିକା ଓ ଅନ୍ୟ କର୍ମଚାରୀଙ୍କ ଠାରୁ ବୟାନ ରେକର୍ଡ କରିଥିଲେ। ଉକ୍ତ ଘଟଣାର ରିପୋର୍ଟ ୧୦ ଦିନ ମଧ୍ୟରେ ସାର୍ବଜନୀନ କରାଯିବ ବୋଲି ତଦନ୍ତକାରୀ କର୍ମଚାରୀ ପ୍ରକାଶ କରିଥିଲେ। କିନ୍ତୁ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ସାର୍ବଜନିନ ହୋଇପାରିନି। ଏପରି ସ୍ଥଳେ ଯେଉଁ ବ୍ୟକ୍ତିଙ୍କ ନାମରେ ଅସଦାଚରଣ ଭଳି ସଂଗୀନ ଅଭିଯୋଗ ହେଇଛି ଓ ଉକ୍ତ ମାମଲାଟି ନ୍ୟାୟାଳୟରେ ବିଚାରଧୀନ ଅଛି; ସେହିଭଳି ବ୍ୟକ୍ତିଙ୍କୁ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରାଯାଇଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ନଠୁଆବରରେ ଭାଙ୍ଗିଲା କୁକୁଡ଼ା ଦୋକାନ

**କୁଆଖିଆ, ୯।୯ (ସମିସ):** ରସୁଲପୁର ତହସିଲ ଅନ୍ତର୍ଗତ କୁଆଖିଆ-ଯାବରା ରୋଡ୍‌ର ନଠୁଆବର ହାଟ ରାସ୍ତାକୁ ଲାଗିଥିବା ସେହି ଗ୍ରାମର ଚିନ୍ମୟ ପଣ୍ଡାଙ୍କ ଦୋକାନ ଘରକକୁ ଲାଗି ସେହି ଗ୍ରାମର ମାନସ ମଲିକ, ଅଶୋକ ମଲିକ ଓ ମନୋଜ ମଲିକ ଏକ କୁକୁଡ଼ା ଦୋକାନ କରିଥିଲେ। ଏହାକୁ ଜମିର ମାଲିକ ଚିନ୍ମୟ ପଣ୍ଡା ବିରୋଧ କରି ପ୍ରଶାସନର ଦ୍ୱାରସ୍ତ ହେଇ ଜଣାଇବା ପରେ ରସୁଲପୁର ତହସିଲଦାର ବିବାଦୀ ମାନଙ୍କୁ ଜବରଦଖଲ ଉଚ୍ଛେଦ ନୋଟିସ ଜାରି କରିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ନପାଇବାରୁ ପ୍ରତିବାଦୀ ଚିନ୍ମୟ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶିବିରରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗଟିକୁ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପଠାଇବା ପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ସକାଳ ୧୦ଟା ବେଳେ ପୁଲିସ ପ୍ରଶାସନକୁ ନେଇ ବେଆଇନ ଦୋକାନକୁ ଭାଙ୍ଗିବା ପାଇଁ ହାଟ ଉପରେ ପହଞ୍ଚିବା ପରେ ବିପକ୍ଷମାନେ ଉଚ୍ଛେଦକୁ ବିରୋଧ କରି ହାଟ ଉପରେ ଥିବା ବେଆଇନ ଦୋକାନ ଗୁଡ଼ିକୁ ନ ଭାଙ୍ଗି ଜଣେ ବ୍ୟକ୍ତିର ଘରକୁ କାହିଁକି ଭାଙ୍ଗୁଛନ୍ତି ବୋଲି ତହସିଲଦାରଙ୍କୁ ପ୍ରଶ୍ନ କରିଥିଲେ। ଯେହେତୁ ଚିନ୍ମୟ ପଣ୍ଡାଙ୍କ ବ୍ୟକ୍ତିଗତ ଜମି ଉପରେ ଦୋକାନ ଅଛି; ସେଥିପାଇଁ ଉଚ୍ଛେଦ ନିର୍ଦ୍ଦେଶ ଥିବାରୁ ଭଙ୍ଗା ଯାଉଛି ବୋଲି ତହସିଲଦାର ସେମାନଙ୍କୁ ବୁଝାଇବା ପରେ ବିବାଦୀମାନେ ସେମାନଙ୍କ ଦୋକାନକୁ ଉଠାଇ ନେଇଥିଲେ। ତେବେ ଏହି ଉଚ୍ଛେଦ ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ହାଟ ଉପରୁ ଅନ୍ୟ ବେଆଇନ ଦୋକାନ ଗୁଡ଼ିକ ସରକାର କେବେ ଭାଙ୍ଗିବେ ବୋଲି ଲୋକମାନେ ପ୍ରଶ୍ନ କରିଛନ୍ତି।

## ସମାଜସେବୀଙ୍କ ପରଲୋକରେ ଶୋକ

**ଯାଜପୁର, ୭।୯ (ସମିସ):** ଯାଜପୁରର ଜଣାଶୁଣା ବରିଷ୍ଠ ସମାଜସେବୀ ତଥା ବିଶିଷ୍ଟ ବ୍ୟବସାୟୀ ବିଷ୍ଣୁଚରଣ ବିହାରୀ(୮୫)ଙ୍କର ରବିବାର ତାଙ୍କ ନିଜ ବାସଭବନରେ ପରଲୋକ ହୋଇଛି। ଯାଜପୁର ସହର ଦେବୀଦ୍ୱାର ବାସିନ୍ଦା ସ୍ୱର୍ଗତ ବିହାରୀ ଜଣେ ମିତ୍ରଭାଷୀ, ପରୋପକାରୀ, ମେଳାପୀ, ଧର୍ମପରାୟଣ, ସମାଜସେବୀ ଓ ରାଜନେତା ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଯାଜପୁର ସହରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁଖବର ପାଇ ବିଜେଡି ନେତା ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସ୍ୱର୍ଗତ ବିହାରୀଙ୍କ ବାସଭବନରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ଏହି ଅବସରରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, କଂଗ୍ରେସ ଜିଲ୍ଲା ସଭାପତି ମନୋଜ ରାଉତ, ଭବପ୍ରସାଦ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ବିରଜାହାଟ ଓ ଦେବୀଦ୍ୱାରର ବ୍ୟବସାୟୀମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବନ୍ଦ ରଖିଛନ୍ତି। ସ୍ୱର୍ଗତ ବିହାରୀ ବିରଜା ହାଟର ପୂର୍ବତନ ସଭାପତି ଥିଲେ। ସ୍ୱର୍ଗତ ବିହାରୀ ମାର୍କଣ୍ଡପୁର ଓ ବାସୁଦେବପୁରର ପୂର୍ବତନ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ। ଯାଜପୁର ୪ନଂ ଜିଲ୍ଲା ପରିଷଦ ପୂର୍ବତନ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବେଳେ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର, ପୁତ୍ରବଧୂ, ୩ ଭାଇ ଓ ଅନ୍ୟାନ୍ୟ ବନ୍ଧୁ, ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ଯାଜପୁର ଦଶାଶ୍ୱମେଧ ଘାଟ ନିକଟସ୍ଥ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଗବର ସିଂଙ୍କ ପରିବାର ନିକଟରେ ପହଞ୍ଚିଲା ପ୍ରଶାସନ

**ଦଶରଥପୁର, ୯।୯ (ସମିସ):** ଦଶରଥପୁର ପଞ୍ଚାୟତ ବେହେରା ସାହିର ଗବର ସିଂ ଧୀର। ପରିବାର ଆର୍ଥିକ ଅନଗ୍ରସର ଶ୍ରେଣୀର ହୋଇଥିବା ବେଳେ ଘରେ ତାଙ୍କର ମାନସିକ ବିକାରଗ୍ରସ୍ତ ପତ୍ନୀ ଓ ୬ଜଣ ନାବାଳକ ଝିଅ ପୁଅ। ୨ ମାସ ପୂର୍ବେ ହଠାତ ଗବର ସିଂ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ଅର୍ଥ ଅଭାବରୁ ପରିବାର ଲୋକେ ତାଙ୍କର ଆବଶ୍ୟକ ଚିକିତ୍ସା କରିପାରିନଥିଲେ। ସ୍ୱାମୀ ଗୁରୁତର ଅସୁସ୍ଥ ହୋଇପଡ଼ିବା ଯୋଗୁଁ ପିଲାମାନଙ୍କୁ ଓଳିଏ ଖାଇବାକୁ ଦେବା ପତ୍ନୀଙ୍କ ପାଇଁ ଅସମ୍ଭବ ହୋଇପଡ଼ିବା ଦେଖି ବଡ଼ ଝିଅ ଏବଂ ଗୋଟିଏ ପୁଅକୁ ସମ୍ପର୍କୀୟ ପିଉସୀ ନିଜ ଘରକୁ ନେଇଯାଇଥିଲେ। ଚିକିତ୍ସା ଅଭାବରୁ ଗବର ସିଂ ଘରେ ରହି ଯନ୍ତ୍ରଣା ଭୋଗୁଥିବା ଖବର ପାଇ ଦଶରଥପୁର ଅଞ୍ଚଳର ସମାଜସେବୀ ମହେଶ୍ୱର ସାହୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ପେର ତାଙ୍କର ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଥିଲା। ସ୍ୱାମୀଙ୍କ କିଡ୍‌ନୀ ରୋଗର ଅଧିକ ଚିକିତ୍ସା ନିମନ୍ତେ ଆବଶ୍ୟକ ଅର୍ଥ ଚିନ୍ତାରେ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ୮ମ ଶ୍ରେଣୀରେ ପଢ଼ୁଥିବା ଝିଅ ଶ୍ରଦ୍ଧାଞ୍ଜଳି ଗତ ମାସ ୨୬ ତାରିଖରେ ଜିଲ୍ଲପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନିଜ ବାପାଙ୍କର ଶରୀର ଅସୁସ୍ଥତା ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଲିଖିତ ଭାବେ ଜଣାଇବା ସହିତ ଘରର ଆର୍ଥିକ ସ୍ଥିତି ଏବଂ ବାପାଙ୍କ କିଡ୍‌ନୀ ରୋଗର ଚିକିତ୍ସା ପାଇଁ ସାହାଯ୍ୟ କରିବାକୁ ନେହୁରା ହୋଇଥିଲେ। ଜିଲ୍ଲାପାଳ ଶ୍ରୀ କର ସେହିଦିନ ଶ୍ରଦ୍ଧାଞ୍ଜଳିଙ୍କ ଅଳ୍ପ କିଛି ପରିମାଣରେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ପରିବାର ପାଇଁ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମିହିର କୁମାର ଜେନା ଏବଂ ଶିଶିର ମଲ୍ଲିକଙ୍କ ସମେତ ଦଶରଥପୁର ଏବିଡିଓ ତ୍ରିଲୋଚନ ସେଠୀ ଗବର ସିଂ ଧୀରଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗବର ସିଂ ଅସୁସ୍ଥ ହୋଇପଡ଼ିବା ପରେ ସମ୍ପୂର୍ଣ୍ଣ ପରିବାରର ଅବସ୍ଥା ଶୋଚନୀୟ ବୋଲି ଜଣାପଡ଼ିଥିଲା। ଘଟଣା ବିଷୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସମ୍ପୂର୍ଣ୍ଣ ଅବଗତ ହେବା ପରେ ଜିଲ୍ଲପାଳଙ୍କ ଅନୁମୋଦନ କ୍ରମେ ତତ୍‌କ୍ଷଣାତ ପରିବାରର ଜଣେ ଛୋଟ ପିଲାକୁ ସରକାରଙ୍କ ପୁଷ୍ଟପୋଷକତା ଯୋଜନାରେ ବ୍ୟାଙ୍କରେ ଜମା ଖାତା ଖୋଲି ମାସକୁ ୪ ହଜାର ଟଙ୍କା ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା। ସେହିପରି ଖୁବଶୀଘ୍ର ଅନ୍ୟ ପିଲାମାନଙ୍କ ସମେତ ଅସୁସ୍ଥ ଗବର ସିଂ ଧୀରଙ୍କ ଚିକିତ୍ସା ସହାୟତା ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ ପଦକ୍ଷେପ ନିଆଯିବ ବୋଲି ପରିବାର ଲୋକଙ୍କୁ କୁହାଯାଇଥିବା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜଣାଯାଇଛି।



### ପ୍ରଦୂଷଣ ବଢ଼ାଉଛି ମିଶ୍ରିଲାଲ୍ ଫେରୋକ୍ରମ୍ କାରଖାନା

# ଅଣନିଃଶ୍ୱାସୀ ହେଲେଣି ସ୍ଥାନୀୟ ଲୋକେ

ଦାନଗଦି, ୯।୯ (ସମିସ)



ଦିନକୁ ଦିନ କଳିଙ୍ଗ ନଗରରେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ପଙ୍କପାଳସ୍ଥିତ ମିଶ୍ରିଲାଲ୍ ଫେରୋ ଆଲେଏଜ୍ କାରଖାନା ସମସ୍ତ ସରକାରୀ କଟକଣାକୁ ବେଖାତିର୍ କରିଚାଲିଛି। ଏହି କାରଖାନା ରୀତିମତ ସ୍ଥାନୀୟ ଅଞ୍ଚଳର ଉଭୟ ଜଳ ଏବଂ ବାୟୁକୁ ପ୍ରଦୂଷିତ କରି ଚାଲିଥିବା ବେଳେ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗତ ୧୫ ବର୍ଷ ତଳୁ ଉତ୍ପାଦନ ଚଳାଇଥିବା ଏହି କାରଖାନାର ବିଷ ଜ୍ୱାଳାରେ ସ୍ଥାନୀୟ ଲୋକମାନେ ତ୍ରାହି ତ୍ରାହି ଡାକୁଛନ୍ତି। କାରଖାନାରୁ ବିନା ଟ୍ରିଟ୍‌ମେଣ୍ଟରେ ବିଷାକ୍ତ ବାୟୁ ଏବଂ ଉଷ୍ଣମିଶା ଗୁଣ୍ଡ ଧୂଳି ଛାଡୁଥିବା ବେଳେ କାରଖାନାର ବିଷାକ୍ତ ବର୍ଜ୍ୟଜଳକୁ ସ୍ଥାନୀୟ ନାଳ ଦେଇ ସିଧାସଳଖ ଚାଷ ଜମିକୁ ଛାଡ଼ି ଦିଆଯାଉଛି। ଯାହାର ପ୍ରଭାବରେ କାରଖାନା ଆଖପାଖରେ ଥିବା ଜଟରାପାଳ, ନୀଳମଣିଦେଇପୁର ଶାସନ, ବାଘବାହାଲି ପ୍ରଭୃତି ୬ଟି ଗ୍ରାମର ଚାଷବାସ ଉଜୁଡି ଯିବା ସହିତ ଲୋକମାନେ ନାନାଦି ରୋଗରେ ଆକ୍ରାନ୍ତ ହୋଇ ଚାଲିଛନ୍ତି। ଏ ବାବଦରେ ସ୍ଥାନୀୟ ଲୋକମାନେ ପୂର୍ବରୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପ୍ରଦୂଷଣ ବୋର୍ଡ ଯାଏଁ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, କେହି ତଦନ୍ତ କରୁନଥିବା ଅଭିଯୋଗ ହେଉଛି। ଯେଉଁଥିରେ ଅତିଷ୍ଠ ହୋଇ ସ୍ଥାନୀୟ ପଙ୍କପାଳ ସରପଞ୍ଚଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଗତ ୨୦୨୩ ଫେବୃଆରୀ ମାସରେ ତତ୍କାଳୀନ ପରିବେଶ ସଂକ୍ରାନ୍ତିୟ ବିଧାନସଭା ଗୃହ କମିଟିର ଅଧ୍ୟକ୍ଷ ତଥା ଏବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଗୁରୁତ୍ୱକୁ ବୁଝି ଶ୍ରୀ ମାଝୀ ଏ ବାବଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କୁ କହିଥିଲେ ମଧ୍ୟ କେହି ମାନି ନଥିଲେ। କିନ୍ତୁ ସରକାର ବଦଳିବା ଆଉ ଶ୍ରୀ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ପରେ ଛାନିଆଁ ହୋଇପଡ଼ିଥିବା ପ୍ରଦୂଷଣ ବିଭାଗ ତୁରନ୍ତ ଅଭିଯୋଗର ତଦନ୍ତ କରିବାକୁ ଆଗେଇ ଆସିଥିଲା। ଫଳରେ ଚଳିତ ବର୍ଷ ଜାନୁଆରୀ ୧୩ ତାରିଖରେ ପ୍ରଦୂଷଣ ବିଭାଗର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କ ନେତୃତ୍ୱରେ ଗୋଟିଏ ଟିମ୍ କାରଖାନାରେ ଚଢ଼ଉ କରିଥିଲେ। ସେତେବେଳେ ତଦନ୍ତକାରୀ ଟିମ୍ ଅଭିଯୋଗର ସତ୍ୟତାକୁ ଉପଲବ୍ଧି କରିବା ସହିତ ଚାଲିଥିବା ଖୁଲମ୍‌ଖୁଲା ଜଳବାୟୁ ପ୍ରଦୂଷଣକୁ ନେଇ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ। ଏହି ପରିସ୍ଥିତିରେ ନିୟମ ଅନୁଯାଇ ପ୍ରଦୂଷଣ ବିଭାଗ କାରଖାନାର କନ୍‌ସେଟ୍ ଟୁ ଅପରେଟ୍ ବା ସିଟିଓକୁ ବାତିଲ କରିବା କଥା। କିନ୍ତୁ ସେତେବେଳେ କାରଖାନା କର୍ତ୍ତୃପକ୍ଷ ପ୍ରଦୂଷଣ ବୋର୍ଡର ଉଚ୍ଚ ଅଧିକାରୀଙ୍କୁ କୁଆଡେ ଖୁସ୍ କରି ସିଟିଓ ହାସଲ କରିବାରେ ସକ୍ଷମ ହୋଇଥିଲେ। ସିଟିଓ ପ୍ରଦାନ ସମୟରେ ପ୍ରଦୂଷଣ ବିଭାଗ କାରଖାନାରେ ଚାଲିଥିବା ବିଷାକ୍ତ ପ୍ରଦୂଷଣକୁ ରୋକିବାକୁ ୫ଟି ସର୍ତ୍ତ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାରଖାନର ଡେ-ବିନ୍ ବିଲ୍‌ରେ ଡଷ୍ଟ ଏକ୍ସ୍ଟ୍ରାକ୍‌ସନ ସିଷ୍ଟମ୍ କାର୍ଯ୍ୟକାରୀ କରିବା, ଫିଡିଂ ହୋପର ସାଇଟ୍‌ରେ ଡଷ୍ଟସଂପ୍ରେସନ ମେସିନ୍ ବସାଇବା ସହିତ ଡ୍ରାଏ ଫଗ୍ ସିଷ୍ଟମ ବା ବ୍ୟାଗ୍ ଫିଲ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। କାରଖାନାରେ ଥିବା ରାସ୍ତାକୁ ତୁରନ୍ତ କାରଖାନା ଭିତରେ ରାସ୍ତା ନିର୍ମାଣ ରଖୁଥିଲେ ସମସ୍ତ ସର୍ତ୍ତକୁ ୨ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରିଥିଲେ। କିନ୍ତୁ ସିଟିଓ ହାତେଇ ନେଇ ରୀତିମତ୍ ଉତ୍ପାଦନରେ ମାତିଥିବା କର୍ତ୍ତୃପକ୍ଷ ନୋଟିସ୍ ପାଇବାର ଦୀର୍ଘ ୭ ମାସ ପରେ ମଧ୍ୟ କୌଣସି ଗୋଟିଏ ହେଲେ ସର୍ତ୍ତ ପାଳନ କରିବାକୁ ଉଚିତ୍ ମଣିନାହାନ୍ତି। କାରଖାନାର କୌଣସି ସ୍ଥାନରେ ଡଷ୍ଟ ସଂପ୍ରେସନ ମେସିନ୍ ଏବଂ ଫଗ୍ ହପର ବ୍ୟବହାର ହେଉନଥିବା ବେଳେ ବିକେଟ୍ କାରଖାନାରେ ପ୍ରଦୂଷଣ କଣ୍ଟ୍ରୋଲ୍ କରିବାକୁ କୌଣସି ବ୍ୟବସ୍ଥା ହୋଇନାହିଁ। ଏମ୍‌ଆର୍‌ପି ଏବଂ ଡେ-ବିନ୍ ବିଲ୍ଡିଂରେ ଡ୍ରାଏ ଫଗ୍ ସିଷ୍ଟମ ତଥା ପଲ୍ୟୁସନ କଣ୍ଟ୍ରୋଲ ମେସିନ୍ କାର୍ଯ୍ୟକାରୀ ହୋଇନାହିଁ। କାରଖାନାରୁ ନିର୍ଗତ ଡଷ୍ଟଗୁଡିକ ସହିତ ବିଭିନ୍ନ କଞ୍ଚାମାଲ୍ ଗୁଡିକ ଉପରେ କୌଣସି ଢାଙ୍କୁଣି ବ୍ୟବସ୍ଥା କରାନଯାଇ ଏସବୁକୁ ଖୋଲା ଆକାଶ ତଳେ ଛାଡି ଦିଆଯାଇଛି। ତେବେ ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

### ବିଧାୟକ ଓ ଜିଲ୍ଲାପାଳଙ୍କ ନବରଙ୍ଗପୁର ପରିଦର୍ଶନ

# ବଦଳିବ ସହରର ରୂପ, ହେବ ୩ ରିଂରୋଡ



ନବରଙ୍ଗପୁର,୯।୯(ସମିସ): ନବରଙ୍ଗପୁର ସହରର ବିକାଶ, ସ୍ୱଚ୍ଛତା ଏବଂ ସୋନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ, ଜିଲ୍ଲାପାଳ ଏବଂ ପୌର ଅଧ୍ୟକ୍ଷା। ମଙ୍ଗଳବାର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ପୌର ଅଧ୍ୟକ୍ଷ କୁନୁ ନାୟକ ନବରଙ୍ଗପୁର ସହରର ସମ୍ପୂର୍ଣ୍ଣ ବିକାଶ , ସୌନ୍ଦର୍ଯ୍ୟ କରଣ ପୌରାଞ୍ଚଳର ସ୍ୱଚ୍ଛତା, ପ୍ରତ୍ୟେକ ସାହି ରାସ୍ତା,ନାଳ ନିର୍ମାଣ, ସହରର ମୁଖ୍ୟ ରାସ୍ତା ଓସାର, ରିଙ୍ଗ ରୋଡ ନିର୍ମାଣ ସାହିର ଓସାର ଭଳି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟନେଇ ଆଜି ସମ୍ପୂର୍ଣ୍ଣ ସହର ପରିଦର୍ଶନ କରିଥିଲେ ବିଧାୟକ ଏବଂ ଜିଲ୍ଲାପାଳ। ଏହି ଅବସରରେ ନବରଙ୍ଗପୁର ମାଝୀଗୁଡ଼ା ସର୍କିଟ ହାଉସ ଛକ , ସୁବାସ ବୋଷ ଛକ, ଚଉଁରିଆ ଗୁଡା ପୁରୁଣା ଗେଟ ଛକ ବା ଶ୍ମଶାନ ରାସ୍ତା, ତହସିଲ କାର୍ଯ୍ୟାଳୟ ନିକଟ ଟ୍ରାଫିକ ଛକ ରେ ରିଂ ରୋଡ ନିର୍ମାଣ ହେବା ସହିତ ଅତିରିକ୍ତ ସର୍କିଟ ହାଉସ ନିର୍ମାଣ, ଆମିଷ ବଜାରର ନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଆଜିର ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସଂପତ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, କାଉନସିଲର ଏ ସତିଶ , କାଉନସିଲର ଶର୍ମିଷ୍ଠା ଦେଓଙ୍କ ସମେତ ବହୁ କାଉନସିଲର,ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ ଖିର୍ଧର କନ୍ଧପାନ, ଅଧିକ୍ଷଣ ଯନ୍ତ୍ରୀ ଟିପିଏସଓଡିଏଲ ସିବେଶ ରାମ ସାହୁ , ,ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

# ତିନି ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର

କୋଷାଗୁମୁଡା, ୯।୯ (ସମିସ):



ଚଳିତ ବର୍ଷ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ନବରଙ୍ଗପୁର ଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ , ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ , ପଲକ୍ ରବୀନ୍ଦ୍ର , ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ , ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଏବଂ ପ୍ରକାଶ ମଲ୍ଲିକ , ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ ଏବଂ ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ତିନି ଜଣ ଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ଜିଲ୍ଲାର ବିଧାୟକ ଗୌରୀଶଙ୍କର ମାଝୀଙ୍କ କରକମଳରେ ବିଜ୍ଞାନ କ୍ଷେତ୍ରରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡାର ବରିଷ୍ଠ ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ମାଝି ଧନୁଆ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡକ୍ଟର ମଧୁସୂଦନ ସାହୁଙ୍କୁ ତୃତୀୟ ଭାଷା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡା ବ୍ଲକ୍‌ରୁ ପ୍ରାୟ ୧୭ଜଣ ଯୁବଶିକ୍ଷକ, ଜୁନିୟର ରେଡକ୍ରସ, ନବରଙ୍ଗପୁର ଆନୁକୂଲ୍ୟରେ ହୋଇଥିବା ରକ୍ତଦାନ ଶିବିରରେ ରକ୍ତ ଦେଇଥିଲେ।

## ଚାରା ବଣ୍ଟନ ଯାନର ଶୁଭାରମ୍ଭ



ନନ୍ଦପୁର, ୯।୯ (ସମିସ): 'ଏକ ପେଡ଼ ମା' କେ ନାମ' ଅବସରରେ ବାଲଡ଼ା ବନାଞ୍ଚଳ ଅଧୀନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୂର୍ଗା ପ୍ରସାଦ ଦୋରାଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତାମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜମୟ ଓ ସଚେତନତା ବୃଦ୍ଧି କରିବା ଇତ୍ୟାଦି ମହତ ଉଦ୍ଦେଶ୍ୟ ରଖି ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିବା ରେଞ୍ଜର ବାଲଡ଼ା ବାଦଲ ମହାନ୍ତି କହିଛନ୍ତି। ବିଡିଓ ଦୂର୍ଗା ପ୍ରସାଦ ଦୋରା ଚାରାରୋପଣକୁ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ଭାବେ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶଶୀଭୂଷଣ ପାତ୍ର, ବାଲଡ଼ା ସରପଞ୍ଚ ବିକ୍ରମ ସୀସା, ବାଲଡ଼ା ଜୀବିକା ମିଶନର ସିଆରପ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ସୁରେନ୍ଦ୍ର ଗୌଡ଼, ସ୍ୱର୍ଣ୍ଣାଞ୍ଜଳି କହ୍ନର, ଫରେଷ୍ଟ ଗାର୍ଡ ଜିତେନ୍ଦ୍ର ଖରା, ଭାସ୍କର ଗୁଣ୍ଠା, ପୁଷ୍ପାଞ୍ଜଳି ଟାକ୍ରି, ସରସ୍ୱତୀ ବଡ଼ନାୟକଙ୍କ ସହିତ ବାଲଦା ଅରଣ୍ୟ ରେଞ୍ଜର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଦକ୍ଷିଣ ଜୟପୁର ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

ଜୟପୁର, ୯।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ପୁରାତନ ଦକ୍ଷିଣ ଜୟପୁର ଦୁର୍ଗାପୂଜା କମିଟିର ଏକ ବୈଠକ ଗତ ସୋମବାର ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରୁ ଗତବର୍ଷ ଦୁର୍ଗାପୂଜା ଆୟୋଜନର ଖର୍ଚ୍ଚ ନେଇ ସମସ୍ତ ତଥ୍ୟ ପୁରାତନ କମିଟି ପ୍ରଦାନ କରିଥିଲେ। ଏହାପରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୂର୍ବତନ କାଉନ୍‌ସିଲର ଆଶୁତୋଷ ସାନ୍ତାପାତ୍ର, ସମ୍ପାଦକ ପ୍ରତିଷ ପଟ୍ଟନାୟକ, କୋଷାଧକ୍ଷ ଅନିଲ କୁମାର ମହାପାତ୍ର, ଉପସଭାପତି ରାଜେନ୍ଦ୍ର ପାଣିଗ୍ରାହୀ, ଉପ କୋଷାଧକ୍ଷ ଅମିତ ପଟ୍ଟନାୟକ ଏବଂ ସହ ସମ୍ପାଦକ ସମିତ ପଟ୍ଟନାୟକଙ୍କ ଉପସ୍ଥିତ ପୂଜାକମିଟିର ସଦସ୍ୟ ମାନେ ମନୋନୀତ କରିଥିଲେ। ଏହି ଅବସରରେ କମିଟିର ବରିଷ୍ଠ ସଦସ୍ୟ ସଦାଶିବ ମିଶ୍ର, ପ୍ରମୋଦ ମାଝି, ଉମାଚରଣ ମହାପାତ୍ର, ବିନୋଦିନୀ ସାନ୍ତାପାତ୍ର, ମନୋଜ ପାଢ଼ୀ, ରାମପ୍ରସାଦ ଗନ୍ତାୟତ, ଜ୍ୟୋତରଞ୍ଜନ ମହାପାତ୍ର, ବିଭୂ ପ୍ରସାଦ ପଣ୍ଡା, ଦାମଦୋର ପଣ୍ଡା, ବଲ୍ଲଭ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ



ସୁନାବେଡ଼ା, ୯।୯ (ସମିସ): ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆଜ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରୋଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀମାନେ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷକଙ୍କୁ ଦୃଷ୍ଟିରେ ରଖି କେଉଁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ ତାହା ବାଛିପାରିବା ଅଧିକାର ରଖିଛନ୍ତି। ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡା ରାଜ୍ୟପାଳଙ୍କୁ ଉତ୍ତରୀୟ, ସ୍ମୃତିଚିହ୍ନ ଓ ତାଙ୍କର ଗ୍ରନ୍ଥ "ବୌଦ୍ଧ ସ୍ତୂପ: ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ" ଉପହାର ଦେଇ ସମ୍ମାନିତ କରିଥିଲେ। ଔପଚାରିକ ବୈଠକ ପରେ ରାଜ୍ୟପାଳ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସହ ବାର୍ତ୍ତାଳାପ କରିଥିଲେ। ଏହି ପରିଦର୍ଶନ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ଶ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପୁଲିସ୍ ସୁପରିଟେଣ୍ଡେଣ୍ଟ ରୋହିତ ବର୍ମା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଡ. ଲଳିତେନ୍ଦୁ ସାହୁ, ଏଡିସିଟୁ ଗଭର୍ଣ୍ଣର, କୁଳଦୀପ୍ ମୀଣା ଉପସ୍ଥିତ ଥିଲେ। ହାଲ କାରଖାନା ପରିଦର୍ଶନ କରି କୋରାପୁଟ ପ୍ରଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ସହ ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

## ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

ନବରଙ୍ଗପୁର, ୯।୯ (ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ସବୁଜ ପତାକା ଦେଖାଇ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥଟି ଆସନ୍ତା ୧୦ ଦିନ ଧରି ସମସ୍ତ ବ୍ଲକ ସହିତ ଗ୍ରାମପଞ୍ଚାୟତକୁ ଗଡ଼ିବା ସହିତ ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ତଥା ଆଇନ୍ ସମ୍ମତ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରିବା ସମ୍ବନ୍ଧରେ ବାର୍ତ୍ତା ଓ ସଚେତନତା ପ୍ରସାର କରିବ। ଏହା ସହ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ସଚେତନ କରାଯିବା ସହ ସେମାନେ ଯିବା ପୂର୍ବରୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କର ନାମ, ଠିକଣା ଓ କେଉଁ ରାଜ୍ୟକୁ କେତେଦିନ ପାଇଁ ଯାଉଛନ୍ତି, ଶ୍ରମ ଠିକାଦାର ଏଜେଣ୍ଟ ସହାୟତାରେ ଯାଉଥିଲେ ତାଙ୍କର ନାମ ଠିକଣା ଯୋଗାଯୋଗ ନମ୍ବର ଇତ୍ୟାଦି ଦାଖଲ ଓ ପଞ୍ଜିକରଣ କରି ଯିବା ସମ୍ବନ୍ଧରେ ସଚେତନତା କରିବ। ଆଜିର ଏହି ଶୁଭାରମ୍ଭ ସମୟରେ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ସମେତ ବହୁ ବିଭାଗୀୟ କର୍ମଚାରୀ ଓ ଟ୍ରେଡ ୟୁନିଅନ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ରାଜୁପୁଟ ପଞ୍ଚାୟତ ମିଲେଟ୍ ୟୁନିଟ ଦେଖିଲେ ରାଜ୍ୟପାଳ

ସେମିଳିଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଦୁଇ ଦିନ ଗସ୍ତ ଅବସରରେ ମଙ୍ଗଳବାର ସେମିଳିଗୁଡା ଆସିଥିଲେ। ବ୍ଲକ୍ ଅନ୍ତର୍ଗତ ରାଜୁପୁଟ ପଞ୍ଚାୟତ ଠାରେ ଥିବା ଅତ୍ୟାଧୁନିକ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟକୁ ରାଜ୍ୟପାଳ ବୁଲି ଦେଖିଥିଲେ। ୟୁନିଟ୍ କାର୍ଯ୍ୟକୁ ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି । ଆଗାମୀ ଦିନରେ ଆହୁରି ଅଧିକ ଉତ୍ପାଦନ ସହ ବଜାର ବ୍ୟବସାୟୀ ବଢ଼ାଇବାକୁ ମହିଳାମାନଙ୍କୁ ବୁଝାଇଥିଲେ। ଏହି ରାଜୁପୁଟର ମାଣ୍ଡିଆରେ ତିଆରି ସାମଗ୍ରୀ ସାରା ରାଜ୍ୟସ୍ତରରେ ପହଞ୍ଚିବ ବୋଲି କହିଥିଲେ। ସେ ସ୍ୱୟଂସହାୟିକା ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହିଳା ସଶକ୍ତି କାରଣ କରିବାକୁ ଆହ୍ୱାନ ଦେଇଥିଲେ। ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗ ଦେଇଥିଲେ। ସାଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ , କୋଟପାଡ଼ ବିଧାୟକ ରୂପ ବତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ସେମିଳିଗୁଡା ବ୍ଲକ ଅଧକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରୀ ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ପୁଙ୍ଗରର ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ରାଜ୍ୟପାଳ ପରିଦର୍ଶନ କରିଥିଲେ।



## ପଟ୍ଟାଙ୍ଗୀ କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ କଂଗ୍ରେସ ପକ୍ଷରୁ କରାଯାଇଛି। ସେମିଳିଗୁଡ ସ୍ଥିତ ପୌରା ପରିଷଦ କଲ୍ୟାଣ ମଣ୍ଡପଠାରେ ସୋମବାର ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସେମିଳିଗୁଡା, ନନ୍ଦପୁର, ପଟ୍ଟାଙ୍ଗୀ ବ୍ଲକ୍ ସୁନାବେଡ଼ା ପୌରାଞ୍ଚଳର କର୍ମୀମାନେ ସଭାପତି ଚୟନ ପ୍ରକ୍ରିୟାରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ ଏବଂ ଏଆଇସିସି ପକ୍ଷରୁ ନିଯୁକ୍ତ ଓଡ଼ିଶା ପ୍ରଭାରୀ ଏଆଇସିସି ସାଧାରଣ ସମ୍ପାଦକ ଗଣେଶ ଯାଦବ ଯୋଗଦେଇ ସଭାପତି ଚୟନ ଉପରେ ମତ ଦେଇଥିଲେ। ଆୟୋଜିତ କର୍ମୀ ସମ୍ମିଳନୀରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ର ,ପଟାଙ୍ଗି ବ୍ଲକ୍ କଂଗ୍ରେସ ସଭାପତି ଅର୍ଜୁନ ବଙ୍କା, ନେତା ଜଗଦୀଶ ଖରା, ଶୁକ୍ର ଖରା, କ୍ରିଷ୍ଣା କୁଲଦୀପ, ରୂପକ ଡୁରୁକ୍, ଗୁପ୍ତ ଶଙ୍କର, କମେଶ, ବିମଳା ,ବାବୁଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦଳୀୟ ଜିଲ୍ଲା ପରିଷଦ ସଦସ୍ୟ, ପୌରାଞ୍ଚଳର, ଯୁବ, ଛାତ୍ର ଓ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ସମେତ ସକ୍ରିୟ କର୍ମୀମାନେ ଉପସ୍ଥିତ ରହିଥିଲେ।

## ଅଖଣ୍ଡ ଭାଗବତ ପରାୟଣ ଉଦ୍‌ଯାପିତ

ଦୁର୍ଗୀ, ୯।୯ (ସମିସ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଥିବା ଭାଗବତ ଟୁଙ୍ଗିରେ ଆଧାିକେ ପରିବେଶରେ ଭାଗବତ ଜନ୍ମ ଉତ୍ସବ ପାଳନ ହୋଇଛି । କମିଟିର ଅଧ୍ୟକ୍ଷ ଟି. ବି ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗାଁର ବ୍ରାହ୍ମଣ, ମହାଜନ, ଯୁବାସାଥି ଓ ଆଧାମ୍ତିଠକ ପ୍ରେମୀ ଯୋଗ ଦେଇଥଲେ। ପଣ୍ଡିତ ଶିବ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସମନ୍ନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର

ମାଥିଲି, ୯।୯ (ସମିସ): ମାଲକାନଗିରି ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର ମାଥିଲି ନୂଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ମାଲକାନଗିରି ଓ ଆଲିମକୋ ଭୁବନେଶ୍ୱର ମିଳିତ ପ୍ରୟାସରେ ଆୟୋଜିତ ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଆଲିମକୋର ପ୍ରତିନିଧି ଅର୍ଥୋପ୍ରୋଷ୍ଟେଷ୍ଟିକ୍ସ ବିକ୍ରମ କୁମାର ମହାରଣା ଅର୍ଥଟେକ୍‌ନିକ୍ ମହାବୀର ସିଂହ , ଆକାଶ କୁମାରରାୟ ଅମନ ଦ୍ୱିବେଦୀ ଯୋଗଦେଇ ଆବଶ୍ୟକ ଉପକରଣର ମାପ ନେଇଥିଲେ। ଶିବିରକୁ ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାରର ଉପକରଣ ଓ ଯନ୍ତ୍ରାଂଶର ଯତ୍ନ ସମ୍ପର୍କରେ ଅଭିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଶ୍ରୀ ପାଳ ପରାମର୍ଶ ଦେଇ ଖୁବ୍ ଶୀଘ୍ର ନୂତନ ଯନ୍ତ୍ରାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣା ପାଣି ସେଠୀ, ଶିକ୍ଷୟିତ୍ରୀ , କେ ଓରା ଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ବେହେରା ସିଆରସିସି ଚିନ୍ତାମଣି ବିଷୋୟୀ, ମନୋଜ କୁମାର ବେହେରା, ବରିଷ୍ଠ ଶିକ୍ଷକ ମଧୁସୂଦନ ନାୟକ, ସହକାରୀ ତୁଷାରକାନ୍ତ ପଣ୍ଡା, ମନୋଜ କୁମାର ପାଳ, ବୈଷ୍ଣବ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୬୦ରୁ ଅଧିକ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମେତ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ୩୨ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାରର ଉପକରଣ ବଣ୍ଟନ କରାଯାଇଥିଲା। ୨୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ନୂତନ ଉପକରଣ ପ୍ରଦାନ ପାଇଁ ମାପ ନିଆଯାଇଥିଲା।

## ଚାରା ବିତରଣ ଯାନର ଶୁଭାରମ୍ଭ

ଡାବୁଗାଁ, ୯।୯ (ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିତରଣ ଯାନର ସୋମବାର ଶୁଭାରମ୍ଭ ହୋଇଛି। ଏଥିରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ, ସମ୍ମାନିତ ଅତିଥି ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ମଇଦଲପୁର ବନପାଳ ମଧୁସୂଦନ ପାତ୍ର, ଜଟାବାଲ ବନପାଳ ବିଷ୍ଣୁ ବିଶୋୟୀ ପ୍ରମୁଖ ମଞ୍ଚାସୀନ ରହି 'ବୃକ୍ଷ ହିଁ ଜୀବନ' ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡାବୁଗାଁ ବନାଞ୍ଚଳ ଅଧୀନରେ ୧୮ ପ୍ରକାର ଚାରା ଡାବୁଗାଁ ବ୍ଲକ, ପାପଡାହାଣ୍ଡି ବ୍ଲକ ଓ ଝରିଗାଁ ବ୍ଲକର ୨୬ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ୧୩୦୦୦ ଚାରାରୋପଣ କାର୍ଯ୍ୟକ୍ରମ ପାଇଁ ଆଜି "ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ବିତରଣ ଯାନର ଶୁଭାରମ୍ଭ କରାଯାଇଛି।

## ସେରୁବନ୍ଧ ସୁରକ୍ଷା ସମିତିର ସାମ୍ବାଦିକ ସମ୍ମିଳନୀ



ପଟ୍ଟାଙ୍ଗି, ୯।୯ (ସମିସ):

କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଆଲମେ ଫୁଲଙ୍କ ଘରେ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ସଂଘର ସଭାପତି ରବି ଖରାଙ୍କ ସଭାପତିତ୍ୱରେ କରାଯାଇଥିଲା। କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତର ସେରୁବନ୍ଧ ସଂଘର ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ। ଏହାସହ ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ ,ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଠା , ନୂଆଗାଁ ସରପଞ୍ଚ ସୁବାଷ ଖରା ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି ନିଜ ପ୍ରତିକ୍ରିୟା ରେ ଆଗମୀ ଖଣି ଖନନ ନିମନ୍ତେ ସେରୁବନ୍ଧ ସୁରକ୍ଷା ଦ୍ୱାରା ବୁଧବାର ଖଣି ଖନନ ବିରୋଧରେ ଶୋଭାଯାତ୍ରାର ଯୋଜନା ରହିଥିଲା। କିନ୍ତୁ ରାଜ୍ୟପାଳଙ୍କ ଗସ୍ତ ଯୋଗୁଁ ଉକ୍ତ କାର୍ଯ୍ୟକ୍ରମକୁ ଆସନ୍ତା ୧୫ ତାରିଖ ଦିନ କରାଯିବା ସହ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାରଙ୍କ ସାଧରଣ ବିଜ୍ଞାପନ ପତ୍ର ନଂ ୪/୨୫ ରେ ନୂଆଗାଁ ପଞ୍ଚାୟତର ନୂଆଗାଁ ଗ୍ରାମରେ ଇଡ୍‌କୋ ଦ୍ୱାରା ପଲ୍ଲୀସଭା କରିବାକୁ ଯୋଜନା ରହିଛି। ଏହାକୁ ବିରୋଧ କରାଯାଉଛି।

### ରେଡମଡ୍ ପଣ୍ଡ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଧମକ

କୋରାପୁଟ, ୯।୯ (ସମିସ):



ନାଲ୍‌କୋ ରେଡମଡ୍ ପଣ୍ଡ ଯୋଗୁଁ ଲୋକେ ଚର୍ମ ,ଆଖି ଓ ଶ୍ୱାସ ରୋଗରେ ପୀଡ଼ିତ ହୋଇ ଜୀବନ ହରାଉଛନ୍ତି। ଗୃହ ପାଳିତ ପ୍ରାଣୀ ସମ୍ପଦ ମଧ୍ୟ ମୃତ୍ୟୁମୁଖରେ ପଡ଼ୁଥିବା ଅଭିଯୋଗ କରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡେଙ୍ଗାଜାନୀଗୁଡା ଗ୍ରାମବାସୀ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡେଙ୍ଗାଜାନିଗୁଡ଼ାରେ ୧୩୦ ପରିବାର ବସବାସ କରୁଛନ୍ତି। ଗତ ୪ ବର୍ଷ ପୂର୍ବରୁ ଗାଁ ଠାରୁ ମାତ୍ର ୧କିଲୋମିଟର ଦୂରରେ ନାଲକୋ ଦ୍ୱାରା ନୂତନ ରେଡମଡ ପଣ୍ଡ ନିର୍ମାଣ କରାଯାଇଛି। ରେଡମଡ ପଣ୍ଡର ଶୁଖିଲା ଗୁଣ୍ଡ ପବନରେ ଉଡ଼ି ଗ୍ରାମର ପରିବେଶକୁ ଦୂଷିତ କରୁଛି। କେବଳ ଏତିକି ନୁହେଁ, ଏଥିପୂର୍ବରୁ ଗାଁ ଠାରୁ ୪ କିମି ଦୂରରେ ନାଲ୍‌କୋ ରେଡମଡ ପଣ୍ଡ ନିର୍ମାଣ କରିଥିବାରୁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ପୁଣି ନାଲକୋ ଗ୍ରାମରେ ଦ୍ୱିତୀୟ ରେଡମଡ ପଣ୍ଡ ନିର୍ମାଣ କରିଥିବାରୁ ଆହୁରି ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଡେଙ୍ଗାଜାନୀଗୁଡା ଗ୍ରାମର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଏକ ଦାବିପତ୍ର ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ସ୍ଥାନାନ୍ତର ଲୋକଙ୍କ ପାଇଁ ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଓ ବିଦ୍ୟୁତକରଣର ବ୍ୟବସ୍ଥା କରିବା ସହ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣଙ୍କୁ ନାଲ୍‌କୋ କମ୍ପାନୀରେ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ସଂସଦ ଓ ବିଧାନସଭାରେ ଉଠାଇ ନାଲକୋ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବାକୁ ଦାବି କରିଥିଲେ। କିନ୍ତୁ କୌଣସି ଫଳ ମିଳିନାହିଁ ବୋଲି ଗ୍ରାମର ବଳ ବିଶୋଇ, ବୃନ୍ଦାବନ ବିଶୋଇ, ପୁରୁଷୋତ୍ତମ ଜାନି ପ୍ରତିକ୍ରିୟା ଦେଇଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ରାସ୍ତାରୋକ କରିବା ସହିତ ନାଲକୋ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଗଣ୍ଡଗୋଳ ଘଟଣାରେ ୫ ଗିରଫ



**ତିଗିରିଆ, ୯।୯ (ସମିସ):** ତିଗିରିଆ ଥାନା କୋଇଲିକନ୍ୟା ଗ୍ରାମ ନିକଟରେ ଥିବା ଗୋଟିଏ ଇଟା ଫ୍ୟାକ୍ଟ୍ରିର ମାଲିକକୁ ଦାଦାବଟି ମାଗିବା ଘଟଣାରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଦୁଇଟି ମାମଲା ରୁଜୁ କରାଯାଇ ମୋଟ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଗଦାଧରପୁର ପଞ୍ଚାୟତ କୋଇଲିକନ୍ୟା ଗ୍ରାମ ନିକଟରେ ଗଦାଧରପୁର ଗ୍ରାମର ଜଣେ ଯୁବକ ଗୋଟିଏ ଇଟା ଫ୍ୟାକ୍ଟ୍ରି କରିଛନ୍ତି। ଉକ୍ତ ଇଟା ଫ୍ୟାକ୍ଟ୍ରି ମାଲିକକୁ କିଛିଦିନ ଧରି ତିଗିରିଆ ଅଞ୍ଚଳର କୁଖ୍ୟାତ ଅପରାଧୀ ମହେନ୍ଦ୍ର ଜେନା ଓରଫ ସରୁଆ ଯାହା ନାମରେ ତିଗିରିଆ ସମେତ ଅନ୍ୟାନ୍ୟ ଥାନାରେ ୧୦ରୁ ଅଧିକ ଅପରାଧିକ ମାମଲା ରହିଛି ସେ ଏକ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲା। ଦାଦାବଟି ଦେଇପାରିବେ ନାହିଁ ବୋଲି ଇଟା ଫ୍ୟାକ୍ଟ୍ରି ମାଲିକ ମନା କରିବାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ଗତକାଲି ଅଭିଯୁକ୍ତ ସରୁଆ ଉକ୍ତ ଇଟା ଫ୍ୟାକ୍ଟ୍ରିକୁ ଆସି ପୁନଶ୍ଚ ଦାଦାବଟି ମାଗିବାରୁ ସରୁଆ ଏବଂ ଇଟା ଫ୍ୟାକ୍ଟ୍ରି ମାଲିକ ଓ ତାଙ୍କର ସହଯୋଗୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷ ତିଗିରିଆ ଥାନାରେ ଅଭିଯୋଗ କରିବା ପରେ ତିଗିରିଆ ଥାନା ପକ୍ଷରୁ ମାମଲା ରୁଜୁ କରି ଅଭିଯୁକ୍ତ ସରୁଆ ସହ ଇଟା ଫ୍ୟାକ୍ଟ୍ରି ମାଲିକ ଓ ତାଙ୍କର ତିନିଜଣ ସହଯୋଗୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି।

## ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



**ସାଲେପୁର, ୯।୯ (ସମିସ):** ବିରୂପା ନଦୀକୁ ଗାଧୋଇବାକୁ ଯାଇ ନଦୀପାଣିରେ ଭାସିଯାଇ ନିଖୋଜ ଥିବା ଯୁବକର ମୃତଦେହକୁ ୪୮ ଘଣ୍ଟା ପରେ ଠାବ କରାଯାଇଥିବା ଜଣାଯାଇଛି। ସାଲେପୁର ଥାନା ଅନ୍ତର୍ଗତ କୁକୁଡାଙ୍ଗ ଗ୍ରାମର ବିଭୁପ୍ରସାଦ କାନୁନଗୋ (୩୬) ଗତ ୭ ତାରିଖ ଅପରାହ୍ଣରେ ବିରୂପା ନଦୀକୁ ଗାଧୋଇବାକୁ ଯାଇ ନଦୀପାଣିରେ ଭାସି ନିଖୋଜ ହୋଇଯାଇଥିଲେ। ଘଟଣା ଘଟିବାର ୪୮ ଘଣ୍ଟା ପରେ ଆଜି ସକାଳୁ ଜୟପୁର ଫାଣ୍ଡି ନିକଟସ୍ଥ ବିରୂପା ନଦୀରୁ ଭାସୁଥିବା ଅବସ୍ଥାନରେ ବିଭୁପ୍ରସାଦ କାନୁନଗୋ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଜୟପୁର ଫାଣ୍ଡି ପୁଲିସ ଶବଟିକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ବିଭୁପ୍ରସାଦଙ୍କ ମୃତଦେହ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଶ୍ଳୀଳ ଭିଡିଓ ଭାଇରାଲ୍ ଧମକ; ଯୁବକ ଗିରଫ

**ସାଲେପୁର, ୯।୯ (ସମିସ):** ଜଣେ ନାବାଳିକା ଛାତ୍ରୀ ସହ ପ୍ରେମ ସଂପର୍କ ସ୍ଥାପନ କରି ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡ଼ିଓକୁ ମୋବାଇଲ୍‌ରେ ଉତ୍ତୋଳନ କରି ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିବାକୁ ଧମକ ଦେବା ଅଭିଯୋଗରେ ଜଣେ ଯୁବକକୁ ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର ଥାନାଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ସହ ନିଶ୍ଚିନ୍ତକୋଇଲି ଥାନାଞ୍ଚଳର ଜଣେ ଯୁବକ ସହ ପରିଚିତ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପରେ ସମ୍ପର୍କରେ ତିକ୍ତତା ଏବଂ ଉକ୍ତ ଯୁବକର ଧମକ ନେଇ ନାବାଳିକା ଛାତ୍ରୀର ପରିବାର ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ଏକ ମାମଲା ରୁଜୁ କରି ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

### ଜିପିଏଲ୍‌ଏଫ୍ ଜମାଖାତାରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ତୋଷରପାତ ଘଟଣା

# ଧାରଣାରେ ବସିଲେ ମହିଳା ସଦସ୍ୟ

**ଭଦ୍ରେଶ୍ୱର, ୯।୯ (ସମିସ):** ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନଦ୍ୱାରା ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ହୋଇଥିବା ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ତୋଷରପାତ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାର ପ୍ରତିବାଦରେ ଆଜି ମହିଳାମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ ମାହାଙ୍ଗା ବ୍ଲକ ଓଡିଶା ଜୀବିକା ମିଶନ ଅଧୀନରେ ଭଦ୍ରେଶ୍ୱର ପଞ୍ଚାୟତସ୍ତରୀୟ ମହାସଙ୍ଘ ରହିଛି। ଏଥିରେ ୧୬ଜଣ ଇସି ମେମ୍ବର ରହିଛନ୍ତି। ଅପରପକ୍ଷରେ ଦୁଇ ଜଣ ସଭାନେତ୍ରୀ ଓ ସମ୍ପାଦିକା ମଧ୍ୟ ରହିଛନ୍ତି। ତେବେ



ଏହି ସମ୍ପାଦିକା ଓ ସଭାନେତ୍ରୀ ବିପିଏମଙ୍କ ନିର୍ଦ୍ଦେଶରେ ବ୍ୟାଙ୍କ ଜିପିଏଲଏଫ ଜମା ଖାତାରୁ ଅସଦ ଉପାୟରେ ଅର୍ଥ ଉଠାଣ କରିଥିବାର ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସୁରାଗ ପାଇ ପଞ୍ଚାୟତର ୧୬ ଜଣ ଇସିମେମ୍ବର କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୧୫ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଆଜି ମହିଳାମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ତେବେ ଆସନ୍ତାକାଲି ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏହାର ବିଚାର କରାଯିବ ବୋଲି ବିଡିଓ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଭଦ୍ରେଶ୍ୱର ପଞ୍ଚାୟତରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ତୋଷରପାତ କରାଯାଇଥିଲା ବେଳେ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ କେତେ ଟଙ୍କା ତୋଷରପାତ କରାଯାଇଥିବା ତାହା ସହଜେ ଅନୁମେୟ। ତେବେ ଏହି ବ୍ଲକରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗ୍ୟାସ୍ ଟ୍ୟାଙ୍କରକୁ ଧକ୍କାଦେଲା 'ଆମ ବସ'; ୧୫ ଆହତ

**ଟାଙ୍ଗୀ, ୯।୯ (ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଚଟିଲ ଗଡା ନିକଟରେ ମଙ୍ଗଳବାର ଗ୍ୟାସ୍ ବୋଝେଇ ଟ୍ୟାଙ୍କର ପଛରେ ପିଟିଲା ଆମ ବସ। ଫଳରେ ୨ଜଣ ଗୁରୁତର



ସହ ୧୩ ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଖୋର୍ଦ୍ଧାରୁ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଚକ କଣା ଯୋଗୁଁ ଟାଙ୍ଗୀ ନିକଟସ୍ଥ ଚଟିଲ ଗଡା ନିକଟରେ ଅଟକି ଥିବା ସମୟରେ କଟକରୁ ଯାତ୍ରୀମାନଙ୍କୁ ନେଇ ଟାଙ୍ଗୀ ଆସୁଥିବା ସମୟରେ ଉକ୍ତ ଟ୍ୟାଙ୍କର ପଛରୁ ଧକ୍କା ଦେଇଥିଲା। ଫଳରେ ଆମ ବସ ଚାଳକ ଓ ଜଣେ ଯାତ୍ରୀ ଗୁରୁତର ଆହତ ହେବା ସହ ୧୩ ଜଣ ଆହତ ହୋଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଆହତଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଆମ ବସ ଚାଳକ ବେପରୁଆ ଚାଳନା ଯୋଗୁଁ ଧକ୍କା ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ କରାଯାଉଛି ବୋଲି ଟାଙ୍ଗୀ ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ

**ନିଶ୍ଚିନ୍ତକୋଇଲି, ୯।୯ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ରାଜକିଶୋର ନାୟକଙ୍କ ହୃଦଘାତଜନିତ ଅକାଳ ବିୟୋଗ ଘଟିଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ତାଙ୍କ ବାସଭବନରେ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପୁତ୍ର ଚିତ୍ତରଞ୍ଜନ ଓ ଜ୍ୟୋତିରଞ୍ଜନଙ୍କ ସମେତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ନାୟକ ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଏକାନ୍ତ ଅନୁଗତ ଥିବା ବେଳେ ତାଙ୍କ ସହିତ ଦୀର୍ଘଦିନ ରହି ବିଭିନ୍ନ କାର୍ଯ୍ୟ



କରିଥିଲେ। ଚନ୍ଦ୍ରସାରଥୀଙ୍କ ସହ ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ଆଲୋକ ଚନ୍ଦ୍ର ପ୍ରଧାନ, ସମାଜସେବୀ ନୃସିଂହଚରଣ ମୁଦୁଲି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ରଘୁନାଥ ମହାନ୍ତିଙ୍କୁ ଗୁରୁରତ୍ନ ସମ୍ମାନ

**ନିଶ୍ଚିନ୍ତକୋଇଲି, ୯।୯ (ସମିସ):** ନିଶ୍ଚିନ୍ତକୋଇଲିର ସାମାଜିକ, ସାଂସ୍କୃତିକ ସାରସ୍ୱତ ପରିଷଦ 'ସମନ୍ୱୟ' ଅନୁଷ୍ଠାନର ସଭାପତି, ମହାନ ଗୁରୁ ତଥା ଉତ୍କଳ ଜ୍ୟୋତି ରଘୁନାଥ ମହାନ୍ତିଙ୍କୁ ଅସୁରେଶ୍ୱର ସୁଭଦ୍ରା ମହତାବ କଲେଜ ପକ୍ଷରୁ ଗୁରୁରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଏକ ବର୍ଣ୍ଣାଢ୍ୟ ପରିବେଶରେ କଲେଜ ଅଧ୍ୟକ୍ଷ ଡ. ସୁପ୍ରଭା ପରିଡ଼ାଙ୍କ ସଭାପତିତ୍ୱରେ ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡା ଶ୍ରୀ ମହାନ୍ତିଙ୍କୁ ମାନପତ୍ର, ଫଳକ,



ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପକ ମନମୋହନ ଖଟୁଆ, ଅଧ୍ୟାପକ ସୁଧିର ଦାସ, ପ୍ରାଧ୍ୟାପକ ପ୍ରତାପ ସାହୁ, ରଜନୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀ ମହାନ୍ତିଙ୍କୁ ଏଭଳି ସମ୍ମାନ ମିଳିଥିବାରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାବିତ, ସାହିତ୍ୟିକ ଓ ସାରସ୍ୱତ ସାଧକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶ୍ରୀ ଶ୍ରୀ ଠାକୁର କେଶବଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**ମାହାଙ୍ଗା, ୯।୯ (ସମିସ):** ପ୍ରସିଦ୍ଧ ସ୍ୱର୍ଣ୍ଣକ୍ଷେତ୍ର କ୍ଷିତିଜ୍ୟୋତି ଆଶ୍ରମରେ ଶ୍ରୀ ଶ୍ରୀ ଠାକୁର କେଶବଚନ୍ଦ୍ରଙ୍କ ୭୧ତମ ଆବିର୍ଭାବ ମହୋତ୍ସବ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଦିବସଠାରୁ ନବଦିନ ବ୍ୟାପି ଅନୁଷ୍ଠିତ ହେଉଛି। ବିଧାୟକ ସାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପରିଷଦର ଆଚାର୍ଯ୍ୟ ବିରଞ୍ଚି ନାରାୟଣ ଦାସ, ସଭାପତି ନିମାଇଁ ଚରଣ ଦାଶ, ସାଧାରଣ ସମ୍ପାଦକ ସୁରେଶ ଜେନା, ଯୁଗ୍ମ ସମ୍ପାଦକ କୈଳାସଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଅଶୋକ ସ୍ୱାଇଁ, ସଭ୍ୟ କାର୍ତ୍ତିକ ଚନ୍ଦ୍ର ଜେନା, ସେବାଶ୍ରମ ସମ୍ପାଦକ କାଳନ୍ଦୀ ଜେନା, ମାତୃବନ୍ଦନା ସମ୍ପାଦିକା ରଞ୍ଜନା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



ଗଙ୍ଗାଧର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆବିର୍ଭାବ କମିଟିର ସମସ୍ତ କର୍ମକର୍ତ୍ତା, ବ୍ରଜବାସୀ ଓ ବାପୁଜୀ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ସାଂଗଠନିକ ମୁଖ୍ୟ କୈଳାସଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଯଶପଡା ସାମଲସାହି, ବେହେରା ସାହି ଓ ଧରିଣା କଦମ୍ବମୂଳ ପୁରସ୍କୃତ

## ଶୃଙ୍ଖଳାରେ ସରିଲା ଯଶପଡ଼ା ଗଣେଶ ମେଲଣ

**କିଶନନଗର, ୯।୯ (ସମିସ):** ପ୍ରସିଦ୍ଧ ଯଶପଡା ଗଣେଶ ମେଲଣ ଆଜି ରାତିରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। କିଶନନଗର ଥାନା ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଲଣରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିଶ୍ଚିନ୍ତକୋଇଲି, ନେମାଳ, ସାଲେପୁର, ମାହାଙ୍ଗା, ଖୁଣ୍ଟୁଣି, ଗୋବିନ୍ଦପୁର, ଭଦ୍ରେଶ୍ୱର, ଗୁରୁଡ଼ିଝାଟିଆ ଥାନାର ଅଧିକାରୀ ଓ କର୍ମଚାରୀ ଓ ୩ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। କିଶନନଗର ତହସିଲଦାର କ୍ଷୀରୋଦଚନ୍ଦ୍ର ଦାଶ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ।

କଟକ ଏଏସପି ପିକେ ସାହୁ, ଡିଏସପି ନିରଞ୍ଜନ ଶବର, ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ଉପସ୍ଥିତ ଥିଲେ। ଏହି ମେଲଣରେ



ଯଶପଡା ପଞ୍ଚାୟତର କେଳିକଦମ୍ବ, ବେହେରା ସାହି, ହଂସୀସାହି, ସାମଲସାହି, ମା' ମଙ୍ଗଳା କମିଟି ବିଶ୍ୱାଳ ସାହି, ଦେହୁରି ସାହି, ଧରିଣା ପଞ୍ଚାୟତର କମରପଦା ପ୍ରଧାନ ସାହି, କମରପଦା ହରିଜନ ସାହି, କଦମ୍ବମୂଳ, ମଝିସାହି, ବ୍ରାହ୍ମଣ ସାହି, ଧରିଣା ହରିଜନ ସାହି, ସାହୁ ସାହି ଆଦି ୧୩ଟି ମେଢ଼ ସାମିଲ ହୋଇଥିଲେ। ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଯଶପଡା ପଞ୍ଚାୟତ ସାମଲ ସାହି ମେଢ଼କୁ ପ୍ରଥମ, ବେହେରା ସାହି ମେଢ଼କୁ ଦ୍ୱିତୀୟ ଓ ଧରିଣା ପଞ୍ଚାୟତ କଦମ୍ବମୂଳ ମେଢ଼କୁ ତୃତୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି କିଶନନଗର ଆଇଆଇସି ଦୁର୍ଗେଶ ମହାନ୍ତି ସୂଚନା ଦେଇଥିଲେ। ୱିଜଡ଼ମ ପବ୍ଲିକ ସ୍କୁଲ ପକ୍ଷରୁ ସୂଚନା ଓ ସହାୟତ କେନ୍ଦ୍ର ଏବଂ ଫାଷ୍ଟଏଡ଼ ବ୍ୟବସ୍ଥା କରାଯାଇଥିଲା। ଏମିତି ପ୍ରୀତମ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଦାଶ, କିଶୋର ନଗର ଡାକ୍ତରଖାନାର ଯୋଗ ଥେରାପିଷ୍ଟ ବିଶ୍ୱରଞ୍ଜନ ବିଶୋଇ, ଦିବ୍ୟେକାନ୍ତ ବେହେରା, ଇସ୍ତାକ ଅହମ୍ମଦ, ଅଜିଜୁର ରହେମାନ, ରଶ୍ମିରଞ୍ଜନ ରଣା, ସିଦ୍ଧେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଯଶପଡା ସରପଞ୍ଚ ମିନତୀ ସେଠୀ ଓ ଧରିଣା ସରପଞ୍ଚ ରତ୍ନାକର ରାଉତ ଉପସ୍ଥିତ ରହି ଏହି ଗଣେଶ ମେଲଣକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବାରେ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କଠାରୁ ଲୁଟ୍; ପୁଲିସ ହାତ ଖାଲି



**ନିଶ୍ଚିନ୍ତକୋଇଲି, ୯।୯ (ସମିସ):** ନିଶ୍ଚିନ୍ତକୋଇଲି ଥାନା ଅଧୀନ ବୋଧଙ୍ଗ ଖଣ୍ଡସାହି ଗ୍ରାମ୍ୟ ଉନ୍ନୟନ ରାସ୍ତାର ନିଛାଟିଆ ସ୍ଥାନରେ ଦୁଇ ଜଣ ବାଇକ ଯୋଗେ ଆସି ଜଣେ ଶିକ୍ଷୟିତ୍ରୀଙ୍କଠାରୁ ସୁନାଚେନ୍, ଟଙ୍କା, ମୋବାଇଲ ଓ ଭ୍ୟାନିଟ୍ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ୩୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଲୁଟେରାଙ୍କର ଟେର ପାଇ ନ ଥିବା ଜଣାଯାଇଛି। ଖଣ୍ଡସାହିସ୍ଥିତ ଦେବ୍ ମହାନ୍ତି ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ଥିବା ବଡ଼କ୍ଷୀର ଗ୍ରାମର ସୁପ୍ରଭା ପ୍ରିୟଦର୍ଶିନୀ ସ୍ୱାଇଁ ସୋମବାର ସକାଳେ ଉକ୍ତ ରାସ୍ତା ଦେଇ ସ୍କୁଟି ଯୋଗେ ସ୍କୁଲକୁ ଯାଉଥିଲେ। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ପଛପଟୁ ବାଇକରେ ଯାଇ ରାସ୍ତା ମଝିରେ ତାଙ୍କୁ ଅଟକାଇ ବନ୍ଧୁକ ଓ ଛୁରି ଦେଖାଇ ସେ ପିନ୍ଧିଥିବା ଚେନ, ସ୍କୁଟି ଚାବି, ଭ୍ୟାନିଟି ଓ ମୋବାଇଲକୁ ନେଇ ଯାଇଥିଲେ। ଏହି ଭ୍ୟାନିଟିରେ ୧୭ ଶହ ଟଙ୍କା ରହିଥିବା ଜଣାଯାଇଛି। ଚେନ୍ ଛଡ଼ାଇଲା ବେଳେ ଶିକ୍ଷୟିତ୍ରୀ ଜଣକ ଅଟକାଇବାକୁ ଚେଷ୍ଟା କରିବାରୁ ତାଙ୍କ ହାତକୁ ଛୁରିରେ ମଧ୍ୟ ଦୁର୍ବୃତ୍ତମାନେ ଆଘାତ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ପାଇପାରିନାହିଁ।

## ନିକୁଞ୍ଜ ବିହାରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ମାହାଙ୍ଗା, ୯।୯ (ସମିସ):** ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମର ନିକୁଞ୍ଜ ବିହାରୀ ଗୋଛାୟତ ସୁନ୍ଦରଗଡ ଜିଲ୍ଲା ବଣେଇ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଙ୍ଗଲାର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସୁନ୍ଦରଗଡ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାରରେ ସେ ସମ୍ମାନିତ ହୋଇଥିବାରୁ ଭେଡା ପଞ୍ଚାୟତରେ ତଥା ମାହାଙ୍ଗା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।



## ବେଲଅଣ୍ଟା ଗଣ୍ଡଗୋଳ ଘଟଣାରେ ଆଉ ୨ ଗିରଫ

**ତିଗିରିଆ, ୯।୯ (ସମିସ):** ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତ ଅଧୀନ ବେଲଅଣ୍ଟା ଗ୍ରାମରେ ଗତ ଜୁଲାଇ ମାସ ୨୨ ତାରିଖ ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ଚାଲିଥିବା ଲଢେଇ ପାଇଁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀର ସଦସ୍ୟ ଅପର ଗୋଷ୍ଠୀର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ଘଟଣାରେ ଦୁଇଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା ପାଇଁ ପଠାଯାଇଥିଲା। ସେହିଦିନଠାରୁ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିବାରୁ ପୁଲିସ ମୁତୟନ ହୋଇଥିଲା। ଏହି ଘଟଣାରେ ଆଜି ତିଗିରିଆ ପୁଲିସ ଆକ୍ରମଣ କରିଥିବା ଗୋଷ୍ଠୀର ଦୁଇଜଣ ବେଲଅଣ୍ଟା ଗ୍ରାମର ଚିନୁ ମଲ୍ଲ (୨୪) ଓ ବାଙ୍କୀ ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଆକାଶ ରାଉତ (୨୧)ଙ୍କୁ ଗିରଫ କରି କୋର୍ଟ



ଚାଲାଣ କରିଥିବାର ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଘଟଣାରେ ବେଲଅଣ୍ଟା ଗ୍ରାମର ବିକାଶ ମଲ୍ଲ (୨୯)କୁ ଗିରଫ କରି ଗତ ଅଗଷ୍ଟ ମାସ ୧ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଆଜିର ଗିରଫ ପରେ ଏହି ଘଟଣାରେ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି। ପ୍ରକାଶ ଯେ, ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତ ବେଲଅଣ୍ଟା ଗ୍ରାମର ନରେଶ ନାୟକ ନୂଆପାଟଣାସ୍ଥିତ ନ୍ୟୁ ଅନ୍ତର୍ଯ୍ୟାମୀ ଅଳଙ୍କାର ଦୋକାନରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଗତ ଜୁନ ମାସ ୩ ତାରିଖ ଦିନ ବିଳମ୍ବିତ ରାତିରେ ବେଲଅଣ୍ଟା ଗ୍ରାମର କିଛି ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ନରେଶ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଆକ୍ରମଣ ଘଟଣାର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ସିସିଟିଭି କ୍ୟାମେରାରେ ଥିବା ଦୃଶ୍ୟକୁ ଭିତ୍ତି କରି ତିଗିରିଆ ପୁଲିସ ପକ୍ଷରୁ ମୋଟ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଗିରଫ ହୋଇଥିବା ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ଜାମିନରେ ଜେଲରୁ ଗତ ଜୁଲାଇ ମାସ ୨୨ ତାରିଖରେ ମୁକ୍ତ ହୋଇଥିଲେ। ସେହିଦିନ ରାତିରେ ଜେଲରୁ ଗ୍ରାମକୁ ବାଇକରେ ଫେରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଅପର ଗୋଷ୍ଠୀର ସଦସ୍ୟମାନେ ଗ୍ରାମ ରାସ୍ତାରେ ଉକ୍ତ ୪ ଜଣଙ୍କୁ ଲୁହା ଛଡ଼, ପାଇପ ଆଦିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁଶାନ୍ତ ରାଉତ ଓ ବର୍ଣ୍ଣି ବିଶେଷ ଭାବେ ଆହତ ହୋଇ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ପରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଛାଡି ଦିଆଯାଇଥିଲା। ପରେ ସୁଶାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ତିଗିରିଆ ପୁଲିସ ପକ୍ଷରୁ କେସ ନମ୍ବର ୧୩୯/୨୫ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା।

ସକାଳ
THE SAKALA



## ଭଦ୍ରକ ସ୍ୱୟଂଶାସିତ କଲେଜରେ ତୀବ୍ର ହେଉଛି ଛାତ୍ର ଅଶାନ୍ତି

# ବ୍ୟାନର ରଙ୍ଗ ବଦଳାଇବା ଜିଦ୍‌ରେ ଛାତ୍ରଛାତ୍ରୀ ଅଟଳ






ଭଦ୍ରକ, ୯ ।୯ (ସମିସ)

ଭଦ୍ରକ କଲେଜ ମୁଖ୍ୟ ଫାଟକରେ ଲାଗିଥିବା ବ୍ୟାନରକୁ ନେଇ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି । ସୋମବାରଠାରୁ ଚାଲିଥିବା ଧାରଣା ଓ ପ୍ରତିବାଦ ଆଜି ଆହୁରି ଉଗ୍ର ନେଇଛି । ଗେଟ ସମ୍ମୁଖରେ ବାଉଁଶ ବାନ୍ଧି କଲେଜ ଭିତରକୁ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି ଛାତ୍ରଛାତ୍ରୀ । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ରଙ୍ଗରେ କାହିଁକି ବ୍ୟାନରକୁ ରଙ୍ଗୀନ କରାଯାଇଛି ତାହାକୁ ବିରୋଧ କରି ବିଜୁ ଛାତ୍ର ଜନତା ଦଳର ଛାତ୍ରଛାତ୍ରୀଙ୍କ ପକ୍ଷରୁ ୨ ଦିନ ହେବ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯିବା ସହିତ ନାରାବାଜି ପ୍ରଦର୍ଶନ କରାଯାଉଛି । ଏପରିକି ଗେଟ ସମ୍ମୁଖରେ ଟାୟାର ଜାଳିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଗତକାଲି ସକାଳୁ ଭଦ୍ରକ କଲେଜ ଗେଟରେ ଲାଗିଥିବା ଗେରୁଆ ବ୍ୟାନରକୁ ନେଇ ବିବାଦ ଦେଖାଅ ଦେଇଥିଲା । ପରେ ଗତକାଲି ଏହି ବ୍ୟାନରକୁ ହଟାଇ ଦିଆଯାଇଥିଲା । ମାତ୍ର ଗତକାଲି ଅପରାହ୍ନରେ ପୁଣି ଏହି ବ୍ୟାନରକୁ ଗେଟରେ ଲଗାଯାଇଥିଲା; ଯାହାକୁ ନେଇ ଛାତ୍ରମାନେ ବିରୋଧ କରିଛନ୍ତି । କଲେଜ ପ୍ରଶାସନ ପକ୍ଷରୁ ଗେଟରେ କୌଣସି ଲେଖା ଯାଇନାଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନ କଲେଜରେ କାହିଁକି ଏପରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ରଙ୍ଗକୁ ବ୍ୟାନରରେ ସ୍ଥାନ ଦେଇଛି ବୋଲି ଧାରଣାରତ ଛାତ୍ର ଅଭିଯୋଗ କରିଛନ୍ତି । ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଚେତାବନୀ ଦେଇଛନ୍ତି ।

### ମାଜିଷ୍ଟ୍ରେଟ, ପୁଲିସ ଓ ଅଧ୍ୟକ୍ଷଙ୍କ ସହ ଆଲୋଚନା

ଉତ୍ତେଜନାକୁ ନଜରରେ ରଖି ବ୍ୟାପକ ପୁଲିସ ମୁତୟନ ହୋଇଛି । ଅନ୍ୟପଟେ କଲେଜ ଗେଟରେ ଲାଗିଥିବା ବ୍ୟାନରକୁ ନେଇ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ କହିଛନ୍ତି ଯେ ଅପରପକ୍ଷ ଚାହିଁଲେ ଅନ୍ୟ ବ୍ୟାନର ଲଗାନ୍ତୁ । ଗେଟ କାର୍ଯ୍ୟ ଆର ଆଣ୍ଡ ବି ବିଭାଗ କରୁଛି । ତେଣୁ ସେନେଇ କଲେଜ କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ ବୋଲି ଅଧ୍ୟକ୍ଷ ହାତଟେକି ଦେଇଛନ୍ତି; ତଥାପି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ପରେ ନିଷ୍କର୍ଷ ବାହାରିବ ବୋଲି ସେ କହିଛନ୍ତି । ଆଜି ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ସହ ଜଣେ ମାଜିଷ୍ଟ୍ରେଟ, ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର ଓ ଅଧ୍ୟକ୍ଷ ଆଲୋଚନା କରିଥିଲେ ବି ଉକ୍ତ ରଙ୍ଗର ବ୍ୟାନରକୁ ହଟାଇବା ଜିଦରେ ଛାତ୍ରଛାତ୍ରୀ ଅଟଳ ରହିଥିଲେ । ଅନ୍ୟପକ୍ଷରେ ଏକ ପ୍ରତିଷ୍ଠିତ ତଥା ପ୍ରାଚୀନ କଲେଜ ଭାବେ ଭଦ୍ରକ ସ୍ୱୟଂଶାସିତ କଲେଜ ଆଜି ମୂରବୀଶୂନ୍ୟ ହୋଇଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଯିଏ ଯେଉଁ ରଙ୍ଗର ବ୍ୟାନର ମାରିବାକୁ ଖୋଦ ଅଧ୍ୟକ୍ଷ ତାଙ୍କ ପ୍ରତିକ୍ରିୟାରେ କହିବା ସହ ଆର ଏଣ୍ଡ ବି ଉପରେ ଦୋଷ ଦେଇ ନିଜେ ବିବାଦରୁ ଖସିବାକୁ ବସିଛନ୍ତି ବୋଲି ଅଭିଯୋଗ ହୋଇଛି । କଲେଜ ଅଶାନ୍ତ ଥିବାରୁ ୨ଦିନ ହେଲା ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି ।

## ମର୍ଯ୍ୟାଦାହାନି ମନ୍ତବ୍ୟ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଆଶାକର୍ମୀ

**ଭଣ୍ଡାରିପୋଖରୀ, ୯।୯ (ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ମର୍ଯ୍ୟାଦାହାନୀ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଥାନାରେ ଆଶାକର୍ମୀମାନେ ସମାବେଶ କରିଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ ସଁପୋଇ ଗ୍ରାମରଚନ୍ଦ୍ରଶେଖରରାଉତନାମକବ୍ୟକ୍ତିଗତ ୨ ତାରିଖରେ ନିଜ ଫେସବୁକ ଆକାଉଣ୍ଟରେ ସାମୂହିକ ଭାବେ ଆଶାକର୍ମୀମାନଙ୍କୁ 'ଅଯୋଗ୍ୟ' ବୋଲି ଆକ୍ଷେପ କରିବା ସହ ସେମାନଙ୍କ ପାଇଁ ରାଜକୋଷରୁ ଅର୍ଥ ବ୍ୟୟ ହେଉଥିବାରୁ ଛଟେଇ କରାଯାଉ ବୋଲି ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟ ଆଶାକର୍ମୀମାନଙ୍କ ମର୍ଯ୍ୟାଦାହାନୀ କରୁଥିବା ଦର୍ଶାଇ ଆଶାକର୍ମୀମାନେ ଗତ ୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ ଏଥିପାଇଁ ସମୟ ଲୋଡାଯାଇଥିଲା । ସୋମବାର ଆଶାକର୍ମୀ ସଭାପତି ପଦ୍ମିନୀ ପଣ୍ଡା, ସମ୍ପାଦକ ପ୍ରତିମା ସାମଲଙ୍କ ନେତୃତ୍ୱରେ ୫୦ରୁ ଅଧିକ ଆଶାକର୍ମୀମାନେ ଥାନାରେ ସମାବେଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଥିଲେ । ଥାନାଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦର୍ଶାଇ ଆଶାକର୍ମୀମାନେ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଗୁହାରୀ କରିଥିବା ଜଣାଯାଇଛି । ମଙ୍ଗଳବାର ସୁଦ୍ଧା ପଦକ୍ଷେପ ଗ୍ରହଣ କରିବାକୁ ଉପଖଣ୍ଡ ପୁଲିସ ଅଧିକାରୀ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ବାବା ବୁଢ଼ା ଗଣେଶଙ୍କ ତୈଳଚିତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥାପନା



**ଭଦ୍ରକ, ୯ ।୯ (ସମିସ):** ଭଦ୍ରକ ପ୍ରସିଦ୍ଧ ଐତିହାସିକ ବାବା ବୁଢା ଗଣେଶଙ୍କ ଏକ ତେ÷ଳଚିତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥାପନା କରାଯାଇଛ । ଉକ୍ତ ତୈଳଚିତ୍ରକୁ ବାବା ବୁଢା ଗଣେଷ କମିଟି ତରଫରୁ ପ୍ରଦାନ କରାଯାଇଛି । ଭଦ୍ରକରେ ଭାଇଚାରା ପ୍ରତିଷ୍ଠା ଦିଗରେ ବାବା ବୁଢା ଗଣେଶ କମିଟି ଦୀର୍ଘ ଦିନ ଧରି ବନ୍ଧୁ ମିଳନ ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସିଛି । ଉକ୍ତ ତୈଳଚିତ୍ରଟିର ସ୍ଥାପନା ପରେ ବିଭିନ୍ନ ଆଡୁ ଆସୁଥିବା ଜନସାଧାରଣ ବାବାଙ୍କର ମହିମା ବିଷୟରେ ଅବଗତ ହେବେ । ସ୍ଥାପନା ସମୟରେ ଜିଲ୍ଲାପାଳଙ୍କ ସମେତ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ହିନ୍ଦୁ ସୁରକ୍ଷା ସମିତି ସଭାପତି ବିଦ୍ୟାଧର ସାହୁ, ବାବା ବୁଢା ଗଣେଶ କମିଟିର ସଦସ୍ୟବୃନ୍ଦ ଓ ସାମ୍ବାଦିକ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୮୦ ଲିଟରର ଦେଶୀ ମଦ ଜବତ; ୪ ଗିରଫ

**ଭଣ୍ଡାରିପୋଖରୀ/ବାରିକପୁର, ୯ ।୯ (ସମିସ):** ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଉଛି । ମଞ୍ଜୁରୀରୋଡ଼ରୁ ଆଖୁଆପଦା ଓ ବିଷ୍ଣୁପୁରରୁ ମଣୀନାଥପୁର ସବୁଠି ଦେଶୀ ମଦ କାରବାର ହେଉଛି । ତେଣୁ ଚୋରା ଦେଶୀ ମଦ ବେପାରୀଙ୍କୁ ରୋକ ଦେବାକୁ ଆଜି ଥାନା ସହିତ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ଚଢଉ ବେଳେ ୮୦ ଲିଟର ଦେଶୀ ମଦ ଜବତ ହେବା ସହିତ ଆକୁଳିକଣା ଗ୍ରାମର ରବୀନ୍ଦ୍ର ସେଠୀ, ରଣଜିତ୍ ଗ୍ରାମର ଦେବେନ୍ଦ୍ର ନାୟକ, ଜୋରାଗଡ଼ିଆ ଗ୍ରାମର ଗୁଣ୍ଡୁ ଜେନା ଓ ଗୌରାଙ୍ଗ ଜେନାଙ୍କୁ ଗିରଫ କରାଯାଇଛି ।

# ପଞ୍ଜୀକୃତ ଜମି ଯାଞ୍ଚ କଲେ ଟିମ୍



**ବାରିକପୁର/ମଞ୍ଜୁରୀରୋଡ, ୯।୯ (ସମିସ):** ଚଳିତ ବର୍ଷ ଖରିଫ ଧାନ ବିକ୍ରୟ ପାଇଁ ଇତିମଧ୍ୟରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଶେଷ ହୋଇଛି । ଏବେ ମିଳିତ କମିଟି ପକ୍ଷରୁ ପଞ୍ଜିକୃତ ଜମିଗୁଡିକର ଯାଞ୍ଚ କରାଯାଉଥିବା ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଧୀନସ୍ଥ ମଞ୍ଜୁରୀ ରୋଡ ନିକଟ ନାଆମୀ ସମବାୟ ସମିତିରେ ପଞ୍ଜିକୃତ ହୋଇଥିବା ଜମିଗୁଡିକର ଆଜି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡାଇଙ୍କ ସହିତ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀ ବିଭିନ୍ନ ସ୍ଥାନରେ ପହଞ୍ଚି ଚାଷ ଜମିଗୁଡିକୁ ଯାଞ୍ଚ କରିଛନ୍ତି । ବିଶେଷ କରି ସମିତି ଅଧୀନ ନାଆମୀ, ଛଞ୍ଚିଣା, ଶାସନ, ସାତଶୋଳା ପ୍ରମୁଖ ସ୍ଥାନରେ ଅଧିକାରୀ ମାନେ ପହଞ୍ଚି ଚାଷୀଙ୍କ ସହିତ ବିଭିନ୍ନ ଆଲୋଚନା କରିଛନ୍ତି ।

# ପ୍ରଧାନ ଶିକ୍ଷକ ଅନୁପସ୍ଥିତ; ଭାରପ୍ରାପ୍ତ ବିଇଓଙ୍କ ତଦନ୍ତ



**ବାରିକପୁର, ୯ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଖଡିସିଙ୍ଗା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ମାସ ହେବ ଅବ୍ୟବସ୍ଥା ଦେଖା ଦେଇଛି । ଏଠାରେ ଥିବା ପ୍ରଧାନ ଶିକ୍ଷକ ଜଣଙ୍କ ୩/୪ ମାସ ହେବ ବିଦ୍ୟାଳୟକୁ ଆସୁନାହାନ୍ତି । ଅନେକ ଆର୍ଥିକ ଅନିୟମିତାରେ ପ୍ରଧାନ ଶିକ୍ଷକ ଜଣଙ୍କ ଜଡିତ ଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଅଭିଯୋଗ କରିଛନ୍ତି । ତେଣୁ ଗତ ସୋମବାରଠାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଏହି ବିଦ୍ୟାଳୟରୁ ଜଣେ ଶିକ୍ଷୟିତ୍ରୀ ୧୨ ବର୍ଷ ହେବ ଡେପୁଟେସନରେ ଯାଇ ଆଉ ଫେରି ନାହାନ୍ତି । ମୋଟାମୋଟି ଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଏହାର ପ୍ରତିବାଦରେ ଗ୍ରାମବାସୀ ୨ଦିନ ଧରି ସ୍କୁଲ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପାଇ ଆଜି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଓ ବିଆରସିସି ଅକ୍ଷୟ କୁମାର ଜେନା ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କେଉଁ ପରିସ୍ଥିତିରେ ପ୍ରଧାନ ଶିକ୍ଷକ ଜଣଙ୍କ ଏଠାକୁ ଆସୁ ନାହାନ୍ତି ସେ ବିଷୟରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରି ଫେରିଛନ୍ତି । ଏହାଛଡା ଉକ୍ତ ବିଦ୍ୟାଳୟରୁ ବେତନ ନେଇ ଅନ୍ୟତ୍ର ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ମଧ୍ୟ ଅଧିକାରୀ ଦ୍ୱୟ ଅନୁଧ୍ୟାନ କରିଛନ୍ତି । ତଦନ୍ତକୁ ନେଇ ଦୁଇ ଅଧିକାରୀ ମୁହଁ ଖୋଲି ନଥିବା ବେଳେ ସମସ୍ତ ଘଟଣା ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ତଥ୍ୟ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି ।

# ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

**ଭଦ୍ରକ, ୯ ।୯ (ସମିସ):** ଭଦ୍ରକ ବ୍ଲକ ସମୂହ କ୍ରୀଡା ପ୍ରତିଯୋଗିତା ବାଗୁରାଇ ପିଏମଶ୍ରୀ ବିନ୍ଦୁ ମାଧବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ବ୍ଲକ କ୍ରୀଡା ସମ୍ପାଦକ ମାନସ କୁମାର ନାୟକଙ୍କ ସମ୍ପାଦନାରେ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଭଦ୍ରକ ବ୍ଲକ ଗୋଷ୍ଠୀ ଶିକ୍ଷଧିକାରୀ ଚକ୍ରଧର ମଲ୍ଲିକ, ସମ୍ମାନିତ ଅଥିତି ଭାବେ ଭଦ୍ରକ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ, ବନ୍ଧଗାଁ ନୋଡାଲ ହାଇ ସ୍କୁଲର ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁ, ପୂର୍ବତନ ଭଦ୍ରକ ଜିଲ୍ଲା କ୍ରିକେଟ ସମ୍ପାଦକ ଉପେନ୍ଦ୍ର କୁମାର ବାରିକ ଏବଂ ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ଅମୂଲ୍ୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ସମୁଦାୟ ୩୬୨ ପ୍ରତିଯୋଗୀ ଏବଂ ୪୦ ଜଣ ଅଫିସିଆଲ ଯୋଗଦେଇଥିଲେ । ଏହି ଅବସରରେ କବାଡି, ଖୋ ଖୋ, ଫୁଟବଲ, ହ୍ୟାଣ୍ଡବଲ, ସଫ୍ଟବଲ, ବାସ୍କେଟବଲ, ଜୁଡୋ, ନେଟ ବଲ, ବେସ ବଲ, ସ୍କେଟିଂ, କରାଟେ ଆଦି ଅନୁଷ୍ଠିତ ହୋଇଥିଲା । ଏଥିରୁ ଖେଳାଳିଙ୍କୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଖେଳିବାପାଇଁ ଚୟନ କରାଯାଇଥିଲା । ରଞ୍ଜନ କୁମାର ବେହେରାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ତପନ କୁମାର ମିଶ୍ର, ସଚିକାନ୍ତ ପଣ୍ଡା, ରମେଶ ଚୌଧୁରୀ, ଜୟନ୍ତୀ ନାୟକ, ଅନୁପମା ଦେବନାଥ, ସୁପ୍ରଭା ରାଉତ, ତପସ୍ୱିନୀ ଖିଲାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କଳା ସଂଗଠକ ଓ ଶିଳ୍ପୀ ନିରଞ୍ଜନ ପଣ୍ଡାଙ୍କ ଦେହାନ୍ତ

**ଧାମନଗର, ୯ ।୯ (ସମିସ):** ଧାମନଗର ବ୍ଲକ ବୟାଗଡ଼ିହି ପଞ୍ଚାୟତ ଅନ୍ତର୍ଗତ ଆମ୍ବିଳିଗାଁ ଗାଁର କଳା ସଂଗଠକ ଓ ଶିଳ୍ପୀ ନିରଞ୍ଜନ ପଣ୍ଡା (୮୨)ଙ୍କ ହୃଦଘାତରେ ଦେହାନ୍ତ ଘଟିଛି । ସେ ଜିଲ୍ଲାକୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଥିବା ସହିତ ନିଶାରେ ଜଣେ ସୁଗାୟକ ଥିଲେ । ବିଶେଷକରି ଜିଲ୍ଲାର ଏକ ପ୍ରମୁଖ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ଭଦ୍ରକ ନୃତ୍ୟ ସଙ୍ଗୀତ ପରିଷଦ, ଅପର୍ତିବିନ୍ଧାର ସମ୍ପାଦକ ଭାବରେ ଦୀର୍ଘବର୍ଷ ଧରି ଦାୟିତ୍ୱ ଗ୍ରହଣକରି ସଂଗଠନକୁ ବହୁ ଆଗକୁ ନେଇ ପାରିଥିଲେ । ଏହି ଖବର ଶୁଣି ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ, ନୃତ୍ୟ ନିର୍ଦ୍ଦେଶିକା ସ୍ୱାଗତିକା ରାଉତ, ଗୁରୁ ଆଶିଷଦେବ ଗୋସ୍ୱାମୀ, ସୁରେନ୍ଦ୍ର ଗାହାଣ ଓ ଅନୁଷ୍ଠାନର କର୍ମକର୍ତ୍ତା, ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ଡ. କେଶବ ଜେନା, ନାଟ୍ୟନିର୍ଦ୍ଦେଶକ ବାଦଲ ସିକଦାର, ଗୌରାଙ୍ଗ ବାରିକ, କବି ଦୟାନିଧି ମିଶ୍ର, କଣ୍ଠଶିଳ୍ପୀ ଜିତନ ପଣ୍ଡା, ସମାଜସେବୀ ଅଜିତ ମହାନ୍ତି, ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାର ଠାରେ ଶବସତ୍କାର କରାଯାଇଥିବା ସହିତ ଏକମାତ୍ର ପୁତ୍ର ବାପି ପଣ୍ଡା ମୁଖାଗ୍ନି ଦେଇଥିଲ ।



# ମାଇନର ରାସ୍ତା ନବୀକରଣ ଦାବି

**ବାରିକପୁର, ୯।୯ (ସମିସ):** ଭଣ୍ଡାରିପୋଖରୀ ବିଦ୍ୟୁତ୍ କାର୍ଯ୍ୟାଳୟଠାରୁ ମଣିନାଥପୁର ପାଲଦା ପୂର୍ତ୍ତରାସ୍ତାକୁ ବଡକୋଳିପଦୀ ମାଇନର କେନାଲ ବନ୍ଧଟି ସଂଯୋଗ କରୁଛି । ପ୍ରାୟ ୩୦୦ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି କେନାଲ ବନ୍ଧଟି ଗମନାଗମନ ପାଇଁ ଉଦିଷ୍ଟ ଅଟେ । ପରିତାପର ବିଷୟ ଦୀର୍ଘ ବର୍ଷ ହେବ ଉକ୍ତ କେନାଲ ରାସ୍ତାଟିର ନବୀକରଣ କାର୍ଯ୍ୟ ହୋଇପାରୁନାହିଁ । ଫଳରେ ହଜାର ହଜାର ଲୋକ ଦୈନିକ ଯାତାୟାତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି । ପ୍ରତ୍ୟକ ବର୍ଷ ଜଳସମ୍ପଦ ବିଭାଗ ଏହି କେନାଲ ରାସ୍ତାରେ କେବଳ ମାଟି, ବାଲି, ମୋରମ, ଡଷ୍ଟ ପକାଇ ନିଜ ଦାୟିତ୍ୱ ସାରି ଦେଉଛି । ୨/୩ ମାସ ଧରି ଲୋକେ ସୁରୁଖୁରୁରେ ଯାତାୟାତ କରୁଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି । ଅସରାଏ ବର୍ଷା ହେଲେ ଅବସ୍ଥା ନକହିଲେ ଭଲ । ସାଇକଲ ଓ ମୋଟର ସାଇକଲରେ ଲୋକେ ଯାତାୟାତ କରିବା ଯନ୍ତ୍ରଣାଦାୟକ ହେଉଛି । ସ୍ଥାନୀୟ ସରସଦା ସମେତ ରହଣିଆ, ନପଙ୍ଗ, କୁରିଗାଁ, ମାଳଦା, ଷୋଳମପୁର ପ୍ରମୁଖ ପଞ୍ଚାୟତର ଜନସାଧାରଣ ମାନେ ଦୈନିକ ଏହି ବାଟଦେଇ ରାଜପଥକୁ ଆସି ବିଭିନ୍ନ କ୍ଷେତ୍ରରୁ ଯାଇଥାନ୍ତି । ତେଣୁ ରାସ୍ତା ନବୀକରଣ ପାଇଁ ବୃଦ୍ଧିଜୀବୀ ମାନେ ବାରମ୍ବାର ଦାବି ଜଣାଯାଉଥିଲେ ସୁଦ୍ଧା ଜଳସମ୍ପଦ ବିଭାଗ ଏହା ଉପରେ ଦୃଷ୍ଟି ଦେଉନାହିଁ । ଶେଷରେ ଆଜି ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଉକ୍ତ ସଂଯୋଗୀ ରାସ୍ତାର ନବୀକରଣ ପାଇଁ ବହୁ ଲୋକ ଆବେଦନ ପତ୍ରରେ ଦସ୍ତଖତ କରିଛନ୍ତି । ଉକ୍ତ ଆବେଦନ ପତ୍ରଟିକୁ ସାଂସଦ, ବିଧାୟକ ଓ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଛି । ଏପଟେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ କଣ ହୋଇଛି ଦେଖିବେ ବୋଲି କହିଥିବା ବେଳେ କନିଷ୍ଠ ଯନ୍ତ୍ରୀ କିରଣବାଳା ପରିଡ଼ା ଯଥାଶୀଘ୍ର ଏହାର ନବୀକରଣ କାର୍ଯ୍ୟ ହେବ ବୋଲି ସୂଚନା ଦେଇଛନ୍ତି ।



# ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗର ତଦନ୍ତ

**ଭଣ୍ଡାରିପୋଖରୀ, ୯।୯ (ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଦିନ କିଛି ନା କିଛି ପ୍ରାୟୋଜିତ ଅଘଟଣ ବା ତଦନ୍ତର ଖବରକୁ ନେଇ ଚର୍ଚ୍ଚାରେ ରହିଛି । ୧୩ ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ଏଠାରୁ ବଦଳି ନ ହେବାକୁ ଚଳାଇଥିବା ପ୍ରାଣମୂର୍ଚ୍ଛା ଉଦ୍ୟମ ସବୁ ଘଟଣା ଓ ଅଘଟଣର ମୂଳ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି କ୍ରମରେ ଗତ ଅଗଷ୍ଟ ୧୩ ତାରିଖ ସନ୍ଧ୍ୟାରେ ରୋଗୀ ବିନୋଦିନୀ ରାଉତଙ୍କ ମୃତ୍ୟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଜନିତ ହୋଇଥିବା ଅଭିଯୋଗର ତଦନ୍ତ ମଙ୍ଗଳବାର ହୋଇଥିଲା । ମୃତକଙ୍କ ସ୍ୱାମୀ ଅଶୋକ କୁମାର ରାଉତ ଗତ ୨୦ ତାରିଖରେ ଏ ସମ୍ପର୍କରେ ଡାକ୍ତର ସୁଧାଂଶୁ ବେହେରା ଓ ନର୍ସ ନିରୁପମା ମଲ୍ଲିକଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗର ତଦନ୍ତ ଆଜି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା.ମିନତୀଲତା ଦାସଙ୍କ ନେତୃତ୍ୱରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ମୀନକେତନ ମହାନ୍ତି, ହସପିଟାଲ ମ୍ୟାନେଜର ସମୀର ମହାପାତ୍ର ଓ ବରିଷ୍ଠ ଫାର୍ମାସି ଅଫିସର ରଜତ କୁମାର ସାହୁ ରୁଦ୍ଧଦ୍ୱାର ତଦନ୍ତ କରିଥିଲେ । ଅଭିଯୋଗକାରୀ ଓ ପରିବାର ସମେତ ଅବସରପ୍ରାପ୍ତ ଶିକ୍ଷକ ମୁକ୍ତିକାନ୍ତ ମହାନ୍ତି, ଚିକିତ୍ସା କରିଥିବା ଡାକ୍ତର ବେହେରା, ନର୍ସଙ୍କୁ ପଚରାଉଚରା କରିଥିଲେ । ତଦନ୍ତକାରୀ ଦଳ ତଦନ୍ତ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ।

## ଧାମନଗର ଛକରେ 'ଟେକ୍ସଟାଇଲ୍ ପାର୍କ' ପ୍ରତିଷ୍ଠା ପାଇଁ ସମୀକ୍ଷା ବୈଠକ

# ୩ଟି ମୌଜାର ୨୧୭.୭୧ ଏକର ରୟତ ଜମି ଅଧିଗ୍ରହଣ

ଭଦ୍ରକ, ୯ ।୯ (ସମିସ)

ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଟେକ୍ସଟାଇଲ ପାର୍କ ଓ ଶିଳ୍ପ ପାର୍କ ପ୍ରକଳ୍ପର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଭୁବନେଶ୍ୱର ଇଡ୍‌କୋ ନିର୍ବାହି ନିର୍ଦ୍ଦେଶକ ଡ.ସୁରେଶ କୁମାର ଦଳେଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଇଡ୍‌କୋ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ପ୍ରତିହାରୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ଭଣ୍ଡାରିପୋଖରୀ ତହସିଲଦାର ରୋଜାଲିନ ବେହେରା, ଟିମ ଲିଡର ଦିପା ସୁବ୍ରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



ଧାମନଗର ଛକରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିମନ୍ତେ ୩ଟି ମୌଜାର ୨୧୭.୭୧ ଏକର ରୟତ ଜମି ଅଧିଗ୍ରହଣ କରାଯାଇଛି । ଏହାବାଦ ଏ.୧୭.୨୬ ସରକାରୀ ଜମି ଅନ୍ତର୍ଭୁକ୍ତ ଅଛି । ପ୍ରଥମ ପର୍ଯ୍ୟାୟରେ ଏ. ୫୯.୬୩ ଜମି ଆଇଓସିଏଲ୍‌କୁ ହସ୍ତାନ୍ତର କରାଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନୁ୍ୟନ ଏ. ୭୦.୨୩ ଜମି ଆଇସିଏଲ୍ ଓ ଏ.୧୦୫.୧୧ ଜମି ଏମସିପିଆଇ ପ୍ରାଇଭେଟ ଲିଂକୁ ଯୋଗାଇବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ହସ୍ତାନ୍ତର ହୋଇଥିବା ଜମିରେ କିପରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ଜିଲ୍ଲାପାଳ ପ୍ରାଧାନ୍ୟ ଦେବା ସହିତ ହସ୍ତାନ୍ତର ହେବାକୁ ଥିବା ପ୍ରସ୍ତାବିତ ଜମିକୁ ସରଳୀକରଣ କରିବା ଉପରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା ୧୮ ତାରିଖରେ ଡିଜିପିଏସ୍ ସର୍ଭେ କାମ ଆରମ୍ଭ ହେବ ବୋଲି ଇଡ୍‌କୋ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସେହିପରି ଏକ ନୂତନ ରାସ୍ତା ପ୍ରକଳ୍ପ ମଧ୍ୟକୁ ଯିବାପାଇଁ ଚିହ୍ନଟ ନିମନ୍ତେ ଯୁଗ୍ମ ତଦନ୍ତ ହେବ । ଏଥିରେ ଇଡକଲ୍, ଆଇଓସିଏଲ, ତହସିଲଦାର ଏବଂ ଜଳସେଚନ ବିଭାଗର ଅଧିକାରୀ ଉପସ୍ଥିତ ରହିବେ । ସେହିପରି ପ୍ରକଳ୍ପ ସ୍ଥାନ ମଧ୍ୟରେ ଅନ୍ୟୂନ୍ୟ ଏ.୫.୦୦ ଜମି ବୈଦ୍ୟୁତିକ ସବଷ୍ଟେସନ ପାଇଁ ଚିହ୍ନଟ କରାଯିବ । ଜଙ୍ଗଲ ଜମି ବାବଦରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ ଭଣ୍ଡାରିପୋଖରୀ ବିଡିଓ ଓ ତହସିଲଦାରଙ୍କୁ ତାଗିଦ୍ କରିଥିଲେ । ସେହିଭଳି ଶିଳ୍ପ ପାର୍କ ପ୍ରକଳ୍ପ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏ.୯୬୧.୨୬୪୯ ଜମି ଅଧିଗ୍ରହଣ ନିମନ୍ତେ ନୋଟିଫିକେସନ ହୋଇଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଇଡକୋ ତରଫରୁ ପ୍ରସ୍ତାବିତ ଏ.୨୩୬୦.୫୧୪୪ ପରିମିତ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ ।

# ୩ ଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ହାତ ବଢ଼ାଇଲା ଅଟଳ ପରିବାର



ଅମ୍ବାଭୋନା, ୯।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍‌ର ଭୈନାତୋରା ପଞ୍ଚାୟତର ବରଗାଁକୋଟ ଗାଁର କାର୍ତ୍ତିକ ମଲ୍ଲିକଙ୍କର ଝିଅ ବର୍ଷା ମଲ୍ଲିକ। ଉଚ୍ଚଶିକ୍ଷା ପାଇଁ ଆଗ୍ରହ ଥିଲେ ହେଁ ଅର୍ଥାଭାବରୁ ନାମ ଲେଖାଇ ପାରି ନଥିଲେ। ତେବେ ଅଟଳ ପରିବାର ପକ୍ଷରୁ ବର୍ଷାଙ୍କର ଭୁକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଠାରେ ନାମ ଲେଖାଇବା ପାଇଁ ଆର୍ଥିକ ସହଯୋଗ କରାଯାଇଛି। ଏହାସହ ବର୍ଷାଙ୍କ ଭଉଣୀଙ୍କର ନାମଲେଖା ପାଇଁ ମଧ୍ୟ ଅଟଳ ପରିବାରର ସଦସ୍ୟ ବରଗଁକୋଟର ଜଗତରାମ ପଧାନ ସହଯୋଗର ହାତ ବଢ଼ାଇଛନ୍ତି। ସେହିପରି ଅମ୍ବାଭୋନା ବ୍ଲକ୍ ଅଧୀନ କୁମ୍ଭୋ ପଞ୍ଚାୟତର କୁମ୍ଭୋ ଗାଁର ପାଣ୍ଡବ ଭୁଏଙ୍କ ଝିଅ ସରିନା ଭୁଏ। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ କରି ଅଧ୍ୟୟନ କରି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ ସାଜିଥିଲା। ଖବର ପାଇ ଅଟଳ ପରିବାର ସଭାପତି ଶିବାଜୀ ପଟେଲଙ୍କ ସମେତ ଟ୍ରଷ୍ଟି ପ୍ରଫୁଲ୍ଲ ପ୍ରଧାନ, ଶଙ୍କର ଭାନୁ ପଟେଲ ଏବଂ ନିତ୍ୟାନନ୍ଦ ବେହେରା ପାଣ୍ଡବ ଭୁଏଙ୍କ ଘରକୁ ଯାଇ ସରିନାଙ୍କ ଉଚ୍ଚଶିକ୍ଷା ପାଇଁ ଡୁଙ୍ଗୁରୀ କଲେଜରେ ନାମ ଲେଖାଇବାର ବ୍ୟବସ୍ଥା କରିଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅନେକ ଛାତ୍ରଛାତ୍ରୀଙ୍କର ପାଠ ପଢ଼ିବା ପାଇଁ ଅଟଳ ପରିବାରର ଏପରି ବାରମ୍ବାର ସହଯୋଗ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା ସାଉଁଟିଛି।

**ହାଇୱା ଧକ୍କାରେ ସୁରକ୍ଷାକର୍ମୀ ମୃତ ଘଟଣା**

# ଧରାପଡ଼ିଲା ହାଇୱା; ଡ୍ରାଇଭର ଫେରାର୍

ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ରରେ ଘରୋଇ ସୁରକ୍ଷାକର୍ମୀ ଭାବେ କାମକରୁଥିବା ସଞ୍ଜୀବ ପ୍ରଧାନ(୪୦)ଙ୍କ ହାଇୱା ଧକ୍କାରେ ସୋମବାର ସକାଳେ ମୃତ୍ୟୁ ଘଟିଥିଲା। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ହାଇୱା ସମ୍ପର୍କରେ ପୁଲିସ ସ୍ପଷ୍ଟ ସୂଚନା ଦେଇପାରି ନଥିବାରୁ ଲୋକଙ୍କ ଆକ୍ରୋଶ ବଢ଼ିଥିଲା। ଏ ସଂକ୍ରାନ୍ତରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ଆଜି ବନହରପାଲି ପୁଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଧରିବାରେ ସକ୍ଷମ ହୋଇଛି। ହାଇୱାଟି ଧରାପଡିବା ପରେ ଗତକାଲି ଲୋକେ ଯେଉଁ କୋଲ୍ ୱାସେରୀରେ ଲାଗିଥିବା ହାଇୱା ବୋଲି ସନ୍ଦେହ କରି ତୁମ୍ବି ତୋଫାନ




କରିଥିଲେ ତାହା ସତ୍ୟ ବୋଲି ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ହାଇୱା ମାଁ ସାରଦା ଏଣ୍ଟରପ୍ରାଇଜେସ୍ କମ୍ପାନୀର ବୋଲି ଜଣାପଡିଛି। ଏହି ଗାଡିଟି ବନ୍ଧବାହାଲ କିରାରମା ଠାରେ ଥିବା ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ (ଇଏମସିଏଲ୍) କୋଲ୍ ୱାସେରୀରେ ଲାଗିଥିବା ପୁଲିସ୍ କହିଛି। ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି ଯେ ଗାଡିକୁ ଗତକାଲି ଠାରୁ ଟ୍ରେସ୍ କରାଯାଉଥିଲା ଏବଂ ଆଜି ତାହାକୁ ଥାନାରେ ଅଟକ ରଖା ଯାଇଛି। ହାଇୱାଟି ଇଏମସିଏଲ୍ କୋଲ୍ ୱାସେରୀର କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ଥିବାରୁ ଖଣି ଅଞ୍ଚଳରେ ୱାସେରୀର ଷ୍ଟକୟାର୍ଡକୁ କୋଇଲା ପରିବହନ କରିଥାଏ। ରବିବାର ବିଳମ୍ବିତ ରାତ୍ରିରେ ହାଇୱାଟି ୭ନମ୍ବର ଖଣି ନିକଟ ଷ୍ଟକୟାର୍ଡକୁ କୋଇଲା ନେଇ ଯାଇଥିଲା। ସୋମବାର ଭୋର୍ ସମୟରେ ଡ୍ୟୁଟିରେ ଥିବା ଘରୋଇ ସୁରକ୍ଷାକର୍ମୀ ସଞ୍ଜୀବ ଶୌଚ ପାଇଁ ଯାଇଥିବା ବେଳେ ହାଇୱାଟି ଧକ୍କା ଦେଇ ଫେରାର ହୋଇଥିଲା। ଡାକ୍ତରଖାନାରେ ସଞ୍ଜୀବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିବା ସହ ଫେରାର ଡ୍ରାଇଭରକୁ ଖୁବଶୀଘ୍ର ଧରାଯିବ ବୋଲି ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଅନ୍ୟପଟେ ହାଇୱାକୁ ନେଇ ଉତ୍ୟକ୍ତ ଜନସାଧାରଣଙ୍କ ଦାବି ସତ୍ୟ ପ୍ରମାଣିତ ହେବା ପରେ ଇଏମସିଏଲ୍ କର୍ତ୍ତୃପକ୍ଷଙ୍କୁ ଘଣ୍ଟ ଘୋଡା ଯାଉଥିବା ଅଭିଯୋଗ କରିଛନ୍ତି। ଖଣି ଆଇନ ୧୯୫୫ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉ ନ ଥିବାରୁ କାରଖାନାରେ ଏକାଧିକ ଲୋକଙ୍କ ଜୀବନ ଗଲାଣି ବୋଲି କୁହାଯାଇଛି।

## ଲଖନପୁର ତହସିଲ ସମ୍ମୁଖରେ ଦୁର୍ଘଟଣା, ୨ ଗୁରୁତର



ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଭୁଲ ସାଇଡରେ ଛିଡା ହୋଇଥିବା କାରକୁ ଏକ ବାଇକ ଧକ୍କା ଦେଇଛି। ଫଳରେ ବାଇକରେ ଥିବା ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଦ୍ୱୟ ସଚିନ ଭୁଏ (୨୦) ଏବଂ ଅମିତ ଭୋଇ (୧୯) ବୋଲି ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ସହ ମିଶି ଲଖନପୁର ପୁଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ଜବତ, ବାପ-ପୁଅ ଗିରଫ

ଇବଥର୍ମାଲ, ୯।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବଡମାଳ ଥାନା ଅଧୀନ ଖେରୁଆଲ ଠାରେ ଯାଞ୍ଚ ସମୟରେ ବଡମାଳ ପୁଲିସ ପକ୍ଷରୁ ୪ କେଜି ଗଞ୍ଜେଇ ଜବତ୍ କରିବା ସହ ବାପ ଓ ପୁଅ ଗିରଫ ହୋଇଛନ୍ତି। ସୋମବାର ବଡମାଳ ଥାନାର ଏସଆଇ ଯଶୋବନ୍ତି ବାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ଖବର ପାଇ ଖେରୁଆଲ ଠାରେ ଗାଡି ଯାଞ୍ଚ କରୁଥିଲେ। ଏଥିରେ ସମ୍ବଲପୁର ପଟୁ ଆସୁଥିବା ଏକ ସ୍କୁଟିକୁ ଯାଞ୍ଚ ସମୟରେ ସେଥିରୁ ୪ କିଲୋ ଗଞ୍ଜେଇ ସହ ନଗଦ ୩୦,୦୦୦ ଟଙ୍କା ଜବତ କରାଯାଇଥିଲା। ଏହାସହିତ ଗଞ୍ଜେଇ ଚାଲାଣ କରୁଥିବା ୨ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ୨ ଜଣ ଝାରସୁଗୁଡ଼ା ବଡମାଳ ଥାନା ଅଧୀନ ବଡମାଳ ଗୋନ୍ତିଆପଡାର ବିନାୟକ ଦଣ୍ଡସେନା (୬୫) ଓ ପୁଅ କିରଣ ଦଣ୍ଡସେନା (୧୯) ବୋଲି ଜଣାପଡ଼ିଛି। ଉଭୟ ବାପା ଓ ପୁଅଙ୍କୁ କୋର୍ଟଚାଲାଣ କରାଯାଇଛି।



## ସାପକାମୁଡ଼ାରେ ୯ ବର୍ଷ ଶିଶୁର ମୃତ୍ୟୁ

ଇବଥର୍ମାଲ, ୯।୯ (ସମିସ): ବନହରପାଲି ଥାନା ତେଲେନପାଲି ପଞ୍ଚାୟତର ବନହରପାଲି ଗାଁର ଜଣେ ୯ ବର୍ଷର ଶିଶୁପୁତ୍ରର ସାପ କାମୁଡାରେ ମୃତ୍ୟୁ ଘଟିଛି। ଘଟଣାଟି ସୋମବାର ବିଳମ୍ବିତ ରାତିରେ ଘଟିଥିବା ବେଳେ ଶିଶୁର ନାମ କାର୍ତ୍ତିକ ଗିରି ବୋଲି ଜଣାପଡିଛି। ମା' ପ୍ରଭାସିନୀ ଗିରି ପୁଲିସକୁ ଆଜି ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ସୋମବାର ରାତିରେ ସମସ୍ତେ ଶୋଇଲା ପରେ କାର୍ତ୍ତିକ ପରିସ୍ରା କରିବାକୁ ମା'ଙ୍କୁ ଉଠାଇ ଥିଲେ। ବାହାରକୁ ଯାଇ ପୁଣି ଶୋଇଲା ବେଳେ କ'ଣ ଗୋଟେ କାମୁଡି ଦେଇଥିବା କଥା କାର୍ତ୍ତିକ ମା'ଙ୍କୁ କହିଥିଲେ। ମା' ଦେଖିଲା ବେଳକୁ ତାହା ଏକ ସାପ ଥିଲା। ରାତି ୨ଟା ୩୦ ବେଳକୁ ବାପା ଗୋପାଳ ଗିରି ଓ ମା' ପ୍ରଭାସିନୀ ପୁଅକୁ ନେଇ ଇବଥର୍ମାଲ ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ବନହରପାଲି ପୁଲିସ ଘଟଣା ସ୍ଥଳକୁ ଯାଇ ଏ ସଂକ୍ରାନ୍ତରେ ଏକ ସାପ କାମୁଡା ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାହୋଇଥିବା ଆଇଆଇସି ରଞ୍ଜିତ ନାଏକ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ



ବରଗଡ଼, ୯।୯ (ସମିସ): କୌଣସି ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ସାକ୍ଷରତା ନିହାତି ଆବଶ୍ୟକ। ସାକ୍ଷରତାର ପ୍ରୟୋଜନ ପ୍ରତି ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ଅର୍ନ୍ତଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଚଳିତ ବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସର ପ୍ରସଙ୍ଗ 'ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରିବା' ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଧାରଣା ଦେଇଥିଲେ। ରାଜ୍ୟ ତଥା ଦେଶର ମହିଳା ଓ ପୁରୁଷଙ୍କ ସାକ୍ଷରତାର ସ୍ଥିତି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ନାୟକ ଛାତ୍ରଛାତ୍ରୀ କମ୍ପ୍ୟୁଟର ଶିକ୍ଷା ଆହରଣ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ଶ୍ରୀପତି ସାହୁ, ବୋଧରାମ ବିଶ୍ୱାଳ, ପ୍ରକାଶ ପଧାନ, ତେଜରାମ ସା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଓ ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ସୋହେଲା ବିଇଓ ଅମୃତା ସାହୁ, ବିଜେପୁର ବିଇଓ ବଲ୍ଲଭ ମେହେର, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନବ ଭାରତ ସାକ୍ଷର ଅଧୀନ ଉଲ୍ଲାସ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୧୫ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ସାକ୍ଷର କରିବା ଲକ୍ଷ୍ୟ ସମସ୍ତେ ସଂକଳ୍ପ ନେଇଥିଲେ।

ଏଥିରେ ପ୍ରତ୍ୟେକ ବ୍ଲକ୍‌ର ଏବିଇଓଙ୍କ ସହ ସିଆରସିସି ଓ ସହକାରୀ ଶିକ୍ଷକ ଯୋଗ ଦେଇଥିଲେ। ଜନକ ସେଠ୍ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ବେଣୁଧର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଆର୍‌ଏମ୍‌ଙ୍କ ଝାରସୁଗୁଡ଼ା ଗସ୍ତ

ଇବଥର୍ମାଲ, ୯।୯ (ସମିସ): ରେଳ ବିଭାଗର ଚକ୍ରଧରପୁର ଡିଭିଜନର ଡିଆରଏମ କରୁନ ହୁରିଆ ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସହରର ବିଭିନ୍ନ ସମସ୍ୟା ନେଇ ବିଧାୟକ ଟଙ୍କଧର ତ୍ରିପାଠୀ ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ମୁଖ୍ୟ ରାସ୍ତାର ଉନ୍ନତି କରଣ ସହ ଡ୍ରେନେଜ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ଝଣ୍ଡା ଛକ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ସହ ଜନସାଧାରଣଙ୍କ ଯାତାୟାତ ପାଇଁ ରାସ୍ତା ନିର୍ମାଣ ଉପରେ ଜୋର ଦେଇଥିଲେ। ଏହାସହ ରେଳ ବିଭାଗ ଅଧୀନରେ ଥିବା ସ୍କୁଲର ଉନ୍ନତି କରଣ ନେଇ ଆଲୋଚନା କରିଥିଲେ। ଆଜିର ଗସ୍ତରେ ବିଧାୟକ ତ୍ରିପାଠୀ, ଡିଆରଏମ ଓ ଜିଲ୍ଲପାଳ କୁଣାଲ ମୋତିରାମ ଚୌହାଣ ମୁଖ୍ୟ ରାସ୍ତାରେ ଚାଲି ଚାଲି ଯିବା ସହ ସହରରେ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ।



## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଯୋଗ ଓ ଚେସ୍ ପ୍ରତିଯୋଗିତା



ପଦ୍ମପୁର, ୯।୯ (ସମିସ): ବ୍ଲକ୍ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କର ନିର୍ଦ୍ଦେଶରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ବ୍ଲକ୍‌ସ୍ତରୀୟ ଯୋଗ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ କ୍ରୀଡା ସଂଘର ସେକ୍ରେଟାରୀ ହରେକୃଷ୍ଣ ମେହେର ସଭା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ପ୍ରତିଯୋଗିତାରେ ୬ ଟି ବର୍ଗରୁ ୬୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚେସ୍‌ରେ ବୈଭବ ସାହୁ, ଓମ ପ୍ରକାଶ ସାହୁ, ଶ୍ରାବଣୀ ସାହୁ ଓ ପ୍ରାଚୀ ପ୍ରଜ୍ଞା ସାହୁ ଓ ଯୋଗରେ ଶ୍ରୀତମ ସାହୁ, ସମୀର ସେନ୍ଧ୍ରୀଆ, ଲିଶା ବାଗ ଓ ସୌଦାମିନୀ କୁମ୍ଭାର ଜିଲ୍ଲାସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶାରୀରିକ ଶିକ୍ଷୟିତ୍ରୀ ନିଳୀମାରାଣୀ ମହାନ୍ତି, ଗୋବର୍ଦ୍ଧନ ମିଶ୍ର, କେଶବ ପ୍ରଧାନ, ସଦାନନ୍ଦ ସାହୁ, ରଜତଲ ସିଂହ ବରିହା ତଥା ଅନ୍ୟାନ୍ୟ ବିଦ୍ୟାଳୟର ଶାରୀରିକ ଶିକ୍ଷକ ମାନେ ସହଯୋଗ କରିଥିଲେ। ଶେଷରେ ଚନ୍ଦ୍ରମଣି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗୋଁଣ୍ଡ ମହାସଭା ନୂଆଁଖାଇ ଭେଟ୍‌ଘାଟ୍‌ରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାବିପତ୍ର

ପଦ୍ମପୁର, ୯।୯ (ସମିସ): ରାଜ୍ୟସ୍ତରୀୟ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ନୂଆଁଖାଇ ଭେଟଘାଟ ନୂଆଁପଡ଼ା ଜିଲ୍ଲା ପୁଲିସ ପଡିଆ ଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବରଗଡ଼ ଜିଲ୍ଲା ଗଣ୍ଡ ସମାଜ ଆୟୋଜନ ସମିତି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଭେଡେନ, ପାଟକୁଲୁଣ୍ଡା, ଲଖନପୁର, ଖର୍ସଲ, ପାହାଡ ଶ୍ରୀଗୀଡା ଆଦି ଗୋଁଣ୍ଡ ଜମିଦାର ଗଣ ବୀରତ୍ୱ ସହ ଇଂରେଜ ବିରୁଦ୍ଧରେ ଲଢ଼ିଥିଲେ। ଏଣୁ ସେମାନଙ୍କୁ ଉଚିତ ସମ୍ମାନ ପାଇଁ ପ୍ରତିମୂର୍ତ୍ତି ସ୍ଥାପନ କରିବା, ଗୋଁଣ୍ଡ ସମାଜର ଖଳା ଗୁଡିକ ପୁନଃରୁଦ୍ଧାର, ନୃସିଂହନାଥ ସ୍ଥିତ ଗୋଁଣ୍ଡ ସମାଜର କଲ୍ୟାଣମଣ୍ଡପର ଉନ୍ନତି କରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ଗୁଡିକର ସମାଧାନ ପାଇଁ ଦାବି ଉଲ୍ଲେଖ କରାଯାଇଛି। ଏହି ଅବସରରେ ଧନେଶ୍ୱର ସିଂହ, ସରୋଜ ଧରୁଆ, ସୁରେନ୍ଦ୍ର ଧରୁଆ, ନରେଶ ଧରୁଆ, ଚୈତୁ ସିଂ ଦେଓ, ଦୁର୍ଯ୍ୟୋଧନ ପୁଟା, ରମେଶ ଜଗତ, ରଘୁନନ୍ଦନ ଦେଓ, ସତ୍ୟବାନ ଧରୁଆ, ବିଦେଶୀ ରାଏ, ନିରଞ୍ଜନ ଧରୁଆ, ଅଶ୍ୱିନୀ ଧରୁଆ, ଚିତ୍ତରଞ୍ଜନ ପରରେ, ହିରଣ୍ୟ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜେନିଥ୍ ଲାୟନ୍ସ ଗୁରୁକୁଳର ଗୃହ ବିନିଯୋଗ ଉତ୍ସବ



ପଦ୍ମପୁର, ୯।୯ (ସମିସ): ଜେନିଥ୍ ଲାୟନ୍ସ ଗୁରୁକୁଳ ତରଫରୁ ଗୃହ ବିନିଯୋଗ ଉତ୍ସବ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ୟାପ୍ଟେନ୍ ଜୟ ଭୋଇ ଗୃହ ବ୍ୟବସ୍ଥାର ମୂଲ୍ୟାଙ୍କନ କରି ଘରଗୁଡିକର ନାମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ.ମନୋଜ ପଣ୍ଡା ଭବିଷ୍ୟତର ନେତା ଗଠନ ପାଇଁ ଏକ ଗୃହ କ୍ୟାବିନେଟର ଆବଶ୍ୟକତା ବର୍ଣ୍ଣନା କରିଥିଲେ। ନବନିର୍ବାଚିତ ଗୃହ କ୍ୟାବିନେଟ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ। ନିଜ ନିଜ ଗୃହର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସଭାପତି ପ୍ରତାପ ମିଶ୍ର, ଉପାଧ୍ୟକ୍ଷ ସୁଶାନ୍ତ ରଥ, ସଚିବ ପବନ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ ସାର୍ ଯୋଗ ଦେଇଥିଲେ। ଶିକ୍ଷକ ସତୀଶ ଚନ୍ଦ୍ର ସାହୁ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରିଥିଲେ। ଶିକ୍ଷକ ସନ୍ତୋଷ ବେହେରା ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ କମିଟିର ବୈଠକ

ଝାରବନ୍ଧ, ୯।୯ (ସମିସ): ଝାରବନ୍ଧ ବ୍ଲକ୍‌ସ୍ତରୀୟ ବ୍ୟାଙ୍କର୍ କମିଟିର ବୈଠକ ବ୍ଲକ୍ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନୂତନ ଭାବେ ଯୋଗ ଦେଇଥିବା ଏଲଡିଏମ ବିଦ୍ୟାନନ୍ଦ ତିର୍କୀ, ବିଡିଓ ପର୍ଶୁରାମ ପଣ୍ଡା, ବିପିଏମ ସତ୍ୟ କୁମ୍ଭାର, ବିଭିଓ ଡ.ସମୀର ଖମାରି, ଏଫଓ ସମୀର ଚାନ୍ଦ, ଝାରବନ୍ଧ ଏସବିଆଇ ଶାଖା ପରିଚାଳକ ଦୀପକରାଜ, ଉତ୍କଳ ଓଜିବିର ଶାଖା ପରିଚାଳକ ଚିତ୍ରସେନ ପ୍ରଧାନ, ଏସଡିସିସି ବ୍ୟାଙ୍କ ଶାଖା ପରିଚାଳକ ବିରଜା ପ୍ରଧାନ ମଲ୍ଲିକ ଏବଂ ବ୍ୟାଙ୍କ ମିତ୍ର ମାନେ ଉପସ୍ଥିତ ଥିଲେ। ବୈଠକରେ ଏସଏଚଜି ବ୍ୟାଙ୍କ ଋଣ, କୃଷି ବୀମା, ସରକାର ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହାସହ ଏଲଡିଏମ ଶ୍ରୀ ତିର୍କୀ ନୂତନ ଲୋକାଭିମୁଖୀ ପ୍ରସ୍ତାବ ଦେବାକୁ ଆହ୍ୱାନ ଦେଇଥିଲେ।

# ଥାନାଧିକାରୀଙ୍କୁ ଆଟ୍ରୋସିଟି ଆକ୍ଟର ତର୍ଜମା ଅଧିକାର ଆଦେଶକୁ ରଦ୍ଦ ଦାବି

ଇବଥର୍ମାଲ, ୯।୯ (ସମିସ)

ସମ୍ମିଳିତ ଆଦିବାସୀ ସମାଜର ଆୟୋଜନରେ ବେହେରାମାଲ ସ୍ଥିତ ସଂସ୍କୃତି ଭବନଠାରେ ଆଟ୍ରୋସିଟି ଉପରେ ଆଲୋଚନା ଚକ୍ର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ରତ୍ନାକର ପ୍ରଧାନ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତ୍ରିନାଥ ଗୁଆଲ, ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରର ସଂଗ୍ରାମ କେଶରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଚରଣ ପାଲ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ସିଆରାମ ଦାସ, ମୁଖ୍ୟ ବକ୍ତା ଭାବେ ଅଭିରାମ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଅନ୍ଥୋନୀ ଟିର୍କୀ ଯୋଗ ଦେଇଥିଲେ।

ସରକାରଙ୍କ ଦ୍ୱାରା ଗତ ୩୦ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ଆଟ୍ରୋସିଟି ଆକ୍ଟ ଉପରେ ଜାରି କରିଥିବା ନୋଟିସରେ ଆଟ୍ରୋସିଟି କେସ ଗୁଡିକ ଡେପୁଟି



ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ(ଡିଏସ୍‌ପି)ଙ୍କ ଦ୍ୱାରା ତର୍ଜମା କରାଯିବ। ସ୍ୱତନ୍ତ୍ର ଅଦାଲତରେ ଉପସ୍ଥାପନା କରୁଥିବା ନିୟମକୁ ପରିବର୍ତ୍ତନ କରି ଥାନାର ନିରୀକ୍ଷକ ଭାରପ୍ରାପ୍ତ ଅଧିକାରୀ କୋର୍ଟରେ ଉପସ୍ଥାପନ କରିବେ ବୋଲି ନିର୍ଦ୍ଦେଶ ଅଛି। ଏହାଦ୍ୱାରା ଆଟ୍ରୋସିଟି ଆକ୍ଟ ୧୯୮୯ ଆଦିବାସୀ ତଥା ଦଳିତ ବର୍ଗର ସୁରକ୍ଷା କବଚ ଦୁର୍ବଳ ହେବ ଓ ଏହି ବର୍ଗର ଲୋକମାନେ ଆଇନ ଅଦାଲତରେ ଉଚିତ ନ୍ୟାୟ ପାଇ ପାଇବେ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ସରକାର ଏହି ନୋଟିସକୁ ରଦ୍ଦ କରନ୍ତୁ ବୋଲି ଦାବି ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଏଥି ପାଇଁ ୩ଟି ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟ କରୁଛି। ଆଟ୍ରୋସିଟି ମାମଲା ଗୁଡିକୁ ଠିକ ସମୟରେ ଫଇସଲା କରିବା ପାଇଁ ୩୦ଟି ଜିଲ୍ଲାରେ ସ୍ୱତନ୍ତ୍ର ଅଦାଲତ ଖୋଲିବା ପାଇଁ ଦାବି ହୋଇଛି। ଆସନ୍ତାକାଲି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରାଜ୍ୟର ୩୦ଟି ଜିଲ୍ଲାପାଳଙ୍କ ଜରିଆରେ ଦିଆହେବ। ସରକାର ଏହାର ସମାଧାନ ନ କଲେ, ଆଗାମୀ ଦିନରେ ଆଦିବାସୀ ତଥା ଦଳିତ ସମାଜର ଲୋକେ ରାଜରାସ୍ତାକୁ ଓହ୍ଲାଇବେ। ସମ୍ମିଳିତ ଆଦିବାସୀ ସମାଜ ତରଫରୁ ବହୁତ ଶୀଘ୍ର ଗ୍ରାମସଭା, ଆଦିବାସୀ ଓ ଦଳିତ ମାନଙ୍କର ଜମିକୁ ସୁରକ୍ଷା ଦେବା ସହିତ ଭାଇ ଭାଇ ମଧ୍ୟରେ ଜମି ବିଭାଜନ, ଆଇଟିଡିଏ ଆଦି ଉପରେ ପୃଥକ ପୃଥକ ଭାବେ ଆଲୋଚନା ଚକ୍ର ଜରିଆରେ ତର୍ଜମା କରି ଠୋସ ନିଷ୍ପତ୍ତି ନେଇ ରାଷ୍ଟ୍ରପତିଙ୍କୁ ଦାବି ଦିଆହେବ ବୋଲି ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ଶ୍ରୀ ନାଏକ କହିଥିଲେ।

ବିଜୟଦାସ, ଚାଷୀନେତା ସୁରେନ୍ଦ୍ର ସାହୁ, ଆର୍‌ଟିଆଇ ଆକ୍ଟିଭିଷ୍ଟ ସତ୍ୟନାରାୟଣ ରାଓ, ସମାଜସେବୀ ଅଜୁ ବାରିକ, କିଷାନ ସମାଜର ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନ, ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ପ୍ରଭାକର ଓରାମ, ପ୍ରମୁଖ ସଚୀବ ଅଶୋକ ମାଝୀ, ମହାସଚିବ ବିନୋଦ ବିହାରୀ ବାଘ, ଧର୍ମେନ୍ଦ୍ର କିସାନ, ଗଙ୍ଗାଧର ଭୋଇ, ବାସୁଦେବ ଧ୍ରୁଆ, ବୀରେନ ମରେଇ, ରାଜେଶ ମୁଣ୍ଡା, ପ୍ରେମାନନ୍ଦ ବିଶ୍ୱାଳ, ସେବତୀ ବାଘ, ଚନ୍ଦ୍ରମା ବରିହା, ସରସ୍ୱତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଆସୁଛି ପାର୍ବଣ...

# ସହର ସାରା ଖାଲଖମା

## ବିପର୍ଯ୍ୟସ୍ତ ସଡ଼କ ନେଇ ଛାତ୍ର କଂଗ୍ରେସର ପ୍ରତିବାଦ

## ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର

ଖୋର୍ଦ୍ଧା, ୯।୯ (ସମିସ)

ଚାଲିଛି ପାର୍ବଣ ଋତୁ। ମାତ୍ର ଖୋର୍ଦ୍ଧା ସହରର ପ୍ରାୟ ସମସ୍ତ ପ୍ରମୁଖ ସଡ଼କର ଅବସ୍ଥା କହିଲେ ନସରେ। ପଲ୍ଲା ଛକ ମରଣଯନ୍ତା ପାଲଟିଥିବାବେଳେ ନୂଆ ବସ୍‌ଷ୍ଟାଣ୍ଡ, ଟିଏଲ୍‌ସି ରୋଡ୍, ଚଣ୍ଡିତୁଆ ଛକ, ମେଡିକାଲ ରୋଡ୍, ପୁରୁଣା ବସ୍‌ଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି



ଅଭିଯୋଗ କରିଛି ଛାତ୍ର କଂଗ୍ରେସ। ଦୁର୍ଗା ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ(ସିଭିଲ୍) ଙ୍କ ଶିବଲାଲ ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସପ୍ତାହେ ମଧ୍ୟରେ କରାନଗଲେ କାର୍ଯ୍ୟାଳୟ ଘେରଉ କରାଯିବା ସହ ରାସ୍ତାରୋକ ଭଳି ଚରମ ପଦକ୍ଷେପ ନେବ ବୋଲି ଛାତ୍ର କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି। ଲଘୁଚାପଜନିତ ବର୍ଷା ଯୋଗୁଁ ରାସ୍ତା ମରାମତିରେ ଅସୁବିଧା ହେଉଛି। ଏହାକୁ ତୁରନ୍ତ ମରାମତି କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ପିସିସି ମୁଖପାତ୍ର ଅମିତ୍ ମହାନ୍ତିଙ୍କ ଉପସ୍ଥିତି ଓ ଛାତ୍ର ନେତା ମନୱର ହୁସେନ ଖାନ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପିସିସି ମୁଖପାତ୍ର ଶ୍ରୀ ମହାନ୍ତି କୁହନ୍ତି, ପଲ୍ଲା ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ରାସ୍ତା ଅତି କଦର୍ଯ୍ୟ ହୋଇଛି। ବିଶେଷ କରି ବର୍ଷା ହେଲେ ଯାତାୟାତରେ ଅଧିକ ଅସୁବିଧା ହେଉଛି। ଯାନବାହନ ଚଳାଚଳ କରିବା ତ ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡୁଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଏକାଧିକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏହି ରାସ୍ତା ନିକଟରେ ରହିଥିବାବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ, ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଗୋପବନ୍ଧୁ ଚିକିତ୍ସାଳୟକୁ ସଂଯୋଗ କରୁଥିବାରୁ ଦୈନିକ ଶହଶହ ରୋଗୀ ଏହି ରାସ୍ତା ଦେଇ ଯାଇଥା'ନ୍ତି। ମାତ୍ର ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ୟସ୍ତବହୁଳ ରାସ୍ତାର ମରାମତି ନ ହେବା ସରକାର ପ୍ରଶାସନିକ ଅବହେଳାକୁ ସୂଚାଉଛି। ସେହିପରି ଛାତ୍ର ନେତା



ମନୱର କୁହନ୍ତି, କେବଳ ପଲ୍ଲା ଛକ ନୁହେଁ, ସହରସାରା ଖାଲଖମାରେ ଭର୍ତ୍ତି ହୋଇଛି। ସହର ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପିତାପଲ୍ଲୀ ଛକ ନିକଟରୁ ମୁକୁନ୍ଦପ୍ରସାଦ, ଗୋଡ଼ିପୋଖରୀ, ଟ୍ରାଫିକ୍ ଛକ, ମେଡିକାଲ ଦେଇ ଏହି ରାସ୍ତା ନୟାଗଡ଼-ବଲାଙ୍ଗିରକୁ ସଂଯୋଗ କରୁଛି। ମୁକୁନ୍ଦପ୍ରସାଦଠାରୁ ମେଡିକାଲ ବଡ଼ଶଙ୍ଖ ପର୍ଯ୍ୟନ୍ତ ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ପାଣି ଜମି ଲୋକେ ଜାଣିନପାରି ଗାତରେ ପଡ଼ି ଆହତ ହେଉଥିବା ସହ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜୁଛି। ଚଣ୍ଡିତୁଆ ଚକରେ ମଧ୍ୟ ସମାନ ଅବସ୍ଥା। ମେଡିକାଲ ଛକ ରାସ୍ତାରେ ବିରାଟ ଗାତ ସୃଷ୍ଟି ହୋଇଛି। ଦୈନିକ ଶହ ଶହ ମାଲ୍‌ବାହୀ ଟ୍ରକ୍, ଭାରୀଯାନ ଯାତାୟାତ ଯୋଗୁଁ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ନୂଆ ବସ୍‌ଷ୍ଟାଣ୍ଡଠାରୁ ଚଣ୍ଡିତୁଆ ଛକ ପର୍ଯ୍ୟନ୍ତ ଗତ ୫ ବର୍ଷ ମଧ୍ୟରେ ଏକାଧିକ ଥର ମରାମତି, ପିଚୁ ଢଳେଇ କରାଯାଇଛି। ମାତ୍ର କିଛି ମାସ ପରେ ରାସ୍ତାରୁ ପିଚୁ ଉଠି ପୁଣି ଗାତ ସୃଷ୍ଟି ହୋଇଛି। ଏହି ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ପୂର୍ତ୍ତ ବିଭାଗ ଏବଂ ଠିକା ସଂସ୍ଥା ମଧ୍ୟରେ ସଲାସୁତରା ଯୋଗୁଁ ସହରର ପ୍ରମୁଖ ରାସ୍ତା ଦିନକୁ ଦିନ ମରଣଯନ୍ତା ପାଲଟିଛି। ସେହିଭଳି ପଲ୍ଲା ଛକଠାରୁ ଇସ୍କନ ମନ୍ଦିର ରାସ୍ତା, ଡାକ୍ତର ସାହି ଗଳିଠାରୁ ଗୁରୁଜଙ୍ଗ ସମେତ ସହରର ଗଳିକନ୍ଦି ରାସ୍ତା ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ଏହାର ପ୍ରତିବାଦରେ ମଙ୍ଗଳବାର ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ସପ୍ତାହେ ସମୟ ଦିଆଯାଇଛି। ତୁରନ୍ତ ମରାମତି କରା ନ ଗଲେ ତା' ପରଦିନ କାର୍ଯ୍ୟାଳୟ ଘେରଉ କରାଯିବ। ଦାବିପତ୍ର ପ୍ରଦାନବେଳେ ଏଥିରେ ନାସିର ସୁଲତାନ, ଦେବୀ ପ୍ରସାଦ ଦାସ, ସମର୍ପିତ ସିଂହ, ରାଜେଶ ରୋଶନ ପରିଡ଼ା, ମହମ୍ମଦ ଗୁଫ୍ରାନ, ସହିଦ ଖାନ୍‌ଙ୍କ ସମେତ ବହୁ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପୂର୍ତ୍ତ ବିଭାଗ ରାସ୍ତାରେ ଢଳେଇ ଫାଟି ରଡ୍ ଦିଶିଲାଣି

## ଠିକାଦାର ଓ ବିଭାଗ ମଧ୍ୟରେ ଚାଲିଛି ସଲାସୁତରା



ବେଗୁନିଆ, ୯।୯ (ସମିସ): ସିମୋର-ବାଙ୍କୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିର ସମ୍ମୁଖରୁ ତୁଳସୀପୁର ପର୍ଯ୍ୟନ୍ତ ୧.୫ କି.ମି. ଦୂର କଂକ୍ରିଟ ଢଳେଇ ରାସ୍ତା ବିଭିନ୍ନ ସ୍ଥାନରେ ଫାଟି ଆଁ କରିବା ସହ ଲୁହା ରଡ୍ ଦୃଶ୍ୟମାନ ହେଉଛି।

ଏହି ପ୍ରମୁଖ ରାସ୍ତାଟି ବାଙ୍କୀ ଉପଖଣ୍ଡ ସମେତ କଟକ, ଆଠଗଡ଼ ଓ ଢେଙ୍କାନାଳ ଜିଲ୍ଲାକୁ ସଂଯୋଗ ରହିଥିବାରୁ ପ୍ରତ୍ୟହ ଦିନରାତି ଭାରୀଯାନ, ଲଘୁଯାନ, ମୋଟର ସାଇକଲ ଓ ସାଇକଲ ଆରୋହୀ ସମେତ ପଥଚାରୀମାନେ ଯାତାୟାତ କରିଥା'ନ୍ତି। ଏପରିକି ରାତ୍ର ଓ ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ହୋଇଥିବା ଖାଲରେ ଜଳ ଜମି ରହିଥିବାରୁ ଯାତାୟାତ କରୁଥିବା ମୋଟରଯାନଗୁଡ଼ିକ ଖାଲଖମା ଜାଣି ନ ପାରି ଅତର୍କିତ ପଡ଼ିଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହେଉଛନ୍ତି।

ଏଥିରେ ଠିକାଦାରର ମନୋମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟାପିବାରେ ଲାଗିବା ସହ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ଘଟଣା ସମ୍ପର୍କରେ ଜାଣିବା ପାଇଁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରେ ଦୁଇରୁ ତିନି ଦିନ ମଧ୍ୟରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର, ୯।୯ (ସମିସ): ଦିବ୍ୟସିଂହପୁରସ୍ଥ ଶ୍ରୀ ରାମକୃପା ସମିତି ଆନୁକୂଲ୍ୟରେ କାଶୀନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଡ. କୃପାସିନ୍ଧୁ ପଣ୍ଡା, ଡ. ସାରଥୀ ଜେନା, ଡ. ଆର୍ତ୍ତତ୍ରାଣ ସାହୁଙ୍କୁ ସେମାନଙ୍କ ପ୍ରତିଭା ନିମନ୍ତେ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ



ଅତିଥି ବିଭୂତି ଭୂଷଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅଜୟ କୁମାର ସେଠୀ, ମୁଖ୍ୟବକ୍ତା ବିକ୍ରମ ମହାରଣା, ଭାଗିରଥି ମହାପାତ୍ର, ଶିଶୁ ସାହିତ୍ୟିକ ବିଜୟ ସାହୁ, ଶିକ୍ଷାବିତ୍ ନବକିଶୋର ଜେନା, ଜଗନ୍ନାଥ ମହାରଣା, ସର୍ବେଶ୍ୱର ଦାସ, ରବିନାରାୟଣ ରାୟ ପିତାମ୍ବର, ହରମୋହନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଏମ୍‌ସ ଡାକ୍ତରୀ ଦଳ ପକ୍ଷରୁ ପୋଷଣ ମାସ ସଚେତନତା

ଟାଙ୍ଗୀ, ୯।୯ (ସମିସ): ମଙ୍ଗଳବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏମ୍‌ସ ଡାକ୍ତରୀ ଦଳ ନାଟକ ମାଧ୍ୟମରେ ଗର୍ଭବତୀ ମାଆ ଓ ଆଶାକର୍ମୀମାନଙ୍କୁ ପୋଷଣ ମାସ ଦିବସ ସମ୍ପର୍କରେ ସଚେତନ କରିଥିଲେ। ଏମ୍‌ସ ଅତିରିକ୍ତ ଅଧ୍ୟାପକ ଡା. ଅରବିନ୍ଦ କୁମାର ସିଂ ଗର୍ଭବତୀ ମହିଳାମାନେ କିପରି ପୋଷଣମୁକ୍ତ ରହିପାରିବେ ଓ ଶିଶୁମାନେ ସୁସ୍ଥ ରହିପାରିବେ ସେ ସମ୍ପର୍କରେ ଅବଗତ କରିଥିଲେ। ଫଳ, ସୁଷମ ଖାଦ୍ୟ ଓ ସବୁଜ ପନିପରିବା ଖାଇବା ଦ୍ୱାରା ମାଆ ଓ ଛୁଆକୁ କିପରି ପୁଷ୍ଟିସାର ମିଳିଥାଏ, ଏଥିସହ ଗର୍ଭବତୀ ମହିଳା କିପରି ଆଇରନ ଫଲିକ୍ ଏସିଡ୍ ଓ କ୍ୟାଲସିୟମ ଔଷଧ ଖାଇଲେ ମାଆ ଓ ଛୁଆ ବିକଳାଙ୍ଗ ନ ହେବେ ତାହା ସଚେତନ କରାଇଥିଲେ। ୬ ମାସ ପର୍ଯ୍ୟନ୍ତ ମାଆ କ୍ଷୀର ଖାଇବା ଦ୍ୱାରା ଶିଶୁର ରୋଗ ପ୍ରତିଶେଧକ ଶକ୍ତି କିପରି ବଢ଼ିଥାଏ ସେ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟରଞ୍ଜନ ନନ୍ଦ, ଡା. ରେସ୍ମା ଏଏସ୍, ଡା. ଆସ୍ଥା, ଡା. ଡି. ଗିରିଜା, ଡା. ଡି. ଲିଖିତା, ଡା. ଦୀପକ ଗୌଡ଼, ଡା. ଦେବରାଜ ଦତ୍ତ, ଡା. ଭିନିତ୍ ଜେନା ପ୍ରମୁଖ ଏମ୍‌ସ ଡାକ୍ତରୀ ଦଳ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ଝୁମାରାଣୀ ଚକ୍ରବର୍ତ୍ତୀ, ପିଏଚ୍‌ଏନ୍ ସସ୍ମିତା ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## 'ଆସ ସ୍କୁଲ ଯିବା': ୮୧ ଜଣଙ୍କ ନାମଲେଖା

ବାଲୁଗାଁ, ୯।୯ (ସମିସ): ଶିକ୍ଷା ବିଭାଗ ପକ୍ଷରୁ ଜାରି ରହିଥିବା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲାରେ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟଙ୍କ ନିର୍ଦ୍ଦେଶ କ୍ରମେ ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ବାଲୁଗାଁ ଏନ୍‌ଏସି କ୍ଲଷ୍ଟରରେ ସଫଳ ହୋଇଛି। ଏବିଇଓ ନୀଳାଦ୍ରି ଭୂଷଣ ଦାଶ ଓ ସିଆର୍‌ସିସି ପ୍ରଶାନ୍ତ କୁମାର ସାହୁଙ୍କ ପ୍ରଚେଷ୍ଟା ଏବଂ ବାଲୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ସମେତ ବାଲୁଗାଁ ଏନ୍‌ଏସି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକଙ୍କ ସହାୟତାରେ ବିଭିନ୍ନ ବର୍ଗର ଯଥା ୬ରୁ ୧୪ ବର୍ଷର ୬୧ ଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣି ସେମାନଙ୍କ ନାମଲେଖା ଯାଇଛି। ସେହିପରି ୧୫ରୁ ୧୮ ବର୍ଷ ମଧ୍ୟରେ ପାଠ ଛାଡ଼ିଥିବା ବାଲୁଗାଁ ଏନ୍‌ଏସି କ୍ଲଷ୍ଟର ୨୦ଜଣ ଛାତ୍ରଛାତ୍ରୀଙ୍କୁ ଫେରାଇଆଣି ମୁକ୍ତ ବିଦ୍ୟାଳୟ, ଧନ୍ଦାମୂଳକ ଶିକ୍ଷା, ଆଇଟିଆଇ ଓ ଡିପ୍ଲୋମା ଆଦି ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ଯାଇଥିବାରୁ ବାଲୁଗାଁ ଏନ୍‌ଏସି କ୍ଲଷ୍ଟରରେ ବର୍ତ୍ତମାନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ସଫଳତା ହାସଲ କରିପାରିଛି।

## ବଡ଼ପାରୀ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

ଟାଙ୍ଗୀ, ୯।୯ (ସମିସ): ସୋମବାର ଟାଙ୍ଗୀ ବ୍ଲକ୍ ବଡ଼ପାରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲା ପ୍ରଶାସନ ତରଫରୁ ଅଭିଯୋଗ ସେବା ସମାଧାନ ଓ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନେ ସେମାନଙ୍କ ଅଭିଯୋଗ ନେଇ ଏହି ଶିବିରରେ ଯୋଗଦେଇଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ କେବଳ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ବାଦ୍ ଦେଇ ସମସ୍ତ ପ୍ରତିଷ୍ଠାନ ଏଥିରେ ଅଂଶଗ୍ରହଣ କରି ଲୋକଙ୍କ ଅଭିଯୋଗକୁ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ ଓ ପରାମର୍ଶ ଦେଇଥିଲେ। ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଏହି ଶିବିରରେ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ବ୍ଲକ୍ ଅଧ୍ୟକ୍ଷା ରିମ୍ବା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସତ୍ୟରଞ୍ଜନ ନନ୍ଦ, ଅତିରିକ୍ତ ତହସିଲ୍‌ଦାର ସନାତନ ମଲ୍ଲିକ, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସମେତ ବିଭିନ୍ନ ଦପ୍ତରର କ୍ଷମତାପ୍ରାପ୍ତ ଅଧିକାରୀମାନେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାଂଶ କର୍ମଚାରୀ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ପ୍ରଦାନ କରିଥିଲେ। ସର୍ବମୋଟ ୪୪୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୩୮୯ଟି ବିଚାରଯୋଗ୍ୟ ଓ ୫୨ଟିକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ବ୍ଲକ୍‌ର ସମସ୍ତ ସମ୍ପ୍ରସାରଣ ଅଧିକାରୀ ଓ ଯନ୍ତ୍ରୀ, ମିଶନ ଶକ୍ତି ମହିଳା ପ୍ରମୁଖ ଯୋଗଦେଇଥିଲେ। ପୁଲିସ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଶତ୍ରୁଘ୍ନ ପାଲଟାସିଂହଙ୍କ ସମେତ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗଦେଇଥିଲେ।

# ତୀର୍ଥଯାତ୍ରାରେ ଗଲେ ୧୬୯ ବରିଷ୍ଠ ନାଗରିକ

ଖୋର୍ଦ୍ଧା, ୯।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଙ୍ଗଳବାର ଜିଲ୍ଲାର ୧୬୯ ବରିଷ୍ଠ ନାଗରିକ ଅଯୋଧ୍ୟା-ବାରାଣସୀ ତୀର୍ଥଯାତ୍ରାରେ ଯାଇଛନ୍ତି। ସୋମବାର ପର୍ଯ୍ୟଟନ ଅଧିକାରୀ ମୀରା ବେହେରାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସହଯୋଗୀ ତୀର୍ଥଯାତ୍ରୀ ୨ ଜଣ, ଦମ୍ପତି ତୀର୍ଥଯାତ୍ରୀ ୭୦ ଜଣ ଏବଂ ଏକକ ତୀର୍ଥଯାତ୍ରୀ ୯୭ ଜଣଙ୍କୁ ନେଇ ବସ୍‌ଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟଠାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପ୍ରଥମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମାନୁସାରେ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମ୍ମାନିତ ଅତିଥି



ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ ତୀର୍ଥଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଏସ୍କର୍ଟ ଅଫିସର ଭାବେ ନିହାର ରଞ୍ଜନ ମହାନ୍ତି, ବିନୋଦ ଚନ୍ଦ୍ର ବାରିକ, ସଂଗ୍ରାମ କେଶରୀ ଦାସ, ଅଟଳ କୁମାର ଧର୍ମରାଜ୍ ଏବଂ ସତ୍ୟବ୍ରତ ତ୍ରିପାଠୀ ତୀର୍ଥଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ମଙ୍ଗଳବାର ଭୁବନେଶ୍ୱରରେ ରାତ୍ରୀଯାପନ କରି ବୁଧବାର ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଘାରିଛି ଭୟ; ଯାଞ୍ଚ ପାଇଁ ଆସୁନାହାନ୍ତି ସମିତି କର୍ମଚାରୀ

ନିରାକାରପୁର, ୯।୯ (ସମିସ): ସମବାୟ ସମିତି କର୍ମଚାରୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା ନ ଥାଇ ବୟସ ୬୦ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ମୃତ୍ୟୁ ପର୍ଯ୍ୟନ୍ତ କାମ କରୁଛନ୍ତି। ଯାହାଫଳରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଏଭଳି ଅଭିଯୋଗ ଆସିବା ପରେ ପ୍ରଥମେ ଉପନିବନ୍ଧକ ଖୋର୍ଦ୍ଧା ଚିଠି ୨୨୫୩ ତା ୧୮.୮.୨୦୨୫ରେ ସହକାରୀ ନିବନ୍ଧକ ଖୋର୍ଦ୍ଧା ଏବଂ ଭୁବନେଶ୍ୱର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମିତିରେ କାର୍ଯ୍ୟରତ ଗ୍ରେଡ୍-୧, ଗ୍ରେଡ୍-୨ କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଆଦେଶ ଦେଇଥିଲେ। ପରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଚିଠି ନମ୍ବର-୨୨୮୧ ତା ୨୦.୮.୨୦୨୫ରେ ନିଜର ମ୍ୟାନେଜରମାନଙ୍କୁ ବ୍ୟାଙ୍କସ୍ତରରେ ସମିତି କର୍ମଚାରୀମାନଙ୍କର ନଥିପତ୍ର ଯାଞ୍ଚ ପାଇଁ ଦାୟିତ୍ୱ ଦେଇଥିଲେ। କିନ୍ତୁ ଏଥିରେ ଅନେକ କର୍ମଚାରୀ ଅନୁପସ୍ଥିତ ଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ସହକାରୀ ନିବନ୍ଧକ ପୁଣି ଥରେ ଅଗଷ୍ଟ ୩୦ରେ ସମସ୍ତ କର୍ମଚାରୀଙ୍କୁ ଚିଠି କରିଥିଲେ। ଚିଠି ଅନୁସାରେ ସେପ୍ଟେମ୍ବର ୨ରେ ବାଣପୁର, ୪ରେ ଚିଲିକା (ଟାଙ୍ଗୀ ବ୍ଲକ୍), ୬ରେ ବୋଲଗଡ଼, ବେଗୁନିଆରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ଶେଷରେ ୩ୟ ଥର ପାଇଁ ଯେଉଁ କର୍ମଚାରୀ ଅନୁପସ୍ଥିତ ଥିଲେ ସେମାନେ ପୁଣି ଥରେ ସହକାରୀ ନିବନ୍ଧକ ଖୋର୍ଦ୍ଧା କାର୍ଯ୍ୟାଳୟରେ ୯ ତାରିଖରେ ପହଞ୍ଚିବାକୁ ବ୍ୟକ୍ତିଗତ ନିର୍ଦ୍ଦେଶ ଦେଇଥିଲେ। ଅନୁପସ୍ଥିତ ରହିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସହକାରୀ ନିବନ୍ଧକ ସମସ୍ତ ସମିତି ସଭାପତିମାନଙ୍କୁ ଜଣାଇ ଦେଇଥିଲେ। ଏଠି ପ୍ରଶ୍ନ ଉଠୁଛି ଏଭଳି ସରକାରୀ ଅଧିକାରୀଙ୍କ ଆଦେଶ ନ ମାନିବା ପଛରେ କାରଣ ରହିଛି କିଛି ବୁଝାପଡୁନି। କିଛି ସମିତିରେ ଯୋଗ୍ୟତା ନ ଥାଇ ମଧ୍ୟ ସମ୍ପାଦକ କାର୍ଯ୍ୟ କରୁଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ମଣ୍ଡଳ ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କୁ ପଚାରିବାରୁ ସବୁ ସମିତିକୁ କର୍ମଚାରୀଙ୍କ କାଗଜପତ୍ର ଯାଞ୍ଚ ପାଇଁ ଚିଠି ହୋଇଛି। ସବୁ ତଥ୍ୟ ସଂଗ୍ରହ ପରେ ଜଣାଇ ଦିଆଯିବ ବୋଲି ମତ ରଖିଥିଲେ।

## ୪ ବର୍ଷର ଶିଶୁଠାରୁ ସୁନା ଲକେଟ୍ ଲୁଟ୍

ବାଣପୁର, ୯।୯ (ସମିସ): ବର୍ତ୍ତମାନ ପାର୍ବଣ ଋତୁ ଆଗମନ କାଳରେ ବାଣପୁର ଥାନା ଅଞ୍ଚଳରେ ମହିଳା ଲୁଟେରାଙ୍କ ଆବିର୍ଭାବ ଦେଖାଦେଇଛି। ଜଣେ ୪ ବର୍ଷର ଶିଶୁ ବେକରୁ ଏକ ସୁନା ଲକେଟ୍ ଛିଡ଼ାଇ ନେଇ ଜଣେ ଅଜଣା ମହିଳା ଫେରାର୍ ହୋଇଯାଇଛି। ଏନେଇ ପରିବାର ପକ୍ଷରୁ ମଙ୍ଗଳବାର ବାଣପୁର ଥାନାରେ ଅଭିଯୋଗ ହେବାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ବାଣପୁର ବଡ଼ହନ୍ତୁଆଡ଼ ଗ୍ରାମର ଜନୈକା ମହିଳା ତାଙ୍କ ମାଆ ଓ ନିଜ ୪ ବର୍ଷର ପୁଅକୁ ସାଙ୍ଗରେ ନେଇ ବାଣପୁର ଡାକ୍ତରଖାନା ଯାଇଥିଲେ। ସୋମବାର ସନ୍ଧ୍ୟାରେ ସେଠାରୁ ଫେରୁଥିବାବେଳେ ଜଣେ ପ୍ରାୟ ୩୦ ବର୍ଷୀୟ ଅଜଣା ମହିଳା ତାଙ୍କୁ ଅନୁସରଣ କରି ତାଙ୍କ ସାଥିରେ କଥାବାର୍ତ୍ତା ହୋଇ ସାଙ୍ଗରେ ଚାଲି ଚାଲି ଆସୁଥିବାବେଳେ ଗାଲୁଆ ଛକ ନିକଟସ୍ଥ ଏକ ଇଲେକ୍ଟ୍ରିକାଲ ଦୋକାନରେ କିଛି ସାମାନ କିଣିବା ପାଇଁ ଉକ୍ତ ମହିଳା ଓ ତାଙ୍କ ମାଆ ବ୍ୟସ୍ତ ଥିବାବେଳେ ତାଙ୍କ ପୁଅକୁ ଉକ୍ତ ମହିଳା ଜଣକ ପାଖକୁ ଡାକି ସେ ପିନ୍ଧିଥିବା ୪ ଗ୍ରାମ୍‌ର ସୁନା ଲକେଟ୍‌କୁ ଛଡ଼ାଇ ନେଇ ଫେରାର୍ ହୋଇଯାଇଥିଲା। ଏ ସମ୍ପର୍କରେ କାହାକୁ କହିଲେ ବେକ କାଟିଦେବାକୁ ଧମକ ଦେଇଥିଲା ବୋଲି ପୁଅଠାରୁ ଶୁଣିବା ପରେ ମହିଳାଙ୍କୁ ବହୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ପରିବାର ଲୋକେ ଏନେଇ ବାଣପୁର ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଆଖପାଖ ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରି ତଦନ୍ତ ଜାରି ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଚିଲିକାରେ ଆନ୍ଧ୍ର ନାଭାଲ୍ ଏନ୍‌ସିସି କ୍ୟାଡେଟ୍‌ଙ୍କ ନୌଯାତ୍ରା

ବାଲୁଗାଁ, ୯।୯ (ସମିସ): ସପ୍ତମ ଆନ୍ଧ୍ର ନାଭାଲ୍ ୟୁନିଟ୍ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଆନ୍ଧ୍ରପ୍ରଦେଶ ପକ୍ଷରୁ ଏକ ଜାତୀୟସ୍ତରୀୟ ନୌଯାତ୍ରା ଅଭିଯାନ ଏନ୍‌ସିସି ମୁଖ୍ୟାଳୟ କାକିନାଡା, ଏନ୍‌ସିସି ନିର୍ଦ୍ଦେଶାଳୟ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ତତ୍ତ୍ୱାବଧାନରେ ଗତ ୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୦ ତାରିଖରେ ସମାପନ ହେବ। ଏହି ନାଭାଲ ୟୁନିଟ୍ ଏନ୍‌ସିସି ନୌଯାତ୍ରା-୨୦୨୫ ଶିବିର ଭାରତୀୟ ନୌସେନା ତାଲିମ କେନ୍ଦ୍ର (ଆଇଏନ୍‌ଏସ୍) ଚିଲିକା ପ୍ରଶିକ୍ଷଣ କେନ୍ଦ୍ର, ଓଡ଼ିଶାରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ଆନ୍ଧ୍ରପ୍ରଦେଶ



ଓ ତେଲଙ୍ଗାନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦୦ ପୁରୁଷ ଓ ମହିଳା ନାଭାଲ୍ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରି ୧୦ ଦିନ ଧରି ଚିଲିକାର ଜଳରାଶିରେ ଏକ ଦୁଃସାହସିକ ନୌଯାତ୍ରା କରିବା ସହିତ କ୍ୟାଡେଟ୍‌ମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। କ୍ୟାମ୍ପ୍ କମାଣ୍ଡାଣ୍ଟ ଭାବେ ଲେଫ୍ଟନାଣ୍ଟ କମାଣ୍ଡର ସଞ୍ଜିତ୍ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ନୌଯାତ୍ରା ଅଭିଯାନ ଚିଲିକା ହ୍ରଦ ମଧ୍ୟରେ କାଳିଜାଇ ପୀଠ, ରମ୍ଭା, ପଥରା, ବାଲୁଗାଁ, ଗୁପ୍ତେଶ୍ୱର ଓ ଇନ୍ଦ୍ରପ୍ରସ୍ଥ ଆଦି ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହିତ ବାଲୁଗାଁ, ଚିଲିକା ରେଳ ଷ୍ଟେସନ ଓ ନାରାୟଣୀ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ତତ୍‌ସହିତ ବୃକ୍ଷରୋପଣ, ନାରୀ ସଶକ୍ତୀକରଣ ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ ପରିବେଷଣ କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ।

● ଆନ୍ତଃଜିଲ୍ଲା ବିଦ୍ୟାଳୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

## ରାଜ୍ୟସ୍ତରକୁ ବାଣପୁରର ୨ ଛାତ୍ରଛାତ୍ରୀ ମନୋନୀତ

ବାଣପୁର, ୯।୯ (ସମିସ): ଗୋଦାବରୀଶ ମହାବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆନ୍ତଃଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାକୁ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କରୁଥିବାବେଳେ ଏଥିରେ ବେଗୁନିଆ, ବୋଲଗଡ଼, ଖୋର୍ଦ୍ଧା, ଜଟଣୀ, ବାଲିଅନ୍ତା, ବାଲିପାଟଣା, ଟାଙ୍ଗୀ, ଚିଲିକା ଓ ବାଣପୁର ଆଦି ୧୦ଟି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୧୨୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବ୍ଲକ୍‌ରୁ ୬ଜଣ ଛାତ୍ର ଓ ୬ଜଣ ଛାତ୍ରୀ ମିଶି ୧୨ଜଣ ଲେଖାଏଁ ମୋଟ୍ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୁଇ ଦିନ ଧରି ଉଭୟ ସିଙ୍ଗଲ ଓ ଡବଲ୍ ବ୍ୟାଡ୍‌ମିଣ୍ଟନ ମ୍ୟାଚ୍ ଖେଳାଯାଇଥିଲା। ଆସନ୍ତା ୨୦ରୁ ୨୩ ତାରିଖ ମଧ୍ୟରେ ନବରଙ୍ଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ବାଣପୁର ବ୍ଲକ୍‌ରୁ ଉଭୟ ବାଳକ ଓ ବାଳିକା ବିଭାଗରୁ ଜଣେ ଲେଖାଏଁ ଶ୍ରେଷ୍ଠ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷିକ ଦିଲ୍ଲୀପ ମୁଦିଙ୍କ ସହ ଗଜେନ୍ଦ୍ର ପ୍ରସାଦ ଜେନା, ସଚଳା ଗୁରୁ, ତ୍ରିନାଥ ହୋତା, ବୈରାଗୀ ଚରଣ ବଳ ଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ।

ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ

# ପରିତ୍ୟକ୍ତ ଅବସ୍ଥାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ

ନିରାକାରପୁର, ୯।୯ (ସମିସ)

ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ଥିଲେ ବିଶିଷ୍ଟ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଏପିଜେ ଅବ୍‌ଦୁଲ କଲାମ। ତାଙ୍କ ଦ୍ୱାରା ଉଦ୍‌ଘାଟିତ ପ୍ରକଳ୍ପଗୁଡ଼ିକ ନିଶ୍ଚିତ ରୂପେ ଗୋଟିଏ ଲେଖାଏଁ ସ୍ମାରକୀ। ତେବେ ସରକାରଙ୍କ ଉଦାସୀନତାରୁ କଲାମଙ୍କ ଦ୍ୱାରା ଉଦ୍‌ଘାଟିତ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଟି ପରିତ୍ୟକ୍ତ ହୋଇ ପଡ଼ିଛି। ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଏକାଡେମୀ (ସରକାରୀ ହାଇସ୍କୁଲ) ପରିସରରେ ରହିଛି ଏହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ। ରକ୍ଷଣାବେକ୍ଷଣ ଅଭାବରୁ ଏହା ଭୁଶୁଡ଼ିବା ଅବସ୍ଥାକୁ ଆସିଯାଇଥିଲେ ମଧ୍ୟ



ମରାମତି କରାଯାଉନି।

୨୦୦୩ ମେ' ୧୫ରେ ତତ୍କାଳୀନ ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ କଲାମ ଏହି ବାତ୍ୟା ଆଶ୍ରୟସ୍ଥଳ/ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ତତ୍କାଳୀନ ରାଜ୍ୟସଭା ଉପାଧ୍ୟକ୍ଷା ନଜମା ହେପାତୁଲ୍ଲା, ପୂର୍ବତନ ରାଜ୍ୟପାଳ ଏମ୍‌ଏମ୍ ରାଜେନ୍ଦ୍ରନ୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିଲେ। ହୁଡ୍‌କୋ ଦ୍ୱାରା ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା ଉକ୍ତ ଆଶ୍ରୟସ୍ଥଳ। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଛାତରୁ ବର୍ଷା ଦିନେ ପାଣି ଗଳୁଛି। କାନ୍ଥରେ ଶିଉଳି ଚଢ଼ିଗଲାଣି। ଅନେକ ସ୍ଥାନରୁ ସିମେଣ୍ଟ ଛେଲା ଖସିଲାଣି। କଳଙ୍କିଯୁକ୍ତ ଲୁହାରଡ୍ ଦେଖାଗଲାଣି। କବାଟ ଝରକାଗୁଡ଼ିକ ଭାଙ୍ଗିରୁଜି ଖଣ୍ଡଖଣ୍ଡ ହୋଇ ଖସିପଡ଼ିଲାଣି। ବିଦ୍ୟୁତ୍ ୱେୟାରିଂ ଛିଣ୍ଡି ତାର ବାହାରକୁ ଦେଖାଯାଉଛି। ବର୍ଷା ୪ ମାସ କାନ୍ଥ ସନ୍ତସନ୍ତିଆ ରହୁଛି। ସେହି ଭଙ୍ଗା ଘରେ ଚାଲିଛି କ୍ଷେତ୍ରବାସୀ ଏକାଡେମୀ ମୁଖ୍ୟ କାର୍ଯ୍ୟାଳୟ। ବାତ୍ୟା ଆଶ୍ରୟସ୍ଥଳ ଭିତରେ ଚାଲିଛି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ। ଆଉ ଏକ ଘର ଷ୍ଟାଫ୍ କମନ୍‌ରୁମ୍ ଭାବେ ବ୍ୟବହାର କରାଯାଉଛି। ବିଡ଼ମ୍ବନାର ବିଷୟ ଉକ୍ତ ଘରର ଉପର ମହଲାର ଆଉ ତିନିଟି ରୁମ୍ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଅବ୍ୟବହୃତ ଗୃହ ଭିତରେ ବିଷଧର ସରୀସୃପମାନେ ବିଚରଣ କରୁଛନ୍ତି। ଘରଟି ଭୁଶୁଡ଼ିପଡ଼ିବାର ଆଶଙ୍କା ରହିଛି। ଉପର ମହଲାରେ ଥିବା ଶୌଚାଳୟ ପାଇପ୍‌ଗୁଡ଼ିକ ଭାଙ୍ଗିରୁଜି ଗଲାଣି। ସନ୍ତସନ୍ତିଆ କାନ୍ଥରୁ ଏକ କୋଣରୁ ପାଣି ଝରି ସିଡ଼ି ଦେଇ ତଳ ଘର ଓଦା ହେଉଛି। ପାଠପଢ଼ା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଲୋକଙ୍କୁ ନିରାପଦ ଆଶ୍ରୟ ଦେବାକୁ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳ ବିପଦସଙ୍କୁଳ ଅବସ୍ଥାରେ ରହିଛି। କଲାମଙ୍କ ଦ୍ୱାରା ଉଦ୍‌ଘାଟିତ ଗୃହ ଭାଙ୍ଗିରୁଜି ଯାଇଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଯାହା ପୂର୍ବରୁ ଭାଙ୍ଗିଥିଲା ଫନି ବାତ୍ୟାରେ ଆହୁରି କିଛି ଅଂଶ ନଷ୍ଟ ହୋଇଛି। ଏହି ସ୍ମାରକୀ ଗୃହ କେତେବେଳେ ଭୁଶୁଡ଼ି ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଉପରେ ପଡ଼ି ଅଘଟଣ ଘଟିବ କିଛି କହିହେବ ନାହିଁ। ଦୀର୍ଘ ଦିନର ଦାବି ସତ୍ତ୍ୱେ ବିଦ୍ୟାଳୟ ଗୃହ ମରାମତି କରାଯାଉନି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।